# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ନଭେମ୍ବର ୧୪/୨୦୧୯ (୨୦ ପୃଷ୍ଠା) Sambalpur, Thursday, November 14 / 2019 ★★

୧୫ଶ ଭାଗ ୩୨୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ଆଜି ପ୍ରଥମ ମ୍ୟାରେଜ ଆନିଭର୍ସାରି

ନଭେମ୍ବର ୧୪ ତାରିଖ ଅର୍ଥାତ୍ ଗୁରୁବାର ଦୀପିକା ପାଦୁକୋନ ଓ ରଣବୀର ସିଂଙ୍କ ପ୍ରଥମ ମ୍ୟାରେଜ ଆନିଭର୍ସାରି । ଏଥିପାଇଁ ଦୁହେଁ ପରିବାର ସହ ତିରୁପତିଙ୍କ ଦର୍ଶନ କରିବାକୁ ସ୍ଥିର କରିଛନ୍ତି ।

୧୪ ୧୮

## ବିଶ୍ୱଜିତଙ୍କୁ ୫ ଉଇକେଟ ସଫଳତା

ଡେରାଡୁନଠାରେ ଚାଲିଥିବା ୨୩ବର୍ଷରୁ କମ୍ ଦିନିକିଆ କ୍ରିକେଟର ଗୋଆ ବିପକ୍ଷ ମ୍ୟାଚରେ ୫ ଉଇକେଟ ସଫଳତା ପାଇଛନ୍ତି ଓଡ଼ିଶାର ବିଶ୍ୱଜିତ ମଲିକ।





ବିଶିଷ୍ଟ ରାଷ୍ଟ୍ରନାୟକ ତଥା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମତିଥିରେ ଧରିତ୍ରୀ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି।

### ଆଜିର ସମ୍ପାଦକୀୟ

**ମଣିଷଠାରୁ ବୁଦ୍ଧିଆ ଡଲ୍ଫିନ**

### ଆଜିର ମନ୍ତବ୍ୟ

"ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନକୁ ନେଇ ରାଜନୀତି କରୁଛନ୍ତି ବିରୋଧୀ।

**-ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ**

### କିଛି ତଥ୍ୟ

ଚଳିତ ବର୍ଷ ସେପ୍ଟେମ୍ବରରେ ଦେଶର ଇଞ୍ଜିନିୟରିଂ ରପ୍ତାନି ୬.% ହ୍ରାସ ଘଟି ୬.୩୬ ବିଲିୟନ ଡଲାର ରହିଛି।

**– ଇଇପିସି**


Venco66 CHICKEN — Taste the difference!

13.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 82 | 135 | 145 |
| BHM | 82 | 135 | 145 |

*Conditions Apply

Issued in the Interest of Consumers


# ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟରେ ଆମୋନିଆ ଲିକ୍

## ୧୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଅସୁସ୍ଥ



ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଅସୁସ୍ଥମାନେ।

**ବାଲେଶ୍ୱର ଅଫିସ,୧୩।୧୧**

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ପଣପଣାସ୍ଥିତ ଫାଲ୍କନ କମ୍ପାନୀର ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟରେ ବୁଧବାର ରାତି ୯ଟା ବେଳେ ଆମୋନିଆ ଗ୍ୟାସ୍ ଲିକ୍ ହେବା ଯୋଗୁ ୧୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଅସୁସ୍ଥ ହୋଇପଡିଛନ୍ତି। ଗ୍ୟାସ୍ ଲିକ୍ ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କର ବାତାବରଣ ଖେଳିଯାଇଛି। ଗ୍ୟାସ୍ ପ୍ରଭାବରେ କାରଖାନାରେ କାର୍ଯ୍ୟରତ ସମସ୍ତ ଶ୍ରମିକ ଓ କର୍ମଚାରୀ ଅଣନିଃଶ୍ୱାସୀ ହୋଇପଡିଥିଲେ। ୭୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ଶ୍ରମିକଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖନ୍ତାପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟ ୩୦ ଜଣ ଚିକିତ୍ସିତ ହେଉଛନ୍ତି। ଆଉ କେତେଜଣ ଅସୁସ୍ଥ ଶ୍ରମିକ ବିଭିନ୍ନ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା କୁହାଯାଉଛି। ଗ୍ୟାସ ଲିକ୍ ଖବର ପାଇ ଘଟଣାସ୍ଥଳକୁ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଯାଇ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଅତିରିକ୍ତ ଜିଲାପାଳ ସସ୍ମିତ ନାୟକ, ଜିଲା ଜରୁରୀକାଳୀନ ଅଧିକାରୀ ଅଭୟ ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ, ଡିଏସପି ଉମେଶ ପଣ୍ଡାଙ୍କ ସମେତ ବିଭିନ୍ନ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ସେଠାକୁ ଆସିଥିବା ଅସୁସ୍ଥମାନଙ୍କର ଚିକିତ୍ସା ବ୍ୟବସ୍ଥା ତଦାରଖ କରୁଛନ୍ତି।

ବାଲେଶ୍ୱରଠାରୁ ପ୍ରାୟ ୩୦ କି.ମି. ଦୂର ୧୬ ନମ୍ବର ଜାତୀୟ ରାଜପଥ କଡରେ ଏହି ଚିଙ୍ଗୁଡି ପ୍ରୋସେସିଂ ପ୍ଲାଣ୍ଟ ରହିଛି। ଚିଙ୍ଗୁଡି ଘେରିରୁ ଧରାଯାଉଥିବା ଚିଙ୍ଗୁଡିକୁ ସେଠାରେ ପ୍ରୋସେସିଂ କରାଯାଇ ବିଦେଶକୁ ରପ୍ତାନୀ କରାଯାଇଥାଏ । କେଉଁ ପରିସ୍ଥିତିରେ ଗ୍ୟାସ୍ ଲିକ୍ ହେଲା, ସେ ନେଇ ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ସମ୍ପୃକ୍ତ ପ୍ଲାଣ୍ଟ କର୍ତ୍ତୃପକ୍ଷ ଏ ନେଇ କୌଣସି ସୂଚନା ଦେଇ ନାହାନ୍ତି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ନୀତିଶେଖର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

**ମହଙ୍ଗା ପଡ଼ିଲା ଜାଲ୍ ସାର୍ଟିଫିକେଟରେ ଚାକିରି**

# ବନ୍ଧା ହେଲେ ନକଲି ଡାକ୍ତର



ପଦ୍ମନାଭ ମୁଖୀ କାରୁଆ

**ସୁନ୍ଦରଗଡ଼,୧୩।୧୧ (ଡି.ଏନ୍.ଏ.)**

ଦିନେ ନୁହେଁ କି ଦୁଇଦିନ ନୁହେଁ। ଜାଲ୍ ସାର୍ଟିଫିକେଟ ବଳରେ ଗତ ୩ ବର୍ଷ ୩ମାସ ପର୍ଯ୍ୟନ୍ତ ସେ ସୁନ୍ଦରଗଡ ଜିଲା ନୂଆଁଗାଁ ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାକିରି କରୁଥିଲେ। ପ୍ରତି ମାସରେ ତାଙ୍କୁ ଦରମା ବାବଦରେ ୫୫ହଜାର ଟଙ୍କା ଓ ଅନ୍ୟାନ୍ୟ ଭତ୍ତା ମିଳୁଥିଲା। ସୂଚନା ଅଧିକାର ଆଇନ ବଳରେ ସଂପୃକ୍ତ ଡାକ୍ତର ପଦ୍ମନାଭ ମୁଖୀ କାରୁଆଙ୍କ ନକଲି ତଥ୍ୟ ପଦାକୁ ଆସିବା ପରେ ବୁଧବାର ତାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ ଏହି ନାମଧାରୀ କୌଣସି ଡାକ୍ତରୀ ଛାତ୍ର ୨୦୦୨ରେ ଫାଇନାଲ କିମ୍ବା ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇ ନ ଥିବା ସ୍ପଷ୍ଟ ସୂଚନା ମିଳିଛି। ଏଣେ ଡାକ୍ତରଙ୍କ ଏମ୍‌ବିବିଏସ୍ ସାର୍ଟିଫିକେଟ ଜାଲ୍ ବୋଲି ଜଣାପଡିବା ପରେ ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ରାତିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ର ସଂପୃକ୍ତ ଡାକ୍ତରଙ୍କ ବିରୋଧରେ ସୁନ୍ଦରଗଡ଼ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଟାଉନ ଥାନାରେ ଏକ ଠକେଇ ମାମଲା ☞ପୃଷ୍ଠା–୪

# ୮,୧୨୬ କୋଟିର ଅତିରିକ୍ତ ବଜେଟ

**ଭୁବନେଶ୍ୱର,୧୩।୧୧(ବ୍ୟୁରୋ)**

୨୦୧୯–୨୦ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୮ ହଜାର ୧୨୬ କୋଟି ୩୨ ଲକ୍ଷ ଟଙ୍କାର ଅତିରିକ୍ତ ବଜେଟ ପ୍ରସ୍ତୁତ କରିଛନ୍ତି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବୁଧବାର ଏହାକୁ ଅନୁମୋଦନ ପାଇଁ ବିଧାନସଭାରେ ଉପସ୍ଥାପନ କରିଛନ୍ତି। ତେବେ ଏହାକୁ ଚଳିତ ପୂର୍ଣ୍ଣାଙ୍ଗ ବଜେଟର ୧୦ ପ୍ରତିଶତ ମଧ୍ୟରେ ସୀମିତ ରଖାଯାଇଛି। ଗତବର୍ଷର ଅତିରିକ୍ତ ବଜେଟଠାରୁ ଏହା ପ୍ରାୟ ୩୫ ପ୍ରତିଶତ କମ୍ ରହିଛି। ୨୦୧୮–୧୯ରେ ରାଜ୍ୟ ସରକାର ୧୨ ହଜାର ୭୯୦ କୋଟି ଟଙ୍କାର ଅତିରିକ୍ତ ବଜେଟ ପ୍ରସ୍ତୁତ କରିଥିଲେ। ଚଳିତ ପୂର୍ଣ୍ଣାଙ୍ଗ ବଜେଟର ପ୍ରସ୍ତୁତି ଠିକ୍ ରହିଥିବାରୁ ଅତିରିକ୍ତ ବଜେଟର ଆକାର ୧୦ ପ୍ରତିଶତରୁ କମ୍ ରହିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଏହି ବଜେଟରେ ଭିତ୍ତିଭୂମି, କୃଷି, ସ୍ୱାସ୍ଥ୍ୟ, ସାମାଜିକ ନିରାପତ୍ତାକୁ ଗୁରୁତ୍ୱ ଦିଆଯାଇଛି। ଏଥିରେ କୌଣସି ନୂତନ ଯୋଜନା ପାଇଁ ବ୍ୟୟବରାଦ କରାଯାଇନାହିଁ।

**ବିଧାନସଭାରେ ଉପସ୍ଥାପିତ**

- ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଆଦିବାସୀ ବିକାଶକୁ ଗୁରୁତ୍ୱ
- ନୂଆ ଯୋଜନା ନାହିଁ, ପୁରୁଣା ପାଇଁ ବ୍ୟୟବରାଦ
- ଖୋଲା ବଜାରରୁ ନିଆଯାଇଛି ୩,୫୦୦ କୋଟି ଋଣ
- ପୌରସଂସ୍ଥା ପାଇଁ ୪୨୦ କୋଟି

ରାଜ୍ୟ ଓ କେନ୍ଦ୍ରୀୟ ଯୋଜନାଗୁଡ଼ିକ ପାଇଁ ଏଥିରେ ବ୍ୟୟବରାଦ କରାଯାଇଛି। ସେହିପରି ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ବଜେଟରେ ପୌରସଂସ୍ଥାଗୁଡିକ ଲାଗି ଅତିରିକ୍ତ ବ୍ୟୟବରାଦ କରାଯାଇଛି।

ରାଜ୍ୟର ମୋଟ୍ ଋଣଭାର ୮୩ ହଜାର ୩୦୭ କୋଟି ଟଙ୍କା ରହିଛି। ରାଜ୍ୟ ସରକାର ଚଳିତ ବର୍ଷ ଖର୍ଚ୍ଚ ତୁଲାଇବା ପାଇଁ ଖୋଲା ବଜାରରୁ ୩ ହଜାର ୫୦୦ କୋଟି ଟଙ୍କା ଋଣ କରିଛନ୍ତି। ସପ୍ତମ ବେତନ କମିଶନ ଅନୁଯାୟୀ, ସରକାରୀ କର୍ମଚାରୀଙ୍କ ବକେୟା ଦେବା ପାଇଁ ସରକାର ସ୍ୱତନ୍ତ୍ର ବ୍ୟୟବରାଦ କରି ନ ଥିଲେ ମଧ୍ୟ ରାଜକୋଷରେ ☞ପୃଷ୍ଠା–୪

# ସରକାରଙ୍କୁ ଘେରିଲେ ବିରୋଧୀ

**■ ନାରୀ ନିର୍ଯାତନା, ସ୍ମିତାରାଣୀଙ୍କ ମୃତ୍ୟୁକୁ ନେଇ ବିଧାନସଭାରେ ଝଡ଼**



**ଭୁବନେଶ୍ୱର,୧୩।୧୧(ବ୍ୟୁରୋ)**

ଯାଜପୁର ଜିଲାର ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ଏବଂ ନାରୀ ନିର୍ଯାତନା ଘଟଣାକୁ ନେଇ ବୁଧବାର ବିଧାନସଭା ଶୀତ ଅଧିବେଶନର ପ୍ରଥମଦିନରେ ଝଡ଼ ସୃଷ୍ଟି ହୋଇଛି। ଆରମ୍ଭରୁ ବିରୋଧୀଙ୍କ ପ୍ରଚଣ୍ଡ ଆକ୍ରମଣରେ ଦିନତମାମ ଗୃହକାର୍ଯ୍ୟ ବରବାଦ ହୋଇଯାଇଛି। ପ୍ରଶ୍ନକାଳ ବାତିଲ କରି ନାରୀ ନିର୍ଯାତନା ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ବିରୋଧୀ ଅଡ଼ି ବସିଥିଲେ। ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଥିବାବେଳେ ନାବାଳିକାଙ୍କୁ ବଳାତ୍କାର କରାଯାଉଛି। ଏହା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା। ପ୍ରଥମେ ଏହି ପ୍ରସଙ୍ଗରେ ଆଲୋଚନା କରାଯାଉ। ଭାଜପା ଓ କଂଗ୍ରେସ ପୃଥକ୍ ଭାବେ ନାରୀ ନିର୍ଯାତନା ଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ପ୍ରସଙ୍ଗକୁ ନେଇ ମୁଲତବୀ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ଏହା ଉପରେ ଆଲୋଚନା କରିବାକୁ ଉଭୟ ଦଳ ବାଚସ୍ପତିଙ୍କ ଉପରେ ଚାପ ସୃଷ୍ଟି କରିଥିଲେ। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇବା ☞ପୃଷ୍ଠା–୪

# ଆର୍‌ଟିଆଇ ଆଇନ ଅଧୀନରେ ସିଜେଆଇ

**ନୂଆଦିଲ୍ଲୀ,୧୩।୧୧(ପି.ଟି.)**

ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ କାର୍ଯ୍ୟାଳୟକୁ ସୁପ୍ରିମକୋର୍ଟ ବୁଧବାର ଏକ ସାଧାରଣ କର୍ତ୍ତୃପକ୍ଷ ଭାବେ ଅଭିହିତ କରିବା ସହ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ପରିସରକୁ ଆଣିଛନ୍ତି। ସ୍ୱଚ୍ଛତା ଅବଲମ୍ବନ କରିବା ସମୟରେ ନ୍ୟାୟପାଳିକାର ସ୍ୱାଧୀନତା ପ୍ରତି ଧ୍ୟାନ ଦିଆଯିବା ଜରୁରୀ। କାରଣ ସ୍ୱଚ୍ଛତା ନ୍ୟାୟିକ ସ୍ୱାଧୀନତାକୁ ନ୍ୟୁନ କରେ ନାହିଁ ବୋଲି ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଐତିହାସିକ ରାୟ ଦେଇଛନ୍ତି। ତେବେ ଆର୍‌ଟିଆଇକୁ ସର୍ଭିଲାନ୍ସର ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ପୀଠ ସତର୍କ କରାଇଦେଇଛନ୍ତି। ଏଥିସହ ୨୦୧୦ରେ ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟକୁ ବଳବତ୍ତର ରଖିବା ସହିତ ତାକୁ ଚ୍ୟାଲେଞ୍ଜ କରି ହୋଇଥିବା ତିନୋଟି ଅପିଲକୁ ଖାରଜ କରିଦେଇଛନ୍ତି। ସିଜେଆଇ ରଞ୍ଜନ ଗୋଗୋଇ ଅବସର ନେବାର ୪ ଦିନ ପୂର୍ବରୁ ଆସିଥିବା ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟକୁ ଆର୍‌ଟିଆଇ କର୍ମୀମାନେ ସ୍ୱାଗତ କରିଛନ୍ତି।

**(ସବିଶେଷ ରିପୋର୍ଟ: ପୃଷ୍ଠା–୧୩)**



## ସୁପ୍ରିମକୋର୍ଟରେ ରାଫାଲ, ସାବରିମାଳା ରାୟ ଆଜି

**ନୂଆଦିଲ୍ଲୀ, ୧୩।୧୧ :**

ରାଫାଲ ଓ ସାବରିମାଳା ମାମଲାର ରାୟ ଗୁରୁବାର ସୁପ୍ରିମକୋର୍ଟରେ ପ୍ରକାଶ ପାଇବ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଓ ଜଷ୍ଟିସ ରୋହିନ୍‌ଟନ୍ ଫଲି ନରିମାନ, ଜଷ୍ଟିସ ଏ. ଏମ୍. ଖାନ୍‌ୱିଲକର, ଜଷ୍ଟିସ ଡି. ୱାଇ. ଚନ୍ଦ୍ରଚୂଡ଼ ଓ ଜଷ୍ଟିସ ଇନ୍ଦୁ ମାଲ୍‌ହୋତ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ସାବରିମାଳା ମାମଲାର ରାୟ ପୂର୍ବାହ୍ନ ସାଢ଼େ ୧୦ଟାରେ ଶୁଣାଇବେ। ଅନୁରୂପ ଭାବେ ଜଷ୍ଟିସ ଗୋଗୋଇ, ଜଷ୍ଟିସ ସଞ୍ଜୟ କିସନ୍ କୌଲ୍ ଓ ଜଷ୍ଟିସ କେ. ଏମ୍. ଜୋସେଫ୍‌ଙ୍କ ନେତୃତ୍ୱରେ ଗଠିତ ୩ଜଣିଆ ଖଣ୍ଡପୀଠ ରାଫାଲ ମାମଲାର ରାୟ ଦେବେ। ସାବରିମାଳା ମାମଲାରେ ସର୍ବୋଚ୍ଚ ଅଦାଲତ ଗତବର୍ଷ ସେପ୍ଟେମ୍ବର ୨୮ରେ ଆୟାପ୍ପା ମନ୍ଦିର ଭିତରକୁ ୧୦ରୁ ୫୦ ବର୍ଷର ମହିଳାମାନେ ପ୍ରବେଶ କରିବା ନେଇ ଲାଗିଥିବା କଟକଣାକୁ ଉଠାଇ ଦେଇଥିଲେ। ଚଳିତବର୍ଷ ଫେବୃୟାରୀରେ ଅଦାଲତ ଏହି ନିର୍ଦ୍ଦେଶନାମାକୁ ସଂରକ୍ଷିତ ରଖିଥିଲେ। ଏହାର ରାୟ ଗୁରୁବାର ପ୍ରକାଶ କରାଯିବ। ଅନ୍ୟପକ୍ଷରେ ୩୬ଟି ରାଫାଲ ଜେଟ୍ କ୍ରୟ ମାମଲାରେ ଫ୍ରାନ୍ସ ସହ ଭାରତ କରିଥିବା ଚୁକ୍ତିକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନର ସମୀକ୍ଷା କରି ସୁପ୍ରିମକୋର୍ଟ ଗୁରୁବାର ରାୟ ଦେବେ।






ମୋ ପାଇଁ ଅନେକ ଫିଲ୍ମରେ ଗୀତ ଗାଇଥିବା ଭାରତ ରତ୍ନ ଲତା ମଙ୍ଗେସ୍‌କରଙ୍କୁ ଭଗବାନ ଜଲ୍‌ଦି ସୁସ୍ଥ କରିଦିଅନ୍ତୁ।
-ହେମାମାଳିନୀ, ବଲିଉଡ୍ ଅଭିନେତ୍ରୀ

# ନୀରବ ଘାତକ ମଧୁମେହ

## ବିଶ୍ୱ ମଧୁମେହ ଦିବସ

ମଧୁମେହ ସାମ୍ପ୍ରତିକ ସମୟରେ ଘୋର ସମସ୍ୟା ଭାବେ ଉଭା ହୋଇ ସାଂଘାତିକ ଭାବେ ବ୍ୟାପୁଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହା ଏକ ପ୍ରକାର ଆତଙ୍କ ସୃଷ୍ଟି କରିଛି। ବିଶ୍ୱ ସମୁଦାୟ ଏହାକୁ ନେଇ ଚିନ୍ତିତ ମଧ। ଏଣୁ ଏହି ରୋଗ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ୧୪ ନଭେମ୍ବରରେ ବିଶ୍ୱ ମଧୁମେହ ଦିବସ ପାଳନ



କରାଯାଉଛି। ଆନ୍ତର୍ଜାତିକ ମଧୁମେହ ସଂଘ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ୧୯୯୧ରେ ପ୍ରଥମେ ଏହି ଦିବସ ପାଳନ କରାଯିବାର ପରିକଳ୍ପନା କରାଯାଇଥିଲା। ପରେ ୨୦୦୬ରେ ଜାତିସଂଘ ସାଧାରଣ ପରିଷଦରେ ଆଧିକାରିକ ସ୍ତରରେ ଏହି ଦିବସ ପାଳନ କରାଯିବା ଲାଗି ସ୍ଥିର କରାଯାଇଥିଲା ଓ ସେହି ବର୍ଷ ଏହାକୁ ପାଳନ କରାଯାଇଥିଲା। ୧୪ ନଭେମ୍ବରରେ ଏହି ଦିବସ ପାଳନ କରାଯିବାର ଏକ କାରଣ ବି ରହିଛି। ୧୯୯୨ରେ ଚାର୍ଲ୍ସ ବେଷ୍ଟଙ୍କ ସହ ମିଶି ଫେଡ୍‌ରିକ ବାଣ୍ଟିଙ୍ଗ ମଧୁମେହକୁ ଆୟତ୍ତକୁ ଆଣିବା ଲାଗି ଇନ୍‌ସୁଲିନ ଆବିଷ୍କାର କରିଥିଲେ। ଏଣୁ ବାଣ୍ଟିଙ୍ଗଙ୍କ ଜନ୍ମ ଦିନ ୧୪,ନଭେମ୍ବରରେ ହୋଇଥିବାରୁ ତାଙ୍କ ସମ୍ମାନାର୍ଥେ ଏହି ଦିବସକୁ ବିଶ୍ୱ ମଧୁମେହ ଦିବସ ଭାବେ ପାଳନ କରାଯାଉଛି। ୧୬୦ରୁ ଅଧିକ ଦେଶରେ ଏହା ପାଳନ କରାଯାଉଛି। ପ୍ରତିବର୍ଷ ଏହି ଦିବସ ଭିନ୍ନ ଭିନ୍ନ ଲକ୍ଷ୍ୟ ନେଇ ପାଳନ ହେଉଛି। କୌଣସି ବ୍ୟକ୍ତି ମଧୁମେହରେ ପୀଡିତ ହେଲେ ସେଥିରୁ ସମ୍ପୂର୍ଣ୍ଣ ମୁକ୍ତି ପାଇବା ଅସମ୍ଭବ। ଏହା ଥରେ ଗ୍ରାସ କଲେ ଜୀବନର ଶେଷ ଯାଏ ରହିଯାଏ। ଯଦି ସତର୍କତା ଅବଲମ୍ବନ କରାଯାଏ ତେବେ ବିପଦ କିଛିଟା ଟଳିଯିବ ବୋଲି ଏହି ଦିବସରେ ଲୋକମାନଙ୍କୁ ଅବଗତ କରାଯାଏ। ବ୍ୟାୟାମ ଓ ଔଷଧ ମାଧ୍ୟମରେ ଏହାକୁ ନିୟନ୍ତ୍ରଣ କରାଯାଇଥାଏ। ମଧୁମେହ ପୀଡିତଙ୍କୁ ଖାଦ୍ୟପେୟ ଉପରେ ଧ୍ୟାନଦେବାକୁ ପଡିବ। ମଧୁମେହରୁ ବର୍ତ୍ତିବା ପାଇଁ ଜୀବନଶୈଳୀରେ ସୁଧାର ଆଣିବା ଦରକାର। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ଏବେ ବିଶ୍ୱରେ ୩୫୦ ମିଲିୟନ୍ (୩୫ କୋଟି)ଲୋକ ମଧୁମେହରେ ପୀଡିତ ଏବଂ ଆଗାମୀ କିଛି ବର୍ଷ ଭିତରେ ଏହି ସଂଖ୍ୟା ଦୁଇ ଗୁଣରେ ପହଞ୍ଚିବ । ନିମ୍ନ ଓ ମଧ୍ୟବର୍ଗ ପରିବାରରେ ପ୍ରାୟ ୯୦ ପ୍ରତିଶତ ମୃତ୍ୟୁ ଏହି ରୋଗରୁ ହେଉଛି। ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ପୀଡିତଙ୍କର ଏହା ହୃଦ୍ ସମସ୍ୟାର କାରଣ ପାଲଟୁଛି। ଭାରତରେ ୭.୨୯ କୋଟି ବୟସ୍କ ଲୋକ ଏହି ରୋଗରେ ପୀଡିତ। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳରେ ଏମାନଙ୍କ ସଂଖ୍ୟା ବେଶି। ମଧୁମେହ ବହୁ ସମୟରେ ପ୍ରାକୃତିକ କିମ୍ବା ବଂଶଗତ କାରଣରୁ ହୋଇଥାଏ। ଟାଇପ-୧ ମଧୁମେହ କିଶୋର ଅବସ୍ଥାରେ ହଠାତ୍ ଇନ୍‌ସୁଲିନ କ୍ଷରଣ ଶରୀରରେ ହ୍ରାସ ପାଇଲେ ଦେଖାଦିଏ। ଏହାକୁ ନିୟନ୍ତ୍ରଣ କରିବା ଲାଗି ଇନ୍‌ସୁଲିନ ଇଞ୍ଜେକ୍‌ସନ୍‌ର ଆବଶ୍ୟକତା ପଡେ। କିନ୍ତୁ ୩୦ ବର୍ଷ ବୟସ ପରେ ଟାଇପ୍-୨ ଧୀରେ ଧୀରେ ପ୍ରକାଶ ପାଏ। ମଧୁମେହ ପୀଡିତଙ୍କ ମଧ୍ୟରୁ ୯୦ ପ୍ରତିଶତ ଟାଇପ୍-୨ରେ ପୀଡିତ ହେଉଛନ୍ତି। ବିଶ୍ୱରେ ମହାମାରୀ ଭଳି ମାଡିଚାଲିଛି ମଧୁମେହ। ବିଶ୍ୱସ୍ତରରେ ୨୦୩୦ ସୁଦ୍ଧା ଟାଇପ୍-୨ ମଧୁମେହ ପୀଡିତଙ୍କ ସଂଖ୍ୟା ୨୦ ପ୍ରତିଶତ ବୃଦ୍ଧି ପାଇବ ବୋଲି ଲାନସେଟ୍ ଡାଇବେଟିସ ଆଣ୍ଡ୍ ଏଣ୍ଡୋକ୍ରାଇନୋଲୋଜି ଜର୍ନାଲରେ ପ୍ରକାଶ କରାଯାଇଛି। କେବଳ ଭାରତରେ ୨୦୩୦ ସୁଦ୍ଧା ଏହି ସଂଖ୍ୟା ୯କୋଟିକୁ ଟପିଯିବ ବୋଲି କୁହାଯାଇଛି। ଏଣୁ ଏହାର ଭୟାବହତାକୁ ଦୃଷ୍ଟିରେ ରଖି ଏବେଠାରୁ ସତର୍କ ରହିଲେ ଏକ ସୁସ୍ଥ ଜୀବନର ଅଧିକାରୀ ହୋଇପାରିବା।

# ପାଠ ପୂର୍ବରୁ ସମାଚାର



**ଖଣ୍ଡୱା:** ନମସ୍କାର, ଆଜିର ମୁଖ୍ୟ ସମାଚାର, 'ଅଯୋଧ୍ୟା ନିଷ୍ପତ୍ତି ପରେ ସହରରେ ଶାନ୍ତି, ସୌହାର୍ଦ୍ଦ୍ୟ ଜାରି'।....'ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି ହେବା ପରେ ରାଜନୈତିକ ଦ୍ୱନ୍ଦ୍ୱରେ ପଡ଼ିଛି ଯବନିକା'। ଏ କୌଣସି ଟେଲିଭିଜନର ସମାଚାର ପାଠ ନୁହେଁ, ବରଂ ମଧ୍ୟପ୍ରଦେଶ ଖଣ୍ଡୱାସ୍ଥିତ ମହାରାଣୀ ଲକ୍ଷ୍ମୀବାଈ ବାଳିକା ବିଦ୍ୟାଳୟର ଛାତ୍ରୀମାନଙ୍କ ଦୈନନ୍ଦିନ କାର୍ଯ୍ୟ। ଏଠାରେ ସ୍କୁଲ ଖୋଲିବା ଆଗରୁ ପ୍ରାର୍ଥନା ବଦଳରେ ଛାତ୍ରୀମାନେ ଶିକ୍ଷୟିତ୍ରୀଶିକ୍ଷକ ଏବଂ ସହପାଠୀଙ୍କୁ ଦେଶ ବିଦେଶର ତାଜା ସମାଚାର ପଢ଼ି ଶୁଣାଇଥାନ୍ତି। ଏହାଦ୍ୱାରା ପିଲାମାନଙ୍କ ସାଧାରଣଜ୍ଞାନ ବଢୁଛି, ତା' ସହ ପିଲାମାନଙ୍କ ଭିତରେ ନୂଆ କଥା ଜାଣିବାର ଆଗ୍ରହ ମଧ୍ୟ ସୃଷ୍ଟି ହେଉଛି। କେବଳ ଏତିକି ନୁହେଁ, ଯଦି ଶିକ୍ଷାନୁଷ୍ଠାନର କୌଣସି ଛାତ୍ରୀଙ୍କ ଜନ୍ମଦିନ ଥାଏ ତେବେ ତାଙ୍କୁ ସାମୂହିକ ଭାବେ ଶୁଭେଚ୍ଛା ଜଣାଯାଇଥାଏ। ବିଦ୍ୟାଳୟରେ ଏସବୁ କାର୍ଯ୍ୟ ଲାଗି ପୃଥକ୍ ଭାବେ ସମୟନିର୍ଘଣ୍ଟ ତିଆରି କରାଯାଇଛି। ଏଥିଲାଗି ଦୈନିକ ସ୍ୱତନ୍ତ୍ର ଭାବେ ୨୦ ମିନିଟ ସମୟ ଦିଆଯାଇଥାଏ। ଏସବୁ କାର୍ଯ୍ୟରେ ଶିକ୍ଷୟିତ୍ରୀଶିକ୍ଷକମାନେ ମଧ୍ୟ ପୂର୍ଣ୍ଣ ସହଯୋଗ କରୁଛନ୍ତି। ପିଲାମାନଙ୍କୁ ସଙ୍ଗୀତ ଶିକ୍ଷାଠୁ ଆରମ୍ଭ କରି ଦେଶବନ୍ଦନା ଯାଏ ସବୁ ଶିକ୍ଷା ଦିଆଯାଉଛି। କେବଳ ଏତିକି ନୁହେଁ, ବିଦ୍ୟାର୍ଥୀଙ୍କୁ ପ୍ରେରଣା ଦେବା ଭଳି ଗୋଟିଏ ଗୋଟିଏ କାହାଣୀ ମଧ୍ୟ ଶୁଣାଯାଇଥାଏ। ଏହାଦ୍ୱାରା ଛାତ୍ରୀମାନେ ସେମାନଙ୍କ ଜୀବନକୁ ମହାପୁରୁଷଙ୍କ ଭଳି ଗଢ଼ି ତୋଳିବାକୁ ଆଗ୍ରହୀ ହେଉଛନ୍ତି। ଏହାକୁ ବାଦ୍ ଦେଲେ ପ୍ରତିଦିନ ପଞ୍ଜାଙ୍ଗ, ରାଶିଫଳ, ସୁବିଚାର କଳାପଟାରେ ଲେଖାଯାଇଥାଏ। 'ଆମେ ଏକ, ଅଭିନ୍ନ, ଆମେ ସବୁ ଭାରତବାସୀ' ସ୍ଲୋଗାନ୍‌ରେ ଗୁଞ୍ଜରିତ ହୁଏ ଶିକ୍ଷାନୁଷ୍ଠାନ ପରିସର। ଏପରି ଅଭିନବ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ, ସନ୍ଧ୍ୟା ଦୁବେ କୁହନ୍ତି, ଦୁଇମାସ ହେଲା ଏହା ଆରମ୍ଭ ହୋଇଛି। ଏଥିଲାଗି ସିଡ୍ୟୁଲ ପ୍ରସ୍ତୁତ କରାଯାଇଛି। ଏକାଦଶ ଶ୍ରେଣୀର ଛାତ୍ରୀ ସୋଲେହା ଖାନା ଏବଂ କରୀନା ତିରୋଲେ କୁହନ୍ତି, ଦୈନିକ ଜଣେ ଛାତ୍ରୀଙ୍କୁ ମଞ୍ଚ ଉପରେ କହିବାର ସୁଯୋଗ ମିଳେ। ଏହାଦ୍ୱାରା ପିଲାମାନଙ୍କ କଥନ ଶୈଳୀ ଉନ୍ନତ ଧରଣର ହୋଇପାରୁଛି। ତା' ସାଙ୍ଗକୁ ଜ୍ଞାନ ମଧ୍ୟ ବଢୁଛି।

# ହବିବି କେ ନୈନ୍ ନିକଳେ ଫରେବୀ...

## ସୋନାକ୍ଷୀ ସିହ୍ନା



**ମୁମ୍ବାଇ:** ସଲ୍‌ମାନଙ୍କ ଫ୍ୟାନ୍‌ମାନେ ଏବେ କେବଳ 'ଦବଙ୍ଗ-୩'ର ରିଲିଜ୍‌କୁ ଅପେକ୍ଷା କରିଛନ୍ତି। ସେପଟେ ଫିଲ୍ମ ମେକର୍ସ ମଧ ଦର୍ଶକଙ୍କ ଉତ୍ସାହକୁ ଜାରି ରଖିବା ଲାଗି ସମୟ ସମୟରେ ଫିଲ୍ମର ଅପଡେଟ୍‌ସ ଦେଉଛନ୍ତି। 'ଦବଙ୍ଗ-୩'ର ଗୀତଗୁଡ଼ିକୁ ବ୍ୟାକ୍-ଟୁ-ବ୍ୟାକ୍ ରିଲିଜ୍ କରୁଛନ୍ତି ମେକର୍ସ। ହେଲେ ଏଗୁଡ଼ିକ କେବଳ ଟ୍ରାକ୍, ଦର୍ଶକଙ୍କୁ ଉତ୍ସାହିତ କରିବା ଲାଗି ଭିଡିଓ ରିଲିଜ୍ କରାଯାଉନାହିଁ। 'ୟୁଁ କର୍‌କେ', 'ନୈନା ଲଡ଼େ', 'ହୁଡ୍-ହୁଡ୍', 'ମୁନ୍ନା ବଦ୍‌ନାମ୍ ହୁଆ','ଆୱାରା' ପରେ ଏବେ 'ହବିବି କେ ନୈନ୍' ଗୀତର ସାଉଣ୍ଡ ଟ୍ରାକ୍ ରିଲିଜ୍ ହୋଇଛି। ଏହା ଏକ ରୋମାଣ୍ଟିକ୍ ଟ୍ରାକ୍। ଗୀତଟିକୁ ସାଜିଦ୍ ୱାଜିଦ୍ କମ୍ପୋଜ୍ କରିଥିବାବେଳେ ଗାଇଛନ୍ତି ଶ୍ରେୟା ଘୋଷାଲ ଓ ଜୁବିନ୍ ନୌଟିୟାଲ୍। ଗୀତଟିକୁ ଲେଖିଛନ୍ତି ଇର୍‌ଫାନ କମାଲ। ସଲ୍‌ମାନ ଖାନ୍ ପ୍ରଥମେ ନିଜ ଅଫିସିଆଲ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲରେ ଏହି ଗୀତଟିକୁ ଶେୟାର କରିଥିଲେ। ଏହାପରେ ସୋନାକ୍ଷୀ ସିହ୍ନା ମଧ ଏହି ରୋମାଣ୍ଟିକ୍ ଟ୍ରାକ୍‌କୁ ଶେୟାର କରି ଦର୍ଶକଙ୍କୁ ଶୁଣିବାକୁ ଅପିଲ କରିଛନ୍ତି। ସବୁଠାରୁ ମଜା କଥା ହେଲା ଦବଙ୍ଗର ସବୁ ସିକ୍ୱେଲରେ 'ନୈନା'କୁ ନେଇ ଗୋଟିଏ ହିଟ୍ ଟ୍ରାକ୍ ରହିଛି। 'ଦବଙ୍ଗ୍'ରେ 'ତେରେ ମସ୍ତ ମସ୍ତ ଦୋ ନୈନ୍...', 'ଦବଙ୍ଗ୍-୨'ରେ 'ତେରେ ନୈନା ବଡ଼େ ଦଗାବାଜ୍' ଗୀତ ସୁପର୍‌ହିଟ୍ ରହିଥିବାବେଳେ ଏବେ 'ଦବଙ୍ଗ-୩'ରେ 'ହବିବି କେ ନୈନ୍' ଗୀତଟିକୁ ମଧ ଦର୍ଶକେ ପସନ୍ଦ କରୁଛନ୍ତି। 'ଦବଙ୍ଗ-୩'ରେ ସଲ୍‌ମାନ ଖାନ୍, ସୋନାକ୍ଷୀ ସିହ୍ନା, ସାଇ ମାଞ୍ଜରେକର୍, ସୁଦୀପ, ଅର୍‌ବାଜ ଖାନ୍, ଅମୋଲ ଗୁପ୍ତେ, ମାହି ଗିଲ୍, ପଙ୍କଜ ତ୍ରିପାଠୀ, ନୱାବ୍ ଶାହ ଓ କେ.କେ. ମେନନ୍‌ଙ୍କ ଭଳି କଳାକାରଙ୍କୁ ଦେଖିବାକୁ ମିଳିବ। ଫିଲ୍ମଟି ଡିସେମ୍ବର ୨୦ରେ ରିଲିଜ୍ ହେବ।

# ଗ୍ରେଟାଙ୍କ ୬୦ ଫୁଟର ପ୍ରାଚୀର ଚିତ୍ର

**ସାନ୍ ଫ୍ରାନ୍‌ସିସ୍କୋ:** ଜଳବାୟୁ ପରିବର୍ତ୍ତନକୁ ନେଇ ନିଜର ସ୍ୱର ଶାଣିତ କରିବା ସହ ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିବା ଟିନ୍ ଏଜ୍ ଆକ୍ଟିଭିଷ୍ଟ ଗ୍ରେଟା ଥନ୍‌ବର୍ଗଙ୍କ ଏକ ୬୦ ଫୁଟ ଲମ୍ବ ଓ ୩୦ ଫୁଟ ଚଉଡ଼ାର ବିଶାଳ ପ୍ରାଚୀର ଚିତ୍ର ସାନ୍ ଫ୍ରାନ୍ସିସ୍‌କୋରେ ଦେଖିବାକୁ ମିଳିଛି। ଆର୍ଜେଣ୍ଟାଇନ୍ ଷ୍ଟ୍ରିଟ୍ ଆର୍ଟିଷ୍ଟ ଆନ୍ଦ୍ରେସ୍ ପେଟ୍ରେସେଲି(୩୨) ଏହି ପ୍ରଚୀର ଚିତ୍ରକୁ ପ୍ରସ୍ତୁତ କରିଛନ୍ତି। ସ୍ଥାନୀୟ ଲୋକେ ପରିବେଶ ସଚେତନ ହେବା ଲାଗି ମଙ୍ଗଳବାର ଏହାକୁ ଏକ ବିଲ୍ଡିଂରେ ଲଗାଯାଇଛି। ଏନେଇ ଅନ୍ଦ୍ରେସ୍ ପେଟ୍ରେସେଲ କହିଛନ୍ତି, ରାଜନୀତି,



ଧର୍ମ କିମ୍ବା କ୍ରୀଡ଼ା ସମ୍ପର୍କରେ ମୁଁ ଏଭଳି ପ୍ରାଚୀର ଚିତ୍ର କରିବାକୁ ପସନ୍ଦ କରେନି। କିନ୍ତୁ ମୋର ଏହି ପ୍ରାଚୀର ଚିତ୍ର ରାଜନୀତି ସହ ଯୋଡ଼ି ହେବାର ଆଶଙ୍କା ରହିଛି। ପରିବେଶ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ଲାଗି ଗ୍ରେଟାଙ୍କ ପ୍ରଚୀର ଚିତ୍ର ଏଠାରେ ଲଗାଯାଇଥିବା ସେ ମତ ଦେଇଛନ୍ତି। ଏହି ବାଟ ଦେଇ ଯିବା ଆସିବା କରୁଥିବା ଲୋକ ଗ୍ରେଟାଙ୍କ ବିଶାଳ ପ୍ରାଚୀର ଚିତ୍ର ଦେଖି ସଚେତନ ହୋଇପାରିବେ ବୋଲି ସେ ମତ ଦେଇଛନ୍ତି। ଗ୍ରେଟାଙ୍କ ବାର୍ତ୍ତା ପ୍ରଚାର କରିବା ଓ ଲୋକଙ୍କୁ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ସଚେତନ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି।

# ଇକୋ ଫ୍ରେଣ୍ଡ୍‌ଲି ସାନିଟାରି ନାପ୍‌କିନ

**କୋଏମ୍ବାଟୁର:** ବଜାରରେ ବିକ୍ରି ହେଉଥିବା ସାଧାରଣ ସାନିଟାରି ନାପ୍‌କିନ ସମସ୍ୟା ସୃଷ୍ଟି କରୁଥିବାବେଳେ ଏଥିରୁ ମୁକ୍ତିପାଇବା ଲାଗି କୋଏମ୍ବାଟୁରର ଯୁବତୀ ଇଶାନା(୧୮) ପରିବେଶ ଉପଯୋଗୀ ଓ ରିୟୁଜେବଲ କଟନ ସାନିଟାରି ପ୍ୟାଡ୍ ପ୍ରସ୍ତୁତ କରିଛନ୍ତି। ଏହାକୁ ବିଭିନ୍ନ



ମହଲରେ ସ୍ୱାଗତ କରାଯାଇଛି। ସିଲେଇ ମେଶିନ୍ ଓ ଅନ୍ୟ ଆବଶ୍ୟକ ଜିନିଷ ବ୍ୟବହାର କରି ସେ ଏହା ପ୍ରସ୍ତୁତ କରୁଥିବାବେଳେ ଅନ୍ୟମାନେ ଏନେଇ ଉତ୍ସାହିତ ମଧ ହୋଇଛନ୍ତି। ଇଶାନା କହିଛନ୍ତି, ଏନେଇ ସଚେତନତାର ଆବଶ୍ୟକତା ରହିଛି। ବଜାରରେ ମିଳୁଥିବା କେମିକାଲ୍ ଲେପଯୁକ୍ତ ସାଧାରଣ ଶସ୍ତା ପ୍ୟାଡ୍ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟିକରୁଛି। ମୁଁ ମଧ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛି। ତେଣୁ କଟନ୍ କପଡ଼ାରେ ପ୍ରସ୍ତୁତ କରାଯାଉଥିବା ଇକୋ ଫ୍ରେଣ୍ଡ୍‌ଲି ସାନିଟାରି ନାପ୍‌କିନ ସମସ୍ତଙ୍କ ଲାଗି ଭଲ। ଏହା କଟନ୍ ଲେୟରଯୁକ୍ତ ଓ ପୁନଃ ବ୍ୟବହାର ଯୋଗ୍ୟ ଇକୋ ଫ୍ରେଣ୍ଡ୍‌ଲି ପୋଷାକ ଭଳି। ଏହାକୁ ଯୁବତୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ମହିଳାମାନେ ପିନ୍ଧିପାରିବେ ବୋଲି ସେ ମତ ଦେଇଛନ୍ତି। ସୋସିଆଲ୍ ମିଡିଆରେ ଏହାକୁ ବେଶ୍ ପ୍ରଶଂସା କରାଯାଇଛି। ମହିଳାମାନଙ୍କ ଲାଗି ଇଶାନା ଏବେ ରୋଲ୍‌ମଡେଲ୍ ପାଲଟିଛନ୍ତି।

# ୧୩୮ ଦିନରେ ଭଙ୍ଗାଯିବ ୩୨୫ ଫ୍ଲାଟ



**କୋଚି:** କେରଳରେ ସମୁଦ୍ର କୂଳରେ ବେଆଇନ ଭାବେ ନିର୍ମାଣ ହୋଇଥିବା ୩୨୫ ଫ୍ଲାଟ୍ ୧୩୮ ଦିନରେ ଭଙ୍ଗାଯିବ। ଏନେଇ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିପାଇଁ ୨ କୋଟି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସ୍ଥାନୀୟ ଏର୍ନାକୁଲମ୍‌ର ସମୁଦ୍ରକୂଳରେ ପରିବେଶ ଆଇନକୁ ଉଲ୍ଲଂଘନ କରି ମରାଦୁ ଫ୍ଲାଟ୍ ନିର୍ମାଣ ପାଇଁ ଅନୁମତି ଦିଆଯାଇଥିଲା। ଏନେଇ ସୁପ୍ରିମ୍‌କୋର୍ଟରେ ଏକ ଆବେଦନ ଦାଖଲ କରାଯାଇଥିଲା। ଏହାର ବିଚାର କରି ସର୍ବୋଚ୍ଚ ଅଦାଲତ ୨୦୨୦ ଜାନୁୟାରୀ ୯ ସୁଦ୍ଧା ନିର୍ମିତ ହୋଇଥିବା ଫ୍ଲାଟ୍ ଗୁଡ଼ିକୁ ଭାଙ୍ଗି ଦିଆଯିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫ୍ଲାଟ୍ ଭଙ୍ଗା ଠିକା ମୁମ୍ବାଇର ଏଡିଫିସ୍ ଇଞ୍ଜିନିୟରିଂକୁ ଦିଆଯାଇଛି। ଏଥିରେ ୨୫୦ କିଗ୍ରା ବିସ୍ଫୋରକ ବ୍ୟବହୃତ ହେବ ବୋଲି କୁହାଯାଉଛି।

# ମାଙ୍କଡ଼ର ଅନ୍‌ଲାଇନ ଶପିଂ

**ବେଜିଂ:** ସ୍ମାର୍ଟଫୋନ୍ ହେଉ କି କମ୍ପ୍ୟୁଟର ଏଥିରେ ଇଣ୍ଟରନେଟ୍ ସଂଯୋଗ କରି ଘରେ ବସି ଅନ୍‌ଲାଇନ୍‌ରେ ବିଭିନ୍ନ କାର୍ଯ୍ୟ ସହଜରେ କରିହେଉଛି। ଏସବୁ ଭିତରେ ଅନ୍‌ଲାଇନ୍ ସାଇଟ୍‌ରୁ ଶପିଂ କରିବା ସମସ୍ତଙ୍କୁ ଆକର୍ଷିତ କରିଥାଏ। ବିଭିନ୍ନ ସାଇଟ୍ ସର୍ଚ୍ଚ କରି ନିଜ ପସନ୍ଦର ଡ୍ରେସ୍ ହେଉ କି ହୋମ୍ ଆପ୍ଲିଆନ୍ସ କିଣିବାକୁ ସମସ୍ତେ ପସନ୍ଦ କରିଥାନ୍ତି। ହେଲେ ମାଙ୍କଡ଼ ବି ଅନ୍‌ଲାଇନ୍‌ରୁ ସପିଙ୍ଗ କରୁଥିବା କଥା ବିଶ୍ୱାସ ହେଉ ନ ଥିଲେ ବି ସତ। ପୂର୍ବ ଚାଇନା ଚାଙ୍ଗଜୁଠାରେ ଥିବା ୟାନ୍‌ଚେଙ୍ଗ ୱାଇଲ୍ଡ ଆନିମଲ୍ ଜୁ'ର ଏକ ମାଙ୍କଡ଼ ଅନ୍‌ଲାଇନ୍‌ରେ ଶପିଂ କରିଥିବା ଘଟଣା ନଜରକୁ ଆସିଛି। ଘଟଣାଟି ଏମିତି, ଜୁ'ରେ ଏଲ୍‌ବି ମେଗ୍‌ମା ନାମକ ଜଣେ ମହିଳା କାମ କରନ୍ତି। କିଛିଦିନ ତଳେ ସେ ନିଜ ଅଫିସ୍‌ରେ ବସି ଅନ୍‌ଲାଇନ୍ ଶପିଂ ସାଇଟ୍‌ରେ କିଛି ଜିନିଷ ଦେଖୁଥିଲେ। ଏହି ସମୟରେ ଜୁ'ରେ ଥିବା ମାଙ୍କଡ଼କୁ ସେ ଖାଇବାକୁ ଦେଇ ନ ଥିବା ମେଗ୍‌ମାଙ୍କର ମନେପଡ଼ିଥିଲା। ସେ ଅଫିସ୍‌ରେ ଫୋନ୍ ରଖି ମାଙ୍କଡ଼ ପାଇଁ ଖାଇବା ଆଣିବାକୁ ବାହାରକୁ ଯାଇଥିଲେ। ହେଲେ ଫେରିବା ବେଳକୁ ଶପିଂ ସାଇଟ୍‌ରୁ କେତେକ ଜିନିଷ ଅର୍ଡର ଦିଆଯାଇଥିବା ମେସେଜ ତାଙ୍କ ଫୋନ୍‌କୁ ଆସିଥିବା ଦେଖିଥିଲେ। ଅର୍ଡର କିପରି ହେଲା ଜାଣିବା ପାଇଁ ସେ ସେହି ରୁମ୍‌ର ସିସିଟିଭି ଫୁଟେଜ୍ ଚେକ୍ କରିଥିଲେ। ତେବେ ମେଗ୍‌ମାଙ୍କ ଫୋନ୍‌ରୁ ମାଙ୍କଡ଼ଟି ଅର୍ଡର କରିଥିବା ଦେଖାଯାଇଥିଲା। କିନ୍ତୁ ଏହାପରେ ସେ ଅର୍ଡର କ୍ୟାନ୍‌ସଲ କରି ନ ଥିଲେ। ଏ ନେଇ ମେଗମା କହିଛନ୍ତି, ମାଙ୍କଡ଼ଟି ଅର୍ଡର କରିଥିବା ଜିନିଷଗୁଡ଼ିକ ତାଙ୍କ ଦରକାର ଯୋଗ୍ୟ ଥିଲା, ତେଣୁ ସେ ଅର୍ଡର କ୍ୟାନ୍‌ସଲ କରି ନ ଥିଲେ।



# ଛତୁର ଔଷଧୀୟ ଗୁଣ

**ନୂଆଦିଲ୍ଲୀ:** ଛତୁରେ ବହୁ ମାତ୍ରାରେ ପୋଷକତତ୍ତ୍ୱ ରହିଛି। ଏହା ଶରୀର ପାଇଁ ବେଶ୍ ଲାଭଦାୟକ। ଛତୁ ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ସପ୍ତାହରେ ୨ଥର ଛତୁ ଖାଇଲେ ହାର୍ଟଆଟାକ୍ ଓ ମେଦବହୁଳତା ହେବା ଆଶଙ୍କା ଦୂର ହୋଇଥାଏ ବୋଲି ଚିକିତ୍ସା ବିଜ୍ଞାନୀ ପରାମର୍ଶ ଦେଇଥାନ୍ତି। ଛତୁରେ ବହୁମାତ୍ରାରେ ସୋଡିୟମ, ପ୍ରୋଟିନ୍, କ୍ୟାଲ୍‌ସିୟମ୍, ମ୍ୟାଗ୍ନେସିୟମ୍ ରହିଥାଏ। ଯାହା ଶରୀରରେ କୋଲେଷ୍ଟରଲ ଓ ଶର୍କରାକୁ କମ୍ କରିଥାଏ। ଫଳରେ ଉଚ୍ଚ ରକ୍ତଚାପ ଏବଂ ଡାଇବେଟିସ୍ ସମସ୍ୟା ମଧ୍ୟ ଦୂର ହୋଇଥାଏ।



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।

-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ଗ୍ୟାଙ୍ଗଷ୍ଟର ରାଜା ଆଚାର୍ଯ୍ୟ ଗିରଫ



କଟକ ଅଫିସ/ଭୁବନେଶ୍ୱର (ବ୍ୟୁରୋ), ୧୩।୧୧: ଗ୍ୟାଙ୍ଗଷ୍ଟର ସନ୍ଦୀପ ଆଚାର୍ଯ୍ୟ ଓରଫ ରାଜାଙ୍କୁ ବୁଧବାର ମଧ୍ୟାହ୍ନରେ ମାଲଗୋଦାମ ଥାନା ପୋଲିସ ଭୁବନେଶ୍ୱରର ବରଗଡ଼ ଅଞ୍ଚଳରୁ ଗିରଫ କରିଛି। ୨୦୦୪ ମସିହାରେ ଏକ ହତ୍ୟା ଉଦ୍ୟମ ଅଭିଯୋଗ (କେସ୍ ନଂ. ୨୦୩/୦୪)ରେ ରାଜାଙ୍କ ସମ୍ପୃକ୍ତି ନେଇ ଅଦାଲତ ପକ୍ଷରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ଏହି ମାମଲାରେ ପୋଲିସ ରାଜାଙ୍କୁ ଗିରଫ କରିବା ପରେ କଟକରେ ଅନ୍ୟ ମାମଲାରେ ସମ୍ପୃକ୍ତି ନେଇ ତାଙ୍କୁ ହାଜତରେ ରଖି ପଚରାଉଚରା କରୁଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଡିସିପି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି। ୨୦୦୪ରେ ହତ୍ୟା ଉଦ୍ୟମ ନେଇ ରାଜାଙ୍କ ନାମରେ କଟକ ମାଲଗୋଦାମ ଥାନାରେ ମାମଲା ରୁଜୁ ହୋଇଥିଲା। ଏ ନେଇ କଟକ ସିଜେଏମ୍‌ଙ୍କ କୋର୍ଟରେ ଏସ୍‌ଟି କେସ୍ ନଂ. ୨୦୩/୦୪ ମାମଲା ବିଚାରାଧୀନ ଥିଲା। କୋର୍ଟଙ୍କ ଧାର୍ଯ୍ୟ ତାରିଖରେ ରାଜା ହାଜର ନ ହେବାରୁ ତାଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ଉକ୍ତ ମାମଲାରେ କୋର୍ଟ ୱାରେଣ୍ଟ ବଳରେ ପୋଲିସ ଭୁବନେଶ୍ୱର ବିଜେବି ନଗରସ୍ଥ ତାଙ୍କ ବାସଭବନରୁ ତାଙ୍କୁ ଗିରଫ କରିଛି। ପ୍ରକାଶ ଥାଉ କି, ୨୦୦୮ରେ ବହୁ ଚର୍ଚ୍ଚିତ ଜୁଡ଼ୋ କୋଚ୍ ବିରଞ୍ଚି ଦାସ ହତ୍ୟା ମାମଲାରେ ପୋଲିସ ରାଜାଙ୍କୁ ୨୦୦୮ ମେ ୨୮ରେ ଗୋଆରୁ ଗିରଫ କରିଥିଲା। ୨୦୧୦ରେ ଭୁବନେଶ୍ୱର ଜିଲା ଓ ସେସନ୍ସ କୋର୍ଟ ରାଜାଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ରାଜାଙ୍କ ନାମରେ ବିଭିନ୍ନ ଥାନାରେ ୪୦ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ବିରଞ୍ଚି ଦାସ ହତ୍ୟା ମାମଲାରେ ୨୦୧୭ ମାର୍ଚ୍ଚରେ ସୁପ୍ରିମକୋର୍ଟ ତାଙ୍କୁ ଜାମିନ ଦେଇଥିଲେ। ସେହିପରି ଭୁବନେଶ୍ୱରସ୍ଥ ଜ୍ୟୋତି ମୋଟର୍ସ କର୍ମଚାରୀଙ୍କୁ ଅପହରଣ ମାମଲାରେ ହାଇକୋର୍ଟ ରାଜାଙ୍କୁ ଜାମିନ ଦେବା ପରେ ୨୦୧୮ ଏପ୍ରିଲ ୨୫ରେ ସେ ଝାରପଡ଼ା ଜେଲରୁ ମୁକୁଳିଥିଲେ। ଅନ୍ୟପକ୍ଷରେ ଓଲିଉଡ଼ ଅଭିନେତ୍ରୀ ବିଦ୍ୟୁସ୍ମିତାଙ୍କ ଭାଇ ଅରୁଣ ମନ୍ତ୍ରୀ ଅପହରଣ ମାମଲାରେ ୨୦୧୧ ଅକ୍ଟୋବରରେ ରାଜାଙ୍କୁ ଅଦାଲତ ୪ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ।




### ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲା

# ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ, ୧୦ ହଜାର ଜରିମାନା

**କଟକ ଅଫିସ, ୧୩।୧୧**

ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲାରେ କଟକ ତୃତୀୟ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ ତଥା ପୋକ୍ସୋ ଅଦାଲତ ବିଚାରପତି ବନ୍ଦନା କର ଅଭିଯୁକ୍ତ ନାଗେଶ୍ୱର ସିଂ ଓରଫ ନାଗାଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ଏକବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, କଟକ ଫେଜ-୨ ଥାନା ଅଞ୍ଚଳର ନାଗେଶ୍ୱର (୪୦) ୨୦୧୭ ଫେବୃୟାରୀ ୨୫ରେ ଜନୈକା ୧୦ବର୍ଷୀୟା ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଦିନ ଅପରାହ୍ନ ପ୍ରାୟ ୩ଟାରେ ଭାଇଙ୍କ ସହ ପୀଡ଼ିତା ଗଡ଼ା ଉପରକୁ ଗୁପଚୁପ ଖାଇବାକୁ ଯାଇଥିଲେ। ତେବେ ନାଗା ନାବାଳିକାଙ୍କୁ ଟଙ୍କା ଦେବା ବାହାନାରେ ଘରକୁ ଡାକି ନେଇଥିଲେ। ଦୀର୍ଘ ସମୟ ଧରି ଝିଅ ଘରକୁ ନ ଫେରିବାରୁ ତାଙ୍କ ମା' ଗୁପଚୁପ ବ୍ୟବସାୟୀଙ୍କ ପାଖରେ ପହଞ୍ଚି ପଚାରିଥିଲେ। ଝିଅ ନାଗାଙ୍କ ସହ ଯାଇଥିବା ତାଙ୍କଠାରୁ ଜାଣିବାକୁ ପାଇଥିଲେ। ସେ ନାଗାଙ୍କ ଘରେ ପହଞ୍ଚି ଝିଅ ବଡ଼ ପାଟିରେ କାନ୍ଦୁଥିବା ଦେଖିଥିଲେ। ଝିଅକୁ ନେଇ ସେ ଘରକୁ ଫେରିବା ପରେ କଟକ ମହିଳା ଥାନାରେ ଅଭିଯୋଗ କରିଥିଲେ। ଯୌନ ନିର୍ଯାତନା ଅଭିଯୋଗରେ ନାଗାଙ୍କୁ ପୋଲିସ ଗିରଫ କରିଥିଲା। ଏହି ମାମଲାରେ ୧୩ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯିବା ସହ ଡାକ୍ତରୀ ରିପୋର୍ଟ ତଥା ଅନ୍ୟାନ୍ୟ ତଥ୍ୟକୁ ଭିତ୍ତିକରି ଅଦାଲତ ଅଭିଯୁକ୍ତଙ୍କୁ ଆଇପିସି ଧାରା ୩୬୩ ଅନୁଯାୟୀ ୫ବର୍ଷ ଜେଲ ଓ ୧୦ହଜାର ଟଙ୍କା ଜରିମାନା ଏବଂ ପୋକ୍ସୋ ଆଇନ ଧାରା ୧୦ ଅନୁଯାୟୀ ୫ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟ ୧ବର୍ଷ ଲେଖାଏ ଅଧିକ ଦଣ୍ଡ ଭୋଗିବାକୁ ପଡ଼ିବ। ଏକସଙ୍ଗେ ଅଭିଯୁକ୍ତଙ୍କୁ ଉଭୟ ଦଣ୍ଡ ଭୋଗିବାକୁ ହେବ। ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ ନେଇ ଅଦାଲତ ଜିଲା ଆଇନସେବା ପ୍ରାଧିକରଣକୁ ଏହି ମାମଲା ହସ୍ତାନ୍ତର କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଗାନ୍ଧିଜୀଙ୍କ ହତ୍ୟା ତଥ୍ୟ ପିଲାଙ୍କୁ ଲୁଚା ନ ଯାଉ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ରାଜ୍ୟର ସମସ୍ତ ସ୍କୁଲରେ ପିଲାଙ୍କୁ ଦିଆଯାଇଥିବା ଦୁଇ ପୃଷ୍ଠାର ଏକ ଲିଫ୍‌ଲେଟରେ ଗାନ୍ଧିଜୀଙ୍କ ବର୍ବର ହତ୍ୟାକୁ ଉଲ୍ଲେଖ ନ କରି ମିଥ୍ୟା ତଥ୍ୟ ଦିଆଯାଇଛି। ଗାନ୍ଧିଜୀଙ୍କୁ ନାଥୁରାମ ଗଡ୍‌ସେ ପ୍ରାର୍ଥନା ସଭାରେ ଗୁଳିକରି ହତ୍ୟା କରିଥିବା ଇତିହାସରେ ଲିଖିତ ଅଛି। କିନ୍ତୁ ଗଣଶିକ୍ଷା ବିଭାଗ ପକ୍ଷରୁ 'ଆମ ବାପୁଜୀ ଏକ ଝଲକ' ଶିରୋନାମାରେ ଯେଉଁ ପ୍ରଚାରପତ୍ର ବଣ୍ଟାଯାଇଛି ସେଥିରେ ଏକ ଆକସ୍ମିକ ଘଟଣାରେ ଗାନ୍ଧିଜୀଙ୍କ ଦେହାବସାନ ହୋଇଛି ବୋଲି ଉଲ୍ଲେଖ କରାଯାଇଛି। ଅର୍ଥାତ୍ ଗାନ୍ଧୀଙ୍କୁ ହତ୍ୟା କରାଯାଇଥିବା କଥାକୁ ସ୍କୁଲ ପିଲାଙ୍କ ପାଖରେ ଲୁଚାଯାଇଛି। ହତ୍ୟାର ଠିକ୍ ତଥ୍ୟ ଦେବା ସହ ଭୁଲ୍‌ର ସଂଶୋଧନ କରି ପୁନଃ ପିଲାଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯିବା ଓ ଏପରି ଭୁଲ୍ କରିଥିବା ଦୋଷୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋହିଆ ଏକାଡେମୀ ଓ ରାଷ୍ଟ୍ରୀୟ ଯୁବା ସଙ୍ଗଠନ ଦାବି କରିଛି।

ବୁଧବାର ଲୋହିଆ ଏକାଡେମୀରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏକାଡ଼େମୀର ସମ୍ପାଦକ ଦେବ ପ୍ରସାଦ ରାୟ, ପ୍ରଫୁଲ୍ଲ ସାମନ୍ତରା, ରାଷ୍ଟ୍ରୀୟ ଯୁବା ସଙ୍ଗଠନର ଡା. ବିଶ୍ୱଜିତ ରାୟ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ମନୋରଞ୍ଜନ ମହାନ୍ତି ଏ ସଂକ୍ରାନ୍ତରେ ଅଭିଯୋଗ ଉଠାଇଛନ୍ତି। ସେମାନେ କହିଛନ୍ତି, ଗାନ୍ଧିଜୀଙ୍କ ହତ୍ୟାର କାରଣ ଓ ହତ୍ୟାକାରୀର ନାମ ପିଲାମାନେ ଜାଣିବା ଅତି ଆବଶ୍ୟକ। ଯେଉଁ ଅଧିକାରୀ ଏହି ଲେଖା ଦାୟିତ୍ୱରେ ଥିଲେ ସେମାନେ ଏନେଇ ଉତ୍ତର ରଖନ୍ତୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରି ପଦକ୍ଷେପ ନିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

### ମିଥ୍ୟା ତଥ୍ୟର ସଂଶୋଧନ ଦାବି କଲା ଦୁଇ ସଙ୍ଗଠନ



ଛାତ୍ରୀଛାତ୍ରଙ୍କୁ ବଣ୍ଟାଯାଇଥିବା ଲିଫ୍‌ଲେଟ୍।

# ରାଜ୍ୟରେ ୯ ଅର୍ବାନ ବ୍ୟାଙ୍କ କାର୍ଯ୍ୟକ୍ଷମ

### କର୍ମକର୍ତ୍ତାଙ୍କ ବିରୋଧରେ ୬ ଅଭିଯୋଗ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ରାଜ୍ୟରେ ବର୍ତ୍ତମାନ ୯ଟି ଅର୍ବାନ ବ୍ୟାଙ୍କ ଓ ଉତ୍କଳ କୋଅପରେଟିଭ ବ୍ୟାଙ୍କ କାର୍ଯ୍ୟକ୍ଷମ ଅଛି। ଅର୍ବାନ ବ୍ୟାଙ୍କ ଓ କର୍ମକର୍ତ୍ତାଙ୍କ ବିରୋଧରେ ୨୦୧୯ ଜାନୁୟାରୀରୁ ବର୍ତ୍ତମାନ ସୁଦ୍ଧା ୬ଟି ଅଭିଯୋଗ ଆସିଛି ବୋଲି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଭାଜପା ସଦସ୍ୟ କୁସୁମ ଟେଟେ ବିଧାନସଭା ଅଣତାରକା ପ୍ରଶ୍ନ ୧୨୧ର ଉତ୍ତରରେ ମନ୍ତ୍ରୀ ସ୍ୱାଇଁ କହିଛନ୍ତି , କଟକର ଅର୍ବାନ କୋଅପରେଟିଭ ବ୍ୟାଙ୍କର ଦୁଇଜଣ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆସିଥିବା ବେଳେ ଦୁଇଟି ଯାକ କ୍ଷେତ୍ରରେ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ଅର୍ବାନ କୋଅପରେଟିଭ ବ୍ୟାଙ୍କର ଜଣେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଏ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କେବଳ ତଦନ୍ତ ରିପୋର୍ଟ ପ୍ରସ୍ତୁତ ଚାଲିଛି, ଯାହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ସେହିପରି ନିର୍ଦ୍ଦିଷ୍ଟ ଏକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର ଅନୁଯାୟୀ କେନ୍ଦ୍ରାପଡ଼ା ଅର୍ବାନ କୋଅପରେଟିଭ ବ୍ୟାଙ୍କର ଏକ ଘଟଣାକୁ ନେଇ ତଦନ୍ତ ଚାଲିଛି। ଏହି ସମ୍ପର୍କିତ ରିପୋର୍ଟ ୧୫ଦିନ ମଧ୍ୟରେ ପ୍ରଦାନ କରିବା ପାଇଁ ବିଭାଗୀୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସେହିପରି ରାଉରକେଲା କୋଅପରେଟିଭ ବ୍ୟାଙ୍କରେ ସଭାପତି ଦୁର୍ନୀତି କରିଥିବା ଅଭିଯୋଗ ହୋଇଛି। ଏନେଇ ମଧ୍ୟ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ବାଲେଶ୍ୱର ଅର୍ବାନ କୋଅପରେଟିଭ ବ୍ୟାଙ୍କରେ ଋଣ ସମ୍ବନ୍ଧୀୟ ଏକ ଘଟଣାରେ ତଦନ୍ତ ପାଇଁ କୁହାଯାଇଥିଲା ବେଳେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ମନ୍ତ୍ରୀ କହିଛନ୍ତି।





"କୁସଂସ୍କାର ଶକ୍ତି ଏତେ ବେଶି ଯେ, ବିଜ୍ଞ ଲୋକ ବି ନିର୍ବୋଧଙ୍କ ପଦାଙ୍କ ଅନୁସରଣ କରିବାକୁ ବାଧ ହୁଅନ୍ତି।
- ଫ୍ରାନ୍ସିସ୍ ବାକନ୍


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ପ୍ରିୟାଂଶୁ ବାରିକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ସରକାରଙ୍କୁ ଘେରିଲେ ...

ପାଇଁ ବାଚସ୍ପତି କହିବାରୁ କଂଗ୍ରେସ ଦଳର ସଦସ୍ୟମାନେ ଉତ୍କ୍ଷିପ୍ତ ହୋଇଉଠିଥିଲେ। ଭାଜପା ସଦସ୍ୟମାନେ ମଧ୍ୟ ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିଥିଲେ। ଉଭୟ ଦଳର ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ଗୃହକାର୍ଯ୍ୟ ଅଚଳ ହୋଇଯାଇଥିଲା। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ଅପରାହ୍ନ ୩ଟା ଯାଏ ଗୃହକାର୍ଯ୍ୟ ମୁଲତବୀ କରିଥିଲେ। ଅପରାହ୍ନ ୩ଟାରେ ଗୃହକାର୍ଯ୍ୟ ଚାଲିବାର କିଛି ସମୟ ମଧ୍ୟରେ ପୁଣି ହଟ୍ଟଗୋଳ ହୋଇଥିଲା। ସେହି ହଟ୍ଟଗୋଳ ମଧ୍ୟରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ ଆଗତ କରାଯିବା ପରେ ବାଚସ୍ପତି ଗୁରୁବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ବୁଧବାର ପ୍ରଥମ ଦିବସ ଥିବାରୁ ଗୃହରେ ପ୍ରାୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବିଧାନସଭାର ପୂର୍ବତନ ସଦସ୍ୟଙ୍କ ବିୟୋଗରେ ପ୍ରଥମେ ଶୋକପ୍ରସ୍ତାବ ଆଗତ କରାଯାଇଥିଲା। ଶୋକପ୍ରସ୍ତାବ ଆଲୋଚନା ପରେ ପୂର୍ବାହ୍ନ ୧୧ଟା ୧୫ମିନିଟ୍‌ରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ସମୟରେ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ଛିଡ଼ାହୋଇ କହିଥିଲେ ଯେ, ଯାଜପୁର ଜିଲାର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ରହସ୍ୟଜନକ ମୃତ୍ୟୁ ପ୍ରସଙ୍ଗକୁ ନେଇ ଆମେ ମୁଲତବୀ ପ୍ରସ୍ତାବ ଦେଇଥିଲୁ। ଏହି ବିଷୟରେ ଆଲୋଚନା ପାଇଁ ବାଚସ୍ପତିଙ୍କୁ ମୁଁ ଚିଠି ଦେଇଛି। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସ୍ଥଗିତ କରାଯାଇ ଏହି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଆଲୋଚନା କରାଯାଉ। ବାଚସ୍ପତି କହିଥିଲେ, ଆପଣଙ୍କ ଚିଠି ମୁଁ ପାଇଛି। ତେବେ ଯାହା କହିବା କଥା ଆପଣ ଶୂନ୍ୟକାଳରେ କହିପାରିବେ। ଏବେ ପ୍ରଶ୍ନୋତ୍ତରରେ ସହଯୋଗ କରନ୍ତୁ। ଏତିକି କହିବା ମାତ୍ରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ମହମ୍ମଦ ମୋକିମ ଏବଂ ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ବାଚସ୍ପତି ହଟ୍ଟଗୋଳ ମଧ୍ୟରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁଙ୍କୁ ପ୍ରଶ୍ନୋତ୍ତର ପ୍ରଥମ ପ୍ରଶ୍ନର ଉତ୍ତର ଦେବାକୁ କହିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ମନ୍ତ୍ରୀ ଉତ୍ତର ପଢ଼ିଥିଲେ। କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ଦେଖି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ନାରୀ ନିର୍ଯାତନା ପ୍ରସଙ୍ଗ ଉପରେ ପ୍ରଥମେ ଆଲୋଚନା କରିବାକୁ ବାଚସ୍ପତିଙ୍କୁ କହିଥିଲେ। ଭାଜପା ସଦସ୍ୟମାନେ ମଧ୍ୟ ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ ଗୃହର ମଧ୍ୟଭାଗକୁ ଆସି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ବାଚସ୍ପତି ବାଧ ହୋଇ ମାତ୍ର ୩ ମିନିଟ୍ ପରେ ଗୃହକୁ ୧୧ ଟା ୧୮ରୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ବିରୋଧୀ ଦଳ ନେତା, କଂଗ୍ରେସ ବିଧାୟକ ଦଳ ନେତା, ବିରେଧୀ ଦଳ ମୁଖ୍ୟ ସଚେତକ ଏବଂ ଅନ୍ୟ ସଦସ୍ୟମାନଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ତେବେ ବିରୋଧୀମାନେ ନିଜ ଦାବିରେ ଅଟଳ ରହିଥିଲେ। ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। ହଟ୍ଟଗୋଳ ମଧ୍ୟରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ ଉପସ୍ଥାପନ କରିଥିଲେ। ଗୃହ ବାହାରେ ନରସିଂହ କହିଥିଲେ ଯେ ରାଜ୍ୟରେ ପ୍ରତିବର୍ଷ ୧ ହଜାର ନାବାଳିକାଙ୍କୁ ବଳାତ୍କାର କରାଯାଉଛି। ଦେଶରେ ଏହା ସବୁଠାରୁ ଅଧିକ। ଯାଜପୁର ଜିଲା ପିଇଓଙ୍କ ରହସ୍ୟଜନକ ମୃତ୍ୟୁର ତଦନ୍ତ ଠିକ୍ ଢଙ୍ଗରେ କରାଯାଇ ନାହିଁ। ସେହି ଗେଷ୍ଟ ହାଉସରେ ସେକ୍ସ ର୍ୟାକେଟ ଚାଲୁଥିଲା। ପୋଲିସ ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ରହସ୍ୟ ଘେରରେ ସ୍ମିତାରାଣୀଙ୍କର ମୃତ୍ୟୁ ରହିଗଲା। ଆମେ ମୁଲତବୀ ପ୍ରସ୍ତାବ ଦେଇଥିଲୁ। ବାଚସ୍ପତି ଆଲୋଚନା ପାଇଁ ଗ୍ରହଣ କଲେ ନାହିଁ। ଆମେ ଏହାକୁ ବିରୋଧ କଲୁ। ଆଲୋଚନା ନ କରି ଗୃହକୁ ମୁଲତବୀ କରିବା ଆଦୌ ଗ୍ରହଣୀୟ ନୁହେଁ। ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ କରିବାକୁ କଂଗ୍ରେସ ଦାବି କରୁଛି ବୋଲି ନରସିଂହ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ୮,୧୨୬ କୋଟିର ...

ଏଥିପାଇଁ ଅର୍ଥ ରହିଛି। ସରକାର ଚାହିଁଲେ ଦେଇପାରିବେ ବୋଲି ଅର୍ଥ ବିଭାଗ ସଚିବ ଅଶୋକ କୁମାର ମୀନା କହିଛନ୍ତି। ରାଜ୍ୟର ଆର୍ଥିକ ଅବସ୍ଥା ଭଲ ରହିଛି। ମୋଟ୍ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ୨୫ ପ୍ରତିଶତ ଯାଏ ଋଣ କରିହେବ। ଏ ପର୍ଯ୍ୟନ୍ତ ରାଜ୍ୟରେ ଜିଏସ୍‌ଡିପିର ୧୫.୪ ପ୍ରତିଶତ ଋଣଭାର ରହିଛି ବୋଲି ଅର୍ଥ ସଚିବ କହିଛନ୍ତି।

ଅତିରିକ୍ତ ବଜେଟର ୮,୧୨୬.୩୨ କୋଟି ମଧ୍ୟରୁ ପ୍ରଶାସନିକ ବ୍ୟୟ ପାଇଁ ୨୬୭.୨୩ କୋଟି, ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ୭,୪୩୨.୮୦, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୬.୫୨ କୋଟି ଏବଂ ରାଜ୍ୟ ବଜେଟରୁ ବିଭିନ୍ନ ସ୍ୱାୟତ୍ତ ଶାସନ ସଂସ୍ଥା ପାଇଁ ୪୧୯.୭୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ତେବେ ଏହି ଖର୍ଚ୍ଚ ତୁଲାଇବାକୁ ସହବନ୍ଧିତ ସମ୍ବଳ ସୂତ୍ରରୁ ୨,୯୮୧.୮୮ କୋଟି, ଅଣସହବନ୍ଧିତ ସମ୍ବଳରୁ ୧ ହଜାର କୋଟି ଏବଂ ବିଭିନ୍ନ ବିଭାଗ ଦ୍ୱାରା ସମର୍ପିତ ହୋଇଥିବା ୪,୧୪୪.୫୦ କୋଟି ଟଙ୍କାରୁ ସମ୍ବଳ ସଂଗ୍ରହ କରାଯିବ।

ଅତିରିକ୍ତ ବଜେଟରେ ପୌର ନିର୍ବାଚନ ପାଇଁ ଇଭିଏମ୍ କିଣାଯିବାକୁ ୧୬.୧୧ କୋଟି ବ୍ୟୟବରାଦ କରାଯାଇଥିବାବେଳେ ଡାକ୍ତରଖାନାଗୁଡ଼ିକର ମ୍ୟୁନିସିପାଲିଟି ଟିକସ ଦେୟ ବାବଦକୁ ୨୪.୮୪ କୋଟି ଟଙ୍କା ବରାଦ କରାଯାଇଛି। ସ୍ଥାନୀୟ ପୌରସଂସ୍ଥା ପାଇଁ ୪୨୦ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ଅଟକଳ କରାଯାଇଛି। ବିଧାନସଭା ପରିସରରେ ନିର୍ମାଣ ଓ ନବୀକରଣ ଲାଗି ୮.୪୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ମୋ ସରକାର ଯୋଜନାରେ ଥାନାଗୁଡ଼ିକରେ ଖର୍ଚ୍ଚ ପାଇଁ ୬୪ କୋଟି, ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର କୋର୍ଟ ପାଇଁ ୫.୭୯ କୋଟି, ଓଡ଼ିଶା ଉଠା ଜଳସେଚନ ନିଗମ(ଓଏଲ୍‌ଆଇସି) ପାଇଁ ୨୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଆରଏଫ୍)କୁ ଅତିରିକ୍ତ ବଜେଟରୁ ୬.୫୨ କୋଟି ଟଙ୍କା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। କୃଷକ କଲ୍ୟାଣ ଓ ଖାଦ୍ୟ ନିରାପତ୍ତା ଲାଗି ୫୨୭.୪୦ କୋଟି ବ୍ୟୟବରାଦ କରାଯାଇଥିବା ବେଳେ ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରିମିୟମ୍ ବାବଦକୁ ୧୯୦ କୋଟି, ୧ ଟଙ୍କିଆ ଚାଉଳ ବଣ୍ଟନ ପାଇଁ ୧୮୫.୫୨ କୋଟି, ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ପାଇଁ ୧୦ କୋଟି, ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ପାଇଁ ୫୦୧.୫୬ କୋଟି, ଜନସ୍ୱାସ୍ଥ୍ୟ ସେବା ପାଇଁ ୪୫୯ କୋଟି, ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୩୭୦ କୋଟି, ନିର୍ମଳ ଯୋଜନା ପାଇଁ ୧୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ମହିଳା ଓ ଶିଶୁ ବିକାଶ ପାଇଁ ୨୬୦.୯୦ କୋଟି ବ୍ୟୟବରାଦ କରାଯାଇଛି। ସେଥିରୁ ଅତିରିକ୍ତ ପୁଷ୍ଟି କାର୍ଯ୍ୟକ୍ରମ ପାଇଁ ୧୯୦.୨୮ କୋଟି, ଅଙ୍ଗନୱାଡି କେନ୍ଦ୍ରର ମରାମତି ପାଇଁ ୧୧.୮୦ କୋଟି, ଅନୁସୂଚିତ ଜାତି ଓ ଜନଜାତିଙ୍କ ବିକାଶ ପାଇଁ ୧୧୪.୭୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ଶିକ୍ଷା, କ୍ରୀଡ଼ା ଓ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ମୋଟ୍ ୧୦୭୩.୦୩ କୋଟି, ଗ୍ରାମ୍ୟ ଉନ୍ନୟନ ପାଇଁ ୯୪୮.୫୫ କୋଟି, ବସୁଧା ଯୋଜନାରେ ପାଇପ୍ ଜଳଯୋଗାଣ ପାଇଁ ୩୬୦ କୋଟି, ଜାତୀୟ ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପ ଯୋଜନା ପାଇଁ ୧୦୦ କୋଟି, ଏନ୍‌ଆର୍‌ଏଲ୍‌ଏମ୍ ଯୋଜନା ଅନ୍ତର୍ଗତ ଜୀବିକା ସୃଷ୍ଟି ପାଇଁ ୨୦୦.୫୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସହରାଞ୍ଚଳ ଉନ୍ନୟନ ପାଇଁ ୪୧୬.୮୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେଥିରୁ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୨୦୦ କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି। ଭିତ୍ତିଭୂମି ଓ ଶିଳ୍ପକ୍ଷେତ୍ର ପାଇଁ ଅତିରିକ୍ତ ବଜେଟରେ ୨୬୨୩.୩୫ କୋଟି, ଆର୍‌ଜିଜିଭିୱାଇ ପାଇଁ ୮୦୦ କୋଟି, ମାଓବାଦୀ ପ୍ରଭାବିତ ଅଞ୍ଚଳରେ ରାସ୍ତା ନିର୍ମାଣ ପାଇଁ ୧୬୬.୫୦ କୋଟି, ବିଜୁ ସେତୁ ଯୋଜନାରେ ସେତୁ ନିର୍ମାଣ ପାଇଁ ୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି।

## ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ

### କେଉଁ ବିଭାଗ କେତେ ପାଇଲେ

| ବିଭାଗ | ଅନୁଦାନ (କୋଟିରେ) |
|---|---|
| ସ୍ୱରାଷ୍ଟ୍ର | ୨୫୭.୯୧ |
| ଜିଏ ଆଣ୍ଡ ପିଜି | ୧୫.୯୨ |
| ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | ୫୪.୮୮ |
| ଆଇନ ବିଭାଗ | ୬.୭୩ |
| ଅର୍ଥ | ୦.୦୦ |
| ବାଣିଜ୍ୟ | ୦.୩୬ |
| ପୂର୍ତ୍ତ | ୧୭୫୧.୪୩ |
| ବିଧାନସଭା | ୧୦.୪୦ |
| ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ | ୩୨୭.୫୦ |
| ବିଦ୍ୟାଳୟ ଓ ଗଣଶିକ୍ଷା | ୯୨୧.୦୯ |
| ଏସ୍‌ଟି,ଏସ୍‌ସି ଉନ୍ନୟନ ଏବଂ ସଂଖ୍ୟାଲଘୁ, ଓବିସି ବିକାଶ | ୧୪୫.୨୫ |
| ସ୍ୱାସ୍ଥ୍ୟ | ୪୯୧.୨୨ |
| ଗୃହ ନିର୍ମାଣ, ନଗର ଉନ୍ନୟନ | ୮୫୯.୦୨ |
| ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | ୩.୨୪ |
| କ୍ରୀଡ଼ା ଓ ଯୁବସେବା | ୬୦.୦୬ |
| ଯୋଜନା ଓ ସଂଯୋଜନା | ୨୨.୭୭ |
| ପଞ୍ଚାୟତିରାଜ, ପାନୀୟ ଜଳ | ୯୦୨.୦୯ |
| ପିଜି ଆଣ୍ଡ ପିଏ | ୦.୦୦ |
| ଶିଳ୍ପ | ୨୫.୦୭ |
| ଜଳସମ୍ପଦ | ୩୬.୧୩ |
| ପରିବହନ | ୬୮.୬୩ |
| ଜଙ୍ଗଲ ଓ ପରିବେଶ | ୮୫.୬୫ |
| କୃଷି | ୦.୦୧ |
| ଇସ୍ପାତ ଓ ଖଣି | ୦.୦୦ |
| ସୂଚନା ଓ ଲୋକସମ୍ପର୍କ | ୨୦.୪୬ |
| ଅବକାରୀ | ୩.୪୯ |
| ବୈଷୟିକ ବିଭାଗ | ୨.୧୯ |
| ଗ୍ରାମ୍ୟ ଉନ୍ନୟନ | ୫୫.୩୫ |
| ସଂସଦୀୟ ବ୍ୟାପାର | ୧.୭୫ |
| ଶକ୍ତି | ୮୫୧.୧୫ |
| ହସ୍ତତନ୍ତ, ବୟନଶିଳ୍ପ | ୦.୦୮ |
| ପର୍ଯ୍ୟଟନ | ୪୫.୫୩ |
| ମତ୍ସ୍ୟ, ପଶୁସମ୍ପଦ | ୧୧.୩୯ |
| ସମବାୟ | ୧୯୧.୦୩ |
| ସରକାରୀ ଉଦ୍ୟୋଗ | ୦.୪୦ |
| ମହିଳା, ଶିଶୁ ବିକାଶ, ମିଶନ ଶକ୍ତି | ୨୬୧.୨୫ |
| ଇ ଆଣ୍ଡ ଆଇଟି | ୧୭.୦୧ |
| ଉଚ୍ଚଶିକ୍ଷା ବିଭାଗ | ୩୪.୫୩ |
| ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା | ୭୧.୫୭ |
| ଏମ୍‌ଏସ୍‌ଏମ୍‌ଇ | ୦.୦୦ |
| ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ | ୫୦୪.୧୯ |
| ବିପର୍ଯ୍ୟୟ ପରିଚାଳନା | ୬.୫୨ |
| ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି | ୩.୦୭ |
| **ସର୍ବମୋଟ** | ୮୧୨୬.୩୨ |

## ବନ୍ଧା ହେଲେ...

(ନଂ ୨୫୪/୧୯)ରୁଜୁକରିବା ସହ ସେ ସମୟର ସମସ୍ତ ନିଯୁକ୍ତି ସମ୍ପର୍କିତ କାଗଜପତ୍ର ଓ ସାର୍ଟିଫିକେଟ ଜବତ କରିଛି। ବିଳମ୍ବିତ ରାତିରେ ପୋଲିସ ସଂପୃକ୍ତ ଡାକ୍ତରଙ୍କୁ ଥାନାକୁ ଆଣି ପଚରାଉଚରା ଆରମ୍ଭ କରିଥିଲା। ଏସ୍‌ପି ସୌମ୍ୟା ମିଶ୍ରାଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଏସ୍‌ପି ରବିନାରାୟଣ ବାରିକ, ଡିଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ, ଟାଉନ ଥାନା ଆଇଆଇସି ବିଭିଷ କୁମାର ପ୍ରଧାନ ପ୍ରମୁଖ ତାଙ୍କୁ ମାରାଥନ୍ ଜେରା କରିଥିଲେ। ଶେଷରେ ତାଙ୍କୁ ଗିରଫ କରାଯାଇ ରାତି ପ୍ରାୟ ସାଢ଼େ ୭ଟାରେ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ବିରୋଧରେ ଦଫା ୪୨୦, ୪୬୫, ୪୬୮, ୪୭୧ରେ ମାମଲା ରୁଜୁ ହୋଇଛି।

ଝାଡ଼ଖଣ୍ଡର ମୂଳ ବାସିନ୍ଦା ପଦ୍ମନାଭ ରାଉରକେଲା ସେକ୍ଟର ୭ସ୍ଥିତ ଇସ୍ପାତ୍ ଶିକ୍ଷାସଦନରୁ ୧୯୮୯ ମସିହା ସେପ୍ଟେମ୍ବରରେ ତୃତୀୟ ଶ୍ରେଣୀରେ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷାରେ ପାସ୍ କରିଥିଲେ। ରାଉରକେଲା ଇସ୍ପାତ ମହାବିଦ୍ୟାଳୟରୁ ୧୯୯୧ରେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ତୃତୀୟ ଶ୍ରେଣୀରେ ପାସ କରିଥିଲେ। ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜରୁ ୨୦୦୨ରେ ଏମ୍‌ବିବିଏସ୍ ପାସ୍ କରିଥିବା ନେଇ ନିଯୁକ୍ତି ବେଳେ ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କ ନିକଟରେ ଦାଖଲ କରିଥିବା ସାର୍ଟିଫିକେଟରୁ ଜଣାଯାଇଛି। ଏପରି କି ଗତ କିଛିଦିନ ଧରି ଏହି ଡାକ୍ତରୀ ସାର୍ଟିଫିକେଟ ଦେଖାଇ ସେ ରାଉରକେଲା ହାଇଟେକ୍ ମେଡିକାଲ, ବନ୍ଧମୁଣ୍ଡା ରେଳବିଭାଗ ଡାକ୍ତରଖାନା ଓ ରାଉରକେଲା ଇସ୍ପାତ କାରଖାନା ଡାକ୍ତରଖାନାରେ ରୋଗୀ ସେବା କରିଆସୁଥିଲେ। ହେଲେ ତାଙ୍କ ସାର୍ଟିଫିକେଟର ସତ୍ୟତା ନେଇ ସନ୍ଦେହ ସୃଷ୍ଟି ହେବାରୁ ତଡା ଖାଇଥିଲେ। ୨୦୧୬ରେ ତତ୍କାଳୀନ ସିଡିଏମ୍‌ଓ ଶଶୀଭୂଷଣ ନାଏକଙ୍କ ସମୟରେ ତାଙ୍କୁ ଚୁକ୍ତିଭିତ୍ତିକ ସରକାରୀ ଡାକ୍ତର ଭାବେ ନିଯୁକ୍ତି ମିଳିଥିଲା। ମାତ୍ର ନୂଆଁଗାଁ ଅଞ୍ଚଳରେ ତାଙ୍କ ରୋଗୀ ସେବାକୁ ନେଇ ପୁଣି ସନ୍ଦେହ ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଗତ ୩ମାସ ତଳେ ଅଞ୍ଚଳବାସୀଙ୍କ ତରଫରୁ ଜିଲାପାଳଙ୍କଠାରେ ଅଭିଯୋଗ କରାଯାଇଥିଲା। ତାଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯିବା ପରେ ସେପ୍ଟେମ୍ବର ୨୭ ତାରିଖରେ ଧରିତ୍ରୀରେ ଏ ସଂକ୍ରାନ୍ତରେ ପ୍ରଥମେ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ସ୍ୱାସ୍ଥ୍ୟ ବିଭାଗର ତତ୍ପରତା ପ୍ରକାଶ ପାଇଥିଲା। ଏହା ଦେଖି ପଦ୍ମନାଭ ଜିଲା ମୁଖ୍ୟ ଚିକିତ୍ସାଳୟର କେତେଜଣ କର୍ମଚାରୀଙ୍କୁ ହାତ କରି ଅନ୍ୟତ୍ର ବଦଳି ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଟିକିଏ ଟିକିଏ କଥାରେ ଅଯଥା ଭାବପ୍ରବଣ ହେଲେ ନିଜ ପାଇଁ ତାହା କ୍ଷତିର କାରଣ ହେବ। ଶିଳ୍ପ, ବ୍ୟବସାୟ ,ବାଣିଜ୍ୟରେ ମାଲପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ କିନ୍ତୁ ସମୟାନ୍ତରେ ସମାଧାନ ମଧ୍ୟ ହୋଇଯିବ।

**ବୃଷ** ଗତକାଲି ଠାରୁ ଯାହା ଭାବୁଛନ୍ତି ଶୀଘ୍ର କରିବା ଭଲ ହେବ ନଚେତ୍ ପରକ୍ଷଣରେ ପରିସ୍ଥିତି ବଦଳି ଯାଇପାରେ। ପ୍ରିୟ ବନ୍ଧୁଙ୍କ ଆଗରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଗଲେ ପରେ ପସ୍ତେଇବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଉଚ୍ଚ ମାନର ଫଳ ପାଇବେ।

**ମିଥୁନ** ପରିସ୍ଥିତିକୁ ଦେଖି କାମ କରିଚାଲିଲେ ଲକ୍ଷ୍ୟପୂରଣରେ ଅସୁବିଧା ରହିବ ନାହିଁ। ନିଜର ବୁଦ୍ଧି ଖଟାଇ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହୋଇପାରନ୍ତି। ଆଜି ବ୍ୟବସାୟୀମାନେ ଭଲ ବ୍ୟବସାୟ ହେବା କାରଣରୁ ଖୁସି ରହିବେ। ହିତୈଷୀମାନଙ୍କ ପରାମର୍ଶରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କର୍କଟ** କର୍ମକ୍ଷେତ୍ରରେ ବିବଦମାନ ସ୍ଥିତି ବନ୍ଧୁଙ୍କ ସହାୟତାରେ ସମାଧାନ ଦିଗକୁ ଗତି କରିବ। ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅର୍ଥର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପାରେ। ସକାଳୁ ସକାଳୁ ମାଙ୍ଗଳିକ କାମ କିମ୍ବା ଧର୍ମାନୁଷ୍ଠାନ ଦିଗ ସକାଶେ ଖିଆପିଆ ଛାଡି ବୁଲିବେ। ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡିପାରେ।

**ସିଂହ** ଯାତ୍ରା କାଳରେ କିମ୍ବା କର୍ମକ୍ଷେତ୍ରରେ ନିଜର ଅସାବଧାନତାବଶତଃ ଧନ ହାନି କିମ୍ବା ଆଘାତପ୍ରାପ୍ତ ହୋଇପାରନ୍ତି। ପରିବହନରେ, ଗୃହ ନିର୍ମାଣରେ, ସଭା ସମିତିରେ କ୍ରମଶଃ ସ୍ଥିରତା ଫେରିଆସିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ନିଜ ବଂଶର ଲୋକମାନଙ୍କ ଚାପର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା** ଦୂରଯାତ୍ରା, ସ୍ତ୍ରୀଙ୍କ ସହ ମତାନ୍ତର ଓ ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି କରିବ। ଅତି ନିକଟରେ ରହୁଥିବା କୌଣସି ବ୍ୟକ୍ତିଙ୍କ ଦ୍ୱାରା ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। କଳା ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଗୁରୁତ୍ୱପୂର୍ଣ୍ଣ କାମ ସକାଶେ କିଛି ସହଯୋଗ ଲାଗି ବନ୍ଧୁଙ୍କୁ ମନର କଥା କହିବେ।

**ତୁଳା** କୌଣସି ମହିଳାଙ୍କ ପ୍ରତିବାଦ କାମକୁ ଭଣ୍ଡୁର କରିଦେଇପାରେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିବ। ଆକସ୍ମିକ ଭାବେ ଧାତୁ, ଅଳଙ୍କାର କିମ୍ବା ବସ୍ତ୍ରଭୂଷଣ ଲାଭ କରିପାରନ୍ତି। ବ୍ୟବସାୟରେ ସମସ୍ୟା ରହିବ ନାହିଁ। ଆନୁଷ୍ଠାନିକ କିମ୍ବା ପରିବାରରେ ସାହାଯ୍ୟର ଅଭାବ ରହିବ ନାହିଁ।

**ବିଛା** ଲକ୍ଷ୍ୟପୂରଣ କ୍ଷେତ୍ରରେ ପାଖ ପଡ଼ୋଶୀଙ୍କ ଅବଦାନ ସ୍ମରଣୀୟ ରହିବ। ପାରସ୍ପରିକ ଆଲୋଚନା ଓ ବୁଝାମଣା ମାଧ୍ୟମରେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। କର୍ମକ୍ଷେତ୍ରରେ ଭାବପ୍ରବଣ ବଶତଃ ଭିନ୍ନ ପ୍ରକାରର କଥାବାର୍ତ୍ତାକରି ଅପଦସ୍ଥ ହୋଇପାରନ୍ତି। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଆଚରଣ ମନକୁ ବ୍ୟଥିତ କରିପାରେ।

**ଧନୁ** ପାରିବାରିକ କ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଉଚ୍ଚପଦାଧିକାରୀଙ୍କ ଅନୁକମ୍ପାରେ କର୍ମକ୍ଷେତ୍ରରେ ଲାଗି ରହିଥିବା ଟେନସନ୍ ଦୂର ହେବ। ଆଜିର ଯାତ୍ରା, କ୍ରୀଡ଼ା, ଚଳଚ୍ଚିତ୍ରାଦି କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଅର୍ଥସଙ୍କଟ ଦୂରେଇଯିବା ସହ କୌଣସି ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ କରିବା ସକାଶେ ଆଲୋଚନା କରିପାରନ୍ତି।

**ମକର** ବନ୍ଧୁମେଳରେ ଯୁକ୍ତିଯୁକ୍ତ କଥା କହି ଜଟିଳ ପରିସ୍ଥିତିକୁ ସୁଧାରି ନେବେ। ଟଙ୍କା ପଇସା ନେଣଦେଣରେ ସତର୍କ ନ ରହିଲେ ପରେ ଅନୁତାପ କରିବାକୁ ପଡିପାରେ। ପାରିବାରିକ କ୍ଷେତ୍ର, ଯାନବାହନ ଚଳାଚଳ, ବ୍ୟବସାୟରେ କିଛିଟା ସମସ୍ୟା ଦେଖାଦେବ। ସହକର୍ମୀଙ୍କ ନିକଟରେ ପ୍ରତିକ୍ରିୟା ପ୍ରକାଶ କରିବା ଠିକ୍ ହେବନାହିଁ।

**କୁମ୍ଭ** କର୍ମକ୍ଷେତ୍ରରେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଅସ୍ଥିରତା ଦେଖାଦେଇପାରେ। କୌଣସି ବ୍ୟକ୍ତି ଦ୍ୱାରା ବାଧ ବାଧକତାରେ ଯାତ୍ରାରୁ ଦୂରେଇ ରହିବା ଭଲ। ଅଫିସ କାମରେ ଆଲୋଚନା ସରଗରମ ମଧ୍ୟରେ ଅସମାପ୍ତ ରହିବ। ପାରିବାରିକ ସମସ୍ୟାର ସମାଧାନ ଜଣେ ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ସମ୍ଭବ ହେବ।

**ମୀନ** ଉଚ୍ଚମନ ନେଇ କାମ କରିବେ ଏବଂ ଭଲ ସମ୍ପର୍କ ଥିବା ବ୍ୟକ୍ତିମାନଙ୍କ ସହଯୋଗ ମଧ୍ୟ ପାଇବେ। କର୍ମ କ୍ଷେତ୍ର, ଯାନବାହନ, ଦୋକାନବାଡି, ସଭା ସମିତିରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ମାଲିମକଦ୍ଦମାରେ ସଫଳତା ପାଇବେ। ବୁଝି ବିଚାରି କାମରେ ହାତ ଦିଅନ୍ତୁ।

ଆଜି ମାର୍ଗଶିର କୃଷ୍ଣପକ୍ଷ ଦ୍ୱିତୀୟା, ନଭେମ୍ବର ୧୪ ତାରିଖ, ମାଣବସା ଗୁରୁବାର ପ୍ରଥମ ପାଳି, ଶିଶୁଦିବସ, ବିଶ୍ୱ ମଧୁମେହ ଦିବସ, ରାଷ୍ଟ୍ରୀୟ ପୁସ୍ତକାଳୟ ସପ୍ତାହ (ନଭେମ୍ବର ୧୪ରୁ ୨୦), ରାଶି/ନକ୍ଷତ୍ର- ରୋହିଣୀ/ବୃଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୫।୫୯ମି. ଗତେ ଘ୭।୨୮ମି. ମଧ୍ୟେ, ଘ୧।୨୨ମି. ଗତେ ଘ୨।୫୧ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୨।୫୪ମି. ଗତେ ଘ୨।୧୭ମି. ମଧ୍ୟେ ରାହୁ କାଳ।


# classifieds Everyday
0674-2580101, 2549302

automobile

**SALE**

Toyota Fortuner, WagonR-2015 (Dec), Lancer, Elentra for sale. 7381091234, 9861194627. D-68418

**HIRE**

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email- enquiry@kttorissa.com D-15185

**GENERAL SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68404

real estate

**SALE**

ଭୁବନେଶ୍ୱର New Railwaystation 30ft Road ଥାଇ sqft. 480/-, Ragistration, Conversion, Mutation free. 6371406921, 9439690111. D-68505

**30' revenue ରାସ୍ତାଥାଇ 3200sqft. ଘରବାରି, BDA yellowzone boundary plot AIIMS Hospital ପାଖରେ ବିକ୍ରିହେବ। 6370292040.** D-68424

(Schedule Caste) 19 ଗୁଣ୍ଠ ଜମି ଭିଙ୍ଗାରପୁର ହସଂପାଳଠାରେ ବିକ୍ରିହେବ। 9937816565, 9937568585. D-68170

ସ୍ଥିତିବାନ ବାସପୋଯୋଗୀ ଜମି 60ft ପିଚୁରାସ୍ତାକୁ ଲାଗି ବିକ୍ରିହେବ। 9937816565, 9937568585. D-68171

**Gharabari 5ft boundarywall complete plot sale Chhatabar bypass roadside 3k.m. from 2nd infosys 6000sqft. 36,00,000/- (3side simplex) 9861281504.** D-68423

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68177

**NH-16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ପୋଜେସନ୍ ଥାଇ 399/ରେ ମିଳୁଛି। 7873894075.** D-68415

**100ft. Revenue ପିଚୁରାସ୍ତାକୁ ଲାଗି ଘରବାରି, ବାଉଣ୍ଡାରୀ Commercial/Residential ପ୍ଲଟ୍ 14,40,000/- ଧଉଳି ଶାନ୍ତିସ୍ତୁପ ପାଖରେ ମିଳୁଛି। 9437033320.** D-68426

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

to-let

One BHK bachelor accomodation for rent Satabdi Nagar, Bhubaneswar. Contact: 9438658196. D-68178

healthcare

Rejuvenate and ayurvedic full body massage by smart therapist. 9114402304. D-68145

Ayurvedic full body massage ladies & gents smart therapist, 9040900385. D-68701

Refresh your mind and soul with best therapy at Orchid Salon/Spa. 9937287222. D-66998

Ayurvedic full body massage ladies/ gents smart experts therapist: 8480939300. D-66994

Full body herbal massage with refreshment expert therapist. 7381239385, 06742540855. D-68172

Experience full body massage with us (expert). Call: 7377048581, 06742597822. D-68173

Herbal full body massage by smart / expert therapist. Contact: 8338067247. D-68174

Summer special mesmerizing offer expert therapeutic refreshing massage appointment. 9668374480. D-68175

Newly open full body massage by ladies, gents therapist. 8018656899 D-60850

Ayurvedic full body massage by ladies, gents therapist. 7008773793 D-60851

Ayurvedic full body massage ladies & gents smart therapist, 9668814589. D-68702

**AFFIDAVIT**

ଏତଦ୍ଦ୍ୱାରା ମୁଁ ଧ୍ରୀତି ରଞ୍ଜନା ପାଳ, ପି: ରବି ଚନ୍ଦ୍ର ପାଳ, ସା/ପୋ/ଥାନା: ବାଲିଗୁଡ଼ା, ଜିଲ୍ଲା: କନ୍ଧମାଳ ସତ୍ୟପାଠ ମାଧ୍ୟମରେ ଘୋଷଣା କରୁଛି ଯେ, ମୋର ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ରରେ Palo ଅଛି, କିନ୍ତୁ ତାହା ବାସ୍ତବରେ Pal ଅଟେ। ମୋର ଭୋଟ ପରିଚୟ ପତ୍ର, ଆଧାରକାର୍ଡ଼ ଓ ପ୍ୟାନ୍‌କାର୍ଡ଼ରେ Pal ଅଛି। ଏଣୁ ମୁଁ ସମସ୍ତ ସରକାରୀ ଓ ବେସରକାରୀ କାଗଜ ପତ୍ରରେ Dhriti Ranjana Pal ଭାବେ ପରିଗଣିତ ହେବି। D-15209

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଶ୍ରଦ୍ଧାବାନ ହୁଅ, ବୀର୍ଯ୍ୟବାନ ହୁଅ, ଆତ୍ମଜ୍ଞାନ ଲାଭ କର, ଆଉ ପରହିତରେ ଜୀବନଯାପନ କର ଏହା ମୋର ଇଚ୍ଛା ଓ ଆଶୀର୍ବାଦ।
- ସ୍ୱାମୀ ବିବେକାନନ୍ଦ

## ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

# ଶ୍ୟାମାମଣି, ଉପେନ୍ଦ୍ର ପାଇଲେ 'କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ସମ୍ମାନ'

**ଭୁବନେଶ୍ୱର, ୧୩।୧୧ (ବ୍ୟୁରୋ)**

ନୃତ୍ୟ, ସଙ୍ଗୀତ ଓ ନାଟ୍ୟକଳା କ୍ଷେତ୍ରରେ ବିଶେଷ ଅବଦାନ ତଥା ଆଜୀବନ ସାଧନା ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ୨୦୧୭ ଏବଂ ୨୦୧୮ ମସିହା ନିମନ୍ତେ ଏକାଡେମୀର ସର୍ବୋଚ୍ଚ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ସମ୍ମାନ ଏବଂ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ବୁଧବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କ୍ରମରେ ୨୦୧୭ ଲାଗି କଟକର ବିଶିଷ୍ଟ ଓଡ଼ିଶୀ କଣ୍ଠସଙ୍ଗୀତ ଶିଳ୍ପୀ ଡ. ଶ୍ୟାମାମଣି ଦେବୀ ଏବଂ ୨୦୧୮ ନିମନ୍ତେ ଗଞ୍ଜାମର ପ୍ରଖ୍ୟାତ ଦାସକାଠିଆ ଶିଳ୍ପୀ ଉପେନ୍ଦ୍ର କୁମାର ପାଣିଗ୍ରାହୀଙ୍କୁ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ପ୍ରତିଭାଙ୍କୁ ସମ୍ମାନିତ କରିଥିଲେ।

ଏହି ଅବସରରେ ୨୦୧୭ ଏବଂ ୨୦୧୮ ଦୁଇବର୍ଷ ପାଇଁ ଏକାଡେମୀ ସମ୍ମାନ ପ୍ରଦାନ କରାଯାଇଥିଲା। ୨୦୧୭ ଲାଗି ଓଡ଼ିଶୀ କଣ୍ଠସଙ୍ଗୀତରେ ଶାନ୍ତିଲତା ବାରିକ ଛୋଟରାୟ, ହିନ୍ଦୁସ୍ତାନୀ କଣ୍ଠସଙ୍ଗୀତରେ ଅଳକା ଚାନ୍ଦ, ଯନ୍ତ୍ରସଙ୍ଗୀତ-ସୁଶୀର/ତାରରେ ରବିଶଙ୍କର ପ୍ରଧାନ, ଯନ୍ତ୍ରସଙ୍ଗୀତ-ଆନଦ୍ଧ ବାଦ୍ୟରେ କାଳନ୍ଦୀ ଚରଣ ପରିଡ଼ା, ସୁଗମ ସଙ୍ଗୀତରେ ଡ. ସୁଧା ମିଶ୍ର, ଲୋକବାଦ୍ୟରେ ଆଲୋକ ପ୍ରକାଶ ଦାସ, ଲୋକସଙ୍ଗୀତରେ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ନାଟ୍ୟ ରଚନାରେ ହେମେନ୍ଦ୍ର ମହାପାତ୍ର, ଅଭିନୟରେ ବୃନ୍ଦାବନ ବାରିକ ଓ ବିଦ୍ୟୁତ୍‌ପ୍ରଭା ପଟ୍ଟନାୟକ, ନିର୍ଦ୍ଦେଶନା କ୍ଷେତ୍ରରେ ପ୍ରସନ୍ନ ମିଶ୍ର, ମଞ୍ଚକଳାରେ ଅନ୍ତର୍ଯ୍ୟାମୀ ପଣ୍ଡା, ଓଡ଼ିଶୀ ନୃତ୍ୟରେ ବ୍ରଜକିଶୋର ମଲ୍ଲିକ, ଲୋକନୃତ୍ୟରେ ନୀଳକଣ୍ଠ ତରେଇ, ଲୋକନାଟ୍ୟରେ ଡ. କେଶରଞ୍ଜନ ପ୍ରଧାନ, ଗୀତି-କବିତାରେ ମୀନାକ୍ଷୀ ଦେବୀଙ୍କୁ ଏକାଡେମୀ ସମ୍ମାନ ଦିଆଯାଇଥିଲା। ସେହିଭଳି ୨୦୧୮ ଲାଗି ଓଡ଼ିଶୀ କଣ୍ଠସଙ୍ଗୀତରେ ସୀମାଞ୍ଚଳ ଦାସ, ହିନ୍ଦୁସ୍ତାନୀ କଣ୍ଠସଙ୍ଗୀତରେ ହରିହର ରଥ, ଯନ୍ତ୍ର ସଙ୍ଗୀତ-ସୁଶୀର/ତାରରେ ରମେଶ ଚନ୍ଦ୍ର ଦାସ, ଯନ୍ତ୍ର ସଙ୍ଗୀତ-ଆନଦ୍ଧ ବାଦ୍ୟରେ ରାଧାକାନ୍ତ ନନ୍ଦ, ସୁଗମ ସଙ୍ଗୀତରେ ଗୀତା ଦାଶ, ଲୋକବାଦ୍ୟରେ ସନ୍ତୋଷ ସୁନା, ଲୋକସଙ୍ଗୀତରେ ବୀଥିକା ଚାଟାର୍ଜୀ, ନାଟ୍ୟ ରଚନାରେ ଡ. ସୁଧାଂଶୁ ନାୟକ, ଅଭିନୟରେ ନିରଞ୍ଜନ ସାହୁ ଓ ଲକ୍ଷ୍ମୀପ୍ରିୟା ମିଶ୍ର, ନାଟ୍ୟ ନିର୍ଦ୍ଦେଶନାରେ ହରେନ ସାହୁ, ମଞ୍ଚକଳାରେ ସଂଗ୍ରାମ କେଶରୀ ମହାରଣା, ଓଡ଼ିଶୀ ନୃତ୍ୟରେ ମୀରା ଦାସ, ଲୋକନୃତ୍ୟରେ ମାଗୁଣି ଜେନା, ଲୋକନାଟ୍ୟରେ ବିଜୟ କୁମାର ବହଳି ଏବଂ ଗୀତି-କବିତାରେ ବଦ୍ରି ମିଶ୍ରଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ସମ୍ମାନ ବାବଦରେ ୧ଲକ୍ଷ ଟଙ୍କା ଏବଂ ଏକାଡେମୀ ପୁରସ୍କାର ବାବଦରେ ୫୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଥିଲା।

### ଦୁଇବର୍ଷ ପାଇଁ ଦିଆଗଲା ଏକାଡେମୀ ପୁରସ୍କାର



ପୁରସ୍କୃତ ପ୍ରତିଭାମାନଙ୍କ ଗହଣରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ।

### ନିୟମିତ ହେବ ପୁରସ୍କାର ପ୍ରଦାନ: ମନ୍ତ୍ରୀ

ଆଗାମୀ ବର୍ଷଠାରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ ଶୃଙ୍ଖଳିତ ହେବାସହ ପ୍ରତିବର୍ଷ ନିୟମିତଭାବେ ପ୍ରଦାନ କରାଯିବ ବୋଲି ଏହି ଅବସରରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସୂଚନା ଦେଇଥିଲେ। ନୃତ୍ୟ, ସଙ୍ଗୀତ ଏବଂ ନାଟକ କ୍ଷେତ୍ରରେ ବରିଷ୍ଠ କଳାକାରମାନେ ଅଧିକ ଶିଷ୍ୟାଶିଷ୍ୟ ସୃଷ୍ଟିକରି କଳାର ସୁଦୂର ପ୍ରସାର କରିବା ସହ ସରକାରଙ୍କ ପକ୍ଷରୁ ବ୍ରାଣ୍ଡ ଆମ୍ବାସାଡର ଭାବେ କଳା, ସଂସ୍କୃତିର ପ୍ରଚାର ପ୍ରସାର କରିବାକୁ ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଯୋଗଦେଇ ପୁରସ୍କାରକୁ ନେଇ ଉଠିଥିବା ବିବାଦ ସମ୍ପର୍କରେ କହିଥିଲେ। ସମସ୍ତେ ମହାନ୍ ଶିଳ୍ପୀ ଏବଂ ସର୍ବସମ୍ମତିକ୍ରମେ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିବା ସେ କହିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ରାମକୃଷ୍ଣ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ବିଜୟ ଜେନା ଧନ୍ୟବାଦ ଦେଇଥିଲେ। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଶିଶୁ ଦିବସ ଅବସରରେ ପଚରାଯାଇଥିବା କିଛି ପ୍ରଶ୍ନ
ଦେଖନ୍ତୁ ଭିଡିଓ
YouTube /dharitrilive

# ବୁଲ୍‌ବୁଲ୍ କ୍ଷୟକ୍ଷତି ଆକଳନ ପାଇଁ ୧୪ରେ ଆସିବ କେନ୍ଦ୍ରୀୟ ଟିମ୍

**ଭୁବନେଶ୍ୱର, ୧୩।୧୧ (ବ୍ୟୁରୋ)**

ସାମୁଦ୍ରିକ ଝଡ଼ ବୁଲ୍‌ବୁଲ ଯୋଗୁ କେତେ କ୍ଷୟକ୍ଷତି ହୋଇଛି ତା'ର ଆକଳନ କରିବା ଲାଗି କେନ୍ଦ୍ର ସରକାରଙ୍କ ଆନ୍ତଃ-ମନ୍ତ୍ରଣାଳୟର ଏକ ପ୍ରତିନିଧି ଦଳ ଆସନ୍ତା ୧୪ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ବୁଲ୍‌ବୁଲ୍ କ୍ଷୟକ୍ଷତି ଆକଳନ କରିବା ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସାହେଲି ଘୋଷ ରାୟଙ୍କ ନେତୃତ୍ୱରେ ଆନ୍ତଃ-ମନ୍ତ୍ରଣାଳୟ ପ୍ରତିନିଧି ଦଳ ଆସିବେ। ଏହି ପ୍ରତିନିଧି ଦଳରେ ଶକ୍ତି ମନ୍ତ୍ରଣାଳୟର ମୁଖ୍ୟ ଯନ୍ତ୍ରୀ ବନ୍ଦନା ସିଂଘାଲ, ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗ କନ୍ସଲଟାଣ୍ଟ ଦୀନା ନାଥ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଉପସଚିବ ଏସ୍.ଏସ୍. ମୋଦି, କେନ୍ଦ୍ରୀୟ ଜଳ ଆୟୋଗ ସୁପରିଣ୍ଟେଣ୍ଡେଣ୍ଟ ଯନ୍ତ୍ରୀ ଅମରିଶ ପାଲ୍ ସିଂ, କୃଷି ବିଭାଗ ପାଟଣା ସ୍ଥିତ ଡିଆର୍‌ଡି ନିର୍ଦ୍ଦେଶକ ବୀରେନ୍ଦ୍ର ସିଂ ଓ ସଡ଼କ ପରିବହନ ମନ୍ତ୍ରଣାଳୟର ଭୁବନେଶ୍ୱର ଆଞ୍ଚଳିକ ଅଧିକାରୀ ସୁନୀଲ୍ କୁମାର ସାମିଲ ଅଛନ୍ତି। ସୂଚନାଯୋଗ୍ୟ, ପ୍ରାଥମିକ ଆକଳନ ଅନୁଯାୟୀ ବୁଲ୍‌ବୁଲ୍ ପ୍ରଭାବରେ ୬ ଜିଲାରେ ୩ଲକ୍ଷ ହେକ୍ଟର ଜମିରେ ଫସଲ ଓ ୫୫୦୦ ବାସଗୃହ ନଷ୍ଟ ହୋଇଛି। କେନ୍ଦ୍ରୀୟ ଟିମ୍ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଆଦି ଅଞ୍ଚଳ ବୁଲିବେ ବୋଲି ଜଣାପଡ଼ିଛି।



ବ୍ରହ୍ମପୁରସ୍ଥିତ ଏସ୍‌ଏମ୍‌ଆଇଟି ଗଣଯୋଗାଯୋଗ ବିଭାଗ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନେ କଲେଜ ଅଧକ୍ଷା, ଅଧ୍ୟାପିକାଅଧ୍ୟାପକଙ୍କ ସହିତ ବୁଧବାର 'ଧରିତ୍ରୀ' ପରିଦର୍ଶନରେ ଆସିଥିଲେ। ଏହି ଅବସରରେ 'ଧରିତ୍ରୀ' ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସମେତ ଅନ୍ୟମାନେ।

# ବିଧାୟିକା ଭାବେ ଶପଥ ନେଲେ ରୀତା ସାହୁ



ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ରୀତା ସାହୁ ଶପଥପାଠ କରାଉଛନ୍ତି।

**ଭୁବନେଶ୍ୱର, ୧୩।୧୧ (ବ୍ୟୁରୋ)**

ବରଗଡ଼ ଜିଲା ବିଜେପୁର ବିଧାୟିକାଭାବେ ରୀତା ସାହୁ ବୁଧବାର ଶପଥ ଗ୍ରହଣ କରିଛନ୍ତି। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ପ୍ରକୋଷ୍ଠରେ ରୀତା ପଦ ଓ ଗୋପନୀୟତାର ଶପଥ ପାଠ କରିଥିଲେ। ବାଚସ୍ପତି ପାତ୍ର ରୀତାଙ୍କୁ ଶପଠ ପାଠ କରାଇବା ସହ ଅଭିନନ୍ଦନ ଜଣାଇଥିଲେ। ରୀତା ଦ୍ୱିତୀୟ ଥର ପାଇଁ ବିଧାନସଭାରେ ପ୍ରବେଶ କରିଛନ୍ତି। ଗତ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ବିଜେପୁରରୁ ବିଜେଡିରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ଏହାର କିଛିଦିନ ପରେ ନିଜ ପାରମ୍ପରିକ ହିଞ୍ଜିଳି ଆସନକୁ ରଖି ବିଜେପୁର ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। ଯାହାଦ୍ୱାରା ଗତ ମାସରେ ବିଜେପୁରରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ରୀତା ସାହୁ ବିପୁଳ ଭୋଟ୍‌ରେ ବିଜୟୀ ହୋଇଥିଲେ।

## ପାରିବାରିକ କଳହରୁ ସ୍ତ୍ରୀଙ୍କୁ ପିଟି ହତ୍ୟା

**ଉଦଳା, ୧୩।୧୧ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ନାବରା ବିସ୍ଥାପିତ କଲୋନୀରେ ମଙ୍ଗଳବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହରୁ ସ୍ତ୍ରୀଙ୍କୁ କାଠଫାଳିଆରେ ପିଟିପିଟି ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ବିସ୍ଥାପିତ କଲୋନୀରେ ବସବାସ କରୁଥିବା ରାସାଏ ହୋ ଏବଂ ତାଙ୍କ ସ୍ତ୍ରୀ ବାସନ୍ତୀ ମଙ୍ଗଳବାର ରାତିରେ ଖାଇସାରି ଶୋଇଥିଲେ। ବିଳମ୍ବିତ ରାତିରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସ୍ୱାମୀ ରାସାଏ ଏକ କାଠଫାଳିଆରେ ବାସନ୍ତୀଙ୍କୁ ପିଟିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସକାଳେ ବାସନ୍ତୀଙ୍କ ମୃତଦେହ ଘର ଖଟ ଉପରେ ପଡ଼ି ରହିଥିବା ଦେଖି ପରିବାର ଲୋକେ ଉଦଳା ପୋଲିସ୍‌କୁ ଖବର ଦେଇଥିଲେ।



## ଜିଲା ଚିଠି
### ସୁବର୍ଣ୍ଣପୁର

## ନିୟମକୁ ଫୁ

ସରକାରୀ ହେଉ ବା ବେସରକାରୀ ସ୍କୁଲ, ଏହାର ପରିସରରେ କିମ୍ବା ନିକଟବର୍ତ୍ତୀ ଅଞ୍ଚଳରେ ଖୋଲି ପାରିବନି ବାହାର ଖାଦ୍ୟ ଓ ଜଙ୍କଫୁଡ୍‌ର ପସରା। ଛାତ୍ରୀଛାତ୍ରଙ୍କୁ ଜଙ୍କଫୁଡ୍ ଖାଇବାକୁ ଦିଆଯିବା ଦ୍ୱାରା ଭବିଷ୍ୟତରେ ସେମାନେ ମଧୁମେହ, ଉଚ୍ଚ ରକ୍ତଚାପ, ଡାଇସ୍ଲିପିଡେମିଆ ପରି ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୧୬ ମାର୍ଚ୍ଚ ୧୨ରେ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖାଯାଇଥିଲା। ଏଥିରେ କେଉଁ ପ୍ରକାର ଖାଦ୍ୟ ବିଦ୍ୟାଳୟର କ୍ୟାଣ୍ଟିନ୍ ଓ କ୍ୟାମ୍ପସ ପରିସରରେ ବିକ୍ରି ହେବ, ସେ ନେଇ ତାଲିକା ଜାରି ହୋଇଥିଲା। ତାଲିକା ଅନୁଯାୟୀ, ଚିପ୍ସ ଜାତୀୟ ଖାଦ୍ୟ ବାରଣ କରାଯାଇଥିଲା। ଏଥିସହ ମଲାଇ ଗୋଲା, ସମସ୍ତ ପ୍ରକାର ମୃଦୁ ପାନୀୟ, ମିଠା ଜାତୀୟ ପଦାର୍ଥ(ରସଗୋଲା, ଗୋଲାପ ଜାମୁ, ପେଡା, ଜିଲାପି, ବୁନ୍ଦି), ପିଜା, ବର୍ଗର, ଗୁପ୍‌ଚୁପ୍, ଦହିବରା, ସମସ୍ତ ପ୍ରକାର ଚୋବାଇବା ପଦାର୍ଥ, ଚକୋଲେଟ୍, ମଇଦାରୁ ପ୍ରସ୍ତୁତ ପିଠା ଓ ବିସ୍କୁଟ୍, ପେଟିସ୍, ଜାମ୍ ଏବଂ ଜେଲି ପରି ଖାଦ୍ୟକୁ ବାରଣ କରାଯାଇଛି। ଏଗୁଡିକ ବ୍ୟତୀତ ମିଠା ଏବଂ ଲବଣଯୁକ୍ତ ଖାଦ୍ୟ ଯେପରି ପିଲାଙ୍କୁ ଦିଆ ନ ଯିବ, ସେଥିପ୍ରତି ଅଧିକ ଧ୍ୟାନ ଦେବାକୁ କୁହାଯାଇଛି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବି ଚେତାବନୀ ଦିଆଯାଇଥିଲା। ଏହି ନିୟମକୁ ସାଢେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଲାଣି। ହେଲେ କେହି ଏହାକୁ ମାନୁ ନାହାନ୍ତି, ବେଧଡକ ଭାବେ ବିକ୍ରି ଚାଲିଛି ଜଙ୍କ୍ ଫୁଡ୍। ଅଭିଭାବକ ପଇସା ଦେଉଛନ୍ତି, ପିଲାମାନେ ଏଭଳି ଖାଦ୍ୟ ଖାଇ ଚାଲିଛନ୍ତି। ପିଲାଙ୍କଠାରୁ ଆରମ୍ଭ କରି ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ଏ ଦିଗରେ ଆଦୌ ସଚେତନ ନୁହନ୍ତି। ବେସରକାରୀ ସ୍କୁଲ ତ ଦୂରର କଥା ଖୋଦ୍ ସରକାରୀ ସ୍କୁଲଗୁଡିକରେ ସରକାରଙ୍କ ନିୟମକୁ ଏକ ପ୍ରକାର ଫୁ କରି ଦେଇଛନ୍ତି କର୍ତ୍ତୃପକ୍ଷ। ସ୍କୁଲ ଫାଟକ ସାମ୍ନାରେ ମେଲିଛି ଗୁପ୍‌ଚୁପ୍, ଚାଟ, ଦହିବରା, ଝାଲ ମଟର, ସୋଡା ପାଣି ଆଦିର ପସରା। ଖେଳ ଛୁଟି ଓ ସ୍କୁଲ ଛୁଟି ସମୟରେ ପିଲାଙ୍କ ସୁଅ ଛୁଟୁଛି ଏହି ଖାଦ୍ୟ ପସରା ଆଡକୁ। ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପସ୍ଥିତିରେ ନିର୍ଦ୍ଦ୍ୱନ୍ଦ୍ୱରେ ଖାଇ ଚାଲିଛନ୍ତି ପିଲା। ବିଦ୍ୟାଳୟ ପରିସର ଓ ନିକଟବର୍ତ୍ତୀ ଅଞ୍ଚଳରେ ଏସବୁ ବିକ୍ରି ନିଷେଧ ହୋଇଥିଲେ ମଧ୍ୟ ଆଇନକୁ ଆଖିଠାର ନ୍ୟାୟରେ ନା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଏଥିପ୍ରତି କିଛି ନିଘା ଅଛି ନା ଅଭିଭାବକଙ୍କ ଦାୟିତ୍ୱ। ସ୍କୁଲ ନିକଟରେ ଏଭଳି ବ୍ୟବସାୟ କରୁଥିବା ବେପାରୀମାନଙ୍କୁ ମଧ୍ୟ ଲଗାମ ଦେବାକୁ ପ୍ରଶାସନ ପଦକ୍ଷେପ ନେଉନି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କେବଳ ଜିଲା ଶିକ୍ଷା ଅଧିକାରୀମାନଙ୍କୁ ଚିଠି ଲେଖି ଚୁପ୍ ବସିଛି।

– ମୃତ୍ୟୁଞ୍ଜୟ ଶତପଥୀ

## କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

# ବାଲିଯାତ୍ରାକୁ 'ନ୍ୟାଶନାଲ ମ୍ୟାରିଟାଇମ୍ ହେରିଟେଜ୍ ଫେଷ୍ଟିଭାଲ' ମାନ୍ୟତା ଦିଅ

**ଭୁବନେଶ୍ୱର, ୧୩।୧୧ (ବ୍ୟୁରୋ)**

ବାଲିଯାତ୍ରାକୁ ଜାତୀୟ ପର୍ବ ମାନ୍ୟତା ଦାବି ନେଇ ବୁଧବାର କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବାଲିଯାତ୍ରା ବା ବୋଇତ ବନ୍ଦାଣ ଉତ୍ସବ ବହୁ ଦିନରୁ କଟକରେ ପାଳନ ହୋଇଆସୁଛି। ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରା ଏବଂ ଓଡ଼ିଆ ସାଧବ ପୁଅଙ୍କ ସାମୁଦ୍ରିକ ଯାତ୍ରାକୁ ମନେପକାଇବା ପାଇଁ ଏହି ଉତ୍ସବ ପାଳନ କରାଯାଇଥାଏ। ସାଧବ ପୁଅମାନେ ବୋଇତ ଯୋଗେ ସୁଦୂର ବାଲି, ଜାଭା, ସୁମାତ୍ରା ଓ ବୋର୍ଣ୍ଣିଓ ଯାଇ ସେଠାରେ ବେପାର ବାଣିଜ୍ୟ କରିବା ସହ କଳା, ସଂସ୍କୃତିର ଆଦାନପ୍ରଦାନ କରୁଥିଲେ। ଏହି ସମୃଦ୍ଧ ତଥା ଗୌରବମୟ ପରମ୍ପରାର ମୂକସାକ୍ଷୀ ଭାବେ ବାଲିଯାତ୍ରା ପାଳନ କରାଯାଉଛି। ପ୍ରତିବର୍ଷ ଏହି ମହୋତ୍ସବ ନଭେମ୍ବର ତଥା କାର୍ତ୍ତିକ ପୂର୍ଣ୍ଣମୀରୁ ଆରମ୍ଭ ହୋଇ ୭ରୁ ୧୦ଦିନ ପର୍ଯ୍ୟନ୍ତ ଚାଲିଥାଏ। ବର୍ଷକୁ ଥରେ ଆୟୋଜିତ ହେଉଥିବା ଏହି ବିଶାଳ ମୁକ୍ତାକାଶ ମେଳା ଓଡ଼ିଶାର ଏକ ପ୍ରମୁଖ ମେଳା ମହୋତ୍ସବ ମଧ୍ୟରୁ ଅନ୍ୟତମ। ପ୍ରାଚୀନ ଉତ୍କଳ କିଭଳି ନୌବାଣିଜ୍ୟ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିଲା ଏବଂ ଭାରତୀୟ ନୌବାଣିଜ୍ୟ ପରମ୍ପରାକୁ ବହୁପାଦ ଆଗକୁ ନେଇଥିଲା ତାହାର ପ୍ରମାଣ ଏବେ ବି ବାଲି, ସୁମାତ୍ରା ଓ ଜାଭା ଭଳି ଦ୍ୱୀପରେ ଦେଖିବାକୁ ମିଳେ। ବାଲିର ପର୍ବପର୍ବାଣି, ଖାଦ୍ୟ, ବେଶ ପୋଷାକ, ଭାଷା, କଳା, ସଂସ୍କୃତି ଆଦିରେ ଏବେ ବି ପ୍ରାଚୀନ ଉତ୍କଳର ପ୍ରତିଫଳନ ଦେଖିବାକୁ ମିଳିଥାଏ। ଓଡ଼ିଶାରେ ହେଉଥିବା ବାଲିଯାତ୍ରା ପ୍ରାଚୀନ ସମୟର ସେହି କଳା, ସଂସ୍କୃତି ଓ ଭାବର ଆଦାନପ୍ରଦାନକୁ ମନେପକାଇ ଦେଉଥିବା ବେଳେ ଏହା ଜାତୀୟସ୍ତରରେ ସ୍ୱୀକୃତି ପାଇବାର ଆବଶ୍ୟକତା ରହିଛି। ପୂର୍ବ ଭାରତର ନୌବାଣିଜ୍ୟ ପରମ୍ପରାର ଇତିହାସକୁ ସମଗ୍ର ଦେଶ ବାଲିଯାତ୍ରା ମାଧ୍ୟମରେ ମନେପକାଇବାର ସମୟ ଆସିଛି। ବାଲିଯାତ୍ରା ପ୍ରତି ଓଡ଼ିଆଙ୍କ ଭାବାବେଗ ସହିତ ଜଡ଼ିତ। ତେଣୁ ଏହି ମହୋତ୍ସବକୁ 'ନ୍ୟାଶନାଲ ମ୍ୟାରିଟାଇମ୍ ହେରିଟେଜ୍ ଫେଷ୍ଟିଭାଲ'ର ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ଏହାଦ୍ୱାରା ଆମ ଭବିଷ୍ୟତ ପିଢ଼ି ପ୍ରେରଣା ପାଇବେ ବୋଲି ନବୀନ ଦର୍ଶାଇଛନ୍ତି।

# କେବିସି ହଟ୍ ସିଟ୍‌ରେ କନ୍ଧମାଳ ଏମ୍‌ପି



ଅମିତାଭଙ୍କ ସହ ଏମ୍‌ପି ଅଚ୍ୟୁତ ସାମନ୍ତ।

**ଫୁଲବାଣୀ ଅଫିସ, ୧୩।୧୧:** ସୋନି ଟିଭିରେ ପ୍ରସାରିତ ରିୟଲିଟି ଶୋ' କୌନ ବନେଗା କରୋଡପତି (କେବିସି)ରେ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଭାଗ ନେଇଛନ୍ତି। ଆସନ୍ତା ୧୫ ତାରିଖ ଶୁକ୍ରବାର ରାତି ୯ଟାରେ ଏହା ପ୍ରସାରିତ ହେବ । ଏକ ସ୍ପେଶାଲ ଏପିସୋଡ 'କର୍ମବୀର'ରେ ଅଚ୍ୟୁତଙ୍କ ସହ ବଲିଉଡ ଅଭିନେତ୍ରୀ ତାପସୀ ପନ୍ନୁ ହଟ୍ ସିଟ୍‌ରେ ବସିବେ। ଏହି ଶୋ'ରେ ଅମିତାଭ ବଚ୍ଚନଙ୍କ ବିଭିନ୍ନ ପ୍ରଶ୍ନ ଜରିଆରେ ଏମ୍‌ପି ସାମନ୍ତଙ୍କ ସଂଘର୍ଷମୟ ଜୀବନୀ ବିଷୟରେ ଜାଣିବାକୁ ମିଳିବ । ଏମ୍‌ପି ମଧ୍ୟ ନିଜ ସଂଘର୍ଷ ବିଷୟରେ କହିଛନ୍ତି। ଏହି ଅବସରରେ ସେ ଅମିତାଭ ବଚ୍ଚନଙ୍କୁ ଓଡିଶାର ପ୍ରସିଦ୍ଧ ଛେନାପୋଡ ଓ କିସ୍ ଛାତ୍ରୀଛାତ୍ରଙ୍କ ତରଫରୁ ପ୍ରସ୍ତୁତ ପେଣ୍ଟିଂ ଦେଇଥିବା ଏମ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

# ବିଦ୍ୟାଳୟ ପରିସରରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୋରୁକୋଣ୍ଡା, ୧୩।୧୧ (ଡି.ଏନ.ଏ.)**

- ତଦନ୍ତ ପରେ ସତ୍ୟ ସାମ୍ନାକୁ ଆସିବ
- ଛାତ୍ରାବାସରେ ରହି ଅଷ୍ଟମ ଶ୍ରେଣୀରେ ପଢୁଥିଲେ
- ପ୍ରଧାନ ଶିକ୍ଷକଙ୍କ ମତକୁ ଖଣ୍ଡନ କଲେ ବାପା

ମାଲକାନଗିରି ଜିଲା କୋରୁକୋଣ୍ଡାରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ବିଦ୍ୟାଳୟ ପରିସରରେ ଥିବା ଏକ ଗଛରୁ ଉଦ୍ଧାର ହୋଇଛି। ତେବେ ସେ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ ହତ୍ୟା କରି ଝୁଲାଇ ଦିଆଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ଏହି ଘଟଣା ଜଣାପଡ଼ିବା ପରେ ସାଧାରଣରେ ଆଲୋଡନ ସୃଷ୍ଟି ହୋଇଛି। ମୃତ ଛାତ୍ର ଜଣକ ହେଲେ ଭୀମରାଜ ପଡ଼ିଆମୀ। ସେ ଓରକେଲ ଥାନା ଅନ୍ତର୍ଗତ କାମୱାଡା ପଞ୍ଚାୟତ ତେନ୍ତୁଳିଗୁଡା ଗ୍ରାମର ରାମ ପଡ଼ିଆମୀଙ୍କ ପୁଅ। ସେ ଏହି ବିଦ୍ୟାଳୟ ଛାତ୍ରାବାସରେ ରହି ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ଖବରରୁ ଜଣାପଡିଛି, କୋରୁକୋଣ୍ଡା ସଦରସ୍ଥିତ କେନ୍ଦ୍ରାଗୁମ୍ପା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ସକାଳୁ ଭୀମରାଜଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଏହା ଜାଣିବା ପରେ ପ୍ରଧାନଶିକ୍ଷକ ଶିବପଦ ସରକାର ସଙ୍ଗେ ସଙ୍ଗେ ପୋଲିସକୁ ଜଣାଇଥିଲେ। ଘଟଣା ସ୍ଥଳରେ ମାଲକାନଗିରି ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଛାତ୍ର ଜଣକଙ୍କ ବେକରେ ଗାମୁଛା ବନ୍ଧାଯାଇ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ମାଲକାନଗିରି ପଠାଯାଇଛି। ଘଟଣାର ତଦନ୍ତ ପରେ ହିଁ ସତ୍ୟ ସାମ୍ନାକୁ ଆସିବ ବୋଲି ଥାନା ଅଧିକାରୀ ରାମ ପ୍ରସାଦ ନାଗ କହିଛନ୍ତି। ତେବେ ଛାତ୍ରାବାସରେ ସୁପରିଣ୍ଟେଣ୍ଡେଣ୍ଟ ଥାଇ ମଧ୍ୟ କିଭଳି ଏପରି ଘଟଣା ଘଟିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ବୁଧବାର ସକାଳେ ଭୀମରାଜ ଆମମାନଙ୍କ ସହ ହଷ୍ଟେଲ ପରିସରରେ ନିଆଁ ପୁଆଁଇବା ସହ ପ୍ରାର୍ଥନା କରିଥିଲେ। ଗ୍ରାମରୁ ଆସିବା ପରଠାରୁ ସେ ଅନ୍ୟମନସ୍କ ରହୁଥିଲେ ବୋଲି କେତେ ଜଣ ଛାତ୍ର ପ୍ରକାଶ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଶିବପଦଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଭୀମରାଜ ପୂର୍ବରୁ ଅନେକଥର ବିଦ୍ୟାଳୟରୁ ଲୁଚି ପଳାଇଛନ୍ତି। ସେଥିପାଇଁ ସେ ତାଙ୍କ ବାପାଙ୍କୁ ଡାକି ତାଙ୍କ ସହ ଘରକୁ ପଠାଇ ଦେଇଥିଲେ। ଏକ ମାସ ପରେ ମଙ୍ଗଳବାର ଭୀମରାଜ ବିଦ୍ୟାଳୟକୁ ଆସିଥିଲେ। ତେବେ ସେ ବିଦ୍ୟାଳୟରେ ରହିବାକୁ ରାଜି ନ ଥିଲେ ବୋଲି ପ୍ରଧାନଶିକ କହିଛନ୍ତି। ଅନ୍ୟପକ୍ଷରେ ପ୍ରଧାନଶିକ୍ଷକଙ୍କ ମତକୁ ଭୀମରାଜଙ୍କ ବାପା ରାମ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ତାଙ୍କ ପୁଅ ବିଦ୍ୟାଳୟରେ ରହିବା ପାଇଁ ରାଜି ଥିଲା। ସେ ଏଠାରେ ରହି ପଢିବା ପାଇଁ ସ୍ୱଇଚ୍ଛାରେ ଘରୁ ଆସିଥିଲା ବୋଲି ରାମ କହିଛନ୍ତି।

> ବିଶେଷତଃ ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଯତ ହୋଇ ଏଣୁ ତେଣୁ ଗପିଯାଏ– ଯାହା ନ କହିବା ଉଚିତ ସେସବୁ କହିପକାଏ– ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ। –ଶ୍ରୀମା



# ମଣିଷଠାରୁ ବୁଦ୍ଧିଆ ଡଲ୍ଫିନ

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଏଇ ନିକଟରେ ମୁଁ ୧୦୦ ଦୂରଦୃଷ୍ଟିସମ୍ପନ୍ନ ଜ୍ଞାନୀ, ଗବେଷକ ଓ ଉଦ୍ଭାବକମାନଙ୍କ ସମ୍ମିଳନୀରୁ ଫେରିଛି। ଡେଲ୍ଫି, ଗ୍ରୀସ୍‌ଠାରେ ଅନୁଷ୍ଠିତ ସମ୍ମିଳନୀକୁ ମୁଁ ଆଲେକ୍‌ଜାଣ୍ଡର ଓ ନିକୋଲ ଗ୍ରାଟୋଭସ୍କିଙ୍କ ଅନୁରୋଧରେ ଯାଇଥିଲି। ଗ୍ରାଟୋଭସ୍କିମାନେ ହେଉଛନ୍ତି ରୁଷିଆର ଆନ୍ଥ୍ରୋପୋଲୋଜିଷ୍ଟ, ଯେଉଁମାନେ ଚୈତନ୍ୟମୟ ବିଶ୍ୱକୁ ଆବିଷ୍କାର କରିବା ପାଇଁ ନିଜର ଧନ ଓ ଶ୍ରମ ବ୍ୟୟ କରିଆସୁଛନ୍ତି। ସେମାନେ ନିଜ ଗବେଷଣା ଭିତ୍ତିରେ ବିଶ୍ୱାସ କରନ୍ତି ଯେ, ଏ ପୃଥିବୀରେ ବଞ୍ଚିରହିବା ପାଇଁ ହେଲେ ତା'ର ଚାବିକାଠି ହେଉଛନ୍ତି ଡଲ୍ଫିନ୍ ଓ ତିମି। ଆମେ ସେମାନଙ୍କୁ ଯେତେ ଅଧିକ ସଂଖ୍ୟାରେ ମାରିବା ସେତେ ଶୀଘ୍ର ଏ ପୃଥିବୀର ଶେଷଦିନ ଆସିଯିବ।

ସେମାନଙ୍କ ଯୁକ୍ତିନିଷ୍ଠ ଭାଷଣ ଶୁଣିବା ପରେ ମୁଁ ବି ତାଙ୍କ କଥା ବିଶ୍ୱାସ କରୁଛି। ସେମାନେ ସ୍ୱପ୍ନବିଳାସୀ ନୁହନ୍ତି ବରଂ ବାସ୍ତବ ବୈଜ୍ଞାନିକ। ସେମାନେ ସ୍ପେନୀୟ ଦ୍ୱୀପ ଟେନେରିଫ୍‌ରେ ବାସ କରନ୍ତି, ଯାହା ହେଉଛି ସିଟେଶନ (ତିମି, ଡଲ୍ଫିନ୍ ଜାତୀୟ ସାମୁଦ୍ରିକ ପ୍ରାଣୀ)ଙ୍କ ସଂଗମ ସ୍ଥଳ। ସେମାନେ ବିଶ୍ୱାସ କରନ୍ତି ଯେ ଡଲ୍ଫିନ ହେଉଛି ମଣିଷଠାରୁ ଅଧିକ ବୁଦ୍ଧିମାନ୍। ସେମାନେ ସାରା ବିଶ୍ୱରେ ଡଲ୍ଫିନ ଦୂତାବାସମାନ ଖୋଲିଛନ୍ତି। ସେମାନଙ୍କ ୱେବ୍‌ସାଇଟ୍ ହେଉଛି www.dolphinembassy.org. ମୋର ବନ୍ଧୁ ଡ. ଅଶୋକ ଖୋସଲା, ଯିଏ କି ସଫଳ ଗ୍ରାମୀଣ ଅର୍ଥନୀତି ପାଇଁ ବାସ୍ତବ ସମାଧାନ ବାହାର କରିବାରେ ନିଜର ଜୀବନ ବିତାଇ ଦେଇଛନ୍ତି, ସେ ହେଉଛନ୍ତି ଭାରତର ଡଲ୍ଫିନ ଆମ୍ବାସାଡ଼ର। ମୁଁ ଏହି ଦୂତାବାସରେ କାମ କରିବାକୁ ଚାହୁଁଛି ଏବଂ ଆପଣ ବି ଏଥିପାଇଁ ଆବେଦନ କରିପାରନ୍ତି। ସେମାନେ ଏକ ଡଲ୍ଫିନିଟି ୱାର୍ଲଡ ଫେଷ୍ଟିଭାଲ୍‌ର ଆୟୋଜନ କରନ୍ତି ଯେଉଁଥିରେ ସେମାନେ ସିଟେଶନ୍‌ମାନଙ୍କ ମନ ଓ ଭାଷା ବିଷୟରେ ଶିକ୍ଷା ଦିଅନ୍ତି ଓ ଡକ୍ୟୁମେଣ୍ଟାରୀ ପ୍ରଦର୍ଶନ କରନ୍ତି। ମୁଁ ଏପରି ଏକ ଡକ୍ୟୁମେଣ୍ଟାରୀ ଦେଖିଛି।

ମୁଁ ଏଥିରୁ ଯାହା ଶିଖିଛି ତାହା ନିମ୍ନରେ ଉଲ୍ଲେଖ କରୁଛି। ୫୦ ନିୟୁତ ବର୍ଷ ତଳୁ ଏ ପୃଥିବୀର ଜଳଭାଗରେ ସିଟେଶନ୍‌ମାନେ ବାସ କରିଆସୁଛନ୍ତି। ତା'ର ଅନେକ ନିୟୁତ ବର୍ଷ ପରେ ହ୍ୟୁମ୍ୟାନଏଡ୍ (ମାନବସଦୃଶ ପ୍ରାଣୀ)ଙ୍କ ଆବିର୍ଭାବ ହେଲା। ମଣିଷ ଓ ଡଲ୍ଫିନମାନଙ୍କ ମଧ୍ୟରେ ଅନେକ ସାଦୃଶ୍ୟ ଅଛି। ଉଭୟେ ବାୟୁ ସାହାଯ୍ୟରେ ଶ୍ୱାସକ୍ରିୟା କରନ୍ତି। ଡଲ୍ଫିନମାନେ ପାଣିରୁ ଉପରକୁ ଉଠି ଶ୍ୱାସକ୍ରିୟା କରନ୍ତି। ଆମର ସବୁଠାରୁ ବଡ଼ ଓ ସୁସଙ୍ଗଠିତ ମସ୍ତିଷ୍କ ଅଛି, କିନ୍ତୁ ଡଲ୍ଫିନମାନଙ୍କର ତା'ଠାରୁ ବଡ଼। ଉଭୟଙ୍କ ନିର୍ଦ୍ଦିଷ୍ଟ ବ୍ୟକ୍ତିତ୍ୱ ଓ ସ୍ୱତନ୍ତ୍ର ଗୁଣ ରହିଛି। ଆତ୍ମସଚେତନତାର ବୈଜ୍ଞାନିକ ମିରର ଟେଷ୍ଟରେ ଉଭୟ ମଣିଷ ଓ ଡଲ୍ଫିନ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଡଲ୍ଫିନମାନେ ଜନ୍ମ ପରେ ପରେ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରନ୍ତି। କିନ୍ତୁ ମଣିଷମାନେ ପ୍ରାୟ ୧.୬ ବର୍ଷର ହେବା ପରେ ହିଁ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରନ୍ତି। ଡଲ୍ଫିନମାନେ ଗୀତ ଗାଆନ୍ତି, ତାଙ୍କର କୌତୁକ ରସବୋଧ ଅଛି, ଅନୁସନ୍ଧିତ୍ସା ଅଛି, ବିସ୍ମୟ ପ୍ରକାଶ କରନ୍ତି, ସ୍ମୃତିଶକ୍ତି ଅଛି, ଏବଂ ଭାଷା ଶିକ୍ଷା କରିବାର କ୍ଷମତା ଅଛି । ମଣିଷ ଓ ଡଲ୍ଫିନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୁଦ୍ଧି ପରୀକ୍ଷାରେ ସଫଳ ହୋଇଛନ୍ତି। ଉଭୟେ ବାହ୍ୟ କାରଣ ଦ୍ୱାରା ନୁହେଁ, ବରଂ ବିବେକ ଦ୍ୱାରା ଚାଳିତ ହୋଇ ନିଷ୍ପତ୍ତି ନିଅନ୍ତି। ଉଭୟ ପ୍ରେମ, ବନ୍ଧୁତା, ସମବେଦନାରେ ବିଶ୍ୱାସ କରନ୍ତି, ଯାହା କ୍ଷଣିକ ଆତ୍ମସ୍ୱାର୍ଥଠାରୁ ଦୂରରେ।

କିନ୍ତୁ ମଣିଷମାନେ ଆଶ୍ଚର୍ଯ୍ୟଜନକ ହାରରେ ବଂଶବୃଦ୍ଧି କଲେ। ସେତେବେଳେ ସେମାନଙ୍କ ଦ୍ୱାରା ପୃଥିବୀର କ୍ଷତି କରିବା ହାର ମନ୍ଥର ଥିଲା। ଗତ ଦୁଇ ଶତାବ୍ଦୀ ଭିତରେ ପ୍ରଯୁକ୍ତିବିଦ୍ୟାର ବିକାଶ ହେଲା, ଯାହାଦ୍ୱାରା ପରୋକ୍ଷରେ ପୃଥିବୀ ଧ୍ୱଂସଦିଗରେ ଚାଳିତ ହେଉଛି। ମଣିଷ ଚାହିଁଲା ପ୍ରକୃତିକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ଓ ତା' ଉପରେ ଶାସନ କରିବା ପାଇଁ, ଯାହା ବିନାଶର କାରଣ। କିନ୍ତୁ ଡଲ୍ଫିନମାନେ ପ୍ରକୃତିକୁ ଭଲ ପାଇଲେ ଓ ତା' ସହ ସଦ୍‌ଭାବ ରଖିବାକୁ ଚାହିଁଲେ। ସେମାନେ କେବେ ଶୁଅନ୍ତି ନାହିଁ ଏବଂ ବିଶ୍ରାମ ନେଲାବେଳେ ବି ସଚେତନ ଥାନ୍ତି। ସେମାନଙ୍କର ତିନୋଟି ମୁଖ୍ୟ ଗୁଣ ରହିଛି: ଖେଳ ସେମାନଙ୍କ ସୂଚନାର ଆଦାନପ୍ରଦାନର ମାଧ୍ୟମ, ପ୍ରେମ ବା ଭଲପାଇବା ସେମାନଙ୍କ ସମସ୍ତ କାର୍ଯ୍ୟର ନିୟାମକ ଏବଂ ପରିପାର୍ଶ୍ୱ ପ୍ରତି ସେମାନଙ୍କ ସମ୍ମାନ ଓ ଆଲିଙ୍ଗନ। ଆମେ ଯଦି ସେମାନଙ୍କ ପରି ହୋଇଥାନ୍ତେ କେତେ ଭଲ ହୋଇ ନ ଥାନ୍ତା! ମଣିଷ ଚାହିଦାଠାରୁ ଅଧିକ ଉତ୍ପାଦନ କରିବା ଓ ଉପଭୋଗ କରିବା ଚାହେଁ ଏବଂ ତାହାକୁ ନିଜର ସଫଳତା ବୋଲି ଭାବେ। କିନ୍ତୁ ଡଲ୍ଫିନ ସଂସ୍କୃତିରେ କୌଣସି କିଛିର ମାଲିକ ହେବା ନାହିଁ ବରଂ ପରସ୍ପର ସହ ଓ ପ୍ରକୃତି ସହ ଆନନ୍ଦ ଉପଭୋଗ କରିବା ଅଛି। ଡଲ୍ଫିନମାନଙ୍କ ସାମାଜିକ ଭାବବିନିମୟ ଅତ୍ୟନ୍ତ ଜଟିଳ ଏବଂ ଭାବ ପ୍ରକାଶ କରିବା ଓ ଗ୍ରହଣ କରିବା ଲାଗି ସେମାନେ ନିଜର ମସ୍ତିଷ୍କ, ହୃଦୟ ଓ ସୁବିକଶିତ ଜ୍ଞାନେନ୍ଦ୍ରିୟର ବ୍ୟବହାର କରନ୍ତି। ଆଉ ଏକ ବଡ଼ କଥା ହେଉଛି ସେମାନେ ନିଜର ଜ୍ଞାନକୁ ସନ୍ତାନସନ୍ତତିଙ୍କଠାରେ ସଂଚାରିତ କରିବା ସ୍ଥାୟୀ ପ୍ରକ୍ରିୟା, ଯାହା ମଣିଷଙ୍କଠାରୁ ଯଥେଷ୍ଟ ଉନ୍ନତ। ଜ୍ଞାନର ଆଉ ଏକ ଦିଗ ହେଲା ଭାଷା। ଆମର ଭାଷା ଅସ୍ଥିର, ସାଙ୍କେତିକ ଓ ମିଥ୍ୟା ପ୍ରବଞ୍ଚନାଯୁକ୍ତ ହୋଇଥିବା ବେଳେ ସେମାନଙ୍କ ଭାଷା ସେମାନଙ୍କ ମାନସିକ ଓ ଆବେଗିକ ଅବସ୍ଥାର ସିଧାସଳଖ ପରିପ୍ରକାଶ।

ଆମେ ପ୍ରକୃତିଠାରୁ ଦୂରେଇ ଯାଉଥିବା ବେଳେ ଡଲ୍ଫିନ ତାହାର ବିପରୀତ। ଆମେ ଆମ ଜନ୍ମର ଉଦ୍ଦେଶ୍ୟ ଭୁଲିଯାଇଛୁ ଏବଂ କେଉଁଥିରେ ଆମେ ଖୁସି ହେବୁ ତାହା ଆମକୁ ଜଣାନାହିଁ। ଆମେ ପ୍ରକୃତିର ଅଧା ପ୍ରାଣୀଙ୍କୁ ଧ୍ୱଂସ କରିସାରିଲୁଣି ଏବଂ ପୃଥିବୀର ନବଦଶମାଂଶ ଆମ ଦ୍ୱାରା ପ୍ରଦୂଷିତ ହୋଇସାରିଲାଣି। ଅଧିକାଂଶ ନବୀକରଣ–ଅଯୋଗ୍ୟ ସମ୍ପଦକୁ ଆମେ ଶେଷ କରିସାରିଲୁଣି। ଆମେ ଆଜି ପ୍ରକୃତିର ସବୁଠାରୁ ଦୁଃଖୀ ପ୍ରାଣୀ। ସ୍ଥାନୀୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନାନା ପ୍ରକାର ଯୁଦ୍ଧରେ ଆମେ ସଦା ବ୍ୟାପୃତ। ଏକଲାପଣ ଓ ରୋଗ ହେତୁ ପ୍ରତିବର୍ଷ ୨୦ ନିୟୁତ ଆତ୍ମହତ୍ୟା ବା ଆତ୍ମହତ୍ୟା ଉଦ୍ୟମ ଘଟଣା ଘଟୁଛି। ଏପରିସ୍ଥଳେ ଡଲ୍ଫିନ ଓ ତିମିମାନଙ୍କ ପ୍ରକୃତ ଆନନ୍ଦ ଦେଖି ମୋତେ ମଣିଷ ଜନ୍ମ ନେଇଥିବାରୁ ଦୁଃଖ ଲାଗୁଛି। ସେମାନେ ବି ମାନସିକ ଚାପଗ୍ରସ୍ତ ହୁଅନ୍ତି, କିନ୍ତୁ ତାହା ବାହ୍ୟ କାରଣରୁ ଯେମିତି ସାଥୀକୁ ହରାଇବା ବା ସ୍ୱାଧୀନତାର ଅଭାବ। ଏବେ ଡଲ୍ଫିନମାନଙ୍କ ଭିତରେ ବି ଗଣଆତ୍ମହତ୍ୟା ଦେଖିବାକୁ ମିଳୁଛି, କିନ୍ତୁ ତାହା ଅସହ୍ୟ ଜଳପ୍ରଦୂଷଣ ଯୋଗୁ ଯାହା ମନୁଷ୍ୟ ଦ୍ୱାରା ସୃଷ୍ଟ। ସବୁଠାରୁ ବଡ଼କଥା ହେଲା ସେମାନେ ଏବେ ଜଳ ଓ ବାୟୁକୁ ପ୍ରଦୂଷଣମୁକ୍ତ କରିବାକୁ ଚେଷ୍ଟା କରୁଛନ୍ତି। ସମୁଦ୍ର ଗର୍ଭରୁ ସେମାନେ ରାସାୟନିକ ଯୌଗିକଗୁଡ଼ିକୁ ବାହାରକୁ ଆଣୁଛନ୍ତି, ଯାହାଦ୍ୱାରା ବାୟୁମଣ୍ଡଳର ଦୁଇତୃତୀୟାଂଶ ଗଢ଼ା ହୋଇଛି। ଜୀବବିଜ୍ଞାନୀମାନେ ଏହାକୁ କହୁଛନ୍ତି ବାୟୋଲୋଜିକାଲ ପମ୍ପ। ତିମିମାନଙ୍କ ସଂଗୀତ ପ୍ରଦୂଷିତ ଜଳକୁ ସ୍ୱଚ୍ଛ କରିବାରେ ସାହାଯ୍ୟ କରୁଛି। ଡ. ମାସାରୁ ଇମୋଟୋ ପ୍ରଥମେ ଏ କଥାକୁ ହସି ଉଡ଼ାଇ ଦେଉଥିଲେ କିନ୍ତୁ ପରେ ସେ ଏହା ସତ ବୋଲି ପ୍ରମାଣ କରିଛନ୍ତି। ୟୁଟ୍ୟୁବ୍‌ରେ ଗ୍ରାଟୋଭସ୍କିଙ୍କ ଟେଡ୍ ଟକ୍ (TEDxSadovoeRing – YouTube) ଦେଖନ୍ତୁ। ତାହା ଆପଣଙ୍କ ଦୃଷ୍ଟିଭଙ୍ଗୀ ବଦଳାଇଦେବ।

Email: gandhim@nic.in

# ଶିକ୍ଷା ବ୍ୟବସାୟ

ବିଚିତ୍ର ବିଶ୍ୱାଳ

ଜନସାଧାରଣଙ୍କ ପାଇଁ ଉଚ୍ଚମାନର ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଯୋଗାଇବା ଜନକଲ୍ୟାଣକାରୀ ସରକାରଙ୍କ ମୁଖ୍ୟ ଦାୟିତ୍ୱ। କିନ୍ତୁ ଆମ ଦେଶର ସରକାର ଧୀରେ ଧୀରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରୁ ହାତ କାଢ଼ି ନେଉଥିବାର ଦେଖାଯାଉଛି। ବିଶେଷକରି ଉଚ୍ଚଶିକ୍ଷା କ୍ଷେତ୍ରକୁ ଘରୋଇକରଣ କରିବା ଦିଗରେ ସରକାର ଖୁବ୍ ଜୋର୍‌ସୋର୍‌ରେ ଲାଗି ପଡ଼ିଛନ୍ତି। ସମ୍ପ୍ରତି ବିଶ୍ୱବିଦ୍ୟାଳୟଗୁଡ଼ିକୁ ଯେପରି ଭାବେ ଆର୍ଥିକ ଅନୁଦାନ ବନ୍ଦ କରି ଘରୋଇ ନିୟନ୍ତ୍ରଣକୁ ଟେକିଦେବା ପାଇଁ ଯୋଜନା ଚାଲୁଛି, ଏଥିରୁ ଏହା ସ୍ପଷ୍ଟ ବୁଝାପଡୁଛି। ତଥ୍ୟ ଅନୁସାରେ ଆମ ଦେଶର ପ୍ରାୟ ୬୦% ଉଚ୍ଚଶିକ୍ଷାନୁଷ୍ଠାନ ଏବେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଘରୋଇ ବ୍ୟକ୍ତିବିଶେଷଙ୍କ ଦ୍ୱାରା ନିୟନ୍ତ୍ରିତ।

ସରକାର ଉଚ୍ଚଶିକ୍ଷା ଅନୁଷ୍ଠାନ ତଥା ବିଶ୍ୱବିଦ୍ୟାଳୟଗୁଡ଼ିକୁ ଆର୍ଥିକ ଅନୁଦାନ ଦେବା ବନ୍ଦ କରିଦେଉଛନ୍ତି ଓ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିଜେ ନିଜର ଆର୍ଥିକ ଚାହିଦା ପୂରଣ କରିବା ପାଇଁ କୁହାଯାଉଛି। କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି, ବିଶ୍ୱବିଦ୍ୟାଳୟ କ'ଣ ମଲ୍ ନା ମଲ୍ଟିପ୍ଲେକ୍ସ, ଯିଏ କି ନିଜର ଆର୍ଥିକ ଚାହିଦାକୁ ନିଜେ ପୂରଣ କରିବ! ବିଶ୍ୱବିଦ୍ୟାଳୟ ତ ପିଲାମାନଙ୍କ ପଢ଼ିବା ପାଇଁ ତିଆରି ହୋଇଛି। ସେମାନେ ପୁଣି ନିଜର ଆର୍ଥିକ ଚାହିଦା କିପରି ପୂରଣ କରିବେ! ଯଦି ସରକାର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଆର୍ଥିକ ପ୍ରୋତ୍ସାହନ ନ ଦେଇ ତାହାକୁ ଅର୍ଥ ରୋଜଗାରର ମାଧ୍ୟମ କରିବାକୁ ଚାହୁଁଛନ୍ତି, ତା'ହେଲେ ସେଠାରେ ବିଶ୍ୱବିଦ୍ୟାଳୟ ବନ୍ଦକରି ସିନେମା ହଲ୍ ଖୋଲନ୍ତୁ। ଟଙ୍କା ରୋଜଗାର ହେବ। ବିଶ୍ୱବିଦ୍ୟାଳୟମାନେ କ'ଣ ଲାବୋରଟୋରି ବା ଖେଳପଡ଼ିଆ ବନ୍ଦ କରି କ୍ୟାମ୍ପସ୍ ଭିତରେ ବ୍ୟବସାୟ କେନ୍ଦ୍ର ଖୋଲିବେ! ସରକାରଙ୍କ ଏପରି ଭାବନା ସତରେ ହାସ୍ୟାସ୍ପଦ। ଏପରିକି ବିଜ୍‌ନେସ୍ ହାଉସ୍‌ମାନେ ବି ନିଜ ପିଲାଙ୍କୁ ପଢ଼ିବା ସମୟରେ ରୋଜଗାର କରିବା ପାଇଁ କୁହନ୍ତି ନାହିଁ।

ବିଶ୍ୱବିଦ୍ୟାଳୟଗୁଡ଼ିକ ଛାତ୍ରମାନଙ୍କୁ ଉନ୍ନତ ମାନର ଶିକ୍ଷା ଦାନ ପାଇଁ ତିଆରି ହୋଇଛି। ଅର୍ଥର ବ୍ୟବସ୍ଥା କରିବା ସେମାନଙ୍କର କାମ ନୁହେଁ। ସେହିପରି ଦେଶର ଶିକ୍ଷାନୁଷ୍ଠାନଗୁଡ଼ିକୁ ଆର୍ଥିକ ଅନୁଦାନ ଦେଇ ଛାତ୍ରମାନଙ୍କୁ ପାଠ ପଢ଼ିବା ପାଇଁ ଭିତ୍ତିଭୂମି ଯୋଗାଇବା ସରକାରଙ୍କ ଦାୟିତ୍ୱ। କାରଣ ଲୋକମାନେ ହିଁ ଟିକସ ଦେଇ ସରକାରଙ୍କ ରାଜସ୍ୱକୁ ଭରୁଛନ୍ତି। ଯଦି ସବୁ କିଛି ଘରୋଇ କମ୍ପାନୀ କରିବେ, ତେବେ ସବୁ କଥାରେ ଲୋକଙ୍କଠାରୁ ଟିକସ ନେଉଥିବା ସରକାରଙ୍କ କାମ କ'ଣ ହେବ?

ସରକାରଙ୍କ ନିର୍ଦ୍ଦେଶ ମାନି ନିଜ ଖର୍ଚ୍ଚ ନିଜେ ଉଠାଇବା ପାଇଁ ସମ୍ପ୍ରତି ବିଶ୍ୱବିଦ୍ୟାଳୟଗୁଡ଼ିକ ତରଫରୁ ବିଭିନ୍ନ ପ୍ରକାର ନୂଆ ବ୍ୟବସାୟିକ ପାଠ୍ୟକ୍ରମ ଆରମ୍ଭ କରାଯାଉଛି ଓ ତାହା ବିନିମୟରେ ଛାତ୍ରମାନଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଉଛି। ଏହା ସ୍ପଷ୍ଟ ଯେ, ଯେଉଁମାନଙ୍କ ପାଖରେ ଟଙ୍କା ଥିବ ଅର୍ଥାତ୍ ଧନୀ ଛାତ୍ରମାନେ ହିଁ ସେହିସବୁ ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ ଓ ଅନ୍ୟମାନେ ନିରାଶ ହେବେ। ପରିସ୍ଥିତି ଏପରି ହେବ ଯେ, ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ଲକ୍ଷ୍ୟ ଧୀରେ ଧୀରେ କେବଳ ପଇସା ରୋଜଗାର କରିବା ହିଁ ହେବ। ସେମାନେ ଶିକ୍ଷାଦାନ ପରି ମହାନ୍ ଆଦର୍ଶରୁ ବିଚ୍ୟୁତ ହେବେ। ଏହି କ୍ରମରେ ଏବେ ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟରେ ଇଞ୍ଜିନିୟରିଂ ଓ ମ୍ୟାନେଜ୍‌ମେଣ୍ଟ ପରି ବ୍ୟବସାୟିକ ପାଠ୍ୟକ୍ରମ ଆରମ୍ଭ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ରୋଜଗାର କରିବା। ଯଦି ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ଏପରି ସ୍ଥିତି ତେବେ ଅନ୍ୟ ରାଜ୍ୟସ୍ତରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଅବସ୍ଥା କ'ଣ ହେଉଥିବ ତାହା ଅନୁମେୟ।

ଏତଦ୍‌ବ୍ୟତୀତ ଆବଶ୍ୟକ କ୍ଷେତ୍ରରେ ସରକାର ଏକ ସତୁରି–ତିରିଶ ସୂତ୍ର ମଧ୍ୟ କରିଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ୭୦ ପ୍ରତିଶତ ଆର୍ଥିକ ଅନୁଦାନ ଦିଆଯିବ ଓ ବାକି ୩୦ ପ୍ରତିଶତ ଅର୍ଥ ବିଶ୍ୱବିଦ୍ୟାଳୟକୁ ନିଜେ ଉଠାଇବାକୁ ପଡ଼ିବ। କିନ୍ତୁ ପ୍ରଶ୍ନ ଉଠୁଛି ବିଶ୍ୱବିଦ୍ୟାଳୟଗୁଡ଼ିକ ଏହା ଉଠାଇବେ କିପରି? ସେମାନେ କ'ଣ ପାଠପଢ଼ା ଛାଡ଼ି ଟଙ୍କା ରୋଜଗାରରେ ରହିବେ? ତା'ହେଲେ ଘରୋଇ ଶିକ୍ଷାନୁଷ୍ଠାନ ଓ ସରକାରୀ ଶିକ୍ଷାନୁଷ୍ଠାନ ମଧ୍ୟରେ କ'ଣ ତଫାତ୍ ରହିଲା? ଯେଉଁ ବିଶ୍ୱବିଦ୍ୟାଳୟ ନିଜ ଖର୍ଚ୍ଚ ନିଜେ ଉଠାଇବାକୁ ସକ୍ଷମ ହୋଇପାରୁନାହାନ୍ତି, ସେମାନଙ୍କୁ ସରକାରୀ–ଘରୋଇ ଭାଗୀଦାରିତା ଭିତ୍ତିରେ ଯିବା ପାଇଁ କୁହାଯାଉଛି। ଅର୍ଥାତ୍ ପରୋକ୍ଷ ଭାବେ ସରକାରୀ ଶିକ୍ଷାନୁଷ୍ଠାନକୁ ଘରୋଇକରଣ କରିବା ପାଇଁ ଚକ୍ରାନ୍ତ କରାଯାଉଛି ଓ ସରକାର ସବୁଦିନ ପାଇଁ ଶିକ୍ଷା କ୍ଷେତ୍ରରୁ ଛୁଟି ନେବା ପାଇଁ ଚାହୁଁଛନ୍ତି।

ଯଦି ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଜ ଆର୍ଥିକ ବ୍ୟବସ୍ଥା କରିବାକୁ କୁହାଯିବ ବା ଘରୋଇକରଣ କରିଦିଆଯିବ, ତେବେ ଆମ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବଜାର ନିୟନ୍ତ୍ରିତ ହୋଇପଡ଼ିବ। ବଜାରର ଚାହିଦା ଅନୁସାରେ ପାଠ୍ୟକ୍ରମ ପଢ଼ାଯିବ। ସାମାଜିକ ବିଜ୍ଞାନ, ଇତିହାସ, ଦର୍ଶନ ଆଦି ମଣିଷର ଆଭ୍ୟନ୍ତରୀଣ ବିକାଶ କରୁଥିବା ପାଠ୍ୟକ୍ରମଗୁଡ଼ିକ ଧୀରେ ଧୀରେ ବିଶ୍ୱବିଦ୍ୟାଳୟରୁ ହଜିଯିବ। ଶିକ୍ଷା କେବଳ ଛାତ୍ରମାନଙ୍କୁ ଚାକିରି ଯୋଗେଇବାର ଏକ ସାଧନ ହୋଇଯିବ। ଏହାଦ୍ୱାରା ଛାତ୍ରମାନଙ୍କର ସାମଗ୍ରିକ ବିକାଶ ବାଧାପ୍ରାପ୍ତ ହେବ। ଆମ ଦେଶର ଭବିଷ୍ୟତ ପିଢ଼ି ମଣିଷ ନ ହୋଇ କେବଳ ମେଶିନ୍‌ରେ ପରିଣତ ହୋଇଯିବେ। ଆମ ଉତ୍ତର ପିଢ଼ି ଯଦି ଇତିହାସ, ସାମାଜିକ ବିଜ୍ଞାନ ଓ ଦର୍ଶନ ପରି ମାନବୀୟ ଗୁଣକୁ ବିକାଶ କରୁଥିବା ପାଠ ପଢ଼ିବେ ନାହିଁ, ତେବେ ଆମ ସମାଜର ଅବସ୍ଥା କ'ଣ ହେବ!

ଉଚ୍ଚଶିକ୍ଷାନୁଷ୍ଠାନ ହେଉଛି ପ୍ରତ୍ୟେକ ଦେଶର ବିକାଶର ଦର୍ପଣ। ସେଗୁଡ଼ିକୁ ଉଚ୍ଚମାନର କରି ଛାତ୍ରବତ୍ସଳ ଭାବେ ଗଢ଼ିତୋଳିବା ସରକାରଙ୍କ ଦାୟିତ୍ୱ ହେବା ଉଚିତ। କିନ୍ତୁ ସରକାର ସେମିତି ନ କରି ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଜ ଅର୍ଥ ନିଜେ ବ୍ୟବସ୍ଥା କରିବା ପାଇଁ କହିବା ଅତ୍ୟନ୍ତ ଅଦୂରଦର୍ଶିତାର ପରିଚୟ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

## ଏଇ ଭାରତରେ

ପାଞ୍ଚଶହ ବର୍ଷର ପୁରୁଣା ଅଯୋଧ୍ୟା ମାମଲାର ଐତିହାସିକ ରାୟ ସର୍ବୋଚ୍ଚ ନ୍ୟାୟାଳୟ ପ୍ରଦାନ କରିବା ପରେ ଦେଶରେ ଭାଇଚାରାର ଛବି ପଦାକୁ ଆସିଛି। ଶାନ୍ତିପୂର୍ଣ୍ଣ ଭାବେ ଦୁଇ ସମ୍ପ୍ରଦାୟ ଏହାକୁ ଗ୍ରହଣ କରି ବିଶ୍ୱକୁ ଏକତାର ବାର୍ତ୍ତା ପ୍ରଦାନ କରିଥିବାବେଳେ ଜଣେ ମୁସଲମାନ ଛାତ୍ରନେତା ରାମମନ୍ଦିର ନିର୍ମାଣ ଲାଗି ଟଙ୍କା ଦାନ କରି ସର୍ବଧର୍ମ ସମନ୍ୱୟର ବାର୍ତ୍ତାବହ ସାଜିଛନ୍ତି। ଆଗ୍ରାର ନ୍ୟାଶ୍‌ନାଲ ଷ୍ଟୁଡେଣ୍ଟସ୍ ୟୁନିୟନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ)ର ଜିଲା ସଭାପତି ବିଲାଲ ଅହମଦ ରାମଜନ୍ମଭୂମି ସ୍ଥଳୀରେ ମନ୍ଦିର ନିର୍ମାଣ ପାଇଁ ୧,୧୦୦ ଟଙ୍କା ଦାନ କରିଛନ୍ତି। ସେ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ଅରୁଣ କୁମାର ଯାଦବଙ୍କୁ ତାଙ୍କ କାର୍ଯ୍ୟାଳୟରେ ଏହି ରାଶିର ଚେକ୍ ପ୍ରଦାନ କରିଛନ୍ତି। ମନ୍ଦିର ନିର୍ମାଣରେ ତାଙ୍କ ପକ୍ଷରୁ ଯଦି ଦୁଇଟି ଇଟା ଲାଗିପାରିବ ତେବେ ସେ ବହୁତ ଖୁସି ହେବେ ବୋଲି କହିଛନ୍ତି ବିଲାଲ୍। ସର୍ବୋଚ୍ଚ ନ୍ୟାୟାଳୟ ଅଯୋଧ୍ୟା ମାମଲାରେ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଯୁଗାନ୍ତକାରୀ, ଆଉ ଏହି ପୁରାତନ ବିବାଦକୁ ନେଇ ନେତାମାନେ ଯେଉଁଭଳି ସମାଜରେ ବିଭ୍ରାଟ ସୃଷ୍ଟି କରୁଥିଲେ ତା'ର ଶେଷ ହୋଇଯାଇଛି ବୋଲି ସେ ଖୁସି ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ଆସାମର ଏକ ମୁସଲମାନ ଗୋଷ୍ଠୀ ୫ ହଜାର ଟଙ୍କା ରାମମନ୍ଦିର ନିର୍ମାଣ ପାଇଁ ଦାନ କରିବେ ବୋଲି ଘୋଷଣା କରିଥିଲେ।

## ଚିରନ୍ତନୀ

ମୁଖେ ଅଛି ହସ, ଆଖିରୁ ତୋହର ଶୁଖିନି ପାଣି
ନିରୋଳାରେ ଯଦି କଷ୍ଟୁ ବେଦନା ବାଜଇ ବାଣୀ।
ଚରଣ ନୋହିଛି ଶିଥିଳ ଅବଶ ହୋଇନି କର
ଲୋମର ପୁଲକ ନୟନର ତୃଷା ରହିଛି ତୋର।
ଦୁଇ ଦିନ ହସି ଦୁଇ ଟୋପା ଲୁହ ପାରିଲେ ଢାଳି
କିବା ଦୁଃଖ ତାପ ଅଛି ତୋର ଆଉ କହ ତ ଭାଳି?
ସେ ଦିନ ନୟନୁଁ ଶୁଖିଯିବ ଲୁହ ନିଭିବ କଥା
ସେହି ସିନା ଦୁଃଖ ସେହି ସିନା ତୋର ମରଣ ବ୍ୟଥା।

(ଜୀବନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

ୱ୪ ନଭେମ୍ବର ୧୯୯୪

- କିରଣ ବେଦୀ ଓ ସୁନି ଜେକଭ ଥାରୋଙ୍କୁ ଜବାହରଲାଲ ନେହେରୁ ଫେଲୋଶିପ ପ୍ରଦାନ କରାଯିବା ନେଇ ନିଷ୍ପତ୍ତି।
- ଶ୍ରୀଲଙ୍କା ଏଲଟିଟିଇର ଏକତରଫା ୭ ଦିନ ପାଇଁ ଯୁଦ୍ଧବିରତି ଘୋଷଣା।

## sudoku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 9 | | D | | | | | | | | | | 6 | |
| B | | A | 9 | | | | | | | C | | | 3 | |
| | | | | | | | | | 6 | | 7 | | | E |
| 7 | 6 | 0 | | | | | | | | | E | | | 2 |
| | C | | | 8 | | | 2 | | | | 9 | 0 | B | |
| | | | | | 3 | | 0 | | | E | 1 | | | |
| | | | | E | 9 | 3 | 1 | | 8 | | 2 | | A | |
| | | | | | A | | 8 | | D | 3 | | | | 0 |
| 2 | 4 | | | 7 | | | | B | | A | | | 1 | |
| 0 | | 8 | | | | | 5 | 2 | | | | | | |
| 4 | | E | | 5 | 0 | | B | 3 | | | D | 9 | 2 | |
| 8 | 2 | | | 4 | | A | | | | | | 5 | E | |
| | | | | 6 | C | | 4 | | | | | | | |
| | | | | 2 | | E | | | 9 | B | | A | | D |
| | D | 7 | | | | | | 6 | 5 | | | 4 | 0 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 7 | C | 2 | A | 0 | 9 | 8 | 1 | 4 | E | 6 | B | D | 3 |
| B | 2 | E | 3 | D | 8 | 0 | A | 7 | C | 9 | 1 | 6 | 5 | 4 |
| 1 | D | 9 | E | 7 | 4 | C | 6 | B | 5 | 3 | A | 2 | 8 | 0 |
| 4 | 8 | 0 | 5 | 6 | 9 | 3 | 2 | E | D | 7 | B | C | 1 | A |
| 6 | A | 3 | 1 | B | C | 5 | 4 | D | 2 | 0 | 8 | E | 9 | 7 |
| D | 4 | 7 | 8 | 2 | B | A | C | 6 | 0 | 5 | 9 | 1 | 3 | E |
| 8 | B | A | C | 4 | 7 | E | D | 5 | 3 | 1 | 2 | 9 | 0 | 6 |
| 9 | 6 | 5 | 0 | E | 3 | B | 1 | 2 | A | 4 | C | 8 | 7 | D |
| E | 0 | 1 | A | 5 | 6 | 7 | 9 | 3 | 8 | B | D | 4 | C | 2 |
| 3 | C | 2 | D | 9 | 1 | 4 | 0 | 8 | 7 | 6 | E | 5 | A | B |
| A | E | 6 | 9 | C | 5 | 2 | 3 | 0 | B | 8 | 7 | D | 4 | 1 |
| C | 3 | D | B | 0 | E | 1 | 5 | 9 | 6 | A | 4 | 7 | 2 | 8 |
| 2 | 5 | 8 | 7 | 1 | A | 6 | E | 4 | 9 | D | 3 | 0 | B | C |
| 0 | 1 | B | 4 | 3 | D | 8 | 7 | C | E | 2 | 5 | A | 6 | 9 |
| 7 | 9 | 4 | 6 | 8 | 2 | D | B | A | 1 | C | 0 | 3 | E | 5 |

ଗତକାଲିର ଉତ୍ତର

# ଆମ ଶିଶୁ: ନା ଭାଗ୍ୟବାନ୍ ନା ଆୟୁଷ୍ମାନ୍

ଡ. ରମେଶ ଚନ୍ଦ୍ର ପରିଡ଼ା

୨୦୨୪ ମସିହା ବେଳକୁ ଭାରତ ଏକ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ ବୋଲି ଆମ ପ୍ରଧାନମନ୍ତ୍ରୀ ଆଶା ବାନ୍ଧିଛନ୍ତି। ଫଳରେ ୨୦୩୦ରେ ଏହା ହୁଏତ ୮ କିମ୍ବା ୧୦ ଟ୍ରିଲିୟନକୁ ଟପିଯାଇପାରେ। ଏହା ମନରେ ସ୍ୱପ୍ନଟିଏ ଜାଗରୁକ କରୁଛି– ଆମ ଦେଶରେ ଏହା ପରେ କେହି ଗରିବ ରହିବେ ନାହିଁ। ଆମର ଭବିଷ୍ୟତ ବଂଶଧର, ଅର୍ଥାତ୍ ବର୍ତ୍ତମାନର ଶିଶୁମାନଙ୍କ ଜୀବନଶୈଳୀ ସେମାନେ ବଡ଼ ହେଲା ବେଳକୁ ବଦଳିଯିବ ଏବଂ ତାହା ହେବ ଯେକୌଣସି ଉନ୍ନତ ଦେଶର ସମକକ୍ଷ। କିନ୍ତୁ ବିଗତ ଦଶକଗୁଡ଼ିକରେ ଘଟିଥିବା ଆମ ଅର୍ଥନୈତିକ ପ୍ରଗତି ଯେଉଁ ଦିଗାଭିମୁଖୀ ହୋଇଛି, ତାହାକୁ ଅନୁଧ୍ୟାନ କରିବସିଲେ ସେ ସ୍ୱପ୍ନ ମିଳେଇଯାଉଛି ନିମିଷକରେ। କାରଣ ଏହି ସମୟ ମଧ୍ୟରେ ଆମ ବୃଦ୍ଧିପ୍ରାପ୍ତ ସମୁଦାୟ ଘରୋଇ ଉତ୍ପାଦ ବା 'ଜିଡିପି'ର ମୁଖ୍ୟ ଅଂଶଟି ଗଡ଼ିଚାଲିଛି ଧନିକ ସମ୍ପ୍ରଦାୟଙ୍କ ଆଡକୁ। ସେଥିପାଇଁ ଏହି ଶ୍ରେଣୀର ପ୍ରଥମ ୧ ଶତାଂଶ ଲୋକଙ୍କ ହାତରେ ଜାତୀୟ ସମ୍ପତ୍ତିର ଭାଗ ୨୦୧୦ ବେଳକୁ ୪୦% ଥିଲାବେଳେ ଏବେ ତାହା ୬୦% ଟପିଯାଇଛି। ପୁନଶ୍ଚ ୧୦% ଧନିକଙ୍କର ସମୁଦାୟ ସମ୍ପତ୍ତି ହେଉଛି ଅବଶିଷ୍ଟ ୯୦ ପ୍ରତିଶତଙ୍କଠାରୁ ୪ ଗୁଣ ଅଧିକ। ଏହାର ପ୍ରତିଫଳନ ଅତୀବ ସ୍ପଷ୍ଟ ହେଉଛି ଆମ ଶିଶୁ ସମାଜ ଉପରେ, ଯାହାକୁ ଆମେ ଦେଶର ଭବିଷ୍ୟତର ପ୍ରମୁଖ ପୁଞ୍ଜି ମାନବ ସମ୍ବଳ ରୂପେ ଉପସ୍ଥାପିତ କରୁଛୁ।

୨୦୧୮ର 'ଆନୁଆଲ ଷ୍ଟାଟସ ଅଫ୍ ଏଜୁକେଶନ ରିପୋର୍ଟ' ଅନୁସାରେ ଆମ ଦେଶର ୭୦–୭୪ ଶତାଂଶ ଶିଶୁ (୬ରୁ ୧୪ ବର୍ଷ ବୟସ୍କ) ପ୍ରାଥମିକ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥାନ୍ତି। କିନ୍ତୁ ମାଧ୍ୟମିକ ଶିକ୍ଷା ବେଳକୁ ତାଙ୍କ ସଂଖ୍ୟା ବେଶ୍ ହ୍ରାସ ପାଇଯାଏ (ପ୍ରାୟ ୫୫ରୁ ୬୦ ଶତାଂଶକୁ) ଏମାନଙ୍କ ମଧ୍ୟରୁ ଅଧିକାଂଶ ବାଳଶ୍ରମିକ ପାଲଟି ଯାଆନ୍ତି। ତହିଁରୁ ୭୧% କୃଷି କ୍ଷେତ୍ରରେ ଏବଂ ୬୯% ଏଥିସହିତ ବିନା ପାରିଶ୍ରମିକରେ ପରିବାର ମଧ୍ୟରେ କିମ୍ବା ଅନ୍ୟତ୍ର କାର୍ଯ୍ୟ କରିଥାନ୍ତି। ଏବେ ବି ପ୍ରାୟ ୧.୫ ନିୟୁତ ଶିଶୁଶ୍ରମିକ ସେମାନଙ୍କ ପାଇଁ ବାରଣ କରାଯାଇଥିବା ବିପଜ୍ଜନକ କିମ୍ବା ଆଂଶିକ ବିପଜ୍ଜନକ ବୃତ୍ତି ଆଦରି ନେଇଥିବାର ଅନୁମାନ କରାଯାଏ। ଅନ୍ୟପକ୍ଷରେ ସେମାନଙ୍କ ସ୍ୱାସ୍ଥ୍ୟ ଓ ଅପପୁଷ୍ଟି ସମସ୍ୟା ମଧ୍ୟ ବେଶ୍ ଉଦ୍‌ବେଗଜନକ ହୋଇ ରହିଛି।

ଏହା ମନକୁ ଆଣିଥାଏ କିଛି ବର୍ଷ ତଳେ ଆମ ପିଲାଙ୍କ ପାଠ୍ୟପୁସ୍ତକରେ ଥିବା କବିତାଟିଏ–'ଆମେ ତ ଭାଗ୍ୟବାନ୍ ପିଲାରେ...'। ଉଡାଜାହାଜରେ ଦେଶବିଦେଶକୁ ଯାତ୍ରା କରି ନୂତନ ଜ୍ଞାନ ଆହରଣ କରିବା ଓ ବିଜ୍ଞାନର ନାନାଦି ନୂତନ ଉଦ୍ଭାବନ ଓ ଆବିଷ୍କାରକୁ ଉପଭୋଗ କରିବା ଇତ୍ୟାଦିର ସୁଯୋଗକୁ ଏହାର କାରଣରୂପେ ତହିଁରେ ଦର୍ଶାଯାଇଛି। ତେବେ ଇତିମଧ୍ୟରେ ଅନେକ ସମୟ ବିତିଯାଇଥିଲେ ହେଁ ଅଧିକାଂଶ ପିଲାଙ୍କ ଭାଗ୍ୟରେ ତାହା ଯୁଟିବାର ସମ୍ଭାବନା ବି ସୃଷ୍ଟି ହୋଇପାରି ନାହିଁ। ବରଂ ସେମାନଙ୍କ ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟ ଆଦି କଥା ବିଚାରକୁ ନେଲେ ଆମେ ଆମଠାରୁ କମ୍ ଅର୍ଥନୈତିକ ସମୃଦ୍ଧ ଅନେକ ଦେଶଠାରୁ ପଛରେ ପଡ଼ିରହିଛୁ। ସେଥିପାଇଁ ଆମ ଦେଶର ଶିଶୁମାନଙ୍କ ମଧ୍ୟରୁ ୩ ଲକ୍ଷରୁ ଊର୍ଦ୍ଧ୍ୱଙ୍କ ଭାଗ୍ୟରେ ମୃତ୍ୟୁ ଆସୁଛି ଜନ୍ମ ହେବାର ପ୍ରଥମ ଦିନରେ। ସଂଖ୍ୟା ଦୃଷ୍ଟିରୁ ଆମେ ଏ କ୍ଷେତ୍ରରେ ସାରା ବିଶ୍ୱରେ ପ୍ରଥମ (୨୯%)। ଏହାର ମୁଖ୍ୟ କାରଣ ହେଲା ଗର୍ଭବତୀ ମା'ମାନଙ୍କର ଅପପୁଷ୍ଟି (୫୧.୪%) ହେତୁ ରୁଗ୍ଣ ତଥା କମ୍ ଓଜନ ବିଶିଷ୍ଟ ଶିଶୁ ଜନ୍ମ (୪୭.୯%)। ନିକଟରେ ପୃଥିବୀର ୧୯୫ଟି ଦେଶରେ ହୋଇଥିବା ସର୍ଭେ ଅନୁସାରେ ସ୍ୱାସ୍ଥ୍ୟ ଯତ୍ନ ସୂଚକାଙ୍କ ମାପରେ ଭାରତର ସ୍ଥାନ ୧୫୪ତମ। ଶ୍ରୀଲଙ୍କା ଏଥିରେ ୭୨.୮ ପଏଣ୍ଟ ପାଇଲା ବେଳେ ବାଂଲାଦେଶ, ଭୁଟାନ ଓ ନେପାଳ ଯଥାକ୍ରମେ ୫୧.୭, ୫୨.୭ ଓ ୫୦.୮ ଏବଂ ଭାରତ ୪୪.୮ ଲାଭ କରିଛି।

### ଶିଶୁ ଦିବସ ଉପଲକ୍ଷେ

ଉପଯୁକ୍ତ ପ୍ରଶିକ୍ଷଣ ଲାଭ କରିଥିବା ଧାଈ ବା ଡାକ୍ତରଙ୍କ ପ୍ରସବକାଳୀନ ସହଯୋଗ ଏବଂ ଶିଶୁ ଓ ଜନନୀକୁ ପ୍ରସବ ପରବର୍ତ୍ତୀ ସ୍ୱାସ୍ଥ୍ୟଯତ୍ନ ସୁବିଧାର ଅଭାବକୁ ଏଥିପାଇଁ ଦାୟୀ କରାଯାଏ। କିନ୍ତୁ ଉପରୋକ୍ତ ଦେଶଗୁଡ଼ିକ ତୁଳନାରେ ଆମ ଦେଶରେ ଡାକ୍ତରଖାନାରେ ହେଉଥିବା ପ୍ରସବ ସଂଖ୍ୟା ବେଶ୍ ଅଧିକ। ଅନ୍ୟପକ୍ଷରେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ଓଡ଼ିଶାରେ ଏ ପ୍ରକାର ପ୍ରସବ ଯଥେଷ୍ଟ ବେଶି ହୋଇଥିଲେ ହେଁ ଶିଶୁମୃତ୍ୟୁ (୦ରୁ ୭ ଦିନରେ) ହାର ମଧ୍ୟ ଅଧିକ। ଗର୍ଭବତୀ ମା' ଏବଂ ଗର୍ଭସ୍ଥ ଶିଶୁ ଉପଯୁକ୍ତ ପରିମାଣରେ ପୁଷ୍ଟିପ୍ରାପ୍ତ ନ ହେବା ସମ୍ଭବତଃ ଏହାର ଅନ୍ୟତମ ମୁଖ୍ୟ କାରଣ।

ସେହିପରି ନିକଟରେ (୨୦୧୮) ହୋଇଥିବା ଏକ ଆକଳନ ଅନୁସାରେ ଆମ ଦେଶରେ ପ୍ରତିବର୍ଷ ୧.୦୪ ନିୟୁତ ୫ ବର୍ଷରୁ କମ୍ ବୟସ୍କ ଶିଶୁ ଅକାଳ ମୃତ୍ୟୁବରଣ କରନ୍ତି। ସେମାନଙ୍କ ମଧ୍ୟରୁ ଦୁଇତୃତୀୟାଂଶଙ୍କର ଏହା ଘଟେ ଅପପୁଷ୍ଟି ଯୋଗୁ। ସମଗ୍ର ବିଶ୍ୱରେ ଏମାନଙ୍କ ସଂଖ୍ୟା ପ୍ରାୟ ୧୪୨ ନିୟୁତ। ଏହା ବ୍ୟତୀତ ଏହି କାରଣରୁ ଶରୀରର ଠିକ୍ ଅଭିବୃଦ୍ଧି ନ ହେବା ଏବଂ ସାରା ଜୀବନ ଅଳ୍ପ ବହୁତ ଶାରୀରିକ ଅକ୍ଷମତା ଲାଗିରହିବା ମଧ୍ୟ ଘଟିଥାଏ। ଗଣନାରୁ ଜଣାପଡ଼ିଛି ଯେ, ୫ ବର୍ଷରୁ କମ୍ ବୟସ୍କ ଭାରତୀୟ ଶିଶୁଙ୍କ ମଧ୍ୟରୁ ୪୫%ଙ୍କର ତାଙ୍କ ବୟସ ଅନୁସାରେ ଉଚ୍ଚତା କମ୍ ହେଲାବେଳେ ୪୮%ଙ୍କର ଶାରୀରିକ ଅଭିବୃଦ୍ଧି ଯଥେଷ୍ଟ ହୋଇ ନ ଥାଏ। ଅବଶ୍ୟ ନିକଟରେ ଦ ଲାନସେଟ ଚାଇଲ୍ଡ ଆଣ୍ଡ ଆଡୋଲୋସେଣ୍ଟ ହେଲ୍‌ଥ ଦ୍ୱାରା ପ୍ରଦତ୍ତ ସୂଚନା ଅନୁସାରେ ୧୯୯୦ ରୁ ୨୦୧୭ ମଧ୍ୟରେ ଆମ ଦେଶରେ ଅପପୁଷ୍ଟି ହ୍ରାସ ପାଇଛି, ତଥାପି ଏବେ ମଧ୍ୟ ତାହା ହିଁ ଏଠାରେ ସର୍ବାଧିକ ଶିଶୁ ମୃତ୍ୟୁର କାରଣ ହୋଇ ରହିଛି। ଏହାର ଅନ୍ୟ ମୁଖ୍ୟ କାରଣଗୁଡ଼ିକ ହେଉଛି ରକ୍ତ ସ୍ୱଳ୍ପତା ଜନିତ ହୃଦ୍‌ରୋଗ (୧୫.୬%), ମସ୍ତିଷ୍କରୋଗ (୭.୮%), ଆମାଶୟ (୪.୭୫%), ମଧୁମେହ (୩.୩୭%) ଏବଂ ଜନ୍ମ ପୂର୍ବରୁ ଥିବା ଜଟିଳତା (୨.୯୯%)। ଅପପୁଷ୍ଟି ଏବଂ ଏ ପ୍ରକାର ବିବିଧ ୩୨ଟି ରୋଗ ବିଚାରକୁ ନେଇ ୧୮୮ଟି ଦେଶ ଉପରେ ସର୍ବେକ୍ଷଣ ଚଳାଇଥିଲେ 'ଗ୍ଲୋବାଲ ବର୍ଡନ ଅଫ ଡିଜିଜ୍'(ବା ଜିବିଡି) ନାମକ ଏକ ଆନ୍ତର୍ଜାତିକ ପ୍ରଯୋଜନାରେ କାର୍ଯ୍ୟରତ ୨୩୦୦ ଗବେଷକ। ଏହି କାର୍ଯ୍ୟକ୍ରମକୁ କୁହାଯାଉଛି ହେଲଥ ଆକ୍‌ସେସ ଆଣ୍ଡ କ୍ୱାଲିଟି ଇଣ୍ଡେକ୍ସ। ଏଥିରେ ରଖାଯାଇଥିଲା ୧ରୁ ୧୦୦ ପର୍ଯ୍ୟନ୍ତ ପଏଣ୍ଟ। ତହିଁରେ ଭାରତକୁ ମିଳିଛି ମାତ୍ର ୧୪। ଶିଶୁମୃତ୍ୟୁ ଓ ଅପପୁଷ୍ଟି ରୋକିବା କ୍ଷେତ୍ରରେ ଆମେ ଯେ କେତେ ପଛୁଆ ତାହା ଏଥିରୁ ସୁସ୍ପଷ୍ଟ।

ସେଭ୍ ଦ ଚିଲ୍‌ଡ୍ରେନ ଇନ୍ ଇଣ୍ଡିଆର ମୁଖ୍ୟ ଟମାସ ଚାଣ୍ଡିଙ୍କ ମତରେ ଦେଶର ଅର୍ଥନୈତିକ ସ୍ଥିତି ସହିତ ଏହା ସର୍ବୋଚ୍ଚ ଭାବେ ସମାନୁପାତିକ ନୁହେଁ। ନଚେତ୍ ଏ ଦୃଷ୍ଟିରୁ ଆମଠାରୁ ବହୁ ପଛରେ ଥିବା ଉପସାହାରୀୟ ଦେଶ ତୁଳନାରେ ଆମ ଦେଶ ତଥା ସମଗ୍ର ଦକ୍ଷିଣ–ଏସିଆରେ ଏଭଳି ଅଧିକ ଶିଶୁମୃତ୍ୟୁ ହୁଅନ୍ତା କାହିଁକି। ଅବଶ୍ୟ ୧୯୯୦ରୁ ସମନ୍ୱିତ ଶିଶୁ ବିକାଶ ଯୋଜନା, ଅଙ୍ଗନୱାଡ଼ି, ବିଦ୍ୟାଳୟରେ ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ପୋଷଣ ଅଭିଯାନ ସହିତ ଗର୍ଭବତୀ ମା'ମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ବିବିଧ କାର୍ଯ୍ୟକ୍ରମର ପ୍ରଚଳନ ଫଳରେ ଏ ସମସ୍ୟାର କିଛି ମାତ୍ରାରେ ସମାଧାନ ହୋଇପାରିଛି। ତେବେ ତାହା ଯଥେଷ୍ଟ ନୁହେଁ। ଏପରିସ୍ଥଳେ, ଏ କ୍ଷେତ୍ରରେ ପ୍ରଗତି ଦ୍ରୁତ ନ ହେଲେ ଆମ ସହସ୍ରାବ୍ଦୀ ଲକ୍ଷ୍ୟ ସାଧନ ସମ୍ଭବ ହେବ ନାହିଁ। ସେଥିପାଇଁ ପ୍ରଥମତଃ ଲୋଡ଼ା ଦୁଇଟି କଥା– ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ ସୁଷମ ଅର୍ଥନୀତି। ତା' ନ ହେଲେ ଆମ ଶିଶୁମାନେ ନା ଭାଗ୍ୟବାନ୍ ହୋଇପାରିବେ, ନା ଆୟୁଷ୍ମାନ୍। ପରିଣାମସ୍ୱରୂପ ଦେଶର ଆଗାମୀକାଲିର ପୁଞ୍ଜି ରୂପେ ଉପସ୍ଥାପିତ ଯୁବ ସମ୍ପଦର ଆଶାନୁରୂପ ବିକାଶ ହୋଇପାରିବ ନାହିଁ।

ଭୁବନେଶ୍ୱର, ମୋ–୯୯୩୭୯୮୫୭୬୭

## ପାଠକ ଶ୍ରେଷ୍ଠ ବିଚାରକ

### ଆଚରଣବିଧିରେ ୫–ଟି

ମହାଶୟ,

ସରକାରଙ୍କ ବିନାନୁମତିରେ କୌଣସି ସରକାରୀ ଅଧିକାରୀ କି କର୍ମଚାରୀ ଗଣମାଧ୍ୟମକୁ ବିବୃତି ଦେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଖବର ପ୍ରକାଶ ପାଇଛି। ଏବେ ତ ପ୍ରାୟ ସବୁ ବିଭାଗରେ କର୍ମଚାରୀମାନେ ସଂଘ ଗଠନ କରି ନିଜ ଦାବି ବିକ୍ଷୋଭ, କାର୍ଯ୍ୟବନ୍ଦ ଆଦି କରୁଛନ୍ତି। ଏହା ଉପରେ ସରକାରୀ କଟକଣା ନାହିଁ। ସରକାରୀ କର୍ମଚାରୀଙ୍କ ପାଇଁ ଆଚରଣ ବିଧି ୧୯୫୯ରୁ ପ୍ରଚଳିତ ଅଛି। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବାକ୍ ସ୍ୱାଧୀନତା ଥିଲେ ହେଁ କେନ୍ଦ୍ର ବା ରାଜ୍ୟର ସମସ୍ତ କର୍ମଚାରୀ ନିର୍ଦ୍ଧାରିତ ଆଚରଣବିଧି ପରିସରରେ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ବିଧେୟ, ନ ହେଲେ କାର୍ଯ୍ୟାନୁଷ୍ଠାନ– ଏହା ତ ଚିରାଚରିତ ନିୟମ। ଏ ଆଇନରେ ସମ୍ପତ୍ତି ଠୁଳ, ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକର କୌଣସି ଉପହାର ଗ୍ରହଣ କରିବା ଓ ସଂଯତ ଆଚରଣ ଆଦି ବହୁ ବିଷୟ ଅଛି, ଯାହା ଆଉ ଥରେ ଛପାଇ କର୍ମଚାରୀଙ୍କୁ ବାଣ୍ଟିଲେ ସମସ୍ତେ ଚେତିବେ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

### ସରକାରୀ କଲେଜ ନ ଥିବା ଜିଲା

ରାଜ୍ୟ ବିଧାନସଭାରେ ଗତ ବଜେଟ ଅଧିବେଶନ ସମୟରେ ସରକାରଙ୍କ ତରଫରୁ ସୂଚନା ଦିଆଯାଇଥିଲା ଯେ, ଓଡ଼ିଶାର ୩ଟି ଜିଲା କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ଝାରସୁଗୁଡ଼ାରେ ସରକାରୀ କଲେଜ ନାହିଁ। ଏଣୁ ରାଜ୍ୟ ସରକାର ଏହି ତିନୋଟି ଜିଲାରେ ଗୋଟିଏ ଲେଖାଏ ଅଗ୍ରଣୀ କଲେଜକୁ ହାତକୁ ନେବା ଉଚିତ। ବିଶେଷକରି କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜ ଓ ଜଗତ୍‌ସିଂହପୁର ଏସ୍‌ଭିଏମ୍ କଲେଜକୁ ସରକାରୀ କଲେଜର ମାନ୍ୟତା ମିଳିବା ଆବଶ୍ୟକ। ତା'ଲେ ଏହି ଦୁଇଟି କଲେଜର ସୁନାମ ଓ ମର୍ଯ୍ୟାଦା ନିଶ୍ଚିତ ଭାବେ ବୃଦ୍ଧିପାଇବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)






**ବିଧାନସଭା ଶୀତ ଅଧିବେଶନ:** ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଓ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗୃହକୁ ପ୍ରବେଶ କରୁଛନ୍ତି।

# ଆପଣମାନେ ଖୁସି ତ, ମୁଁ ବି ଖୁସି

## ବିଧାନସଭାରେ ହାସ୍ୟରୋଳ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ଆପଣମାନେ ଖୁସି ତ। ମୁଁ ବି ଖୁସି। କଂଗ୍ରେସ ଦଳ ନେତା ତାରାପ୍ରସାଦ ବାହିନୀପତିଙ୍କ ଏହି ଡାଇଲଗ୍‌କୁ ନେଇ ବୁଧବାର ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବିଧାନସଭାରେ ଏକ ହାସ୍ୟରୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା।

ଷୋଡ଼ଶ ବିଧାନସଭା ଦ୍ୱିତୀୟ ଅଧିବେଶନ ବୁଧବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସ ଥିବାରୁ ଉଭୟ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ବେଶ୍ ଉତ୍ସାହିତ ଏବଂ ଫ୍ରେଶ୍ ଜଣାପଡୁଥିଲେ। ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସଦସ୍ୟମାନେ ନିଜ ସିଟ୍‌ରେ ବସି ପରସ୍ପର ଆଲୋଚନାରେ ମାତିଥିଲେ। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଗୃହକୁ ପ୍ରବେଶ କରିବା ମାତ୍ରେ ଏକ ଭିନ୍ନ ପରିବେଶ ସୃଷ୍ଟି ହୋଇଥିଲା। ସେ ତାଙ୍କ ଢଙ୍ଗରେ ଶାସକ ଦଳର ସଦସ୍ୟ ଏବଂ ମନ୍ତ୍ରୀମାନଙ୍କୁ ହାତ ହଲାଇ ନମସ୍କାର ଜଣାଇବା ସହ ବ୍ୟଙ୍ଗ କରିଥିଲେ। ଶାସକଦଳ ସଦସ୍ୟଙ୍କୁ ଲକ୍ଷ୍ୟ କରି ସେ କହିଥିଲେ ଆପଣମାନେ ଖୁସି ତ। ମୁଁ ବି ବହୁତ ଖୁସି। ଏଭଳି ଢଙ୍ଗରେ କହୁଥିବାବେଳେ ୧୦ଟା ୫୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହକୁ ପ୍ରବେଶ କରିଥିଲେ। ମୁଖ୍ୟମନ୍ତ୍ରୀ ସଦସ୍ୟମାନଙ୍କୁ ନମସ୍କାର କରୁଥିବାବେଳେ ତାରା ତାଙ୍କୁ ଲକ୍ଷ୍ୟ କରି କହିଲେ, ସାର୍। ଆପଣ ଖୁସି ତ। ମୁଖ୍ୟମନ୍ତ୍ରୀ ସ୍ମିତ ହାସ୍ୟଦେଇ କହିଥିଲେ, ମୁଁ ବହୁତ ଖୁସି। ମୁଖ୍ୟମନ୍ତ୍ରୀଙ୍କଠାରୁ ଏଭଳି ପ୍ରତିକ୍ରିୟା ଦେଖି ଶାସକ ଦଳର ସଦସ୍ୟମାନେ ତାଳିମାରି ସ୍ୱାଗତ କରିଥିଲେ। ଏହାକୁ ନେଇ ଗୃହରେ ଏକ ହାସ୍ୟରୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା।

## ■ ବିଜେଡି ବିଧାୟକ ଦଳ ବୈଠକରେ ନବୀନଙ୍କ ନିର୍ଦ୍ଦେଶ

# ଅଧିବେଶନ ସମୟରେ ଶୃଙ୍ଖଳିତ, ସମୟାନୁବର୍ତ୍ତୀ ହୁଅ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

- ■ପ୍ରତି ଦୁଇ ମାସରେ ବିଧାୟକ ଦେବେ ରିପୋର୍ଟ
- ■ଗୃହରେ ଉପସ୍ଥାନ ନେଇ ପ୍ରତିଦିନ ରିପୋର୍ଟ ଦେବେ ମୁଖ୍ୟ ସଚେତକ
- ■ନୂଆ ବିଧାୟକମାନଙ୍କ ପ୍ରଦର୍ଶନ ଉପରେ ନଜର

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ଅଧିବେଶନରେ ବିଧାୟକମାନଙ୍କ ସକାରାତ୍ମକ ଉପସ୍ଥିତି ନେଇ ମତ ରଖିଛନ୍ତି। ଏନେଇ ନିଜର ଆଭିମୁଖ୍ୟକୁ ଅଧିକ ସ୍ପଷ୍ଟ କରିବା ସହ ତାହାର ଅନୁପାଳନ ପାଇଁ ବିଧାୟକମାନଙ୍କୁ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ପୂର୍ବରୁ ଦଳର ବିଧାୟକ ଦଳ ବୈଠକରେ ବିଜେଡି ସଭାପତି ଏହି କଥା କହିଛନ୍ତି। ଅଧିବେଶନ ଚାଲିଥିବା ସମୟରେ କୌଣସି ବିଜେଡି ବିଧାୟକ ୨ ଦିନରୁ ଅଧିକ ଛୁଟି ନେବାକୁ ଚାହିଁଲେ, ମୁଖ୍ୟମନ୍ତ୍ରୀଙ୍କ ଅନୁମତି ନେବା ଆବଶ୍ୟକ ବୋଲି କୁହାଯାଇଛି।

ରାଜ୍ୟ ସରକାର ଯେଉଁ ଢଙ୍ଗରେ ୫-ଟି କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ଅନୁରୂପଭାବେ ଶାସକ ଦଳ ବିଧାୟକମାନେ ବୈଷୟିକ ପଦ୍ଧତି ଉପଯୋଗ କରି ଉପସ୍ଥାନ ରେକର୍ଡ କରିବା ସହ ଗୃହ କାର୍ଯ୍ୟରେ ଅଂଶଗ୍ରହଣ କରିବାର ଆବଶ୍ୟକତା ରହିଛି। ସେହିପରି ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଗୃହ ଚାଲୁଥିବାବେଳେ ପ୍ରତିଦିନ ପୂର୍ବାହ୍ନ ୧୧ଟା ୩୦ରେ ଦଳୀୟ ବିଧାୟକଙ୍କ ଉପସ୍ଥିତି ନେଇ ସଭାପତିଙ୍କୁ ଜଣାଇବେ। ଏଥିସହିତ ଉପସ୍ଥିତ ଏବଂ ଅନୁପସ୍ଥିତ ବିଧାୟକଙ୍କ ତାଲିକା ମଧ୍ୟ ପ୍ରଦାନ କରିବେ। ସେହିପରି ଏହି ଅଧିବେଶନରେ ବିଧାୟକମାନେ ଯେପରି ବିତର୍କରେ ଅଧିକ ପରିମାଣରେ ଭାଗ ନେବେ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ନବ ନିର୍ବାଚିତ ବିଧାୟକମାନଙ୍କ ଅଂଶଗ୍ରହଣକୁ ସେ ଅନୁଧ୍ୟାନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିରୋଧୀ ଦଳଗୁଡିକ ଦ୍ୱାରା କରାଯାଉଥିବା ଗଠନଧର୍ମୀ ସମାଲୋଚନାକୁ ସ୍ୱାଗତ କରାଯିବ। ଅନୁରୂପଭାବେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ଯେ କୌଣସି ପ୍ରସଙ୍ଗରେ ଶାସକ ଦଳ ଆଲୋଚନା କରିବାକୁ ପ୍ରସ୍ତୁତ ବୋଲି ବିଜେଡି ସଭାପତି କହିଛନ୍ତି। ଗଣତନ୍ତ୍ରରେ ଲୋକମାନେ ରାଜନେତାଙ୍କ ପ୍ରକୃତ ପ୍ରଭୁ। ସାଧାରଣ ନିର୍ବାଚନରେ ବିପୁଳ ବିଜୟ ପରେ ପାଟକୁରା ଏବଂ ବିଜେପୁର ଉପନିର୍ବାଚନରେ ଦଳ ପ୍ରତି ସମର୍ଥନ ବିଜେଡି ପ୍ରତି ଜନତାଙ୍କ ଅତୁଟ ବିଶ୍ୱାସ ବୋଲି କୁହାଯାଇଛି। ବିଜେଡି ବିଧାୟକମାନେ ଏଣିକି ପ୍ରତି ଦୁଇ ମାସରେ ନିଜ ନିର୍ବାଚନମଣ୍ଡଳୀ ସମ୍ପର୍କିତ କାର୍ଯ୍ୟାବଳୀର ବିବରଣୀ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବେ। ସେହିପରି ଏହି ରିପୋର୍ଟ ରୂପରେଖ କିପରି ରହିବ, ତାହା ପ୍ରସ୍ତୁତ କରିବା ପାଇଁ ବରିଷ୍ଠ ବିଧାୟକଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ୧୦ ଦିନ ମଧ୍ୟରେ ଏହି କମିଟି ରିପୋର୍ଟ ସମ୍ପର୍କିତ ରୂପରେଖ ପ୍ରସ୍ତୁତ କରିବ ବୋଲି ଜଣାପଡିଛି। ଏହି କମିଟିରେ ଅମର ଶତପଥୀ, ଉଷାଦେବୀ, ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ କିଶୋର ମହାନ୍ତି ପ୍ରମୁଖ ସଦସ୍ୟ ରହିଛନ୍ତି। ବିଧାୟକ ଦଳ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ମୁଖ୍ୟ ସଚେତକ ପ୍ରମିଳା ମଲିକ, ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଏବଂ ଅନ୍ୟ ବିଧାୟକମାନେ ଉପସ୍ଥିତ ରହିଥିଲେ।



ବିଧାୟକ ଦଳ ବୈଠକରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟମାନେ।

# ପଞ୍ଚଲିଙ୍ଗେଶ୍ୱରରେ ପର୍ଯ୍ୟଟକଙ୍କଠାରୁ ଟଙ୍କା ଲୁଟ୍, ୨ ଅଟକ

ସଜନାଗଡ଼,୧୩।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରିସ୍ଥିତ ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱର ବୁଲି ଆସୁଥିବା ପର୍ଯ୍ୟଟକମାନଙ୍କୁ ଆକ୍ରମଣ ଓ ଲୁଟ୍ କରିବା ଭଳି ଘଟଣା ଦିନକୁ ଦିନ ବଢ଼ି ଚାଲିଛି। ବୁଧବାର ଜନୈକ ପର୍ଯ୍ୟଟକଙ୍କଠାରୁ ୧୦ ହଜାର ଟଙ୍କା ଲୁଟି ନିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳର ମଦନମୋହନ ସାହୁ ଓ ମମତା ଦେଉରୀ ବୁଧବାର ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ବୁଲିବାକୁ ଆସିଥିଲେ। ସେମାନେ ଠାକୁର ଦର୍ଶନ ସାରି ଫେରୁଥିବାବେଳେ ଜୋତା ଷ୍ଟାଣ୍ଡଠାରେ କେତେକ ଯୁବକ ମହିଳା ପର୍ଯ୍ୟଟକ ମମତାଙ୍କୁ ଗାଳିଗୁଲଜ କରି ତାଙ୍କ ବ୍ୟାଗ୍ ଛଡ଼ାଇ ନେଇଥିଲେ। ଏହି ବ୍ୟାଗ୍ ଭିତରେ ୧୦ ହଜାର ଟଙ୍କା ଥିଲା ବୋଲି ମଦନମୋହନ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିବା ପରେ ସବ୍‌ଇନ୍‌ସପେକ୍ଟର ବାସୁଦେବ ଜୟସିଂହ ଘଟଣାସ୍ଥଳରେ ପହଞ୍ଚି ୨ଜଣଙ୍କୁ ଧରି ଆଣି ଥାନାରେ ପଚରାଉଚରା ଜାରି ରଖିଛନ୍ତି। ଏନେଇ ନୀଳଗିରି ଥାନାରେ ଦଫା ୩୯୨ ଆଇପିସିରେ ଏକ ମାମଲା (ନଂ. ୨୮୯/୧୯) ରୁଜୁ ହୋଇଥିବା ପୋଲିସ କହିଛି।

**LEPRA SOCIETY**

**QUATATION CALL NOTICE**

Sealed quotations are invited from interested parties for asbestos shedding work (Total 2628 Sq.ft) at the roof of MNC-LEPRA Society building. Interested parties may visit hospital campus regarding work details between 11 AM to 5 PM on any working day. Quotations should reach the office of Medical Superintendent on or before 23.11.2019 on below address.

MNC- Lepra Society, At-Pandapali, Po-Birmaharajpur Pin-767018. Mob :Mr Sujit Thappa- 9078056254,9556853432

# ପୂର୍ବତନ ସଦସ୍ୟଙ୍କ ବିୟୋଗରେ ବିଧାନସଭାରେ ଶୋକ



ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ବିଧାନସଭାର ପୂର୍ବତନ ସଦସ୍ୟଙ୍କ ବିୟୋଗରେ ବୁଧବାର ଗୃହରେ ଶୋକପ୍ରକାଶ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରଲୋକଗତ ସଦସ୍ୟ ସାହୁରା ମଲିକ, ଉଦିତ୍ ପ୍ରତାପ ଦେଓ, ବୃନ୍ଦାବନ ପାତ୍ର ଏବଂ ଓଡ଼ିଶା ପୋଲିସର ପୂର୍ବତନ ଓଏପିଏଫ୍ ଜୟରାମ କବାସିଙ୍କ ବିୟୋଗରେ ଗୃହରେ ଶୋକପ୍ରସ୍ତାବ ଆଗତ କରିଥିଲେ।

ଷୋଡ଼ଶ ବିଧାନସଭାର ଦ୍ୱିତୀୟ ଅଧିବେଶନ ବୁଧବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସ ଥିବାରୁ ଗୃହକାର୍ଯ୍ୟ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିଲା। ଜାତୀୟ ସଂଗୀତ ଗାନ ପରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଶୋକପ୍ରସ୍ତାବ ଆଗତ କରିବା ପାଇଁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ଶୋକପ୍ରସ୍ତାବ ଆଗତ କରିବା ସହ ଦିବଂଗତଙ୍କ ସ୍ମୃତିଚାରଣ କରିଥିଲେ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗୃହର ସମବେଦନା ଜଣାଇବା ସହ ସ୍ୱର୍ଗତ ଆତ୍ମାଙ୍କ ସଦ୍‌ଗତି କାମନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକପ୍ରସ୍ତାବକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ସମର୍ଥନ ଜଣାଇଥିଲେ। ବାଚସ୍ପତିଙ୍କ ଜରିଆରେ ନିଜ ଦଳର ସମବେଦନା ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଜଣାଇଥିଲେ। ଶେଷରେ ବାଚସ୍ପତି ମୃତ ସଦସ୍ୟଙ୍କ ଜୀବନୀ ବିଷୟରେ ସଂକ୍ଷେପରେ ଆଲୋକପାତ କରିବା ସହ ଗୃହ ତରଫରୁ ସ୍ୱର୍ଗତଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏଥିସହ ଗୃହରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପୂର୍ବାହ୍ନ ୧୧ଟାରୁ ୧୧ଟା ୧୫ମିନିଟ୍ ପର୍ଯ୍ୟନ୍ତ ଗୃହରେ ଶୋକପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା।

# ଆଜି କ'ଣ କେଉଁଠି

**ବେଲପାହାଡ**
■ଶିଶୁ ନାଟକ ମହୋତ୍ସବ ଇନ୍ଦ୍ରଧନୁ ଉଦ୍‌ଘାଟନ ସମାରୋହ, ଗୁମାଡେରା ମିରର ଥିଏଟର ମଞ୍ଚ, ସନ୍ଧ୍ୟା ୭ଟା।

**ବିଜେପୁର**
■ଜିଲାସ୍ତରୀୟ ବିଜ୍ଞାନ ମେଳା, ବିଜେପୁର ମହାବିଦ୍ୟାଳୟ, ପୂର୍ବାହ୍ନ ୯।୩୦।

ଦେବଗଡ
■ଶିଶୁ ଦିବସ ଅବସରରେ ବିଭିନ୍ନ ପ୍ରତିଯୋଗିତା, ଚିନ୍ମୟ ବିଦ୍ୟାଳୟ, ପୂର୍ବାହ୍ନ ୯ଟା।

**ବରଗଡ**
■କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ, ବିରମାଲ, ପୂର୍ବାହ୍ନ ୯ଟା।

**ଲୋଇସିଂହା**
■ଲୋଇସିଂହା ଷ୍ଟାଡିୟମ ସ୍ୱନକ୍ଷତ୍ର ଉପଲକ୍ଷେ ଫୁଟବଲ ପ୍ରତିଯୋଗିତା, ଲୋଇସିଂହା, ପୂର୍ବାହ୍ନ ୧୦ଟା।

**ଦେଓଗାଁ**
■ସୁରେନ୍ଦ୍ର ମେମୋରିଆଲ ଅଲ ଓଡିଶା ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ- ବିଏନଏଏ ଜରାସିଂହା ବନାମ ଏମପି କ୍ଲବ ଫୁଲବାଣୀ, ଜରାସିଂହା ମିନି ଷ୍ଟାଡିୟମ, ଅପରାହ୍ନ ୩ଟା।

**କର୍ଲାମୁଣ୍ଡା**
■ସତ୍ୟସାଇ ଭଜନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଓ ସପ୍ତବିଂଶତମ ବାର୍ଷିକ ଉତ୍ସବ, ଯୋରାଡବରା, ପୂର୍ବାହ୍ନ ୧୦।୩୦।

**ସୁବର୍ଣ୍ଣପୁର**
■ଜିଲାସ୍ତରୀୟ ଭିନ୍ନକ୍ଷମ କ୍ରୀଡା ପ୍ରତିଯୋଗିତା, ଗାନ୍ଧୀ ପଡିଆ, ସକାଳ ସାଢେ ୭ଟା।
■ଜିଲାସ୍ତରୀୟ ବିଶ୍ୱ ମଧୁମେହ ଦିବସ ପାଳନ, ହରଡଖୋଲ ଅଙ୍ଗନୱାଡି କେନ୍ଦ୍ର, ପୂର୍ବାହ୍ନ ୧୧ଟା।

**ବୌଦ୍ଧ**
■ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶିଶୁ ଦିବସ ପାଳନ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
■ମହିଳା ଆତ୍ମସୁରକ୍ଷା କୌଶଳ ଶିବିର ଉଦ୍‌ଯାପିତ, ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।

**ରାଉରକେଲା**
■ଡ୍ରିମଟିମ୍ ଫାଉଣ୍ଡେଶନ ପକ୍ଷରୁ ଶିଶୁ ଦିବସ ଉତ୍ସାହ, ଭଞ୍ଜଭବନ ଅଡିଟୋରିୟମ, ମଧ୍ୟାହ୍ନ ସାଢେ ୧୨ଟା।
■ବିଶ୍ୱ ମଧୁମେହ ଦିବସ, ସିଭିଲ ଟାଉନଶିପ, ସକାଳ ୯ଟା।

**ନୂଆପଡ଼ା**
■ଜିଲା ଲୋହରା ସମାଜର ବାର୍ଷିକ ବୈଠକ, କୁଲିହାବନ୍ଧା ବୈଠକ ଗୃହ, ପୂର୍ବାହ୍ନ ୧୦ଟା।

**ଟିଟିଲାଗଡ଼**
■ମଧୁମେହ ପରୀକ୍ଷା ଶିବିର, ବିଜୁ ପଟ୍ଟନାୟକ ଛକ, ପୂର୍ବାହ୍ନ ୧୦ଟା।

## ■ଅର୍ଥ ଆତ୍ମସାତ୍ ଅଭିଯୋଗ

# ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବରଖାସ୍ତ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ଚୌଧୁରୀଙ୍କୁ କଟକ ସ୍ୱତନ୍ତ୍ର ନ୍ୟାୟାଧୀଶ (ଦୁର୍ନୀତି ନିବାରଣ)ଙ୍କ ପକ୍ଷରୁ ଅର୍ଥ ଆତ୍ମସାତ୍ ଅଭିଯୋଗରେ ଉଭୟ ଜେଲ୍ ଏବଂ ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ଦଣ୍ଡାଦେଶ ଶୁଣାଣି ପରେ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ବିଭାଗ ପକ୍ଷରୁ ତାଙ୍କୁ ସରକାରୀ ଚାକିରିରୁ ବରଖାସ୍ତ କରାଯାଇଛି। ସୂଚନାଯୋଗ୍ୟ, ଚୌଧୁରୀ ପୂର୍ବରୁ ଯାଜପୁର ଜିଲା ଦଶରଥପୁର ବ୍ଲକ୍‌ରେ ଷ୍ଟାଇପେଣ୍ଡାରୀ ଇଂଜିନିୟର ଭାବେ ନିଯୁକ୍ତ ଥିଲେ। ତାଙ୍କ ବିରୋଧରେ ଏମ୍‌ପି ପାଣ୍ଠି ବିନିଯୋଗରେ ନିର୍ମିତ ସାଂସ୍କୃତିକ କେନ୍ଦ୍ର ନିର୍ମାଣ ପାଇଁ ୧୦,୧୯୭ ଟଙ୍କାର ମିଥ୍ୟା ବିଲ୍ ପ୍ରସ୍ତୁତ ଅଭିଯୋଗ ଥିଲା। ଏହି ଅଭିଯୋଗର ଶୁଣାଣି କରି ସ୍ୱତନ୍ତ୍ର ନ୍ୟାୟାଧୀଶ (ଦୁର୍ନୀତି ନିବାରଣ) ତାଙ୍କୁ ଦଣ୍ଡିତ କରିଛନ୍ତି।

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**

**ସୁରଭି : ୨୦୧୯**

**(ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ)**

ସ୍ଥାନ: ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସର, ୟୁନିଟ୍-୯, ଭୁବନେଶ୍ୱର ।। ତା: ୧୪, ୧୫ ଓ ୧୬ ନଭେମ୍ବର ୨୦୧୯

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ନଭେମ୍ବର ୧୪, ୧୫ ଓ ୧୬ ତିନିଦିନ ଧରି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୯ ୟୁନିଟ୍-୯, ଭୁବନେଶ୍ୱର, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ।

ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ ଏହି ଉତ୍ସବରେ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିବେ।

।। **କାର୍ଯ୍ୟସୂଚୀ** ।।

| | | |
|---|---|---|
| ତା ୧୪।୧୧।୨୦୧୯ (ଗୁରୁବାର)<br>ସମୟ: ସକାଳ ୭.୩୦ ଘଟିକା<br>ଶିକ୍ଷା ସଚେତନତା ସାଇକେଲ ରାଲି: ବିଜୁ ପଟ୍ଟନାୟକ (ଫରେଷ୍ଟ) ପାର୍କଠାରୁ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯, ଭୁବନେଶ୍ୱର | ଆଦରଣୀୟ ଅତିଥି | **ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ,** ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା<br>**ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା,** ମାନ୍ୟବର ମନ୍ତ୍ରୀ<br>ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଶା |
| ତା୧୪।୧୧।୨୦୧୯ (ଗୁରୁବାର)<br>ସନ୍ଧ୍ୟା ୫.୦୦ ଘଟିକା:<br>ଉଦ୍‌ଘାଟନ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ | ଆଦରଣୀୟ ଅତିଥି | **ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ,** ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା<br>**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**<br>ମାନ୍ୟବର ସାଂସଦ, ଭୁବନେଶ୍ୱର<br>**ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା**<br>ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)<br>**ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ**<br>ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)<br>**ମୋନିକା ନିଲ୍‌ସନ**<br>ମୁଖ୍ୟ କ୍ଷେତ୍ର ଅଧିକାରୀ, ୟୁନିସେଫ୍, ଓଡ଼ିଶା |
| ତା ୧୫।୧୧।୨୦୧୯ (ଶୁକ୍ରବାର)<br>ସମୟ: ଅପରାହ୍ନ ୩.୦୦ ଘଟିକା : ଛାୟା ବିଧାନସଭା<br>ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ-୯, ଭୁବନେଶ୍ୱର | ଆଦରଣୀୟ ଅତିଥି | **ଶ୍ରୀଯୁକ୍ତ ସୂର୍ଯ୍ୟ ନାରାୟଣ ପାତ୍ର,** ମାନ୍ୟବର ବାଚସ୍ପତି<br>ଓଡ଼ିଶା ବିଧାନସଭା<br>**ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ,** ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା |
| ସନ୍ଧ୍ୟା ୬.୦୦ ଘଟିକା: ସାଂସ୍କୃତିକ କାର୍ଯ୍ୟକ୍ରମ | ଆଦରଣୀୟ ଅତିଥି | **ଡ. ଅରୁଣ କୁମାର ସାହୁ,** ମାନ୍ୟବର ମନ୍ତ୍ରୀ<br>କୃଷି ଓ କୃଷକ ସଶକ୍ତୀକରଣ,<br>ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଓ ଉଚ୍ଚ ଶିକ୍ଷା, ଓଡ଼ିଶା<br>**ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ,** ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା<br>**ଶ୍ରୀଯୁକ୍ତ ଅସିତ କୁମାର ତ୍ରିପାଠୀ**<br>ମୁଖ୍ୟ ଶାସନ ସଚିବ, ଓଡ଼ିଶା |
| ତା ୧୬।୧୧।୨୦୧୯ (ଶନିବାର)<br>ସମୟ ସନ୍ଧ୍ୟା ୬.୦୦ ଘଟିକା<br>ଉଦ୍‌ଯାପନ ଉତ୍ସବ: ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ-୯, ଭୁବନେଶ୍ୱର | ଆଦରଣୀୟ ଅତିଥି | **ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**<br>ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା<br>**ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ,** ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ଓଡ଼ିଶା<br>**ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା**<br>ମାନ୍ୟବର ମନ୍ତ୍ରୀ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ, ସାଧାରଣ ଉଦ୍ୟୋଗ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଓଡ଼ିଶା |

**ଉକ୍ତ ମହୋତ୍ସବରେ ଆପଣଙ୍କ ସଦୟ ଉପସ୍ଥିତି କାମନା କରୁଛୁ**
**କମିଶନର ତଥା ଶାସନ ସଚିବ**
**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**

# ମହାପ୍ରଭୁଙ୍କର ହେଲା ବନକଲାଗି

**ପୁରୀ ଅଫିସ, ୧୩।୧୧:** ଶ୍ରୀମନ୍ଦିରରେ ବୁଧବାର ବନକଲାଗି ନୀତି ସମ୍ପନ୍ନ ହୋଇଛି। ଏଥିପାଇଁ ଅପରାହ୍ନ ୪ଟା ୫୦ରୁ ରାତି ୭ଟା ୫୫ ପର୍ଯ୍ୟନ୍ତ ଦାରୁବିଗ୍ରହଙ୍କ ଦର୍ଶନ ବନ୍ଦ ରହିଥିଲା। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି କରାଯାଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ପ୍ରାୟ ୩ଘଣ୍ଟା ଧରି ହୋଇଥିବା ଏହି ବନକଲାଗି ନୀତି ପରେ ପୁଣି ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ନେଲା ଚାଷୀଙ୍କ ଜୀବନ

ବାସୁଦେବପୁର/ପଦ୍ମପୁର,୧୩।୧୧(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ରାଧାବଲ୍ଲଭପୁର ଗ୍ରାମର ପ୍ରହ୍ଲାଦ ଜେନା ନାମକ ଚାଷୀଙ୍କର ବୁଧବାର ପୂର୍ବାହ୍ନରେ ଧାନବିଲରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ବାତ୍ୟା ପ୍ରଭାବରେ ବିଲରେ ଧାନ ପାଣିରେ ଶୋଇ ରହିଥିବା ବେଳେ ପ୍ରହ୍ଲାଦ ଏକ ବାଡ଼ି ଦ୍ୱାରା ଧାନଗଛକୁ ସିଧା କରି କିଆରିରୁ ପାଣି ନିଷ୍କାସନ କରୁଥିଲେ। ଏହି ସମୟରେ ତାଙ୍କ ବିଲ ଉପରେ ଦେଇ ଯାଇଥିବା ବିଦ୍ୟୁତ୍ ତାରରେ ଅସାବଧାନତାବଶତଃ ଓଦା ବାଡ଼ିଟି ଲାଗିଯିବାରୁ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବାସୁଦେବପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୮/୧୯) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ■ ରୋଗଗ୍ରସ୍ତ ନାବାଳକଙ୍କୁ ଗୁଣିଆ ଦମ୍ପତିଙ୍କ ନିର୍ଯାତନା

# ଭୂତ ଛଡ଼ାଇବାକୁ ଜୋତା ଧୂଆଁ ଦେଇ ନିର୍ଘୁମ୍ ପିଟିଲେ

ଭୋଗରାଇ,୧୩।୧୧(ଡି.ଏନ.ଏ.)

ଅନ୍ଧବିଶ୍ୱାସ ଆଜି ବି ଲୋକଙ୍କ ମନରେ କିଭଳି ବସାବାନ୍ଧି ରହିଛି, ତାହାର ଏକ ନଜିର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମହାଗ ଅଞ୍ଚଳରେ ଦେଖିବାକୁ ମିଳିଛି। ଜଣେ ୧୦ବର୍ଷର ରୋଗଗ୍ରସ୍ତ ନାବାଳକଙ୍କୁ ଭୂତ ଲାଗିଥିବା କହି ବୁଧବାର ଏକ ଗୁଣିଆ ଦମ୍ପତି ତାଙ୍କୁ ଜୋତା ଧୂଆଁ ଦେବା ସହ ନିର୍ଘୁମ ପଟି ନିର୍ଯାତନା ଦେବା ଘଟଣାର ଏକ ଭିଡିଓ ଭାଇରାଲ ହୋଇଛି। ଏହାପରେ ପୋଲିସ ଏ ନେଇ ତନାଘନା ଆରମ୍ଭ କରିଛି। ଥାନାରେ କେହି କିଛି ଅଭିଯୋଗ କରି ନ ଥିଲେ ମଧ୍ୟ ନିଜଆଡୁ ପୋଲିସ ଏକ ମାମଲା (ନଂ.୧୦୮/୧୯) ରୁଜୁ କରିଥିବା କମର୍ଦ୍ଦା ଥାନା ଆଇଆଇସି ପାସ୍କେ ଏକ୍କା ସୂଚନା ଦେଇଛନ୍ତି।

କମର୍ଦ୍ଦା ଥାନା ଅଧୀନ ମହାଗ ଅଞ୍ଚଳର ଏହି ନାବାଳକ କିଛିଦିନ ଧରି ଜ୍ୱରରେ ପୀଡିତ ଥିଲେ । ଗରିବ ମା' ବାପା ତାଙ୍କୁ ଡାକ୍ତରଖାନା ନେଇ ନ ପାରି ଜଣେ କ୍ୱାକ୍‌ଙ୍କ ନିକଟରେ ଚିକିତ୍ସା କରାଇଥିଲେ। ରୋଗ ଭଲ ନ ହେବାରୁ ନାବାଳକ ଅଧିକ ଅସୁସ୍ଥ ହୋଇପଡିଥିଲେ । ଜ୍ୱର ବେଳେ ସେ ବାଉଳିଚାଉଳି ହେଉଥିଲେ। ଏହା ଦେଖି ପରିବାର ଲୋକେ ତାଙ୍କୁ କୌଣସି ଭୂତପ୍ରେତ ଲାଗିଥାଇପାରେ ବୋଲି ସନ୍ଦେହ କରି ବୁଧବାର ରାଣୀଗୋଡ଼ା ଗାଁର ଏକ ଗୁଣିଆ ଦମ୍ପତିଙ୍କ ନିକଟକୁ ନେଇଯାଇଥିଲେ। ଗୁଣିଆ ଦମ୍ପତି ଭୂତ ଲାଗିଛି ବୋଲି କହି ପିଲାଟିକୁ ଏକ ରାସ୍ତା ପାର୍ଶ୍ୱକୁ ନେଇ ପ୍ରଥମେ ପୂଜାର୍ଚ୍ଚନା କରିଥିଲେ। ପରେ ସେମାନେ ଏକ ଜୋତାକୁ ପୋଡି ତାଙ୍କୁ ଧୂଆଁ ଦେଇଥିଲେ। ପରେ ଭୂତ ଛଡାଇବାକୁ ଏକ ଗଛର ଡାଳ ଓ ବାଡି ଆଣି 'ଛାଡି ଯା, ଛାଡି ଯା' କହି ନିର୍ଘାତ ପିଟିଥିଲେ। ନାବାଳକ ଜଣଙ୍କ ଏଭଳି ନିଯାତନା ସହି ନ ପାରି କାନ୍ଦି କାନ୍ଦି ଅଚେତ ହୋଇପଡିଥିଲେ। କିଛି ସମୟ ପରେ ଚେତା ଫେରିବାରୁ ତାଙ୍କ ବାପା ନାବାଳକଙ୍କୁ ଘରକୁ ନେଇ ଆସି ଜଣେ ଘରୋଇ ଡାକ୍ତରଙ୍କ ପାଖରେ ଚିକିତ୍ସା କରାଇଥିବା ସୂଚନା ମିଳିଛି। ଏହି ଘଟଣାର ଭିଡିଓ ଭାଇରାଲ୍ ହେବା ପରେ କମର୍ଦ୍ଦା ପୋଲିସ ସେଠାକୁ ଯାଇ ତଦନ୍ତ କରି ଫେରିଛି। ପୋଲିସ ଆସିବା ସୂଚନା ପାଇ ରାଣୀଗୋଡ଼ା ଅଞ୍ଚଳର ଅଭିଯୁକ୍ତ ଗୁଣିଆ ଦମ୍ପତି ଅଜୟ ରାଉଳ ଓରଫ ଚୁଟିଆ ଓ ତାଙ୍କ ସ୍ତ୍ରୀ ଫେରାର ହୋଇଯାଇଥିବା ପୋଲିସ କହିଛି। ଚିକିତ୍ସା ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ଲୋକଙ୍କ ମନରେ ବସାବାନ୍ଧିଥିବା ଅନ୍ଧବିଶ୍ୱାସ, ଅଜ୍ଞତା ଓ ସଚେତନତା ଅଭାବ ଯୋଗୁ ଏଭଳି ଘଟଣା ଘଟୁଥିବା ସଚେତନ ନାଗରିକମାନେ କହି ଉଦ୍‌ବେଗ ପ୍ରକାଶ କରିଛନ୍ତି ।



ଭୂତ ଛଡାଇବା ଲାଗି ନାବାଳକଙ୍କୁ ଧୂଆଁ ଦେବା ପରେ ଗୁଣିଆ ଦମ୍ପତି ପିଟୁଛନ୍ତି।

#### ଭିଡିଓ ଭାଇରାଲ ପରେ ପୋଲିସ ତନାଘନା



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ବଡ଼ ସୋଦର;**
**ତିନିଦିନିଆ ଆଦର ।**

ଅତି ପରିଚୟେ ଗୌରବ ନଷ୍ଟ। ଅତି ଗୋଡ଼ ଘୋଷରା ହେଲେ ସମ୍ମାନହାନି ଘଟିବା ଆଶଙ୍କା ରହିଥାଏ। ଏହାକୁ ନଜର ଅନ୍ଦାଜ କରି ମିଳାମିଶା ଜାରି ରଖିଲେ ନିଜର ଗରିମା ଓ ଓଜନ ହରାଇବାକୁ ପଡ଼ିଥାଏ। ଅତି ଭାବ ଦେଖେଇ ହେଲେ ଆଦର ଅଭ୍ୟର୍ଥନା କମିଯାଏ। ଅତିର ମାତ୍ରା ସବୁବେଳେ ସବୁଠି ଖରାପ ହୋଇଥାଏ। କୌଣସି କଥା ସୀମା ବହିର୍ଭୂତ ହେଲେ ତା'ର ଫଳ ବଳେ ବଳେ ମଉଳିଯାଏ। ତା'ପ୍ରତି ଆଉ କେହି ସେତେଟା ଧ୍ୟାନ ଦିଅନ୍ତି ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅଣ ପୋଇଲା,**
**ବାପ ନାହିଁ ପୁଅ କାହୁଁ ଅଇଲା ?**

ଏହା ଏକ ସାମାଜିକ ତିରସ୍କାର। ଅବିବାହିତା ଝିଅମାନଙ୍କର ମାତୃତ୍ୱ ଲାଭ କରିବାରେ ସାମାଜିକ ବାରଣ ରହିଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୧୫ରୁ ବିଧାନସଭା ସମ୍ମୁଖରେ ଶିକ୍ଷକ ସଂଘର ଆନ୍ଦୋଳନ

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)

ବେସରକାରୀ ଅନୁଦାନ ଓ ଅଣଅନୁଦାନ ପ୍ରାପ୍ତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଆସନ୍ତା ୧୫ରୁ ବିଧାନସଭା ସମ୍ମୁଖରେ ଏକ ବଡ଼ ଆନ୍ଦୋଳନ ହେବ। ବୁଧବାର ଆୟୋଜିତ ଏକ ବୈଠକରେ ସଂଘ ଏଭଳି ନିଷ୍ପତ୍ତି ନେବାସହ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛି।

ରାଜ୍ୟର ପ୍ରାୟ ୩ଶହ ମହାବିଦ୍ୟାଳୟର ୩ହଜାର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସ୍ୱଳ୍ପ ବେତନରେ ଦୀର୍ଘ ୧୧ବର୍ଷ ହେଲା କାର୍ଯ୍ୟ କରିଆସୁଛନ୍ତି। ସରକାରଙ୍କ ନିର୍ଦ୍ଦେଶକ୍ରମେ ସେମାନେ ନିଯୁକ୍ତି ପାଇଥିବାବେଳେ ୭ ଘଣ୍ଟା କାର୍ଯ୍ୟ ମଧ୍ୟ କରୁଛନ୍ତି। ତେବେ ଏମାନଙ୍କ ସ୍ଥାୟିତ୍ୱ ପାଇଁ ରାଜ୍ୟ ସରକାରଙ୍କୁ ତାଲିକା ପ୍ରଦାନ କରାଯିବା ସହ ସମସ୍ତ ସମସ୍ୟା ବାବଦରେ ମଧ୍ୟ ଅବଗତ କରାଯାଇଛି। ହେଲେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ ଏମାନଙ୍କୁ ଏଯାବତ୍ ସରକାରୀ ଅନ୍ତର୍ଭୁକ୍ତ କରିନାହାନ୍ତି। ୨୦୦୮ ଜୁନ୍ ୧ରୁ ୨୦୧୩ ନଭେମ୍ବର ୩୦ ପର୍ଯ୍ୟନ୍ତ ସରକାରୀ ଅନ୍ତର୍ଭୁକ୍ତ ହୋଇ ନ ଥିବା ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନ୍ତର୍ଭୁକ୍ତ କରିବା, ଚାକିରି ସର୍ତ୍ତାବଳୀ ସହ ପୂର୍ଣ୍ଣ ଅନୁଦାନ ଆଦି ଦୀର୍ଘଦିନ ହେଲା ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏହିସବୁ କାରଣ ଦର୍ଶାଇ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ସଂଘ ଘୋଷଣା କରିଛି। ବୈଠକରେ ଉପସ୍ଥିତ ସଂଘ ସଭାପତି ଡ. ଦେବ ବିଜୟୀ ମିଶ୍ର, ସାଧାରଣ ସମ୍ପାଦକ ଅଭୟ କୁମାର ପ୍ରଧାନ, ଉପସଭାପତି ରଶ୍ମିତା ମହାପାତ୍ର, କୋଷାଧ୍ୟକ୍ଷ ଦିବ୍ୟକାନ୍ତ ତ୍ରିପାଠୀ, ଆବାହକ ବିମଳ ଚନ୍ଦ୍ର ନନ୍ଦୀ, ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ରାୟ ଓ ରବି ନାରାୟଣ କରଣ ପ୍ରମୁଖ ଏହି ସୂଚନା ଦେଇଛନ୍ତି।

### ■ ବିଦ୍ୟାଳୟରେ ଉପସ୍ଥାନ ହ୍ରାସ

# ବନ୍ଦ ହେବ ଆଉ ୩ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)

ରାଜ୍ୟରେ ବର୍ତ୍ତମାନ ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା ଚାଲୁ ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲା ସ୍ତରରେ ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଉପଯୁକ୍ତ ଭାବେ ଯାଞ୍ଚ କରାଯାଇ ବନ୍ଦ କରିବା ଲାଗି ପଦକ୍ଷେପ ନିଆଯାଉଛି। ୨୦୧୫-୧୬ରୁ ୨୦୧୮-୧୯ ଭିତରେ ରାଜ୍ୟରେ ୧୨୩୬ ପ୍ରାଥମିକ ବିଦ୍ୟାଳୟ ଓ ୪୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନିୟମାନୁଯାୟୀ ବନ୍ଦ କରାଯାଇଛି। ସେହିପରି ୨୦୧୯-୨୦ବର୍ଷରେ ଅଦ୍ୟାବଧି ୪୭୫ ପ୍ରାଥମିକ ଓ ୧୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୧୦ କିମ୍ବା ୧୦ରୁ କମ୍ ଛାତ୍ରୀଛାତ୍ର ଥିବାରୁ ବନ୍ଦ କରିଦିଆଯାଇଛି। ସେହିପରି ୩ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ୩ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଉପସ୍ଥାନ ହ୍ରାସ କାରଣରୁ ବନ୍ଦ କରିଦିଆଯାଇଛି। ଆଗକୁ ଆଉ ୩ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟକୁ ଏହି କାରଣରୁ ବନ୍ଦ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ବନ୍ଦ ହୋଇଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିକଟବର୍ତ୍ତୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇ ପାଠପଢ଼ା ଜାରି ରହିଛି। ଏତଦ୍‌ବ୍ୟତୀତ ନିକଟସ୍ଥ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଯଦି ୧ କିମି ଓ ୩ କିମିରୁ ଅଧିକ ଦୂରରେ ଥାଏ, ତେବେ ଛାତ୍ରୀଛାତ୍ରଙ୍କୁ ପରିବହନ ଭତ୍ତା ପ୍ରଦାନ କରାଯାଇ ବିଦ୍ୟାଳୟକୁ ଅଣାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ବୁଧବାର ବିଧାନସଭାରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ବନ୍ଦ ହୋଇଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଉପରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହି ଉତ୍ତର ରଖିଛନ୍ତି।


## CLASSIFIED DISPLAY

**TARIFF — MORE SPACE • SAME PRICE** (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

FINANCE

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
7289999543
SCF-14, Aggarwal Estate, South Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ
ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ
REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

EDUCATION

LAST DATE OF ADMISSION ON 10/11/2019
B.Ed
Acharya Nagarjuna University
Equivalent to Govt. of Odisha
FREE Practical, Study Material, Formfillup fees & Weekend Class
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

BUSINESS

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍ ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

Galaxy Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
6204090239
8227843135

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

SUCCESS
DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### କୁଚିଆ ମଦ ବେପାରୀଙ୍କୁ ମାଫ୍

**ବୌଦ୍ଧ,୧୩।୧୧(ସ୍ୱ.ପ୍ର):** ବୌଦ୍ଧ ଜିଲା ହରଭଙ୍ଗା ଥାନା ମହାଲିକପଡାର ଜଣେ ଯୁବକ ଗତ ମଙ୍ଗଳବାର ଦୁଇଟି ଜାର୍‌ରେ ୧୦ ଲିଟର ମଦ ନେଇ ଯାଉଥିବାବେଳେ ଭାପୁର ଗ୍ରାମର ଯୁବକମାନେ ତାଙ୍କୁ ଅଟକାଇଥିଲେ। ଉକ୍ତ ଯୁବକ ଭାଟିରୁ ମଦ ଆଣି ବ୍ୟବସାୟ କରୁଥିବା କହିବା ପରେ ଯୁବକମାନେ ହରଭଙ୍ଗା ଥାନାକୁ ସୂଚନା ଦେଇଥିଲେ। କିନ୍ତୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ମଦ ବେପାରୀଙ୍କୁ ପଚରାଉଚରା କରି ଛାଡି ଦେଇଥିବା ଜଣାପଡିଛି। ଫଳରେ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଥାନା ଅଧିକାରୀଙ୍କୁ ସୁବାସ ଚନ୍ଦ୍ର ରାୟଗୁରୁଙ୍କୁ ପଚାରିବାରୁ ସେ କହିଲେ, ଅଟକ ଥିବା ଯୁବକ କୁଶଙ୍ଗ ଲାଇସେନ୍ସପ୍ରାପ୍ତ ଭାଟିର କର୍ମଚାରୀ। ଗ୍ରାମବାସୀ ଭାଟି ସମ୍ମୁଖରେ ତାଙ୍କୁ ଅଟକ ରଖିଥିବାରୁ ପୋଲିସ ତାଙ୍କୁ ପଚରାଉଚରା କରି ଛାଡି ଦେଇଛି।

■ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

### ଅଭିଯୁକ୍ତ ସ୍ୱାମୀ ଗିରଫ

**ପୁରୁଣାକଟକ,୧୩।୧୧(ଡି.ଏନ.ଏ)** ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ରୁଗୁଡିପାଲି ଗ୍ରାମରେ ଜଣେ ବିବାହିତ ମହିଳା ନିର୍ମଳା ଜେନା (୨୩)ଙ୍କ ଗତ ଶନିବାର ମୃତ୍ୟୁ ହୋଇଥିଲା। ଯୌତୁକ ପାଇଁ ତାଙ୍କୁ ମାରି ଦିଆଯାଇଛି ବୋଲି ବାପଘର ଲୋକେ ପୁରୁଣାକଟକ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ମୃତା ମହିଳାଙ୍କ ସ୍ୱାମୀ ଗୋପବନ୍ଧୁ ଜେନାଙ୍କୁ ଗିରଫ କରି ବୁଧବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଗତ ୭ ମାସ ତଳେ କଟକ ଜିଲା ନରସିଂହପୁର ବ୍ଲକ ଅନ୍ତର୍ଗତ ଶରଧାପୁର ଗ୍ରାମର ନିର୍ମଳା ରୁଗୁଡିପାଲି ଗ୍ରାମର ଗୋପବନ୍ଧୁଙ୍କୁ ବିବାହ କରିଥିଲେ। ବିବାହର କିଛି ମାସ ପରେ ପରିବାର ଲୋକଙ୍କୁ ଠାରୁ ଅଲଗା ହୋଇ ସ୍ୱାମୀ ସ୍ତ୍ରୀ ଏକତ୍ର ରହୁଥିଲେ। ତେବେ ଗତ ଶନିବାର ରାତିରେ ଉଭୟେ ଖାଇପିଇ ଶୋଇଥିଲେ। ପରଦିନ ଅର୍ଥାତ୍ ରବିବାର ସକାଳୁ ନିର୍ମଳାଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଥିଲା। ଖବର ପାଇ ନିର୍ମଳାଙ୍କ ବାପଘର ଲୋକେ ଗୋପବନ୍ଧୁ ଓ ତାଙ୍କ ପରିବାର ଲୋକେ ଅଧିକ ଯୌତୁକ ଦାବି କରି ତାଙ୍କ ଝିଅକୁ ମାରି ଦେଇଥିବା ଥାନାରେ ଅଭିଯୋଗ କରିଥିଲେ।

### ବରମକେଲାରେ ଜଳନ୍ଧର ଦରବାର

**ଭେଡ଼େନ,୧୩।୧୧(ଡ଼ି.ଏନ.ଏ):** ଭେଡେନ ବ୍ଲକ ବରମକେଲାଠାରେ ରାସପୂର୍ଣ୍ଣିମା ଅବସରରେ ଜଳନ୍ଧର ରାଜ କାର୍ଯ୍ୟକ୍ରମ ଚାଲିଛି। ଏହାକୁ ଗୌନ୍ତିଆ କ୍ଷୀରୋଦ୍ର ପଧାନ ଉଦଘାଟନ କରିଥିବା ବେଳେ ନିପନ ଦାଶ, ସରପଞ୍ଚ ମେନକା ପଧାନ, ସାମାଜିକ କର୍ମୀ ଡ଼ାକ୍ତର ମାଝୀ, ଗୋବିନ୍ଦ ସାହୁ, ଉଗ୍ରସେନ ପଧାନ, ନରସିଂହ ପଧାନ, ବେଦବର ପଧାନ ଓ ସଭାପତି ବଡ଼େଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜଳନ୍ଧର ଭୂମିକାରେ ନରହରି ପଧାନ ଅଭିନୟ କରୁଥିବା ବେଳେ ଦରବାରରେ ବିଭିନ୍ନ ନୃତ୍ୟଦଳ ନୃତ୍ୟ ପରିବେଷଣ କରିଛନ୍ତି। ଏହି ଅବସରରେ ଜଳନ୍ଧର ମହାରାଜା ସହରାଟିକ୍ରାକୁ ନଗର ଭ୍ରମଣରେ ଆସିଥିଲେ।

### ଜହ୍ନାପଙ୍କରେ ଭସାଣି ଯାତ୍ରା ସମ୍ପନ୍ନ

**ଜହ୍ନାପଙ୍କ,୧୩।୧୧(ଡି.ଏନ.ଏ.):** ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ ସତ୍‌ସଙ୍ଗ କେନ୍ଦ୍ର ପରିସରରେ ଗତ ଚତୁର୍ଦ୍ଦଶୀରୁ ଆରମ୍ଭ ହୋଇଯାଇଥିବା ରାଧାକୃଷ୍ଣ ପୂଜାର ବୁଧବାର ଭସାଣି ଯାତ୍ରା ସମ୍ପନ୍ନ ହୋଇଛି। ରାଧାକୃଷ୍ଣଙ୍କ ବିଗ୍ରହକୁ ଏକ ସୁସଜ୍ଜିତ ଯାନରେ ବସାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ସ୍ଥାନୀୟ ପୋଖରୀରେ ବିସର୍ଜନ କରାଯାଇଥିଲା। ଏହି ପୂଜାରେ କର୍ତ୍ତା ଭାବେ ଚିତ୍ତରଞ୍ଜନ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଆରତି ପ୍ରଧାନ ଏବଂ ପୂଜକ ଭାବେ କ୍ଷୀରାବ୍ଧି ମିଶ୍ର ଦାୟିତ୍ୱ ତୁଲାଇଥିଲେ। ଆଲୋକ ପ୍ରଧାନ, ପାର୍ଥ ପ୍ରଧାନ, ଯୁଧିଷ୍ଠିର ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ବିମଳ ପ୍ରଧାନ, ସୁମନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

■ ବରଗଡ଼ରେ ଜୋର୍ ଧରିଲା ରାଜନୀତି

# ଆହାର କେନ୍ଦ୍ରରେ ଅବ୍ୟବସ୍ଥା

**ବରଗଡ଼ ଅଫିସ୍,୧୩।୧୧**

ବୁଧବାର ଥିଲା ଛାଡ଼ଖାଇ ମାହୋଲ୍। ଏଥିପାଇଁ ଆମିଷ ବଜାର ସରଗରମ ଥିଲା। ହେଲେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡ଼ିସି) ଅଧ୍ୟକ୍ଷ ସୁବାସ ଚୌହାନ ଏହାକୁ ନିଆରା ଢ଼ଙ୍ଗରେ ପାଳିଥିଲେ। ବରଗଡ଼ ସହରସ୍ଥିତ ଆହାର କେନ୍ଦ୍ରକୁ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ସମୟରେ ଚୌହାନ ନିଜ ସମର୍ଥକଙ୍କ ସହିତ ଆସି ଟିକେଟ୍ କାଟି ଆମିଷ ଭୋଜନ କରି ଛାଡ଼ଖାଇ ପାଳନ କରିଥିଲେ। ତେବେ ଆହାର କେନ୍ଦ୍ରରେ ଚୌହାନଙ୍କ ଛାଡ଼ଖାଇ ପାଳନକୁ ନେଇ ଯେତିକି ଚର୍ଚ୍ଚା ଚାଲିନି, ଏହି ଆହାର କେନ୍ଦ୍ରରେ ଖାଦ୍ୟ ନିଅଣ୍ଟ ନେଇ ଅଭିଯୋଗ ଏବଂ ଖୋଦ୍ ଚୌହାନ ସେଠାରେ ଯୋଗାଇ ଦିଆଯାଇଥିବା ଖାଦ୍ୟ ସେତେ ଉତ୍କୃଷ୍ଟ ନ ଥିବା ନେଇ ଗଣମାଧ୍ୟମ ସମ୍ମୁଖରେ ଦେଇଥିବା ମନ୍ତବ୍ୟ ସାଧାରଣରେ ଅଧିକ ଆଲୋଚନାର ବିଷୟ ହୋଇଛି।

ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ଚୌହାନ ମଧ୍ୟାହ୍ନ ସାଢେ ୧୨ଟାରେ ଆହାର କେନ୍ଦ୍ରକୁ ପହଞ୍ଚିଥିଲେ। ସେ ସେଠାକୁ ପହଞ୍ଚିବା ପୂର୍ବରୁ ଆହାର କେନ୍ଦ୍ର ଦାୟିତ୍ୱରେ ଥିବା କର୍ମଚାରୀ ଟିକେଟ୍ (ଟୋକନ୍) ସରିଯାଇଥିବା କହିବାରୁ ବହୁଲୋକ ମଧ୍ୟାହ୍ନ ଭୋଜନ କରି ନ ପାରି ନିରାଶରେ ରହିଥିଲେ। ଡବ୍ଲ୍ୟୁଓଡିସି ଚେୟାରମ୍ୟାନ ଚୌହାନ ଆହାର କେନ୍ଦ୍ରକୁ ନିଜ ସମର୍ଥକଙ୍କ ସହିତ ପ୍ରବେଶ କରିବା ସମୟରେ ସେମାନେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ସମ୍ପର୍କରେ ବୁଝିବା ବୋଲି କହି ଚୌହାନ ସିଧାସଳଖ ଟୋକନ କାଉଣ୍ଟରକୁ ଯାଇଥିଲେ ଏବଂ ଉଦ୍ଦିଷ୍ଟ ଦେୟ ପ୍ରଦାନ କରି ଟୋକନ ଆଣିଥିଲେ ଏବଂ ନିଜ ସମର୍ଥକଙ୍କ ସହିତ ସେଠାରେ ଭୋଜନ କରିଥିଲେ। କିନ୍ତୁ ସେ ପହଞ୍ଚିବାର ଅବ୍ୟବହିତ ପୂର୍ବରୁ ଟୋକନ ତଥା ଟିକେଟ୍ ସରିଯାଇଥିବା କହି ଲୋକଙ୍କୁ ଫେରାଇଥିବା କର୍ମଚାରୀ ଚୌହାନ, ତାଙ୍କ ସମର୍ଥକଙ୍କ ଭୋଜନ ପାଇଁ କିଭଳି ଟୋକନ କାଟିଲେ, ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ତାହା ଏବେ ରାଜନୀତି ପାଣିପାଗକୁ ମଧ୍ୟ ସରଗରମ କରିଛି। ଆହାର କେନ୍ଦ୍ରର ଟେବୁଲ, ବେଞ୍ଚ ସଫାସୁତୁରା ନ ଥିବାରୁ ଚୌହାନ ତାଙ୍କ ସମର୍ଥକଙ୍କ ସହିତ କିଛି ସମୟ ଧରି ଛିଡ଼ା ହୋଇ ଭୋଜନ କରିଥିଲେ। ଅନ୍ୟପଟେ ଚୌହାନଙ୍କ ପୂର୍ବରୁ ଆହାର କେନ୍ଦ୍ରକୁ ପହଞ୍ଚିଥିଲେ ହେଁ ସାଧାରଣ ଲୋକଙ୍କୁ ଟୋକନ ମିଳି ନ ଥିଲା। ଚୌହାନ ଭୋଜନ କରି ସାରିବା ପରେ ଲୋକେ ଆହାରରୁ ସେମାନଙ୍କୁ ବଞ୍ଚିତ କରାଯାଇ ଥିବା ନେଇ ପ୍ରଶ୍ନ କରିଥିଲେ। ଏହାପରେ ଚୌହାନ ତାହା ଦୁର୍ଭାଗ୍ୟଜନକ ବୋଲି କହିବା ସହିତ ଆହାର କେନ୍ଦ୍ର ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଖାଦ୍ୟ ନିଅଣ୍ଟ ଉପରେ ପଚାରାଉତୁରା କରିଥିଲେ। ତେବେ ମଙ୍ଗଳବାର ଲୋକେ ନ ଆସିବାରୁ ଖାଦ୍ୟ ନଷ୍ଟ କରାଯାଇଥିଲା ଏବଂ ବୁଧବାର ଛାଡ଼ଖାଇ ଥିବାରୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପରାମର୍ଶକ୍ରମେ ୬ଶହ ଜଣଙ୍କ ଭୋଜନ ବଦଳରେ ୩ଶହଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯାଇଥିବା ଉପସ୍ଥିତ କର୍ମଚାରୀମାନେ ଚୌହାନଙ୍କୁ ସଫେଇ ଦେଇଥିଲେ।

ଏହାପରେ ଚୌହାନ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସେଠାକୁ ଡକାଇବାକୁ ସମ୍ପୃକ୍ତ କର୍ମଚାରୀଙ୍କୁ କହିଥିଲେ। ଏହାସତ୍ତ୍ୱେ ପ୍ରକଳ୍ପ ନିର୍ଦ୍ଦେଶକ ନ ଆସିବାରୁ ନିଜେ ଚୌହାନ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ପହଞ୍ଚିଥିଲେ। ଆହାର କେନ୍ଦ୍ରରେ ଚାଲିଥିବା ଅବ୍ୟବସ୍ଥା ଉପରେ ଅନୁଧ୍ୟାନ କରି ବିହିତ ପଦକ୍ଷେପ ନେବା ପାଇଁ ସେ ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନିଜେ ଭୋଜନ କରିଥିବା ଯୋଗୁ ସେଠାରେ ଯୋଗାଇ ଦିଆଯାଉଥିବା ଖାଦ୍ୟ ସେତେଟା ଉତ୍କୃଷ୍ଟ ନ ଥିବା ତଥା ନିମ୍ନମାନର ଥିବା ଚୌହାନ କରିଥିଲେ। ଗତ କିଛିଦିନ ତଳେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଉକ୍ତ ଆହାର କେନ୍ଦ୍ରକୁ ଦୁଇଥର ପରିଦର୍ଶନ ଆସି ସେଠାରେ ଯୋଗାଇ ଦିଆଯାଉଥିବା ଖାଦ୍ୟକୁ ପ୍ରଶଂସା କରିଥିବାବେଳେ ଏବେ ଚୌହାନଙ୍କ ଏଭଳି ବିବୃତ୍ତି ଆଲୋଚନା ପାଇଁ ଖୋରାକ୍ ଯୋଗାଇଛି।



ଆହାର କେନ୍ଦ୍ରର ଅବ୍ୟବସ୍ଥା ଉପରେ ଡବ୍ଲ୍ୟୁଓଡ଼ିସି ଅଧ୍ୟକ୍ଷ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରୁଛନ୍ତି।

■ ଆହାର କେନ୍ଦ୍ରରେ ଛାଡ଼ଖାଇ ପାଳିଲେ ଡବ୍ଲ୍ୟୁଓଡ଼ିସି ଅଧ୍ୟକ୍ଷ
■ ନିଜ ସମର୍ଥକଙ୍କ ସହ ଖାଇଲେ, ହେଲେ ଲୋକେ ଫେରିଲେ
■ ଖାଦ୍ୟ ନିଅଣ୍ଟ ଯୋଗୁ ଲୋକେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କୁ ଘେରିଲେ
■ ଆହାର ଉପରେ ମନ୍ତ୍ରୀ, ଅଧ୍ୟକ୍ଷଙ୍କ ବିବୃତିରେ ରହୁନି ତାଳମେଳ

### ଅଙ୍ଗ ନଦୀରେ ପୋଲ ନିର୍ମାଣ ପାଇଁ ଛତିଶଗଡ଼ରୁ ପଦଯାତ୍ରା

**ପଦ୍ମପୁର, ୧୩।୧୧ (ଡି.ଏନ.ଏ)**

ପଦ୍ମପୁର ଉପଖଣ୍ଡ ଅଧୀନ ଲଖମରା-ଚର୍ଦାପାଲି ରାସ୍ତା ଛତିଶଗଡର ବ୍ୟବସାୟ ପ୍ରାଣକେନ୍ଦ୍ର ସରେଇପାଲି, ବସନା, ମହାସମୁଦ, ରାୟପୁରକୁ ସିଧାସଳଖ ଯୋଗାଯୋଗ କରୁଛି। ତେବେ ଏହି ରାସ୍ତା ମଝିରେ ଅଙ୍ଗ ନଦୀ ପ୍ରତିବନ୍ଧକ ହୋଇଥିବାରୁ ବର୍ଷା ଋତୁରେ ଚର୍ଦାପାଲି ଗ୍ରାମପଞ୍ଚାୟତ ଓଡିଶାରୁ ବିଚ୍ଛିନ୍ନ ହୋଇଯାଏ। କେବଳ ସରକାରୀ କାର୍ଯ୍ୟ ପାଇଁ ଉକ୍ତ ଗ୍ରାମପଞ୍ଚାୟତବାସୀ ଓଡିଶା ଆସିଥାନ୍ତି । ଅନ୍ୟ ସମସ୍ତ କାମ ସେମାନେ ଛତିଶଗଡରେ କରିଥାନ୍ତି। ଓଡିଶା ଓ ଛତିଶଗଡ ସହ ସମ୍ପର୍କ ଛିନ୍ନ କରୁଥିବା ଅଙ୍ଗ ନଦୀରେ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ବହୁବାର ସରକାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ ସରକାର ଏଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି। ଏଠାରେ ପୋଲ ନିର୍ମାଣ ପାଇଁ ପ୍ରଶାସନିକ ଅଧିକାରୀ ଅନେକ ଥର ଭୂମିପୂଜନ କରିଥିଲେ ମଧ କାମ ଆରମ୍ଭ ହେଉନାହିଁ। ଅଙ୍ଗ ନଦୀରେ ପୋଲ ଓ ସଂଲଗ୍ନ ରାସ୍ତାର ଗୁରୁତ୍ୱ ଉପଲବ୍ଧି କରି ଛତିଶଗଡର ସାମାଜିକ କର୍ମୀ ଟିକେଶ୍ୱର ମିଶ୍ର ତାଙ୍କ ସାଥୀମାନଙ୍କ ସହିତ ଆସନ୍ତା ୧୯ ତାରିଖରେ ଏକ ପଦଯାତ୍ରାରେ ଆସି ପଦ୍ମପୁର ଉପଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବେ ବୋଲି ଜଣାଇଛନ୍ତି।

**ସାମିଲ ହେବେ ସ୍ୱେଚ୍ଛାସେବୀ**



ରାଞ୍ଜି ନଦୀ କୂଳରେ ପରିବେଷିତ ଲୋକନୃତ୍ୟ କଲଙ୍ଗା ନାଚ।

■ ଜାରିଂରେ ରାସଯାତ୍ରା ସମ୍ପନ୍ନ

## ମନ ମୋହିଲା କଲଙ୍ଗା ଲୋକନୃତ୍ୟ

**ବିଜେପୁର, ୧୩।୧୧ (ଡି.ଏନ.ଏ)**

ବରଗଡ ଜିଲା ବିଜେପୁର ବ୍ଲକ ଜାରିଂ ଗ୍ରାମରେ ସପ୍ତାହ ବ୍ୟାପୀ ଚାଲିଥିବା ରାସଯାତ୍ରା ମହୋତ୍ସବ ବୁଧବାର ବିଳମ୍ବିତ ରାତ୍ରିରେ ସମ୍ପନ୍ନ ହୋଇଛି। ଏହି କ୍ରମରେ ରାଞ୍ଜି ନଦୀ କୂଳରେ ଆୟୋଜିତ ବାଲିଯାତ୍ରା ମହୋତ୍ସବର ଦ୍ୱିତୀୟ ଦିବସରେ ବିଜେପୁର ବ୍ଲକ ସମେତ ସୀମାନ୍ତ ବ୍ଲକ ଅଞ୍ଚଳରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଦର୍ଶକଙ୍କ ସମାଗମ ହୋଇଥିଲା। ରେଶମର ଜଗନ୍ନାଥ ସମ୍ପ୍ରଦା ମଣ୍ଡଳୀର ସମ୍ପ୍ରଦା, ଗୋପେଶ ବେହେରା, ପଞ୍ଚୁ ପଧାନ, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ସଞ୍ଚାର ପରିବେଷଣ କରିଥିଲେ। ବେଲଡିହିର ଜୟ ମାଁ ସମଲେଇ ନୃତ୍ୟ ଦଳର ଲୋକନୃତ୍ୟ କଲଙ୍ଗା ନାଚ ମନ ମୋହିଥିଲା। ଭବ୍ୟ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ରାଞ୍ଜି ନଦୀରେ ବାଲୁକା ଲିଙ୍ଗ ବିସର୍ଜନ କରାଯାଇଥିଲା। ସେହିପରି ମନ୍ଦିର ପରିସରରେ ପୂଜା ପାଉଥିବା ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ମଧ ନଦୀରେ ବିସର୍ଜନ କରାଯାଇଥିଲା। ରାତ୍ରିରେ ମନୋରଞ୍ଜନ ପାଇଁ ଅପେରା ପରିବେଷିତ ହୋଇଥିଲା। ରାସଯାତ୍ରା ସାଂସ୍କୃତିକ ପରିଷଦ ଓ ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳା ସହିତ ରାସଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଥିଲା।

### ଝାଡାବାନ୍ତି ପ୍ରଭାବିତ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ

**ପାଇକମାଳ, ୧୩।୧୧ (ଡି.ଏନ.ଏ)**

ପାଇକମାଲ ବ୍ଲକ ଟେମରୀ ପଞ୍ଚାୟତର ସୋଢ଼ା ଗ୍ରାମରେ ଆଜକୁ ୭ ଦିନ ହେଲା ଝାଡାବାନ୍ତି ଲାଗି ରହିଛି। ବରଗଡ ସିଡିଏମଓ ଡା. ପୁଷ୍ପାସୁ ସାହୁ ସୋମବାର ସୋଢ଼ା ଗ୍ରାମକୁ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ମଙ୍ଗଳବାର ଡିପିଏଚଓ ଡା. ବୃନ୍ଦାବତୀ ସାହୁଙ୍କ ସହ କୁକୁରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ନାରାୟଣ ପସାୟତ, ଡା. ଶ୍ରୀଧର ପଧାନ, ଡା. ମନସ୍ମିତା ଦଲେଇ, ଗୀତାଞ୍ଜଳି ପ୍ରଧାନ, କୁଞ୍ଜବିହାରୀ ଭୋଇ, ବିଜୟ କୁମାର ସରାଫ, ତୁଷ କୁମାର ଚନ୍ଦ୍ରକାର, ରବିମୋହନ ଦାଶ ପ୍ରମୁଖ ଗ୍ରାମରେ ଏକ ସଭାକରି ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ମୁଖ୍ୟତଃ ସମସ୍ତେ ସଫା ସୁତୁରା ରହି ଫୁଟାପାଣି ପିଇବା, ଗ୍ରାମର ବିଭିନ୍ନ ସ୍ଥାନରେ ବ୍ଲିଚିଂ ପାଉଡର ପକାଇବା, ଔଷଧ ସେବନ ଆଦି ବିଷୟରେ ଆଲୋଚନା ହୋଇଥିଲା। କୁକୁରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ୭ ଦିନ ହେଲା ଶିବିର କରି ଝାଡାବାନ୍ତି ଆକ୍ରାନ୍ତଙ୍କୁ ଚିକିତ୍ସା କରାଯାଉଛିବୋଲିଡା. ପସାୟତ ଜଣାଇଛନ୍ତି।

### ବୌଦ୍ଧ ତୈଳିକ ବୈଶ୍ୟ ସମାଜର ପରିବାର ମିଳନ କାର୍ଯ୍ୟକ୍ରମ

**ବୌଦ୍ଧ,୧୩।୧୧(ସ୍ୱ.ପ୍ର)**

ବୌଦ୍ଧ ତୈଳିକ ବୈଶ୍ୟ ସମାଜର ପରିବାର ମିଳନ କାର୍ଯ୍ୟକ୍ରମ ବୁଧୁବାର ଗିରାସିଙ୍ଗା ଜଗନ୍ନାଥ ପ୍ରକଳ୍ପରେ ଅନୁଷ୍ଠିତ ହୋଇଯାଇଛି। ସମାଜର ସଦସ୍ୟ ବିଚିତ୍ର କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଖିଳ ଭାରତ ସ୍ତରରେ ତୈଳିକ ସମାଜର ସ୍ଥିତି ଓ ଗୁରୁତ୍ୱ ବର୍ଣ୍ଣନା କରିବା ସହିତ ସମାଜର ଉନ୍ନତି କରିବା ପାଇଁ ଯୁବ ସମାଜକୁ ଆହ୍ୱାନ ଜଣାଇଥିଲେ। ସମ୍ପାଦକ ବିଜୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୋଷାଧ୍ୟକ୍ଷ ଶତ୍ରୁଘ୍ନ ସାହୁ ଗତବର୍ଷର ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ। ସଭାରେ ଉପସଭାପତି ଶଙ୍କର୍ଷଣ ସାହୁ ଅଧ୍ୟକ୍ଷତା କରିଥିଲେ। ସହ ସମ୍ପାଦକ ଦିଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କୈଳାଶ ଚନ୍ଦ୍ର ସାହୁ, ଅର୍ଜୁନ ସାହୁ, ପୁରୁଷୋତ୍ତମ ସାହୁ, ଅଶୋକ ସାହୁ ଓ ସୁରେନ୍ଦ୍ର ବେହେରା ସକ୍ରିୟ ଅଂଶଗ୍ରହଣ କରିଥିଲେ। ସଭାରେ ସମାଜର ବହୁ ମହିଳା ପୁରୁଷ ଯୋଗ ଦେଇଥିଲେ।



ପରିବାର ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଜନତା।



ଖୁଣ୍ଟିଗୋରା ପଞ୍ଚାୟତରେ ଚକ୍ଷୁ ପରୀକ୍ଷା କରାଯାଉଛି ।

### ଖୁଣ୍ଟିଗୋରାରେ ଚକ୍ଷୁ ପରୀକ୍ଷା ଶିବିର

**ଘଣ୍ଟାପଡା, ୧୩।୧୧ (ଡି.ଏନ.ଏ)**

କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ଏକ ଦିବସୀୟ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ତ୍ରିନେତ୍ର ଚିକିତ୍ସାଳୟ ସମ୍ବଲପୁର, ଭରସା ପରିବାର କଣ୍ଟାମାଳ ଶାଖା ଏବଂ ଶଙ୍କର୍ଷଣ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଘଣ୍ଟାପଡା ଫାଣ୍ଡି ଅଧିକାରୀ ଜ୍ୟୋତିରଞ୍ଜନ ମିଶ୍ର ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ୧୫୨ଜଣ ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ। ୫୦ଜଣ ରୋଗୀଙ୍କୁ ଅଧିକ ଚିକିତ୍ସା ପାଇଁ ସମ୍ବଲପୁର ନିଆଯାଇଥିଲା। ଚିକିତ୍ସା ଶିବିରରେ ତ୍ରିଲୋଚନ ନେତ୍ରାଳୟର ଚକ୍ଷୁ ଚିକିତ୍ସକ ମଧୁସ୍ମିତା ଦାଶ, ଟେକ୍ନିସିଆନ ସୁଧାଂଶୁ ଖଣ୍ଡୁଆଳ, ଅମରେଶ ପଧାନ, ପ୍ୟାରୀ ପ୍ରତିମା କୁଲୁ ଏବଂ ସିଦ୍ଧେଶ୍ୱର ଭୋଇ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ। ଏହି ଅବସରରେ ଖୁଣ୍ଟିଗୋରା ସରପଞ୍ଚ ପ୍ରହଲ୍ଲାଦ ସେଠୀଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଘଣ୍ଟାପଡା ଫାଣ୍ଡି ଅଧିକାରୀ ଜ୍ୟୋତିରଞ୍ଜନ ମିଶ୍ର ମୁଖ୍ୟଅତିଥି, ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଓମ୍ ପ୍ରକାଶ ମିଶ୍ର ସମ୍ମାନିତ ଅତିଥି, ଖବରଦାତା ପ୍ରଭାତ ସାହୁ, ବଂଶୀଧର ମାଝୀ, ବଳଦେବ ବେହେରା, ନାରାୟଣ କର୍ମୀ, ଶିବ କମ୍ପ, ଅନଙ୍ଗ ପଧାନ, ଅଂଶୁମାନ କର୍ମୀ, ପିତାମ୍ବର ଭୋଇ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଭରସା ପରିବାର ସଂଯୋଜକ ଯଦୁବିହାରୀ ବାଘ ଶିବିର ପରିଚାଳନା କରିଥିଲେ। ରମେଶ କମ୍ପ ଧନ୍ୟବାଦ ଅର୍ପଣ କରିଥିଲେ।

■ ବିକାଶଠାନୁ ବହୁତ ଦୂରେ ମାଳତୀ ଗୋଛାପଡ଼ା

## ଜଂଗଲି ରାସ୍ତା, ଡଂଗା ଏକା ସାହାଭରସା

**ଗୁଡ଼ଭେଲିପଦର, ୧୩।୧୧(ଡି.ଏନ୍.ଏ.)**

ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ଆଦିବାସୀଙ୍କୁ ସମାଜର ମୁଖିଆ ଧାରରେ ସାମିଲ କରବାର ଲାଗି ଯୋଜନା ଉପରେ ଯୋଜନା କାଯ୍‌କାରୀ କରୁଛନ୍। ତାହାକୁ ରାସ୍ତାଘାଟ, ପିଇଲା ପାଏନ୍, ଶିକ୍ଷା, ସୁଆସ୍ତିଅ, ବିଦ୍ୟୁତ୍ ଲେଖେଁ ମଉଳିକ ସୁବିଧା ସୁଯୋଗ ଯୁଗେଇ ଦେବାକେ ସରକାର କୋଟି କୋଟି ଟଁକା ସାରୁଛନ୍। ହେଲେ ବୌଦ୍ଧ ଜିଲାରେ ଆଏଜ୍ ବି ଏନ୍ତା କେତେ ପଁଚେତ୍ ଅଛେ, ଯେନ୍ଠାନେ ସରକାରକଁର ବିକାଶର ସୂରଯ୍ କିରନ ପୁହୁଁଚି ନାଇଁପାରି।

ସୂଚନା ହିସାବେ ବୌଦ୍ଧ ବ୍ଲକ ଶଗଡ଼ା ପଁଚେତ୍ ହେଉଛେ ଗୁଟେ ଆଦିବାସୀ ବହୁଲ ପଁଚେତ୍। ଆଏଜ୍ ବି ଶଗଡ଼ା ପଁଚେତ୍‌ର ବାତେପଙ୍ଗା, ମାଳତୀ ଗୋଛାପଡା, ସିଗାଡ଼ି ଲେଖେଁ ପାଖାପାଖି ୮ ଖଁଡ଼ ଗାଁ ଅଛେ, ଯେନ୍ଠାନେ ଆଏଜ୍‌ତକ ବିକାଶର ସୂରଯ୍ କିରନ୍ ପଡ଼ି ନାଇଁପାରି। ସବୁ ଗାଁରେ ୩୦ରୁ ଅଧିକା ପରିବାରର ପାଖାପାଖି ୨ଶହ ଲୋକ୍ ଲେଖେଁ ରହୁଛନ୍। ହେଲେ ଇମାନକର ଲାଗି ଫିଦିନିଆଁ ରାସ୍ତାଘାଟ ନାଁଇଁନ। ଯେନ୍ଥିରଲାଗି ଜଂଗଲି ପାଦ୍‌ଚଲା ରାସ୍ତାରେ ୧୨ କି.ମି. ଗଲା ଉତାରୁ ବାଘ୍ ନଦୀରେ ଡଂଗା ଲହଁକି ଗାଁବାସୀମାନେ ପଁଚେତ୍‌କେ ରାଶନ ସାମାନ ନେଇଯାଉଛନ୍। ହେଲେ ବରଷା ମାସ ଚାଏରକ ଇମାନେ ଜଲବଁଦି ଅବସ୍ତାରେ ରହୁଛନ୍। ଇ ସମିଆରେ ରାଶନ ସାମାନ ଆନିଯିବାର ତ ଦୂରର କଥା ଗାଁରେ କିଏ ଜରତପ୍‌ରେ ପଡ଼ଲେ, ଗରଭବତୀ ମହିଳାକୁଁ ଚିକିଛା ଦରକାର ପଡ଼ଲେ କ୍ୱାକ୍ ଆର ଭଗବାନ ନ ସାହାଭରସା। ଏନ୍ତାଥି ଇ ଗଁବାସୀମାନେ ବଛରକୁତା ଜରୁରିକାଲିନ ସେବାରୁ ବଁଚିତ୍ ହେଇ ରହୁଛନ୍। ବାଘ୍ ନଦୀରେ ପୁଲିଆଟେ ଲାଗି ଅଂଚଲବାସୀ ବହୁତ୍ ଦିନୁ ଦାବି କରିଆସୁଥିଲେ ବି ନେତା ଆର ପରଶାସନର ପରତିଶୁରତିରେ ଅଟକି ରହିଛେ। ଇ ଅଂଚଲରେ ମୋବାଇଲର କେହେନ୍‌ସି ନେଟୱାର୍କ ନାଇଁ ଆସେ, ଯେନ୍ଥିରଲାଗି ଗାଁବାସୀ ଅନେକ ସମିଆରେ ଜରୁରି ସୂଚନା ପାଏବାରୁ ବଁଚିତ୍ ହେଉଛନ୍। ଇ ଗାଁମାନ ବାଘନଦୀ ପାସେ ଥିଲେ ବି ଚଲସେଚନ ସୁବିଧା ନାଁଇଁନ। ଅଂଚଲଟା ଅତଡ଼ିଆ ଆର ପାହାଡ଼ି ହେଇଥିଲାବେଲେ ଧାନଚାଷ ଠିକ୍ ହିସାବେ ନାଇଁ ହେବାର। ଇ ବାବ୍‌ଦେ ଶଗଡ଼ା ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଗିଲିଫ ନାଏକକୁଁ ପଚରାଲାରୁ ବାଘ ନଦୀରେ ପୁଲିଆ ତିଆରି ଲାଗି ଟ୍ରେଣ୍ଡର କାଗଜପତର ତିଆର ଚାଲିଥିବାର ସୂଚନା ମିଲିଛେ। ପୁଲିଆ ହେଲେ ଅଂଚଲର ବିକାଶ ବି ହେବା ବଲି ସେ କହିଛନ୍। ଇ ଦିଗେ ଜିଲାପରଶାସନ ଦୁରୁଷ୍‌ଟି ଦେଇ ଅଂଚଲର ବିକାଶ ଉପରେ ଗୁରୁତ୍ ଦେବାର ସଂଗେ ନିରିହ ଆଦିବାସୀକୁଁ ସମାଜର ମୁଖିଆ ଧାରରେ ସାମିଲ କରବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।



ପାହାଡ଼, ଜଂଗଲ ଘେରାରେ ଥିବାର ମାଳତୀ ଗୁଛାପଡ଼ା ଗାଁ।

■ ୧୨ କି.ମି. ପାଦ୍‌ଚଲା ଜଂଗଲି ରାସ୍ତା ସାହାଭରସା
■ ଶିକ୍ଷା, ସୁଆସ୍ତିଅ, ପିଇଲା ପାଏନ୍, ବିଦ୍ୟୁତ୍‌ରୁ ବଁଚିତ୍



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



## ସଂକ୍ଷେପରେ

### ଭିମ୍‌ସାରରେ ବନ୍ଦ ହେଲା ପାର୍କିଂ ଫି ଆଦାୟ

ସମ୍ବଲପୁର,୧୩।୧୧(ବ୍ୟୁରୋ): ବୁର୍ଲା ଭିମ୍‌ସାର ପରିସରରେ ନିଆଯାଉଥିବା ପାର୍କିଂ ଫି ଗୁରୁବାରଠାରୁ ଆଉ ଲାଗୁ ହେବନି। ଭିମ୍‌ସାର କର୍ତ୍ତୃପକ୍ଷ ଠିକା ନେଇଥିବା କମ୍ପାନୀକୁ ପତ୍ର ଲେଖି ଏ ସମ୍ପର୍କରେ ନିର୍ଦ୍ଦେଶ ଦେଇଛନ୍ତି। ମେଡିକାଲ ଗୁଡିକରେ ମାଗଣାରେ ଔଷଧ ଦିଆଯାଉଛି। ମାଗଣାରେ ଲୋକଙ୍କୁ ଚିକିତ୍ସା କରାଯିବା ସହ ବିଭିନ୍ନ ପରୀକ୍ଷା କରାଯାଉଛି। ହେଲେ ମେଡିକାଲ ପରିସରରେ ରୋଗୀ ସମ୍ପର୍କୀୟଙ୍କଠାରୁ ଗାଡି ପାର୍କିଂ ଫି ଆଦାୟ କରାଯାଉଛି। ଏହା ଅନୁଚିତ ବୋଲି ଦର୍ଶାଯାଇଛି। ତେଣୁ ଫି ବନ୍ଦ କରିବାକୁ ଠିକା ସଂସ୍ଥାକୁ ଜଣାଇ ଦିଆଯାଇଛି। ସୂଚନାଯୋଗ୍ୟ ଭିମ୍‌ସାର ପରିସରରେ ପାର୍କିଂ ଫି ବନ୍ଦ କରିବାକୁ ଆକ୍ଟୋବର ୧୨ ତାରିଖ ଏକ ବୈଠକରେ କନିଷ୍ଠ ଡାକ୍ତର ସଂଘ ପକ୍ଷରୁ ଦାବି କରାଯାଇଥିଲା। ସେ ସମୟରେ ଏହା ସମାଧାନ ହୋଇ ପାରି ନ ଥିଲା। ଟେଣ୍ଡର ପାଇଥିବା ସଂସ୍ଥାକୁ ଏକ ମାସ ସମୟ ଦେଲା ପରେ ପାର୍କିଂ ଫି ବନ୍ଦ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା ।

ସିନାପାଲିରେ ଏ ପର୍ଯ୍ୟନ୍ତ ଖୋଲିନି ମଣ୍ଡି

# ଓଡ଼ିଶା ଧାନ ଛତିଶଗଡ଼ ଯାଉଛି

ସିନାପାଲି,୧୩।୧୧ (ଡି.ଏନ.ଏ.)

**ସିନାପାଲି ବ୍ଲକ**
- ଧାନ ଅମଳ ପ୍ରାୟ % ୫୦ ଭାଗ ଶେଷ

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅଞ୍ଚଳରେ ଧାନ ଅମଳ ପ୍ରାୟ % ୫୦ ଭାଗ ଶେଷ ହୋଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଧାନ ବିକ୍ରୟ ପାଇଁ ସରକାର ମଣ୍ଡି ଖୋଲିନାହାନ୍ତି । ଫଳରେ ଚାଷୀ ଅଭାବୀ ବିକ୍ରିର ଶିକାର ହେବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ଓଡିଶାର ଧାନ ପଡୋଶୀ ଛତିଶଗଡ ଚୋରା ଚାଲାଣ ହେଉଥିବା ଜଣାପଡିଛି। ମଣ୍ଡି ଖୋଲି ନ ଥିବା ଯୋଗୁ ଅସାଧୁ ବେପାରୀମାନେ କୁଇଣ୍ଟାଲ ପ୍ରତି ହଜରରୁ ୧୨ଶହ ଟଙ୍କା ମଧରେ ଧାନ କିଣି ଗୋଦାମରେ ମହଜୁଦ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । କେତେକ ଅସାଧୁ ବେପାରୀ ଧାନ କିଣି ସିଧାସଳଖ ପଡୋଶୀ ଛତିଶଗଡକୁ ଚାଲାଣ କରିଦେଉଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ଓଡିଶା ସରକାର କୁଇଣ୍ଟାଲ ପ୍ରତି ଧାନର ସହାୟକ ମୂଲ୍ୟ ୧୮୧୫ ଟଙ୍କା କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ପଡୋଶୀ ଛତିଶଗଡ ସରକାର ବୋନସ ସହିତ କୁଇଣ୍ଟାଲ ପ୍ରତି ୨୫୦୦ ଟଙ୍କା ଦରରେ ଚାଷୀମାନଙ୍କଠାରୁ ଧାନ କିଣିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ନୂଆପଡା ଜିଲା ସିନାପାଲି ବ୍ଲକ୍ ଅଞ୍ଚଳ ଛତିଶଗଡ ସୀମାନ୍ତବର୍ତ୍ତୀ ହୋଇଥିବାରୁ ଏଠିକାର ଧାନ ଚୋରା ଚାଲାଣ ପାଇଁ ସହଜ ହେଉଛି। ପ୍ରତ୍ୟହ ପିକ୍‌ଅପ୍ ଭ୍ୟାନ ଓ ଟ୍ରକରେ ଶହ ଶହ କୁଇଣ୍ଟାଲ ଧାନ ଖୋଲାଖୋଲି ଭାବେ ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ସିନାପାଲିରୁ ଦେଓଭୋଗ ଭାୟା ସିଂଗଝର ଓ ସିନାପାଲିରୁ ଗୋହିରାପଦର ଭାୟା କେନ୍ଦୁମୁଣ୍ଡା ରାସ୍ତାରେ ପ୍ରତ୍ୟହ ଧାନ ଚୋରାଚାଲାଣ ହେଉଥିବା ଜଣାପଡିଛି। ଏପରି କି ଛତିଶଗଡର କିଛି କୋଚିଆ ବେପାରୀ ମଧ୍ ଓଡିଶା ଭିତରେ ଧାନ କ୍ରୟ କରୁଥିବା ଅଭିଯୋଗ ହୋଇଛି। ସେହିପରି ସିନାପାଲି ବ୍ଲକ ଅନ୍ତର୍ଗତ ସିନାପାଲି, ନିଲଜୀ, ଗଣ୍ଡାବାହାଲି, ହାତୀବନ୍ଧା, ଲିଟିଗୁଡା, ସିଂଗଝର, ଝାରବନ୍ଧ, କେନ୍ଦୁମୁଣ୍ଡା, ଧୁଙ୍ଗିଆମୁଣ୍ଡା ଆଦି କେନ୍ଦ୍ରସ୍ଥଳରେ ଅସାଧୁ ବେପାରୀମାନେ ସକ୍ରିୟ ଅଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ନୂଆପଡା ଜିଲା ପ୍ରଶାସନ ମଣ୍ଡି ଖୋଲିବା ପାଇଁ ବିଧିବ୍ୟବସ୍ଥା କରି ନ ଥିବା ବେଳେ ଅସାଧୁ ବେପାରୀମାନଙ୍କୁ ଚୋରା ଚାଲାଣ ପାଇଁ ସୁହାଇଛି। ଅନ୍ୟପକ୍ଷରେ ଚୋରା ଚାଲାଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅସାଧୁ ବେପାରୀମାନେ ଅକ୍ଳେଶରେ ରାଜ୍ୟ ବାହାରକୁ ଚୋରା ଚାଲାଣ କରୁଛନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ଯୋଗାଣ ନିରୀକ୍ଷକ ମୋହିତ ଭୋଇଙ୍କୁ ପଚାରିବାରୁ ମଣ୍ଡି ଖୋଲିବା ପାଇଁ ପ୍ରସ୍ତୁତି ଚାଲିଛି, କମ୍ ଦିନ ମଧରେ ମଣ୍ଡି ଖୋଲାଯିବ ବୋଲି କହିଥିଲେ। ହେଲେ ଓଡିଶା ଧାନ ଛତିଶଗଡ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ସେ ଜିଲା ଯୋଗାଣ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରି ତାଙ୍କ ନିର୍ଦ୍ଦେଶ ଅନୁସାର ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ଜୀବନର ସବୁଠୁ ବଡ ଦୁଃଖ 'ଅନ୍ଧତ୍ୱ'

- ଜ୍ୟୋତିର ୩୨ତମ ପ୍ରତିଷ୍ଠା ଦିବସ
- ଆଖିର ଯତ୍ନ, ସୁରକ୍ଷା ଆବଶ୍ୟକ
- ମୋବାଇଲର କୁପ୍ରଭାବ ପଡୁଛି

ସମ୍ବଲପୁର,୧୩।୧୧ (ବ୍ୟୁରୋ)

ଚକ୍ଷୁଦାନ, ଭିନ୍ନକ୍ଷମ ଓ ଜନକଲ୍ୟାଣ ଅନୁଷ୍ଠାନ ଜ୍ୟୋତିର ୩୨ତମ ପ୍ରତିଷ୍ଠା ଦିବସ ଫୁଲଝରନସ୍ଥିତ ଡା. ଆଇଜାକ ସାନ୍ତ୍ରା ବାଳ ନିକେତନଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ପରେଶଚନ୍ଦ୍ର ଦାନୀ ସଭାପତିତ୍ୱ କରିଥିଲେ। ଚକ୍ଷୁ ବିଶେଷଜ୍ଞ ଡା. ସୁରେଶଚନ୍ଦ୍ର ଦାନୀ ଆଲୋଚକ ଭାବେ ଯୋଗ ଦେଇଥିଲେ। ସେ କହିଥିଲେ ଯେ, ଅନ୍ଧତ୍ୱ ହେଉଛି ଜୀବନର ସବୁଠାରୁ ଦୁଃଖ ଦାୟକ ବିଷୟ । ତେଣୁ ଚକ୍ଷୁର ଯତ୍ନ ଓ ସୁରକ୍ଷା ଦିଗରେ ସମସ୍ତେ ସଚେତନ ହେବା ଉଚିତ। ସମ୍ବଲପୁର ରେଡ଼କ୍ରସ ସଂପାଦକ ଜୟ ଜର୍ଜ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଯୁବସମାଜର ଅଧିକ ମୋବାଇଲ ବ୍ୟବହାରର କୁପରିଣାମ ଦିଗରେ କହିଥିଲେ । କସ୍ତୁରବା ଗାନ୍ଧୀ ମାତୃ ନିକେତନ ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ କୁଳଧର ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବାଳନିକେତନର ଛାତ୍ରୀ ରୁକ୍ମିଣୀ ସୁନା, ସାନିଆଁ ମୁଣ୍ଡା, ରୀନା ଧାନଗୁଣ୍ଡି, ନୀତୁ ଭୋଇ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ବାଳ ନିକେତନର ସମସ୍ତ ଅନ୍ତେବାସୀ ଓ ପାର୍ବତୀଗିରି ମାତୃଭବନ ଜରାନିବାସର ସମସ୍ତ ବୃଦ୍ଧାଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ମୋତିଆବିନ୍ଦୁ ଚକ୍ଷୁ ରୋଗୀମାନଙ୍କ ଅସ୍ତ୍ରୋପଚାର ଦିଗରେ ପଦକ୍ଷେପ ନିଆଯିବ ବୋଲି ଜ୍ୟୋତି ଅନୁଷ୍ଠାନ ପକ୍ଷରୁ କୁହା ଯାଇଛି। ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ସନ୍ତୋଷ କୁମାର ଦାଶ, ଶଙ୍କର କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ସାହାଣୀ, ଇନ୍ଦ୍ରଭୂଷଣ ପୁରୁଷେଠ, କୈଳାଶ ଚନ୍ଦ୍ର ମିସ୍ତ୍ରୀ, ଗୋପୀନାଥ ନାୟକ, ସନ୍ତୋଷ କୁମାର ମିଶ୍ର, ଡ. ପ୍ରସନ୍ନ କୁମାର ମିଶ୍ର, ଅଧ୍ୟାପକ ପ୍ରଫୁଲ୍ଲ କୁମାର ହୋତା, ଡ. କାମଦେବ ସାହୁ ଓ ହେମକୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ବୁଧବାର ସମ୍ବଲପୁର ମେହେର ଆସୋସିଏସନ୍ ଶଭା କକ୍ଷରେ ସନ୍ତରଣବିତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ଅନ୍ତର୍ଜାତୀୟ ସନ୍ତରଣରେ କୃତିତ୍ୱ ହାସଲ କରିଥିବା ସନ୍ତରଣବିତଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୧୩।୧୧(ବ୍ୟୁରୋ)

ଅନ୍ତର୍ଜାତୀୟ ସନ୍ତରଣରେ କୃତିତ୍ୱ ହାସଲ କରିଥିବା ସନ୍ତରଣବିତଙ୍କୁ ବୁଧବାର ରାତିରେ ସମ୍ବଲପୁର ମେହେର ଆସୋସିଏସନ୍ ସଭା କକ୍ଷରେ ସମ୍ବର୍ଦ୍ଧିତ କରାଯାଇଛି । ଶିକ୍ଷାବିତ ଶ୍ରୀକୃଷ୍ଣ ପ୍ରଧାନଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା । ସମ୍ବଲପୁର ପୂର୍ବତନ ଏମ୍‌ପି ଭବାନୀଶଙ୍କର ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ସନ୍ତରଣବିତ ପ୍ରେମରଞ୍ଜନ ପ୍ରଧାନ, ହରେକୃଷ୍ଣ ପଣ୍ଡା ଓ ନାରାୟଣ ରଞ୍ଜନ ପଣ୍ଡାଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାଧାରଣ ସମ୍ପାଦକ ଗିରିଜାଶଙ୍କର ହୋତା ସୂଚନା ପ୍ରଦାନ କରିଥିଲେ । ଉପସଭାପତି ରାଜୀବ ବିଶ୍ୱାସ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ସେସୁଆଁତଲରେ ଚାଷୀଙ୍କ ବୈଠକ

ସମ୍ବଲପୁର,୧୩।୧୧ (ବ୍ୟୁରୋ)

ମାନେଶ୍ୱର ବ୍ଲକ୍ ସେସୁଆଁତଳ ଗ୍ରାମର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଚାଷୀ ସଂଗଠନର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଚାଷୀ ଦେବେନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ଧାନ ସଂଗ୍ରହ ନୀତିକୁ ବିରୋଧ କରାଯାଇଥିଲା। ପରମାଣପୁର, ନୂଆଁ ଡିହୁରା, ତବଲା, କୁକୁଡାପାଲି ଗ୍ରାମର ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଚନ୍ଦ୍ରଶେଖର ପଣ୍ଡା, ବିପିନ ବିହାରୀ ଭୋଇ, ଜଗଦାନନ୍ଦ ନାୟକ, ସନତ ନାୟକ, ରାଜକୁମାର ପଣ୍ଡା, ମନୋଜ ବାରିକ, କିସାନ ବେହେରା, ନରେନ୍ଦ୍ର ମିଶ୍ର, ପବନ ଅଗ୍ରୱାଲ, ସୁଧାଂଶୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ରେଙ୍ଗାଲି ପଞ୍ଚାୟତ କାର୍ଯ୍ୟାଳୟରେ 'ମୋ ଗାଁରେ ତହସିଲ' କାର୍ଯ୍ୟକ୍ରମ

## ଜମିଜମା ସଂକ୍ରାନ୍ତୀୟ ମାମଲାର ସମାଧାନ ପାଇଁ ୮୦ ଆବେଦନ

ରେଢାଖୋଲ ୧୩।୧୧ (ଡି.ଏନ.ଏ.)

ଓଡିଶା ସରକାରଙ୍କ ୫-ଟି କାର୍ଯ୍ୟକ୍ରମକୁ କ୍ରିୟାଶିଳ କରିବା ସହ ପ୍ରଶାସନକୁ ଲୋକାଭିମୁଖି କରିବାକୁ ବୁଧବାର ରେଢାଖୋଲ ବ୍ଲକର ରେଙ୍ଗାଳି ପଞ୍ଚାୟତ କାର୍ଯ୍ୟାଳୟଠାରେ 'ମୋ ଗାଁରେ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କର୍ମଚାରୀଙ୍କ ସହ ତହସିଲଦାର ରୁବି ବେହେରା ଯୋଗଦେଇ ଲୋକଙ୍କ ବିଭିନ୍ନ ଜମିଜମା ସଂକ୍ରାନ୍ତୀୟ ଅଭିଯୋଗ ଶୁଣି ସମାଧାନର ବ୍ୟବସ୍ଥା କରିଥିଲେ। ସମୁଦାୟ ୮୦ଟି ଜମିଜମା ସଂକ୍ରୀନ୍ତୀୟ ମାମଲାର ସମାଧାନ ପାଇଁ ଆବେଦନ ହୋଇଥିଲା। ବିଭିନ୍ନ ପ୍ରମାଣପତ୍ର ପାଇଁ ୧୨ ଜଣ ଆବେଦନ କରିଥିଲେ। ସେହିଭଳି ୪୦ ଜଣ ଭୂମିହୀନ ବସୁନ୍ଧରା ଯୋଜନା ଅଧୀନରେ ଜମି ପାଇଁ ଆବେଦନ କରିଥିଲେ। ସରପଞ୍ଚ ସସ୍ମିତା ମଲ୍ଲିକ ଏଥିରେ ଉପସ୍ଥିତ ଥିଲେ। ତେବେ ୨୭ ତାରିଖ ଚାରମାଳ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରମାଣପତ୍ର ସହ ଜମିଜମା ଦାଖଲ ଖାରଜ, ପଟ୍ଟା ବଣ୍ଟନ, ଜମିର କିସମ ପରିବର୍ତ୍ତନ ଆଦି ପାଇଁ ଜନସାଧାରଣ ଆବେଦନ କରିପାରିବେ ବୋଲି ତହସିଲଦାର କହିଛନ୍ତି।

## ବ୍ଲକ ଅଫିସରେ ତାଲା ମାରିଲେ ଗାଁ ସାଥୀ

ନାକଟିଦେଉଳ,୧୩।୧୧(ଡି.ଏନ.ଏ.)

ନାକଟିଦେଉଳ ବ୍ଲକର ଗାଁ ସାଥୀ ସେମାନଙ୍କ ବିଭିନ୍ନ ଦାବିରେ ବୁଧବାର ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ସଂଘ ସଭାପତି ଶଶାଙ୍କ ଶେଖର ବେହେରା, ସମ୍ପାଦକ ଦୁର୍ଲଭ କୁମାର ସାହୁ, କୋଷାଧକ୍ଷ ଅଶ୍ୱିନୀ କୁମାର ଦେହୁରୀ, ସୁଜିତ କୁମାର ପ୍ରଧାନ, ଜନାର୍ଦ୍ଦନ ପ୍ରଧାନ, ରଶ୍ମିତା ସାହୁ, ରମ୍ଭା ପ୍ରଧାନ, ବିନୋଦ ବିହାରୀ ବିଶି, ଯାଜ୍ଞସେନୀ ସାହୁ ଏବଂ ବିମ୍ବାଧର ପ୍ରଧାନ ନେତୃତ୍ୱ ନେଇଥିଲେ । ଖବର ପାଇ ରେଢାଖୋଲ ଉପଜିଲାପାଳ ଡୋଳମଣି ପଟେଲ,ଏସ୍‌ଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ, ନାକଟିଦେଉଳ ଥାନା ଅଧିକାରୀ ଇସ୍ମାଇଲ ଏକ୍କା, ଅତିରିକ୍ତ ତହସିଲଦାର ଇଜଲୁସ ବିନୟ କୁଲୁ ପ୍ରମୁଖ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ପ୍ରାୟ ୨ଟାରେ ସେମାନେ ଆନ୍ଦୋଳନରୁ ଓହରିଥିଲେ।



ଗାଁ ସାଥୀମାନେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ବାକ, ଶ୍ରବଣବାଧିତ ପିଲା ଓ ଅଭିଭାବକଙ୍କୁ ପ୍ରଶିକ୍ଷଣ

ବାମରା, ୧୩।୧୧ (ଡି.ଏନ.ଏ.)

ବାମରା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସମଗ୍ର ଶିକ୍ଷା ଅଭିଯାନ ତରଫରୁ ବାକ୍ ଓ ଶ୍ରବଣ ବଧିତ ଦିବ୍ୟାଙ୍ଗ ପିଲାଙ୍କୁ ଶିକ୍ଷା ପ୍ରଦାନ ଓ ସେମାନଙ୍କ ମାନସିକ ବିକାଶ ପାଇଁ ଅଭିଭାବକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ବିଇଓ ନରେନ୍ଦ୍ର ପଟେଲ ଉଦ୍‌ଘାଟନ କରିଥିଲେ। ବାକ ଓ ଶ୍ରବଣ ବଧିତ ଶିଶୁଙ୍କର ବାଣୀ ଓ ଭାଷାର ବିକାଶ ହେଲେ ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ । ବିଆରପି ହିମାଂଶୁ ଭୂଷଣ ରାଉତ ଓ ସୁବ୍ରତ ଭୋଇ ପ୍ରଶିକ୍ଷକ ଭାବେ ଯୋଗଦେଇ ବାକ ଓ ଶ୍ରବଣ ବଧିତ ଦିବ୍ୟାଙ୍ଗ ଶିଶୁଙ୍କ ଭାଷାର ଉନ୍ନତି, ଭାରତୀୟ ସାଙ୍କେତିକ ଭାଷା, ଶ୍ରବଣ ଯନ୍ତ୍ରର ବ୍ୟବହାର ଓ ଯତ୍ନ ସଂକ୍ରାନ୍ତରେ ତାଲିମ ପ୍ରଦାନ କରିଥିଲେ। ଏଥିରେ ୨୫ ଜଣ ଶିଶୁ ଓ ତାଙ୍କ ଅଭିଭାବକ ଭାଗ ନେଇଥିଲେ। ଉକ୍ତ ଶିବିର ୩ ଦିନ ଧରି ଚାଲିବ। ସେହିପରି ବାମରା ପୁରୁଣାବସ୍ତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗଡପୋଷ ପ୍ରାଥମିକ ବିଦ୍ୟାଳୟ, କେସାଇବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମହୁଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କେଛୁପାଣି ଶକ୍ତିଶ୍ରୀ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ପାଞ୍ଚଟି କ୍ଲଷ୍ଟରରୁ ୨୪୬ଜଣ ବାକ ଓ ଶ୍ରବଣ ବଧିତ ଶିଶୁଙ୍କ ଅଭିଭାବକଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ଦିବ୍ୟାଙ୍ଗଜନଙ୍କ ଅଧିନିୟମ ୨୦୧୬ରେ ଥିବା ୨୧ ପ୍ରକାର ଭିନ୍ନକ୍ଷମ, ଦିବ୍ୟାଙ୍ଗ ଶିଶୁମାନଙ୍କ ଗୃହଭିତ୍ତିକ ପରିଚାଳନା, ସରକାରୀ ସ୍ତରରେ ମିଳୁଥିବା ସୁବିଧା ସୁଯୋଗ, ସାଧାରଣ ବିଦ୍ୟାଳୟରେ ଶିକ୍ଷାଦାନ ଓ ସହାୟତା ଉପକରଣ ଉପରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଏବିଇଓ ରମେଶ ଚନ୍ଦ୍ର ନାୟକ, ତନୁଜା ମହାପାତ୍ର, ରମାକାନ୍ତ ମହାନନ୍ଦିଆ ତାଲିମ ଶିବିରର ଲକ୍ଷ୍ୟ ଓ ଉପକାରିତା ବିଷୟରେ ମତବ୍ୟକ୍ତ କରିଥିଲେ । ଆଇଭି ଅନିଲ ମିଞ୍ଜ, ବିମଳା ସୁରିନ, ପରମାନନ୍ଦ ମହାନନ୍ଦିଆଙ୍କ ସହ ସମସ୍ତ ସିଆରସିସି ଓ ଆଇଭିମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ପ୍ରଶିକ୍ଷଣ ଶିବିରରେ ବାକ, ଶ୍ରବଣବାଧିତ ପିଲା ଓ ଅଭିଭାବକ।

## ଫଟୋରେ ଖବର








(ବାମରୁ) ହୀରାକୁଦ ଜିକ୍‌ଜାକ୍ କ୍ଲବଠାରେ ଆୟୋଜିତ ଏକ ଉତ୍ସବରେ ସମ୍ବର୍ଦ୍ଧିତ ବ୍ୟକ୍ତି ବିଶେଷ, ଅତିଥି ଓ କର୍ମକର୍ତ୍ତା। ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ପଦକ ହାସଲ କରିଥିବା ସନ୍ତରଣବିତଙ୍କୁ ମଙ୍ଗଳବାର ରାତିରେ ସମ୍ବଲପୁର ଷ୍ଟେଶନଠାରେ ସମ୍ବର୍ଦ୍ଧିତ ଓ ସ୍ୱାଗତ କରାଯାଉଛି । ସମ୍ବଲପୁର ସନ୍ତରଣ ଦଳ ଦିଲ୍ଲୀ ଯାତ୍ରା କରିବାକୁ ସିଟି ଷ୍ଟେଶନଠାରେ ଅପେକ୍ଷାରତ ।







(ବାମରୁ) ବୁଧବାର ସମ୍ବଲପୁର ମହାନଗର ନିଗମ ଦ୍ୱାରା ଜିଲା ମୁଖ୍ୟ ଚିକିତ୍ସାଳୟରେ ସଫେଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳା ଓ ପୁରୁଷମାନେ । ସମ୍ବଲପୁର ଭୀମ ଆର୍ମି କର୍ମକର୍ତ୍ତା ବିଭିନ୍ନ ସମସ୍ୟା ସମାଧାନ ଓ ଚଳିତ ମାସ ୨୬ ତାରିଖ ହେବାକୁ ଥିବା ସମ୍ବିଧାନ ଦିବସ ବିଷୟରେ ଜିଲାପାଳ ଶୁଭମ ସକସେନାଙ୍କୁ ଦାବିପତ୍ର ଦେଉଛନ୍ତି । ବୁଧବାର ସମ୍ବଲପୁର ରେଳ ଷ୍ଟେଶନରେ ଦ୍ୱିତୀୟ ପ୍ରବେଶ ଦ୍ୱାର ଓ ଫୁଟ୍ ଓଭର ବ୍ରିଜକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବା
- ଭଲ୍‌ଟାୟାର



## ସଂକ୍ଷେପରେ

### ସମ୍ବଲପୁରରେ ମୈତ୍ରୀ ଯାତ୍ରା

ସମ୍ବଲପୁର, ୧୩।୧୧ (ବ୍ୟୁରୋ)- ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୨୫ତମ ଜୟନ୍ତୀ ଉପଲକ୍ଷେ ଜୟ ଜଗତ ମୈତ୍ରୀ ଯାତ୍ରା ସମ୍ବଲପୁରରେ ପହଞ୍ଚିଛି । ମୟୂରଭଞ୍ଜରୁ ଆସିଥିବା ମୈତ୍ରୀ ଯାତ୍ରାକୁ ବିଭିନ୍ନ ଛକରେ ସ୍ୱାଗତ କରାଯାଇଥିଲା। ସର୍ବୋଦୟ ନେତା ଆଦିତ୍ୟ ପଟ୍ଟନାୟକ, ରବୀନ୍ଦ୍ର ମହାନ୍ତି, ସୁଧୀର ଜେନା, ରମାକାନ୍ତ ମଣ୍ଡଳ, ପି. ପଟ୍ଟନାୟକ ଯୋଗ ଦେଇଥିଲେ। ସଞ୍ଜୀବ ଶ୍ରୀବାସ୍ତବ, ମୁନା ମୁଖାର୍ଜୀ, ଏସ. ମୁଣ୍ଡା ଯାତ୍ରାକୁ ସ୍ୱାଗତ କରିଥିଲେ।

### ଯାତ୍ରା ଦେଖି ଫେରିବା ବେଳେ ଦୁର୍ଘଟଣା, ଜଣେ ମୃତ

ସମ୍ବଲପୁର, ୧୩।୧୧(ବ୍ୟୁରୋ) ସମ୍ବଲପୁର ଜିଲା ଯୁଯୁମୁରା ଥାନା ଡଙ୍ଗାପାଲ ଗ୍ରାମରୁ ଯାତ୍ରା ଦେଖି ଫେରୁଥିବା ବେଳେ ଦୁର୍ଘଟଣା ଘଟି ଚାରମାଲ ଗ୍ରାମର ବିପିନ ଭୋଇଙ୍କ ମୃତ୍ୟୁ ଘଟିଛି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରବାର ବର୍ଗଙ୍କୁ ହସ୍ତାନ୍ତର କରିଛି । ଏ ନେଇ କେସନଂ ୨୭୯/୧୯ରେ ଏକ ମାମଲା ରୁଜୁ ହେଇଛି। ମୃତ ବିପିନଙ୍କ ଭାଇ ଗୌରଚରଣଙ୍କ ଅଭିଯୋଗ କ୍ରମେ ସେ ଡଙ୍ଗାପାଲ ଗ୍ରାମକୁ ଯାତ୍ରା ଦେଖିବାକୁ ଆସିଥିଲେ । ଫେରିବା ସମୟରେ ଯୁଯୁମୁରା ନିକଟରେ ଏକ ଗାଡି ଧକ୍କା ଦେଇ ଫେରାର ହୋଇ ଯାଇଥିଲା । ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଅଭିଯୋଗ କରିଥିଲେ।

### ଯୁବକଙ୍କୁ ହତ୍ୟା ଧମକ

ସମ୍ବଲପୁର, ୧୩।୧୧(ବ୍ୟୁରୋ) ସମ୍ବଲପୁର ଜିଲା ଯୁଯୁମୁରା ଥାନା ଇଚ୍ଛାପାଳ ଗ୍ରାମର ପ୍ରିୟବ୍ରତ କ୍ଷେତ୍ରୀଙ୍କୁ ମାଡପିଟ ଓ ହତ୍ୟା ଧମକ ଦେଇଥିବା ଅଭିଯୋଗ କରିଛନ୍ତି । ଅଭିଯୋଗ କ୍ରମେ ସୁକଦେବ ଭୋଇ ପ୍ରିୟବ୍ରତଙ୍କୁ ମାଡ ପିଟ କରି ପରିବାରକୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ । ଅଭିଯୋଗ ଉପରେ ପୋଲିସ ୧୫୬/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

### ଅବାଧରେ ଚାଲିଛି କରତକଳ, କାଠ ଚାଲାଣ

ସମ୍ବଲପୁର, ୧୩।୧୧(ବ୍ୟୁରୋ) ସମ୍ବଲପୁର ସହରରେ ବେଆଇନ କରତ କଳ ଗୁଡିକ ବେଧଡକ ଭାବେ ଚାଲିଛି । ବନ ବିଭାଗର ଧରପଗଡ ପରେ କିଛି ଦିନ ହେଲା ବନ୍ଦ ପଡିଥିଲା । ଏବେ ପୁଣି ମାଫିଆମାନେ ଆରମ୍ଭ କରି ଦେଇଛନ୍ତି । ଏହାକୁ ନେଇ ସାଧାରଣରେ ଅଭିଯୋଗ ହେଉଛି । କରତ କଳ ଚାଲିବା ଫଳରେ ସହର ପାର୍ଶ୍ୱରେ ଥିବା ଜଙ୍ଗଲରୁ ବେଆଇନ ଭାବେ ଗଛ କଟା ଯାଉଛି । କାଠ ମାଫିଆମାନେ ଗଣ୍ଡି କରି କରତକଳ ମାଲିକମାନଙ୍କୁ ଯୋଗାଇ ଦେଉଛନ୍ତି । ରେଙ୍ଗାଲି, ପଡିଆବହାଲ, ସଦର ରେଞ୍ଜର ବିଭିନ୍ନ ଜଙ୍ଗଲରୁ ଗଛ କଟା ଯାଉଛି। ବନ ବିଭାଗ ଅବହେଳା ଯୋଗୁ ଏଭଳି ହେଉଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ବେଆଇନ କରତ କଳ ଚାଲିବା ଫଳରେ ଚୋରା ଚାଲଣା ମଧ୍ୟ ବୃଦ୍ଧି ପାଉଛି। ତେଣୁ କରତକଳ ବନ୍ଦ କରାଗଲେ ଚୋରା ଚାଲାଣ କମିଯିବ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଡିଏଫଓ ଡ. ସଞ୍ଜୀତ କୁମାରଙ୍କୁ ପଚାରିବାରୁ ଅଭିଯୋଗ ଆସିଲେ ବିଭାଗ ପକ୍ଷରୁ ବେଆଇନ କରତକଳ ଉପରେ ଚଢାଉ କରାଯାଉଛି। ବନ ବିଭାଗ ଏଥିପ୍ରତି ସଜାଗ ରହିଛି ବୋଲି କହିଥିଲେ।

### ପ୍ରଧାନ ଶିକ୍ଷକଙ୍କ ପରଲୋକ



ନାକଟିଦେଉଳ, ୧୩।୧୧ (ଡି.ଏନ.ଏ.) ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଜଗନ୍ନାଥ ପ୍ରସାଦ ଗ୍ରାମର ପ୍ରଫୁଲ୍ଲ କୁମାର ସାହୁଙ୍କ ବୁଧବାର ସକାଳୁ ପରଲୋକ ଘଟିଛି । ସେ ଦୀର୍ଘ ଦିନ ଧରି ରାଉରକେଲାର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ।

## ଲମ୍ୱୋଦର ପ୍ରକଳ୍ପ ବିରୋଧୀଙ୍କ ସମାବେଶ

# ସରକାରଙ୍କୁ ଭର୍ତ୍ସନା, ଚେତାବନୀ

**ଜମନକିରା, ୧୩।୧୧ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ଡିମିରିମୁଣ୍ଡା ପଞ୍ଚାୟତରେ ପ୍ରସ୍ତାବିତ ଲମ୍ୱୋଦର ପ୍ରକଳ୍ପ ବିରୋଧୀ ସଂଘର୍ଷ ସମିତି ପକ୍ଷରୁ କରଙ୍ଗାମାଲ ନଦୀପଠାରେ ଏକ ସମାବେଶ ବୁଧବାର ଅନୁଷ୍ଠିତ ହୋଇଛି। ଚାଷୀ, ଆଦିବାସୀ, ପରିବେଶ ଓ ଜନବିରୋଧୀ କାର୍ଯ୍ୟରୁ ସରକାର କ୍ଷାନ୍ତ ହୁଅନ୍ତୁ । ଏଥିସହ ପ୍ରସ୍ତାବିତ ଲମ୍ୱୋଦର ପ୍ରକଳ୍ପକୁ ସଂପୂର୍ଣ୍ଣ ବାତିଲ ଘୋଷଣା କରନ୍ତୁ ବୋଲି ସମିତି ଗର୍ଜନ କରି ଆହ୍ୱାନ ଦେଇଛି। ସଂଘର୍ଷ ସମିତିର ସଭାପତି ରଥିକାନ୍ତ କିସାନ ଏଥିରେ ସଭାପତିତ୍ୱ କରିଥିଲେ। ସରକାର ଜମନକିରା ବ୍ଲକକୁ ଅବହେଳା କରୁଛନ୍ତି ବୋଲି ଅଭିଯୋଗ କରି ନେତୃମଣ୍ଡଳୀ କଠୋର ସମାଲୋଚନା କରିଛନ୍ତି। ସମ୍ବଲପୁର, ଝାରସୁଗୁଡା ଅଞ୍ଚଳରେ ଗଢି ଉଠୁଥିବା କଳକାରଖାନାକୁ ଜଳ ଯୋଗାଣ ସକାଶେ ଫଶିମାଲ ନିକଟସ୍ଥ ଶଙ୍ଖଭାଙ୍ଗୁଣି ଓ ଡିମିରିମୁଣ୍ଡା ପଞ୍ଚାୟତ କାଦୋଗଡ ନିକଟରେ ଲମ୍ୱୋଦର ନାଳରେ ମଧ୍ୟମ ଧରଣର ପ୍ରକଳ୍ପ କରିବାକୁ ଉଦ୍ୟମ ରଖି ଚାଷୀଙ୍କ ପାଇଁ ଏକ ନକରାତ୍ମକ ଷଡଯନ୍ତ୍ର ରଚାଯାଇଛି ବୋଲି ଅଭିଯୋଗ କରାଯାଇଛି। ୫ ବର୍ଷ ତଳେ ପ୍ରଶାସନ ଜନଶୁଣାଣି କରିବାକୁ ଉଦ୍ୟମ କରି ବିଫଳ ହେବା ପରେ ଭିନ୍ନ ଧରଣର ଷଡଯନ୍ତ୍ର କରୁଥିବା ଏମାନେ ଅଭିଯୋଗ କରିଛନ୍ତି। ସରକାର ଆଦିବାସୀ, ବନବାସୀଙ୍କ ପ୍ରତି ଆଖି ବୁଜି କମ୍ପାନୀ ପ୍ରୀତି ଚଳାଇଥିବାରୁ ଏମାନେ ଭର୍ତ୍ସନା କରିଥିଲେ । ହୀରାକୁଦ, ରେଙ୍ଗାଲି, ଗୋହିରା ଆଦି ନଦୀବନ୍ଧ ଯୋଜନାରେ ଲୋକଙ୍କୁ ସରକାର ଏଯାବତ କ୍ଷତିପୂରଣ ଦେଇପାରି ନ ଥିବା ବେଳେ ଏପରି ଯୋଜନା ରଖିବା ବିଡମ୍ବନା ବୋଲି ଏମାନେ ଅଭିଯୋଗ କରିଥିଲେ। ଗତ ୫ ବର୍ଷ ଧରି ସଂଘର୍ଷ ସମିତି ସରକାରଙ୍କ ପଦକ୍ଷେପକୁ ସତର୍କ ଦୃଷ୍ଟିରେ ରଖିଥିବା ଏମାନେ ଚେତାବନୀ ଦେଇଛନ୍ତି। ଏଥିରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିୟା, ଚାଷୀ ନେତା ସରୋଜ ମହାନ୍ତି, ପୂର୍ବତନ ସଭାପତି ନୃପଲାଲ ପଲେଇ, ପୂର୍ବତନ ସରପଞ୍ଚ ବସନ୍ତ ନାଏକ, ରୁଦ୍ରନାରାୟଣ ବେହେରା ପ୍ରମୁଖ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ପ୍ରତିବାଦ ସଭାରେ ଡିମିରିମୁଣ୍ଡା, ଭୋଜପୁର, ଶିରିଡ, ଡିମିରିକୁଦା, ସୁବର୍ଣ୍ଣପାଲି ଆଦି ପଞ୍ଚାୟତ ଅଞ୍ଚଳର ପ୍ରଭାବିତ ହେବାକୁ ଥିବା ଗ୍ରାମର ଲୋକେ ଯୋଗ ଦେଇଥିଲେ।



କରଙ୍ଗାମାଲ ନଦୀପଠାରେ ପ୍ରସ୍ତାବିତ ଲମ୍ୱୋଦର ପ୍ରକଳ୍ପ ବିରୋଧୀ ସଂଘର୍ଷ ସମିତିର ସମାବେଶରେ ସାମିଲ ହୋଇଥିବା ଲୋକେ।

## ଭିମ୍‌ସାରରେ ଭେଣ୍ଟିଲେଟର ବଢିବ

**ସମ୍ବଲପୁର, ୧୩।୧୧ (ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଭିମ୍‌ସାର ଆଇସିୟୁରେ ଭେଣ୍ଟିଲେଟର ସଂଖ୍ୟା ବୃଦ୍ଧି ହେବ। ଏକ ସପ୍ତାହ ମଧ୍ୟରେ ଏଠାରେ ଆଉ ୬ଟି ଭେଣ୍ଟିଲେଟର ବ୍ୟବସ୍ଥା କରାଯିବ। ପୂର୍ବରୁ ୧୨ଟି ଭେଣ୍ଟିଲେଟର ରହିଛି। ଓଡିଶା ମେଡିକାଲ କର୍ପୋରେସନ ପକ୍ଷରୁ ଏ ନେଇ ଭିମ୍‌ସାରକୁ ସୂଚନା ଦିଆଯାଇଛି। ତେବେ ଭିମ୍‌ସାରେ ଭେଣ୍ଟିଲେଟର ଅଭାବ ଯୋଗୁ ଆଇସିୟୁରେ ରୋଗୀ ଚିକିତ୍ସାରେ ସମସ୍ୟା ହେଉଥିଲା। ବୁଧବାର ମଧ ଜଣେ ରୋଗୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାବେଳେ ସେ ଆଇସିୟୁରେ ଭର୍ତ୍ତି ହୋଇ ପାରି ନ ଥିଲେ । ଏହା ଜାଣିବା ପରେ ଜୁନିୟର ଡାକ୍ତରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ସେମାନେ ଉକ୍ତ ରୋଗୀ ସମ୍ପର୍କୀୟଙ୍କ ସହ ଆଲୋଚନା କରି ତୁରନ୍ତ ଅଧୀକ୍ଷକଙ୍କୁ ଜଣାଇଥିଲେ। ଅଧୀକ୍ଷକ କହିବା ଅନୁସାରେ ମେଡିକାଲ କର୍ପୋରେସନକୁ ଚିଠି ଲେଖା ଯାଇଛି। ହେଲେ କର୍ପୋରେସନ ଭେଣ୍ଟିଲେଟର ଯୋଗାଇ ଦେଇ ପାରୁନାହିଁ। ତେବେ ଜେଡିୟୁ ସଭାପତି ସଞ୍ଜୀବ ମିଶ୍ର ଏ ନେଇ ମେଡିକାଲ କର୍ପୋରେସନକୁ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଅପରପକ୍ଷେ ଜୁଲାଇ ୧୦ ତାରିଖ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଭିମ୍‌ସାର ଗସ୍ତରେ ଆସିଥିଲାବେଳେ ଆଇସିୟୁ ପରିଦର୍ଶନ କରିଥିଲେ। ସେ ସମୟରେ ବିଦ୍ୟୁତ୍ କାଟ ହେବା ସହ ଭେଣ୍ଟିଲେଟର କମ୍ ଯୋଗୁ ରୋଗୀ ସେବାରେ ସମସ୍ୟା ହେଉଥିବା ଅଭିଯୋଗ ହୋଇଥିଲା । ଭିମ୍‌ସାରର ସମସ୍ୟାଗୁଡିକ ଜଣାଇବାକୁ ସ୍ୱାସ୍ଥ୍ୟମନ୍ତ୍ରୀ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଏଣୁ ଭିମ୍‌ସାର ପକ୍ଷରୁ ଜୁଲାଇ ୨୨ରେ ସ୍ୱାସ୍ଥ୍ୟ ବିଭାଗ ଓ ମେଡିକାଲ କର୍ପୋରେଶନକୁ ଚିଠି କରାଯାଇଥିଲା । ହେଲେ ୪ ମାସ ବିତିଯାଇଥିଲେ ମଧ ବିଭିନ୍ନ ସମସ୍ୟା ଦେଖାଇ କର୍ପୋରେଶନ ଭେଣ୍ଟିଲେଟର ଯୋଗାଉ ନ ଥିଲା।

## ୧୯ରୁ ବିଇଓଙ୍କ ଅଫିସ ସମ୍ମୁଖରେ ଅନଶନ

**ସମ୍ବଲପୁର, ୧୩।୧୧ (ବ୍ୟୁରୋ)**

ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତ ବରଘାଟ ପ୍ରାଥମିକ ସ୍କୁଲରେ ବହୁଦିନ ହେବ ଶିକ୍ଷକଙ୍କୁ ନେଇ ବିବାଦ ଲାଗି ରହିଛି। ଏହାର ସମାଧାନ ନ ହେବାରୁ ଆସନ୍ତା ୧୯ ତାରିଖଠାରୁ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସ ସମ୍ମୁଖରେ ଅଭିଭାବକମାନେ ଅନଶନ କରିବାକୁ ସ୍ଥିର କରିଛନ୍ତି । ଏ ନେଇ ବୁଧବାର ସେମାନେ ଧମା ଥାନାକୁ ଯାଇ ପୋଲିସ ସୁରକ୍ଷା ଦେବାକୁ ଜଣାଇବା ସହ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ ଲିଖିତ ଭାବେ ଜଣାଇ ଦେଇଛନ୍ତି । ଅଭିଯୋଗ କ୍ରମେ ଏହି ସ୍କୁଲରେ ୨ ଜଣ ଶିକ୍ଷକ ରହିଥିଲେ ମଧ ଆଉ ୨ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ହେଲେ ସ୍କୁଲରେ ଛାତ୍ରୀଛାତ୍ର ସଂଖ୍ୟା ବହୁ କମ୍ ଅଛି। କିଛି ଶିକ୍ଷକଙ୍କ ସ୍ୱାର୍ଥକୁ ନେଇ ଏଭଳି କରାଯାଇଛି । ଆବଶ୍ୟକଠାରୁ ଅଧିକ ଶିକ୍ଷକ ନିଯୁକ୍ତି ଦିଆଯାଇଛି। ହେଲେ ବ୍ଲକର ଅନେକ ସ୍କୁଲରେ ଶିକ୍ଷକ ସମସ୍ୟା ରହିଛି। ଏ ନେଇ ବାରମ୍ବାର ଜିଲାପାଳ, ବିଇଓଙ୍କୁ ଅଭିଯୋଗ କଲାପରେ ମଧ କୌଣସି ସୁଫଳ ନ ମିଳିବାରୁ ଏଭଳି କରିବାର ନିଷ୍ପତ୍ତି ନିଆଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

## ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ପ୍ରଭାବତୀ ଦେବୀ



ଶ୍ରାଦ୍ଧବାର୍ଷିକୀରେ ମଞ୍ଚାସୀନ ଅତିଥି।

**ଧମା, ୧୩।୧୧(ଡି.ଏନ.ଏ.)**

ମାନେଶ୍ୱର ବ୍ଲକ ବରଗାଁ ଛଚାନପାଲିସ୍ଥିତ ରୁକ୍ମିଣୀ ଲାଠ ବାଳ ନିକେତନର ପ୍ରତିଷ୍ଠାତା ଡ. ପ୍ରଭାବତୀ ଦେବୀଙ୍କ ୨୨ତମ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠାନ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନ୍ତେବାସୀ ପ୍ରଭାତଫେରି କରିଥିଲେ। ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ପ୍ରଭାବତୀ ଦେବୀଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରି ପରିସରରେ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଡିଆଇଜି ହିମାଂଶୁ ଲାଲ ବାଳ ନିକେତନକୁ ଆସି ଅନ୍ତେବାସୀଙ୍କ ସହ ସମୟ ଅତିବାହିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଆୟୋଜିତ ବୈଠକରେ ଦେବଗଡ଼ ରାଣୀ ଅରୁନ୍ଧତୀ କୁମାରୀ ଦେବୀ, ମାନେଶ୍ୱର ମାନଧାତା ବାବା କଲେଜର ଅଧ୍ୟକ୍ଷ ତୁଷାର ରଞ୍ଜନ ବାରିକ, ଡିସିପିଓ ସୁଚିସ୍ମିତା ପଟ୍ଟନାୟକ, ସିଡବ୍ଲୁସି ଚେୟାରମ୍ୟାନ ବ୍ରଜେନ୍ଦ୍ର କିଶୋର ପଣ୍ଡା, କୈଳାଶ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ତେବେ ପ୍ରଭାବତୀ ଦେବୀ ଜଣେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ଛୋଟ ଶିଶୁମାନଙ୍କ ଲାଳନ ପାଳନର ଦାୟିତ୍ୱ ନେଇ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସାରା ଜୀବନ ଅବିବାହିତ ରହି ପର ପିଲାଙ୍କୁ ନିଜର କରିଥିଲେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସନ୍ତୋଷ ବାରିକଙ୍କ ପରିଚାଳନାରେ ଆୟୋଜିତ ବୈଠକରେ ସମ୍ପାଦକ ରାଧେକୃଷ୍ଣ ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିଲେ। ବାଳନିକେତନ ଅଧ୍ୟକ୍ଷା ନଳନୀ ପଧାନ ସଭାପତିତ୍ୱ କରିଥିଲେ। ଏହି ଅବସରରେ ରାଧେଶ୍ୟାମ ବେହେରା, ଶଙ୍କରଲାଲ ଅଗ୍ରୱାଲ, ବ୍ରଜେନ୍ଦ୍ର ପଣ୍ଡା, ସୁମିତ୍ରା ପାଣିଗ୍ରାହୀ, ସୁରେନ୍ଦ୍ର ପାଣିଗ୍ରାହୀ ଓ ଧମା ଥାନାଧିକାରୀ ରାଜେଶ୍ୱରୀ ଭୋଇଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଉପାଧ୍ୟକ୍ଷ ବସନ୍ତ ସାହୁ ଧନ୍ୟବାଦ ଅର୍ପଣ କରଇଥିଲେ ।

## ସାହାସପୁର ମାର୍କେଟୟାର୍ଡ କମିଟିର ସାଧାରଣ ବୈଠକ

**ଧମା, ୧୩।୧୧ (ଡି.ଏନ.ଏ.)**

ମାନେଶ୍ୱର ବ୍ଲକ ସାହାସପୁର ମାର୍କେଟ ୟାର୍ଡ କମିଟିର ବାର୍ଷିକ ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ରାମନାରାୟଣ ନାଏକ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ପାଇଁ ନୂତନ କମିଟି ଗଠନ କରାଯାଇଛି। ସଭାପତି ଭାବେ ତ୍ରିନାଥ ପଣ୍ଡା, ଉପସଭାପତି ଭାବେ ସୁବାଷ ପଣ୍ଡା, ସମ୍ପାଦକ ଭାବେ ରାଧାକାନ୍ତ ପାଣିଗ୍ରାହୀ ଏବଂ କୋଷାଧ୍ୟକ୍ଷ ଭାବେ ବିଦ୍ୟାଧର ମେହେରଙ୍କୁ ଦାୟିତ୍ୱ ଦିଆ ଯାଇଛି। ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଧାନକିଣା ନୀତିରେ ପରିବର୍ତ୍ତନକୁ ଚାଷୀମାନେ ପ୍ରବଳ ବିରୋଧ କରିଥିଲେ। ଏ ବାବଦରେ ଏକ ଆବେଦନ ପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯିବାକୁ ଚାଷୀମାନେ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବବର୍ଷ ଭଳି ଧାନ କିଣାନୀତିକୁ ବଳବତ୍ତର ରଖାଯିବା ନେଇ ଅନୁରୋଧ କରିବାକୁ ପ୍ରସ୍ତାବ ରଖିବା ଲାଗି ଚାଷୀମାନେ କହିଥିଲେ। ଅଜିତ ସିଂ, ସୁରୁ ବିଶ୍ୱାଳ, ନିମାଇଁ ପାଣିଗ୍ରାହୀ, ସୁଧୀର ପାଢ଼ୀ, ନୀଳମଣି ସାହୁ, ସଞ୍ଜୟ ପୃଷେଠ, ତୀର୍ଥବାସୀ ପଣ୍ଡା, ମନ ପାଣ୍ଡେ ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ମାୟାଧର ମାନସିଂହ ଅନନ୍ୟ ଥିଲେ



ବୁଧବାର ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଡ. ମାୟାଧର ମାନସିଂହଙ୍କ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ।

**ସମ୍ବଲପୁର, ୧୩।୧୧ (ବ୍ୟୁରୋ)**

ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ଡ. ମାୟାଧର ମାନସିଂହଙ୍କ ୧୫୦ତମ ଜୟନ୍ତୀ ବୁଧବାର ରାତିରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର ମୁଖ୍ୟଅତିଥି ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ ଅଧ୍ୟାପକ ଡ. ଶ୍ୟାମ ଭୋଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଛୋଟ ସମୟରୁ ମାନସିଂହ ନିଜ ପ୍ରତିଭା ବଳରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଥିଲେ । ଜଣେ କବି, ପ୍ରାବନ୍ଧିକ, ଐତିହାସିକ, ଶିକ୍ଷାବିତ, ପ୍ରଶାସକ ଓ ଦୂରଦ୍ରଷ୍ଟା ଭାବେ ସେ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ଗଙ୍ଗାଧର ମେହେର କଲେଜ ସର୍ବାଙ୍ଗୀନ ବିକାଶ ଦିଗରେ ତାଙ୍କ ଅବଦାନ ଥିଲା । ଓଡିଶାର କଳା, ସଂସ୍କୃତି, ସାହିତ୍ୟ ଓ ଶିକ୍ଷାର ବିକାଶ ଲାଗି ସେ ବ୍ରତି ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସଭାପତି ପ୍ରଫୁଲ୍ଲ କୁମାର ହୋତାଙ୍କ ପରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା । ସାଧାରଣ ସମ୍ପାଦକ ସରୋଜ କୁମାର ଦାଶ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେଇଥିଲେ । ସେହିପରି ଯୁଗ୍ମ ସମ୍ପାଦକ ଲଳିତ ବୈବର୍ତ୍ତା ଧନ୍ୟବାଦ ଅର୍ପଣ କରିଥିଲେ ।

## ବରିଷ୍ଠ ନାଗରିକଙ୍କୁ ପୋଲିସ ଅଣଦେଖା କରୁଛି

**ଟିପିଲିମା, ୧୩।୧୧ (ଡି.ଏନ.ଏ.)**

ବୁର୍ଲା ବରିଷ୍ଠ ନାଗରିକ ଫୋରମର କର୍ମକର୍ତ୍ତା ପ୍ରମୋଦ କୁମାର ଦାଶଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଫୋରମ ସମ୍ପାଦକ ଯତିନ୍ଦ୍ର ମୋହନ ପଣ୍ଡା ବିବରଣୀ ପାଠ କରିଥିଲେ। ବରିଷ୍ଠ ନାଗରିକମାନଙ୍କୁ ବୁର୍ଲା ପୋଲିସ ଅଣଦେଖା କରୁଛି। ଫଟୋ ପରିଚୟ ପତ୍ର ପ୍ରସ୍ତୁତି ଦିଗରେ ଦୀର୍ଘ ୬ମାସ ହେଲା କୌଣସି ପଦକ୍ଷେପ ନେଉ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଛି। ଏ ନେଇ ଏସ୍‌ପିଙ୍କୁ ସାକ୍ଷାତ କରି ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷେ ଭିମ୍‌ସାରରେ ବରିଷ୍ଠ ନାଗରିକମାନଙ୍କ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ୱାର୍ଡ ଖୋଲିବାକୁ ଦାବି ହୋଇ ଆସୁଛି। ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ପୂଜାରୀ ମଧ ଏ ନେଇ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ଏ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିବାକୁ ନିଷ୍ପତ୍ତି ହୋଇଛି । ପ୍ରଫେସର ଦେବାନନ୍ଦ ଚୌପଦାରଙ୍କ ସମ୍ପାଦନାରେ ଫୋରମର ଏକ ସ୍ମରଣିକା ଆଗାମୀ ୨ମାସ ମଧ୍ୟରେ ହେବାକୁ ଥିବା ସ୍ୱାସ୍ଥ୍ୟ ସଚେତନତା ଶିବିରରେ ଉନ୍ମୋଚନ କରିବାକୁ ନିଷ୍ପତ୍ତି ହୋଇଛି । ବୈଠକରେ ବରିଷ୍ଠ ନାଗରିକ ଆର୍ତ୍ତତ୍ରାଣ ପାଣିଗ୍ରାହୀ ଓ ପୂର୍ଣ୍ଣଚନ୍ଦ୍ର ନାୟକ ନୂଆ ସଦସ୍ୟତା ଗ୍ରହଣ କରିଥିଲେ। ସେମାନଙ୍କୁ ଫୋରମ ପକ୍ଷରୁ ସ୍ୱାଗତ କରାଯାଇଥିଲା । ବୈଠକରେ ଇଂ. ସୁଧିର ମିଶ୍ର, ଡା. ପ୍ରମୋଦ ଚନ୍ଦ୍ର ନାୟକ, ଗୋପି ବଡପଣ୍ଡା, ଦେବାନନ୍ଦ ପଣ୍ଡା, କିଶୋର ନନ୍ଦ, ରାଜକିଶୋର ଜାଯୋଡିଆ, ଜାମିନୀକାନ୍ତ ପ୍ରଧାନ, ହୃଷିକେଶ ଦାଶ, ରଞ୍ଜିତ ପଟ୍ଟନାୟକ, ସୁରେଶ ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ହିମାଂଶୁଶେଖର ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

## ୨୫ ଦିନରେ ଚାଷୀଙ୍କ ରିଲେ ଅନଶନ

# ନୀତେଶ, ସୁରେଶ ସମର୍ଥନ କଲେ



ସମ୍ବଲପୁର ଜିଲାପାଳଙ୍କ ଅଫିସ ନିକଟରେ ଚାଷୀଙ୍କ ୨୪ ଘଣ୍ଟିଆ ରିଲେ ଅନଶନର ବୁଧବାର ୨୫ତମ ଦିନରେ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ ସମର୍ଥନ କରି ଆନ୍ଦୋଳନରେ ସାମିଲ ହୋଇଛନ୍ତି।

**ସମ୍ବଲପୁର, ୧୩।୧୧ (ବ୍ୟୁରୋ)**

ସମ୍ବଲପୁର ଜିଲାପାଳଙ୍କ ଅଫିସ ନିକଟରେ ଚାଷୀଙ୍କ ୨୪ ଘଣ୍ଟିଆ ରିଲେ ଅନଶନ ବୁଧବାର ୨୫ ଦିନରେ ପହଞ୍ଚିଛି। ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ସମର୍ଥନ କରି ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଅବସରରେ ସେ କହଛନ୍ତି ଯେ, ଚାଷୀ ବୀମା ଟଙ୍କା ପାଇବାକୁ ହକଦାର। ଏଥିପାଇଁ ରାଜ୍ୟ ସରକାର ଦାୟୀ। ଏହି ସମସ୍ୟା ଏଥର ସଂସଦ ଅଧିବେସନରେ ଉପସ୍ଥାପିତ କରିବେ। ଅନ୍ୟପକ୍ଷେ ମଙ୍ଗଳବାର ବରଗଡ ଏମ୍‌ପି ସୁରେଶ ପୂଜାରୀ ମଧ ଚାଷୀଙ୍କ ଏହି ରିଲେ ଅନଶନରେ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ସେ କହିଥିଲେ ଯେ, ବୀମା କମ୍ପାନୀ ଉପରେ ସରକାରଙ୍କ ଲଗାମ ରହୁନାହିଁ । ବୀମା କମ୍ପାନୀ ଗୁଡିକର ଫାଇଦା ହେଉଛି। ହେଲେ ଚାଷୀମାନଙ୍କୁ କ୍ଷତି ସହିବାକୁ ପଡୁଛି । କୋଟି କୋଟି ଟଙ୍କା ବୀମା ବାବଦକୁ କମ୍ପାନୀ ନେଇ ଯାଉଛି । ହେଲେ କ୍ଷୟ କ୍ଷତି ଆକଳନ ହୋଇ ବୀମା ରାଶି ଘୋଷଣା କଲାପରେ ବୀମା ଟଙ୍କା ନ ଦେଇ ଚମ୍ପଟ ମାରିଛି । ଚାଷୀମାନଙ୍କ ହକ୍ ପାଇଁ ଆନ୍ଦୋଳନ କରିବାକୁ ପଡୁଛି । ଏହାକୁ ନେଇ ଆସନ୍ତା ସଂସଦ ଶୀତ ଅଧିବେଶନ ବୈଠକରେ ଉପସ୍ଥାପନ କରାଯିବ। ରାଜ୍ୟର ସମସ୍ତ ଏମ୍‌ପିଙ୍କ ସହଯୋଗ ନିଆଯିବ । ବରଗଡ ଓ ଝାରସୁଗୁଡା ଜିଲା ଜିଲାସ୍ତରୀୟ ଧାନ ସଂଗ୍ରହ ବୈଠକରେ ଟୋକନ ବ୍ୟବସ୍ଥାକୁ ବିରୋଧ କରାଯାଇଥିଲା । ସମ୍ବଲପୁର ଜିଲାରେ ମଧ ବିରୋଧ କରାଯାଇ ଏହାର ପ୍ରସ୍ତାବ ରାଜ୍ୟ ସରକାରଙ୍କ ପାଖକୁ ପଠାଯାଇଛି । ହେଲେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ କୌଣସି ଘୋଷଣା କରିନାହାନ୍ତି । ଧାନ ସଂଗ୍ରହ ସମୟରେ ସରକାରଙ୍କୁ ଅପଦସ୍ତ ହେବାକୁ ପଡିଛି । ରାଜ୍ୟର ସମସ୍ତ ସ୍ଥାନରେ ଜମି ସମାନ ନୁହେଁ। କିମ୍ବା ସମାନ ସମୟରେ ଫସଲ ଅମଳ ହୁଏ ନାହିଁ । ହେଲେ ରାଜ୍ୟ ସରକାର ସବୁ ଜିଲାରେ ସମାନ ନିୟମ କରିଛନ୍ତି । ଏହା ଚାଷୀମାନଙ୍କ ପାଇଁ ଆଉ ଏକ ସମସ୍ୟା ବୋଲି ସୁରେଶ କହିଥିଲେ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ଗୋମାଂସ ବିକ୍ରିକୁ ବିରୋଧ, ଥାନାରେ ଅଭିଯୋଗ

**ଭବାନୀପାଟଣା,୧୩।୧୧(ଡି.ଏନ.ଏ.)**- କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଚନ୍ଦନପୁର ଗାଁରେ ଗୋମାଂସ ଚାଲାଣ ଓ ବିକ୍ରି କରୁଥିବା ବେଳେ ୨ ଜଣ ବ୍ୟକ୍ତିଙ୍କୁ ଧରି ଶିବରାମ ଯୁବକ ସଂଘ କର୍ମକର୍ତ୍ତାମାନେ ପୋଲିସକୁ ଜିମା ଦେଇଛନ୍ତି। ଲାଞ୍ଜିଗଡ ଥାନା ଗୋମାଂସ ସହିତ ଗୋମାଂସ ଚାଲାଣରେ ବ୍ୟବହୃତ ଏକ ବାଇକ୍‌କୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରି ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିବା ଜଣାପଡିଛି। ସୂଚନାନୁଯାୟୀ, ରାୟଗଡା ଜିଲା ଅମ୍ବାଦଳା ଥାନା ରାଣୀପିଣ୍ଡା ଗାଁର ଘାସିରାମ ବାଗ ଓ ସର୍ଜିତ ଭୋଇ ଏକ ବାଇକ୍‌ରେ ଗୋମାଂସ ନେଇ ଚନ୍ଦନପୁର ଗାଁରେ ବିକ୍ରି କରୁଥିଲେ। ସ୍ଥାନୀୟ ଶିବରାମ ଯୁବକ ସଂଘ କର୍ମକର୍ତ୍ତାମାନେ ସେମାନଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଲାଞ୍ଜିଗଡ ପୋଲିସ ଏଏସ୍ଆଇ ଉମ୍ବରୁଧର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଗୋମାଂସ ଜବତ କରି ସେମାନଙ୍କୁ ଥାନାକୁ ନେଇଥିଲେ। ସେଠାରେ ପଚରାଉଚୁରା ପରେ ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

### ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା: ୪୫ ପ୍ରକଳ୍ପ ପ୍ରଦର୍ଶିତ

**ଜୁନାଗଡ,୧୩।୧୧(ଡି.ଏନ.ଏ.)** କଳାହାଣ୍ଡି ଜିଲା ଜୁନାଗଡ ସହର ଭାରତୀୟ ବିଦ୍ୟା ନିକେତନରେ ବୁଧବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସମୁଦାୟ ୪୫ଟି ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ଗୁରୁବାର ଶିଶୁ ଦିବସରେ ପୁରସ୍କୃତ କରାଯିବ। ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ସନତ କୁମାର ଯୋଷୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ନିତ୍ୟାନନ୍ଦ ଗୁରୁ ଓ ଧରଣୀଧର ଦୁର୍ଗା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗୁରୁଜୀ ଶୁଭେନ୍ଦୁ ତ୍ରିପାଠୀ, ଅଶ୍ୱିନ ଶବର, ଗୁରୁମା ଶିବାନୀ ତ୍ରିପାଠୀ, ଦେବସ୍ମିତା ପଣ୍ଡା ସହଯୋଗ କରିଥିଲେ।



## ବସେକେଲାରେ ରାମଲୀଳା ମହୋତ୍ସବ
# ଲଙ୍କା ଦହନ, ସେତୁବନ୍ଧ ପ୍ରତିଷ୍ଠା ମଞ୍ଚସ୍ଥ

**ଭେଡ଼େନ, ୧୩।୧୧(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ବସେକେଲା ଯାତ୍ରା ପଡ଼ିଆରେ ବସେକେଲା, ଗୁରୁପାଲି ଏବଂ କଟାପାଲି ଗ୍ରାମର ମିଳିତ ଆୟୋଜନରେ ଚାଲିଥିବା ମୁକ୍ତମଞ୍ଚ ରାବଣ ରାଜ ତଥା ରାମଲୀଳାର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ରାବଣର ନଗର ଭ୍ରମଣ, ହନୁମାନଙ୍କ ସୀତା ସନ୍ଧାନ, ରାମଙ୍କ ଲଙ୍କା ଆଗମନ ପାଇଁ ସେତୁବନ୍ଧ ପ୍ରତିଷ୍ଠା ଆଦି ନାଟ୍ୟାଭିନୟ ପରିବେଷିତ ହୋଇଥିଲା। ବୁଧବାର ରାବଣ ଦରବାରରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ ସୁବାସ ଚୌହାନ, ଭେଡ଼େନ ବିଡ଼ିଓ ମୁରଲିଧର ନାୟକ ରାଜଅତିଥି ଭାବେ ଯୋଗ ଦେଇଥିଲେ। ହରିଶଙ୍କର ବେହେରା ସଭାକାର୍ଯ୍ୟ ସଂଯୋଜନା କରିଥିବା ବେଳେ ଯାତ୍ରା କମିଟି ସଭାପତି ସୁବଳ ପ୍ରଧାନ, ସମ୍ପାଦକ କ୍ଷମାନିଧି ନାଏକ, ସଦସ୍ୟ ଜଗଦୀଶ ପଟେଲ, ପ୍ରେମରାଜ ରାୟ, ଆନନ୍ଦ କରନ, ଭଗବାନ ସେଠ, ଅରେଇଗୁଡ଼ି ସରପଞ୍ଚ ସୁନୀଲ ମେହେର, ସମିତିସଭ୍ୟ ଶିବଶଙ୍କର ମାଝୀଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଚିଚିଣ୍ଡା ଗ୍ରାମର ଅଭିନେତା ଝସକେତନ ପ୍ରଧାନ ରାବଣ ଭୂମିକାରେ ଅଭିନୟ କରୁଥିବା ବେଳେ ଅନ୍ୟାନ୍ୟ ଭୂମିକାରେ ରାଜେନ୍ଦ୍ର ବାଗ, ରୁଦ୍ର ନାରାୟଣ ମେହେର, ସଂକୀର୍ତ୍ତନ ପଧାନ, ଅଲେଖ ବୁଡ଼େକ, ଘନଶ୍ୟାମ ପ୍ରଧାନ, ଟିଙ୍କୁ ମେହେର ପ୍ରମୁଖ ଅଭିନୟ କରୁଛନ୍ତି। କୁମ୍ଭାରୀ ଭିଏସଏସ ଆଖଡ଼ା ଶବ୍ଦନୃତ୍ୟ ଗବେଷଣା ଓ ତାଲିମ କେନ୍ଦ୍ରର କଳାକାର ମାନେ ନୃତ୍ୟ ପରିବେଷଣ କରିଥିଲେ।



ବସେକେଲା ରାମଲୀଳା ଯାତ୍ରାର ଏକ ଦୃଶ୍ୟ।

## ସୁପ୍ରିୟା ସ୍ମାରକୀ ଫୁଟବଲ
# ବୁଗବୁଗା, ଖଲିଆପାଲି ବିଜୟୀ

**ବରଗଡ଼ ଅଫିସ୍,୧୩।୧୧**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ମ୍ୟାଚରେ ବୁଗବୁଗା, ଖଲିଆପାଲି ପ୍ରତିପକ୍ଷ ଦଳ ଗୁଡ଼ିକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବୁଗବୁଗା, ସିଲେଟ୍ ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ଉକ୍ତ ମ୍ୟାଚରେ ବୁଗବୁଗାର ସୁଜିତ ନାଏକ ଏବଂ ପ୍ରତିପକ୍ଷ ଦଳ ସିଲେଟ୍‌ର ସୁନୀଲ ମିର୍ଦ୍ଧା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଫଳରେ ମ୍ୟାଚଟି ୧–୧ ଗୋଲରେ ବରାବର୍ ସ୍ଥିତିରେ ରହିଥିଲା। ଏହାପରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ବୁଗବୁଗା ୪–୩ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଖଲିଆପାଲି ଏବଂ ରୋହିଣିଆଁ ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା। ଏଥିରେ ଖଲିଆପାଲି ୧–୦ ଗୋଲରେ ବିଜୟୀ ହୋଇଥିଲା। ଦଳର ଅଜୟ ସିଂ ଗୋଲ ସ୍କୋର କରିଥିଲେ। ସନ୍ତୋଷ ପ୍ରଧାନ, ଉମେଶ ଭୋଇ, ପ୍ରଦୀପ ପ୍ରଧାନ, ସୁରେଶ ଦାଶ, ପଞ୍ଚାନନ ପାତ୍ର, ମନୋଜ ଭୂୟାଁ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# କୋସଲ ସାହିତ୍ୟ ସଂସ୍କୃତି ଏକାଡ଼େମୀର ଦାବି

**ବରଗଡ଼ ଅଫିସ୍,୧୩।୧୧**

କୋସଲ ସାହିତ୍ୟ ସଂସ୍କୃତି ଏକାଡ଼େମୀ ୫ଦଫା ଦାବି ନେଇ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ସ୍ମାରକପତ୍ରରେ କୋସଲି ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ ପାଇଁ ଦାବି କରାଯାଇଛି। ଏହା ସହିତ ପ୍ରାଥମିକ ସ୍ତରରେ ପଶ୍ଚିମ ଓଡ଼ିଶାର ଛାତ୍ରୀଛାତ୍ରଙ୍କୁ କୋସଲି ମାତୃଭାଷାରେ ଶିକ୍ଷା ପ୍ରଦାନ, କୋସଲି ଭାଷାକୁ ଓଡ଼ିଶାର ଦ୍ୱିତୀୟ ସରକାରୀ ଭାଷା ଭାବେ ଗ୍ରହଣ କରାଯିବା, ସୁବର୍ଣ୍ଣପୁରରେ କୋସଲ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ଏବଂ ପଶ୍ଚିମ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ସକାଶେ କୋସଲ ପ୍ରଦେଶ ଗଠନ କରିବା ପାଇଁ ସ୍ମାରକପତ୍ରରେ ଦାବି କରାଯାଇଛି ବୋଲି କୋସଲ ସାହିତ୍ୟ ସଂସ୍କୃତି ଏକାଡ଼େମୀ ପକ୍ଷରୁ ଏକ ବିବୃତିରେ ସୂଚନା ଦିଆଯାଇଛି।



ନିଗମାନନ୍ଦ ବିହାରରେ ସଂକୀର୍ତ୍ତନ ପରିବେଷଣ।

# ନିଗମାନନ୍ଦ ବିହାରରେ ରାସପୂର୍ଣ୍ଣିମା

**ବରଗଡ଼ ଅଫିସ୍,୧୩।୧୧**

ବରଗଡ଼ ନିଗମାନନ୍ଦ ବିହାରଠାରେ ରାସପୂର୍ଣ୍ଣିମା, ଅଁଳାତଲ ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମହିଳାଙ୍କ ଦ୍ୱାରା କାର୍ତ୍ତିକ ଓ ରାଧାକୃଷ୍ଣଙ୍କ ପୂଜା କରାଯାଇଥିଲା। ପଣ୍ଡିତ ଉତ୍ତମ ଆଚାର୍ଯ୍ୟ, ତରଣୀସେନ ଦେବତାଙ୍କ ପୌରୋହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ବିଶିଷ୍ଟ ସଂକୀର୍ତ୍ତନ ଗାୟକ ମକରଧ୍ୱଜ ସାହୁ ଓ ସହଯୋଗୀଙ୍କ ଦ୍ୱାରା ରାଧାକୃଷ୍ଣଙ୍କ ରାସଲୀଳା ଉପରେ ଆଧାରିତ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ନବୀନ ସାବତ୍, ସଦାଶିବ ସାହୁ, ପ୍ରହଲ୍ଲାଦ ମହାପାତ୍ର, ଲକ୍ଷ୍ମୀଧର ଦିଶ୍ରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ଅଂଶଗ୍ରହଣ କରିଥିଲେ।

# ଷ୍ଟାମ୍ପ ପେପର, କୋର୍ଟ ଫି ମିଳୁନି: ଓକିଲ, ଷ୍ଟାମ୍ପ ଭେଣ୍ଡର ହନ୍ତସନ୍ତ

**ନୂଆପଡା ଅଫିସ,୧୩।୧୧**

ଆଜିକୁ ମାସେରୁ ଉର୍ଦ୍ଧ୍ୱ ସମୟ ହେବ ନୂଆପଡା ଟ୍ରେଜେରୀ ଅଫିସରୁ ଆବଶ୍ୟକ ମୁତାବକ ଷ୍ଟାମ୍ପ ପେପର ଏବଂ କୋର୍ଟ ଫି ମିଳୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ୧ ଟଙ୍କିଆ, ୧୦ ଟଙ୍କିଆ, ଶହେ ଏବଂ ପାଞ୍ଚ ଶହ ଟଙ୍କିଆ ଷ୍ଟାମ୍ପ ମିଳୁ ନ ଥିବାବେଳେ କୋର୍ଟ ଫି ମଧ୍ୟ ମିଳୁ ନ ଥିବା ନୂଆପଡା ଷ୍ଟାମ୍ପ ଭେଣ୍ଡର ସଂଘ ସଭାପତି ଦାମୋଦର ଦାସ ଅଭିଯୋଗ କରିଛନ୍ତି। ଏହା ମିଳୁ ନ ଥିବାରୁ ଲୋକେ ବାଧ୍ୟ ହୋଇ ଅଧିକ ଦରର ଷ୍ଟାମ୍ପ କିଣୁଥିବାବେଳେ ବହୁ ସମୟରେ ଜମି ଜମା ରେଜିଷ୍ଟ୍ରେସନ ବନ୍ଦ ପଡୁଥିବା କହିଛନ୍ତି। ଏହାକୁ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଛି। ଜିଲା ପ୍ରଶାସନ ଦୃଷ୍ଟି ନ ଦେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦିଆଯାଇଛି।

# କବିତାର ଗତି, ପ୍ରକୃତି ଆଲୋଚନାଚକ୍ର

**ବରଗଡ଼ ଅଫିସ୍,୧୩।୧୧**

ବରଗଡ଼ ପଞ୍ଚାୟତ କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଆଧୁନିକ ଓଡ଼ିଆ କବିତାର ଗତି ଓ ପ୍ରକୃତି ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଡଃ ସଞ୍ଜୟ କୁମାର ଦାଶ ଏହାକୁ ଉଦଘାଟନ କରିଥିଲେ। ଉକ୍ତ ପାଠଚକ୍ରରେ ଆଧୁନିକ ଓଡ଼ିଆ କବିତାର ସ୍ୱରୂପ, ଦିପ୍ତୀ ଉପରେ ଛାତ୍ର ସୁମିତ ତାଣ୍ଡି, ବିବେକାନ୍ଦ ପଟେଲ, ଛାତ୍ରୀ ଅଲିଭା ବେହେରା ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ଅନୁଗୁଳ ସରକାରୀ କଲେଜର ଅଧ୍ୟାପକ ଶ୍ରୀକାନ୍ତ କୁମାର ବାରିକ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ପାଠଚକ୍ର ଉପରେ ନିଜ ମତ ରଖିଥିଲେ। ଅଧ୍ୟାପକ ଶେଷନ ବିଶି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିବାବେଳେ ଡଃ ସୁନୀତା ବେହେରା ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ଛନ୍ଦାରାଣୀ ବେସନ, ଯଶୋବନ୍ତୀ ସା, ସ୍ମିତା ସରିତା ସିଂ ସହଯୋଗ କରିଥିଲେ। ଅଧ୍ୟାପକ ଖଗେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



ଆଲୋଚନାଚକ୍ରରେ ମଞ୍ଚାସୀନ ମୁଖ୍ୟବକ୍ତା ଏବଂ ଅନ୍ୟମାନେ।

# ସ୍ୱେଚ୍ଛାସେବୀ ଖୋଲିଲେ ଆହାର କେନ୍ଦ୍ର

**ବରଗଡ଼ ଅଫିସ୍, ୧୩।୧୧**

ବରଗଡ଼ ରେଳ ଷ୍ଟେଶନ ପାଖରେ ସାମାଜିକ କର୍ମୀ ଗୁଡ୍ଡି ରାଓଙ୍କ ଉଦ୍ୟମରେ ସାଇ ଆହାର କେନ୍ଦ୍ର ଖୋଲାଯାଇଛି। ଏହାକୁ ବରଗଡ଼ ଟାଉନ ଥାନା ଅଧିକାରୀ ସଦାନନ୍ଦ ପୂଜାହାରୀ ବୁଧବାର ଉଦ୍‌ଘାଟନ କରିଛନ୍ତି। ଏଠାରେ ପ୍ରତିଦିନ ୩ଶହ ଲୋକଙ୍କ ପାଇଁ ଉନ୍ନତମାନର ଖାଦ୍ୟ ରନ୍ଧାଯିବ ଏବଂ ୧୦ଟଙ୍କାରେ ଭାତ ଡାଲମା ଦିଆଯିବ। ଏହି କେନ୍ଦ୍ର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲିବ ବୋଲି ସାମାଜିକ କର୍ମୀ ରାଓ କହିଛନ୍ତି। ସୂଚନାଯୋଗ୍ୟ, ବରଗଡ ସହରରେ ଏକ ସରକାରୀ ଆହାର କେନ୍ଦ୍ର ଚାଲିଛି। ଏଠାରେ ପ୍ରତିଦିନ ୬ଶହ ଲୋକଙ୍କ ପାଇଁ ଖାଦ୍ୟ ରନ୍ଧାଯିବା ବ୍ୟବସ୍ଥା କରାଯାଇଛି। ତେବେ ଅନେକ ସମୟରେ ଲୋକମାନେ ଏହି ଆହାର କେନ୍ଦ୍ରରେ ଠିକ୍ ସମୟରେ ପହଞ୍ଚିଲେ ମଧ ଖାଦ୍ୟ ନ ପାଇ ନିରାଶରେ ଫେରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ବରଗଡ଼ ରେଳ ଷ୍ଟେଶନ ପାଖରେ ଆହାର କେନ୍ଦ୍ର ଖୋଲାଯାଇଥିବା ରାଓ କହିଛନ୍ତି।



ବରଗଡ଼ରେ ଆହାର କେନ୍ଦ୍ରକୁ ଉଦ୍‌ଘାଟନ କରାଯାଉଛି ।

# ନାଗରିକ ବିକାଶ ସଙ୍ଗଠନ ପକ୍ଷରୁ ବାଇକ୍ ଶୋଭାଯାତ୍ରା

**ଜୁନାଗଡ,୧୩।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କୁଲହାରୀ ଗ୍ରାମଠାରୁ ବୁଧବାର ନାଗରିକ ବିକାଶ ସଙ୍ଗଠନ ପକ୍ଷରୁ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଲୋକଙ୍କୁ ସଚେତନତା କରିବା ଉଦ୍ଦେଶ୍ୟରେ ବାଇକ ଶୋଭାଯାତ୍ରା କରାଯାଇ ଲୋକଙ୍କୁ ସଚେତନତା କରାଯାଇଥିଲା। ଏହି ବାଇକ ଶୋଭାଯାତ୍ରା ଧର୍ମଗଡ–ଭବାନୀପାଟଣା ପର୍ଯ୍ୟନ୍ତ ହୋଇଥିବା ଜଣାପଡିଛି। ଏଥିରେ ସଙ୍ଗଠନର ମଧୁସୁଦନ ନାଏକ, ଉପେନ୍ଦ୍ର ସୁନାନୀ, ଦିଲୀପ ଛତ୍ରିଆ, ଜଗନ୍ନାଥ ଶଗଡିଆ, ମନୋଜ ନାଏକ, ଆଶ୍ରିତା କର, ଶୈଳେନ୍ଦ୍ରୀବିହାର ପ୍ରମୁଖ ନେତୃତ୍ୱନେଇଥିଲେ।

# ଦାଦନ ଦୂରୀକରଣ ପାଇଁ ସଚେତନତା

**ପାଇକମାଳ, ୧୩।୧୧ (ଡି.ଏନ.ଏ)**

ବରଗଡ ଜିଲା ପାଇକମାଳ ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ବିଡିଓ ସଦାଶିବ ନାୟକଙ୍କ ଅଧକ୍ଷତାରେ ଦାଦନ ଦୂରୀକରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ପାଇକମାଳ ବ୍ଲକର ସମସ୍ତ ନିର୍ବାଚିତ ପ୍ରତିନିଧି ଯୋଗଦାନ କରିଥିଲେ। ବ୍ଲକ ଅଧକ୍ଷ ଅଲତାବ ମହମ୍ମଦ, ଜିପିଓ ଭୀଷ୍ମଦେବ ମାଝୀ, ଆସିଷ୍ଟାଣ୍ଟ ଇଞ୍ଜିନିୟର ଏମ୍.କେ କଶ୍ୟପ, ସହମସ୍ୟ ଅଧିକାରୀ ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ ଦେଇଥିଲେ। ଏପିଓ କେତନ ପ୍ରଧାନ ଦାଦନ ଖଟିବାକୁ ଲୋକେ କିପରି ବାହାର ରାଜ୍ୟକୁ ନ ଯିବେ ସେ ନେଇ ଗାଁ ଗାଁ ଯାଇ ସଚେତନ କରାଯିବ ବୋଲି କହିଥିଲେ। ବିଡିଓ ନାୟକ ପାଇକମାଳ ବ୍ଲକର ଶ୍ରମିକମାନଙ୍କୁ ୨୦୦ ଦିନର କାମ ଯୋଗାଇବା ସହ ଦୈନିକ ମଜୁରୀ ୨୮୦ ଟଙ୍କା ଦିଆଯିବ ବୋଲି ସୂଚନା ଦେଇଥିଲେ। ଝିଁକି ଗ୍ରାମପଞ୍ଚାୟତର ସମିତି ସଭ୍ୟ ବିଜୟ କୁମାର ସ୍ୱାଇଁ ସଚେତନତା ଗାଡି ବୁଲାଇବା ପାଇଁ କହିଥିଲେ। ସଭାରେ ସରପଞ୍ଚ ଧବଳେଶ୍ୱର ସାହୁ, ଗିରିଶ ଚନ୍ଦ୍ର ନାଏକ, ଭୀଷ୍ମଦେବ ସାହୁ, ସହଦେବ ଧରୁଆ ପ୍ରମୁଖ ନିଜସ୍ୱ ମତାମତ ଦେଇଥିଲେ।



ପାଇକମାଳ ପଞ୍ଚାୟତ ସମିତି ସଭାଗୃହରେ ସଚେତନତା ସଭା ଚାଲିଛି।

# ରେଳ ସମସ୍ୟା ନେଇ ଏମ୍‌ପିଙ୍କୁ ଫେରାଦ

**ବରଗଡ଼ ଅଫିସ୍,୧୩।୧୧**

ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘର ଏକ ପ୍ରତିନିଧି ଦଳ ବୁଧବାର ଏମ୍‌ପି ସୁରେଶ ପୂଜାରୀଙ୍କୁ ସାକ୍ଷାତ୍ କରି ରେଳ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସକାଳ ସମୟରେ ଭୁବନେଶ୍ୱରକୁ ଟ୍ରେନ ସୁବିଧା (ସମ୍ବଲପୁର–ପୁରୀ ଟ୍ରେନ ପରିବର୍ଦ୍ଧନ), ସପ୍ତାହରେ ତିନିଦିନ ଚାଲୁଥିବା ବିଶାଖାପାଟଣା–ଅମୃତସର ହୀରାକୁଦ ଏକ୍ସପ୍ରେସକୁ ଅବଶିଷ୍ଟ ଚାରିଦିନ ଟିଟିଲାଗଡ଼ ଓ ସମ୍ବଲପୁର ଦେଇ ଚଳାଚଳ କରିବା, ବରଗଡ଼–ରାୟପୁର ଭାୟା ସୋହେଲା ଓ ସରେଇପାଲି ନୂତନ ରେଳପଥ ପାଇଁ ବଜେଟ୍‌ରେ ବ୍ୟୟ ବରାଦ ପାଇଁ ଏମ୍‌ପି ପୂଜାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆଲୋଚନା ସମୟରେ ରେଳ ଉପଭୋକ୍ତା ସଂଘ ସଭାପତି ପ୍ରଦୀପ ଦେବତା, ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରୀତମ ସିଂ, କୋଷାଧ୍ୟକ୍ଷ ଅଭିଜିତ ପ୍ରତିହାର, ସଦସ୍ୟ ତୁଳସୀ ଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ବରଗଡ଼ ଏମ୍‌ପି ସୁରେଶ ପୂଜାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

# ସିଜେଆଇଙ୍କ ଅଫିସ ସାଧାରଣ କର୍ତ୍ତୃପକ୍ଷ

**ନୂଆଦିଲ୍ଲୀ,୧୩।୧୧ (ପି.ଟି./ଆଇଏଏନ୍‌ଏସ୍‌)**



ସିଜେଆଇଙ୍କ କାର୍ଯ୍ୟାଳୟ ସାଧାରଣ କର୍ତ୍ତୃପକ୍ଷ ଓ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ପରିସରଭୁକ୍ତ ବୋଲି ବୁଧବାର ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ୨୦୧୦ରେ ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟକୁ ବଳବତ୍ତର ରଖିବା ସହ ତାକୁ ଚ୍ୟାଲେଞ୍ଜ କରି ହୋଇଥିବା ତିନୋଟି ଅପିଲକୁ ଖାରଜ କରିଦେଇଛନ୍ତି।

ସିଜେଆଇଙ୍କ କ୍ଷେତ୍ରରେ ଆର୍‌ଟିଆଇ ଆଇନ ପ୍ରଯୁଜ୍ୟ ବୋଲି ୨୦୧୦ରେ ଦିଲ୍ଲୀ ହାଇକୋର୍ଟ ରାୟ ଦେଇଥିଲେ। ସୁପ୍ରିମକୋର୍ଟର ସେକ୍ରେଟାରି ଜେନେରାଲ ଓ କେନ୍ଦ୍ରୀୟ ସାଧାରଣ ସୂଚନା ଅଧିକାରୀଙ୍କ ପକ୍ଷରୁ ଏହାକୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ଅଦାଲତରେ ୩ଟି ପିଟିଶନ ଦାଏର ହୋଇଥିଲା। ଜଷ୍ଟିସ୍ ଏନ୍.ଭି. ରମନ୍ନା, ଡି.ଓ୍ୱାଇ. ଚନ୍ଦ୍ରଚୂଡ଼, ଦୀପକ ଗୁପ୍ତା ଓ ସଞ୍ଜୀବ ଖାନ୍ନାଙ୍କୁ ନେଇ ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ଏପ୍ରିଲ ୪ରେ ଶୁଣାଣି ଶେଷ କରି ଏହାର ରାୟ ସଂରକ୍ଷିତ ରଖିଥିଲେ, ଯାହା ବୁଧବାର ପ୍ରକାଶ ପାଇଛି। ଆର୍‌ଟିଆଇକୁ ସର୍ଭିଲାନ୍ସର ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ପୀଠ ନିଜ ରାୟରେ ସତର୍କ କରାଇଦେଇଛନ୍ତି। ଏହାସହ କହିଛନ୍ତି, ସ୍ୱଚ୍ଛତା ଅବଲମ୍ବନ ସମୟରେ ନ୍ୟାୟିକ ସ୍ୱାଧୀନତାକୁ ବିଚାରକୁ ନେବାକୁ ପଡ଼ିବ। ସେହିପରି ବିଚାରପତି ନିଯୁକ୍ତି କ୍ଷେତ୍ରରେ କଲେଜିୟମ୍ ପକ୍ଷରୁ ସୁପାରିସ କରାଯାଇଥିବା ଜଜ୍‌ମାନଙ୍କ ନାମ ପ୍ରଘଟ କରାଯାଇପାରିବ। କିନ୍ତୁ କେଉଁ କାରଣରୁ ସେମାନଙ୍କ ନାମ ସୁପାରିସ କରାଯାଇଛି ତାହା ଗୋପନୀୟ ରହିବ ବୋଲି ଶୀର୍ଷ ଅଦାଲତ ସ୍ପଷ୍ଟ କରିଛନ୍ତି। ସିଜେଆଇ ଗୋଗୋଇ, ଜଷ୍ଟିସ୍ ଗୁପ୍ତା ଓ ଖାନ୍ନା ଗୋଟିଏ ରାୟ ଲେଖିଥିବାବେଳେ ଜଷ୍ଟିସ୍ ରମନ୍ନା ଏବଂ ଚନ୍ଦ୍ରଚୂଡ଼ ଭିନ୍ନ ଭିନ୍ନ ମତପ୍ରକାଶ କରିଛନ୍ତି। ପ୍ରିଭେସି (ବ୍ୟକ୍ତିଗତ ଗୋପନୀୟତା) ଅଧିକାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଏବଂ ସିଜେଆଇଙ୍କ କାର୍ଯ୍ୟାଳୟରୁ ସୂଚନା ଦେବା ପାଇଁ ନିଷ୍ପତ୍ତି ନେବାବେଳେ ଏହାର ସ୍ୱଚ୍ଛତା ବଜାୟ ରଖି ସନ୍ତୁଳିତ ହେବାକୁ ପଡ଼ିବ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଭିନ୍ନ ରାୟରେ କହିଛନ୍ତି, ବିଚାରପତିମାନେ ସାମ୍ବିଧାନିକ ପଦବୀ ଉପଭୋଗ କରି ସାଧାରଣ କର୍ତ୍ତବ୍ୟ ନିର୍ବାହ କରୁଥିବାରୁ ନ୍ୟାୟପାଳିକା ସମ୍ପୂର୍ଣ୍ଣ ଭାବେ ପୃଥକ୍ ହୋଇ କାର୍ଯ୍ୟ କରିପାରିବ ନାହିଁ। ଜଷ୍ଟିସ୍ ଖାନ୍ନା ନିଜ ରାୟରେ କହିଲେ, ନ୍ୟାୟପାଳିକାର ସ୍ୱାଧୀନତା ଓ ସ୍ୱଚ୍ଛତା ଏକସଙ୍ଗେ ଚାଲିବ। ଜଷ୍ଟିସ୍ ଖାନ୍ନାଙ୍କ ସହ ଏକମତ ହୋଇ ଜଷ୍ଟିସ୍ ରମନ୍ନା କହିଛନ୍ତି, ପ୍ରିଭେସି ଅଧିକାର ଓ ସ୍ୱଚ୍ଛତା ଅଧିକାର ପାଇଁ ସନ୍ତୁଳିତ ସୂତ୍ର ରହିବା ଉଚିତ। ଏହାସହ ନ୍ୟାୟପାଳିକାର ସ୍ୱାଧୀନତାକୁ ହସ୍ତକ୍ଷେପରୁ ସୁରକ୍ଷା ମିଳିବା ଜରୁରୀ।

### ସୁପ୍ରିମକୋର୍ଟ ରାୟ

- ନ୍ୟାୟପାଳିକାର ସ୍ୱାଧୀନତା ଓ ସ୍ୱଚ୍ଛତା ଏକସଙ୍ଗେ ଚାଲିବ
- ଆର୍‌ଟିଆଇକୁ ସର୍ଭିଲାନ୍ସର ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଇ ପାରିବ ନାହିଁ
- ୨୦୧୦ରେ ଦିଲ୍ଲୀ ହାଇକୋର୍ଟ ଦେଇଥିବା ରାୟ ବଳବତ୍ତର

### କ'ଣ କହିଥିଲେ ଦିଲ୍ଲୀ ହାଇକୋର୍ଟ




୨୦୧୦ ଜାନୁୟାରୀ ୧୦ରେ ଦିଲ୍ଲୀ ହାଇକୋର୍ଟର ତିନିଜଣିଆ ଖଣ୍ଡପୀଠ ସିଜେଆଇଙ୍କ ଅଫିସକୁ ଆର୍‌ଟିଆଇ ପରିସରଭୁକ୍ତ ବୋଲି ରାୟ ଦେଇଥିଲେ। ନ୍ୟାୟିକ ସ୍ୱାଧୀନତା ଜଣେ ବିଚାରପତିଙ୍କ ବିଶେଷାଧିକାର ନୁହେଁ, ବରଂ ତାଙ୍କ ଉପରେ ନ୍ୟସ୍ତ ଉତ୍ତରଦାୟିତ୍ୱ ବୋଲି ମୁଖ୍ୟ ବିଚାରପତି ଏ.ପି. ଶାହ, ଜଷ୍ଟିସ୍ ବିକ୍ରମଜିତ୍ ସେନ ଏବଂ ଏସ୍. ମୁରଲୀଧରଙ୍କ ଖଣ୍ଡପୀଠ କହିଥିଲେ। ସିଜେଆଇଙ୍କ କାର୍ଯ୍ୟାଳୟ ଆର୍‌ଟିଆଇ ଆଇନ ଅଧୀନକୁ ଆଣିଲେ ନ୍ୟାୟିକ ସ୍ୱାଧୀନତା 'କ୍ଷତିଗ୍ରସ୍ତ' ହେବ ବୋଲି ସୁପ୍ରିମକୋର୍ଟ ପକ୍ଷରୁ ଦାଏର ଆବେଦନକୁ ହାଇକୋର୍ଟ ଖଣ୍ଡପୀଠ ସେତେବେଳେ ଖାରଜ କରିଦେଇଥିଲେ। ହାଇକୋର୍ଟଙ୍କ ଏହି ୮୮ ପୃଷ୍ଠା ସମ୍ବଳିତ ରାୟ ତତ୍କାଳୀନ ସିଜେଆଇ କେ.ଜି. ବାଲାକ୍ରିଷ୍ଣନ୍‌ଙ୍କ ପାଇଁ ଏକ ବ୍ୟକ୍ତିଗତ ଝଟକା ବୋଲି ବିବେଚନା କରାଯାଇଥିଲା। କାରଣ ସେ ବିଚାରପତିମାନଙ୍କ ରାୟ ସମ୍ପର୍କିତ ସୂଚନାଗୁଡ଼ିକୁ ଆର୍‌ଟିଆଇରେ ଦେବାକୁ ବିରୋଧ କରୁଥିଲେ। ସିଜେଆଇଙ୍କ ଅଫିସକୁ ସ୍ୱଚ୍ଛତା ଆଇନର ପରିସରଭୁକ୍ତ କରିବା ପାଇଁ ଆର୍‌ଟିଆଇ କର୍ମୀ ଏସ୍.ସି. ଅଗ୍ରୱାଲ ପ୍ରଥମେ ପଦକ୍ଷେପ ନେଇଥିଲେ।

### ପ୍ରଶାନ୍ତ ଭୂଷଣଙ୍କ ଯୁକ୍ତି



ଆର୍‌ଟିଆଇ କର୍ମୀ ଏସ୍.ସି. ଅଗ୍ରୱାଲଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ସୁପ୍ରିମକୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, ଅଦାଲତ ସବୁବେଳେ ଅନ୍ୟ ସଂସ୍ଥାଗୁଡ଼ିକର କାର୍ଯ୍ୟକାରିତା କ୍ଷେତ୍ରରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଆସିଛନ୍ତି। କିନ୍ତୁ ନିଜ ସହ ଜଡ଼ିତ ପ୍ରସଙ୍ଗ ଉପରେ ଧ୍ୟାନଦେବା କଥା ଉଠିଲେ ପଛଘୁଞ୍ଚା ଦେଉଛନ୍ତି। ବିଚାରପତିମାନେ ଭିନ୍ନ ବ୍ରହ୍ମାଣ୍ଡରେ ବସବାସ କରନ୍ତି କି ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ନ୍ୟାୟପାଳିକାକୁ କାର୍ଯ୍ୟପାଳିକାର ହସ୍ତକ୍ଷେପରୁ ସୁରକ୍ଷା ଦେବା ଲାଗି 'ନ୍ୟାୟିକ ସ୍ୱାଧୀନତା' କ୍ଷେତ୍ରରେ ଜାତୀୟ ନ୍ୟାୟିକ ଉତ୍ତରଦାୟିତ୍ୱ କମିଶନ ଆଇନକୁ ଦୁର୍ବଳ କରି ଦିଆଯାଇଥିଲା। ଏହାର ତାତ୍ପର୍ଯ୍ୟ ନ୍ୟାୟପାଳିକାକୁ 'ଲୋକଙ୍କ ଯାଞ୍ଚ'ରୁ ମୁକ୍ତ କରିବା ନୁହେଁ ବୋଲି ପ୍ରଶାନ୍ତ ଭୂଷଣ ଯୁକ୍ତି ବାଢ଼ିଥିଲେ।

### କେବେ କ'ଣ



**୨୦୦୭ ନଭେମ୍ବର ୧୧:** ଆର୍‌ଟିଆଇ କର୍ମୀ ସୁଭାଷ ଚନ୍ଦ୍ର ଅଗ୍ରୱାଲ ବିଚାରପତିମାନଙ୍କ ସମ୍ପତ୍ତି ସମ୍ପର୍କିତ ସୂଚନା ପାଇବା ଲାଗି ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ

**ନଭେମ୍ବର ୩୦:** ଜବାବରେ ତାଙ୍କୁ ସୂଚନା ଦେବାକୁ ମନାକରାଯାଇଥିଲା।

**ଡିସେମ୍ବର ୮:** ଏହା ବିରୋଧରେ ସୁପ୍ରିମକୋର୍ଟ ରେଜିଷ୍ଟ୍ରିରେ ପ୍ରଥମ ଅପିଲ କରାଯାଇଥିଲା

**୨୦୦୮ ଜାନୁୟାରୀ ୧୨:** ସୁପ୍ରିମକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ପ୍ରଥମ ଅପିଲକୁ ଖାରଜ କରାଗଲା

**ମାର୍ଚ୍ଚ ୫:** ଅଗ୍ରୱାଲ ସିଆଇସିଙ୍କ ଦ୍ୱାରସ୍ଥ ହେଲେ।

**୨୦୦୯ ଜାନୁୟାରୀ ୬:** ସିଜେଆଇଙ୍କ ଅଫିସ ଆର୍‌ଟିଆଇ ଆଇନ ପରିସରରେ ଆସୁଥିବା ଦର୍ଶାଇ ବିଚାରପତିମାନଙ୍କ ସମ୍ପତ୍ତି ସମ୍ପର୍କିତ ସୂଚନା ଦେବାକୁ ସୁପ୍ରିମକୋର୍ଟଙ୍କୁ କହିଲେ ସିଆଇସି।

**ଜାନୁୟାରୀ ୧୭:** ସୁପ୍ରିମକୋର୍ଟ ସିଆଇସିଙ୍କ ନିର୍ଦ୍ଦେଶ ବିରୋଧରେ ଦିଲ୍ଲୀ ହାଇକୋର୍ଟ ଗଲେ।

**ଜାନୁୟାରୀ ୧୯:** ସିଆଇସିଙ୍କ ରାୟ ଉପରେ ଦିଲ୍ଲୀ ହାଇକୋର୍ଟ ସ୍ଥଗିତାଦେଶ ଜାରି କରି ସମ୍ବିଧାନ ବିଶେଷଜ୍ଞ ଫଲି ଏସ୍. ନରିମାନଙ୍କୁ ଏହି ଆଇନଗତ ପ୍ରସଙ୍ଗର ସମାଧାନ ପାଇଁ କହିଲେ। ବିଚାରପତିମାନେ ନିଜ ସମ୍ପତ୍ତି ତାଲିକା ଘୋଷଣା କରିବା ଜରୁରୀ କହି ନରିମାନ ସହଯୋଗ କରିବାକୁ ମନା କଲେ।

**ଫେବୃୟାରୀ ୨୬:** ବିଚାରପତିମାନେ ସିଜେଆଇଙ୍କୁ ସମ୍ପତ୍ତି ତାଲିକା ଦେବା 'ବ୍ୟକ୍ତିଗତ' ସୂଚନା, ଯାହାକୁ ଆର୍‌ଟିଆଇ ଆଇନ ଅନୁସାରେ ପ୍ରଘଟ କରାଯାଇ ପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଲେ।

**ମାର୍ଚ୍ଚ ୨୪:** ସମ୍ପତ୍ତି ଘୋଷଣା ନେଇ ବିଚାରପତିମାନଙ୍କୁ ରାଜନେତାଙ୍କ ଭଳି ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ କହିଲେ।

**ମେ ୧:** ବିଚାରପତିମାନେ ସ୍ୱେଚ୍ଛାକୃତ ଭାବେ ନିଜ ସମ୍ପତ୍ତି ଘୋଷଣା କରନ୍ତୁ ବୋଲି ଦାବି କରି ଦିଲ୍ଲୀ ହାଇକୋର୍ଟ ବାର୍ ଆସୋସିଏଶନ୍ ହାଇକୋର୍ଟରେ ପିଟିଶନ ଦାଏର କଲା।

**ମେ ୪:** ସୁପ୍ରିମକୋର୍ଟ କହିଲେ, ଅତ୍ୟଧିକ ସ୍ୱଚ୍ଛତା ନ୍ୟାୟପାଳିକାର ସ୍ୱାଧୀନତାକୁ ପ୍ରଭାବିତ କରିପାରେ। ସୁପ୍ରିମକୋର୍ଟ ଆବେଦନ ଉପରେ ରାୟ ସଂରକ୍ଷିତ ରଖିଲେ ହାଇକୋର୍ଟ।

**ସେପ୍ଟେମ୍ବର ୨:** ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ସିଆଇସିଙ୍କ ରାୟକୁ ବଳବତ୍ତର ରଖି ସିଜେଆଇଙ୍କ ଅଫିସ ଆର୍‌ଟିଆଇ ପରିସରଭୁକ୍ତ ବୋଲି କହିଲେ।

**ଅକ୍ଟୋବର ୫:** ସୁପ୍ରିମକୋର୍ଟ ଏହାକୁ ଡିଭିଜନ ବେଞ୍ଚରେ ଚ୍ୟାଲେଞ୍ଜ କଲେ।

**୨୦୧୦ ଜାନୁୟାରୀ ୧୨:** ସିଜେଆଇଙ୍କ ଅଫିସ ଆର୍‌ଟିଆଇ ଆଇନ ପରିସରରେ ବୋଲି ହାଇକୋର୍ଟର ୩ ଜଣିଆ ଖଣ୍ଡପୀଠ ରାୟ ଦେଲେ।

**ନଭେମ୍ବର ୨୬:** ସୁପ୍ରିମକୋର୍ଟ ସେକ୍ରେଟାରି ଜେନେରାଲ ଏବଂ ସିପିଆଇଓ ହାଇକୋର୍ଟ ତଥା ସିଆଇସିଙ୍କ ରାୟ ବିରୋଧରେ ୩ଟି ଅପିଲ ସର୍ବୋଚ୍ଚ ଅଦାଲତରେ ଦାଏର କଲେ।

**୨୦୧୬ ଅଗଷ୍ଟ ୧୬:** ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି ପାଇଁ ସାମ୍ବିଧାନିକ ପୀଠକୁ ପଠାଇଲେ।

**୨୦୧୯ ଏପ୍ରିଲ ୪:** ସିଜେଆଇଙ୍କ ଅଫିସ ଆର୍‌ଟିଆଇ ପରିସରଭୁକ୍ତ କି ନୁହେଁ, ତାହା ବିଚାର କରି ରାୟ ସଂରକ୍ଷିତ ରଖିଲେ ସୁପ୍ରିମକୋର୍ଟ।

### ବିଧାୟକ ଅଯୋଗ୍ୟ ଘୋଷଣାର ଘଟଣାକ୍ରମ

**ଜୁଲାଇ ୬:** କଂଗ୍ରେସ-ଜେଡିଏସ୍ ମେଣ୍ଟର ୧୨ ଅସନ୍ତୁଷ୍ଟ ବିଧାୟକ ଇସ୍ତଫା ଦେବାରୁ ୧୩ ମାସର କୁମାରସ୍ୱାମୀ ସରକାରରେ ସଙ୍କଟ ଦେଖାଦେଇଥିଲା।

**ଜୁଲାଇ ୧୦:** ବାଚସ୍ପତି ଜାଣିଶୁଣି ସେମାନଙ୍କ ଇସ୍ତଫା ଗ୍ରହଣ କରୁ ନ ଥିବା ଅଭିଯୋଗ କରି ଉଭୟ ଦଳର ୧୦ ବିଧାୟକ ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ।

**ଜୁଲାଇ ୧୧:** ବିଧାୟକମାନଙ୍କ ଇସ୍ତଫା ସମ୍ପର୍କରେ ତୁରନ୍ତ ନିଷ୍ପତ୍ତି ନେବାକୁ ସର୍ବୋଚ୍ଚ ଅଦାଲତ ବାଚସ୍ପତି ରମେଶ କୁମାରଙ୍କୁ କହିଥିଲେ। ଉକ୍ତ ନିର୍ଦ୍ଦେଶନାମା ବିରୋଧରେ ବାଚସ୍ପତି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ଜୁଲାଇ ୧୨:** ୧୦ ବିଧାୟକଙ୍କ ଇସ୍ତଫା ଓ ଅଯୋଗ୍ୟତା ସମ୍ପର୍କରେ ସ୍ଥିତାବସ୍ଥା ବଜାୟ ରଖିବାକୁ ଅଦାଲତ ବାଚସ୍ପତିଙ୍କୁ କହିଥିଲେ।

**ଜୁଲାଇ ୧୫:** ଆଉ ୫ ବିଦ୍ରୋହୀ ବିଧାୟକ ପୂର୍ବର ୧୦ ବିଧାୟକଙ୍କ ସହ ସାମିଲ ହୋଇ ସେମାନଙ୍କ ଇସ୍ତଫା ଗ୍ରହଣ ପାଇଁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲେ।

**ଜୁଲାଇ ୧୬:** ବିଧାୟକମାନଙ୍କ ଇସ୍ତଫା ଓ ଅଯୋଗ୍ୟ ଘୋଷଣା ସମ୍ପର୍କରେ ଜୁଲାଇ ୧୭ ସୁଦ୍ଧା ନିଷ୍ପତ୍ତି ନେବେ ବୋଲି ବାଚସ୍ପତି ଅଦାଲତଙ୍କୁ କହିଥିଲେ। ଏଥିସହିତ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ଖଣ୍ଡପୀଠ ଦେଇଥିବା ପୂର୍ବ ନିର୍ଦ୍ଦେଶନାମାରେ ପରିବର୍ତ୍ତନ ଲାଗି ଅନୁରୋଧ କରିଥିଲେ।

**ଜୁଲାଇ ୧୭:** ୧୫ ବିଦ୍ରୋହୀ ବିଧାୟକ ବିଧାନସଭା ଅଧିବେଶନରେ ଯୋଗଦେଉ ନ ଥିବାରୁ ବାଚସ୍ପତି ଉପଯୁକ୍ତ ସମୟସୀମା ମଧ୍ୟରେ ସେମାନଙ୍କ ଇସ୍ତଫା ସମ୍ପର୍କରେ ନିଷ୍ପତ୍ତି ନେଇପାରିବେ ବୋଲି ଅଦାଲତ କହିଥିଲେ।

**ଜୁଲାଇ ୧୯:** ସଂଖ୍ୟାଲଘୁରେ ପରିଣତ ହୋଇଥିବା କୁମାରସ୍ୱାମୀ ସରକାର ଗୃହରେ ଆସ୍ଥା ଭୋଟ ଲୋଡିବାରୁ କଂଗ୍ରେସ ଏହାର ବିଧାୟକମାନଙ୍କୁ ଉପସ୍ଥିତ ରହିବା ଲାଗି ହ୍ୱିପ୍ ଜାରି କରିଥିଲା। ତେବେ ସୁପ୍ରିମକୋର୍ଟଙ୍କ ରାୟ ଦଳୀୟ ହ୍ୱିପ୍ ବିରୋଧରେ ଯାଉଥିବାରୁ କର୍ଣ୍ଣାଟକ କଂଗ୍ରେସ ଏହା ବିରୋଧରେ ଅଦାଲତ ଯାଇଥିଲା।

**ଜୁଲାଇ ୨୨:** ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ଆସ୍ଥାଭୋଟରେ ହାରିଯିବା ପରେ କଂଗ୍ରେସ-ଜେଡିଏସ୍ ସରକାର ଭାଙ୍ଗିଯାଇଥିଲା।

**ଜୁଲାଇ ୨୫:** ଦଳବଦଳ ନିରୋଧୀ ଆଇନ ବଳରେ ବାଚସ୍ପତି ତିନିଜଣ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ।

**ଜୁଲାଇ ୨୬:** କର୍ଣ୍ଣାଟକର ଭାଜପା ନେତା ବି.ଏସ୍. ୟେଦୁରପ୍ପା ଚତୁର୍ଥ ଥର ପାଇଁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ।

**ଜୁଲାଇ ୨୮:** ଦଳ ବଦଳ ଆଇନ ଅନୁଯାୟୀ ବାଚସ୍ପତି ଅନ୍ୟ ୧୪ ବିଧାୟକଙ୍କୁ ଚଳିତ ବିଧାନସଭା କାର୍ଯ୍ୟକାଳ ଶେଷ ପର୍ଯ୍ୟନ୍ତ ଅଯୋଗ୍ୟ ଘୋଷଣା କରିଥିଲେ।

**ଜୁଲାଇ ୨୯:** ୟେଦୁରପ୍ପା ଗୃହରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇଥିଲେ। ଅଯୋଗ୍ୟ ଘୋଷଣା ନିଷ୍ପତ୍ତିକୁ ୨ ଜଣ ବିଦ୍ରୋହୀ କଂଗ୍ରେସ ବିଧାୟକ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

**ଅଗଷ୍ଟ ୧:** ଅନ୍ୟ ୧୪ ବିଦ୍ରୋହୀ ବିଧାୟକ ବାଚସ୍ପତିଙ୍କ ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ।

**ସେପ୍ଟେମ୍ବର ୧୭:** ବିଧାୟକମାନଙ୍କ ଆବେଦନର ଶୁଣାଣିରୁ ବିଚାରପତି ଏମ୍.ଏମ୍. ଶାନ୍ତାନାଗୌଦାର ଓହରିଯାଇଥିଲେ।

**ସେପ୍ଟେମ୍ବର ୨୩:** କର୍ଣ୍ଣାଟକର ୧୫ ବିଧାନସଭା ଆସନରେ ହେବାକୁ ଥିବା ଉପନିର୍ବାଚନରେ ଲଢ଼ିବା ଲାଗି ଅଯୋଗ୍ୟ ବିଧାୟକମାନେ ଚାହିଁବାରୁ ସୁପ୍ରିମକୋର୍ଟ ଏହାର ଶୁଣାଣି ପାଇଁ ରାଜି ହୋଇଥିଲେ।

**ଅକ୍ଟୋବର ୨୫:** ଅଯୋଗ୍ୟ ଘୋଷଣା ପିଟିଶନ ଉପରେ ରାୟ ସଂରକ୍ଷିତ ରଖିଥିଲେ ସର୍ବୋଚ୍ଚ ଅଦାଲତ।

**ନଭେମ୍ବର ୪:** ମୁଖ୍ୟମନ୍ତ୍ରୀ ୟେଦୁରପ୍ପାଙ୍କ ଏକ ଅଡିଓ କ୍ଲିପ୍‌କୁ ରେକର୍ଡ ଭାବେ ଗ୍ରହଣ କରିବା ଲାଗି କର୍ଣ୍ଣାଟକ କଂଗ୍ରେସ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲା।

**ନଭେମ୍ବର ୫:** କର୍ଣ୍ଣାଟକ କଂଗ୍ରେସର ଅନୁରୋଧ ଉପରେ କୌଣସି ନିର୍ଦ୍ଦେଶ ଦେବାକୁ ଅଦାଲତ ମନା କରିଦେଇଥିଲେ।

**ନଭେମ୍ବର ୮:** ରାୟ ପ୍ରକାଶ ପାଇ ନ ଥିବାରୁ ବିଧାନସଭା ଉପନିର୍ବାଚନ ସ୍ଥଗିତ ରଖିବା ଲାଗି ଅଯୋଗ୍ୟ ଘୋଷିତ ବିଧାୟକମାନେ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଥିଲେ।

**ନଭେମ୍ବର ୧୩:** ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ବାଚସ୍ପତିଙ୍କ ନିଷ୍ପତ୍ତିକୁ ସର୍ବୋଚ୍ଚ ଅଦାଲତ କାଏମ ରଖିବା ସହ ସେମାନଙ୍କୁ ଡିସେମ୍ବର ୫ ଉପନିର୍ବାଚନ ଲଢ଼ିବା ପାଇଁ ଅନୁମତି ଦେଇଛନ୍ତି।

## କର୍ଣ୍ଣାଟକର ୧୭ ବିଧାୟକ ଅଯୋଗ୍ୟ ଘୋଷଣା ମାମଲା

# ଅଯୋଗ୍ୟ କିନ୍ତୁ ଲଢ଼ିପାରିବେ ନିର୍ବାଚନ

**ନୂଆଦିଲ୍ଲୀ,୧୩।୧୧(ପି.ଟି.)**


କର୍ଣ୍ଣାଟକ ବିଧାନସଭାର ଅଯୋଗ୍ୟ ଘୋଷିତ ବିଧାୟକମାନେ।

କର୍ଣ୍ଣାଟକ ବିଧାନସଭାରୁ କଂଗ୍ରେସ ଏବଂ ଜେଡିଏସ୍‌ର ୧୭ ବିଧାୟକ ଅଯୋଗ୍ୟ ଘୋଷଣା ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ବୁଧବାର କାଏମ ରଖିଛନ୍ତି। କର୍ଣ୍ଣାଟକ ବିଧାନସଭାର ତତ୍କାଳୀନ ବାଚସ୍ପତିଙ୍କ ଦ୍ୱାରା ସେମାନେ ଅଯୋଗ୍ୟ ଘୋଷିତ ହୋଇଥିଲେ। ତେବେ ଡିସେମ୍ବର ୫ରେ ରାଜ୍ୟର ୧୫ଟି ଆସନରେ ହେବାକୁ ଥିବା ଉପନିର୍ବାଚନରେ ସେମାନେ ଲଢ଼ିପାରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ତେବେ ଦଳୀୟ ନିର୍ଦ୍ଦେଶ ଅବମାନନା ଲାଗି ଅଯୋଗ୍ୟ ଘୋଷଣା ଭଳି କଠୋର ନିଷ୍ପତ୍ତି ବିଧାୟକମାନଙ୍କ ବୈଧ ଭିନ୍ନ ମତାମତ ପ୍ରଦାନ କ୍ଷେତ୍ରରେ ଗୁରୁତର ପ୍ରଭାବ ପକାଇବ ବୋଲି ଖଣ୍ଡପୀଠ କହିଛନ୍ତି।

ପୂର୍ବତନ ବାଚସ୍ପତି କେ. ଆର୍. ରମେଶ କୁମାର ୧୭ ଜଣ ବିଦ୍ରୋହୀ ବିଧାୟକଙ୍କୁ ୧୫ତମ ବିଧାନସଭା କାର୍ଯ୍ୟକାଳ ଶେଷ ଅର୍ଥାତ୍ ୨୦୨୩ ପର୍ଯ୍ୟନ୍ତ ଅଯୋଗ୍ୟ ଘୋଷଣା କରିଥିଲେ। ତେବେ ବାଚସ୍ପତିଙ୍କ ନିର୍ଦ୍ଦେଶନାମାର ଉକ୍ତ ଅଂଶକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇ ସେମାନଙ୍କୁ ଉପନିର୍ବାଚନ ଲଢ଼ିବା ଲାଗି ପଥ ପରିଷ୍କାର କରିଦେଇଛନ୍ତି। ବାଚସ୍ପତି ସମ୍ବିଧାନର ଦଶମ ଅନୁସୂଚୀର କ୍ଷମତା ବଳରେ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ତେବେ କେତେଦିନ ପର୍ଯ୍ୟନ୍ତ ବିଧାୟକ ଅଯୋଗ୍ୟ ରହିବେ ତା'ର ସମୟସୀମା ଧାର୍ଯ୍ୟ କରିବା କ୍ଷମତା ତାଙ୍କର ନାହିଁ। ସେହିପରି କାହାକୁ ନିର୍ବାଚନ ଲଢ଼ିବାରୁ ବାଚସ୍ପତି ଅଟକାଇପାରିବେ ନାହିଁ ବୋଲି ଜଷ୍ଟିସ୍ ଏନ୍.ଭି. ରମନ୍ନା, ସଞ୍ଜୀବ ଖାନ୍ନା ଏବଂ କ୍ରିଷ୍ଣା ମୁରାରିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ୧୦୯ ପୃଷ୍ଠାର ରାୟରେ ଅଦାଲତ କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ଆଇନ କିମ୍ବା ନିୟମାବଳୀର ଉଦ୍ଦେଶ୍ୟକୁ ସ୍ମରଣରେ ରଖିବା ଜରୁରୀ। ସାମ୍ବିଧାନିକ ନିର୍ଦ୍ଦେଶ ସମ୍ପର୍କରେ ନିଷ୍ପତ୍ତି ନେଲାବେଳେ ଏହାର ନୈତିକତା ସ୍ଥାନରେ କଦାପି ରାଜନୀତିର ନୈତିକତାକୁ ଚାପିଦିଆଯାଇପାରିବ ନାହିଁ। ସାମ୍ବିଧାନରେ ବାଚସ୍ପତିମାନଙ୍କ କାର୍ଯ୍ୟ ନିରପେକ୍ଷ ହୋଇଥିଲାବେଳେ ଅଧିକାଂଶ କ୍ଷେତ୍ରରେ ସେମାନେ ଏହା ବିରୋଧରେ ଯାଉଛନ୍ତି। ରାଜନୈତିକ ଦଳଗୁଡିକ ଘୋଡାବେପାର ଓ ଦୁର୍ନୀତିରେ ଲିପ୍ତ ରହିବା ଫଳରେ ସାଧାରଣ ଜନତା ସ୍ଥାୟୀ ସରକାର ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଖଣ୍ଡପୀଠ କହିଛନ୍ତି। ଗୃହକାର୍ଯ୍ୟ ଚଳାଇଲାବେଳେ କିମ୍ବା କୌଣସି ଆବେଦନ ଉପରେ ନିଷ୍ପତ୍ତି ନେଲାବେଳେ ବାଚସ୍ପତି ଜଣେ ନିରପେକ୍ଷ ବ୍ୟକ୍ତି ଭାବେ କାହା ଦ୍ୱାରା ପ୍ରଭାବିତ ନ ହୋଇ କାର୍ଯ୍ୟ କରିବା ଉଚିତ। ବାଚସ୍ପତିଙ୍କ ଉପରେ ନ୍ୟସ୍ତ ସାମ୍ବିଧାନିକ ଦାୟିତ୍ୱକୁ ସେ ନିଷ୍ଠାର ସହ ନିର୍ବାହ କରିବା ଆବଶ୍ୟକ। କୌଣସି ଆବେଦନର ବିଚାର କଲାବେଳେ ରାଜନୈତିକ ସମ୍ପର୍କ ତାହା ଉପରେ ପ୍ରଭାବ ବିସ୍ତାର କରିବା ଉଚିତ୍ ନୁହେଁ। ଏହିସବୁ ଚିନ୍ତାଧାରାକୁ ସୁଦୃଢ଼ କରାଗଲେ ଅଗଣତାନ୍ତ୍ରିକ କାର୍ଯ୍ୟ ବନ୍ଦ ହୋଇପାରିବ ବୋଲି ସର୍ବୋଚ୍ଚ ଅଦାଲତ ମତ ଦେଇଛନ୍ତି।

ସୂଚନାଯୋଗ୍ୟ ପୂର୍ବତନ ବାଚସ୍ପତିଙ୍କ ଅଯୋଗ୍ୟ ଘୋଷଣା ନିଷ୍ପତ୍ତିକୁ ସମ୍ପୃକ୍ତ ବିଧାୟକମାନେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତେବେ ସେମାନେ ପ୍ରଥମେ ହାଇକୋର୍ଟକୁ ନ ଯାଇ ସିଧାସଳଖ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିବାରୁ ସେମାନଙ୍କର ଏଭଳି କାର୍ଯ୍ୟକୁ ଖଣ୍ଡପୀଠ ନିନ୍ଦା କରିଥିଲେ।

- ବାଚସ୍ପତିଙ୍କ ନିଷ୍ପତ୍ତି ସୁପ୍ରିମକୋର୍ଟରେ କାଏମ
- ଅଯୋଗ୍ୟ ଘୋଷଣା ଭଳି କଠୋର ନିଷ୍ପତ୍ତି ବୈଧ ଭିନ୍ନମତକୁ ପ୍ରଭାବିତ କରିବ: ଖଣ୍ଡପୀଠ

ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ନିଷ୍ପତ୍ତିକୁ ସୁପ୍ରିମକୋର୍ଟ କାଏମ ରଖିବା ସ୍ୱାଗତଯୋଗ୍ୟ। ବି.ଏସ୍. ୟେଦୁରପ୍ପାଙ୍କ ନେତୃତ୍ୱାଧୀନ ରାଜ୍ୟର ଭାଜପା ସରକାର ବେଆଇନ ବୋଲି ଏହି ରାୟ ପ୍ରମାଣ କରିଛି। ଉକ୍ତ ସରକାରକୁ ବରଖାସ୍ତ କରାଯାଉ।

**-କର୍ଣ୍ଣାଟକ କଂଗ୍ରେସ**



ଅଯୋଗ୍ୟ ଘୋଷିତ ବିଧାୟକମାନଙ୍କୁ ଉପନିର୍ବାଚନ ଲଢ଼ିବା ଲାଗି ସୁପ୍ରିମକୋର୍ଟ ଅନୁମତି ଦେଇଥିବାରୁ ଏହା ସ୍ୱାଗତଯୋଗ୍ୟ। ତତ୍କାଳୀନ ବାଚସ୍ପତି କେ.ଆର୍. ରମେଶ କୁମାର ଓ କଂଗ୍ରେସ ନେତା ସିଦ୍ଧାରାମାୟାଙ୍କ ଷଡ଼ଯନ୍ତ୍ର ବିରୋଧରେ ଏହି ରାୟ।

**-ବି.ଏସ୍. ୟେଦୁରପ୍ପା, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ**



୧୭ ବିଧାୟକଙ୍କ ଅଯୋଗ୍ୟ ଘୋଷଣା ନିଷ୍ପତ୍ତିକୁ ସର୍ବୋଚ୍ଚ ଅଦାଲତ କାଏମ ରଖିଥିବାରୁ ଆଶ୍ୱସ୍ତ।

**-କେ.ଆର୍. ରମେଶ କୁମାର, କର୍ଣ୍ଣାଟକର ପୂର୍ବତନ ବାଚସ୍ପତି**



ସୁପ୍ରିମକୋର୍ଟଙ୍କ ରାୟ ପରେ ଅଯୋଗ୍ୟ ଘୋଷିତ ବିଧାୟକମାନଙ୍କୁ କିଭଳି ପରିଚାଳନା କରିବାକୁ ହେବ ସେଥିପାଇଁ ଆଉ ଚିନ୍ତା ନ ଥିବାରୁ ମୁଖ୍ୟମନ୍ତ୍ରୀ ୟେଦୁରପ୍ପା ତାଙ୍କ ସରକାରର ଅବଶିଷ୍ଟ ସମୟ ନିରାପଦରେ ଚଳାଇପାରିବେ।

**-ଏଚ.ଡି. ଦେବେଗୌଡା, ଜେଡିଏସ୍ ଅଧ୍ୟକ୍ଷ**

### କ'ଣ ହୋଇଥିଲା

**ବେଙ୍ଗାଲୁରୁ,୧୩।୧୧**

୨୦୧୮ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ଜେଡିଏସ୍ ତୃତୀୟ ସଂଖ୍ୟାଗରିଷ୍ଠ ଦଳ ଥିଲା। ୧୦୪ ଆସନରେ ଜିତି ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିଲେ ହେଁ ଏହାକୁ କ୍ଷମତାଠାରୁ ଦୂରେଇ ରଖିବା ଲାଗି ୮୦ ଆସନରେ ଜିତି ଦ୍ୱିତୀୟ ବୃହତ୍ ଦଳ ଭାବେ ଉଭାହୋଇଥିବା କଂଗ୍ରେସ ସରକାର ଗଠନ ଲାଗି ଜେଡିଏସ୍‌କୁ ସମର୍ଥନ ଦେଇଥିଲା। ଫଳରେ ୩୭ ଆସନରେ ଜିତିଥିବା ଜେଡିଏସ୍ କଂଗ୍ରେସ ସହାୟତାରେ ସରକାର ଗଠନ କରିଥିଲା। ଜେଡିଏସ୍ ରାଜ୍ୟ ସଭାପତି ଏଚ୍.ଡି. କୁମାରସ୍ୱାମୀ ୨୦୧୮ ମେ ୨୩ରେ ମେଣ୍ଟ ସରକାରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏହାର ୧୩ ମାସ ପରେ ଚଳିତ ବର୍ଷ ଜୁଲାଇରେ ୧୩ଜଣ ଅସନ୍ତୁଷ୍ଟ କଂଗ୍ରେସ ବିଧାୟକ ଓ ୩ ଜେଡିଏସ୍ ବିଧାୟକ ଇସ୍ତଫା ଦେଇଥିଲେ। ଏଥିସହିତ ଜଣେ ବିଏସ୍‌ପି ବିଧାୟକ ଓ ୨ ସ୍ୱାଧୀନ ବିଧାୟକ ସମର୍ଥନ ପ୍ରତ୍ୟାହାର କରିନେବାରୁ କୁମାରସ୍ୱାମୀ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିଲା। ଜୁଲାଇ ୨୩ରେ ଅନୁଷ୍ଠିତ ଆସ୍ଥାଭୋଟରେ କୁମାରସ୍ୱାମୀଙ୍କ ସପକ୍ଷରେ ୯୯ ଭୋଟ ଯାଇଥିଲାବେଳେ ୧୦୫ ଭୋଟ ତାଙ୍କ ବିରୋଧରେ ପଡ଼ିଥିଲା। ଆସ୍ଥାଭୋଟରେ ହାରିଯିବାରୁ ସରକାରର ପତନ ଘଟିଥିଲା ଓ ମୁଖ୍ୟମନ୍ତ୍ରୀ ପଦରୁ କୁମାରସ୍ୱାମୀ ଇସ୍ତଫା ଦେଇଥିଲେ। ଫଳରେ ଏକକ ସଂଖ୍ୟାଗରିଷ୍ଠ ଦଳର ନେତା ବି.ଏସ୍. ୟେଦୁରପ୍ପା ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହାକୁ 'ଅପରେଶନ କମଲ'ର ସଫଳତା ବୋଲି ସେତେବେଳେ କୁହାଯାଇଥିଲା।

## ଆଜି ଭାଜପାରେ ମିଶିବେ ଅଯୋଗ୍ୟ ବିଧାୟକ

**ବେଙ୍ଗାଲୁରୁ,୧୩।୧୧(ପି.ଟି.)**

ଅଯୋଗ୍ୟ ଘୋଷିତ କର୍ଣ୍ଣାଟକର ୧୭ ବିଧାୟକଙ୍କୁ ଡିସେମ୍ବର ୫ ଉପନିର୍ବାଚନରେ ଲଢ଼ିବା ଲାଗି ସୁପ୍ରିମକୋର୍ଟ ଅନୁମତି ଦେବା ପରେ ସେମାନେ ଗୁରୁବାର ଭାଜପାରେ ସାମିଲ ହେବେ ବୋଲି ଉପମୁଖ୍ୟମନ୍ତ୍ରୀ ଅଶ୍ୱତ୍ଥନାରାୟଣ ସି.ଏନ୍. କହିଛନ୍ତି। ସେମାନେ ଭାଜପାରେ ମିଶିବା ପାଇଁ ଆଗ୍ରହୀ ଓ ଦଳର ବରିଷ୍ଠ ନେତାମାନଙ୍କୁ ସାକ୍ଷାତ କରିଛନ୍ତି। ସେମାନଙ୍କୁ ଭାଜପାରେ ସ୍ୱାଗତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟକୁ ଭାଜପା ସ୍ୱାଗତ କରିବା ସହ ଆସନ୍ତା ମାସରେ ହେବାକୁଥିବା ଉପନିର୍ବାଚନରେ ଉପରୋକ୍ତ ବିଧାୟକମାନଙ୍କୁ ଟିକେଟ ଦେବା ନେଇ ଦଳୀୟ ନେତୃତ୍ୱ ନିଷ୍ପତ୍ତି ନେବେ। ଆସନ୍ତା ମାସ ୫ ତାରିଖରେ ୧୫ଟି ବିଧାନସଭା ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ଅଯୋଗ୍ୟ ବିଧାୟକମାନଙ୍କୁ ଟିକେଟ ଦେବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦ୍ୟୁରପ୍ପା ଓ ଦଳର କୋର କମିଟି ନିଷ୍ପତ୍ତି ନେବ ବୋଲି ଏହାର ରାଜ୍ୟ ସଭାପତି ନଳୀନ କୁମାର କାଟିଲ୍ କହିଛନ୍ତି।

# ସ୍ପେଶାଲ ଗିଫ୍ଟ


ରଣବୀର-ଦୀପିକା

ରଣବୀର ସିଂ ଏବଂ ଦୀପିକା ପାଦୁକୋନଙ୍କ ପାଇଁ ନଭେମ୍ବର ୧୪ ସବୁବେଳେ ସ୍ମରଣୀୟ ହୋଇ ରହିବ। କାରଣ କ'ଣ ଜାଣନ୍ତି ? ଏହି ଦିନ ଏହି ଯୋଡି ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଆଜି ହେଉଛି ସେମାନଙ୍କର ପ୍ରଥମ ମ୍ୟାରେଜ ଆନିଭର୍ସାରି। ତେଣୁ ଏହାକୁ ସ୍ପେଶାଲ କରିବାକୁ ଦୁହେଁ ଯୋଜନା କରିସାରିଛନ୍ତି। ଏହି ଦିନ ସେମାନେ ପରିବାର ସହ ପ୍ରଥମେ ତିରୁପତି ଯିବେ। ତା'ପରେ ଅମୃତସର ଯିବେ। ଅର୍ଥାତ୍ ଏପରି ସ୍ପେଶାଲ ଦିନରେ ଦୁହେଁ ଦେବଦେବୀ ଦର୍ଶନ କରି ଆଶୀର୍ବାଦ ନେବାକୁ ସ୍ଥିର କରିଛନ୍ତି। ହେଲେ ପ୍ରଥମ ମ୍ୟାରେଜ ଆନିଭର୍ସାରିରେ ଦୀପିକାଙ୍କୁ ରଣବୀର ଏକ ସ୍ପେଶାଲ ଗିଫ୍ଟ ଦେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ରଣବୀର କୁହନ୍ତି, 'ଏହି ସ୍ପେଶାଲ ଗିଫ୍ଟଟି କ'ଣ ତାହା ପୂର୍ବରୁ କହିବା ଠିକ୍ ହେବ ନାହିଁ। ସେହି ଦିନ ହିଁ ସମସ୍ତେ ଜାଣିପାରିବେ। ଦୀପିକା ମୋ ପାଇଁ ସବୁବେଳେ ସ୍ପେଶାଲ।' ସୂଚନାଯୋଗ୍ୟ ଦୁହେଁ ଏବେ କପିଳ ଦେବଙ୍କ ବାୟୋପିକ '୮୩'ରେ ଅଭିନୟ କରୁଛନ୍ତି।

## କମେଡି ମାୟା

ନିକଟରେ ରିଲିଜ ହୋଇଛି ସବ୍ୟସାଚୀ-ଏଲିନା ଅଭିନୀତ 'ମାଲ ମହୁ ଜୀବନ ମାଟି'। ଏଥିରେ ଡନ୍ ଡୋଗ୍ରାର ଅନ୍ୟତମ ସହଯୋଗୀ ଭାବରେ ଅଭିନୟ କରିଛନ୍ତି ବିଜୁ ବଡଜେନା। ଦୀର୍ଘବର୍ଷ ଧରି ଖଳନାୟକ ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ଏହି ଅଭିନେତାଙ୍କୁ ଏଥିରେ କମେଡି କରୁଥିବାର ଦେଖିବାକୁ ମିଳିଛି। ହେଲେ ସେଥିରେ ନେଗେଟିଭ୍ ଟଚ୍ ରହିଛି। ଏ ସମ୍ପର୍କରେ ବିଜୁ କହନ୍ତି, 'ବଡ଼ ପରଦାରେ ମୁଁ ପ୍ରଥମ ଥର ପାଇଁ କମେଡି କରୁଛି। ଯାହାହେଉ ଏକ ନୂଆ ଅଭିଜ୍ଞତା


ବିଜୁ ବଡଜେନା

ହେଲା। ମୋତେ ଯେଉଁ ଭୂମିକା ମିଳୁ ନା କାହିଁକି ତାକୁ ମୁଁ ସିରିୟସ୍‌ଲି ନେଇଥାଏ। ସେହି ଚରିତ୍ରଟିକୁ କିପରି ଠିକ୍ ଭାବରେ ଫୁଟାଇ ହେବ ଚେଷ୍ଟା କରିଥାଏ।' ଏବେ ତାଙ୍କ ଅଭିନୀତ ପାଞ୍ଚଟି ଫିଲ୍ମ-'ତୁ ଭାରି ବିୟୁଟିଫୁଲ', 'ଆଣ୍ଟି ନମସ୍କାର', 'ଆସିବି ଫେରି ମୁଁ ବସୁଧା ଚିରି', 'ରଘୁ ସର୍ଦ୍ଦାର' ଏବଂ 'ଅଟୋଗ୍ରାଫ-ଦ ସାଇନ୍ ଅଫ ଲଭ୍'। ତେବେ ଏଥିରେ ମିଳିଥିବା ଭୂମିକାରେ ବିଜୁ ଦର୍ଶକଙ୍କୁ କେତେଦୂର ପ୍ରଭାବିତ କରୁଛନ୍ତି ତାହା ଫିଲ୍ମଗୁଡିକ ରିଲିଜ ହେଲେ ହିଁ ଜଣାପଡିବ।


ଖୁସି-ଜ୍ୟୋତି

## ଏଥର ଡବଲ ରୋଲ୍

ଅଭିନେତା ଜ୍ୟୋତିଙ୍କ ଖୁସି କହିଲେ ନ ସରେ। କାରଣ ଓଡ଼ିଆ ସିନେମାରେ ସେ ପ୍ରଥମ ଥର ପାଇଁ ଡବଲ ରୋଲ୍‌ରେ ଅଭିନୟ କରିବେ। ଫିଲ୍ମଟି ହେଲା ଖୁସି କ୍ରିଏସନ୍ସ ବ୍ୟାନରରେ ନିର୍ମିତ ହେବାକୁ ଯାଉଥିବା 'ହିରୋ ନମ୍ବର ଜିରୋ'। ଚିତ୍ରର କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ 'ପ୍ରେମ ପାଇଁ ମହାଭାରତ'ର ନିର୍ଦ୍ଦେଶକ ନିରଞ୍ଜନ ବେହେରା। ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିବେ ନବାଗତା ଖୁସି। ନବାଗତ ସ୍ମିତିରଞ୍ଜନ ବିଶ୍ୱାଳ ପ୍ରଥମ ଥର ପାଇଁ ପ୍ରଯୋଜନା ଦାୟିତ୍ୱ ସମ୍ଭାଳୁଛନ୍ତି। ଏହାର କାହାଣୀ ସମ୍ପୂର୍ଣ୍ଣ ମୌଳିକ ଏବଂ କୌଣସି ଫିଲ୍ମରୁ କପି କରାଯାଇ ନାହିଁ। ଏଥିରେ ଲଭ୍, ଇମୋଶନ, ଆକ୍ସନ ରହିଛି। କାରଣ ମୋ ନିର୍ଦ୍ଦେଶିତ ପ୍ରଥମ ଫିଲ୍ମ 'ପ୍ରେମ ପାଇଁ ମହାଭାରତ'ର ସଫଳତା ପରେ ଏହି ଫିଲ୍ମଟି କିପରି ସବୁ ଦୃଷ୍ଟିରୁ ସରସ ସୁନ୍ଦର ହେବ ସେ ନେଇ ନିଶ୍ଚୟ ଚେଷ୍ଟା କରିବି ବୋଲି କହନ୍ତି ଏହାର ନିର୍ଦ୍ଦେଶକ ନିରଞ୍ଜନ ବେହେରା।' ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଜ୍ୟୋତି-ଖୁସି ଯୋଡ଼ି ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ବବି ମିଶ୍ର, ଶ୍ରୀତମ ଦାସ, ବିଜୁ ବଡ଼ଜେନା, ପୃଥ୍ୱୀରାଜ ନାୟକ, ପ୍ରତିଭା ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିବେ।

## ଛବିର ମଣିଷ କାଳୀପ୍ରସାଦ

ଭଲ ମଣିଷ ଭିତରେ ଯେଉଁମାନଙ୍କ ପାଖରେ ସୃଜନଶୀଳତା ଥାଏ ସେମାନେ ସଂସାର ଭିତରେ କମ୍ ସମୟ ରହିଥାଆନ୍ତି। ତାଙ୍କର ସୀମିତ ପରିସୀମା ମଧ୍ୟରେ ସେମାନଙ୍କର ସୃଜନଶୀଳତାକୁ ନେଇ ସାଧାରଣରେ ଚର୍ଚ୍ଚା ହୁଏ। ଏପରି କିଛି ନୂତନତାର ସ୍ୱାଦ ସାଧାରଣରେ ଚର୍ଚ୍ଚା ହୁଏ। ଆଉ ସେହି ମୂଲ୍ୟବୋଧକୁ ସାଇତି ରଖି ସେମାନେ ସୁନାମ ସାଉଁଟିଥାଆନ୍ତି। ଆଉ ଏପରି ଜଣେ ଚିତ୍ରଗ୍ରହଣକାରୀ ହେଲେ କାଳୀ ପ୍ରସାଦ ମିଶ୍ର। ଓଡ଼ିଆ ଚଳଚ୍ଚିତ୍ରରେ ସ୍ଥିର ଚିତ୍ର ଗ୍ରହଣ କରିବା


କାଳୀପ୍ରସାଦ ମିଶ୍ର

ଦିଗରେ ସେ ଥିଲେ ଅନ୍ୟତମ ପ୍ରତିଭା। ତାଙ୍କ ଦ୍ୱାରା ଉତ୍ତୋଳିତ ଛବି ଦେଖିଲେ ସେଗୁଡିକ ସତେ ଯେମିତି କଥା କହୁଥିବା ପରି ଲାଗିଥାଏ। ସ୍ଥିର ଫଟୋଗ୍ରାଫି ତାଙ୍କର ପେସା ଥିଲା। ଦେଶ ବିଦେଶରେ ଫଟୋଗ୍ରାଫି ଉପରେ ଯାହା କିଛି ପୁସ୍ତକ ପ୍ରକାଶ ପାଏ ତାହାକୁ କାଳୀବାବୁ ମଗାଇ ତାଙ୍କ ପାଠାଗାରରେ ରଖନ୍ତି। ବ୍ୟାଙ୍କରେ ଚାକିରି କରିଥିଲେ ସେ। ହେଲେ ଫଟୋ ନିଶାରେ ସେ ଏମିତି ମାତିଯାଇଥିଲେ ଯେ ସୃଜନଶୀଳତାର ପ୍ରଭାବ ତାଙ୍କ ଫଟୋରେ ପ୍ରକାଶିତ ହେଉଥିଲା। ପର୍ଯ୍ୟଟନ ବିଭାଗର ଏକ ପୁସ୍ତକରେ ଜଗନ୍ନାଥଙ୍କ ସମ୍ପର୍କିତ ବହୁତ ଫଟୋ ସେ ଉଠାଇଥିଲେ, ଯାହାକି ପର୍ଯ୍ୟଟକଙ୍କୁ ବିଶେଷ ଆକୃଷ୍ଟ କରିଥିଲା। ଫଟୋ ମାଧ୍ୟମରେ ନୂଆ କିଛି ପରିକଳ୍ପନା କରିବା ଥିଲା ତାଙ୍କର ଗବେଷଣା। ଭଲ ଭଲ କ୍ୟାମେରା ମାଧ୍ୟମରେ ସେ ଫଟୋରେ ଚରିତ୍ରଟିକୁ ବେଶ୍ ଜୀବନ୍ତ ଭାବରେ ଫୁଟାଇ ପାରୁଥିଲେ। କେବଳ ଫଟୋ ନିଶାରେ ନିଶାଗ୍ରସ୍ତ କାଳୀବାବୁଙ୍କ ମରଶରୀର ସ୍ୱର୍ଗଦ୍ୱାରରେ ଲୀନ ହେଲା ସତ ହେଲେ ତାଙ୍କର ପ୍ରତିଟି ଫଟୋ ଆଜି ବି ଜୀବନ୍ତ। ଜଣେ ସଫଳ ଚିତ୍ରଗ୍ରହଣକାରୀ ଚରିତ୍ରମାନଙ୍କୁ ତାଙ୍କ ଦୃଷ୍ଟିକୋଣରୁ ବିଚାର କରି ସାଧାରଣରେ ଫଟୋଟିକୁ ପ୍ରକାଶ କରି ସେ ଅନ୍ୟମାନଙ୍କୁ ଯେଉଁ ଆନନ୍ଦ ଦେଉଥିଲେ ତାହା ଆଜି ନିସ୍ତବ୍ଧ ପାଲଟି ଗଲା। ଜଡବସ୍ତୁକୁ ଜୀବନ୍ତ କରୁଥିବା ଚିତ୍ରଗ୍ରହଣକାରୀ ନିଜେ ଫଟୋ ମଧ୍ୟରେ ସୀମିତ ହୋଇଗଲେ। ଓଡ଼ିଶାରେ ଖୁବ୍ କମ୍ ଫଟୋଗ୍ରାଫର ଅଛନ୍ତି ଯେଉଁମାନଙ୍କର କାର୍ଯ୍ୟଶୈଳୀ ସେମାନଙ୍କର ଦେହାନ୍ତ ପରେ ବି ଜୀବନ୍ତ ହୋଇରହିଛି। କାଳୀପ୍ରସାଦଙ୍କ ଫଟୋସମୂହକୁ ନେଇ ଏକକ ଫଟୋ ପ୍ରଦର୍ଶନୀ ନିମନ୍ତେ ମୁଁ ଅନେକ ଥର କାଳୀବାବୁଙ୍କୁ କହିଛି। ସେ ସବୁବେଳେ ଉତ୍ତର ଦିଅନ୍ତି 'ନିଶ୍ଚୟ କରିବା'। ସେହି କଥା ଆଜି ନୀରବ ହୋଇଗଲା। କଥା କଥାରେ ରହିଗଲା। କଥାରେ ଅଛି-'ପ୍ରାଣୀର ଭଲମନ୍ଦ ବାଣୀ ମରଣ କାଳେ ତାହା ଜାଣି'।

କାଳୀବାବୁ ତୁମେ ଆଜି ବି ଅମର। ତୁମର କାର୍ଯ୍ୟ ସମସ୍ତଙ୍କୁ ସ୍ମରଣ କରି ରଖିଥିବ। ତୁମେ ଯେଉଁଠି ଥିଲେ ବି ସୃଜନଶୀଳତା ମଧ୍ୟରେ ଭଗବାନ ତୁମର ଆୟୁଷ କମାଇ କାହିଁକି ନେଇଗଲେ ତାହା ଆଜି ବି ପ୍ରଶ୍ନବାଚୀ ହୋଇରହିଛି। ତୁମ ଛବି ଆଜି ଫଟୋ ବନ୍ଧାରେ ରହି ପୂଜିତ ହେଉଛି। ତୁମ ଆତ୍ମାର ସଦ୍‌ଗତି କାମନା କରୁଛି।

**-ଦିଲୀପ ହାଲି, ମୋ : ୯୮୬୧୦୦୯୨୫୨**

## ହରିପୁରରେ ଆଜିଠାରୁ 'ମାୟାବିନୀ ମୌସୁମୀ'

ରାଜ୍ୟର ଅନ୍ୟତମ ଯାତ୍ରାକୁମ୍ଭ ଭାବରେ ପରିଚିତ ଯାଜପୁରସ୍ଥ ହରିପୁର କୁଞ୍ଜମେଳାରେ ଆରମ୍ଭ ହୋଇଯାଇଛି ଯାତ୍ରା ଫିଭର। ଜଲିଉଡ୍‌ର ଅନ୍ୟତମ ପ୍ରତିଷ୍ଠିତ ଯାତ୍ରା ଅନୁଷ୍ଠାନ 'ଅପେରା ସୂର୍ଯ୍ୟମନ୍ଦିର' ଆଜି ଠାରୁ ଏଠାରେ ଯାତ୍ରା ପରିବେଷଣ ଆରମ୍ଭ କରୁଛି। ଯାତ୍ରା ଫ୍ୟାନମାନଙ୍କର ଆଗ୍ରହକୁ ଆଖିଆଗରେ ରଖି ଅନୁଷ୍ଠାନ ଏଠାରେ ତା'ର ଏ ବର୍ଷର ସବୁଠାରୁ ସଫଳ ନାଟକ 'ମାୟାବିନୀ ମୌସୁମୀ'କୁ ଅସ୍ତ୍ର କରିଛି ବୋଲି ସୂଚନା ଦେଇଛନ୍ତି ନାଟ୍ୟକାର ତଥା ପରିଚାଳକ ବଙ୍କିମ ସ୍ୱାଇଁ। ସେ କହିଛନ୍ତି ଯେ, ଏ ପର୍ଯ୍ୟନ୍ତ ଯେଉଁଠି ବି ଏହି ନାଟକ ହୋଇଛି ତାହାକୁ ଦର୍ଶକମାନେ ପସନ୍ଦ କରିଛନ୍ତି। ସେମାନଙ୍କର ଭଲପାଇବା ଦେଇଛନ୍ତି। ହରିପୁର ଏକ ପ୍ରତିଷ୍ଠିତ ଯାତ୍ରା ଅନୁଷ୍ଠାନ ହୋଇଥିବାରୁ ଏଠାକୁ ବହୁ ଦୂରଦୂରାନ୍ତରୁ ଗୁଣୀ ଦର୍ଶକ ଯାତ୍ରା ଦେଖିବାକୁ ଆସିଥାନ୍ତି। ତେଣୁ 'ମାୟାବିନୀ ମୌସୁମୀ' ନାଟକ ନିଶ୍ଚିତ ସେମାନଙ୍କର ଭରପୂର ମନୋରଞ୍ଜନ କରିବ ବୋଲି ମୁଁ ଆଶାବାଦୀ।' ସୂଚେଇ ଦିଆଯାଇପାରେ ଯେ, ନାରୀର ସ୍ନେହ, ପ୍ରେମ, ତ୍ୟାଗ ତଥା ବଳିଦାନର କାହାଣୀକୁ ନେଇ ରଚିତ ହୋଇଛି ନାଟକ 'ମାୟାବିନୀ ମୌସୁମୀ'। ନାରୀଟିଏ ଠିକ୍ ମୌସୁମୀ ପରି। ମୌସୁମୀ ଯେପରି ପୃଥିବୀକୁ ଶସ୍ୟଶ୍ୟାମଳା କରେ। ସବୁଜିମାରେ ଭରିଦିଏ। ମାତ୍ର ଯେବେ ମୌସୁମୀ ରାଗିଯାଏ ସେତେବେଳେ ଧୂଳି ଧୂସର ହୋଇଯାଏ ପୃଥିବୀ। ଠିକ୍ ସେହିପରି ନାରୀର ସ୍ନେହ, ପ୍ରେମ, ତ୍ୟାଗ, ଭଲ ପାଇବାକୁ ନେଇ ପୁରୁଷ ସୁଖର ସଂସାର କରେ। ମାତ୍ର ନାରୀ ବିଗିଡ଼ିଗଲେ ତା' ଆଖିର ନିଆଁରେ ପୁରୁଷର ସାମ୍ରାଜ୍ୟ ଜଳିପୋଡ଼ି ଛାରଖାର ହୋଇଯାଏ। ନାଟକଟିକୁ ଅଧ୍ୟାପକ ଚିନ୍ମୟ ଦାସ ରଚନା କରିଥିବା ବେଳେ ଏହାର ନିର୍ଦ୍ଦେଶନା ଦେଇଛନ୍ତି କିଶୋର ଖଣ୍ଡୁଆଳ। ନିଗମ ମିଶ୍ରଙ୍କ


ବଙ୍କିମ୍ ସ୍ୱାଇଁ

ଗୀତକୁ ସଙ୍ଗୀତରେ ସଜେଇଛନ୍ତି ବିକାଶ ଶୁକ୍ଳା। ଅଭିନୟରେ ଅଛନ୍ତି ବିନୋଦ, ବେବିନା, ରୀନା, ଲିଜା, ପୂଜା, ସାଇ ସୁରଜ, ଦୀପକ ବୋଷ, ଅଭି, ବ୍ରଜ ପାଣି, ବାପି, ଟୁକୁ ପ୍ରମୁଖ।

## ବ|ଲି|ଉ|ଡ୍|ହା|ଲ|ଚା|ଲ


କ୍ରିତି ସାନନ

- ଚଳିତବର୍ଷ ଅକ୍ଷୟ କୁମାରଙ୍କ ଆଉ ଏକ ଫିଲ୍ମ ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଛି। ତାଙ୍କ ଅଭିନୀତ 'ହାଉସଫୁଲ-୪' ୨୦୦ କୋଟି କ୍ଲବରେ ପ୍ରବେଶ କରିଛି। ଏଥିରେ ଅକ୍ଷୟଙ୍କ ବ୍ୟତୀତ ରିତେଶ ଦେଶମୁଖ, କ୍ରିତି ସାନନ ଏବଂ ପୂଜା ହେଗ୍‌ଡେ ଅଭିନୟ କରିଛନ୍ତି।
- ଷ୍ଟାର କିଡ୍ ଅନନ୍ୟା ପାଣ୍ଡେ ବର୍ତ୍ତମାନ ଦିନ ଗଣିବାରେ ଲାଗିଛନ୍ତି। କାରଣ ସେ ଅଭିନୟ କରିଥିବା 'ପତି ପତ୍ନୀ ଔର ୱୋ' ଆସନ୍ତା ମାସ ୬ରେ ରିଲିଜ ହେବାକୁ ଯାଉଛି।
- ଜ୍ୟାକଲିନ୍ ଫର୍ନାଡିସ୍‌ଙ୍କ ହାତରେ ଏବେ ତିନୋଟି ବଲିଉଡ୍ ଅଫର ରହିଛି। ଏ ନେଇ ଶେଷ ନିଷ୍ପତ୍ତି ନେବାକୁ ତାଙ୍କୁ ଅତି କମ୍‌ରେ ଦୁଇ ସପ୍ତାହ ଲାଗିବ ବୋଲି ସେ କହିଛନ୍ତି।
- ରୋହିତ ସେଠୀଙ୍କ ଆଗାମୀ ଫିଲ୍ମର ନାୟିକା ଭାବରେ ସାରା ଅଲ୍ଲୀ ଖାଁ ଅଭିନୟ କରିବାର ଯୋଜନା ରହିଛି ବୋଲି ରୋହିତ ସୂଚନା ଦେଇଛନ୍ତି।
- ରିଚା ଚଡ୍ଢା ଏବେ ଗୁରୁ ଖୋଜିବାରେ ବ୍ୟସ୍ତ ଅଛନ୍ତି। କାରଣ ଏଣିକି ସେ କମେଡି ରୋଲ୍‌କୁ ଅଧିକ ଗୁରୁତ୍ୱ ଦେବେ। ସେଥିପାଇଁ ଜଣେ ଭଲ କମେଡି ଗୁରୁ ସନ୍ଧାନରେ ସେ ଅଛନ୍ତି।

## ଆକ୍ଟ୍ରେସ୍ ହେବା ନିଷ୍ପତ୍ତିରେ ମୁଁ ହଣ୍ଡ୍ରେଡ୍ ପର୍‌ସେଣ୍ଟ ସନ୍ତୁଷ୍ଟ

**ପାଠପଢ଼ା ଆଉ ଅଭିନୟ - ଏହି ଦୁଇଟିକୁ ବେଶ୍ ସମାନ୍ତରାଳ ଭାବରେ ନେଇ ଆଗେଇ ଚାଲିଛନ୍ତି ନବାଗତା ଆହାନା। ଡେବ୍ୟୁ ଫିଲ୍ମ 'ଭିରବ' ପରେ ତାଙ୍କ ଅଭିନୀତ ଅନ୍ୟତମ ଫିଲ୍ମ 'ବ୍ଲାକ୍‌ମେଲ୍' ଗତବର୍ଷ ରିଲିଜ ହୋଇଥିଲା। ନିଜ ରିଲ୍ ଏବଂ ରିୟଲ ଲାଇଫ ସମ୍ପର୍କରେ ପାଞ୍ଚଟି କଥା...**




**-ଅଭିନେତ୍ରୀ ହେବାର ନିଷ୍ପତ୍ତି ନିଜକୁ କେତେ ଆତ୍ମତୃପ୍ତି ଦେଇଛି ?**

▸ ଆକ୍ଟ୍ରେସ ହେବି ଆଉ ଓଡ଼ିଆ ସିନେମାରେ ଏହାକୁ କ୍ୟାରିୟର କରିବି-ମୋର ଏଭଳି ଡିସିସନ୍‌ରେ ମୁଁ ହଣ୍ଡ୍ରେଡ୍ ପର୍‌ସେଣ୍ଟ ସନ୍ତୁଷ୍ଟ। ଏବେ ତ ପାଠପଢ଼ା ଚାଲିଛି। ତେଣୁ ମୋତେ ବାଲାନ୍ସ କରି ଚଳିବାକୁ ପଡୁଛି।

**-ଅବସର ମିଳିଲେ କ'ଣ କରନ୍ତି ?**

▸ ଓ ହୋ, ଅବସର ! କୁହନ୍ତୁନି। ବର୍ତ୍ତମାନ ମୋର ଟାଇଟ ଶିଡ୍ୟୁଲ। ପାଠପଢ଼ା ଚାଲିଛି ପୁଣି ତା' ସହ ଆକ୍ଟିଂ। ପୁଣି ନିଜକୁ ଫିଟ୍ ରଖିବାକୁ ପ୍ରତିଦିନ ଏକ୍ସରସାଇଜ। ଯେତେବେଳେ ମୋତେ ଅବସର ମିଳେ ମୁଁ ଶୋଇବାକୁ ପସନ୍ଦ କରେ। କିଛି ସମୟ ଶୋଇ ପଡିଲେ କି ଶାନ୍ତି! ଅନ୍ୟପକ୍ଷରେ ଅବସର ମିଳିଲେ ମୁଁ ୟୁ ଟ୍ୟୁବ୍‌ରେ ଭଲ ଭଲ ମେକ୍‌ଅପ ଷ୍ଟାଇଲ, ପେଣ୍ଟିଂ, ଡେୟାରଡେଭିଲ ଗେମ୍ ଦେଖିଥାଏ। ସବୁଠାରୁ ଖାସ୍ କଥା ହେଲା ସମୟ ମିଳିଲେ ମୁଁ ଲଙ୍ଗ୍ ଡ୍ରାଇଭରେ ବାହାରିଯାଏ। ଏକୁଟିଆ ରାସ୍ତାରେ ମନ ପସନ୍ଦର ଗୀତ ଶୁଣି ଗାଡି ଚଲାଇବାର ମଜା ନିଆରା।

**-କେବେ ମିଛ କହିଛନ୍ତି ?**

▸ ଇସ୍, ମିଛ କହିବା ପିଲାଦିନେ ମୋର ଏକ ଅଭ୍ୟାସ ଥିଲା। କେଉଁଠି ଭୁଲ୍ କରିଥିବି ତାକୁ ଲୁଚାଇବାକୁ ମିଛ କହେ। ଲୁଚାଇ କିଛି ଖାଇଦେଇଥିବି, ମୋତେ ପଚାରିଲେ ମୁଁ କୁହେ-ମୁଁ ଖାଇନି କି ଜାଣିନି। ତା' ପରେ କେତେ ଥର ପରିସ୍ଥିତିର ସାମନା କରି ମିଛ କହିଛି। ହେଲେ ବଡ଼ ହେବା ପରେ ଜାଣିପାରିଲି ଯେ ମିଛ କହିବା ସବୁଠାରୁ ବଡ଼ ଭୁଲ୍।

**-ଏ ପର୍ଯ୍ୟନ୍ତ କିଛି ଅବସୋସ ରହିଛି କି ?**

▸ ଅବସୋସ ତ ନିଶ୍ଚୟ ରହିଛି। ମୋ ଆକ୍ଟିଂ ଲାଇଫକୁ ନେଇ ବଡ଼ ଆଶା ରହିଛି। କେବଳ ଓଡ଼ିଆ ସିନେମା ନୁହେଁ, ହିନ୍ଦୀ କିମ୍ବା ଅନ୍ୟ ପ୍ରାନ୍ତୀୟ ଭାଷାରେ ନିର୍ମିତ ହେଉଥିବା ଚଳଚ୍ଚିତ୍ରରେ ମୋତେ ଯଦି ସେପରି ଭଲ ସୁଯୋଗ ମିଳେ ତେବେ ତାହାକୁ କେବେ ହାତଛଡା କରିବି ନାହିଁ। ମୁଁ ନିଜକୁ କେବଳ ରୋମାଣ୍ଟିକ ରୋଲ୍‌ରେ ସୀମିତ କରି ରଖିବାକୁ ଚାହେଁନା। ମୁଁ ଅପରାଜିତା, ମହାଶ୍ୱେତାଙ୍କ ପରି ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ଚାହେଁ, ଯାହାକୁ ଦର୍ଶକ ସବୁବେଳେ ମନେରଖିବେ।

**-କିପରି ବ୍ୟକ୍ତିଙ୍କୁ ଜୀବନସାଥୀ ଭାବରେ ଚଏସ୍ କରିବେ ?**

▸ ଏକଥା ଏବେ ମୁଁ ଚିନ୍ତା କରିନି। ଯେତେବେଳେ ସମୟ ଆସିବ, ତାହା ମୁଁ ସମ୍ପୂର୍ଣ୍ଣ ଭାବରେ ମୋ ମା'-ବାପାଙ୍କ ଉପରେ ଛାଡ଼ିଦେଇଛି। ତଥାପି ସେହି ବ୍ୟକ୍ତି, ଯାହାଙ୍କ ସହ ମୁଁ ବାକି ଜୀବନ କଟାଇବି, ସେ ପ୍ରଥମେ ଭଦ୍ର, ନମ୍ର ସ୍ୱଭାବ ତଥା ସୋବର ପର୍ସନାଲିଟିର ହୋଇଥିବେ। ମୋତେ ଖୁସିର ମାହୋଲରେ ରଖିପାରୁଥିବେ।



ଅନ୍ୟର ମତ ପ୍ରତି ଯାହାର ଆଦୌ ସମ୍ମାନ ନାହିଁ, ତା'ଠାରୁ ବଳି ନିର୍ବୋଧ ଆଉ କିଏ ଅଛି।
- ଚାର୍ଲସ ବକ୍



# #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଜ୍ୟୋତି ହୋତା



କୈଳାସ ଚନ୍ଦ୍ର ବିଶ୍ୱାଳ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ବୋମା ବିସ୍ଫୋରଣରେ ଜଣେ ଗୁରୁତର

**ବନ୍ତ,୧୩।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ଥାନା ଅନ୍ତର୍ଗତ ଟିଲୋ ତାଳପଦା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ କେତେକ ଯୁବକଙ୍କ ବୋମା ବିସ୍ଫୋରଣରେ ଜଣେ ବ୍ୟକ୍ତି ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଆହତ ହୋଇଥିବା ବ୍ୟକ୍ତିଙ୍କ ପୁଅ ମନୋଜ କୁମାର ନାୟକଙ୍କ ଅଭିଯୋଗ କ୍ରମେ ବନ୍ତ ଥାନା ପୋଲିସ ଏକ ମାମଲା (ନଂ.୧୪୨/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ବୁଧବାର ମଧ୍ୟାହ୍ନରେ ଏହି ଘଟଣାରେ ସମ୍ପୃକ୍ତ ଯୁବକ ଚିକିଟିରା ଗ୍ରାମର ପ୍ରକାଶ ପାତ୍ରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମନୋଜ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ମଙ୍ଗଳବାର ରାତି ପ୍ରାୟ ୧୨ଟା ବେଳେ କେତେକ ଯୁବକ ତାଙ୍କ ଘର ସମ୍ମୁଖରେ ବୋମା ଫୁଟାଇଥିଲେ। ତାଙ୍କ ପରିବାର ଲୋକ ଓ ଗ୍ରାମବାସୀ ସେମାନଙ୍କୁ ବିରୋଧ କରିଥିଲେ। ସେମାନେ ପୁଣି ରାତି ପ୍ରାୟ ୨ଟା ବେଳେ ଆସି ଘର ଆଗରେ ବୋମା ଫୁଟାଇବାରୁ ତାଙ୍କ ବାପା ଗୁରୁତର ହୋଇଛନ୍ତି। ପ୍ରଥମେ ତାଙ୍କୁ ବନ୍ତ ଡାକ୍ତରଖାନାକୁ ନିଆଯାଇଥିଲା। ପରେ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ମହିଳାଙ୍କୁ ଗଣ ବଳାତ୍କାର ଘଟଣା, ୨ଗିରଫ

**ବାଙ୍ଗିରିପୋଷି,୧୩।୧୧ (ଡି.ଏନ୍.ଏ.)**

ବାଙ୍ଗିରିପୋଷି ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗତ ୧୧ ତାରିଖରେ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ତଦନ୍ତ ଚଳାଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମାନସିଂ ମହାକୁଡ ଓ କରାନ ମୁର୍ମୁ। ଏଥିନେଇ ଥାନାରେ ଏକ ମାମଲା (ନଂ.୧୩୯/୧୯) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଗ୍ରାମରେ ଚାଲିଥିବା ପୂଜା ଦେଖି ପୀଡିତାଙ୍କ ସ୍ୱାମୀ ଓ ପୁଅ ପଡ଼ୋଶୀଙ୍କ ଘରେ ଶୋଇ ପଡ଼ିଥିଲେ। ମହିଳା ଜଣକ ଘରେ ଏକୁଟିଆ ଥିବା ସୁଯୋଗ ନେଇ ରାତିରେ ଅଭିଯୁକ୍ତ ଦ୍ୱୟ ଘରର କବାଟ ଭାଙ୍ଗି ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଥାନା ଅଧିକାରୀ ଚନ୍ଦନ ଘଡାଇ ଅଭିଯୁକ୍ତ ଦ୍ୱୟଙ୍କ ଡାକ୍ତରୀମାଇନା କରାଇଛନ୍ତି। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

## ପୌର ପରିଷଦ, ମାଲକାନଗିରି
**OFFICE OF THE MUNICIPAL COUNCIL, MALKANGIRI**
Odisha, Pin: 764045, Ph: 06861-230244, e-Mail: eomalkangiri@gmail.com

**ବିଜ୍ଞାପନ**

ଏତଦ୍ୱାରା ପୌର ପରିଷଦ, ମାଲକାନଗିରି ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନବ ମଳ ପରିଚାଳନା (Faecal Sludge and Septage Management-FSSM) 2018 ଅଧିନିୟମ ପୌର ପରିଷଦ, ମାଲକାନଗିରି ଦ୍ୱାରା ଅନୁମୋଦିତ ହୋଇ ରାଜ୍ୟ ସରକାରଙ୍କର ରାଜ ପତ୍ର (Odisha Gazette)ରେ ଗତ 14.08.2019 ତାରିଖରେ ପ୍ରକାଶିତ ହୋଇଅଛି। ଏ ସମ୍ବନ୍ଧରେ ଯଦି କାହାର କୌଣସି ଆପତ୍ତି ଓ ଅଭିଯୋଗ ଥାଏ, ତେବେ ଉକ୍ତ ବିଜ୍ଞାପନ ପ୍ରକାଶନର ଏକ ମାସ ମଧ୍ୟରେ ଉକ୍ତ ବ୍ୟକ୍ତିବିଶେଷ ଅଭିଯୋଗ ଓ ପରାମର୍ଶ ଲିଖିତ ଭାବେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଜଣାଇବେ। ଉକ୍ତ ଅବଧି ପରେ ପ୍ରାପ୍ତ ହୋଇଥିବା ଆପତ୍ତି ଓ ଅଭିଯୋଗ ବା ପରାମର୍ଶ ବିଚାରକୁ ନିଆଯିବ ନିହିଁ।

**ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର ପରିଷଦ, ମାଲକାନଗିରି**

## सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited / Govt. of India Public Sector Undertaking)
Regional Institute - VII, Plot No. : E-4, Near Gandhi Park, Samantapuri, PO : RRL, Bhubaneswar - 751013 (Odisha)

### e-TENDER NOTICE

Offers are invited for CMPDI, RI -VII, Samantapuri, Near Gandhi Park, Bhubaneswar through e-Tendering (ON-LINE BIDDING) only : **(1) Tender Notice No. CMPDI/RI-VII/BBSR/CIVIL/e-T/2019/E-380739 Dt.: 14.10.2019 Name of work :** Construction of Toilet block with water supply arrangement near CMPDI Colony, Bhubaneswar under CSR. **Work value :** ₹ 29,59,956/-. **(2) Tender Notice No. CMPDI/RI-VII/BBSR/CIVIL/R_e-T_1/2019/E-380731 Dt.: 14.10.2019 Name of work :** Construction of classroom with provision of electrical appliances for Bapuji Govt. UP School, Godakana, Bhubaneswar under CSR. **Work value :** ₹ 13,03,569/- . **Sale Period : 14.11.2019 to 28.11.2019.** (For NIT Sl. No. 1 & 2). The details of the tenders are available on following website **www. cmpdi.co.in, www.eprocure.gov.in** and **https://coalindiatenders.nic.in**. Important Note to all prospective bidders : For On-line Bidding, the bidders should possess Class II/III Digital Signature Certificate (DSC) and enroll themselves at **https://coalindiatenders.nic.in.** For any query, contact HOD (Civil), CMPDI, RI-VII, Bhubaneswar Mobile 9438881023, 9438881014 & Fax No. 0674 - 2394357.

**Regional Director**

## OFFICE OF THE REGULATED MARKET COMMITTEE, BARGARH

**No. 29** **Date: 12.11.19**

**SHORT TENDER / QUOTATION CALL NOTICE**

The Addl. District Magistrate-cum-Chairman, Regulated Market Committee, Bargarh invite rate quoted bid in sealed cover from reputed manufacturer/ authorized registered dealers for supply, installation and commissioning along with AMC charges of grading equipments viz (i) Electronic Weighing Scale 300 Kg. capacity, (ii) Mini Grader, (iii) Analysis Box / Kit, (iv) Sample Divider (boerner type), (v) Set of sieves, (vii) Micro Meter, (viii) Moisture Meter according to the specification communicated vide lette No. 3252 dtd. 30.10.2018 and letter No. 1729 (66) dtd. 20.08.2019 of OSAM Board, Bhubaneswar. The quotations should be reached to this office by Regd. post/Office Box in person on or before 3.00 PM of 20.11.2019. The bids will be opened at 11.00 AM on 22.11.2019 in this office in presence of tenderer or their representative. The intending firms must submit papers like valid GST certificate, PAN and other related documents as per norms fixed by the Government.

The authority reserves all the right to reject all or any of the quotation without assigning any reason thereof. For further details contact vide e-mail: **rmcbargarh58@gmail.com** and also visit website: **www.bargarh.nic.in**.

**Sd./- Secretary, RMC, Bargarh**

# ଥାନା ହାଜତରୁ ଅଭିଯୁକ୍ତ ଫେରାର

**ନବରଙ୍ଗପୁର/ପାପଡାହାଣ୍ଡି,୧୩।୧୧ (ବି.ପ୍ର./ଡି.ଏନ.ଏ.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ହାଜତରୁ ଜଣେ ଅଭିଯୁକ୍ତ ପରିସ୍ରା ଯିବା ବାହାନାରେ ମଙ୍ଗଳବାର ରାତିରେ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ତେନ୍ତୁଳିଖୁଣ୍ଟି ଥାନା ଅଧୀନ ପଠାନଗୁଡା ଗାଁର ଅରୁଣ ହରିଜନ। ଅକ୍ଟୋବର ୫ ତାରିଖରେ ଜେଲରୁ ସେ ଜାମିନରେ ଆସିଛନ୍ତି। ଏକ ଲୁଟ ଘଟଣାରେ ଅରୁଣଙ୍କୁ ରବିବାର ନବରଙ୍ଗପୁର ପୋଲିସ ଗିରଫ କରିଥିଲା। ଯେ ହେତୁ ପାପଡାହାଣ୍ଡି ଥାନାରେ ଅରୁଣଙ୍କ ନାମରେ ପୂର୍ବରୁ ମାମଲା ରହିଛି ତେଣୁ ତାଙ୍କୁ ପାପଡାହାଣ୍ଡି ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ମଙ୍ଗଳବାର ରାତି ପ୍ରାୟ ୨ ଟା ସମୟରେ ପରିସ୍ରା ଯିବାକୁ କହି ଅରୁଣ ବାହାରକୁ ଆସି ଫେରାର ହୋଇଯାଇଥିଲେ। ସେହି ସମୟରେ ଥାନାରେ ସେଣ୍ଟ୍ରି ଦାୟିତ୍ୱରେ କନଷ୍ଟେବଳ ଗଣେଶ ମାଝି ଥିଲେ। କାର୍ଯ୍ୟରେ ଅବହେଳା ପାଇଁ ଗଣେଶଙ୍କୁ ଏସପି ନିତିନ୍ କୁଶଲକର ତୁରନ୍ତ ନିଲମ୍ବିତ କରିଛନ୍ତି। ଅରୁଣଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିବା ଆଇଆଇସି ଲିମରାଜ ପ୍ରଧାନ କହିଛନ୍ତି। ପାପଡାହାଣ୍ଡି, ତାରାଗାଁ ଓ ସିଂଗସାରି ଥାନାରେ ଅରୁଣଙ୍କ ନାମରେ ପୂର୍ବରୁ ମାମଲା ରହିଛି।

## PARADIP PORT TRUST

**e-TENDER CALL NOTICE**

Name of the work : **"Supply, Installation & Commissioning of Additional CCTV Security Surveillance System in Township of Paradip Port Trust**. Estimated cost : Rs.73,54,987/-, Last date & time of submission of bid : dt.29.11.2019 to 17.00Hrs. Refere our website for details **https://eprocure.gov.in/eprocure/app.**

**Executive Engineer(PED-III)**
**PPT/PR/451/19-20 Dt.13.11.2019**

## OFFICE OF THE REGULATED MARKET COMMITTEE, BARGARH

**No. 28** **Date: 12.11.19**

**SHORT TENDER / QUOTATION CALL NOTICE**

The Addl. District Magisrate-cum-Chairman, Regulated Market Committee, Bargarh invite rate quoted bid in sealed cover from the eligible authenticated Suppliers/ Firms for establishment of fully electronic type (pitless kind) Weighbridge on turnkey basis with 60 M.T. capacity at Krushaka Bazar, RMC, Bargarh within two months from the finalization of the bid by signing of agreement by the bidder as per the **specification** given by the OSAM Board, Bhubaneswar vide letter no. 1729 (66) dated 20.08.2019 attached with the notice and **terms & condition** as laid down vide OSAM Board, Bhubaneswar Notice No. 2978 dated 19.10.2016. The quotations should be reached to this office by Regd. post/ Office Box on or before 3.00 PM of 20.11.2019. The bids will be opened at 11.00 AM on 22.11.2019 in this office in presence of tenderer or their representative. The intending firms must submit papers like valid GST certificate, PAN and other related documents as per norms fixed by the Government.

The authority reserves all the right to reject all or any of the quotation without assigning any reason thereof. For further details contact vide e-mail: **rmcbargarh58@gmail.com** and also visit website: **www.bargarh.nic.in**.

**Sd./- Secretary, RMC, Bargarh**

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବଡ଼ଚଣା
## PANCHAYAT SAMITI OFFICE, BARCHANA
At/PO: Barchana, Dist: Jajpur, Pin: 754296, Tel/Fax No.: 06725-226269, E-mail: ori-badachana@nic.in

**DTCN No. / Dev-2019-20 4642** **Date: 13.11.2019**

The Block Development Officer, Barchana invites sealed tenders on behalf of Governor of Odisha from registered and eligible Contractors of the State P.W.D (R&B)/Water Resources/ Rural Works/M.I./C.P.W.D. for the following work eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Name of the work | Amount put to tender | Cost of tender paper non-refundable | E.M.D. 1% | Time for completion the work in months | Class of contractors |
|---|---|---|---|---|---|---|
| 1. | Const. of new class room and office room of B.B. Autonomous Mohavidyalaya, Chandikhole | Rs. 25,00,000 | Rs. 6720/- | Rs. 25000/- | 06 (Six) calendar months | "B" & above |

**Terms and Conditions:**

1. **Cost of Tender Paper:** The tender specifications can be obtained from Panchayat Samiti Office, Barchana on payment towards cost of the tender papers as mentioned above (Non-refundable) in shape of Bank Draft in favour of Block Development Officer, Barchana in S.B.I. Bank having its branch at Chandikhole.
2. **Sale of Tender Papers:** The tender documents will be sold from 15.11.19 to 29.11.19 at Panchayat Samiti Office, Barchana. The tender documents will be sold during the above mentioned period between 10 AM to 5 PM on working days only. The cost of bid document should be attached with the bid (in shape of Bank Draft payable at SBI, Chandikhole).
3. **Date of receipt and mode of submission of Tender Papers:** The tenderers have to submit sealed tender papers in complete shape through Registered Post/ Speed Post only to the B.D.O., Barchana in his official postal address. The last date of receipt of tender papers is 29.11.19 (upto 5 PM). The undersigned will not be responsible for postal delay if any or non-receipt of the papers in time. The tenderers must superscribe the name of the work/project on the sealed envelopes.
4. **Date of Opening of Tender Paper:** The tender papers shall be opened on 30.11.19 at 11 AM at Conference Hall, Barchana Block in the presence of the tenderers or their authorized representatives having written authorization for the purpose and the tender committee.
5. **Earnest Money Deposit:** The E.M.D. is to be deposited in shape of Post Office Short Term deposit/ Term Deposit/ N.S.C./KVP, or deposit receipt of any Nationalized Bank duly pledged in favour of Block Development Officer, Barchana. The Tender Papers without required amount of E.M.D. will not be considered and transfer or adjustment of E.M.D. is not also admissible.
6. **Document to be Attached:** The tender is to submit in one cover is to contain E.M.D., signed DTCN, Price bid duly filled in and signed by the tenderer along with the following documents should be furnished with the tender papers failing which the tender will be liable to rejection. a) E.M.D. pledged in favour of the Block Development Officer, Barchana. (b) Attested copy of Contractor Registration Certificate. (c) Attested copy of PAN card. d) Up to date GST clearance certificate. e) Attested copy of up to date valid labour license. f) Attested copy of Caste Certificate issued by competent authorities in case of S.C./ S.T. contractors desirous of availing preference. g) Affidavit as regards the fact of availing award of work without submission of E.M.D. / I.S.D. during the current financial year in case of Engineer Contractors desirous of availing exemption of E.M.D. h) Affidavit about the authentication of document including bank guarante..
7. **Additional Performance Security Deposit:** The additional performance security shall be deposited by the bidder, when the bid amount less than the estimated cost put to tender. In such case/event the bidder who have quoted less bid price than the estimated cost put to tender shall have to furnish the exact amount of differential cost i.e. estimated cost put to tener minus the quoted amount as Additional Performance Security in shape of Post office short term deposit/NSC/K.V.P./ deposit receipt of any Nationalized Bank duly pledged in favour of Block Development Officer, Barchana in the sealed envelope alongwith the price bid at the time of submission of bids.
8. **Forfeiture:** a) The E.M.D. amount will be forfeited, if the tenderer backs out from the offer of acceptance of tender, by the competent authority. b) Submission of more than one tender paper by a bidder for a single work will be liable for rejection of all such tender papers. c) On review of the last performance of the works executed through B.D.O., Barchana previously, the lowest-1 tenderer may/may not be considered for the works, though he/she becomes lowest-1 tender. d) The Contractors who have failed to execute projects of this agency/ backed out from execution process/abandoned the project work midway/those who have been declared by this agency to be the defaulters otherwise will not be allowed to participate in the present tender process. If any of such contractors participates then his/her papers will not be considered at all. e) The undersigned reserves the right either to reject any or all tenders or cancel the entire process without assigning the reason thereof.

**Sd./- Block Development Officer, Barchana**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବୌଦ୍ଧ
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

**ବିଜ୍ଞପ୍ତି**

**ପତ୍ର ସଂଖ୍ୟା: ୭୮୩/ଡି.ସି.ପି.ୟୁ./୧୯** **ତାରିଖ: ୧୩।୧୧।୨୦୧୯**

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଚାରିଛକ ପାଖରେ ସ୍ଥିତ ରାଣୀପଥର ନାଳ ନିକଟରୁ ଏକ ଶିଶୁକନ୍ୟା ଶ୍ରୀମତୀ ସରୋଜିନୀ ବେହେରା, ସ୍ୱା.- ରାଏଧର ବେହେରା, ଗ୍ରା- ଟିକରପଡ଼ା, ଥାନା- ବଘିଆପଡ଼ାଙ୍କ ଦ୍ୱାରା ଉଦ୍ଧାର କରାଯାଇଥିଲା ଏବଂ ଶିଶୁ ମଙ୍ଗଳ ସମିତି, ବୌଦ୍ଧଙ୍କ ପାଖରେ ଉପସ୍ଥିତ କରାଯାଇଥିଲା। ପରେ ଶିଶୁ ମଙ୍ଗଳ ସମିତି, ବୌଦ୍ଧଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା (ଏସ୍.ଏ.ଏ.) ଯୁବ ଜ୍ୟୋତି ଯୁବକ ସଂଘ, ସୋନପୁର, ଜିଲ୍ଲା- ସୁବର୍ଣ୍ଣପୁରଠାରେ ସୁରକ୍ଷିତ ଭାବରେ ଥଇଥାନ କରାଯାଇଛି। ଉକ୍ତ ଶିଶୁଟିର ଯଦି କେହି ଜନ୍ମିତ ପିତାମାତା କିମ୍ବା ଅଭିଭାବକ ଓ ଆଇନସିଦ୍ଧ ଦାବିଦାର ଥାଆନ୍ତି ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ (ତିରିଶ) ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବୌଦ୍ଧ, **ଫୋନ୍- ୦୬୮୪୧- ୨୨୨୪୪୪, ୯୪୩୭୮୨୭୨୫୪** କିମ୍ବା ଜିଲ୍ଲା ଶିଶୁ ମଙ୍ଗଳ ସମିତି ବୌଦ୍ଧ, **ଫୋନ୍ - ୦୬୮୪୧-୨୨୨୮୨୪, ୯୪୩୭୨୯୮୬୦୪**କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ଉକ୍ତ ଶିଶୁଟିକୁ ନେଇ ଯିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ତଥା Adoption Regulation - 2017 ଅନୁଯାୟୀ ଶିଶୁଟିକୁ ଆଇନତଃ ଦାୟମୁକ୍ତ ଘୋଷଣା କରାଯାଇ ପୋଷ୍ୟ ସନ୍ତାନ ନିମନ୍ତେ ବ୍ୟବସ୍ଥା କରାଯିବ।

| ନାମ | ଲିଙ୍ଗ | ଉଦ୍ଧାର ତାରିଖ | ଉଦ୍ଧାର କରାଯାଇଥିବା ସ୍ଥାନ | ଫଟୋ |
|---|---|---|---|---|
| ଯୋଶୋଦା | ଝିଅ | ୩୦।୧୦।୨୦୧୯ | ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଚାରିଛକ ପାଖରେ ସ୍ଥିତ ରାଣୀପଥର ନାଳ |  |

**ସ୍ୱା./- ଜିଲ୍ଲାପାଳ, ବୌଦ୍ଧ**

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ପିପିଲି

**ସଂଖ୍ୟା: ୧୪୭୦** **ତା. ୧୧।୧୧।୨୦୧୯**

### ଇସ୍ତାହାର

ମହାଶୟ,

ଏତଦ୍ୱାରା ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପିପିଲି ପୌର ପରିଷଦ ଅଧୀନରେ ଥିବା ସଂଲଗ୍ନ ଫର୍ଦ୍ଦ ମୁତାବକ ସୈରାତଗୁଡ଼ିକ ଧାର୍ଯ୍ୟ ହୋଇଥିବା ନିଲାମ ତାରିଖ ଦିନ ୧୧ ଘଟିକା ଠାରୁ ଦିବା ୧ ଘଟିକା ମଧ୍ୟରେ ପିପିଲି ପରିଷଦ କାର୍ଯ୍ୟାଳୟରେ ସର୍ବସାଧାରଣରେ ସ୍ନ ୨୦୧୯-୨୦ ଆର୍ଥିକ ବର୍ଷ ଠାରୁ ୨୦୨୧-୨୨ ଆର୍ଥିକ ବର୍ଷ ତା ୩୧।୦୩।୨୦୨୨ ରିଖ ପର୍ଯ୍ୟନ୍ତ ପ୍ରକାଶ୍ୟ ନିଲାମ ଦିଆଯିବ।

ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଏଥିନିମନ୍ତେ ପ୍ରଦତ୍ତ ଥିବା ଧାର୍ଯ୍ୟ ନିଲାମର ସର୍ବନିମ୍ନ ଆନୁମାନିକ ମୂଲ୍ୟଠାରୁ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ସମ୍ପୃକ୍ତ ସୈରାତର ଡାକିଥିବା ନିଲାମ ଅର୍ଥକୁ ଏକକାଳୀନ ଦାଖଲ ଦେବେ, ନଚେତ ଦାଖଲ ଦେଇଥିବା ଅମାନତ ଅର୍ଥକୁ ବାଜ୍ୟାପ୍ତି କରାଯିବା ସଙ୍ଗେସଙ୍ଗେ ଉକ୍ତ ନିଲାମରେ ଅଂଶଗ୍ରହଣ କରିଥିବା ଦ୍ୱିତୀୟ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ଏବଂ ସମ୍ପୃକ୍ତ ସୈରାତର ଡାକିଥିବା ନିଲାମର ସମସ୍ତ ଅର୍ଥକୁ ଏକକାଳୀନ ପଇଠ କରି ଏକ ମାସ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଏଗ୍ରୀମେଣ୍ଟ ଓ ଅନ୍ୟାନ୍ୟ କାଗଜାତମାନ ଦରଜ କରାଇନେବେ।

**ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପିପିଲି**

**ବି.ଦ୍ର:-** ୧. ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତି ସେମାନଙ୍କର ଆଧାର କାର୍ଡ ଏବଂ ୧ ଗୋଟି ପାସପୋର୍ଟ ସାଇଜ ଫଟୋ ଦାଖଲ କରିବେ।
୨. ନିମ୍ନ ସ୍ୱାକ୍ଷରକାରୀ ଚାହିଁଲେ ଯେ କୌଣସି ନିଲାମକୁ ରଦ୍ଦ କରିପାରିବେ, ଏଥିନିମନ୍ତେ ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ଦର୍ଶାଇବାକୁ ବାଧ ନୁହନ୍ତି।

**ନିଲାମ ସୈରାତଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ**

| ସଂଖ୍ୟା | ସୈରାତର ନାମ | ମୌଜା | ନିଲାମର ସର୍ବନିମ୍ନ ଆନୁମାନିକ ମୂଲ୍ୟ | ଅମାନତ ଦାଖଲ ପରିମାଣ | ନିଲାମ ତାରିଖ |
|---|---|---|---|---|---|
| ୧ | ବେଣ୍ଟ ପୋଖରୀ | ଶିରିଆପୁର | ୬୫୩୦୦.୦୦ | ୧୬୫୦୦.୦୦ | ୨୩।୧୧।୨୦୧୯ |
| ୨ | କେନ୍ଦୁଆ ପୋଖରୀ | ଜୟପୁର ଶାସନ | ୫୦୦୦.୦୦ | ୧୫୦୦.୦୦ | ୨୩।୧୧।୨୦୧୯ |
| ୩ | ଖମା ମୁହଁ ପୋଖରୀ | ପିପିଲି ଶାସନ | ୫୦୦୦.୦୦ | ୧୫୦୦.୦୦ | ୨୩।୧୧।୨୦୧୯ |
| ୪ | ଭୁବନାନନ୍ଦ ପୋଖରୀ | ଜୟପୁର କିଲ୍ଲା | ୨୨୦୦୦୦.୦୦ | ୫୫୦୦୦.୦୦ | ୨୬।୧୧।୨୦୧୯ |
| ୫ | ଜାଣଶଙ୍ଖ ପୋଖରୀ | ବେଜପୁର | ୨୦୦୦୦.୦୦ | ୫୦୦୦.୦୦ | ୨୬।୧୧।୨୦୧୯ |
| ୬ | ଅନନ୍ତି ପାତ୍ର ପୋଖରୀ | ନରସିଂହପୁର | ୩୦୦୦୦.୦୦ | ୭୫୦୦.୦୦ | ୨୬।୧୧।୨୦୧୯ |
| ୭ | ନନୁଆ ପୋଖରୀ | ଜୟପୁର ଶାସନ | ୨୫୦୦.୦୦ | ୧୦୦୦.୦୦ | ୨୭।୧୧।୨୦୧୯ |
| ୮ | ଗୋଳା ପୋଖରୀ | ଭବାନୀପୁର | ୫୦୦୦୦.୦୦ | ୧୨୫୦୦.୦୦ | ୨୭।୧୧।୨୦୧୯ |
| ୯ | ବଡ଼ ପୋଖରୀ | ଖଣ୍ଡିଆଗିରି | ୪୦୦୦୦.୦୦ | ୧୦୦୦୦.୦୦ | ୨୭।୧୧।୨୦୧୯ |
| ୧୦ | କୁଶୁ ପୋଖରୀ | ପିପିଲି ଶାସନ | ୫୦୦୦୦.୦୦ | ୧୨୫୦୦.୦୦ | ୨୮।୧୧।୨୦୧୯ |
| ୧୧ | ତାଳ ପୋଖରୀ | ପିପିଲି ଶାସନ | ୪୦୦୦୦.୦୦ | ୧୦୦୦୦.୦୦ | ୨୮।୧୧।୨୦୧୯ |
| ୧୨ | ଶୁକୁଟିଆ ପୋଖରୀ | ଜୟପୁର ଶାସନ | ୧୦୦୦୦.୦୦ | ୨୫୦୦.୦୦ | ୨୮।୧୧।୨୦୧୯ |
| ୧୩ | ଖଜୁରିଆ ପୋଖରୀ | ମଢିଆଳି | ୧୦୦୦୦.୦୦ | ୨୫୦୦.୦୦ | ୨୮।୧୧।୨୦୧୯ |

## GOVERNMENT OF ODISHA
## OFFICE OF THE DISTRICT PROJECT COORDINATOR, SARVASIKHYA AVIYAN, SAMBALPUR

**E-Procurement Notice**

**BID IDENTIFICATION No.SSA/SBP/CIVIL/29/2019-20**
**E-mail : dpcsambalpur.opepa@nic.in**
**Phone / Fax - 0663-2410834**

**No.1087/CW** **Dated: 13.11.19**

1. The District Project Coordinator, SSA, Sambalpur on behalf of Governor of Odisha, invites Percentage Rate bids in Double Cover System in ONLINE MODE for construction of Buildings, as detailed in the DTCN from the eligible Class of Contractors.
2. No. of works : 01 (ONE)
3. Tender Cost : Rs.10,000/-
4. Class of Contractor : "B" Class or equivalent
5. Date and time available in Website & receipt of Bids : 12:00 hrs. of 15.11.2019 to 17:00 hrs. of 26.11.2019.
6. Date of opening of tender : 29.11.2019 at 11:30 hrs.
7. The Bidders have to participate in ONLINE bidding only. Further details can be seen from the Website **www.tendersodisha.gov.in** only.
8. Any Corrigendum / Addendum will be displayed in the website **www.tendersodisha.gov.in** only.

**Sd./-**
**District Project Coordinator**
**SSA, Sambalpur**

## DISTRICT RURAL DEVELOPMENT AGENCY, NUAPADA

**NOTICE NO.3064 / MGNREGS / DATE: 13.11.2019**

DRDA Nuapada invites **"Tender for Supply of Manpower"** as per specifications from only registered and reputed manpower service providers having valid license / authorization for supply of adequate No. of Technical Assistants to District Rural Development Agency. Nuapada through two bid system.

Detailed Tender documents comprising Background, scope of work. Technical evaluation criteria. Financial Bid evaluation and annexure for submitting the tender can be downloaded from District website **www.nuapada.nic.in** during the notice period.

1. Tender Paper can be purchased from the DRDA Nuapada office on any working day from 13.11.2019. 11.00 A.M. to 5.00 P.M. or downloaded from District website during the notice period.
2. The last date for purchase / download of Tender Paper is 27.11.2019 01.00 P.M.
3. Last date for submission of Tender documents : 28.11.2019. 5.00 P.M. through Regd. Post / Speed Post only.
4. Technical Bid will be opened on : 29.11.2019, 11.00 A.M.
5. Financial Bid will be opened on 29.11.2019, 3.00 P.M.
6. The cost of Tender Paper is Rs.10,000.00 (non-refundable) will only be received in shape of Demand Draft only drawn in favour of **"Project Director, DRDA Nuapada"** payable at Nuapada.
7. EMD for Rs.1,00,000.00 must be submitted in shape of Demand Draft only drawn in favour of **"Project Director, DRDA Nuapada"** payable at Nuapada.

The authority reserves the right to reject any or all Tender without assigning any reasons thereof.

**Sd./- Project Director, DRDA Nuapada**

# ଆୟୁର୍ବେଦର ସୁବର୍ଣ୍ଣ ଯୁଗ ଆସୁଛି

ବ୍ରହ୍ମପୁର ନିକଟ ଆଙ୍କୁଶପୁର କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ମହାବିଦ୍ୟାଳୟର ଶିଶୁରୋଗ ବିଶେଷଜ୍ଞ ତଥା ଅଧାପକ ଡା. ବିମଳ କୁମାର ପଣ୍ଡାଙ୍କ ଇଚ୍ଛାଶକ୍ତି ତାଙ୍କ ପାଇଁ ଆଣିଦେଇଛି ସଫଳତା। ରୋଗ ପ୍ରତିରୋଧକ ଶକ୍ତି, ମେଧାଶକ୍ତି ଓ ସ୍ମରଣ ଶକ୍ତି ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର କ୍ୟାମ୍ପ ଜରିଆରେ ଶିଶୁମାନଙ୍କୁ ମାଗଣାରେ ସ୍ୱର୍ଣ୍ଣପ୍ରାସନ ଔଷଧ ମଧ୍ୟ ପ୍ରଦାନ କରୁଛନ୍ତି ସେ। ବାଲେଶ୍ୱର ଗଗନଧୂଳି ଗ୍ରାମରେ ଜନ୍ମିତ ତଥା ଚିକିତ୍ସା କ୍ଷେତ୍ରରେ କିଛି ନୂତନତ୍ୱ ଆଣିବାରେ ସଦାବ୍ୟସ୍ତ ଡା.ପଣ୍ଡାଙ୍କ ସହ ଧରିତ୍ରୀର ଅନ୍ତରଙ୍ଗ ଆଳାପ।



ଡା. ବିମଳ କୁମାର ପଣ୍ଡା

**ଆୟୁର୍ବେଦ ଚିକିତ୍ସାରେ କ୍ୟାରିୟର କରିବାକୁ କାହିଁକି ମନ ବଳାଇଲେ ?**

▶ ଆୟୁର୍ବେଦ ଚିକିତ୍ସାରେ ଅଧ୍ୟୟନ ଓ କ୍ୟାରିୟର କରିବାକୁ କେବେ ବି ଚିନ୍ତା କରି ନ ଥିଲି। ଭଦ୍ରକ କଲେଜରେ ପଢୁଥିବା ବେଳେ କଲେଜ ପକ୍ଷରୁ କେରଳର କୋଚିରେ ଚାଲିଥିବା ଅଲ୍‌ଇଣ୍ଡିଆ ଏନ୍‌ସିସି କ୍ୟାମ୍ପ୍‌କୁ ଭାଗନେବାକୁ ଯାଇଥାଏ। ସେତେବେଳେ ବଡ଼ଭାଇ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ନାମଲେଖାଇବାକୁ ଫର୍ମ ଦାଖଲ କରିଦେଇଥିଲେ ଓ ସେହି କଲେଜରେ ମୋତେ ସିଟ୍ ମଧ୍ୟ ମିଳିଗଲା। କ୍ୟାମ୍ପରୁ ଫେରିବା ପରେ ଆୟୁର୍ବେଦର ବିଏମ୍‌ଏସ୍ ପାଠ୍ୟକ୍ରମରେ ନାମ ଲେଖାଇଥିଲି। ପ୍ରଥମ ବର୍ଷରେ ହିଁ କ୍ଲାସ୍‌ରେ ସର୍ବୋଚ୍ଚ ନମ୍ବର ରଖିଥିଲି। ପରବର୍ତ୍ତୀ ସମୟରେ ଆୟୁର୍ବେଦ ଉପରେ ବ୍ରତୀ ହେବା ସହ ଗବେଷଣା କରିବାକୁ ମନସ୍ଥ କଲି।

**ଆୟୁର୍ବେଦ ଚିକିତ୍ସାରେ କ୍ୟାରିୟର ପାଇଁ କାହାଠାରୁ ପ୍ରେରଣା ପାଇଛନ୍ତି ?**

▶ ନିଜର ପରିବାରଠାରୁ ଆୟୁର୍ବେଦ ଚିକିତ୍ସକ ହେବା ପାଇଁ ପ୍ରେରଣା ପାଇଛି। ମାଆ ତୁଳସୀମଣି ଓ ବାପା ପର୍ଶୁରାମ ପଣ୍ଡା ଆୟୁର୍ବେଦ ଚିକିତ୍ସକ ହେବାକୁ ପ୍ରତି ମୁହୂର୍ତ୍ତରେ ମୋତେ ପ୍ରେରଣା ଯୋଗାଇଆସିଛନ୍ତି।

**ଶିଶୁରୋଗ ଉପରେ ଗବେଷଣା ଓ ଚିକିତ୍ସକ ହେବାକୁ କାହିଁକି ଇଚ୍ଛା କଲେ ?**

▶ ସେହିସମୟରେ କଲେଜର ଟପ୍ପର ଛାତ୍ରୀଛାତ୍ରମାନେ ଶିଶୁରୋଗ ବିଭାଗରେ ହିଁ ଗବେଷଣା ଓ ଚିକିତ୍ସକ ହେବାକୁ ଇଚ୍ଛା ପ୍ରକାଶ କରୁଥିଲେ। ଯେହେତୁ କ୍ଲାସ୍‌ରେ ସର୍ବଦା ଟପ୍ପର ହେଉଥିଲି, ସେଥିପାଇଁ ଶିଶୁରୋଗ ଗବେଷକ ଓ ଚିକିତ୍ସକ ହେବାକୁ ନିଷ୍ପତ୍ତି ନେଇଥିଲି।

**ଜଣେ ସଫଳ ଆୟୁର୍ବେଦ ଶିଶୁରୋଗ ବିଶେଷଜ୍ଞ ଓ ଚିକିତ୍ସକ ଭାବେ ରାଜ୍ୟ ତଥା ରାଜ୍ୟ ବାହାରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ତେବେ ସଫଳତା ଓ ଅନୁଭୂତି ତଥା ଅଭିଜ୍ଞତା ସମ୍ପର୍କରେ କ'ଣ କହିବେ ?**

▶ ଜଣେ ସଫଳ ଚିକିତ୍ସକ ହେବାକୁ ହେଲେ ନିଜସ୍ୱ ଜ୍ଞାନ ସହ ଇଚ୍ଛାଶକ୍ତି

## ଧରିତ୍ରୀ ଆଳାପ

ଓ ସାଧନାର ଆବଶ୍ୟକତା ରହିଛି। ଆୟୁର୍ବେଦରେ ଅଧ୍ୟୟନ ଆରମ୍ଭରୁ ସର୍ବଦା ସାଧନା, ଗବେଷଣାରେ ରତି ରହିଛି। ଶିଶୁରୋଗ ଉପରେ ନୂତନ ଆୟୁର୍ବେଦ ଚିକିତ୍ସା ଓ ଔଷଧ ଆବିଷ୍କାରକୁ ନେଇ ଗବେଷଣା କରିଆସିଛି। କିଛି ନୂଆ ଶିଖିବା, ନୂଆ କରିବାର ଚେଷ୍ଟା ଓ ସାଧନା ଫଳରେ ବର୍ତ୍ତମାନ ଶିଶୁରୋଗ ମଧ୍ୟରେ ଜନ୍ମରୁ ୧୬ ବର୍ଷର ଶିଶୁଙ୍କ ମଧ୍ୟରେ ଦେଖାଦେଉଥିବା ସିକିଲ ସେଲ୍ ଏନିମିଆ, କୁପୋଷଣ, ଅପସ୍ମାର ଭଳି ରୋଗର ସ୍ୱତନ୍ତ୍ର ଚିକିତ୍ସା ପ୍ରଦାନ କରିବାରେ ସଫଳ ହୋଇପାରୁଛି। ଏଥିସହ ଆୟୁର୍ବେଦ ଚିକିତ୍ସା ଦ୍ୱାରା ଶିଶୁରୋଗ ବ୍ୟତୀତ ବାତ, ଚର୍ମରୋଗର ମଧ୍ୟ ସଫଳ ଚିକିତ୍ସା ପ୍ରଦାନ କରିପାରୁଛି।

**ଆୟୁର୍ବେଦ ମାଧ୍ୟମରେ ଶିଶୁରୋଗର ସମ୍ପୂର୍ଣ୍ଣ ଉପଶମ ସମ୍ଭବ କି ?**

▶ ନିଶ୍ଚୟ ସମ୍ଭବ। ଶିଶୁର ରୋଗ ଆରମ୍ଭରୁ ଆୟୁର୍ବେଦର ନିୟମିତ ଚିକିତ୍ସା ପ୍ରଦାନ କଲେ ସିକିଲ ସେଲ୍ ଏନିମିଆ, କୁପୋଷଣ, ଅପସ୍ମାର ଭଳି ଶିଶୁ ରୋଗର ଉପଶମ ସମ୍ଭବ ହୋଇପାରୁଛି। ଯଦି ଗବେଷଣା ଦ୍ୱାରା ଆୟୁର୍ବେଦର ବିଭିନ୍ନ ଚିକିତ୍ସା ପଦ୍ଧତିକୁ ଲୋକଲୋଚନକୁ ଅଣାଯାଇ ପାରିବ ତେବେ ଏହା ଦ୍ୱାରା ଅନେକ ରୋଗର ସମାଧାନ ସମ୍ଭବ ହୋଇପାରିବ।

**ଆଗାମୀ ଦିନର ଲକ୍ଷ୍ୟ କ'ଣ?**

▶ ସରକାରୀ ଚାକିରିରୁ ଅବସର ପରେ ଆୟୁର୍ବେଦର ନିଜସ୍ୱ ଗବେଷଣା ପ୍ରତିଷ୍ଠାନ କରିବାକୁ ଲକ୍ଷ୍ୟ ରଖିଛି। ଏହି ପ୍ରତିଷ୍ଠାନ ଦ୍ୱାରା ନୂତନ ଆର୍ୟୁବେଦ ଚିକିତ୍ସକ, ଗବେଷକ ସୃଷ୍ଟି କରାଯାଇପାରିବ। ଏହା ଆୟୁର୍ବେଦର ପ୍ରଚାର, ପ୍ରସାର ଓ ବିକାଶରେ ମଧ୍ୟ ଯଥେଷ୍ଟ ସହାୟକ ହେବ।

**ଆୟୁର୍ବେଦ ଚିକିତ୍ସାର ବିକାଶ ଓ କ୍ୟାରିୟର ଗଠନ କରିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ପାଇଁ କ'ଣ କହିବେ ?**

▶ ବର୍ତ୍ତମାନ ଆୟୁର୍ବେଦର ସୁବର୍ଣ୍ଣ ଯୁଗ ଆସୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆୟୁର୍ବେଦ ଓ ଯୋଗର ଅନ୍ତର୍ଜାତୀୟସ୍ତରରେ ଆଦର ବଢ଼ିଛି। ଗବେଷଣା କ୍ଷେତ୍ରରେ ବିକାଶ ପାଇଁ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ଯୋଜନା ହେଉଛି। ଏଥିପାଇଁ ବର୍ତ୍ତମାନ ଅଧ୍ୟୟନରତ ତଥା ଆୟୁର୍ବେଦ ଚିକିତ୍ସକ ଭାବେ କ୍ୟାରିୟର ଗଢ଼ିବାକୁ ଚାହୁଁଥିବା ଛାତ୍ରୀଛାତ୍ରମାନେ ଏହାର ମୂଳତତ୍ତ୍ୱକୁ ଜାଣିବା ଆବଶ୍ୟକ। ଆଧୁନିକ ଜ୍ଞାନକୌଶଳ ସହ ଆୟୁର୍ବେଦ ଚିକିତ୍ସା ଉପରେ ଗବେଷଣା କରିବା ଆବଶ୍ୟକ।

– ଦୀପକ କୁମାର ପଣ୍ଡା

# ବରଯାତ୍ରୀରେ ବୁଢ଼ୀ ମାଉସୀଙ୍କଠୁ ମାଡ଼ ଖାଇଥିଲି



ସୁଜିତ ପାଇକରାୟ

**ଓଡ଼ିଆ ଟେଲିଭିଜନ ଦୁନିଆରେ ସୁଜିତ ପାଇକରାୟ ନାୟକ କମ୍, ଖଳନାୟକ ଭୂମିକାରେ ବେଶି ଦେଖିବାକୁ ମିଳନ୍ତି। ଭୁବନେଶ୍ୱରରେ ଜନ୍ମିତ ଏହି ଅଭିନେତା ନିଜର ବଳିଷ୍ଠ ଅଭିନୟ ମାଧ୍ୟମରେ ଓଡ଼ିଆ ଦର୍ଶକଙ୍କ ମହଲରେ ସୃଷ୍ଟି କରିଛନ୍ତି ସ୍ୱତନ୍ତ୍ର ପରିଚୟ। ସୁମିତ୍ରା ଓ ସୂର୍ଯ୍ୟକାନ୍ତ ପାଇକରାୟଙ୍କ ପୁଅ ସୁଜିତଙ୍କ ଅନୁଭୂତିରୁ କିଛି..**

ପରଦାରେ ଖଳନାୟକ ଭାବେ ମୋତେ ଅନେକ ଲୋକ ଦେଖିଛନ୍ତି। କିଛି ବର୍ଷ ତଳର ଘଟଣା। ନେଇ ଯାରେ ମେଘ ମୋତେ ସିରିଏଲରେ ମୁଁ ମହ୍ଲାର ପଟ୍ଟନାୟକ ଭୂମିକାରେ ଅଭିନୟ କରୁଥିଲି। ସିରିଏଲ ଟେଲିକାଷ୍ଟ ହେବା ସମୟର ଘଟଣା। ମୁଁ ଏକ ବରଯାତ୍ରୀରେ ଯାଇଥାଏ। ବର ଗାଡ଼ି କନ୍ୟାଘର ପାଖେ ପହଞ୍ଚିଲା। ବର ଗାଡ଼ିରୁ ଓହ୍ଲାଇ ଭିତରକୁ ଯାଇ ସାରିଥାଏ। ସେଠାରେ ଉପସ୍ଥିତ ସମସ୍ତ ଲୋକ ମୋତେ ବଲବଲ କରି ଅନାଉଥାନ୍ତି।

## ମୋ ଅନୁଭୂତି

ମୁଁ ଭାବୁଥାଏ ବୋଧହୁଏ ମୋତେ ସିରିଏଲରୁ ଚିହ୍ନି ଏମିତି ପ୍ରତିକ୍ରିୟା ଦେଉଛନ୍ତି। ହଠାତ୍ ଭିଡ଼ ଭିତରୁ ଜଣେ ବୁଢ଼ୀ ଲୋକ ପାଖକୁ ଆସିଲେ ଆଉ ମୋ କାନ ମୋଡ଼ି ଗୋଟେ ଥାପଡ ଲଗାଇଲେ। 'ତୁ ସେ ସନ୍ଧ୍ୟା(ସିରିଏଲରେ ହିରୋଇନର ନାଁ)କୁ କାହିଁକି ହଇରାଣ କରୁଛୁ। ସେ ପ୍ରତ୍ୟୁଷ(ସିରିଏଲରେ ହିରୋର ନାଁ) ପାଖରେ ରହୁ। ତୋର କ'ଣ ଅସୁବିଧା ହଉଛି'। ବୁଢ଼ୀ ମାଉସୀ ଜଣକ ଏପରି କଥା ମୋତେ କହି ଚାଲିଗଲେ। ଅନ୍ୟକିଛି ଲୋକ ଆସି ମୋତେ ବୁଝାଶୁଝା କରୁଥାନ୍ତି। ହେଲେ ମୋ ଭିତରୁ ଗୋଟେ ଅନ୍ୟପ୍ରକାର ଖୁସି ଅନୁଭବ ହେଉଥାଏ। ଏତେ ଲୋକଙ୍କ ସାମ୍ନାରେ ମାଡ଼ ଖାଇଲି, ତାହା ଖରାପ ଲାଗୁ ନ ଥାଏ। ଯାହାହେଉ ମୋ ଅଭିନୟକୁ ଲୋକେ ପସନ୍ଦ କରୁଛନ୍ତି, ଏପରି ମିଠା ଅନୁଭବ ହେଉଥାଏ। ଆଉ ଏକ ଅନୁଭୂତି ସମ୍ପର୍କରେ ସୁଜିତ କୁହନ୍ତି, ନିର୍ବାଚନ କ୍ୟାମ୍ପେନିଂରେ ବାଲେଶ୍ୱର ଯାଇଥାଏ। ସେଠାରେ ଭିଡ଼ ଏତେ ଥିଲା ଯେ, ମୋତେ କିଛି ସମୟ ପର୍ଯ୍ୟନ୍ତ ଆଦୌ ଭଲ ଲାଗିଲାନି। ଗାଡ଼ି ଗଡ଼ିବାର ପ୍ରଶ୍ନ ଉଠୁ ନ ଥାଏ। ମୁଁ ଚୁପ କରି ଏକ ଖୋଲା ଜିପ୍‌ରେ ବସିଥାଏ। କିଛି କଲେଜ ପଢୁଆ ପିଲା ମୋ ପାଖକୁ ଆସିଲେ। ହେଲେ ମୁଁ ଖରାପ ଭାବିବି ବୋଲି ଭାବି ମୋଠାରୁ ଅଳ୍ପ ଦୂରରେ ଛିଡ଼ା ହେଲେ। ମୋ ସହ କଥା ହେବାକୁ ନିଜନିଜ ଭିତରେ ଠେଲାପେଲା ହେଉଥାନ୍ତି। ଖଳନାୟକ ଭୂମିକାରେ ଦେଖିଦେଖି ସେମାନଙ୍କ ମନରେ ବି ଏପରି ଭାବନା ଥାଏ। କିଛି ସମୟ ପରେ ସେମାନଙ୍କୁ ପାଖକୁ ଡାକିଥିଲି ଆଉ ସେଲ୍‌ଫି ମଧ୍ୟ ଉଠାଇଥିଲି।

– କୁମାରଶ୍ରୀ ସାହୁ

## ଖାଦ୍ୟ ରୁଚି



# (ରାନି ପ୍ରନ)

ଆମିଷ ଭିତରେ ଚିଙ୍ଗୁଡ଼ିକୁ ବିଭିନ୍ନ ରଙ୍ଗ ଦେଇ ପରଷା ଯାଇଥାଏ। ଷ୍ଟାର୍ଟରଠାରୁ ନେଇ ମେନ୍ କୋର୍ସରେ ସମସ୍ତେ ପସନ୍ଦ କରନ୍ତି ଏହି ଖାଦ୍ୟକୁ। ସେହିଭଳି ରାନି ପ୍ରନ ହେଉଛି ଚିଙ୍ଗୁଡ଼ିର ଏକ ସ୍ୱତନ୍ତ୍ର ପ୍ରସ୍ତୁତି। ଭୁବନେଶ୍ୱରରେ ଖୁବ୍ କମ୍ ରେସ୍ତୋରାଁରେ ଏହା ପରଷା ଯାଉଛି ଓ ପସନ୍ଦଯୋଗ୍ୟ ବି ହେଉଛି। ଏହାକୁ ସହଜରେ ଘରେ ପ୍ରସ୍ତୁତ କରି ଅତିଥିଙ୍କୁ ପରିଷି ହେବ, ସଂଧ୍ୟାରେ ସ୍ନାକ୍ସ ଭଳି ମଧ ଖାଇହେବ। ଭୁବନେଶ୍ୱରରୁ ପୁରୀ ଜାତୀୟ ରାଜପଥରେ ଶିଶୁପାଳଗଡସ୍ଥ ବ୍ରଦର୍ସ ଢାବାରେ କାର୍ଯ୍ୟରତ ଶେଫ୍ ସତ୍ୟଜିତ୍ 'ରାନି ପ୍ରନ' ପ୍ରସ୍ତୁତି ସମ୍ପର୍କରେ କହନ୍ତି...



### ଆବଶ୍ୟକ ସାମଗ୍ରୀ

ଚିଙ୍ଗୁଡ଼ି ୬ ପିସ୍ (ବଡ଼), ତେଲ ୨୦୦ ମିଲି ଅଣ୍ଡା ୧ଟା, କଞ୍ଚାଲଙ୍କା କିମା ୫୦ ଗ୍ରାମ୍, ଅଦା ରସୁଣ କିମା ୫୦ ଗ୍ରାମ୍, ପିଆଜ କିମା ୫୦ ଗ୍ରାମ୍, ଭୁର୍ସୁଙ୍ଗ ପତ୍ର ୧୦ ଗ୍ରାମ୍, ଶୁଖିଲା ଲଙ୍କା ୨ ପିସ୍, ଦହି ୫୦ ଗ୍ରାମ୍, ଟମାଟୋ ସସ୍ ୫୦ ଗ୍ରାମ, ମଇଦା ୨୫ ଗ୍ରାମ୍, କର୍ନଫ୍ଲୋର ୨୫ ଗ୍ରାମ୍, ଲୁଣ ୨୫ ଗ୍ରାମ୍, ଶୁଖିଲା ଲଙ୍କା ପେଷ୍ଟ ୧୦ ଗ୍ରାମ, ଅମୂଲ କ୍ରିମ୍ ୧୦ ମି.ଲି, ଗୋଲମରିଚ ଗୁଣ୍ଡ ୫ ଗ୍ରାମ୍, ଧନିଆ ପତ୍ର ୫ ଗ୍ରାମ୍।

### ପ୍ରସ୍ତୁତି ପ୍ରଣାଳୀ

ଚିଙ୍ଗୁଡ଼ିରେ ଲୁଣ, ଅଦା ରସୁଣ ପେଷ୍ଟ, ଅଧା ଅଣ୍ଡା ଗୋଳେଇକି ୧୦ ମିନିଟ୍ ରଖନ୍ତୁ। ଅଲଗା ଏକ ପାତ୍ରରେ ଅଧା ଅଣ୍ଡା, ଲୁଣ, ମଇଦା, କର୍ନଫ୍ଲୋରରେ ପାଣି ଦେଇ ମୋଟା କରି ଗୋଳାନ୍ତୁ। ମ୍ୟାରିନେଟ୍ ହୋଇଯାଇଥିବା ଚିଙ୍ଗୁଡ଼ିକୁ ଏଥିରେ ବୁଡ଼ାଇ ଛାଣନ୍ତୁ। ଗୋଲ୍ଡେନ ରଙ୍ଗ ହେବା ପର୍ଯ୍ୟନ୍ତ ଏହା ଛଣାଯିବ। ଅଲଗା ଏକ ତାୱାରେ ତେଲ, ଶୁଖିଲା ଲଙ୍କା, ଭୁର୍ସୁଙ୍ଗ ପତ୍ର, ଅଦା ରସୁଣ କିମା ପକାଇ ଭାଜିବାକୁ ପଡିବ। ନାଲି ରଙ୍ଗ ହେଲା ପରେ ଏଥିରେ ପିଆଜ ପକାନ୍ତୁ। ଅଳ୍ପ ସମୟ ଭାଜିଲା ପରେ ସେଥିରେ ଦହି, ଅଦାରସୁଣ ପେଷ୍ଟ, ଟମାଟୋ ସସ୍, ଶୁଖିଲା ଲଙ୍କା ପେଷ୍ଟ, ଲୁଣ, ଅମୂଲ କ୍ରିମ୍ ପକାଇ ବହଳିଆ କରନ୍ତୁ। ଛଣା ଚିଙ୍ଗୁଡ଼ିକୁ ଏଥିରେ ମିଶାଇ ଡିଶ୍‌ରୁ କାଢ଼ି ଗୋଲ ମରିଚ ଗୁଣ୍ଡ, ଧନିଆ ପତ୍ର ପକାଇ ପରଷି ଦିଅନ୍ତୁ।

ଶେଫ୍: ସତ୍ୟଜିତ୍

ରିପୋର୍ଟ: ଶୋଭେନ୍ ବିଶ୍ୱାଳ

## ସେଲ୍‌ଫି କର୍ନର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ

smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଅଙ୍କିତ



ପ୍ରଭାକର



ଜ୍ୟୋସ୍ନାମୟୀ



ତକ୍ରୀମ୍



ଅଭିଲାଷ



ସନ୍ଦୀପ

| Dollar | Sensex | Nifty | Gold | Silver |
|---|---|---|---|---|
| 72.09 (62) | 40,116.06 (229.02) | 11,840.45 (73) | 38,715.00 (`225) | 45,480.00 (`440) |



ପଛୁଆ ଅଞ୍ଚଳକୁ ଋଣ ଯୋଗାଣ ଉପରେ ବ୍ୟାଙ୍କଗୁଡିକ କାର୍ଯ୍ୟକରିବାର ଆବଶ୍ୟକତା ରହିଛି।
– ଏମ୍‌.କେ. ଜୈନ, ଡେପୁଟି ଗଭର୍ନର, ରିଜର୍ଭ ବ୍ୟାଙ୍କ



ରିୟଲ ଇଷ୍ଟେଟ ଡେଭଲପରମାନେ ପୁଞ୍ଜି କ୍ଷେତ୍ରରେ ଏବେ ବିଭିନ୍ନ ଅସୁବିଧା ସାମ୍ନା କରୁଛନ୍ତି। ଏକ୍ଷେତ୍ରରେ ସୁଧାର ଆସିବା ନେଇ ଆଶାବାଦୀ।
– ରମେଶ ନାୟାର, ସିଇଓ, ଜେଏଲ୍‌ଏଲ୍ ଇଣ୍ଡିଆ

## ସଂକ୍ଷେପରେ

### ୧୬ ମାସର ସର୍ବୋଚ୍ଚ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ,୧୩-୧୧:** ଚଳିତ ବର୍ଷ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୧୬ ମାସର ସର୍ବୋଚ୍ଚ ସ୍ତରରେ ରହିଛି। ଖାଦ୍ୟ ସାମଗ୍ରୀ ଦର ବଢିବା ଯୋଗୁ ଖୁଚୁରା ମୁଦ୍ରାସ୍ଫୀତି ୪.୬୨% ସ୍ତରରେ ରହିଥିବା ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟର କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ରହିଛି। ସେପ୍ଟେମ୍ବରରେ ଖାଉଟି ମୂଲ୍ୟ ସୂଚୀ (ସିପିଆଇ) ଭିତ୍ତିକ ମୁଦ୍ରାସ୍ଫୀତି ୩.୯୯% ସ୍ତରରେ ରହିଥିଲା। ଗତବର୍ଷ ଅକ୍ଟୋବରରେ ଏହା ୩.୩୮ ସ୍ତରରେ ଥିଲା। ସେହିଭଳି ୨୦୧୮ ଜୁନରେ ମୁଦ୍ରାସ୍ଫୀତି ରେକର୍ଡ ସ୍ତର ୪.୯୨% ଛୁଇଁଥିଲା। ଖାଦ୍ୟ ସାମଗ୍ରୀ ବର୍ଗରେ ମୁଦ୍ରାସ୍ଫୀତି ଚଳିତ ବର୍ଷ ଅକ୍ଟୋବରରେ ୭.୮୯% ସ୍ତରକୁ ବଢିଛି। ଏହା ଗତ ବର୍ଷ ସମାନ ମାସରେ ୫.୧୧% ରହିଥିଲା। ସେହିଭଳି ପନିପରିବା ବର୍ଗରେ ମୁଦ୍ରାସ୍ଫୀତି ୨୬.୧୦% ରହିଛି। ଏହା ଗତ ସେପ୍ଟେମ୍ବରରେ ୫.୪୦% ଥିଲା। ଏହାବାଦ ଡାଲି,ମାଛ, ମାଂସ ଏବଂ ଅଣ୍ଡା କ୍ଷେତ୍ରରେ ଏହା ତ୍ୱରିତ ଭାବେ ବଢି ଯଥାକ୍ରମରେ ୨.୧୬%, ୯.୭୫% ଏବଂ ୬.୨୬% ରହିଛି। ଡାଲି ଜାତୀୟ ସାମଗ୍ରୀ କ୍ଷେତ୍ରରେ ମୁଦ୍ରାସ୍ଫୀତି ୧୧.୭୨% ସ୍ତରକୁ ବୃଦ୍ଧି ଘଟିଛି।

### ଟିକସ ହ୍ରାସ ନେଇ ପରାମର୍ଶ ଲୋଡ଼ିଲା ଅର୍ଥ ମନ୍ତ୍ରଣାଳୟ

**ନୂଆଦିଲ୍ଲୀ,୧୩-୧୧:** ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ କ୍ଷେତ୍ରରେ ବିଭିନ୍ନ ପରିବର୍ତ୍ତନ ଆଣିବା ଲାଗି ସରକାର ଯୋଜନା ରଖିଛନ୍ତି। ଆଗାମୀ ବଜେଟରେ ଏଥି ସଂକ୍ରାନ୍ତ ଘୋଷଣା ହେବ ବୋଲି ଶୁଣାଯାଉଛି। ଏପଟେ ଟିକସ ହ୍ରାସ ପଦକ୍ଷେପ ଲାଗି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରଥମଥର ଲାଗି ଦେଶର ଶିଳ୍ପ ଜଗତ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡିକର ମତାମତ ଲୋଡାଯାଇଛି। ଦେଶରେ ଅର୍ଥନୈତିକ କାର୍ଯ୍ୟକଳାପ ହ୍ରାସ ହେବା ଯୋଗୁ ମାନ୍ଦାବସ୍ଥା ସ୍ଥିତି ଲାଗି ରହିଛି। ଅର୍ଥ ବ୍ୟବସ୍ଥାକୁ ନୂଆ ଗତି ପ୍ରଦାନ କରିବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅତିରିକ୍ତ ଘୋଷଣା କରିବା ନେଇ ଯୋଜନା ରଖାଯାଇଛି। ଆସନ୍ତା ଫେବୃୟାରୀ ପହିଲାରେ ଆସିବାକୁ ଥିବା ବଜେଟରେ ଏ ନେଇ ଘୋଷଣାମାନ ହେବ। ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ପକ୍ଷରୁ ଅଂଶୀଦାରଙ୍କ ଲାଗି ଏକ ସର୍କୁଲାର ଜାରି କରାଯିବା ସହ ଏନେଇ ବିଭିନ୍ନ ପ୍ରସ୍ତାବ ଉପରେ କର୍ପୋରେଟ ଏବଂ ବ୍ୟକ୍ତିବିଶେଷଙ୍କ ମତାମତ ଲୋଡାଯାଇଛି। ଉଭୟ ପ୍ରତ୍ୟକ୍ଷ ତଥା ପରୋକ୍ଷ ଟିକସ କ୍ଷେତ୍ରରେ ଟିକସ ପରିସରକୁ ବଢାଇବା ଲାଗି ପଦକ୍ଷେପ ନିଆଯାଉଛି। ଏଥି ଲାଗି ଟିକସ ବ୍ୟବସ୍ଥାର ସଂରଚନା ସରକାର କରିବେ ବୋଲି ଜଣାପଡିଛି।

# ‘ନିଯୁକ୍ତି, ବିକାଶର ଇକୋସିଷ୍ଟମ ସୃଷ୍ଟି କରିଛି ଓଡ଼ିଶା’



କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥି।

**ଭୁବନେଶ୍ୱର,୧୩-୧୧(ବ୍ୟୁରୋ)**

ଟେକ୍ନୋଲୋଜି ଏବଂ ସ୍ୱଚ୍ଛତା ସହ ଓଡିଶା ଏବେ ଅଗ୍ରସର ହେଉଛି। ବିକାଶ ଏବଂ ଲଗାତାର ଭାବେ ନିଯୁକ୍ତି ସୃଷ୍ଟି ଦିଗରେ ରାଜ୍ୟ ଏକ ଇକୋସିଷ୍ଟମ ସୃଷ୍ଟି କରିପାରଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କହିଛନ୍ତି। କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ(ସିଆଇଆଇ) ଏବଂ ରାଜ୍ୟ ସରକାରଙ୍କ

**ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା ଉଦ୍‌ଘାଟିତ**

ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପ୍ରଦର୍ଶନୀ ପଡିଆଠାରେ ୨୨ତମ ଏଣ୍ଟରପ୍ରାଇଜ ଓଡ଼ିଶା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭିତ୍ତିଭୂମି ବିକାଶ ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ରାଜ୍ୟ ସରକାର ଗ୍ରହଣ କରୁଛନ୍ତି। ସ୍କିଲ୍ ଓଡ଼ିଶା ପଦକ୍ଷେପ ଦ୍ୱାରା ଯୁବବର୍ଗଙ୍କୁ ନିଯୁକ୍ତି ଉପଯୋଗୀ କରି ଗଢିତୋଳିବା ଲାଗି ଯୋଜନା ହାତକୁ ନିଆଯାଇଛି। ଷ୍ଟାର୍ଟ ଅପ୍ ଓଡ଼ିଶା ଉପରେ ଏବେ ଫୋକସ କରାଯାଇଥିବା ବେଳେ ୨୦୨୦ ସୁଦ୍ଧା ୧୫୦ ଷ୍ଟାର୍ଟଅପ୍ ସ୍ଥାପନ ଲାଗି ଲକ୍ଷ୍ୟ ରଖାଯାଇଛି। ଖଣିଜ ଏବଂ ଧାତୁ ଉତ୍ପାଦନ ଭିଜନ ଡକ୍ୟୁମେଣ୍ଟ ଉପରେ ମତ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକ୍ଷେତ୍ରରେ ଅଂଶୀଦାରମାନେ ମିଳିତ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଏହା ହେଲେ ରାଜ୍ୟରେ ଏକ ବିକଶିତ ଔଦ୍ୟୋଗିକ ଭିତ୍ତିଭୂମି ଗଠନ ଦିଗରେ ସହାୟକ ହୋଇପାରିବ।

କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କହିଛନ୍ତି, ଜାତୀୟ ସ୍ତରରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ସ୍ଥାନରେ ରଖିବା ଲାଗି ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଭିନ୍ନ ପଦକ୍ଷେପ ହାତକୁ ନେଉଛନ୍ତି। ରାଜ୍ୟର ଶିଳ୍ପ ବିକାଶରେ ଯୋଗଦାନ ରଖୁଥିବାରୁ ସେ ଶିଳ୍ପ ଲିଡରଙ୍କୁ ଧନ୍ୟବାଦ ଦେଇଛନ୍ତି। ଏକ୍ଷେତ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସହଯୋଗ ଯୋଗାଣ ଧାରା ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ମେକ୍ ଇନ ଓଡ଼ିଶା ୨୦୧୮ରେ ଆସିଥିବା ବିଭିନ୍ନ ନିବେଶ ପ୍ରସ୍ତାବ ମଧ୍ୟରୁ ଏବେ ୧୯ଟି କାର୍ଯ୍ୟାନ୍ୱୟନର ବିଭିନ୍ନ ସ୍ତରରେ ରହିଛି। ଏହା ଦେଶର ଶିଳ୍ପ ମାନଚିତ୍ରରେ ଓଡିଶାକୁ ଏକ ପ୍ରମୁଖ ସ୍ଥାନକୁ ନେବାରେ ସହାୟକ ହେବ ବୋଲି ଏମ୍‌ଏସ୍‌ଏମ୍‌ଇ ବିଭାଗର କମିଶନର ତଥା ସଚିବ ହେମନ୍ତ କୁମାର ଶର୍ମା କହିଛନ୍ତି। ଓଡିଶାର ଖଣି କ୍ଷେତ୍ରରେ ଉନ୍ନତ ଭିତ୍ତିଭୂମି ଥିବାରୁ ଏହା ଭାରତର ଅଷ୍ଟ୍ରେଲିଆ ହେବାର କ୍ଷମତା ରଖିଥିବା ବେଦାନ୍ତ ଲିମିଟେଡ ସିଇଓ ରାହୁଲ ଶର୍ମା କହିଛନ୍ତି।

**୨୦ ହଜାର ବର୍ଗଫୁଟ ସ୍ଥାନରେ ପ୍ରଦର୍ଶନୀ**

୨୦,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଏହି ପ୍ରଦର୍ଶନୀ ଚାଲିଥିବା ବେଳେ ରାଜ୍ୟର ବିଭିନ୍ନ ଶିଳ୍ପ ଉଦ୍ୟୋଗ ଏଠାରେ ଭାଗ ନେଇଛନ୍ତି। ଖଣି, ଖଣିଜ, ଶକ୍ତି, ବୟନ, ଖାଦ୍ୟ ପ୍ରକ୍ରିୟାକରଣ,ସେବା, ଶିକ୍ଷା, ରିୟଲ ଇଷ୍ଟେଟ, ଅଟୋମୋବାଇଲ, କେମିକାଲ, ପେଟ୍ରୋକେମିକାଲ, ଉଦ୍ୟୋଗ ଏବଂ ନିର୍ମାଣ ଯନ୍ତ୍ରାଂଶ, ସଦ୍ୟତମ ଟେକ୍ନୋଲୋଜି, ଉତ୍ପାଦନ କୌଶଳକୁ ଏଠାରେ ପ୍ରଦର୍ଶନ କରାଯାଉଛି। ସେହିଭଳି ଆଇଟି ସେବା, ଶିକ୍ଷା, ରିୟଲ ଇଷ୍ଟେଟ, ଅଟୋମୋବାଇଲ ଭଳି ବିଭିନ୍ନ ବର୍ଗରେ ମୋଟ ୨୦୦ ଷ୍ଟଲ ସ୍ଥାପନ କରାଯାଇଛି। ଏଥିରେ ମୋଟ ୧୫୦ କମ୍ପାନୀ ଭାଗ ନେଇଛନ୍ତି।

**ଓଡ଼ିଶା ମାଇନିଂ ଶୋ’, ଓ୍ୱାଇଆଇ ଇନୋଭେକ୍ସ**

ଏହି ଅବସରରେ ଓଡିଶା ମାଇନିଂ ଶୋ’ ଏବଂ ଓଡ଼ିଶା ଇନୋଭେକ୍ସ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଯୁବବର୍ଗଙ୍କ ମଧ୍ୟରେ ନୂଆ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଉଦ୍ୟୋଗ ବିକାଶ ଧ୍ୟାନରେ ରଖି ଅଭିନବତା ଏବଂ ମେଣ୍ଟରଶିପ ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏହି ସମୟ ମଧ୍ୟରେ ବି୨ଜି ସେଶନ ଆୟୋଜନ କରାଯିବ। ଇଜ ଅଫ୍ ଡୁଇଁ ବିଜନେସ, ଏମ୍‌ଏସ୍‌ଏମ୍‌ଇ ଫାଇନାନ୍ସିଂ, ନିଯୁକ୍ତିକ୍ଷମ ମାନବ ସମ୍ବଳ, ଜ୍ଞାନକୌଶଳ ଏବଂ ଖଣି ନିରାପତ୍ତା ଉପରେ ଏଠାରେ ଆଲୋଚନାଚକ୍ରମାନ ଆୟୋଜନ ହେବ ବୋଲି ଜଣାପଡିଛି।

## ଟାଟା ମୋଟର୍ସର ଇଣ୍ଡିଆକୀ ଦୁସ୍‌ରୀ ଦିଓ୍ୱାଲି ଅଭିଯାନ

**ନୂଆଦିଲ୍ଲୀ,୧୩-୧୧**



ଟାଟା ମୋଟର୍ସ ପକ୍ଷରୁ ଇଣ୍ଡିଆକୀ ଦୁସରୀ ଦିଓ୍ୱାଲି ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଭିଯାନ ଅନ୍ତର୍ଗତ କ୍ଷୁଦ୍ର ବାଣିଜ୍ୟିକ ଯାନ ଉପରେ ଗ୍ରାହକଙ୍କୁ ବିଶେଷ ରିହାତି ପ୍ରଦାନ କରାଯିବ। ଏହି ସମୟରେ କମ୍ପାନୀର କ୍ଷୁଦ୍ର ବାଣିଜ୍ୟିକ ଯାନ ଏବଂ ପିକଅପ୍ କ୍ରୟ ଉପରେ ସ୍କ୍ରାଚ କାର୍ଡ ସିଷ୍ଟମରେ ନିଶ୍ଚିତ ଉପହାର ଉପଲବ୍ଧ ହେବ। ବମ୍ପର ପ୍ରାଇଜରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୋଲ୍ଡ ଭାଉଚର ସୁବିଧା ଗ୍ରାହକଙ୍କ ଲାଗି ରହିଛି। ଏହାବାଦ୍ ଏଲ୍‌ଇଡି ଟିଭି, ଓ୍ୱାଶିଂମେଶିନ, ମୋବାଇଲ ଫୋନ, ଜୁସ ମିକ୍ସର, ଫୁଏଲ କୁପନ ଭଳି ଆକର୍ଷଣୀୟ ରିହାତି ମଧ୍ୟ ରହିଛି। କାର୍ଗୋ ଯାନ ଏବଂ ପିକଅପର ବିସ୍ତୃତ ରେଞ୍ଜରେ ଗ୍ରାହକମାନେ ଚଳିତ ମାସ ୩୦ ଯାଏ ଏହି ଅଫର ଲାଭ କରିପାରିବେ। ଟାଟା ଏସ୍ ଯାନର ବିକ୍ରି ସଫଳତା ଆଧାରରେ କମ୍ପାନୀ ପକ୍ଷରୁ ଏହି ଅଫରକୁ ଆରମ୍ଭ କରାଯାଇଛି। ଏହି ମଡେଲର ୨୨ ଲକ୍ଷ ଯାନ କମ୍ପାନୀ ବିକ୍ରି କରିଛି। ଗ୍ରାହକଙ୍କ ମୂଲ୍ୟଯୁକ୍ତ ସେବା ଯୋଗାଣ ସହ ବିଭିନ୍ନ ଅଫର ପ୍ରଦାନ ଉପରେ କାର୍ଯ୍ୟ କରୁଥିବା ଟାଟା ମୋଟର୍ସର ସେଲ୍‌ସ ମାର୍କେଟିଂ ମୁଖ୍ୟ ରାଜେଶ କୌଲ କହିଛନ୍ତି।

## ୟୁନିୟନ ବ୍ୟାଙ୍କର ରକ୍ତଦାନ ଶିବିର

**ଭୁବନେଶ୍ୱର,୧୩-୧୧**



୧୦୦ ବର୍ଷ ପୂର୍ତ୍ତୀ ପାଳନ ଅବସରରେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବ୍ୟାଙ୍କର ଉପମହାପ୍ରବନ୍ଧକ ରୂପଲାଲ ମୀନା ଏହି ଅବସରରେ ଯୋଗ ଦେଇ ରକ୍ତଦାନ କରିବା ସହ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ କ୍ଷେତ୍ରୀୟ କାର୍ଯ୍ୟାଳ ସହାୟକ ମହାପ୍ରବନ୍ଧକ ପ୍ରକାଶ ଚନ୍ଦ୍ର ପତି, ସହାୟକ ମହାପ୍ରବନ୍ଧକ କେ.ଡି. ଗୁପ୍ତା, ଅବସରପ୍ରାପ୍ତ ମହାପ୍ରବନ୍ଧକ ମିହିର ପଟ୍ଟନାୟକ, କ୍ଷେତ୍ରୀୟ କାର୍ଯ୍ୟାଳୟ ଏବଂ ଶାଖା କାର୍ଯ୍ୟାଳୟ କର୍ମଚାରୀମାନେ ଏହି ଅବସରରେ ଯୋଗ ଦେଇଥିଲେ। ୧୪ଟି ଜିଲାସ୍ତରୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ମୋଟ ୫୯୬ ଜଣ ରକ୍ତଦାନ କରିଥିଲେ।

## ‘ଶିକ୍ଷା କ୍ଷେତ୍ରକୁ ଏସ୍‌ଆର୍‌ଏମ୍‌ର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ’

**କଟାନକୁଲାଥର,୧୩-୧୧**



ବର୍ତ୍ତମାନର ସମୟ ଅନେକ ଆହ୍ୱାନପୂର୍ଣ୍ଣ। ମାତ୍ର ଏହାକୁ ସାମ୍ନା କରି ଆଗକୁ ବଢିବାକୁ ହେବ। ନିଜ ମଧ୍ୟରେ ସମ୍ପୂର୍ଣ୍ଣ ପ୍ରସ୍ତୁତି ଏଥିଲାଗି ରଖିବାକୁ ହେବ ବୋଲି ସତୀଶ ଧାଓ୍ୱନ ସ୍ପେସ୍ ସେଣ୍ଟରର ନିର୍ଦ୍ଦେଶକ ଏ. ରାଜାରାଜନ କହିଛନ୍ତି। ଏସ୍‌ଆର୍‌ଏମ୍ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ୧୫ତମ ବାର୍ଷିକ କନ୍‌ଭୋକେସନ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ, ଶିକ୍ଷା କ୍ଷେତ୍ରକୁ ଏସ୍‌ଆର୍‌ଏମ୍‌ର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ଛାତ୍ରୀଛାତ୍ରମାନେ ସର୍ବଦା ନିଷ୍ଠାର ସହ କଠିନ ପରିଶ୍ରମ କରିବାର ଆବଶ୍ୟକତା ରହିଛି। ବଡମାନଙ୍କର ଅବଦାନକୁ ସର୍ବଦା ମନେ ରଖି ସମାଜର ବିକାଶ ଦିଗରେ ନିଜର ଯୋଗଦାନ ରଖିବାକୁ ସେ ମତ ରଖିଛନ୍ତି। ଦେଶର ଅଭିବୃଦ୍ଧି କ୍ଷେତ୍ରରେ ଶିକ୍ଷାର ଏକ ପ୍ରମୁଖ ଭୂମିକା ରହିଥିବା ବେଳେ ଏସ୍‌ଆର୍‌ଏମ୍ ଏ ଦିଗରେ ନିଜର ନିରନ୍ତର ଯୋଗଦାନ ରଖି ପାରିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଆଟୋମିକ ଏନର୍ଜି କମିଶନର ଅଧ୍ୟକ୍ଷ କେ.ଏନ୍.ବ୍ୟାସଙ୍କୁ ସମ୍ମାନଜନକ ଡକ୍ଟରଅଫ୍ ସାଇନ୍ସ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଚାନ୍‌ସେଲର ଟି.ଆର୍. ପରିଭେନ୍ଦର, କୁଳପତି ସନ୍ଦୀପ ସାଞ୍ଚେତି, ସଭାପତି ପି.ସତ୍ୟନାରାୟଣନ, ସହ ଅଧ୍ୟକ୍ଷ ରାମପୁରମ ଏନ୍ ନିରଞ୍ଜନ, ପ୍ରୋଭାଇସ ଚାନ୍‌ସେଲର ଟିପି ଗଣେଷନ, ପ୍ରାଭାଇସ ଚାନ୍‌ସେଲରଡ.ଆର୍ ବାଲସୁବ୍ରମଣ୍ୟନ, ରେଜିଷ୍ଟ୍ରାର ଏନ୍. ସେଥୁରାମନ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ସଶକ୍ତୀକରଣ ନିମନ୍ତେ ଜେଏସ୍‌ପିଏଲ୍ ପୁରସ୍କୃତ

**ଭୁବନେଶ୍ୱର,୧୩-୧୧**



ଜିନ୍ଦଲ ଷ୍ଟିଲ ଆଣ୍ଡ ପାଓ୍ୱାର ଲିମିଟେଡ(ଜେଏସ୍‌ପିଏଲ୍) ମହିଳା ସଶକ୍ତୀକରଣ ଦିଗରେ ବିଭିନ୍ନ ଉଲ୍ଲେଖନୀୟ ଯୋଗଦାନ ଲାଗି ପୁରସ୍କୃତ ହୋଇଛି। କମ୍ପାନୀକୁ ଓମେନ୍ ଆଚିଭର୍ସ ପୁରସ୍କାରରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଓମେନ୍ ଲିଡରଶିପ୍ ଏବଂ ଏମ୍ପାଓ୍ୱାରମେଣ୍ଟ ସମିଟ୍‌ରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଭି.ଆର୍. ଶର୍ମା କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସ୍ୱାସ୍ଥ୍ୟ,ଜୀବିକା, ଶିକ୍ଷା ଏବଂ କ୍ରୀଡା ଭଳି ଅନ୍ୟାନ୍ୟ କ୍ଷେତ୍ରରେ କମ୍ପାନୀ ଏହାର ସିଏସ୍‌ଆର୍ ସଂସ୍ଥା ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଦ୍ୱାରା କାର୍ଯ୍ୟକ୍ରମ ଜାରି ରଖିଛି। ଓଡ଼ିଶା, ଛତିଶଗଡ, ଝାଡଖଣ୍ଡ ଏବଂ ହରିୟାଣା ଭଳି ରାଜ୍ୟଗୁଡିକରେ ୯ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ସଶକ୍ତୀକରଣ ଦିଗରେ କମ୍ପାନୀ ଏହାର ଯୋଗଦାନ ରଖିଥିବା କହିଛି। ଜେଏସ୍‌ପିଏଲ୍‌କୁ ଅଭିନନ୍ଦନ ଜଣାଇ ଫାଉଣ୍ଡେଶନର ଅଧ୍ୟକ୍ଷା ସାଲୁ ଜିନ୍ଦଲ କହିଛନ୍ତି ଯେ, ବହୁମୁଖୀ କାର୍ଯ୍ୟକ୍ରମ ଦ୍ୱାରା ମହିଳାଙ୍କ ବିକାଶ ଦିଗରେ କାର୍ଯ୍ୟକ୍ରମ ଜାରି ରହିଛି।

**OFFICE OF THE CHIEF GENERAL MANAGER (P&C) IDCO,** idco ODISHA NEW OPPORTUNITIES
**IDCO TOWERS, JANPATH, BHUBANESWAR-751022**
Tender Call Notice No. IDCO/H.O./P&C/EST/E-3624/04/2019/ 19348 Date : 08.11.2019
**NOTICE INVITING TENDER UNDER NATIONAL COMPETITIVE BDDING THROUGH e-Procurement**
1. Name of the Work : Design, Engineering, Supply and Installation of Teepee System for Transitional Rehabilitation of Beach Vendors on Puri Sea Beach, Puri Town, Odisha.
2. Estimated cost : Rs. 347.00 lakh
3. Period of completion : 03(Three) Calendar Months
4. Other details :

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid Id. No. PC/EST/E-41/ 2019-20 | 19.11.2019 at 17.00 Hrs. | 04.12.2019 up to 17.00 Hrs |

Further details can be seen from the e- Procurement Portal. www.tendersodisha.gov.in and Corrigendum if any will not be published in news papers and can only be seen in the e-procurement portal www.tendersodisha.gov.in and www.idco.in .
No. CAD-565
14003/11/0010/1920
Sd/- Chief General Manager (P&C), I/C

E-Mail:- serwbpr2004@yahoo.com
Tel/Fax:- 0680-2404287
ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**
At:- Ambapua
Po:- Engineering School
Near Income Tax office,
Berhampur-760011
No.O-507 :-
**NATIONAL COMPETITIVE BIDDING THROUGH e-Procurement** *E-Mail / E-Despatch*
**Bid Identification No. Online Tender /17-2019-20/BPR**

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 17-2019-20/BPR | Road Works under UPANTA | 07 Nos. | From Rs. 73.68 lakhs to Rs. 611.02 Lakhs | “B” Class, “A” Class, “Special” Class & “Super” Class as applicable | 06 (Six), 09 (Nine) 11 (Eleven) & 12 (Twelve) Calendar Month as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/17-2019-20/BPR | 21.11.2019 at 10.00 A.M. | 11.12.2019 upto 3.00 P.M. |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: - www.tendersodisha.gov.in
25071/11/0016/1920
Sd/- Superintending Engineer
R.W.Circle, Berhampur

NATIONAL HEALTH MISSION
world diabetes day 14 November
DSPL-146
# ବିଶ୍ୱ ମଧୁମେହ ଦିବସ ୧୪ ନଭେମ୍ବର,୨୦୧୯
**ଏ ବର୍ଷର ଆହ୍ୱାନ: “ପରିବାର ଏବଂ ମଧୁମେହ”**
**(ମଧୁମେହର ପ୍ରତିରୋଧ,ନିୟନ୍ତ୍ରଣ ଏବଂ ତଦ୍‌ଜନିତ ସମସ୍ୟାର ନିରାକରଣରେ ପରିବାରର ଭୂମିକା)**
**ମନେରଖନ୍ତୁ:**
- ଡ଼ାଇବେଟିସ୍ (ମଧୁମେହ)ଠାରୁ ଦୂରେଇ ରହିବା ପାଇଁ ନିୟମିତ ବ୍ୟାୟାମ କରିବା ସହିତ ଶରୀରର ଓଜନ ଓ ଖାଦ୍ୟପେୟ ନିୟନ୍ତ୍ରଣରେ ରଖନ୍ତୁ ।
- ଯୁବଗୋଷ୍ଠୀ ଆଧୁନିକ ଜୀବନ ଶୈଳୀ ଓ ଖାଦ୍ୟପେୟ ପ୍ରତି ସତର୍କ ଓ ସଚେତନ ରୁହନ୍ତୁ ।
- ଧୂମପାନ, ତମାଖୁ ଓ ମାଦକଦ୍ରବ୍ୟ ସେବନରୁ ନିବୃତ୍ତ ରୁହନ୍ତୁ ।
- ମଧୁମେହରେ ଆକ୍ରାନ୍ତ ବ୍ୟକ୍ତି ପାଦରେ ଘା’ ନହେବା ପାଇଁ ବିଶେଷ ଯତ୍ନବାନ୍ ହୁଅନ୍ତୁ ।
- ଡ଼ାଇବେଟିସ୍ ଯୋଗୁଁ ଅନ୍ୟାନ୍ୟ ରୋଗ ଯଥା, ହୃଦ୍‌ଘାତ, ଉଚ୍ଚରକ୍ତଚାପ,ବୃକକ୍ ଏବଂ ଯକୃତ ଜନିତ ରୋଗ, ପକ୍ଷାଘାତ, ଚକ୍ଷୁ ଓ ସ୍ନାୟୁଜନିତ ସମସ୍ୟା ଆଦି ଦେଖାଯିବାର ସମ୍ଭାବନା ଅଧିକ ଥାଏ ।

**ନିୟମିତ ଡାକ୍ତରୀ ପରାମର୍ଶ ଓ ଉପଯୁକ୍ତ ଚିକିତ୍ସା ଡାଇବେଟିସ୍ ନିୟନ୍ତ୍ରଣରେ ସହାୟକ ହୋଇଥାଏ ।**
10003/13/0051/1920
**ଡାଇବେଟିସ୍‌ର ନିରୂପଣ ଓ ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନାମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ।**
**ଆସନ୍ତୁ ସମସ୍ତ ବ୍ୟକ୍ତି ଯେପରି ମଧୁମେହର ନିୟନ୍ତ୍ରଣ ଓ ପ୍ରତିରୋଧ ପାଇଁ ଆବଶ୍ୟକୀୟ ସେବା ଓ ସୁବିଧା ପାଇପାରିବେ ସେଥିପ୍ରତି ଯତ୍ନବାନ ହେବା ।**
Facebook.com http://www.health.odisha.gov.in HFWOdisha
**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା**



"ମୋତେ ଦଳର ଅଧିନାୟକ ଭାବେ ନିଯୁକ୍ତ କରାଯାଇଥିବାରୁ ଚାପ ଅନୁଭବ କରୁନାହିଁ। ପୂର୍ବରୁ ଯେମିତି ବ୍ୟାଟିଂ କରୁଥିଲି ଏବେ ମଧ୍ୟ ସେହିଭଳି କରିବି ।
–ମୋମିନୁଲ ହକ୍, ବାଂଲାଦେଶ ନୂଆ ଅଧିନାୟକ



"ବର୍ତ୍ତମାନ ଉତ୍ତରାଧିକାରୀର କୌଣସି ଯୋଜନା ନ ଥିବାରୁ ମୁଁ ଜାତୀୟ ଦଳର କୋଚ୍ ଭାବେ କାମ କରିବା ଜାରି ରଖିବାକୁ ଚାହୁଁଛି ।
–ପୁଲେଲା ଗୋପୀଚାନ୍ଦ, ଭାରତୀୟ ବ୍ୟାଡ୍‌ମିଣ୍ଟନ କୋଚ୍

## ସଂକ୍ଷେପରେ

ଜାପାନ ଅନ୍ତର୍ଜାତୀୟ ପାରାବ୍ୟାଡ୍‌ମିଣ୍ଟନ

### ପ୍ରମୋଦଙ୍କ ଡବଲ୍ ବିଜୟ



**ଭୁବନେଶ୍ୱର, ୧୩।୧୧(କ୍ରୀଡ଼ା ପ୍ରତିନିଧି):** ଜାପାନ ଅନ୍ତର୍ଜାତୀୟ ପାରାବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ବୁଧବାର ଟୋକିଓରେ ଆରମ୍ଭ ହୋଇଛି। ବିଶ୍ୱର ୧୯୨ ପ୍ରତିଯୋଗୀଙ୍କୁ ନେଇ ହେଉଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶାର ପ୍ରମୋଦ ଭଗତ ସିଙ୍ଗଲ୍ସ ଇଭେଣ୍ଟରେ ଡବଲ ବିଜୟ ହାସଲ କରିଛନ୍ତି। ପ୍ରଥମ ରାଉଣ୍ଡରେ ପ୍ରମୋଦ ପେରୁର ପେଡ୍ରୋ ବାବିଓ ଡି ଭିନାଟିଆଙ୍କୁ ୨୧-୧୪, ୨୧-୮ ପଏଣ୍ଟରେ ହରାଇ ଦେଇଛନ୍ତି। ସେହିପରି ଦ୍ୱିତୀୟ ରାଉଣ୍ଡରେ ସେ ୟୁକ୍ରେନର ଓଲେକଜାଣ୍ଡର ଚିର୍କୋଭଙ୍କୁ ୨୧-୧୯, ୨୧-୮ ପଏଣ୍ଟରେ ପରାସ୍ତ କରି ଆଗକୁ ବଢ଼ିଛନ୍ତି।

### ଭିଲାଙ୍କ ଅବସର ଘୋଷଣା



**ଟୋକିଓ,୧୩।୧୧(ଏଏଫ୍‌ପି):** ସ୍ପେନ ପାଇଁ ଅନ୍ତର୍ଜାତୀୟ ସ୍ତରରେ ସର୍ବାଧିକ ଗୋଲ କରିଥିବା ଷ୍ଟାର ଷ୍ଟ୍ରାଇକର ଡେଭିଡ୍ ଭିଲା ଆସନ୍ତା ମାସରେ ଅବସର ନେବେ। ଜାଜ୍ୱଲ୍ୟମୟ କ୍ୟାରିୟରରେ ସେ ଫିଫା ବିଶ୍ୱକପ୍, ୟୁରୋପିଆନ ଚାମ୍ପିୟନଶିପ ଓ ଚାମ୍ପିୟନ୍ସ ଲିଗ୍ ଜିତି ସାରିଛନ୍ତି। ୩୭ ବର୍ଷୀୟ ଭିସେଲ କୋବ ଷ୍ଟ୍ରାଇକର ଚଳିତ ଜେ ଲିଗ୍ ସିଜନ ଶେଷରେ ଅବସର ନେବେ ବୋଲି ଘୋଷଣା କରିଛନ୍ତି। ୧୯ ବର୍ଷର ଲମ୍ବା କ୍ୟାରିୟରରେ ସେ ବାର୍ସିଲୋନା, ଆଟଲେଟିକୋ ମାଡ୍ରିଡ୍ ଓ ଭାଲେନ୍‌ସିଆ ଭଳି କ୍ଲବ ପକ୍ଷରୁ ପ୍ରତିନିଧିତ୍ୱ କରିବା ସହ ଦେଶ ପାଇଁ ୯୮ ମ୍ୟାଚ ଖେଳିଛନ୍ତି। ସେ ନ୍ୟୁୟର୍କର ନୂଆ ଫ୍ରାଞ୍ଚାଇଜ କୁଇନ୍ସବୋରୋ ଏଫ୍‌ସିରେ ଧନ ବିନିଯୋଗ କରିବେ। ୩ ଫିଫା ବିଶ୍ୱକପ୍ ଖେଳିବା ସହ ୨୦୧୦ ବିଶ୍ୱକପ୍ ଚାମ୍ପିୟନ ଦଳର ଗୁରୁତ୍ୱପୂର୍ଣ୍ଣ ଷ୍ଟ୍ରାଇକର ଥିଲେ। ତାଙ୍କ ପ୍ରତିନିଧିତ୍ୱରେ ସ୍ପେନ ୟୁରୋପିଆନ ଚାମ୍ପିୟନଶିପ ଜିତିଥିଲେ। ଅନ୍ତର୍ଜାତୀୟ ସ୍ତରରେ ସେ ୫୯ ଗୋଲ କରିଛନ୍ତି, ଯାହାକି ଏକ ଜାତୀୟ ରେକର୍ଡ।

### ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିବେ ବୋଲ୍ଟ



**ନୂଆଦିଲ୍ଲୀ, ୧୩।୧୧ (ପି.ଟି.):** ନ୍ୟୁଜିଲାଣ୍ଡ ବାମହାତୀ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ୨୦୨୦ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳିବେ। ସେହିଭଳି ଉତ୍ତର ପ୍ରଦେଶ ଯୁବ ବୋଲର ଅଙ୍କିତ ରାଜପୁତ ରାଜସ୍ଥାନ ରୟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଉଭୟ ଖେଳାଳି ସେମାନଙ୍କ ଫ୍ରାଞ୍ଚାଇଜ ଦ୍ୱାରା ବୁଧବାର ସଫଳତାପୂର୍ବକ ଅଦଳ ବଦଳ କରାଯିବା ପରେ ଏହା ସ୍ପଷ୍ଟ ହୋଇଛି। ଆଇପିଏଲ୍ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ବୋଲ୍ଟ ତାଙ୍କ ବର୍ତ୍ତମାନର ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସ ଦ୍ୱାରା ଅଦଳବଦଳ ହେବା ଫଳରେ ଆଗାମୀ ସିଜନରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିବେ। ସେହିଭଳି ରାଜପୁତ କିଙ୍ଗ୍ସ ଇଲେଭେନ ଦ୍ୱାରା ସଫଳତା ପୂର୍ବକ ଅଦଳବଦଳ ହୋଇଛନ୍ତି। ୨୦୧୪ରେ ବୋଲ୍ଟ ଆଇପିଏଲ୍ ପଦାର୍ପଣ କରିଥିଲେ। ୨୦୧୮ ଓ ୨୦୧୯ ସିଜନ ପାଇଁ ସେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳି ୩୩ ମ୍ୟାଚ୍‌ରୁ ୩୮ ଉଇକେଟ୍ ହାସଲ କରିଛନ୍ତି।

## ଇମ୍ରାନ ମେମୋରିଆଲ ଟ୍ୱିନ୍‌ସିଟି କ୍ରିକେଟ ଉଦ୍‌ଯାପିତ

# ୟୁନିୟନ ସ୍ପୋର୍ଟିଂ ଚାମ୍ପିୟନ୍

**ଭୁବନେଶ୍ୱର, ୧୩।୧୧(କ୍ରୀଡ଼ା ପ୍ରତିନିଧି)**

ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଖେଳ ପଡ଼ିଆରେ ମହମ୍ମଦ ଇମ୍ରାନ ମେମୋରିଆଲ ଟ୍ୱିନ୍ ସିଟି ୧୭ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ୬ ଉଇକେଟରେ ହରାଇ ୟୁନିୟନ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୪୦ ଓଭରରେ ୬ ଉଇକେଟ ହରାଇ ୧୫୩ ରନ କରିଥିଲା। ଦଳ ପକ୍ଷରୁ ସାଇ ଶୁଭମ୍ ସର୍ବାଧିକ ୪୮ ରନ ସ୍କୋର କରିଥିଲେ। ପ୍ରତିପକ୍ଷ ଦଳର ନୀତୀଶ ମୁଦୁଲି ୮ ଓଭରରେ ୩୫ ରନ ଦେଇ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ୧୫୪ ରନ ବିଜୟ ଲକ୍ଷ୍ୟକୁ ୟୁନିୟନ ସ୍ପୋର୍ଟିଂ ୩୮ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ବିନାୟକ ମହାନ୍ତି ୫୭ ରନରେ ଅପରାଜିତ ରହି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପାରାମାଉଣ୍ଟର ସ୍ୱୟମ ସାର୍ଥକ ୮ ଓଭରରେ ୨୩ ରନ ବିନିମୟରେ ସର୍ବାଧିକ ୨ଟି ଉଇକେଟ ଅକ୍ତିଆର କରିଥିଲେ। ବିନାୟକ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ବିବେଚିତ ହୋଇଥିବାବେଳେ ଆଶୁତୋଷ ନାୟକ ଶ୍ରେଷ୍ଠ ବୋଲର,ସାଇ ଶୁଭମ୍ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଏବଂ ଦିବ୍ୟ କୀର୍ତ୍ତି ପଟ୍ଟନାୟକ ଶ୍ରେଷ୍ଠ ଉଇକେଟ କିପର ପୁରସ୍କାର ହାସଲ କରିଥିଲେ। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ବରିଷ୍ଠ କୋଚ୍ କିଶୋର ମାଣିଆ, ପାରାମାଉଣ୍ଟ ସ୍ପୋର୍ଟିଂ ସଭାପତି ପ୍ରତାପ ଜେନା, ଅଶୋକ ପାତ୍ର, ପୂର୍ବତନ କର୍ପୋରେଟର ଅକ୍ଷୟ ଲେଙ୍କା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ସୁଶାନ୍ତ ଦାଶ ଓ ଖଗେଶ୍ୱର ମଲିକ ମ୍ୟାଚ ପରିଚାଳନା କରିଥିଲେ।




ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ୟୁନିୟନ ସ୍ପୋର୍ଟିଂର ଖେଳାଳିମାନେ।

### ସମ୍ମାନିତ ହେଲେ ୫ ଅମ୍ପାୟର

ଉଦ୍‌ଯାପନୀ ଉତ୍ସବରେ ୫ ଜଣ ଓସିଏ(ଓଡ଼ିଶା କ୍ରିକେଟ ଆସୋସିଏଶନ) ପ୍ୟାନେଲ ଅମ୍ପାୟରଙ୍କୁ ସୌମ୍ୟରଞ୍ଜନ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ସେମାନେ ହେଲେ ରମାକାନ୍ତ ମହାନ୍ତି, ବୁଲୁ ପଟ୍ଟନାୟକ(ଉଭୟେ କେନ୍ଦୁଝର), ଆଲୋକ କୁମାର ଦାସ (କଟକ), ପ୍ରବୀର କୁମାର ବିଶ୍ୱାସ (ମୟୂରଭଞ୍ଜ) ଓ ପବିତ୍ର କୁମାର ପ୍ରଧାନ(ଭୁବନେଶ୍ୱର)। ପ୍ରକାଶ ଯୋଗ୍ୟ ଯେ, ସ୍ୱର୍ଗତ ସୌମ୍ୟରଞ୍ଜନ ଦାସ ୨୦୦୬ରେ ଓସିଏ ଏବଂ ୨୦୦୯ରେ ବିସିସିଆଇ ଲେଭଲ-୧ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ୨୦୧୭ ଏପ୍ରିଲ ୨୬ରେ ସାକ୍ଷୀଗୋପାଳଠାରେ ଏକ ସଡ଼କ ଦୁର୍ଘଟଣାରେ ସେ ମୃତ୍ୟୁବରଣ କରିଥିଲେ।

## ଦୀପକଙ୍କ ଟ୍ୟାଲେଣ୍ଟକୁ ଚିହ୍ନିଥିଲେ ଚୋପ୍ରା

**ନୂଆଦିଲ୍ଲୀ, ୧୩।୧୧:** ପୂର୍ବତନ ଭାରତୀୟ ଟେଷ୍ଟ ଓପନର ଆକାଶ ଚୋପ୍ରା ବିନା ଦ୍ୱନ୍ଦ୍ୱରେ ଅନ୍ୟତମ ଲୋକପ୍ରିୟ କ୍ରିକେଟ ଭାଷ୍ୟକାର। ନିକଟରେ ହ୍ୟାଟ୍ରିକ୍ ଉଇକେଟ ନେଇ ଚର୍ଚ୍ଚାକୁ ଆସିଥିବା ଦୀପକ ଚହରଙ୍କ ଟ୍ୟାଲେଣ୍ଟକୁ ପ୍ରଥମେ ଆକାଶ ଚିହ୍ନଟ କରିଥିଲେ। ଯେତେବେଳେ ଭାରତୀୟ ପେସ୍ ବୋଲିଂ ଏତେ ଶକ୍ତିଶାଳୀ ନ ଥିଲାବେଳେ ଚୋପ୍ରା ଚହରଙ୍କ ଭବିଷ୍ୟତରେ ଷ୍ଟାର ହେବେ ବୋଲି ଭବିଷ୍ୟବାଣୀ କରିଥିଲେ। ଦୀପକଙ୍କ ଟ୍ୟାଲେଣ୍ଟ ସମ୍ପର୍କରେ ପୂର୍ବତନ କ୍ରିକେଟର ଆକାଶ ୨୦୧୦ରେ ଟୁଇଟ୍ କରିଥିଲେ, ମୁଁ ରାଜସ୍ଥାନରେ ଜଣେ ପ୍ରତିଭାଶାଳୀ ଖେଳାଳିଙ୍କୁ ଦେଖିଛି। ଦୀପକ ଚହରଙ୍କ ନାମ ମନେରଖ। ଭବିଷ୍ୟତରେ ତାଙ୍କୁ ବହୁତ ଦେଖିବାକୁ ମିଳିବ। ଚୋପ୍ରାଙ୍କ ଏହି ୯ ବର୍ଷ ପୁରୁଣା ଟୁଇଟ୍‌କୁ ଏବେ ଫ୍ୟାନମାନେ ପ୍ରଶଂସା କରୁଛନ୍ତି। ଉଲ୍ଲେଖଥାଉ କି, ୨୦୧୮ରେ ଅନ୍ତର୍ଜାତୀୟ ସ୍ତରରେ ପଦାର୍ପଣ କରିଥିବା ଦୀପକ ଏବେ ଟି୨୦ ସ୍ପେଶାଲିଷ୍ଟ ବୋଲର ଭାବେ ନିଜକୁ ପ୍ରତିଷ୍ଠିତ କରିସାରିଛନ୍ତି। ଏପରି କି ଯଦି ଯଶପ୍ରୀତ ବୁମରା ଓ ଭୁବନେଶ୍ୱର କୁମାର ଆହତ ସମସ୍ୟାରୁ ଫେରିଲେ ମଧ୍ୟ ଦୀପକଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦେବା ଟିମ୍ ମ୍ୟାନେଜମେଣ୍ଟ ପାଇଁ କଷ୍ଟକର ହେବ।

## ଓଡ଼ିଶା ଭିନ୍ନକ୍ଷମ ଫ୍ଲୋରବଲ୍ ଦଳ ଘୋଷିତ

**ଭୁବନେଶ୍ୱର, ୧୩।୧୧(କ୍ରୀଡ଼ା ପ୍ରତିନିଧି)**

ହରିଦ୍ୱାରଠାରେ ଚଳିତମାସ ୧୫ରୁ ୧୯ ପର୍ଯ୍ୟନ୍ତ ହେବାକୁଥିବା ଜାତୀୟ ଭିନ୍ନକ୍ଷମ ଫ୍ଲୋରବଲ୍ ଚାମ୍ପିୟନଶିପ୍ ପାଇଁ ବୁଧବାର ଓଡ଼ିଶା ଦଳ ଘୋଷିତ ହୋଇଛି। କୋଚ୍ ଝସକେତନ ସାହୁଙ୍କ ତତ୍ତ୍ୱାବଧାନରେ ସ୍ପେଶାଲ ଅଲିମ୍ପିକ୍, ଭାରତ ପକ୍ଷରୁ ମନୋନୀତ ୮ ଜଣିଆ ଓଡ଼ିଶା ଦଳ ହରିଦ୍ୱାର ଯାତ୍ରା କରିଛି। ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଯୋଗେନ୍ଦ୍ର ଛତ୍ରିଆ, ସୌଦାଗର ସାହୁ, ପିତାମ୍ବର ମହାନନ୍ଦ, ରାମେଶ୍ୱର ବାରିକ, ସୁନୀଲ ଭୋଇ, କାହ୍ନା ସାହୁ, ସମିତ ଖୁଣ୍ଟିଆ ଓ ଇନ୍ଦ୍ରମଣି କାଣ୍ଡି। ସହକାରୀ କୋଚ୍‌ଭାବେ ରଞ୍ଜିତ ନାଏକ ମଧ ଦଳସହ ହରିଦ୍ୱାର ଯାଇଛନ୍ତି। ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ବଲାଙ୍ଗୀର ଜିଲା ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ତ୍ରିପାଠୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଡ. ହରେକୃଷ୍ଣ ମହତାବ ମାନସିକ ନ୍ୟୁନତା ଅନୁଷ୍ଠାନର ଅଧକ୍ଷା ସ୍ନେହଲତା ମହାନ୍ତି ଓ ସମ୍ପାଦକ ରଞ୍ଜିତ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ପେଶାଲ ଅଲିମ୍ପିକ୍, ଭାରତର ଏରିଆ ଡାଇରେକ୍ଟର ପ୍ରକାଶ କୁମାର ରଥ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ପ୍ରତ୍ୟାଶାଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୩।୧୧ (କ୍ରୀଡ଼ା ପ୍ରତିନିଧି):** ଭୋପାଳଠାରେ ଚାଲିଥିବା ସିବିଏସଇ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ସୁଇମିଂରେ ଓଡ଼ିଶାର ପ୍ରତ୍ୟାଶା ରାୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୫୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ସେ ଏହି ସଫଳତା ପାଇଛନ୍ତି। ପ୍ରତ୍ୟାଶା ୩୧.୨୮ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିବା ତାଙ୍କ ବାପା ରଜତ ରାୟଙ୍କ ସୂତ୍ରରୁ ପ୍ରକାଶ।



ବଟରଫ୍ଲାଏ ଇଭେଣ୍ଟରେ ପ୍ରତ୍ୟାଶା ରାୟ।

## ଫାଇନାଲରେ ଓଡ଼ିଶା ପୋଷ୍ଟାଲ

**ରସୁଲପୁର/ଧର୍ମଶାଳା, ୧୩।୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ୧୦ମ ସିକୁ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲରେ ଓଡ଼ିଶା ପୋଷ୍ଟାଲ ଏକାଦଶ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ୨ୟ ସେମିଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ପୋଷ୍ଟାଲ ଏକାଦଶ ୭ ରନରେ ଫରେଷ୍ଟ ଏକାଦଶ (ଛତିଶଗଡ଼)କୁ ହରାଇଛି। ଓଡ଼ିଶା ପୋଷ୍ଟାଲ ଏକାଦଶ ପ୍ରଥମେ ବ୍ୟାଟିଂ କରି ୨୮.୪ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୨୨୬ ରନ୍ କରିଥିଲା। ଦଳ ପକ୍ଷରୁ ଅନୁରାଗ ଷଡ଼ଙ୍ଗୀ ୭୮ ଓ ସିଦ୍ଧାନ୍ତ ଜେନା ୬୬ ରନ କରିଥିଲେ। ଛତିଶଗଡ ଦଳର ସୁବ୍ରମଣ୍ୟମ୍ ଓ ବିକାଶ ରାଉତ ୪ଟି ଲେଖାଏଁ ଉଇକେଟ୍ ପାଇଥିଲେ। ଜବାବ୍‌ରେ ଫରେଷ୍ଟ ଏକାଦଶ ୨୫.୨ ଓଭରରେ ୮ ଉଇକେଟ୍ ହରାଇ ୨୧୯ ରନ୍ କରିଥିବାବେଳେ ସନ୍ଧ୍ୟା ହୋଇଯିବାରୁ ମ୍ୟାଚ୍ ବନ୍ଦ କରାଯାଇଥିଲା। ଏହାପରେ ରନ୍ ରେଟ୍ ଆଧାରରେ ଫରେଷ୍ଟ ଏକାଦଶ ୭ ରନ୍‌ରେ ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ଦୀପକ ଯାଦବ ୫୬ ରନ୍ ଓ ରାକେସ ପଟ୍ଟନାୟକ ୩୮ ରନ୍ କରିଥିଲେ। ବିଜୟୀ ଦଳର ଆଲୋକ ସାହୁ ଓ ପ୍ରୀତମଜିତ ଦାସ ୨ଟି ଲେଖାଏଁ ଉଇକେଟ୍ ପାଇଥିଲେ। ଆଶୁତୋଷ ପାଣି ଓ ଲଲାଟ କେଶରୀ ନନ୍ଦ ଖେଳ ପରିଚାଳନା କରିଥିଲେ। ଚିତ୍ତରଞ୍ଜନ ମହାନ୍ତି ଓ ଶୁଭାଶିଷ ଦାସ ସ୍କୋରରେ ସହଯୋଗ କରିଥିଲେ। ବିଜୟୀ ଦଳର ସିଦ୍ଧାନ୍ତ ଜେନାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ପ୍ରଦାନ କରାଯାଇଛି। ଶୁକ୍ରବାର ଓଡ଼ିଶା ପୋଷ୍ଟାଲ ଏକାଦଶ ଓ ୟୁନିୟନ ସ୍ପୋର୍ଟିଂ (ଝାଡଖଣ୍ଡ) ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବା ନେଇ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

## ବିଶ୍ୱଜିତ୍‌ଙ୍କୁ ୫ ଉଇକେଟ, ଓଡ଼ିଶା ବିଜୟୀ

**କଟକ ଅଫିସ, ୧୩।୧୧:** ଡେରାଡୁନଠାରେ ଚାଲିଥିବା ୨୩ବର୍ଷରୁ କମ୍ ପୁରୁଷ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ବୁଧବାର ଓଡ଼ିଶା ୪ ଉଇକେଟରେ ଗୋଆକୁ ପରାସ୍ତ କରିଛି। ଲୋସ୍କୋରିଂ ଏହି ମ୍ୟାଚ୍‌ରେ ସ୍ୱସ୍ତିକ ସାମଲ ୪୩ରନର ଅପରାଜିତ ଇନିଂସ ଖେଳି ଦଳକୁ ଜିତାଇଛନ୍ତି । ଗୋଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୧୫ରନରେ ଅଲଆଉଟ ହୋଇଥିଲା। ଓଡ଼ିଶା ପକ୍ଷରୁ ବିଶ୍ୱଜିତ ମଲ୍ଲିକ ୫ଟି ଓ ପ୍ରୀତ କନୱର ସିଂ ଚୌହ୍ୱାନ ୩ଟି ଉଇକେଟ ଅକ୍ତିଆର କରିଥିବା ବେଳେ ରାହୁଲ ଚୌଧୁରୀଙ୍କୁ ୨ଟି ଉଇକେଟ ମିଳିଥିଲା। ଗୋଆ ପକ୍ଷରୁ କାଶ୍ୟପ ବାଖାଲେ ସର୍ବାଧିକ ୩୮ରନ କରିଥିଲେ। ୧୧୬ରନର ସହଜ ବିଜୟ ଲକ୍ଷ୍ୟ ଥିଲେ ମଧ୍ୟ ୧୦ରନରେ ପ୍ରଥମ ଓ ୬୫ରନରେ ୬ଟି ଉଇକେଟ ହରାଇ ଓଡ଼ିଶା ସଙ୍କଟରେ ପଡ଼ିଥିଲା। ତେବେ ସ୍ୱସ୍ତିକ ୫୫ବଲରୁ ୪୩ରନର ସଂଘର୍ଷପୂର୍ଣ୍ଣ ଇନିଂସ ଖେଳି ଦଳକୁ ଜିତାଇଥିଲେ। ଏହାଛଡ଼ା ସ୍ପିନର ରାଜକିଶନ ପଟେଲ ୧୮ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ଓଡ଼ିଶା ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଗୋଆ ପକ୍ଷରୁ ଭିଜେଶ ପ୍ରଭୁଦେଶାଇ ୫ ଉଇକେଟ ଦଖଲ କରିଥିଲେ।



### ଛତିଶଗଡ଼କୁ ହରାଇଲା ଓଡ଼ିଶା

**କଟକ ଅଫିସ,୧୩।୧୧:** ଗୁଣ୍ଟୁରର ଆର୍‌ଭିଆର ଆଣ୍ଡ ଜେସି କଲେଜ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ୨୩ବର୍ଷରୁ କମ୍ ମହିଳା ଟି୨୦ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୧୯ରନରେ ଛତିଶଗଡ଼କୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ୨ଟି ମ୍ୟାଚ୍ ଖେଳି ସାରିଥିବା ଓଡ଼ିଶାର ଏହା ପ୍ରଥମ ବିଜୟ। ପୂର୍ବ ମ୍ୟାଚ୍‌ରେ ବେଙ୍ଗଲଠାରୁ ଦଳ ୭ ଉଇକେଟରେ ପରାସ୍ତ ହୋଇଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୮ ଉଇକେଟ ହରାଇ ୧୨୩ରନ ସଂଗ୍ରହ କରିଥିଲା। ଓପନର କାଜଲ ଜେନା(୨୩ରନ)ଓ ଅଞ୍ଜଳି ସିଂ (୧୬ରନ) ପ୍ରଥମ ଉଇକେଟରେ ୪୦ରନ ସଂଗ୍ରହ କରିଥିଲେ। ଉଭୟଙ୍କ ଉଇକେଟ ପତନ ପରେ ଶୁଭ୍ର ନିର୍ଝରିଣୀ ସ୍ୱାଇଁ ୪୬ବଲରୁ ୪୦ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ସଙ୍ଗୀତା ଖାଡ଼ିଆ ୧୨ରନ କରିଥିବା ବେଳେ ଅନ୍ୟ କେହି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ଛତିଶଗଡ଼ ପକ୍ଷରୁ ଦେବୀକା ବୈଦ୍ୟ ସର୍ବାଧିକ ୩ଟି ଉଇକେଟ ହାସଲ କରିଥିଲେ। ୧୨୪ରନର ବିଜୟଲକ୍ଷ୍ୟ ପିଛା କରିଥିବା ଛତିଶଗଡ଼ ଧୀମା ବ୍ୟାଟିଂ କରିବା ଫଳରେ ୧୯ରନ ପଛରେ ପଡ଼ିଥିଲା। ଦଳ ୭ ଉଇକେଟ ହରାଇ ୧୦୪ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ମନପ୍ରୀତ ସିଂ ୩୨ରନ ଓ ୟଶୀ ପାଣ୍ଡେ ୨୬ରନ କରିଥିବା ବେଳେ ଅନ୍ୟ କୌଣସି ବ୍ୟାଟ୍ସଓମ୍ୟାନ ଆଖି ଦୃଶିଆ ପ୍ରଦର୍ଶନ କରି ପାରି ନ ଥିଲେ। ଓଡ଼ିଶାର ଲୁଇସା ଦାସଙ୍କୁ ୨ଟି ଉଇକେଟ ମିଳିଥିବା ବେଳେ ତରଣା ପ୍ରଧାନ, ନିବେଦିତା ନାୟକ, ଅଞ୍ଜଳି ସିଂ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ ।

## ଓଡ଼ିଶା ଟେବୁଲ ଟେନିସ ଦଳ ଘୋଷିତ



ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଟେବୁଲ ଟେନିସ ଦଳ।

**କଟକ ଅଫିସ,୧୩।୧୧**

ହିମାଚଳପ୍ରଦେଶର ଧର୍ମଶାଳାଠାରେ ନଭେମ୍ବର ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ୮୧ତମ କ୍ୟାଡେଟ୍, ସବ୍‌ଜୁନିୟର ଜାତୀୟ, ଆନ୍ତଃ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥି ପାଇଁ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ପକ୍ଷରୁ ବୁଧବାର ଦଳ ଘୋଷଣା କରାଯାଇଛି। ଜିତୁ ପଣ୍ଡା ଦଳର କୋଚ୍ ଅଛନ୍ତି। ସମ୍ବିତ ଦାସ ମ୍ୟାନେଜର ଭାବେ ଦଳରେ ସାମିଲ ହୋଇଥିବା ବେଳେ ହସରତୁନ ନିସା ପ୍ରତିଯୋଗିତାରେ ଅମ୍ପାୟର ଦାୟିତ୍ୱ ତୁଲାଇବେ। ଓଡ଼ିଶା ଦଳ ବୁଧବାର ଧର୍ମଶାଳା ଯାତ୍ରା କରିଛି ।

### ଓଡ଼ିଶା ଦଳ

କ୍ୟାଡେଟ ବାଳକ: ଆନିନ୍ଦ୍ୟ ଅନୁପମ ଦାସ, ଅର୍ଚ୍ଛିତ କୁମାର ବେହେରା, ଜିଜ୍ଞାସୁ ସାହୁ, ଶ୍ରେୟାନ ଧାର, ଅଭିସ୍ମାର ଚୌଧୁରୀ, ଅଙ୍କିତ କିଣ୍ଡୋ। କ୍ୟାଡେଟ ବାଳିକା: ସାଧିକା ସୋଦାଭରମ, ଉର୍ଜା ବର୍ମା, ସାକ୍ଷୀ ଭଗତ, ଭୂମିକା ବଳ। ସବ୍‌ଜୁନିୟର ବାଳକ: ଅଙ୍କୁର ବିଶ୍ୱାଳ, ନକୁଲ ଜାମୁଲା, ଆନିନ୍ଦ୍ୟ ଅନୁପମ ଦାସ, ଏ.ସନ୍ତୋଷ ପ୍ରୀତମ, ଅର୍ଚ୍ଛିତ କୁମାର ବେହେରା। ସବ୍‌ଜୁନିୟର ବାଳିକା: ଶ୍ୱେତପଦ୍ମା ଦଳାଇ, ସୁଶ୍ରୀ ପଟ୍ଟନାୟକ, ବୈଶାଖୀ ବଳ, ସୋହାଲିକା ସୋଦାଭରମ, ଏମ.ବି ବର୍ଷା ପଣ୍ଡା।

## ଓଡ଼ିଶାରୁ ଭାଗନେବେ ୩ ପ୍ରତିଯୋଗୀ



### ହୁଇଲ ଚେୟାର ଫେନ୍‌ସିଂ ବିଶ୍ୱକପ

**ଭୁବନେଶ୍ୱର, ୧୩।୧୧ (କ୍ରୀଡ଼ା ପ୍ରତିନିଧି):** ନେଦରଲାଣ୍ଡର ଆମଷ୍ଟରଡାମଠାରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି ହୁଇଲ ଚେୟାର ଫେନ୍‌ସିଂ ବିଶ୍ୱକପ। ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ୩ ଖେଳାଳି ଭାଗନେବେ। ସେମାନେ ହେଲେ ରମେଶ ରାଓ, ରାଖାଲ କୁମାର ସେଠୀ ଓ ଦେବାମୃତ ସାହୁ। ଓଡ଼ିଶାର ଦୁଇ ଅଭିଜ୍ଞ ଖେଳାଳି ରମେଶ ଓ ରାଖାଲ ପାରାଅଲିମ୍ପିକ୍ ଦୌଡ଼ରେ ଅଛନ୍ତି। ରମେଶ ଜାତୀୟ ସ୍ତରରେ ୧୭ ଓ ଅନ୍ତର୍ଜାତୀୟ ସ୍ତରରେ ୧୧ ପଦକ ଜିତିଛନ୍ତି। ସେହିପରି ରାଖାଲ ୧୫ଟି ଜାତୀୟ ଓ ୧୦ ଅନ୍ତର୍ଜାତୀୟ ପଦକ ଜିତିବାର ଅଭିଜ୍ଞତା ରଖିଛନ୍ତି। ଦେବାମୃତ ପ୍ରଥମଥରପାଇଁ ଅନ୍ତର୍ଜାତୀୟ ପଦାର୍ପଣ କରିବାକୁ ଯାଉଛନ୍ତି।

# ପ୍ରଥମ ଟେଷ୍ଟ ଆଜିଠାରୁ: ଭାରତ ଫେଭରାଇଟ

ଇନ୍ଦୋର,୧୩।୧୧(ପି.ଟି.)

ଭାରତ ଓ ଭ୍ରମଣକାରୀ ବାଂଲାଦେଶ ମଧ୍ୟରେ ଗୁରୁବାରଠାରୁ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ସ୍ଥାନୀୟ ହୋଲ୍‌କାର କ୍ରିକେଟ ଷ୍ଟାଡିୟମରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଆୟୋଜନ ହେବ। ଟି୨୦ ସିରିଜ୍‌ରେ ୨-୧ ବ୍ୟବଧାନରେ ବିଜୟୀ ହୋଇଥିବା ଭାରତ ଟେଷ୍ଟ ସିରିଜରେ ମଧ୍ୟ ଫେଭରାଇଟ ବିବେଚିତ ହେଉଛି। ତେବେ କୋଲକାତାର ଇଡେନ ଗାର୍ଡେନଠାରେ ଖେଳାଯିବାକୁ ଥିବା ଦିବାରାତ୍ର ଟେଷ୍ଟ ଉପରେ ସମସ୍ତଙ୍କ ନଜର ରହିଛି। ଫ୍ଲଡ୍ ଲାଇଟ୍ ତଳେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ ନେଇ ସମସ୍ତଙ୍କ ଉତ୍କଣ୍ଠା ରହିଛି। ଭାରତ ପ୍ରଥମଥର ପାଇଁ ଦିବାରାତ୍ର ଟେଷ୍ଟ ଖେଳିବାକୁ ଯାଉଛି ଓ ଏଥିରେ ବାଂଲାଦେଶକୁ ଭେଟିବାକୁ ଥିବାରୁ ଉଭୟ ଦେଶର କ୍ରିକେଟ ପ୍ରଶଂସକ ଏହି ନେଇ ବେଶ୍ ଉତ୍ସାହିତ ରହିଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶ ବିଶେଷ ହୋଇଥିବାରୁ ଏହି ସିରିଜର ଗୁରୁତ୍ୱ ବଢିଯାଇଛି। ବିଶ୍ୱ ର୍‍ୟାଙ୍କିଂର ଶୀର୍ଷସ୍ଥାନରେ ଥିବା କୋହଲିଙ୍କ ନେତୃତ୍ୱରେ ଭାରତ ଏବେ ଜବରଦସ୍ତ ଫର୍ମରେ ରହିଛି।

ତାମିମ ଇକ୍‌ବାଲ ଓ ବାସନ୍ଦ ହୋଇଥିବା ତାରକା ଅଲରାଉଣ୍ଡର ଶକିବ ଅଲ ହାସନଙ୍କ ଅନୁପସ୍ଥିତିରେ ବାଂଲାଦେଶର ପ୍ରଦର୍ଶନ ନିଶ୍ଚିତ ଭାବେ ପ୍ରଭାବିତ ହେବ। ସୀମିତ ଓଭର କ୍ରିକେଟ ଅପେକ୍ଷା ବାଂଲାଦେଶ ଟେଷ୍ଟରେ ଅପେକ୍ଷାକୃତ ଦୁର୍ବଳ ମନେ ହେଉଛି। ଗତ ସିରିଜରେ ଭାରତ ୩-୦ରେ ଦକ୍ଷିଣ ଆଫ୍ରିକାକୁ ହରାଇ କ୍ଲିନ୍ ସୁଇପ୍ କରିଥିଲା। ଭାରତୀୟ ଦଳର ଦ୍ରୁତ ବୋଲିଂ ବିଭାଗ ଇତିହାସର ଶ୍ରେଷ୍ଠ ବୋଲି ବିବେଚିତ ହେଉଛି। ଫଳରେ ବାଂଲାଦେଶକୁ ନିୟନ୍ତ୍ରଣରେ ରଖିବାକୁ ଭାରତ ସକ୍ଷମ ହୋଇପାରିବ ବୋଲି କୁହାଯାଇପାରେ। ବାଂଲାଦେଶ ଅଧିନାୟକ ମୋମିନୁଲ ହକ୍ ମାତ୍ର ୮ଟି ଟେଷ୍ଟ ଶତକ ହାସଲ କରିଛନ୍ତି। ଯଦିଓ ମୁସ୍‌ଫିକର ରହିମ ଓ ମହମୁଦୁଲ୍ଲା ରିୟାଦ ଉତ୍ସର୍ଗୀକୃତ କ୍ରିକେଟର ଭାବେ ଜଣାଶୁଣା ଥିଲେ ମଧ୍ୟ ବାଂଲାଦେଶର ବ୍ୟାଟିଂ ସେତେଟା ଦୃଢ ମନେ ହେଉନାହିଁ।

ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତୀୟ ଅଧିନାୟକ କୋହଲି ୨୬, ଅଜିଙ୍କ୍ୟ ରାହାନେ ୧୧, ଚେତେଶ୍ୱର ପୂଜାରା ୧୮ଟି ଶତକ ହାସଲ କରିଛନ୍ତି। ମିଳିତ ଭାବେ ଏମାନେ ୫୦ରୁ ଊର୍ଦ୍ଧ୍ୱ ଶତକ ଅର୍ଜନ କରିଛନ୍ତି। ଫଳରେ ମୁସ୍ତାଫିଜୁର ରହମାନ, ତାଇଜୁଲ ଇସ୍‌ଲାମ ଓ ମେହିଦି ହାସନ ମିରାଜଙ୍କୁ ନେଇ ଗଠିତ ବାଂଲାଦେଶ ବୋଲିଂ ବିଭାଗ ପରୀକ୍ଷାର ସମ୍ମୁଖୀନ ହେବ। କୋହଲି, ରାହାନେ ଓ ପୂଜାରାଙ୍କୁ ପୂର୍ବରୁ ବାଂଲାଦେଶ ବୋଲରଙ୍କୁ ଦୁଇ ଓପନର ମୟଙ୍କ ଅଗ୍ରୱାଲ ଓ ବିସ୍ଫୋରକ ରୋହିତ ଶର୍ମାଙ୍କୁ ସାମ୍ନା କରିବାକୁ ହେବ। ଏହା ବ୍ୟତୀତ ଭାରତୀୟ ବୋଲିଂ ୟୁନିଟ୍ ୮୦୦ରୁ ଊର୍ଦ୍ଧ୍ୱ ଉଇକେଟ ହାସଲ କରିସାରିଛି।

ଶକିବଙ୍କ ନେତୃତ୍ୱରେ ଶକିବ ଗତ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଆଫଗାନିସ୍ତାନ ଭଳି ଦୁର୍ବଳ ଦଳଠାରୁ ପରାସ୍ତ ହୋଇଥିଲା। ଫେଭରାଇଟ ବିବେଚିତ ହୋଇଥିଲେ ମଧ୍ୟ ଭାରତ ଏହି ମ୍ୟାଚ୍‌କୁ ଆଦୌ ହାଲ୍‌କା ଭାବେ ନେବ ନାହିଁ। ବାଂଲାଦେଶ ଏକ ଭଲ ଦଳ। କିଛି ଦିନ ତଳେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆମେ ଭଲ ପ୍ରଦର୍ଶନ କରିଥିଲୁ। ଏହା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶ ବିଶେଷ ହୋଇଥିବାରୁ ସବୁ ମ୍ୟାଚ୍ ସମାନ ଗୁରୁତ୍ୱପୂର୍ଣ୍ଣ ବୋଲି ରାହାନେ କହିଛନ୍ତି। ଆମେ ଗୋଟିଏ ସମୟରେ ଗୋଟିଏ ମ୍ୟାଚ୍‌କୁ ଗୁରୁତ୍ୱ ଦେଇଥାଉ। ବାଂଲାଦେଶ ଦଳ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିଛି। ତେଣୁ ଭ୍ରମଣକାରୀ ଦଳ ବିଷୟରେ ଅଧିକ ଚିନ୍ତା ନ କରି ଖେଳ ଉପରେ ଆମେ ଗୁରୁତ୍ୱ ଦେବୁ।

ହୋଲକାରର ଏହି ପିଚ୍ ସବୁବେଳେ ବ୍ୟାଟ୍ସମ୍ୟାନଙ୍କୁ ସୁହାଇଥାଏ। ବ୍ୟାଟ୍ସମ୍ୟାନଙ୍କ ସ୍ୱର୍ଗ ରୂପେ ଜଣାଥିବା ଏହି ଉଇକେଟରେ ବୋଲରମାନେ ପରୀକ୍ଷାର ସମ୍ମୁଖୀନ ହେବେ। ତେବେ ଏଥିରେ ବଲ୍ ଭଲ ବାଉନ୍ସ ହେବ। ମହମ୍ମଦ ସାମି ଓ ଉମେଶ ଯାଦବ ଖେଳିବା ନିଶ୍ଚିତ। ସ୍ପିନର ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ଖେଳିବା ଆଶା କରାଯାଉଛି। ତେବେ ଜଣେ ଅତିରିକ୍ତ ସ୍ପିନର ବଦଳରେ ଇଶାନ୍ତ ଶର୍ମା ତୃତୀୟ ବୋଲରଭାବେ ଦଳରେ ସାମିଲ ହେବେ ବୋଲି କୋହଲି ପ୍ରାକ୍ ସୂଚନା ଦେଇଛନ୍ତି। ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ଏପର୍ଯ୍ୟନ୍ତ ଫିଟ୍ ହୋଇପାରି ନାହାନ୍ତି। ଗତ ଦୁଇ ବର୍ଷ ହେବ ଇଶାନ୍ତ ସର୍ବାଧିକ ସ୍ଥିର ପ୍ରଦର୍ଶନ କରିଛନ୍ତି ବୋଲି କୋହଲି କହିଛନ୍ତି। ତେଣୁ ସେ ଏହି ଟେଷ୍ଟରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ ବୋଲି କୋହଲି ଆଶାପ୍ରକାଶ କରିଛନ୍ତି। ଅପରପକ୍ଷରେ ଯୁବ ଖେଳାଳିଙ୍କୁ ନେଇ ଗଠିତ ବାଂଲାଦେଶ କଡ଼ା ପରୀକ୍ଷାର ସମ୍ମୁଖୀନ ହେବ। ଯଦି ପଞ୍ଚମ ଦିବସ ପର୍ଯ୍ୟନ୍ତ ଖେଳ ଚାଲେ ତାହାଲେ ନିଶ୍ଚିତ ଭାବେ ବଡ଼ କଥା ହେବ।



ଅଭ୍ୟାସ ଅବସରରେ ବିରାଟ କୋହଲି।

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ମୟଙ୍କ ଅଗ୍ରୱାଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ରବୀନ୍ଦ୍ର ଜାଡେଜା, ଋଦ୍ଧିମାନ ଶାହ (ଉଇକେଟକିପର), ରବିଚନ୍ଦ୍ରନ ଅଶ୍ୱିନ, ମହମ୍ମଦ ସାମି, ଉମେଶ ଯାଦବ, ଇଶାନ୍ତ ଶର୍ମା, କୁଲଦୀପ ଯାଦବ। ରିଜର୍ଭ ଖେଳାଳି: ଶୁବମନ ଗିଲ୍, ହନୁମା ବିହାରୀ, ଋଷଭ ପନ୍ତ।
- **ବାଂଲାଦେଶ ଦଳ:** ମୋମିନୁଲ ହକ୍ (ଅଧିନାୟକ), ଇମରୁଲ କାଏସ, ମୁସ୍‌ଫିକର ରହିମ (ଉଇକେଟ କିପର), ମହମୁଦୁଲ୍ଲା ରିୟାଦ, ମହମ୍ମଦ ମିଥୁନ, ଲିଟନ କୁମାର ଦାସ, ମେହିଦି ହାସନ ମିରାଜ, ମୁସ୍ତାଫିଜୁର ରହମାନ, ତାଇଜୁଲ ଇସ୍‌ଲାମ, ଆବୁ ଜାଏଦ, ଇବାଦତ ହୋସେନ ଓ ଅଲ ଆମିନ ହୋସେନ।

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

**ମ୍ୟାଚ୍ ଆରମ୍ଭ: ୯.୩୦ | ସ୍ଥାନ: ଇନ୍ଦୋର**

**ଷଷ୍ଠ ଜନ୍ମଦିନ ଶୁଭେଚ୍ଛା**

ଅନୁଭା ସାହୁ
ସାହାପୁର, ଗେଡ଼ମା, କେନ୍ଦୁଝର
ଆଜି ତୋର ଷଷ୍ଠ ଜନ୍ମଦିନରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରୁଛୁ, ସେ ତୋତେ ଦୀର୍ଘାୟୁ, ସୁସ୍ଥ ଓ ଯଶସ୍ୱୀ କରିବା ସହିତ ତୋର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ କରନ୍ତୁ।
ଶୁଭେଚ୍ଛା ସହ
ବାପା, ମା', ଜେଜେବାପା, ଜେଜେମା', ଅଜା, ଆଈ, ମାମୁ, ମାଈଁ, ଉଜ୍ଜ୍ୱଳ, ହର୍ଷିତା, ଅଭିଜିତ୍, ଉମାକାନ୍ତ, ବାପି, ଦେବସ୍ମିତା ଓ ସମସ୍ତ ପରିବାରବର୍ଗ।
ଧ-୧୪୭୮୩

**ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା**

ସତ୍ୟନାରାୟଣ ସାହୁ (ଗୁଗୁଲ)
ଗେଟବଜାର, ସାକ୍ଷୀଗୋପାଳ
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋ ଚଲାପଥ କୁସୁମିତ କରନ୍ତୁ। ଯଶସ୍ୱୀ ଭବଃ।
ଶୁଭେଚ୍ଛା ସହ
ଅଜା ଆଈ, ବାବା ମାମା, ଦାଦା ଖୁଡୀ, ମାମୁ ମାଈଁ, ରାଜା, ବାବୁ, କୁନୁ, ମୁନୁ, କ୍ରିଷ୍ଣା, ସାଇ, ବନ୍ଧୁ ଓ ପରିବାରବର୍ଗ
ଧ-୬୬୬୦୮

**ଜନ୍ମଦିନ ଶୁଭେଚ୍ଛା**

ରୁବି ଦାସ (ରିଙ୍କି)
ଚନ୍ଦ୍ରମାପାଟପୁର, ଗୋଳବାଇ, ଜଙ୍କିଆ, ଖୋର୍ଦ୍ଧା
ଆଜି ତୋର ଜନ୍ମଦିନରେ ମା' ଭଗବତୀ ତୋର ଚଲାପଥକୁ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ବାପା, ମା', ମଉସା, ମାଉସୀ, ମାମୁ, ମାଈଁ, ଭାଇ ଓ ଭଉଣୀ ତଥା ବନ୍ଧୁ ପରିବାରବର୍ଗ।
ଧ-୧୫୧୮୨

**ଜନ୍ମଦିନ ଶୁଭେଚ୍ଛା**

ଆଜି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡାର ପ୍ରିୟାଂଶ ଶେଖର ବେହେରା (ଓମ୍)ର ୩ୟ ଜନ୍ମ ବାର୍ଷିକ ଉତ୍ସବରେ ମାତା ଶୁଭସ୍ମିତା ବେହେରା, ଆଈ ବିଜୟଲକ୍ଷ୍ମୀ ବେହେରା, ଅଜା ବୃନ୍ଦାବନ ବେହେରା, ମାଉସୀ ମନସ୍ମିତା, ଭାଇ ଶ୍ରେୟାଂଶଙ୍କ ସମେତ ବାପା, ମାମୁ-ଦେବବ୍ରତ ଓ ଶିବବ୍ରତ, ଜେଜେମା', ମା' ଶୁଭ ଆଶୀର୍ବାଦ କାମନା କରୁଛନ୍ତି।
ଧ-୧୫୨୦୭

## ଭାରତୀୟ ଖୋ ଖୋ ଶିବିରରେ ଓଡ଼ିଶାର ସତ୍ୟଜିତ, ସସ୍ମିତା



ଭୁବନେଶ୍ୱର, ୧୩।୧୧(କ୍ରୀଡ଼ା ପ୍ରତିନିଧି)

**ସାଉଥ୍ ଏସିଆନ ଗେମ୍ସ**

ନେପାଳର କାଠମାଣ୍ଡୁଠାରେ ଆସନ୍ତା ଡିସେମ୍ବର ୧ରୁ ୧୦ ପର୍ଯ୍ୟନ୍ତ ୧୩ତମ ସାଉଥ୍ ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଭାରତୀୟ ଖୋ ଖୋ ଦଳର ପ୍ରଶିକ୍ଷଣ ଶିବିର ଗତ ୧୨ ତାରିଖରୁ ଆରମ୍ଭ ହୋଇଛି। ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ଶିବିର ପାଇଁ ଓଡ଼ିଶାର ସସ୍ମିତା ନାଥଶର୍ମା ଓ ସତ୍ୟଜିତ ସିଂ ମନୋନୀତ ହୋଇଛନ୍ତି। ଉଭୟ ଖେଳାଳି ମଙ୍ଗଳବାର ଦିଲ୍ଲୀ ଯାତ୍ରା କରିବା ଅବସରରେ ଓଡ଼ିଶା ଖୋ ଖୋ ସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ବିଜୁପଟ୍ଟନାୟକ ବିମାନବନ୍ଦରରେ ଉପସ୍ଥିତ ରହି ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସଂକ୍ଷେପରେ

### ପୁରାନ ବାସନ୍ଦ



**ଦୁବାଇ,୧୩।୧୧:** ୱେଷ୍ଟଇଣ୍ଡିଜ୍ ବ୍ୟାଟ୍ସମ୍ୟାନ ନିକୋଲାସ ପୁରାନଙ୍କୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୪ ମ୍ୟାଚ୍‌ରୁ ବାସନ୍ଦ କରିଛି। ଲକ୍ଷ୍ନୌଠାରେ ଆଫଗାନିସ୍ତାନ ବିପକ୍ଷରେ ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ବଲ୍ ସ୍ଥିତିକୁ ପରିବର୍ତ୍ତନ କରିଥିବାରୁ ପୁରାନଙ୍କୁ ଏଭଳି ଦଣ୍ଡାଦେଶ ଦିଆଯାଇଛି। ୨୪ ବର୍ଷୀୟ କ୍ରିକେଟର ମ୍ୟାଚ୍ ବେଳେ ବଲକୁ ବୁଢ଼ା ଆଙ୍ଗୁଠି ନଖରେ ଆମ୍ପୁଡ଼ି ଥିବା ଭିଡିଓରୁ ଜଣାପଡ଼ିଛି। ବାସନ୍ଦାଦେଶ ଯୋଗୁ ସେ ଭାରତରେ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଖେଳିପାରିବେ ନାହିଁ। ଦଳୀୟ ସାଥୀ ଖେଳାଳି, ସମର୍ଥକ ଓ ଆଫଗାନିସ୍ତାନ ଦଳକୁ ମୋ କାର୍ଯ୍ୟ ପାଇଁ କ୍ଷମା ପ୍ରାର୍ଥନା କରୁଛି। ମୁଁ ନିଜ ଭୁଲ ବୁଝିପାରିଛି ଓ ଆଇସିସି ଦଣ୍ଡାଦେଶକୁ ଗ୍ରହଣ କରୁଛି। ଏଭଳି ଭୁଲ ଆଉ କଦାପି ହେବ ନାହିଁ। ଏଥିନେଇ ମୁଁ ପଶ୍ଚାତ୍ତାପ କରୁଛି। ମୁଁ ଦଳକୁ ଭଲ କ୍ରିକେଟର ହୋଇ ଫେରିବି ବୋଲି ପୁରାନ କହିଛନ୍ତି।

### ଭାରତକୁ ୬ ପଦକ ମିଳିବା ନିଶ୍ଚିତ

**ଉଲାନବାତାର,୧୩।୧୧(ପି.ଟି.):** ମଙ୍ଗୋଲିଆର ଉଲାନବାତାରଠାରେ ଚାଲିଥିବା ଏସିଆନ ଯୁଥ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତୀୟ ପ୍ରତିଯୋଗୀମାନେ ବୁଧବାର ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଏଥିରେ ୬ ଭାରତୀୟ ବକ୍ସର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ଭାରତକୁ ଅତିକମ୍‌ରେ ୬ଟି ପଦକ ମିଳିବା ନିଶ୍ଚିତ ହୋଇଛି। ୪୯ କେ.ଜି. ବର୍ଗରେ ସୋଏ ସିଲେ, +୯୧ କେ.ଜି. ବର୍ଗରେ ଅମନ, ୬୦ କେ.ଜି.ରେ ଅଙ୍କିତ ନରୱାଲ, ୫୧ କେ.ଜି. ବର୍ଗରେ ନାଓରେମ ଚାନୁ, ୫୭ କେ.ଜି. ବର୍ଗରେ ଜାସମିନ୍ ଓ ୬୪ କେ.ଜି. ବର୍ଗରେ ଭିନ୍‌କା ସେମିଫାଇନାଲରେ ପ୍ରବେଶ କରିଛନ୍ତି।

## 'ଟାଇମ୍'୧୦୦ ପ୍ରଭାବଶାଳୀ ତାଲିକାରେ ଦୂତୀ

ଭୁବନେଶ୍ୱର, ୧୩।୧୧(କ୍ରୀଡ଼ା ପ୍ରତିନିଧି)



ଟାଇମ୍ ମାଗାଜିନର ୧୦୦ ପ୍ରଭାବଶାଳୀ ବ୍ୟକ୍ତି ତାଲିକାରେ ସ୍ଥାନ ପାଇଛନ୍ତି ଭାରତର ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ। ବିଜ୍‌ନେଶ, ମନୋରଞ୍ଜନ, ସ୍ପୋର୍ଟ୍ସ, ରାଜନୀତି, ସ୍ୱାସ୍ଥ୍ୟ ଓ ବିଜ୍ଞାନ କ୍ଷେତ୍ରରେ ସକ୍ରିୟଥିବା ବ୍ୟକ୍ତି ବିଶେଷଙ୍କୁ ନେଇ ଏହି ତାଲିକା ପ୍ରସ୍ତୁତ କରାଯାଇଛି। ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେଉଥିବା ଦୂତୀ ୧୦୦ ମିଟର ଦୌଡ଼କୁ ୧୧.୨୨ ସେକେଣ୍ଡରେ ଅତିକ୍ରମ କରି ଜାତୀୟ ରେକର୍ଡର ଅଧିକାରୀ ଅଛନ୍ତି। ଭାରତର ପ୍ରଥମ ମହିଳା ସ୍ପ୍ରିଣ୍ଟରଭାବେ ସେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ହାଇପରଆଣ୍ଡ୍ରୋଜେନିଜମ୍ ନିୟମ ବିରୋଧରେ ଲଢ଼େଇ କରି ସେ ବିଜୟୀ ହୋଇଥିଲେ। ଏହା ବ୍ୟତୀତ ଭାରତର ପ୍ରଥମ ମହିଳା ଆଥଲେଟ୍‌ଭାବେ ସେ ସମଲିଙ୍ଗୀ ସମ୍ପର୍କରେଥିବା ପ୍ରକାଶ କରି ଚର୍ଚ୍ଚାର ପରିସରକୁ ଆସିଥିଲେ। ନିକଟରେ ଭୋଗ୍ ଇଣ୍ଡିଆ ମାଗାଜିନ ପକ୍ଷରୁ ତାଙ୍କୁ 'ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର' ପୁରସ୍କାର ପ୍ରଦାନ କରାଯାଇଥିଲା। ଟାଇମ୍ ମାଗାଜିନର ୧୦୦ ପ୍ରଭାବଶାଳୀ ବ୍ୟକ୍ତି ତାଲିକାରେ ସ୍ଥାନ ପାଇଥିବାରୁ ଦୂତୀ ଟୁଇଟ୍ କରି ଖୁସି ଜାହିର କରିଛନ୍ତି। ଲୋକଙ୍କ ଅଧିକାର, ସମାନତା ଓ ସ୍ୱାଭିମାନ ପାଇଁ ମୋର ଲଢ଼େଇ ଜାରି ରହିବ ବୋଲି ଦୂତୀ ପ୍ରକାଶ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୂତୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ମହିଳା ଟି୨୦ ଫାଇନାଲରେ ପ୍ରଦର୍ଶନ କରିବେ ପେରି

**ସିଡନୀ,୧୩।୧୧(ଏଏଫ୍‌ପି):** ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ହେବାକୁ ଥିବା ମହିଳା ଟି୨୦ ବିଶ୍ୱକପ୍ ଫାଇନାଲରେ ଆମେରିକାର ପପ୍ ଷ୍ଟାର କେଟି ପେରି ପରଫର୍ମ କରିବେ। ଏ ନେଇ ସେ ନିଜେ ବୁଧବାର ଘୋଷଣା କରିଛନ୍ତି। ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିବା ପୋଷ୍ଟରେ ଲେଖିଛନ୍ତି, ଚାଲ କିଛି ରେକର୍ଡ ଭାଙ୍ଗିବା। ୨୦୨୦ ମାର୍ଚ୍ଚ ୮ ତାରିଖରେ ମେଲବୋର୍ନଠାରେ ଖେଳାଯିବାକୁ ଥିବା ମହିଳା ଟି୨୦ ଫାଇନାଲରେ ମୋ ସହ ଯୋଗ ଦିଅ। ଅନ୍ତର୍ଜାତୀୟ ମହିଳା ଦିବସରେ ମହିଳାଙ୍କୁ ସମର୍ଥନ ଓ ଉତ୍ସାହିତ କରିବା ଉଚିତ। ଏ ସମ୍ପର୍କରେ ଆଇସିସି ପକ୍ଷରୁ କୁହାଯାଇଛି, ଫାଇନାଲ ମ୍ୟାଚ୍ ପୂର୍ବରୁ ଓ ପରେ ଉଭୟ ଥର ପେରି ପରଫର୍ମ କରିବେ। ଏହାଦ୍ୱାରା ମହିଳା ମ୍ୟାଚ୍ ଦେଖିବା ପାଇଁ ରେକର୍ଡ ସଂଖ୍ୟକ ଦର୍ଶକ ଯୋଗ ଦେଇପାରନ୍ତି। କାଲିଫର୍ନିଆଠାରେ ଅନୁଷ୍ଠିତ ୧୯୯୯ ମହିଳା ଫିଫା ବିଶ୍ୱକପ୍ ବେଳେ ୯୦,୧୮୫ ଦର୍ଶକ ଉପସ୍ଥିତ ଥିଲେ, ଏହା ମହିଳାଙ୍କ କୌଣସି କ୍ରୀଡ଼ାଭିତ୍ତିକ ମ୍ୟାଚ୍‌ରେ ଯୋଗ ଦେଇଥିବା ସର୍ବାଧିକ ସଂଖ୍ୟକ ଦର୍ଶକ।

## ପଞ୍ଜାବରେ କବାଡ଼ି ବିଶ୍ୱକପ୍

**ଚଣ୍ଡିଗଡ଼, ୧୩।୧୧ (ପି.ଟି.):** ୨୦୧୯ କବାଡ଼ି ବିଶ୍ୱକପ୍ ପଞ୍ଜାବରେ ଅନୁଷ୍ଠିତ ହେବ। ଡିସେମ୍ବର ୧ରୁ ୯ ତାରିଖ ପର୍ଯ୍ୟନ୍ତ ଏହା ଆୟୋଜିତ ହେବ। ସେହିଭଳି ଶିଖ୍ ଗୁରୁ 'ଗୁରୁ ନାନକ ଦେବ ଜୀ'ଙ୍କ ୫୫୦ତମ ଜନ୍ମବାର୍ଷିକ ଏହି ବର୍ଷ ପାଳନ କରାଯାଉଥିବାରୁ ବିଶ୍ୱକପ୍‌କୁ ତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ ବୋଲି ପଞ୍ଜାବ କ୍ରୀଡ଼ାମନ୍ତ୍ରୀ ରାଣା ଗୁର୍‌ମିତ୍ ସିଂ ସୋଧି ବୁଧବାର କହିଛନ୍ତି। ଏହି ବିଶ୍ୱକପ୍‌ରେ ଆୟୋଜକ ଭାରତ ସମେତ ଆମେରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଶ୍ରୀଲଙ୍କା, କେନିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ କାନାଡା ଅଂଶଗ୍ରହଣ କରିବେ। 'କେବଳ ପାକିସ୍ତାନ ଓ କାନାଡାକୁ ଛାଡ଼ି ବାକି ସମସ୍ତ ଦେଶକୁ ଭାରତ ସରକାରଙ୍କ ପକ୍ଷରୁ ଭିଜା ପ୍ରଦାନ କରାଯାଇସାରିଛି। ଏହି ଦୁଇଟି ଦେଶକୁ ଅପେକ୍ଷା କରିବାକୁ ପଡ଼ିବ' ବୋଲି ସୋଧି ଏହି ଅବସରରେ ପ୍ରକାଶ କରିଛନ୍ତି। ଡିସେମ୍ବର ୧ରେ ସୁଲତାନପୁର ଲୋଧିସ୍ଥିତ ଗୁରୁ ନାନକ ଷ୍ଟାଡିୟମରେ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ସେହିଦିନ ୪ଟି ମ୍ୟାଚ୍ ମଧ୍ୟ ସେଠାରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

# ଗଗନ ନାରଙ୍ଗ ଶୁଟିଂ ସେଣ୍ଟର ଆରମ୍ଭ

ଭୁବନେଶ୍ୱର,୧୩।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ବିର୍ଲା ଗଗନ ନାରଙ୍ଗ ହାଇ ପରଫର୍ମାନ୍ସ ସେଣ୍ଟର ଇନ୍ ଶୁଟିଂ ବୁଧବାର କାର୍ଯ୍ୟ କରିବା ଆରମ୍ଭ କରିଛି। ଗଗନ ନାରଙ୍ଗ ସ୍ପୋର୍ଟ୍ସ ପ୍ରମୋଶନ ଫାଉଣ୍ଡେଶନ ଓ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ମିଳିତ ସହଭାଗିତାରେ ସ୍ଥାପନ ହୋଇଥିବା ଏହି ଶୁଟିଂ ସେଣ୍ଟର 'ଓଡ଼ିଶା ଟାଲେଣ୍ଟ ଆଡପଶନ ପ୍ରୋଗ୍ରାମ(ଓଟିଏପି)' ବ୍ୟାନର ତଳେ ଆରମ୍ଭ ହୋଇଛି। ରାଜ୍ୟରେ ଶୁଟିଂର ପ୍ରଚାର, ପ୍ରସାର ଓ ବିକାଶ ପାଇଁ ଏହା କାର୍ଯ୍ୟ କରିବ। ଏହି ସେଣ୍ଟର ଦୁଇଟି ଅଭିମୁଖ୍ୟ ନେଇ କାର୍ଯ୍ୟ କରିବ।

ପ୍ରଥମଟି ହେଲା ଓଡ଼ିଶାର ଜାତୀୟସ୍ତରର ଆଥଲେଟ୍ ତଥା ରାଇଫଲ ଓ ଶୁଟରଙ୍କ ପାଇଁ ହାଇ ପରଫର୍ମାନ୍ସ ଟ୍ରେନିଂ କ୍ୟାମ୍ପ ଆୟୋଜନ କରିବା। ଏହା ଓଡ଼ିଶା ରାଇଫଲ ଆସୋସିଏଶନ (ଓଆଇଏ) ଏଥିରେ ସହଯୋଗ କରିବ। ଏହି ଜାତୀୟ ପ୍ରସ୍ତୁତି ଶିବିରରେ ଜାତୀୟ ଆଥଲେଟ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେବ। ଭୋପାଳରେ ଆସନ୍ତା ଡିସେମ୍ବର ୭ରୁ ଜାନୁୟାରୀ ୩ ତାରିଖରେ ଆୟୋଜନ ହେବାକୁ ଥିବା ଜାତୀୟ ଶୁଟିଂ ଟୁର୍ନାମେଣ୍ଟକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତୁତି ଶିବିର ଆୟୋଜନ ହେବ।

ଦ୍ୱିତୀୟଟି ହେଲା, ପ୍ରତିଭା ଚିହ୍ନଟ ପ୍ରକ୍ରିୟା। ଏହା ଏବେ ଭୁବନେଶ୍ୱରର ବିଭିନ୍ନ ସ୍କୁଲରେ ଚାଲୁ ରହିଛି। ୧୧ରୁ ୧୪ ବର୍ଷ ବୟସ ବର୍ଗରେ ମାନସିକ ଓ ଶାରୀରିକ ପରୀକ୍ଷା କରାଯାଇ ସ୍ୱାଭାବିକ ଭାବେ ପ୍ରତିଭାଶାଳୀ ସ୍କୁଲ ଛାତ୍ରମାନଙ୍କୁ ଚିହ୍ନଟ କରାଯାଉଛି। ଏହି ପରୀକ୍ଷାରେ ବିଏମ୍‌ଆଇ, ୩ଡି କୋର୍ଡିନେଶନ, ମଶଲ ଷ୍ଟ୍ରେଙ୍ଗ୍ଥ, ଫିଙ୍ଗର ଡେକ୍ସଟେରିଟି, ଫିଙ୍ଗର ଟାପ୍ପିଙ୍ଗ୍, ରିଆକ୍ସନ ଟାଇମ, ଆଡାପ୍ଟିଭ୍ ମାଟ୍ରିସେସ୍ ଟେଷ୍ଟ, ରିଆକ୍ଟିଭ ଷ୍ଟ୍ରେସ୍ ଟଲରେନ୍ସ ଓ ଟୁ ହାଣ୍ଡ କୋର୍ଡିନେସନ ସାମିଲ ରହିଛି। ଏବେ କିସ୍‌ରେ ୧୦୦୦ ପିଲାଙ୍କର ସାଇଣ୍ଟିଫିକ୍ ଟେଷ୍ଟ ଚାଲୁରହିଛି। ଭୁବନେଶ୍ୱର ବିଭିନ୍ନ ସ୍କୁଲରୁ ମୋଟ ୪,୦୦୦ ପିଲା ଓଟିଏପିର ପ୍ରତିଭା ଚିହ୍ନଟ ପରୀକ୍ଷାରେ ସାମିଲ ହେବେ। ଏମାନଙ୍କୁ କଳିଙ୍ଗ ଷ୍ଟାଡିୟମରେ ନୂଆ କରି ନିର୍ମାଣ କରାଯାଇଥିବା ୧୦ ମିଟର ଶୁଟିଂ ରେଞ୍ଜ୍‌ରେ ମାଗଣାରେ ପ୍ରଶିକ୍ଷଣ ଦିଆଯିବ।

ଏହି ପରୀକ୍ଷାରେ ସଫଳ ହୋଇଥିବା ପିଲାଙ୍କୁ ଶୁଟିଂ କ୍ରୀଡ଼ାରେ ସାମିଲ କରାଯିବ ବୋଲି ଗଗନ ନାରଙ୍ଗ ସ୍ପୋର୍ଟ୍ସ ପ୍ରମୋଶନ ଫାଉଣ୍ଡେଶନ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଗଗନ ନାରଙ୍ଗ କହିଛନ୍ତି। ସେହିପରି ଶୁଟିଂର ବିକାଶ ପାଇଁ ସରକାର ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରିବେ ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି। ଇନ୍‌ଫୋ ଭ୍ୟାଲିର ୨୦ ଏକର ବିଶିଷ୍ଟ ସ୍ଥାନରେ ସ୍ଥାୟୀ ଶୁଟିଂ ରେଞ୍ଜ୍ ପ୍ରତିଷ୍ଠା କରାଯିବ ବୋଲି ସେ କହିଛନ୍ତି। ଏହି ରେଞ୍ଜ୍‌ରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଶୁଟିଂ ପ୍ରତିଯୋଗିତା ଆୟୋଜନ ହେବ। ସେହିପରି ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ, ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ମିଶ୍ର ମଧ୍ୟ ରାଜ୍ୟରେ ଶୁଟିଂର ବିକାଶ ନେଇ ନିଜର ଉତ୍ସାହ ପ୍ରକଟ କରିଛନ୍ତି। ଏବେ ରାଜ୍ୟର ଆଥଲେଟମାନେ ବିଭିନ୍ନ କ୍ରୀଡ଼ାରେ ଅନ୍ତର୍ଜାତୀୟସ୍ତରରେ ଭଲ ପ୍ରଦର୍ଶନ କରୁଛନ୍ତି ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଓଡ଼ିଶା ଏକାଧିକ ତାରକା ଶୁଟର ସୃଷ୍ଟି କରିବ ବୋଲି ସେ ଆଶା ପ୍ରକାଟ କରିଛନ୍ତି। ଉଲ୍ଲେଖଥାଉ କି, ୨୦୧୮ରେ ଏହି ଶୁଟିଂ ହାଇ ପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା ନେଇ ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷର ହୋଇଥିଲା।

**ସ୍କୁଲରୁ ପ୍ରତିଭା ଚିହ୍ନଟ ପ୍ରକ୍ରିୟା**



ବିର୍ଲା ଗଗନ ନାରଙ୍ଗ ହାଇ ପର୍‌ଫର୍ମାନ୍ସ ଶୁଟିଂ ସେଣ୍ଟର କାର୍ଯ୍ୟ ଆରମ୍ଭ କରିବା ଅବସରରେ ପ୍ରତିଯୋଗୀମାନେ।

**ମନେ ପଡ଼ନ୍ତି**

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତ ରାଜକିଶୋର ମହାରଣା
କଂସାରୀସାହି ପାଟଣା, କଣ୍ଟିଲୋ, ନୟାଗଡ଼
ଆବିର୍ଭାବ: ୧୯୩୪ ମସିହା
ତିରୋଧାନ: ତା.୦୫।୧୧।୨୦୧୯ ଗୁରୁବାର (ଅଁଳା ନବମୀ)
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ନୀଳମାଧବ ଜୀଉଙ୍କ ଶ୍ରୀ ଚରଣରେ ଆମର ବିନମ୍ର ପ୍ରଣତି।
ଶୋକସନ୍ତପ୍ତ
ଭାଇ: କାଳନ୍ଦୀ, ଶରତ।
ପୁତ୍ର: ରଞ୍ଜନ, ସୁଧୀର, ପ୍ରବୀର,
ଝିଅ: ମାନସୀ ତଥା ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ।
ଧ-୧୫୧୯୮

**ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତ ଲିଙ୍ଗରାଜ ଜେନା (ରାଜା)
ଗ୍ରାମ: ଶାଳଗାଁ, ଜଗତ୍‌ସିଂହପୁର
ଆବିର୍ଭାବ: ୨୫।୧୧।୧୯୬୫
ତିରୋଧାନ: ୨୫।୧୧।୨୦୧୮ (ଦ୍ୱିତୀୟା ତିଥି)
ତୁମର ଅମରାତ୍ମା ବିଭୁଙ୍କ ପାଦପଦ୍ମରେ ଲୀନ ହେଉ, ଏହାହିଁ ଆମର କାମନା।
ଶୋକସନ୍ତପ୍ତ:
ସ୍ତ୍ରୀ: ଲକ୍ଷ୍ମୀପ୍ରିୟା ଜେନା
ଝିଅ: ସୋନୁ, ମନୁ
ଭାଇ: ଟିଲୁ, ଲିଟୁ, ମଣ୍ଟୁ
ବନ୍ଧୁ ଓ ପରିବାରବର୍ଗ
ଧ-୧୫୨୦୮

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ନଭେମ୍ବର ୧୪/୨୦୧୯ Sambalpur, Thursday, November 14 / 2019

# ବିଜ୍ଞାନ ମେଳା ପାଇଁ ବେଆଇନ ଅର୍ଥ ସଂଗ୍ରହ

■ଦେଓଗାଁ ବିଇଓଙ୍କ ଚିଠି ବଳରେ ମଗାଯାଇଛି ଅର୍ଥ
■ଚିଠି ପ୍ରତ୍ୟାହାର ନିର୍ଦ୍ଦେଶ ଦେଲେ ଡିଇଓ
■ଶିକ୍ଷା ଅଧିକାର ଆଇନର ଖୋଲା ଉଲ୍ଲଂଘନ
■ଅର୍ଥ ଫେରସ୍ତ କରାଯିବ କହିଲେ ବିଇଓ

**ବଲାଙ୍ଗୀର ଅଫିସ, ୧୩ା୧୧**

ଶିକ୍ଷା ବିଭାଗର କୌଣସି ସର୍କୁଲାର ନଥିବା ସତ୍ତ୍ୱେ ସରକାରୀ ସ୍କୁଲଗୁଡିକରେ ବିଜ୍ଞାନ ମେଳା ଆୟୋଜନ କରାଯିବା ନେଇ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ସ୍କୁଲରୁ ବେଆଇନ ଭାବେ ଅର୍ଥ ସଂଗ୍ରହ କରାଯାଇଛି । ଖୋଦ୍ ଦେଓଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ଚିଠି କରାଯାଇ ବ୍ଲକର ବିଭିନ୍ନ ସ୍କୁଲରୁ ଅର୍ଥ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଘଟଣା ଜଣାପଡିବା ପରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏ ନେଇ ବୁଧବାର ଏକ ଚିଠି କରାଯାଇ ତୁରନ୍ତ ବିଇଓ ଅଫିସର ଉକ୍ତ ଚିଠିକୁ ପ୍ରତ୍ୟାହାର କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଘଟଣାଟି ଏବେ ଶିକ୍ଷକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି ।

ଗତ ଅକ୍ଟୋବର ୧ ତାରିଖ ଦିନ ଦେଓଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ଚିଠି (ନଂ ୧୧୯୨/ତା୧।୧୦।୧୯ରିଖ) କରାଯାଇ ବ୍ଲକ ଅନ୍ତର୍ଗତ କୁତୁର୍ଲା କ୍ଲଷ୍ଟରର ସମସ୍ତ ସରକାରୀ, ବ୍ଲକ୍‌ଗ୍ରାଣ୍ଟ, ଆଡେଡ୍ ସ୍କୁଲ, ୟୁଜି ହାଇସ୍କୁଲ, ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକ ତଥା ବ୍ଲକର ସମସ୍ତ ସିଆରସିସି ଓ ବିଜ୍ଞାନ ଶିକ୍ଷକଙ୍କୁ ବିଜ୍ଞାନ ମେଳା ଆୟୋଜନ କରିବା ନେଇ ବିଭିନ୍ନ ସ୍କୁଲରୁ ଅର୍ଥ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପିଛା ୪ଶହ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପିଛା ୬ଶହ, ଉଚ୍ଚ ପ୍ରାଥମିକ ସ୍କୁଲର ଷଷ୍ଠ, ସପ୍ତମ ଶ୍ରେଣୀ ପାଇଁ ୪ଶହ, ୟୁଜି ହାଇସ୍କୁଲ ଓ ହାଇସ୍କୁଲର ପ୍ରଥମରୁ ଦଶମ ଶ୍ରେଣୀ ପାଇଁ ୧୧ଶହ, ହାଇସ୍କୁଲର ଷଷ୍ଠରୁ ଦଶମ ଶ୍ରେଣୀ ପାଇଁ ୮ ଶହ, ହାଇସ୍କୁଲ ନବମ ଓ ଦଶମ ଶ୍ରେଣୀ ସକାଶେ ୬ ଶହ, ଏଡେଡ ଓ ବ୍ଲକ୍‌ଗ୍ରାଣ୍ଟ ହାଇସ୍କୁଲରୁ ୬ ଶହ ଟଙ୍କା ଲେଖାଏଁ ସଂଗ୍ରହ କରିବାକୁ ଉକ୍ତ ଚିଠିରେ ନିର୍ଦ୍ଦେଶ ଦିଆଯାଇଥିଲା। ଅକ୍ଟୋବର ୨୨ତାରିଖରେ କୁତୁର୍ଲା ସୁରଧନୁ ହାଇସ୍କୁଲରେ ପ୍ରସ୍ତୁତି ବୈଠକ କରାଯିବ ଓ ଏହି ବୈଠକରେ ଯୋଗଦେବାବେଳେ ସମସ୍ତ ସିଆରସିସି ଓ ପ୍ରଧାନଶିକ୍ଷକ ସଂଗୃହୀତ ଅର୍ଥ ନେଇକରି ଆସିବାକୁ ବିଇଓ ଅଫିସରୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଜ୍ଞାନ ମେଳା ଆୟୋଜନ କରିବାକୁ ଏହି ଅର୍ଥ ସଂଗ୍ରହ ପାଇଁ ବିଇଓ ଅଫିସରୁ ଚିଠି କରାଯାଇ ସିଆରସିସିମାନଙ୍କୁ କ୍ଷମତାପ୍ରାପ୍ତ କରାଯାଇଥିବା ଉଲ୍ଲେଖ କରାଯାଇଥିଲା । ଏହି ଚିଠି ବଳରେ ସିଆରସିସିମାନେ ଅର୍ଥ ସଂଗ୍ରହ କରିଥିବା ଜଣାପଡିଛି । ଦେଓଗାଁ ବ୍ଲକ ବିଇଓ ଅଫିସରୁ ଏଭଳି ଏକ ଚିଠି କରାଯାଇ ବିଜ୍ଞାନ ମେଳା ଆୟୋଜନ ନାଁରେ ବେଆଇନ ଭାବେ ଅର୍ଥ ସଂଗ୍ରହ କରାଯାଉଥିବା ଜଣାପଡିବା ପରେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ବୁଧବାର ଦେଓଗାଁ ବିଇଓଙ୍କୁ ତୁରନ୍ତ ଉକ୍ତ ଚିଠି ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ଚିଠି କରିବା ବେଆଇନ୍ ବୋଲି ସେ ଉଲ୍ଲେଖ କରିବା ସହ ତୁରନ୍ତ ଏ ସଂକ୍ରାନ୍ତରେ ୫ ଦିନ ମଧ୍ୟରେ ଡିଇଓ ଅଫିସକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏ ନେଇ ବ୍ଲକ୍ ଶିକ୍ଷା ଅଧିକାରୀ ଭାଗ୍ୟବତୀ ଦାଶଙ୍କୁ ପଚରାଯିବାରୁ ବିଜ୍ଞାନ ମେଳା ଆୟୋଜନ ପାଇଁ ତାଙ୍କ ଅଫିସରୁ ଅର୍ଥ ସଂଗ୍ରହ ପାଇଁ ଏକ ଚିଠି କରିଥିବା ସ୍ୱୀକାର କରିଛନ୍ତି। ତେବେ ଡିଇଓଙ୍କ ନିର୍ଦ୍ଦେଶ ପରେ ସେ ଉକ୍ତ ଚିଠକୁ ପ୍ରତ୍ୟାହାର କରିବେ ଓ ସଂଗୃହୀତ ଅର୍ଥକୁ ଫେରସ୍ତ କରିଦେବେ ବୋଲି କହିଛନ୍ତି । ଏ ନେଇ ଡିଇଓ ଲେଙ୍କାଙ୍କୁ ପଚରାଯିବାରୁ ଶିକ୍ଷା ବିଭାଗର ସର୍କୁଲାର ନଥିବା ସତ୍ତ୍ୱେ ଦେଓଗାଁ ବିଇଓ ବିଜ୍ଞାନ ମେଳା ପାଇଁ ଅର୍ଥ ସଂଗ୍ରହ କରିବାକୁ କିଭଳି ଚିଠି କଲେ ସେନେଇ ତାଙ୍କୁ ସ୍ପଷ୍ଟୀକରଣ ମଗାଯାଇଛି ଓ ତୁରନ୍ତ ସଂଗୃହୀତ ଅର୍ଥ ଫେରସ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ବିଜ୍ଞାନ ମେଳା ଆୟୋଜନ ପାଇଁ ସ୍କୁଲରୁ ଅର୍ଥ ସଂଗ୍ରହ କରିବା ଶିକ୍ଷା ଅଧିକାର ଆଇନକୁ ଖିଲାପ କରୁଛି। କିଭଳି ଭାବେ ଓ କାହା ପ୍ରରୋଚନାରେ ଏଭଳି ବେଆଇନ କାମ କରାଯାଇଛି, ସେ ନେଇ ଅଧିକ ତଦନ୍ତ କରିବାକୁ ଶିକ୍ଷକ ମହଲରେ ଦାବି ହେଉଛି ।


DISTRICT EDUCATION OFFICE, BALANGIR
(SCIENCE SECTION)
E-Mail- deobalangir05@gmail.com
No. 11874 Date. 13.11.19

To
The Block Education Officer,
Deogaon

Sub:- Request to withdraw the Letter No.1192/ Dt.01.10.2019 regarding payment of Block Level Science Exhibition contribution Fees 2019.

Ref:- Your Letter No.1192/ Dt.01.10.2019

Sir/ Madam,

With reference to the letter on the subject cited above, I am to inform you that the above letter No.1192/ Dt.01.10.2019 of your office regarding the payment of Block Level Science Exhibition fees 2019 from all types of High Schools, Upper Primary and primary Schools of you Block has been reached to the office of the undersigned.

There is no any circular of the Government to collect the Science Exhibition contribution fees from different schools which has been mentioned in your letter and it is illegal. So this matter should not be circulated to the schools through the official letter from your office.

Hence you are requested to withdraw the above letter and also intimate it to all the Schools and CRCCs of your Block immediately and report compliance to the office of the undersigned within 05 days.

Yours faithfully,
District Education Officer, 13/11/19
Balangir

ବଲାଙ୍ଗୀର ଡିଇଓ ଅଫିସରୁ ବୁଧବାର ଦେଓଗାଁ ବିଇଓ ଅଫିସକୁ ଦିଆଯାଇଥିବା ଚିଠିର ନକଲ ।

# ବାଇକ୍ ଦୁର୍ଘଟଣାରେ ୨ ଯୁବକ ମୃତ

**ନୂଆପଡା ଅଫିସ/ ଖଡିଆଳ, ୧୩ା୧୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ମୋହରା ଗାଁ ନିକଟରେ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ଫୁଗୁଡା ଗାଁର ଦିଲୀପ ଭୋଇ (୨୦) ଏବଂ କିଶୋର ସାହୁ (୧୮)ଙ୍କ ଏକ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଖଡିଆଳ ଥାନା ପୋଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଦିଲୀପ, କିଶୋର ଏବଂ ବିକାଶ ଚିନାଗୁନ ନାମକ ୩ ଜଣ ଯୁବକ ଏକ ବାଇକ୍‌ରେ ବଙ୍ଗୋମୁଣ୍ଡାରୁ ଖଡିଆଳ ଅଭିମୁଖେ ଆସୁଥିଲେ। ମୋହରା ଗାଁ ନିକଟରେ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦିଲୀପ ଏବଂ କିଶୋରଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଖଡିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ବୁଧବାର ଅପରାହ୍ନରେ ଦିଲୀପ ଏବଂ କିଶୋରଙ୍କ ମୃତ୍ୟୁ ଘଟିଛି । ବିକାଶଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ଥିବା ଜଣାପଡିଛି।




# ବିହାରକୁ ଚୋରା ଚାଲାଣ ବେଳେ ଧରାପଡିଲା | ୨୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୩ ଗିରଫ


ଜବତ ଟ୍ରକ୍ ଓ ଗଞ୍ଜେଇ ସହ ଅଭିଯୁକ୍ତମାନେ।

**ସୁନ୍ଦରଗଡ, ୧୩ା୧୧ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଟାଉନ ଥାନା ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଟ୍ରକ୍‌ରେ ଚୋରା ଚାଲାଣ ହେଉଥିବା ପ୍ରାୟ ୨୫ ଲକ୍ଷ ଟଙ୍କା ମୂଲ୍ୟର ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇ ବୁଧବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି । ସେମାନେ ହେଲେ ବିହାରର ରାମଶର୍ମା ଯାଦବ, ବିବେକ କୁମାର ସିଂ ଓ ଦେବେନ୍ଦ୍ର ସିଂ। ଗଞ୍ଜେଇ ଚୋରା ଚାଲାଣ ସମ୍ପର୍କରେ ସୂଚନା ପାଇ ଏସ୍‌ପି ସୌମ୍ୟା ମିଶ୍ରାଙ୍କ ନିର୍ଦ୍ଦେଶକ୍ରମେ ଟାଉନ ଥାନା ଆଇଆଇସି ବିଭସ୍ୱ କୁମାର ପ୍ରଧାନ ସଦଳବଳ ସ୍ଥାନୀୟ ରାଣୀ ବଗିଚା ନିକଟରେ ଏକ ଟ୍ରକ(ନଂ.ଡବ୍ଲ୍ୟୁବି ୨୩ଏ–୮୯୧୧)କୁ ଯାଞ୍ଚ କରିଥିଲେ। ଏହି ଗଞ୍ଜେଇ ସମ୍ବଲପୁରରୁ ବିହାରକୁ ଚୋରା ଚାଲାଣ ହେଉଥିବା ପୋଲିସ କହିଛି ।

# ୩ ପିଏଲ୍ଏଫ୍ଆଇ ସଦସ୍ୟ ଗିରଫ

## ଦେଶୀ ବନ୍ଧୁକ, ଗୁଳି ଜବତ


ଗିରଫ ପିଏଲ୍ଏଫ୍ଆଇ ସଦସ୍ୟ । ଜବତ ଦେଶୀ ବନ୍ଧୁକ ସହ ବିଭିନ୍ନ ମାରଣାସ୍ତ୍ର ।

**ରାଉରକେଲା ଅଫିସ,୧୩ା୧୧**

ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ସୁନ୍ଦରଗଡ଼ ସୀମାନ୍ତରେ ଦୀର୍ଘଦିନ ଧରି ପିଏଲ୍ଏଫ୍ଆଇ ନାଁରେ ଆତଙ୍କ ସୃଷ୍ଟି କରୁଥିବା ୩ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ରାଉରକେଲା ପୋଲିସ ଗିରଫ କରିଛି। ସେମାନେ ହେଲେ ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଜିଲା ବନ୍ଦଗାଁ ଅଞ୍ଚଳର ପୱାନ ତାନିବାଡିଙ୍ଗ(୨୪), ଝାଡ଼ଖଣ୍ଡ ଖୁଣ୍ଟି ଅଞ୍ଚଳର ସାମୁଏଲ ସୟ(୨୨) ଏବଂ ପଶ୍ଚିମ ସିଂହଭୂମ କିରିବୁରୁ ଥାନା ବାସିନ୍ଦା ରାଜେଶ ବିରୁଆ(୪୫)। ପୋଲିସ ତାଙ୍କ ପାଖରୁ ୨ଟି ଦେଶୀ ବନ୍ଧୁକ, ଗୁଳି, ଭୁଜାଲି ଆଦି ମାରଣାସ୍ତ୍ର ଜବତ କରିଛି। ଗିରଫ ୩ଜଣ ୨୦୧୫ରୁ ପିଏଲ୍ଏଫ୍ଆଇ ଲିଡର ଦିନେଶ ଗୋପଙ୍କ ସଂସ୍ପର୍ଶରେ ଆସି ପରବର୍ତ୍ତୀ ସମୟରେ କାମ ଆରମ୍ଭ କରିଥିଲେ । ସେମାନେ ସମ୍ପୃକ୍ତ ଅଞ୍ଚଳରେ ବିଭିନ୍ନ ଆପରାଧିକ କାର୍ଯ୍ୟ କରି ଲୋକଙ୍କୁ ଭୟଭୀତ କରୁଥିଲେ । ଗିରଫ ୩ଜଣ ସୁପାରି କିଲର ସାଙ୍ଗକୁ ସାର୍ପ ସୁଟର ଭାବେ ପରିଚିତ ଥିଲେ । ସେମାନଙ୍କ ବିରୋଧରେ ହତ୍ୟା, ଲୁଟ, ଦାଦାବଟି ଆଦାୟ ଭଳି ଏକାଧିକ ମାମଲା ବିଭିନ୍ନ ଥାନାରେ ରହିଥିବା ବୁଧବାର ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଆଇଜି କବିତା ଜଲାନ, ଏସ୍‌ପି କେ. ଶିବା ସୁବ୍ରମଣି ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ନଭେମ୍ବର ୧୨ତାରିଖ ରାତିରେ ଭାଲୁଲତା ସାପ୍ତାହିକି ବଜାରରେ ଗିରଫ ୩ଜଣ ଏକାଠି ହୋଇ ଏକ ପେଟ୍ରୋଲ ପମ୍ପରେ ଡକାୟତି ଯୋଜନା ପ୍ରସ୍ତୁତ କରୁଥିଲେ । କୌଣସି ସୂତ୍ରରୁ ଖବର ପାଇ ପୋଲିସ ସେଠାରେ ଚଢାଉ ସେମାନଙ୍କୁ ଗିରଫ କରିଥିଲା ।। ଏନେଇ ବିଶ୍ରା ଥାନାରେ ଏକ ମାମଲା(ନଂ.୧୦୪/୧୯) ରୁଜୁ ହୋଇଛି । ଗିରଫ ୩ ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଯେଉଁମାନଙ୍କ ମନଟି ଛୋଟ, ସେମାନଙ୍କୁ ଛୋଟ କଥାଟିଏ ବି ବଡ଼ ଭଳି ଜଣାପଡ଼େ।
- ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ସରିଲା କଳାସୀ ଯାତ୍ରା

**ଡୁଙ୍ଗୁରିପାଲି, ୧୩।୧୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳରେ କଳାସୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦିଗସିରା, ବଡଫଟାମୁଣ୍ଡା, ଲରିଆବାହାଲ, ଚେରୁପାଲି, ଭାଟବାହାଲି, ସହଲା, ସମଲାଇଚୁଆଁ, କେନ୍ଦୁଟିକ୍ରା, ସାରସମାଲ ପ୍ରମୁଖ ଗ୍ରାମରେ ଏହି ଯାତ୍ରା ବିଶେଷ ଉତ୍ସାହ ଓ ନିଷ୍ଠାରେ ସମ୍ପନ୍ନ ହୋଇଛି। ଗ୍ରାମମାନଙ୍କରେ ଥିବା ଶିବ ମନ୍ଦିରରୁ ଦେବତାମାନଙ୍କୁ ବରଣ କରି ଅଣାଯାଇ କଳାସୀ କୋଠିରେ ପୂଜା କରାଯାଇଥିଲା । ତା ପରଦିନ ଦେବତାମାନଙ୍କୁ ଗ୍ରାମରେ ଗୋଡଧୂଆ କରାଯାଇଥିଲା। ପରେ ବରୁଆମାନେ ଗ୍ରାମରୁ ବାହାରି ଯାତ୍ରା ପଡିଆକୁ ଯାଇଥିଲେ। ବାଟରେ ପଥେଇଠାରେ ପୂଜାର୍ଚ୍ଚନା ପରେ ବରୁଆମାନେ ସେଠାରେ ଥିବା କଣ୍ଟା ଦୋଳିରେ ଝୁଲିଥିଲେ । ଅପରାହ୍ନରେ ଯାତ୍ରା ପଡିଆକୁ ଯାଇ ବରୁଆମାନେ ନୃତ୍ୟ କରିଥିଲେ। ସନ୍ଧ୍ୟାରେ ବରୁଆମାନେ ନଗର ଭ୍ରମଣ କରିଥିଲେ।

### ଭାଗବତ ସପ୍ତାହ ଜ୍ଞାନଯଜ୍ଞ ଉଦ୍‌ଯାପିତ

**ଉଲୁଣ୍ଡା, ୧୩।୧୧ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ମହକୁମା ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରିସରରେ ସପ୍ତମ ଭାଗବତ ମହାପୁରାଣ ପାରାୟଣ ତଥା ଜ୍ଞାନଯଜ୍ଞ ପୂର୍ଣ୍ଣାହୂତି ସହ ସମ୍ପନ୍ନ ହୋଇଛି। ପ୍ରତ୍ୟହ ସକାଳ ୮ଟାରୁ ଅପରାହ୍ନ ୩ଟା ଯାଏ ପୁରାଣ ବ୍ୟାସ ହିରଣଙ୍କର ମହାପାତ୍ର ନିଜ ସାଥିଙ୍କ ସହ ଭାଗବତ ପାରାୟଣ କରିଥିଲେ। ସନ୍ଧ୍ୟାରେ ମୁଲତା ଶତପଥୀ ସଙ୍ଗୀତମୟ ପ୍ରବଚନ କରିଥିଲେ। ଶ୍ରୀକୃଷ୍ଣ ଜନ୍ମ ଏବଂ ରୁକ୍ମଣି ବିବାହ ଉତ୍ସବ ମହା ଆଡମ୍ବର ସହକାରେ ପାଳନ କରାଯାଇଥିଲା। ସୁଦାମା ଦାରିଦ୍ର ଭଞ୍ଜନ ପ୍ରସଙ୍ଗକୁ ପାରମ୍ପରିକ ରୀତିରେ ପାଳନ କରାଯାଇ ଏକ ଗରିବ ବ୍ରାହ୍ମଣଙ୍କ ସେବା କରାଯାଇ ଦାନ ଦିଆଯାଇଥିଲା। ଅଷ୍ଟମ ଦିନ ପାରାୟଣ ସମ୍ପନ୍ନ ପରେ ଅଷ୍ଟପ୍ରହର ନାମଯଜ୍ଞ କରାଯାଇ ବୁଧବାର ପୂର୍ଣ୍ଣାହୁତି କରାଯାଇଥିଲା। ପାରାୟଣ କର୍ତ୍ତା ଭାବେ ସୀତାରାମ ପାଣିଗ୍ରାହୀ ଦାୟିତ୍ୱ ନିର୍ବାହ କରିଥିଲେ। ରୁକ୍ମଣୀ ବିବାହରେ ପିତା ମାତା ଭାବରେ ବାସୁଦେବ ଭୋଇ ଏବଂ ତାଙ୍କ ସ୍ତ୍ରୀ ରଶ୍ମିତା ଭୋଇ ଦାୟିତ୍ୱ ତୁଲାଇଥିଲେ।

### ବିକାଶ ଲାଠ ହତ୍ୟାକାଣ୍ଡକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା

**ବଲାଙ୍ଗୀର ଅଫିସ, ୧୩।୧୧:** ଟିଟିଲାଗଡ଼ର ବହୁଚର୍ଚ୍ଚିତ ବିକାଶ ଲାଠ ହତ୍ୟାକାଣ୍ଡ ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହା ପୁଣି ଚର୍ଚ୍ଚାର ବିଷୟ ହୋଇଛି । ହତ୍ୟାକାଣ୍ଡର ସିବିଆଇ ତଦନ୍ତ ସତ୍ତ୍ୱେ କୌଣସି ଫଳାଫଳ ମିଳିପାରି ନାହିଁ । ଫଳରେ ଘଟଣାଟି ରହସ୍ୟଜନକ ହୋଇରହିଯାଇଛି । ସିବିଆଇ ପକ୍ଷରୁ ଏହି ଘଟଣାକୁ ପୁଣି ଥରେ ତଦନ୍ତ କରାଯିବ ବୋଲି ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ୧୯୯୭ ଡିସେମ୍ବର ମାସରେ ଟିଟିଲାଗଡ଼ର ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ପୁଅଙ୍କୁ କିଛି ଦୁର୍ବୃତ୍ତ ଅପହରଣ କରିନେଇ ୭ ଲକ୍ଷ ଟଙ୍କା ମାଗିଥିଲେ । ଅପହରଣ ଘଟଣାର ୩ ଦିନ ପରେ ବିକାଶଙ୍କ ମୃତଦେହ ଟିଟିଲାଗଡ଼ ଝାରଦେବନ୍ଧ ନିକଟ ଏକ କୂଅରୁ ମିଳିଥିଲା। ଏହି ଘଟଣା ସେତେବେଳେ ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା । ସିବିଆଇ ଉକ୍ତ ହତ୍ୟା ଘଟଣାର ତଦନ୍ତ କରିଥିଲେ ମଧ କୌଣସି ସୁରାକ ପାଇବାରେ ସଫଳ ହୋଇ ନ ଥିଲା ।

---

ଅଜଣା ଜନ୍ତୁ ଆକ୍ରମଣରେ ମେଣ୍ଢା ମୃତ ଘଟଣା

# ଘଟଣାସ୍ଥଳରେ ପହଞ୍ଚିଲେ ପ୍ରାଣୀ ଚିକିତ୍ସକ ଦଳ

**ଅମରପାଲି, ୧୩।୧୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବର ପଞ୍ଚାୟତର କୁମୁରସିଂହା ଗ୍ରାମରେ ଅଜଣା ଜନ୍ତୁ ଆକ୍ରମଣରେ ଆହତ ମେଣ୍ଢାଙ୍କୁ ପ୍ରାଣୀ ଚିକିତ୍ସକ ଦଳ ଚିକିତ୍ସା କରିଛନ୍ତି । ସୋମବାର ବିଳମ୍ବିତ ରାତିରେ କୌଣସି ଜନ୍ତୁ ଆସି ମେଣ୍ଢା ଗୁହାଳରେ ପଶି ଆକ୍ରମଣ କରିଥିଲା । ଗ୍ରାମର କପିଳ ମହାକୁରଙ୍କ ଗୁହାଳରେ ମୋଟ ୫୨ଟି ମେଣ୍ଢା ଥିଲେ । ସେଥିରୁ ପ୍ରାୟ ୨୫ଟି ମେଣ୍ଢା ଆକ୍ରମଣରେ ମୃତ ହୋଇଥିଲେ ଓ ଆଉ ୮ଟି ମେଣ୍ଢା ଗୁରୁତର ଆହତ ହୋଇଥିଲେ । ବୁଧବାର ଏସଡିଭିଓ ଡ. ପ୍ରମୋଦ ପ୍ରଧାନ, ସ୍ଥାନୀୟ ଭିଏସ ଡା. ସୁବ୍ରତ କୁମାର ପୁରୋହିତ ଓ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସାସେବାର ଭେଟନାରୀ ଅଫିସର ଡା. ସ୍ୱାଗତିକା ମିଶ୍ର ପ୍ରମୁଖ ଘଟଣାସ୍ଥଳକୁ ଯାଇ ଆହତ ମେଣ୍ଢାଙ୍କ ଚିକିତ୍ସା କରିଛନ୍ତି।



ଆହତ ମେଣ୍ଢାଙ୍କ ଚିକିତ୍ସା ପାଇଁ ଘଟଣାସ୍ଥଳରେ ପ୍ରାଣୀ ଚିକିତ୍ସକମାନେ ।

ଆହତ ମେଣ୍ଢାମାନେ ଏବେ ସୁସ୍ଥ ଥିବା ଭିଏସ ଡା. ପୁରୋହିତ ପ୍ରକାଶ କରିଛନ୍ତି। ସେହିପରି ବନବିଭାଗ ପକ୍ଷରୁ କେଉଁ ଜନ୍ତୁ ଆସି ମେଣ୍ଢାଙ୍କୁ ଆକ୍ରମଣ କରିଛି ତାକୁ ଧରିବା ପାଇଁ ଗୁରୁବାର କ୍ୟାମେରା ଲାଗିବ ବୋଲି ଉଲୁଣ୍ଡା ରେଞ୍ଜ ଅଧିକାରୀ ଶିବ ପ୍ରସାଦ ନାୟକ ପ୍ରକାଶ କରିଛନ୍ତି । ରାତିରେ ଘଟଣାସ୍ଥଳରେ ଏସିଏଫ ସୁଶିଲ ତ୍ରିପାଠୀ ଓ ଅନ୍ୟ ବନ କର୍ମଚାରୀମାନେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

- ଆହତ ମେଣ୍ଢାଙ୍କ ଚିକିତ୍ସା କଲେ
- କ୍ୟାମେରା ଲଗାଇବ ବନବିଭାଗ

---

# ସେବା ସପ୍ତାହ ଅବସରରେ ସାମାଜିକ କାର୍ଯ୍ୟକ୍ରମ

**ସୋନପୁର,୧୩।୧୧(ନି.ପ୍ର.)**

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ) ପଶ୍ଚିମ ପ୍ରାନ୍ତ ସୋନପୁର ଶାଖା ପକ୍ଷରୁ ସୋନପୁର ସହରରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରଏସଏସ ପକ୍ଷରୁ ଏହି ଅବସରରେ ସପ୍ତାହ ବ୍ୟାପି ବିଭିନ୍ନ ସେବା ମୂଳକ କାର୍ଯ୍ୟ କରାଯାଇଥିଲା। ସ୍ୱଚ୍ଛ ଭାରତ ସଂଗଠନ ସୋନପୁର-ମନମୁଣ୍ଡା, ପତଞ୍ଜଳି ଯୁବା ଭାରତ ଓ ଗୋପାଳଜୀ ଯୋଗାଳୟର କର୍ମକର୍ତ୍ତା ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ସ୍ୱେଚ୍ଛାସେବୀମାନେ ସହରର କୁଷ୍ଠାଶ୍ରମ ଓ ଜିଲା ଭିନ୍ନକ୍ଷମ ବିଦ୍ୟାଳୟର ଅନ୍ତେବାସୀଙ୍କୁ ଶୀତବସ୍ତ୍ର ଓ କମ୍ବଳ ବଣ୍ଟନ କରିଥିଲେ। ବିଭିନ୍ନ ଦିବସରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ବସଷ୍ଟାଣ୍ଡ, ବାଲାଜୀ ହନୁମାନ ମନ୍ଦିର, ଝୁପୁଡିପଡା ଦଳିତ ବସ୍ତି, ବ୍ଲକ ଛକ, ଆମ୍ବେଡକର ଛକ ସଫେଇ କରିଥିଲେ। ଲୋକମାନଙ୍କ ମଧ୍ୟରୁ ଛୁଆଁଅଛୁଆଁ ଭଳି ଜାତିଆଣ ଭେଦଭାବ ଦୂରକରିବା ଓ ସୁସମ୍ପର୍କ ଏକତା ସ୍ଥାପନ କରିବା ପାଇଁ ସଂଗଠନ ପକ୍ଷରୁ ଉଦ୍ୟମ ହୋଇଥିଲା। ସେହିପରି ଧୂଳିର ଆଚ୍ଛାଦିତ ହୋଇ ଥିବା ଭୀମଭୋଇଙ୍କ ପ୍ରତିମୂର୍ତ୍ତି ଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିକୁ ସ୍ୱେଚ୍ଛାସେବାମାନେ ସଫା କରିଥିଲେ। ସାମାଜିକ ସଂଗଠନ ଗୁଡିକର ଏହି ସେବା କାର୍ଯ୍ୟ, ସ୍ୱଚ୍ଛତା ଅଭିଯାନ ଓ ସାମାଜିକ ସମରସତା ବାର୍ତ୍ତାକୁ ସହର ବାସୀ ପ୍ରଶଂସା କରିଛନ୍ତି । ଆରଏସଏସର ଜିଲା ସଂଘ ଚାଳକ ବିପିନ ବିହାରୀ ବାଗଙ୍କ ନେତୃତ୍ୱରେ ଅନୁଷ୍ଠିତ ସେବା କାର୍ଯ୍ୟରେ ବିଭାଗ ପ୍ରଚାରକ ପ୍ରଣବ ନାୟକ, ମାଙ୍ଗୁ ସେଠୀ, ସଞ୍ଜୟ ମହାପାତ୍ର, ସ୍ୱଚ୍ଛ ଭାରତ ଅନୁଷ୍ଠାନର ସଭାପତି ଲକ୍ଷ୍ମୀନାରାୟଣ ମେହେର ଓ ପତଞ୍ଜଳି ଯୁବା ଭାରତର ମନୋଜ ପଣ୍ଡାଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟରେ ସାମିଲ ହୋଇଥିଲେ ।

---

# ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ପୁସ୍ତକ ଉନ୍ମୋଚିତ

**ଅମରପାଲି, ୧୩।୧୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାଠାରେ ଓଡିଶାର ସ୍ୱାଧୀନତା ସଂଗ୍ରାମୀ ନାମକ ଏକ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ମେଘନାଦ ଭୋଇଙ୍କ ଦ୍ୱାରା ରଚିତ ଉକ୍ତ ପୁସ୍ତକରେ ପ୍ରାୟ ୧୫ଜଣ ମହାପୁରୁଷଙ୍କ ଜୀବନୀ ବିଷୟରେ ଉଲ୍ଲେଖ କରାଯାଇଛି । ପୁସ୍ତକ ଉନ୍ମୋଚନ ଉତ୍ସବରେ ଦ୍ୱିତୀକୃଷ୍ଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଏବଂ ପ୍ରାକ୍ତନ ଜିଲା ଉଚ୍ଚ ଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ ରଥ ଯୋଗଦେଇଥିଲେ। ଡ. ଅନିରୁଦ୍ଧ କୁରକୁରିଆ, ଖଣ୍ଡହତା ସରପଞ୍ଚ ଆଶା ସାହୁ ଓ ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ଅଖୋଜ ପଧାନ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ । ସ୍ୱେଚ୍ଛାସେବୀ ସଂଗଠନ ପ୍ରୟାସ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ରାଧେଶ୍ୟାମ ମିଶ୍ର ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବ୍ରଜାନନ୍ଦ ସାହୁ, ଲଡୁଗୋପାଳ କର୍ମୀ, ଭରତ ନନ୍ଦ, ବିଦ୍ୟାଧର ଝୁର୍ଡିଆ, ଗୋପୀନାଥ ପ୍ରଧାନ, ଗୋପାଳ ମହାକୁର, ବିଦ୍ୟାଧର ନାଏକ, ପ୍ରାଣବନ୍ଧୁ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

---

### ଟ୍ରାକ୍ଟର ଚକା ତଳେ ପଡ଼ି ଶ୍ରମିକଙ୍କ ମୃତ୍ୟୁ

**ବେଲପଡ଼ା,୧୩।୧୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ଲାନ୍ଥ ନଦୀ (ନଲଟି ଗୁଡି ଘାଟ)ରେ ବୁଧବାର ଏକ ଟ୍ରାକ୍ଟର ଚକା ତଳେ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶଙ୍କର ପୋଢ(୪୨) । ସୂଚନା ମୁତାବକ, ସବୁ ଦିନ ପରି ଟ୍ରାକ୍ଟର ଡ୍ରାଇଭର ସହ ଶ୍ରମିକମାନେ ବାଲି ଆଣିବାକୁ ନଦୀକୁ ଯାଇଥିଲେ । ସେତିକିବେଳେ ଟ୍ରାକ୍ଟର ଏକ ଚକା ଦବି ଯାଇଥିଲା । ଚକା ତଳେ ଏକ କାଠ ଗଣ୍ଡି ଦେଇ ଟ୍ରାକ୍ଟରକୁ ବାହାର କରିବାକୁ ଚେଷ୍ଟା କରାଯାଉଥିଲା । ସେତିକିବେଳେ କୌଣସି କ୍ରମେ ଶଙ୍କର ଟ୍ରାକ୍ଟର ଚକା ତଳେ ପଡିଯାଇଥିଲେ । ଶ୍ରମିକମାନେ ଶଙ୍କରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବେଲପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। । ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ପୋଲିସ ଏକ ମାମଲା (ନଂ.୨୧୨/୧୯) ରୁଜୁ କରିଛି ।

---

ଜ୍ୟୋତି ଜବାହର ୟୁଥ୍ କ୍ଲବର ବାର୍ଷିକ ଉତ୍ସବ

# ନାଟକ 'ବାହା ହୋଇଛ ନା ବାଡୁଆ ଅଛ' ମଞ୍ଚସ୍ଥ

**ଅମରପାଲି, ୧୩।୧୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେଞ୍ଜିରିଆପାଲିସ୍ଥିତ ଜ୍ୟୋତି ଜବାହାର ୟୁଥ କ୍ଲବର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କ୍ଲବ ସଭାପତି ବ୍ୟାସଦେବ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀ, କ୍ଲବ ଉପଦେଷ୍ଟା ନାରାୟଣ ଦେହୁରୀ, ମନରଞ୍ଜନ ପାଢ଼ୀ, ଋଷଭ ପ୍ରଧାନ ଓ ନାଟ୍ୟ ପରିଚାଳକ ଜାତକ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। କ୍ଲବ ସଭାପତି ବ୍ୟାସଦେବ ରଥ ସ୍ୱଚ୍ଛ ଭାରତ ମିଶନର ସଫଳ ସଚେତନତା ଓ ପ୍ରୟୋଗ ଉପରେ କାମ କରି ଗାନ୍ଧୀ ଜୟନ୍ତୀରେ ଗୁଜୁରାଟର ସାବରମତୀ ଆଶ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବାରୁ ତାଙ୍କୁ ଏହି ଅବସରରେ ସମ୍ମାନୀତ କରାଯାଇଥିଲା। ସଭାପରେ ସ୍ଥାନୀୟ କ୍ଲବର ସଭ୍ୟମାନଙ୍କ ଦ୍ୱାରା ଏକ ସାମାଜିକ ନାଟକ 'ବାହା ହୋଇଛ ନା ବାଡୁଅ ଅଛ' ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ଲିଲି ଦାଶଙ୍କ ରଚିତ ସଚେତନତା ଧର୍ମୀ ସାମାଜିକ ନାଟକର ନିର୍ଦ୍ଦେଶନା ଦେଇଥିଲେ ରମେଶ ଦେହୁରୀ। ତୃତୀୟ ଲିଙ୍ଗ ଆଧାରିତ ଏହି ନାଟକରେ ବିଭିନ୍ନ ଭୂମିକାରେ ବିଦ୍ୟାଧର ଦେହୁରୀ, ଚନ୍ଦ୍ରକାନ୍ତ ଦେହୁରୀ, ସୂର୍ଯ୍ୟକାନ୍ତ ଦେହୁରୀ, ଶ୍ରୀକାନ୍ତ ଦେହୁରୀ, ମଧୁସୂଦନ ଖେତୀ, ଚିତ୍ରସେନ ପଧାନ, ଶ୍ରବଣ ପଧାନ, ପବିତ୍ର ବାରିକ, ସୁଶାନ୍ତ ମେଲ୍ଲି, ଗଗନ ପାତ୍ର, ଦେବର୍ଷି ବାଘ, ପଦ୍ମନ ଷାଣ୍ଢ ଏବଂ ନାରୀ ଭୂମିକାରେ ପୂଜା, ଝରଣା, କବିତା, ନେହା ଓ ରିତୁ ନିଖୁଣ ଅଭିନୟ କରିଥିଲେ। ଅବ୍ୟକାନ୍ତ, ଅରୁଣ, ଦେବର୍ଷି, ନିଶିକାନ୍ତ, ପ୍ରଭାତ, ବେଣୁ, ହୃଷି, ଅଭିଷେକ, ସୁମି ଓ ମାମି ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଦର୍ଶକ ମନଭରି ଏହାକୁ ଉପଭୋଗ କରିଥିଲେ ।



ପରିବେଷିତ ନାଟକର ଏକ ଦୃଶ୍ୟ ।

---

ରାମଚନ୍ଦ୍ରପୁର ପ୍ୟାକ୍ସରେ ସମ୍ପାଦକଙ୍କୁ ଆକ୍ରମଣ ପ୍ରସଙ୍ଗ

# ଚାଷୀଙ୍କ ଅଭିଯୋଗର ଅନୁଧ୍ୟାନ କଲେ ଉପଜିଲାପାଳ

**ଦେଓଗାଁ,୧୩।୧୧(ଡି.ଏନ.ଏ.)**

ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର କୃଷିସେବା ସମବାୟ ସମିତିରେ ଗତ ୬ ତାରିଖରେ ବିଭାଗୀୟ ତଦନ୍ତ ଚାଲିଥିବା ସମୟରେ କେତେକ ବ୍ୟକ୍ତି ପ୍ୟାକ୍ସ ସମ୍ପାଦକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ଶୁକ୍ରବାର ଜିଲା ସମବାୟ ସମିତି କର୍ମଚାରୀ ସଂଘ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲା। ଉପଯୁକ୍ତ ତଦନ୍ତ ନହେଲେ କଲମଛାଡ ଆନ୍ଦୋଳନ କରିବୁ ବୋଲି କୃଷି ସେବା ସମବାୟ ସମିତି ଜିଲା କର୍ମଚାରୀ ସଂଘ ତରଫରୁ ଲିଖିତ ଚେତାବନୀ ଦିଆଯାଇଥିଲା । ଅନ୍ୟପକ୍ଷେ ଉକ୍ତ ପ୍ୟାକ୍ସରେ ଅନେକ ସମୟରେ ଅନିୟମିତତା ଲାଗିରହିଥିବା ନେଇ କେତେକ ଚାଷୀ ଜିଲା ପ୍ରଶାସନଠାରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ନେଇ ବୁଧବାର ଅପରାହ୍ନରେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ରାମଚନ୍ଦ୍ରପୁର କୃଷି ସେବା ସମବାୟ ସମିତିରେ ପହଞ୍ଚି ଚାଷୀଙ୍କ ଅଭିଯୋଗ ଉପରେ ଅନୁଧ୍ୟାନ କରିଛନ୍ତି । ସମସ୍ୟା ସମ୍ପର୍କରେ ଉପ ଜିଲାପାଳ ମିଶ୍ରଙ୍କୁ ପଚାରିବାରୁ ଉକ୍ତ ପ୍ୟାକ୍ସର କେତେକ ଚାଷୀ ଅନିୟମିତତା ଉପରେ ଅଭିଯୋଗ ଉଠାଇଛନ୍ତି । ମୁଁ ଏହାର ପ୍ରାଥମିକ ତଦନ୍ତ କରିଛି। ଆଗକୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ ।

---

# ଦେଶଭକ୍ତି, ରାଷ୍ଟ୍ର ଗଠନ ବକ୍ତୃତା ପ୍ରତିଯୋଗିତା

**ସୋନପୁର,୧୩।୧୧ (ନି.ପ୍ର.)**

ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହ ପରିସରରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଦେଶଭକ୍ତି ଓ ରାଷ୍ଟ୍ର ଗଠନ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ମହାବିଦ୍ୟାଳୟ ଓ ଯୁବ ଅନୁଷ୍ଠାନର ବିଭିନ୍ନ ବ୍ଲକରୁ ୨୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଏସ. ପି. କଣ୍ଠା, ବିଜୁ ପଟ୍ଟନାୟକ ମହିଳା କଲେଜର ଇଂଲିଶ ବିଭାଗ ଅଧ୍ୟାପକ ମଦନ ସୁନ୍ଦର କ୍ଷେତି ଓ କଣ୍ଟାମାଳ କଲେଜର ଇଂଲିଶ ବିଭାଗର ଅଧ୍ୟାପକ ଦେବଦାସ ମହାପାତ୍ର ପ୍ରମୁଖ ବିଚାରପତି ଭାବେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଏହି ପ୍ରତିଯୋଗିତାରେ ସୋନାଲି ମହାପାତ୍ର ପ୍ରଥମ, ସୁଚିତ୍ରା ଥନାପତି ଦ୍ୱିତୀୟ ଓ କପିଳେଶ୍ୱର ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିପିନ ବିହାରୀ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ନକୁଳ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କୃପାସିନ୍ଧୁ ସା, ବିଶ୍ୱଜିତ ସାହୁ ଓ ବଳିଆର ସିଂ ବସ୍ତିଆ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

---

ପ୍ରଶାସନ ଆଖି ବୁଜିଛି

# ନଷ୍ଟ ହେଉଛି ହେଲିପ୍ୟାଡ୍, ଗଦା ହେଉଛି ଚିପ୍ସ, ବାଲି

**ସୋନପୁର, ୧୩।୧୧ (ନି.ପ୍ର.)**

ସୁବର୍ଣ୍ଣପୁର ସହରର ରାମେଶ୍ୱର ନିକଟରେ ନିର୍ମିତ ହୋଇଥିବା ୩ଟି ହେଲିପ୍ୟାଡ୍ ଏବେ ନଷ୍ଟ ହେବାକୁ ବସିଛି । ହେଲିପ୍ୟାଡ୍‌ରେ ଚିପ୍ସ ଓ ବାଲି ଗଛିତ କରି ରଖାଯାଉଛି । ଚିପ୍ସ ବୋଝେଇ ଟିପର ଯିବା ଆସିବା ଫଳରେ ଏହା ନଷ୍ଟ ହେଉଛି । ସେହିପରି ଭାରିଯାନ ଚଳାଚଳ ଯୋଗୁଁ କୁଷ୍ଠାଶ୍ରମକୁ ଯାଇଥିବା ମ୍ୟୁନିସିପାଲିଟି ରାସ୍ତା ମଧ ଭାଙ୍ଗିରୁଜି ଗଲାଣି । ମାତ୍ର ଜିଲା ପ୍ରଶାସନର ଏଥିପ୍ରତି ଦୃଷ୍ଟି ନାହିଁ । ପ୍ରକାଶ ଯେ, ଗତ ଏପ୍ରିଲ ୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପ୍ରଚାର ପାଇଁ ବାୟୁସେନାର ୩ଟି ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସୋନପୁର ଆସିଥିଲେ। ହେଲିକପ୍ଟର ଅବତରଣ ପାଇଁ ୩୦ଲକ୍ଷ ଟଙ୍କା ବ୍ୟୟରେ ପୂର୍ତ୍ତ ବିଭାଗ ୩ଟି ସ୍ଥାୟୀ ହେଲିପ୍ୟାଡ ନିର୍ମାଣ କରିଥିଲା । ଲକ୍ଷ୍ୟ ଥିଲା ଭବିଷ୍ୟତରେ କୌଣସି ଭିଆଇପି ଜିଲା ଗସ୍ତ କଲେ ଏହି ହେଲିପ୍ୟାଡ ବ୍ୟବହାର କରି ପାରିବେ। କିନ୍ତୁ ଏହାର ସୁରକ୍ଷା ପାଇଁ କାହାରି ଦୃଷ୍ଟିନାହିଁ । ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ.ଅସିତ କୁମାର ବଡପଣ୍ଡା କୁହନ୍ତି, ଏହି ପ୍ରକଳ୍ପ ଆମେ ନିର୍ମାଣ କରିଛୁ । କିନ୍ତୁ ସ୍ଥାନଟି ରାଜସ୍ୱ ବିଭାଗର। ଚିପ୍ସ ଓ ବାଲି ଜମା କରୁଥିବା ଠିକାଦାର ରାଜସ୍ୱ ବିଭାଗ ନିକଟରୁ ଅନୁମତି ଆଣିଛନ୍ତି କି ନାହିଁ ତହସିଲଦାର କହିପାରିବେ କହି ନିଜ ବିଭାଗର ଦାୟିତ୍ୱକୁ ଏଡାଇ ଯାଇଥିଲେ। ଘଟଣା ସମ୍ପର୍କରେ ସୋନପୁର ତହସିଲଦାର ଅରବିନ୍ଦ ବେହେରା କୁହନ୍ତି ମୋ ପାଖରେ ଏହି ଖବର ନଥିଲା। ସଦର ଆରଆଇଙ୍କୁ ପଠାଇ ଘଟଣାର ଅନୁଧ୍ୟାନ କଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



ହେଲିପ୍ୟାଡରେ ଚିପ୍ସ ଜମା କରାଯାଉଛି ।

---

# ସମ୍ପନ୍ନ ହେଲା ଲାଠୋର ଜଳନ୍ଧର ରାଜ କାର୍ଯ୍ୟକ୍ରମ

**ଲାଠୋର, ୧୩।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ଅଖଣ୍ଡଲେଶ୍ୱର ପୂଜା କମିଟି ଆନୁକୂଲ୍ୟରେ ୭ ଦିନ ଧରି ଚାଲିଥିବା ଜଳନ୍ଧର ରାଜ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ରଜନୀରେ ଶ୍ରୀବିଷ୍ଣୁ ଜଳନ୍ଧର ରୂପନେଇ ବୃନ୍ଦାବତୀଙ୍କ ସତୀତ୍ୱ ହରଣ ଓ ମହାଦେବଙ୍କ ହାତରେ ଜଳନ୍ଧରଙ୍କ ମୃତ୍ୟୁ ଦୃଶ୍ୟ ଅଭିନୀତ ହୋଇଥିଲା। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ନାଟ୍ୟାଭିନୟକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଭାବେ ଜୟ ହିନ୍ଦ ପବ୍ଲିକ ସ୍କୁଲର ଟ୍ରଷ୍ଟି ଶଙ୍କରଲାଲ ଅଗ୍ରୱାଲ, ବ୍ୟବସାୟୀ ଜଗନ୍ନାଥ ପ୍ରସାଦ ଅଗ୍ରୱାଲ ଯୋଗଦେଇଥିଲେ। ଜଳନ୍ଧର ଭୂମିକାରେ ଆର୍ତ୍ତତ୍ରାଣ ସୁନାନୀଙ୍କ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଜଳନ୍ଧର ରାଜ କାର୍ଯ୍ୟକ୍ରମରେ ଅଭିନୟ କରିଥିବା କଳାକାରମାନଙ୍କୁ ଆୟୋଜକ କମିଟି ତରଫରୁ ମାନପତ୍ର ପ୍ରଦାନ କରାଯାଇଥିଲା। କମିଟି ସଭାପତି ହରି ବାରିକ, ସମ୍ପାଦକ ନୀଳମଣି ବେହେରା, କୋଷାଧ୍ୟକ୍ଷ ନିମାଇ ଚରଣ ମେହେର, ଗୌରିଶଙ୍କର ଥନାପତି, ସୁଶୀଲ ଅଗ୍ରୱାଲ, ପଙ୍କଜ ଅଗ୍ରୱାଲ, ସୁମିତ ଅଗ୍ରୱାଲ, ଜିତେନ ବାଗ, ଅବିନାଶ ସେଲମା ପ୍ରମୁଖ କାର୍ଯ୍ୟକ୍ରମର ସଫଳ ସମାପନରେ ସହଯୋଗ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିବ ପ୍ରସାଦ ବାରିକ ।



ମଞ୍ଚରେ ଶିଶୁକଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।



ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତ - ଏମାନେ ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
-ମହାକବି କାଳିଦାସ



## ସଂକ୍ଷେପରେ

### ଗୁଡଭେଲା, ତୁଷୁରାରେ ଆର୍‌ଟିଓ କ୍ୟାମ୍ପ ଦାବି

**ଗୁଡ଼ଭେଲା,୧୩।୧୧(ଡି.ଏନ୍.ଏ.):** ନୂଆ ମୋଟରଯାନ ନିୟମ ଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବା ପରେ ସରକାର ୩ ମାସ ନିୟମ କୋହଳ କରି ପ୍ରତି ବ୍ଲକ, ପଞ୍ଚାୟତ ଏବଂ ଏନ୍‌ଏସିରେ ଲର୍ନିଂ ଲାଇସେନ୍ସ ଦେବାନେଇ ବ୍ୟବସ୍ଥା କରାଯିବ ବୋଲି ଘୋଷଣା କରିଥିଲେ। ହେଲେ ପରିତାପର ବିଷୟ ବଲାଙ୍ଗୀର ଆର୍‌ଟିଓ କାର୍ଯ୍ୟାଳୟ ପକ୍ଷରୁ ଗୁଡଭେଲା ଏବଂ ତୁଷୁରା ଏନ୍‌ଏସିର କୌଣସି ସ୍ଥାନରେ ଲର୍ନିଂ ଲାଇସେନ୍ସ ମିଳିବା ନେଇ ବ୍ୟବସ୍ଥା କରାଯାଇ ନାହିଁ। ବ୍ଲକରେ ୧୩ଟି ପଞ୍ଚାୟତ ରହିଥିବା ବେଳେ ତୁଷୁରା ସହରରେ ୧୧ଟି ୱାର୍ଡ ରହିଛି। ଅଞ୍ଚଳରେ ଶତାଧିକ ଗାଡି ରହିଥିବା ବେଳେ ଅଧିକାଂଶ ଲୋକଙ୍କ ଡ୍ରାଇଭିଂ ଲାଇସେନ୍ସ ହୋଇପାରି ନାହିଁ। ଅନ୍ୟପକ୍ଷେ ଗୁଡଭେଲା ବ୍ଲକ ସୀମାନ୍ତରୁ ବଲାଙ୍ଗୀର ଆର୍‌ଟିଓ କାର୍ଯ୍ୟାଳୟ ପ୍ରାୟ ୬୦ କି.ମି ଦୂର ହେଉଥିବାରୁ ଲୋକଙ୍କ ଯାତାୟାତରେ ସମସ୍ୟା ଯୋଗୁ ଡ୍ରାଇଭିଂ ଲାଇସେନ୍ସ କରି ପାରୁ ନ ଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ତୁଷୁରା ଓ ଗୁଡଭେଲା ବ୍ଲକର ବିଭିନ୍ନ ସ୍ଥାନରେ କ୍ୟାମ୍ପ ଖୋଲି ଲୋକଙ୍କୁ ଲର୍ନିଂ ଲାଇସେନ୍ସ ଦେବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

### ଯୁବତୀଙ୍କ ଆତ୍ମହତ୍ୟା

**ବ୍ରଜରାଜନଗର, ୧୩।୧୧ (ଡି.ଏନ.ଏ.):** ରିଏଣ୍ଟ ଥାନା ଅନ୍ତର୍ଗତ ଆଦର୍ଶନଗର କଲୋନୀ ଏସକ୍ୟୁ ୧୪୯ କ୍ୱାର୍ଟରରେ ରହୁଥିବା ପ୍ରିୟଙ୍କା ଜଗତ (୨୨) ଆତ୍ମହତ୍ୟା କରିଛନ୍ତି। ସେ ମଙ୍ଗଳବାର ସନ୍ଧ୍ୟା ୮ଟା ପାଖାପାଖି ଛାତ ଉପରେ ଥିବା ଏକ ଷ୍ଟୋର ରୁମରେ ନିଜ ଓଢ଼ଣୀ ଦ୍ୱାରା ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଓରିଏଣ୍ଟ ଥାନା ପ୍ରଭାରୀ ସାରଙ୍ଗ ପାଣିଗ୍ରାହୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ବୁଧବାର ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

### ଗାଡି ଧକ୍କାରେ ସାଇକେଲ ଆରୋହୀ ମୃତ: ରାସ୍ତା ଅବରୋଧ

**ବଲାଙ୍ଗୀର ଅଫିସ/ପୁଇଁତଲା, ୧୩।୧୧(ଡି.ଏନ୍.ଏ.):** ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ମଲମଣ୍ଡା ନିକଟ ଇଣ୍ଡେନ୍ ଗ୍ୟାସ ଗୋଦାମ ସମ୍ମୁଖରେ ଏକ ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ମୃତ୍ୟୁ ଘଟିଛି। ସେ ହେଲେ ଗଇଁତଲା ଗାଁର ଗୌତମ ଭୁଏ(୫୫)। ଇଣ୍ଡେନ୍ ଗ୍ୟାସ ଗୋଦାମକୁ ଗ୍ୟାସ ସିଲିଣ୍ଡର ରିଫିଲ କରିବା ପାଇଁ ଯାଉଥିବାବେଳେ ତାଙ୍କୁ ଏକ ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଉତ୍ତ୍ୟକ୍ତ ଲୋକେ ଘଟଣାସ୍ଥଳରେ ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଗାଡି ଯାତାୟାତ ବ୍ୟାହତ ହୋଇଥିଲା। ଉଭୟ ପଟରେ ଶତାଧିକ ଗାଡିମଟର ଅଟକି ରହିଥିଲା। ଖବର ପାଇ ପୁଇଁତଲା ଥାନା ଅଧିକାରୀ ବି ରୁଦ୍ରିଆ ଓ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ତେବେ ଆନ୍ଦୋଳନକାରୀମାନେ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଗଲେ ରାସ୍ତା ଅବରୋଧ ହଟିବ ବୋଲି କହିଥିଲେ। ପରେ ପୁଇଁତଲା ବିଡିଓ ଉପେନ୍ଦ୍ର ମାଝି ଘଟଣାସ୍ଥଳକୁ ଆସି ରେଡକ୍ରସ ପାଣ୍ଠିରୁ ମୃତକଙ୍କ ସମ୍ପର୍କୀୟଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସନ୍ଧ୍ୟା ସାଢ଼େ ୬ଟାରେ ରାସ୍ତା ଅବରୋଧ ହଟିଥିଲା। ରାସ୍ତାକଡରେ ଭାରୀଯାନଗୁଡିକ ଲମ୍ବା ଲାଇନ୍‌ରେ ଅଟକି ରହୁଥିବାରୁ ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଲୋକେ ଅଭିଯୋଗ କରିବା ସହ ତୁରନ୍ତ ଏଠାରେ ପୋଲିସ ପହରା ଦିଆଯିବାକୁ ଦାବି କରାଯାଇଛି।

### ଯାତ୍ରା ଦେଖି ଫେରିବା ବେଳେ ଦୁର୍ଘଟଣା, ଜଣେ ମୃତ

**ସମ୍ବଲପୁର,୧୩।୧୧(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ଥାନା ଡଙ୍ଗାପାଲ ଗ୍ରାମରୁ ଯାତ୍ରା ଦେଖି ଫେରୁଥିବା ବେଳେ ଦୁର୍ଘଟଣା ଘଟି ଚାରମାଲ ଗ୍ରାମର ବିପିନ ଭୋଇଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ କେସନଂ ୨୭୯/୧୯ରେ ଏକ ମାମଲା ରୁଜୁ ହେଇଛି। ମୃତ ବିପିନଙ୍କ ଭାଇ ଗୌରଚରଣଙ୍କ ଅଭିଯୋଗ କ୍ରମେ ସେ ଡଙ୍ଗାପାଲ ଗ୍ରାମକୁ ଯାତ୍ରା ଦେଖିବାକୁ ଆସିଥିଲେ। ଫେରିବା ସମୟରେ ଯୁଯୁମୁରା ନିକଟରେ ଏକ ଗାଡି ଧକ୍କା ଦେଇ ଫେରାର ହୋଇ ଯାଇଥିଲା।

---

ଏନ୍‌ଏଲ୍‌ସି ଇଣ୍ଡିଆ ତାପଜ ବିଦ୍ୟୁତ୍ କେନ୍ଦ୍ରର ଜନଶୁଣାଣି

# ସ୍ଥାନୀୟ ବାସିନ୍ଦାଙ୍କ ଦାବି ଉପଯୁକ୍ତ କ୍ଷତିପୂରଣ, ନିଯୁକ୍ତି

**ଝାରସୁଗୁଡ଼ା ଅଫିସ୍/ଲଖନପୁର, ୧୩।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ହିର୍ମା ପଞ୍ଚାୟତରେ ନେଭେଲି ଲିଗ୍‌ନାଇଟ୍ କର୍ପୋରେଶନ୍ ଇଣ୍ଡିଆ ଲିମିଟେଡ୍(ଏନ୍‌ଏଲ୍‌ସିଆଇଏଲ୍) ୮ଶହ ମେଗାୱାଟ୍ ବିଶିଷ୍ଟ ୩ ୟୁନିଟ୍‌ର ଏକ ତାପଜ ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ ପାଇଁ ପ୍ରସ୍ତାବ ରଖିଛି। ଏନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ପାଇଁ ଗରିହାଡ଼ିହିଠାରେ ବୁଧବାର ସର୍ବସାଧାରଣ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ନିରଞ୍ଜନ ମଲ୍ଲିକ, ଉପଜିଲାପାଳ ଶିବ ଟପ୍ପୋ, ଡେପୁଟି କଲେକ୍ଟର ଆଲୋମଣି ସେଠୀ, ଏନ୍‌ଏଲ୍‌ସି ଇଣ୍ଡିଆ ତରଫରୁ ଏଚ୍‌ଆର୍ ଡେପୁଟି ମ୍ୟାନେଜର ପ୍ରତାପ ମହାରଣା ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ କୁମ୍ଭାରୀ, ହିର୍ମା, ତରେଇକେଲା, ତୁମ୍ବେକେଲା ଓ ଲୁହେରନ୍‌କଛାର୍ ଆଦି ଗ୍ରାମର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ। ପ୍ରଥମେ ଅତିରିକ୍ତ ଜିଲାପାଳ ସାହୁ ଓ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ମଲ୍ଲିକ ଜନଶୁଣାଣି ସମ୍ପର୍କରେ ଲୋକଙ୍କୁ ସୂଚନା ଦେଇଥିଲେ। ପରେ ନିଗମ କର୍ତ୍ତୃପକ୍ଷଙ୍କ ତରଫରୁ ଏଚ୍‌ଆର୍ ଡେପୁଟି ମ୍ୟାନେଜର ମହାରଣା ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ଲୋକଙ୍କୁ ସୂଚନା ଦେଇଥିଲେ। ଏଥିରେ ୨୪ଜଣ ସ୍ଥାନୀୟ ବାସିନ୍ଦା ଜନଶୁଣାଣିରେ ନାମ ପଞ୍ଜୀକରଣ କରି ନିଜ ନିଜର ବ୍ୟକ୍ତିଗତ ମତ ରଖିଥିଲେ। ପ୍ରଥମେ ସ୍ଥାନୀୟ ବାସିନ୍ଦାଙ୍କୁ ମତ ରଖିବା ପାଇଁ ସୁଯୋଗ ଦିଆଯାଇଥିଲା। ପରେ ଜନଶୁଣାଣି ସମ୍ପର୍କରେ ଖବର ପାଇ ତରେଇକେଲା ଗ୍ରାମର ଶାନ୍ତନୁ ପାଣିଗ୍ରାହୀ, ବିଷ୍ଣୁ ପ୍ରସାଦ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଜନଶୁଣାଣି ସ୍ଥଳରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ପ୍ରକଳ୍ପକୁ ବିରୋଧ କରିଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ସମସ୍ତଙ୍କୁ ବୁଝାଶୁଝା କରିଥିଲା। ପରେ ସ୍ଥାନୀୟ ବାସିନ୍ଦା ନିଜ ନିଜର ମତ ରଖିଥିଲେ। ସୂଚନା ମୁତାବକ ଗତ ୨୨ ତାରିଖରେ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀ ଜନଶୁଣାଣି ହୋଇଥିଲା। ଏହାକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ଫଳରେ ଏହି ଜନଶୁଣାଣିକୁ ଜିଲା ପ୍ରଶାସନ ସ୍ଥଗିତ ରଖିଥିଲା। ପ୍ରଥମ ଜନଶୁଣାଣିକୁ ସ୍ଥାନୀୟ ବାସିନ୍ଦା ପ୍ରବଳ ବିରୋଧ କରିଥିବାବେଳେ ଦ୍ୱିତୀୟ ଜନଶୁଣାଣିରେ ଅଧିକାଂଶ ସ୍ଥାନୀୟ ବାସିନ୍ଦା ପ୍ରକଳ୍ପ ନିର୍ମାଣ ସପକ୍ଷରେ ରହିଛନ୍ତି। ଏନେଇ ଅତିରିକ୍ତ ଜିଲାପାଳ ସାହୁଙ୍କୁ ପଚାରିବାରୁ ଜନଶୁଣାଣିରେ ସ୍ଥାନୀୟ ବାସିନ୍ଦା ଯାହାସବୁ ମତ ରଖିଛନ୍ତି ସେସବୁକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବ। ପରେ ପ୍ରସ୍ତାବିତ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।



ଜନଶୁଣାଣିରେ ଉପସ୍ଥିତ ସ୍ଥାନୀୟ ବାସିନ୍ଦା।

---

### ଶୁଳିଆଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ଦେଓଗାଁ,୧୩।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ ଖଇରଗୁରାଠାରେ ଡିସେମ୍ବର ମାସ ୩୧ ତାରିଖରେ ଅନୁଷ୍ଠିତ ହେବ ପ୍ରସିଦ୍ଧ ଶୁଳିଆ ଯାତ୍ରା। ଏ ଅବସରରେ ଏକ ଶୁଳିଆ ମହୋତ୍ସବ ଆୟୋଜନ ପାଇଁ ବୁଧବାର ଖଇରଗୁରାସ୍ଥିତ ଲଙ୍କାଆମ୍ବ ତୋଟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲିଖମାର ପଞ୍ଚାୟତ ସରପଞ୍ଚ ବିବସ୍ୱ ଭୋଇ ବୈଠକରେ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ଆଦିବାସୀ ନେତା ମୟ ପ୍ରଧାନୀ ପରିଚାଳନା କରିଥିଲେ। ବୈଠକରେ ଚାରଭଟା ପଞ୍ଚାୟତ ସରପଞ୍ଚ ପ୍ରଭାତ କୁମାର ପାତ୍ର, ମକୁନ୍ଦପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଚକ୍ରଧର ମଲ୍ଲିକ, ଅର୍ଜୁନପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ପରମେଶ୍ୱର ରାଉତ, ଗୌରଗୋଠ ପଞ୍ଚାୟତ ପୂର୍ବତନ ସରପଞ୍ଚ ଅଶୋକ ରଣା, ଅଲେଖ ବିଶ୍ୱାଳ, ସାଧୁ ମହାକୁର, ଅନନ୍ତ ଚୌହାନ ପ୍ରମୁଖ ଯୋଗଦେଇଥିଲେ। ଶୁଳିଆଯାତ୍ରା ସୁପରିଚାଳନା ତଥା ମହୋତ୍ସବ ଆୟୋଜନ ଉପରେ ସେମାନେ ମତ ଉପସ୍ଥାପନ କରିଥିଲେ।

---

ଫୁଟବଲ ଟୁର୍ନାମେଣ୍ଟ

## ମହିଳାରେ ଭୁବନେଶ୍ୱର, ପୁରୁଷରେ ଜମାଦାରପାଲି ଚାମ୍ପିୟନ

**କିର୍ମିରା, ୧୩।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଭୀମଯୋର ପଞ୍ଚାୟତ ବୁଢ଼ାପରା ଗ୍ରାମରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଦଳଙ୍କୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟର ଆୟୋଜକ ମୁଖ୍ୟ ଜୟନ୍ତ ଅଗ୍ରୱାଲ (ବାବା)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର, ରାଉରକେଲା, ଝାରସୁଗୁଡା ଏବଂ ସମ୍ବଲପୁରର ମହିଳା ଟିମ ତଥା ହଣ୍ଡାଡୁପା କୁଆଁରମାଲ, ଠାକୁରପଡ଼ା, ଓଏମ୍‌ପି, ସାଲେପାଲି, ଜମାଦାରପାଲି, ଦେବାଡ଼ିହି, ଲାଉମାଲ, ହୀରାକୁଦ, ଲେଡ଼ିମଙ୍ଗ, ଦର୍ଲିପାଲି, ମାଲିବେଢ଼ଁରା ଏବଂ ରାଜଗାଙ୍ଗପୁରର ପୁରୁଷ ଟିମ ଯୋଗଦେଇଥିଲେ। ମହିଳା ଟିମରେ ଭୁବନେଶ୍ୱର ଏବଂ ପୁରୁଷ ଟିମରେ ଜମାଦାରପାଲି ଚାମ୍ପିୟନ ହୋଇଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ନବ ଦାସଙ୍କ ଝିଅ ନିକି ଦାସ, ବ୍ଲକ ଚେୟାରମ୍ୟାନ ତେଜରାଜ ସାହୁ, ଭୀମଯୋର ସରପଞ୍ଚ ମଞ୍ଜୁଲତା ବାଗ, ସମ୍ମାନିତ ଅତିଥି ବିଜୟ ଅଗ୍ରୱାଲ, ବବଲୁ ସିହ୍ନା, ମନ ବାଗ, ତ୍ରିଲୋଚନ ବୁଦୁଲା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କମିଟି ସଭାପତି ଗଣେଶ ଚନ୍ଦ୍ର ବାଗ, ସମ୍ପାଦକ ନରସିଂହ ବୁଢ଼ା, ବେଣୁ ଡୁଙ୍ଗଡୁଙ୍ଗଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ବିଜେତା ମହିଳା ଫୁଟ୍‌ବଲ ଦଳର ଖେଳାଳିମାନେ।

---

### ଜନ୍ମ, ମୃତ୍ୟୁ ପଞ୍ଜୀକରଣ କର୍ମଶାଳା

**ଲୋଇସିଂହା,୧୩।୧୧(ଡି.ଏନ୍.ଏ.)**

ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅଫିସ ପ୍ରାଙ୍ଗଣରେ ଜନ୍ମ, ମୃତ୍ୟୁ ପଞ୍ଜୀକରଣ ସମ୍ପର୍କରେ ପଞ୍ଚାୟତସ୍ତରୀୟ ଗୋଷ୍ଠୀ ସଚେତନତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀଆଲୋକ ପାଠାଗାର ଓ ଭୁବନେଶ୍ୱର ସିୱାଇଏସ୍‌ଡିର ମିଳିତ ଆନୁକୂଲ୍ୟରେ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ବାଦିବାହାଲ, ଯୋଗୀସର୍ଡା ଓ ବୁଢ଼ୀପଦର ପଞ୍ଚାୟତର ଭିନ୍ନ ଗ୍ରାମର ଅଙ୍ଗନୱାଡି କର୍ମୀ, ପଞ୍ଚାୟତ ପ୍ରତିନିଧି ଓ ମହିଳା, ପୁରୁଷ ଯୋଗଦେଇଥିଲେ। ଯୋଗୀସର୍ଡା ସରପଞ୍ଚ ପ୍ରଶାନ୍ତ ପଧାନ, ବୁଢ଼ୀପଦର ସରପଞ୍ଚ ଲକ୍ଷ୍ମୀ ପଧାନ, ବାଦିବାହାଲ ସରପଞ୍ଚ ଉର୍କୁଲୀ ଧରୁଆ, ଆଇସିଡିଏସ୍ ସୁପରଭାଇଜର ସଂଯୁକ୍ତା ବାବୁ, ସିଏଚ୍‌ସିର ନାରାୟଣ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କର୍ମଶାଳାରେ ସିୱାଇଏସ୍‌ଡିର ସରୋଜ କୁମାର ଓ ୟୁନିସେଫର ଅପରାଜିତା ସିହ୍ନା ବଲାଙ୍ଗୀର ଜିଲାର ଜନ୍ମ, ମୃତ୍ୟୁ ପଞ୍ଜୀକରଣ ସବିଶେଷ ବିବରଣୀ ଉପସ୍ଥାପନା କରିବା ସହ ପଞ୍ଜୀକରଣର ଆବଶ୍ୟକତା ଏବଂ ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରମାଣପତ୍ର ପାଇବା ପାଇଁ ଲୋକେ ହଇରାଣ ହରକତ ହେଉଥିବା କର୍ମଶାଳାରେ ଉପସ୍ଥିତ ଜନସାଧାରଣ ମତ ରଖିଥିଲେ।

---

## ଡିଏଭି ସ୍କୁଲ ଶିଶୁ ମହୋତ୍ସବ ଉଦ୍‌ଘାଟିତ

**ଝାରସୁଗୁଡ଼ା ଅଫିସ୍/ଲଖନପୁର, ୧୩।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଡିଏଭି ପବ୍ଲିକ୍ ସ୍କୁଲରେ ବୁଧବାର ତ୍ରିଦିବସୀୟ ଶିଶୁ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବରିଷ୍ଠ ଶିକ୍ଷାବିତ ଗୌରୀଶଙ୍କର ତିୱାରୀ ଓ ପ୍ରଦୀପ କୁମାର ମଜୁମଦାର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସ୍କୁଲ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ସନ୍ଧ୍ୟାରେ ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ରେଢ଼ାଖୋଲ ଏସ୍‌ଡିଜେଏମ୍ ଅଞ୍ଜଳି ମାଛଖଣ୍ଡେ ଓ ସମ୍ମାନିତ ଅତିଥି ଆଇନ୍‌ଜୀବୀ ତାପସରାୟ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିବସରେ ଛାତ୍ରୀଛାତ୍ରମାନେ ମହାପୁରୁଷଙ୍କ ଚରିତ୍ରରେ ଅଭିନୟ, ରଙ୍ଗୋଲି ତିଆରି, ଭିଜୁଆଲ ମିଡିଆ, ପ୍ରିଣ୍ଟିଂ ମିଡିଆ, ଫଟୋଗ୍ରାଫି, ଇଂଲିଶ ତର୍କ, ବକ୍ତୃତା, ସଙ୍ଗୀତ, କ୍ଷୁଦ୍ରନାଟକ, ନୃତ୍ୟ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହା ସହିତ ସ୍କୁଲରେ ଜେଜେମା ଓ ଜେଜେବାପାଙ୍କ ଏକ ସମ୍ମିଳନୀର ଆୟୋଜନ ହୋଇଥିଲା। ଏଥିରେ ଡ.ସ୍ୱର୍ଣ୍ଣମୟୀ ପୁରୋହିତ ଓ ବ୍ରହ୍ମକୁମାରୀ ଭଉଣୀମାନେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ସୁବାସ ଚନ୍ଦ୍ର ମିଶ୍ର, ଏମ୍‌ଭିଏଲ୍‌ଏନ୍ ରାଓ, ରାହାସ ବିହାରୀ ଦାସ, ଅକ୍ଷୟ କୁମାର ପାଣି, ନୀଳିମା ପଟେଲ, ମନିଷା ଚାନ୍ଦ, ସଙ୍ଗୀତା ସିହ୍ନା, ବିଜୟ କୁମାର ଦାସ, ଅଲେଖ ବିହାରୀ ସାହୁ, ମନ୍ମଥ ସାହୁ, ଅମରନାଥ ଯାଦବ ପ୍ରମୁଖ ଶିକ୍ଷୟତ୍ରୀ ଓ ଶିକ୍ଷକମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ଶୁକ୍ରବାର ଉଦ୍‌ଯାପିତ ହେବ ବୋଲି ଜଣାପଡ଼ିଛି।



ବିଭିନ୍ନ ବେଶଭୂଷାରେ ଡିଏଭି ସ୍କୁଲର ଛାତ୍ରୀଛାତ୍ର।

---

## ହାତୀ ଉପଦ୍ରବ, ଧାନ ଫସଲ ନଷ୍ଟ

**ଦେବଗଡ,୧୩।୧୧(ଡି.ଏନ.ଏ.)**

ହାତୀ ଉପଦ୍ରବରେ ରିଆମାଳ ବ୍ଲକ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ସନ୍ଧ୍ୟା ହେଲେ ଘରୁ କେହି ବାହାରକୁ ବାହରୁ ନାହାନ୍ତି। ଏପଟେ ଜୀବନକୁ ଭୟ, ସେପଟେ କରିଥିବା ଫସଲ ନଷ୍ଟ। ଏଣୁ ଚାଷୀକୂଳ ହତାସ ହୋଇ ଚିନ୍ତାରେ ପଡ଼ିଛନ୍ତି। ଖବର ମୁତାବକ ମଙ୍ଗଳବାରଠାରୁ ରିଆମାଳ ବ୍ଲକ ନୂଆଁଡ଼ିହି ପଞ୍ଚାୟତ ଫୁଲଝରୀ-କଳାପାଟ ପାହଡ଼ ଦେଇ ଭାଲଚବା ଗ୍ରାମର ଚିରୋପସି, ପୁରୁଣାପାଣି, କେନ୍ଦୁନାଳୀ, ପଥୁରୀନାଳୀ ଅଞ୍ଚଳରେ ଥିବା ଜମି ରାସ୍ତାର ମଲାରବାହଲ ଗ୍ରାମ ଦେଇ ଖିଲେଇ ଗ୍ରାମପଞ୍ଚାୟତର ସିଆରିମାଳିଆ ବାବାଜୀମଠ ପାଖରେ ଥିବା ତାଳବାହାଳୀ ଜଙ୍ଗଲକୁ ହାତୀପଲ ଯାଉଥିଲେ। ଏହି ସମୟରେ ରାସ୍ତାରେ ଭାଲୁଚବା ଗ୍ରାମର ନରେନ୍ଦ୍ର କୁମୁରା, ଭାଗ୍ୟରଥି କୁମୁରା, ସୁଶାନ୍ତ ଘୋଟା, ତ୍ରିନାଥ ପାତ୍ର, ହରିଶଙ୍କର ପାତ୍ର, ପୂର୍ଣ୍ଣ ଚନ୍ଦ୍ର ଦେହୁରୀ, ଅନନ୍ତ ଚରଣ ବିଶ୍ୱାଳ ଓ ଅନ୍ୟ ଗ୍ରାମବାସୀମାନଙ୍କ ଅମଳ ହେବାକୁ ଥିବା ଧାନ ଫସଲ ହାତୀପଲ ଖାଇ ଦଳିଚକଟି ନଷ୍ଟ କରିଛନ୍ତି। ଫଳରେ ସମ୍ପୃକ୍ତ ଚାଷୀମାନେ ହତାଶ ହୋଇ ପଡ଼ିଛନ୍ତି। ସେହି ଅଞ୍ଚଳରେ ହାତୀଙ୍କ ଆକ୍ରମଣରେ ଦୁଇଟି ଜୀବନ ଚାଲି ଯାଇଥିବାରୁ ଫସଲ ଜଗିବା ପାଇଁ ଭୟରେ ଧାନ ବିଲକୁ ଯାଉନାହାନ୍ତି। ହାତୀପଲକୁ ଘଉଡ଼େଇବା ଓ ଫସଲ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ଦେବାକୁ ଦାବି ହେଉଛି।



ଧାନ ଫସଲ ହାତୀପଲ ନଷ୍ଟ କରି ଦେଇଛନ୍ତି।

---

ଭିତିରିଆସାହି ରାସ ପୂର୍ଣ୍ଣିମା ଯାତ୍ରା ମହୋତ୍ସବ

## ନୃତ୍ୟ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ




କୃତୀ ପ୍ରତିଯୋଗୀଙ୍କୁ ପରସ୍କୃତ କରାଯାଉଛି।

**ଦେବଗଡ଼,୧୩।୧୧(ଡି.ଏନ.ଏ.)**

ପୌରାଞ୍ଚଳର ସର୍ବ ପୁରାତନ ଭିତିରିଆ ସାହିର ଗୋପୀ କିଶୋର ଆସୋସିଏଶନ ରାହାସ ପୂଜା କମିଟି ପକ୍ଷରୁ ରାହାସ ପୂର୍ଣ୍ଣିମା ଯାତ୍ରା ମହୋତ୍ସବ ଅବସରରେ ନୃତ୍ୟ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ପଦ୍ମା ପ୍ରିୟଂସି, ଦ୍ୱିତୀୟ ଅର୍ପିତା ରାଉତ ଏବଂ ସରୀତା କର୍ମୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଝୋଟି ପ୍ରତିଯୋଗିତାରେ ଦେବକି ଭୁକ୍ତା ପ୍ରଥମ, ଅଙ୍କୁର ରଞ୍ଜନ ସ୍ୱାଇଁ ଦ୍ୱିତୀୟ, ବିଶ୍ୱ ରଞ୍ଜନ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଦେବଗଡ ରାଣୀ ଅରୁନ୍ଧତୀ ଦେବୀ, ସମ୍ମାନିତ ଅତିଥି ଭାବେ ବିଚାରକ ଭାବେ ପରିଆ ସାହୁ, ରୋମିଓ ମହାପାତ୍ର, ଅବନୀ ମିଶ୍ର, ଉପେନ୍ଦ୍ର ଭଞ୍ଜ, ସୁମିତ୍ରା ପୁରୋହିତ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଉଦଘୋଷକ ଭାବେ ଚନ୍ଦନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶେଷ ଦିନରେ ଅତିଥି ଭାବେ ସାମାଜିକ କର୍ମୀ ଇଂ. ଚିତ୍ତରଞ୍ଜନ ପ୍ରଧାନ, ଆଇନଜୀବୀ ଦିଲୀପ ଗୁରୁ, ରୋମିଓ ମହାପାତ୍ର ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସଭାପତି ବିବେକାନନ୍ଦ ଦାସ, ସମ୍ପାଦକ ବିକାଶ କୁମାର ନାୟକ, ବାଦଲ ଦାସ, ମୁନା ସାହୁ ଚନ୍ଦନ ନାୟକ, ବରିଷ୍ଠ ସଦସ୍ୟ ବିରେନ୍ ନାୟକ, ଉଦିପ୍ତ କୁମାର ନାୟକ, ସିକୁନ ନାୟକ, ପ୍ରଭାତ ସାହୁ, ଟୁନା ସାହୁ, ଅନିଲ ନାୟକ, ଦେବେନ ନାୟକ, ଅଭିନାଶ ପ୍ରଧାନ, ପୁପୁନ ନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତା, କ୍ଲବର ସମସ୍ତ ସିନିୟର ଏବଂ ଜୁନିୟର ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।

---

### ସଞ୍ଚୟ ପକ୍ଷ ଉପଲକ୍ଷେ ଜିଲାସ୍ତରୀୟ ବୈଠକ

**ବଲାଙ୍ଗୀର ଅଫିସ,୧୩।୧୧**

ସଞ୍ଚୟ ପକ୍ଷ ଉପଲକ୍ଷେ ସ୍ଥାନୀୟ ଗାନ୍ଧୀ ଭବନରେ ବୁଧବାର ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ, ଅତିଥି ଭାବେ ବଲାଙ୍ଗୀର ଡାକମଣ୍ଡଳ ଅଧିକ୍ଷକ ଦେବୀପ୍ରସାଦ ନାୟକ, ପିଏଲ୍‌ଆଇର ଡେଭଲମେଣ୍ଟ ଅଧିକାରୀ ରସରାଜ ଅଚ୍ୟୁତ ପୁରୋହିତ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ବ୍ୟାଙ୍କ କାର୍ଯ୍ୟାଳୟର ଆର୍ଥିକ ସାକ୍ଷରତା ଉପଦେଷ୍ଟା ଓମ୍‌ପ୍ରକାଶ ମୁଣ୍ଡ ଯୋଗ ଦେଇଥିଲେ। ସ୍ୱଳ୍ପ ସଞ୍ଚୟ ଯୋଜନାରେ ପୁଞ୍ଜି ବିନିଯୋଗ କରି ଆର୍ଥିକସ୍ତରରେ ସୁରକ୍ଷିତ ରହିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଜିଲାର ସମସ୍ତ ନାଗରିକଙ୍କ ବ୍ୟାଙ୍କ ଖାତା ରହିବା ସହ କ୍ୟାସଲେସ ବ୍ୟବସ୍ଥାକୁ ଆପଣେଇ ନେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସଭାରେ ଅତିରିକ୍ତ ଜିଲାପାଳ ସେଠୀ ନିଜେ ଇଣ୍ଡିଆ ପୋଷ୍ଟ ପ୍ୟାମେଣ୍ଟ ବ୍ୟାଙ୍କରେ ଏକ ଖାତା ଖୋଲିଥିଲେ। ଏହି ଉପଲକ୍ଷେ ଗତ ୮ ତାରିଖରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସଭାରେ ପୁରସ୍କୃତ କରାଯାଇଥିଲା। ଏହି ଜିଲାସ୍ତରୀୟ ବୈଠକକୁ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଜୟ କୁମାର ଶତପଥୀ ସଂଯୋଜନା କରିଥିଲେ।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।

- ଟଲଷ୍ଟୟ

## ସଂକ୍ଷେପରେ

### ଭାଗବତ ପାରାୟଣ ସପ୍ତାହ

**ଖପ୍ରାଖୋଲ, ୧୩।୧୧(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଅନୁଷ୍ଠିତ ଭାଗବତ ପାରାୟଣ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ସାତ ଦିନ ଧରି ଭାଗବତ ପାରାୟଣ ଅନୁଷ୍ଠିତ ହୋଇଥିଲା। ପୂଜାକର୍ତ୍ତାଭାବେ ଲକ୍ଷ୍ମୀପ୍ରିୟା ମାଝୀ ଏବଂ କୁଶଧ୍ୱଜ ମାଝୀ କାର୍ଯ୍ୟ ସମ୍ପାଦନ କରିଥିଲେ। ବାବା ଭିକାରୀ ଚରଣ ଦାଶ, ଶଶୀଭୂଷଣ ପୂଝାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ସଚେତନତା ତାଲିମ ଶିବିର

**କଣ୍ଟାବାଞ୍ଜି,୧୩।୧୧(ଡି.ଏନ୍.ଏ.):** ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ କାରିଗରି ବିଭାଗ ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିଭିନ୍ନ ବିଷୟ ଉପରେ ପ୍ରୋଜେକ୍ଟର ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଥିଲା । ଶିବିରରେ ବଲାଙ୍ଗୀର ଜିଲାର ବିଭିନ୍ନ ସରକାରୀ ହାଇସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । କଳାହାଣ୍ଡି ଇଞ୍ଜିନିୟରିଂ ମହାବିଦ୍ୟାଳୟର ପ୍ରଫେସର ଡ.ବସନ୍ତ କୁମାର ସ୍ୱାଇଁ, ପ୍ରଫେସର ଅଶୋକ କୁମାର ଭୋଇ ତାଲିମ ପ୍ରଦାନ କରିଥିଲେ । ଶିବିର ପରିଚାଳନାରେ ଶିକ୍ଷକ ବିଭୁଦତ୍ତ ସାହୁ, ଜଳନ୍ଧର ମହାକୁଡ଼, ଛେଲିଆ ସାହୁ, ଶ୍ରୀରାମ ଭୋଇ, କାଣ୍ଡେଶ୍ୱର ମୁର୍ମୁ, ଶଙ୍କର ନାଗ, ହିରାଧର ମେହେର, ନିରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ବିକାଶ ଲାଠ ହତ୍ୟାକାଣ୍ଡକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା

**ବଲାଙ୍ଗୀର ଅଫିସ, ୧୩।୧୧:** ଟିଟିଲାଗଡ଼ର ବହୁଚର୍ଚ୍ଚିତ ବିକାଶ ଲାଠ ହତ୍ୟାକାଣ୍ଡ ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହା ପୁଣି ଚର୍ଚ୍ଚାର ବିଷୟ ହୋଇଛି । ହତ୍ୟାକାଣ୍ଡର ସିବିଆଇ ତଦନ୍ତ ସତ୍ତ୍ୱେ କୌଣସି ଫଳାଫଳ ମିଳିପାରି ନାହିଁ । ଫଳରେ ଘଟଣାଟି ରହସ୍ୟଜନକ ହୋଇରହିଯାଇଛି । ସିବିଆଇ ପକ୍ଷରୁ ଏହି ଘଟଣାକୁ ପୁଣି ଥରେ ତଦନ୍ତ କରାଯିବ ବୋଲି ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ୧୯୯୭ ଡିସେମ୍ବର ମାସରେ ଟିଟିଲାଗଡ଼ର ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ପୁଅଙ୍କୁ କିଛି ଦୁର୍ବୃତ୍ତ ଅପହରଣ କରିନେଇ ୭ ଲକ୍ଷ ଟଙ୍କା ମାଗିଥିଲେ । ଅପହରଣ ଘଟଣାର ୩ ଦିନ ପରେ ବିକାଶଙ୍କ ମୃତଦେହ ଟିଟିଲାଗଡ଼ ଝାରଦେବନ୍ଧ ନିକଟ ଏକ କୂଅରୁ ମିଳିଥିଲା। ଏହି ଘଟଣା ସେତେବେଳେ ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା । ସିବିଆଇ ଉକ୍ତ ହତ୍ୟା ଘଟଣାର ତଦନ୍ତ କରିଥିଲେ ମଧ୍ୟ କୌଣସି ସୁରାକ ପାଇବାରେ ସଫଳ ହୋଇ ନ ଥିଲା ।

### ସରିଲା କଳାସୀ ଯାତ୍ରା

**ତୁଙ୍ଗୁରିପାଲି, ୧୩।୧୧(ଡି.ଏନ.ଏ.):** ତୁଙ୍ଗୁରିପାଲି ବ୍ଲକ ଅଞ୍ଚଳରେ କଳାସୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦିଗସିରା, ବଡଫଟାମୁଣ୍ଡା, ଲରିଆବାହାଲ, ଚେରୁପାଲି, ଭାଟବାହାଲି, ସହଲା, ସମଲାଇଟୁଆଁ, କେନ୍ଦୁଟିକ୍ରା, ସାରସମାଲ ପ୍ରମୁଖ ଗ୍ରାମରେ ଏହି ଯାତ୍ରା ବିଶେଷ ଉତ୍ସାହ ଓ ନିଷ୍ଠାରେ ସମ୍ପନ୍ନ ହୋଇଛି। ଗ୍ରାମମାନଙ୍କରେ ଥିବା ଶିବ ମନ୍ଦିରରୁ ଦେବତାମାନଙ୍କୁ ବରଣ କରି ଅଣାଯାଇ କଳାସୀ କୋଠିରେ ପୂଜା କରାଯାଇଥିଲା । ତା ପରଦିନ ଦେବତାମାନଙ୍କୁ ଗ୍ରାମରେ ଗୋଡଧୁଆ କରାଯାଇଥିଲା। ପରେ ବରୁଆମାନେ ଗ୍ରାମରୁ ବାହାରି ଯାତ୍ରା ପଡିଆକୁ ଯାଇଥିଲେ। ବାଟରେ ପଥେଇଠାରେ ପୂଜାର୍ଚ୍ଚନା ପରେ ବରୁଆମାନେ ସେଠାରେ ଥିବା କଣ୍ଟା ଦୋଳିରେ ଝୁଲିଥିଲେ। ଅପରାହ୍ନରେ ଯାତ୍ରା ପଡିଆକୁ ଯାଇ ବରୁଆମାନେ ନୃତ୍ୟ କରିଥିଲେ। ସନ୍ଧ୍ୟାରେ ବରୁଆମାନେ ନଗର ଭ୍ରମଣ କରିଥିଲେ।

# ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ସଂଘର ବିକ୍ଷୋଭ

**ବଲାଙ୍ଗୀର ଅଫିସ, ୧୩।୧୧**



ଇଷ୍ଟକୋଷ୍ଟ ରେଲୱେ ବଲାଙ୍ଗୀର ଶାଖା ଶ୍ରମିକ ସଂଘ ପକ୍ଷରୁ ରେଲୱେ ଯନ୍ତ୍ରୀଙ୍କୁ ୧୩ ଦଫା ଦାବି ପ୍ରଦାନ କରାଯାଉଛି ।

ଇଷ୍ଟକୋଷ୍ଟ ରେଲୱେ ବଲାଙ୍ଗୀର ଶାଖା ଶ୍ରମିକ ସଂଘ ପକ୍ଷରୁ ୧୩ ଦଫା ଦାବି ନେଇ ଅତିରିକ୍ତ ସହାୟକ ମଣ୍ଡଳ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରାଯାଇଥିଲା । ସଭାପତି କମ୍ରେଡ ମଧୁସୂଦନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ରେଳ କର୍ମଚାରୀମାନଙ୍କ ଉପରେ ଦିନକୁ ଦିନ ଶୋଷଣ ବଢିବାରେ ଲାଗି ଥିବାବେଳେ ଆବଶ୍ୟକ ସୁବିଧା ସୁଯୋଗରୁ ସେମାନଙ୍କୁ ବଞ୍ଚିତ କରାଯାଉଥିବା ନେଇ ଶ୍ରମିକ ନେତାମାନେ ଅଭିଯୋଗ କରିଥିଲେ । ରେଲୱେ କ୍ୱାଟରଗୁଡିକ ଅସମ୍ପୂର୍ଣ୍ଣ ହୋଇ ପଡିରହିଛି ଓ ନିର୍ଦ୍ଧାରିତ ସମୟରେ କର୍ମଚାରୀମାନଙ୍କ ପଦୋନ୍ନତି କରାଯାଉ ନାହିଁ ବୋଲି ଅଭିଯୋଗ କରିଥିଲେ । କର୍ମଚାରୀମାନଙ୍କ ବଦଳି ଦରଖାସ୍ତଗୁଡିକୁ ପ୍ରକ୍ରିୟାକରଣ କରାଯିବା ବଦଳରେ ପକାଇ ରଖାଯାଉଥିବା ସେମାନେ ଅଭିଯୋଗ କରିଥିଲେ । ଏଥିରେ ସମ୍ବଲପୁର ମଣ୍ଡଳ ସଂଯୋଜକ ସାଜନ କୁମାର ଅଗ୍ରୱାଲ, କେନ୍ଦ୍ରୀୟ ପଦାଧିକାରୀ ସନ୍ତୋଷ କୁମାର ମିଶ୍ର, ସମ୍ପାଦକ ମହେଶ୍ୱର ନାୟକ, ହରିବନ୍ଧୁ ହାତୀ, ଉତ୍କଳ ସାହୁ, ଉଜ୍ୱଳ ସାହୁ, ଏ. ସୂର୍ଯ୍ୟପ୍ରକାଶ ରାଓ ଓ ବିରଞ୍ଚି କୁମ୍ଭାର ପ୍ରମୁଖ ଶ୍ରମିକମାନଙ୍କ ବହୁବିଧ ସମସ୍ୟା ଉପସ୍ଥାପନ କରିଥିଲେ । ବିକ୍ଷୋଭ ସଭାବେଶ ପରେ ଶ୍ରମିକ ସଂଘ କାର୍ଯ୍ୟାଳୟ ପରିସରରେ ଏକ ସାଧାରଣ ସଭା ହୋଇଥିଲା । ସଭାରେ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣା ନୀତି ଓ ଶୋଷଣ ବିରୋଧରେ ସମାଲୋଚନା କରାଯାଇଥିଲା । ସାମ୍ପ୍ରତିକ ସମୟରେ କେନ୍ଦ୍ର ସରକାର ରେଲୱେର ଘରୋଇକରଣ ପାଇଁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ କରିବା ସହିତ ଏହାର ପରିଣାମ ଭୟାବହ ହେବ ବୋଲି କହିଥିଲେ। ଆନ୍ଦୋଳନରେ ଅମର ସେନାପତି, କରମଲିଆ ମହାକୁଡ, ଶିବ କୁମାର ଗୌଡ, ପୁରୁଷୋତ୍ତମ ଦୋରା, ସମୀର ଭୋଇ, ରମାକାନ୍ତ ରାଉତ, ଗୀତାଞ୍ଜଳି ଛତ୍ରିଆ, ସଞ୍ଜୁକ୍ତା ତନ୍ତୀ, ରାଣାପ୍ରତାପ କୁମ୍ଭାର, ହୁତାସନ ନାଗ, ସାମାଜିକ କର୍ମୀ ଅଶୋକ ସାହୁ, ଅନନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ବିକ୍ଷୋଭରେ ବହୁ ସଂଖ୍ୟକ କର୍ମଚାରୀ ଯୋଗ ଦେଇଥିଲେ ।

## ଟ୍ରାକ୍ଟର ଚକା ତଳେ ପଡ଼ି ଶ୍ରମିକଙ୍କ ମୃତ୍ୟୁ

**ବେଲପଡ଼ା, ୧୩।୧୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ା ଲାନ୍ଥ ନଦୀ (ନଲଟି ଗୁଡି ଘାଟ)ରେ ବୁଧବାର ଏକ ଟ୍ରାକ୍ଟର ଚକା ତଳେ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶଙ୍କର ପୋଢ(୪୨) । ସୂଚନା ମୁତାବକ, ସବୁ ଦିନ ପରି ଟ୍ରାକ୍ଟର ଡ୍ରାଇଭର ସହ ଶ୍ରମିକମାନେ ବାଲି ଆଣିବାକୁ ନଦୀକୁ ଯାଇଥିଲେ । ସେତିକିବେଳେ ଟ୍ରାକ୍ଟର ଏକ ଚକା ଦବି ଯାଇଥିଲା । ଚକା ତଳେ ଏକ କାଠ ଗଣ୍ଡି ଦେଇ ଟ୍ରାକ୍ଟରକୁ ବାହାର କରିବାକୁ ଚେଷ୍ଟା କରାଯାଉଥିଲା । ସେତିକିବେଳେ କୌଣସି କ୍ରମେ ଶଙ୍କର ଟ୍ରାକ୍ଟର ଚକା ତଳେ ପଡିଯାଇଥିଲେ । ଶ୍ରମିକମାନେ ଶଙ୍କରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବେଲପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। । ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ପୋଲିସ ଏକ ମାମଲା(ନଂ.୨୧୨/୧୯) ରୁଜୁ କରିଛି।

## ସମ୍ପନ୍ନ ହେଲା ଲାଠୋର ଜଳନ୍ଧର ରାଜ କାର୍ଯ୍ୟକ୍ରମ

**ଲାଠୋର, ୧୩।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ଅଖଣ୍ଡଲେଶ୍ୱର ପୂଜା କମିଟି ଆନୁକୂଲ୍ୟରେ ୭ ଦିନ ଧରି ଚାଲିଥିବା ଜଳନ୍ଧର ରାଜ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ରଜନୀରେ ଶ୍ରୀବିଷ୍ଣୁ ଜଳନ୍ଧର ରୂପନେଇ ବୃନ୍ଦାବତୀଙ୍କ ସତୀତ୍ୱ ହରଣ ଓ ମହାଦେବଙ୍କ ହାତରେ ଜଳନ୍ଧରଙ୍କ ମୃତ୍ୟୁ ଦୃଶ୍ୟ ଅଭିନୀତ ହୋଇଥିଲା। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ନାଟ୍ୟାଭିନୟକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଭାବେ ଜୟ ହିନ୍ଦ ପବ୍ଲିକ ସ୍କୁଲର ଟ୍ରଷ୍ଟି ଶଙ୍କରଲାଲ ଅଗ୍ରୱାଲ, ବ୍ୟବସାୟୀ ଜଗନ୍ନାଥ ପ୍ରସାଦ ଅଗ୍ରୱାଲ ଯୋଗଦେଇଥିଲେ। ଜଳନ୍ଧର ଭୂମିକାରେ ଆର୍ତ୍ତତ୍ରାଣ ସୁନାନୀଙ୍କ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଜଳନ୍ଧର ରାଜ କାର୍ଯ୍ୟକ୍ରମରେ ଅଭିନୟ କରିଥିବା କଳାକାରମାନଙ୍କୁ ଆୟୋଜକ କମିଟି ତରଫରୁ ମାନପତ୍ର ପ୍ରଦାନ କରାଯାଇଥିଲା। କମିଟି ସଭାପତି ହରି ବାରିକ, ସମ୍ପାଦକ ନୀଳମଣି ବେହେରା, କୋଷାଧ୍ୟକ୍ଷ ନିମାଇ ଚରଣ ମେହେର, ଗୌରିଶଙ୍କର ଥନାପତି, ସୁଶୀଲ ଅଗ୍ରୱାଲ, ପଙ୍କଜ ଅଗ୍ରୱାଲ, ସୁମିତ ଅଗ୍ରୱାଲ, ଜିତେନ ବାଗ, ଅବିନାଶ ସେଲମା ପ୍ରମୁଖ କାର୍ଯ୍ୟକ୍ରମର ସଫଳ ସମାପନରେ ସହଯୋଗ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିବ ପ୍ରସାଦ ବାରିକ ।



ମଞ୍ଚରେ ଶିଶୁକଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

## ବଙ୍ଗୋମୁଣ୍ଡା ଧନୁଯାତ୍ରା ଉଦ୍‌ଯାପିତ

**ବଙ୍ଗୋମୁଣ୍ଡା, ୧୩।୧୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡାରେ ପାଞ୍ଚଦିନ ଧରି ଚାଲିଥିବା ଧନୁଯାତ୍ରା ମହୋତ୍ସବ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ମଧ୍ୟାହ୍ନରେ ମହାରାଜ ସୈନ୍ୟ ସାମନ୍ତଙ୍କ ସହିତ ହାତୀରେ ବସି ନଗର ପରିକ୍ରମା କରିଥିଲେ । ଏହି ସମୟରେ ମହାରାଜ ସାମାଜିକ ଓ ପ୍ରଶାସନିକ ତ୍ରୁଟି କରିଥିବା ଅଧିକାରୀ ଓ ବ୍ୟକ୍ତିଙ୍କୁ ଜରିମାନାଦେଶ କରିଥିଲେ। ନଗର ପରିକ୍ରମା ପରେ ସନ୍ଧ୍ୟାରେ ଧନୁଯାତ୍ରା ପଡିଆକୁ ଆସିଥିଲେ । ମହାରାଜଙ୍କ ରାଜଦରବାର ଅନୁଷ୍ଠିତ ହୋଇଥିଲା। ଏହି ଦରବାରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଗବେଷକ ଡ. ଗିରିଧର ଗୋମାଙ୍ଗୋ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥିଭାବେ ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଲାଲଚନ ପୁଟେଲ, ସାମାଜିକ କର୍ମୀ କିଶନଲାଲ ଅଗ୍ରୱାଲ, ଧନୁଯାତ୍ରା ପ୍ରତିଷ୍ଠାତା ମାଧବ ହଂସ ପ୍ରମୁଖ ଉପସ୍ଥିତ ଥିଲେ । କଂସବଧ ଦୃଶ୍ୟ ଅଭିନୀତ ପରେ କଂସଙ୍କ ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରି ପୋଡା ଯାଇଥିଲା ଏବଂ ଆତିସବାଜି କରାଯାଇଥିଲା ।

## ଖବର ପରିବେଷଣ ପରେ ପ୍ରଶାସନର ତତ୍ପରତା
# ହରିଶଙ୍କର ଶିଶୁ ଉଦ୍ୟାନ ସଫେଇ ହେଲା



ସଫେଇ ପରେ ହରିଶଙ୍କର ଶିଶୁ ଉଦ୍ୟାନ।

**ଖପ୍ରାଖୋଲ, ୧୩।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ଶିଶୁ ଉଦ୍ୟାନ ଘାସବୁଦାରେ ପରିପୂର୍ଣ୍ଣ ହୋଇଯାଇ ଲୋକଙ୍କ ବ୍ୟବହାରରେ ଆସୁ ନ ଥିଲା । ଏ ନେଇ ଅକ୍ଟୋବର ୧୫ ତାରିଖ ଧରିତ୍ରୀରେ 'କାମରେ ଆସୁନି ହରିଶଙ୍କର ଶିଶୁ ଉଦ୍ୟାନ, ମାଡି ଯାଇଛି ଘାସଲତା' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରସାରଣର ୪ ଦିନ ପରେ ଓଡିଶା ପର୍ଯ୍ୟଟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ହରିଶଙ୍କରରେ ପହଞ୍ଚି ବିଭିନ୍ନ ପ୍ରକଳ୍ପ ସହ ଶିଶୁ ଉଦ୍ୟାନ ମଧ୍ୟ ବୁଲି ଦେଖିଥିଲେ । ଏବେ ପ୍ରଶାସନ ତତ୍ପରତା ଦେଖାଇ ଘାସବୁଦା ମାଡିଥିବା ଶିଶୁ ଉଦ୍ୟାନକୁ ସଫା କରିଛି । ପାଟଣାଗଡ ଉପଜିଲାପାଳ ସୋମନାଥ ପଧାନଙ୍କ ଉଦ୍ୟମ ଏବଂ ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକଙ୍କ ଉପସ୍ଥିତିରେ ସଫେଇ କରାଯାଇଛି। ଏ ନେଇ ତହସିଲଦାର ନାଏକଙ୍କୁ ପଚାରିବାରୁ ପ୍ରାଥମିକ ପର୍ଯ୍ୟାୟରେ ଘାସ ବୁଦା ସଫା ସରିଛି । ଆଗକୁ ଏହାକୁ ଆହୁରି ଆକର୍ଷଣୀୟ କରାଯିବ ବୋଲି କହିଛନ୍ତି।

## ଲାଠୋର ପ୍ରାଣୀଧନ ଚିକିତ୍ସା କେନ୍ଦ୍ର
# କାର୍ଯ୍ୟକ୍ଷମ ହେଉନି ବର୍ଜ୍ୟବସ୍ତୁ ଭସ୍ମକ ଯନ୍ତ୍ର

**ଲାଠୋର, ୧୩।୧୧ (ଡି.ଏନ.ଏ.)**



ଲାଠୋର ପ୍ରାଣୀଧନ ଚିକିତ୍ସା କେନ୍ଦ୍ର।

ଖପ୍ରାଖୋଲ ବ୍ଲକ ଲାଠୋର ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଏବେ ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ଏହି କେନ୍ଦ୍ର ଉପରେ ଅଞ୍ଚଳର ୩୫ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ନିର୍ଭର କରୁଥିବା ବେଳେ ଅବ୍ୟବସ୍ଥା ସେମାନଙ୍କୁ ହତାଶ କରିଛି। ଏଠାରେ ଡାକ୍ତର ରହିବା ପାଇଁ ବାସଗୃହ ଥିବା ବେଳେ ପ୍ରାଣୀ ଚିକିତ୍ସା ପାଇଁ ଗୋଟିଏ ମାତ୍ର କୋଠରିରେ ରହିଛି। ସରକାରୀ ନିୟମ ଅନୁଯାୟୀ ପଶୁ ପକ୍ଷୀଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଗୃହ ରହିବା କଥା। ହେଲେ ଏଠାରେ ଚିକିତ୍ସା ଖୋଲା ଆକାଶ ତଳେ କରାଯାଉଛି। ଚିକିତ୍ସା କେନ୍ଦ୍ରର ପାଚେରି ନ ଥିବାରୁ ଲୋକେ ଏହା ଭିତରକୁ ଅବାଧରେ ପ୍ରବେଶ କରୁଛନ୍ତି। ପୁନଶ୍ଚ ଏତେ ସଂଖ୍ୟକ ଗାଁର ଲୋକେ ଏହି କେନ୍ଦ୍ରରେ ସେମାନଙ୍କ ପ୍ରାଣୀ ସମ୍ପଦର ଚିକିତ୍ସା କରିବାକୁ ଆଶା ରଖିଥିବା ବେଳେ ଆବଶ୍ୟକତ କର୍ମଚାରୀ ନାହାନ୍ତି। ଜଣେ ଡାକ୍ତର ଏବଂ ଜଣେ ପିଅନରେ ଚାଲିଛି ଚିକିତ୍ସା କେନ୍ଦ୍ର। ଅନ୍ୟ ଏକ ଘଟଣାକ୍ରମରେ ତିନି ବର୍ଷ ହେବ ବର୍ଜ୍ୟବସ୍ତୁ ଭସ୍ମକ ଯନ୍ତ୍ର ଚିକିତ୍ସା କେନ୍ଦ୍ରକୁ ଆସି ଥିଲେ ହେଁ ଆବଶ୍ୟକ କୋଠରି ଅଭାବରୁ ତାହା କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଏ ନେଇ ଲାଠୋର ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଅଧିକାରୀ ଡା. କାରୋ ମାରାଣ୍ଡିଙ୍କୁ ପଚାରିବାରୁ ଉପରୋକ୍ତ ସମସ୍ତ ସମସ୍ୟା ଉପରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଉଛି। ଏହି ପରିସ୍ଥିତିରେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ରାମଚନ୍ଦ୍ରପୁର ପ୍ୟାକ୍ସରେ ସମ୍ପାଦକଙ୍କୁ ଆକ୍ରମଣ ପ୍ରସଙ୍ଗ
# ଚାଷୀଙ୍କ ଅଭିଯୋଗର ଅନୁଧ୍ୟାନ କଲେ ଉପଜିଲାପାଳ

**ଦେଓଗାଁ, ୧୩।୧୧(ଡି.ଏନ.ଏ.)**

ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର କୃଷିସେବା ସମବାୟ ସମିତିରେ ଗତ ୬ ତାରିଖରେ ବିଭାଗୀୟ ତଦନ୍ତ ଚାଲିଥିବା ସମୟରେ କେତେକ ବ୍ୟକ୍ତି ପ୍ୟାକ୍ସ ସମ୍ପାଦକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ଶୁକ୍ରବାର ଜିଲା ସମବାୟ ସମିତି କର୍ମଚାରୀ ସଂଘ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲା। ଉପଯୁକ୍ତ ତଦନ୍ତ ନହେଲେ କଲମଛାଡ ଆନ୍ଦୋଳନ କରିବୁ ବୋଲି କୃଷି ସେବା ସମବାୟ ସମିତି ଜିଲା କର୍ମଚାରୀ ସଂଘ ତରଫରୁ ଲିଖିତ ଚେତାବନୀ ଦିଆଯାଇଥିଲା । ଅନ୍ୟପକ୍ଷେ ଉକ୍ତ ପ୍ୟାକ୍ସରେ ଅନେକ ସମୟରେ ଅନିୟମିତତା ଲାଗିରହିଥିବା ନେଇ କେତେକ ଚାଷୀ ଜିଲା ପ୍ରଶାସନଠାରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ନେଇ ବୁଧବାର ଅପରାହ୍ନରେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ରାମଚନ୍ଦ୍ରପୁର କୃଷି ସେବା ସମବାୟ ସମିତିରେ ପହଞ୍ଚି ଚାଷୀଙ୍କ ଅଭିଯୋଗ ଉପରେ ଅନୁଧ୍ୟାନ କରିଛନ୍ତି । ସମସ୍ୟା ସମ୍ପର୍କରେ ଉପ ଜିଲାପାଳ ମିଶ୍ରଙ୍କୁ ପଚାରିବାରୁ ଉକ୍ତ ପ୍ୟାକ୍ସର କେତେକ ଚାଷୀ ଅନିୟମିତତା ଉପରେ ଅଭିଯୋଗ ଉଠାଇଛନ୍ତି । ମୁଁ ଏହାର ପ୍ରାଥମିକ ତଦନ୍ତ କରିଛି। ଆଗକୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ ।

## ମାହେଶ୍ୱରୀ କ୍ରିକେଟ ଉଦ୍‌ଘାଟିତ
# ମାକ୍ରିପଡ଼ା, ବାଙ୍କେଲ ଦଳ ବିଜୟୀ

**ମୁରିବାହାଲ, ୧୩।୧୧ (ଡି.ଏନ.ଏ.)**



ଉଦ୍‌ଘାଟନୀ ମ୍ୟାଚରେ ଉଭୟ ଦଳର ଖେଳାଳିମାନଙ୍କ ସହ ଅତିଥିମାନେ।

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ଗ୍ରାମ ପଞ୍ଚାୟତର ଯମୁନା ଗ୍ରାମର ୧୧ତମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦଘାଟିତ ହୋଇଛି। ଉଦ୍‌ଘାଟନୀ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟନୀ ମ୍ୟାଚ ମାକ୍ରିପଡା ଓ ରେଙ୍ଗାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାକ୍ରିପଡା ୩ ଉଇକେଟରେ ବିଜୟ ଲାଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ନିର୍ଦ୍ଧାରିତ ୧୨ ଓଭରରେ ପ୍ରଥମ ବ୍ୟାଟିଂ କରି ବାଙ୍କେଲ ଦଳ ୯୨ ରନ ସଂଗ୍ରହ କରିଥିଲା। ଦେହେଲି ଦଳ ସମସ୍ତ ଉଇକେଟ ହରାଇ ୭୬ ରନ କରି ୧୬ ରନରେ ପରାଜିତ ହୋଇଥିଲା । ମୁରିବାହାଲ ସାମ୍ବାଦିକ ସଂଘ ବ୍ଲକ ସଭାପତି ଭଗବାନ ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବରେ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ କ୍ରୀଡାବିତ ବିଚିତ୍ର ପରଡିଆ ଯୋଗଦେଇଥିଲେ । ଏହି ଟୁର୍ନାମେଣ୍ଟର ୧୬ ଗୋଟି ଦଳ ଅଂଶ ଗ୍ରହଣ କରିଛନ୍ତି। ମ୍ୟାଚକୁ ସୁଶାନ୍ତ ପଧାନ ଓ ସୌମ୍ୟରଞ୍ଜନ ଭୋଇ ପରିଚାଳନା କରିଥିଲେ । କମିଟି ସଭାପତି ଧର୍ମେନ୍ଦ୍ର ପ୍ରଧାନ, ସମ୍ପାଦକ ବ୍ୟାସଦେବ ପଧାନ, କୋଷାଧ୍ୟକ୍ଷ ଅଶୋକ ପଧାନଙ୍କ ନେତୃତ୍ୱରେ ପ୍ରହଲ୍ଲାଦ ସିକା, ସରୋଜ ମହାକୁର, ଟଙ୍କଧର ପ୍ରଧାନ, ସଚ୍ଚିଦାନନ୍ଦ ମହାକୁର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରୁଛନ୍ତି ।

## ଶିକ୍ଷା, ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଦାବି
# ଲୋକ ଉନ୍ନତି ସଙ୍ଗଠନର ବାଇକ୍ ରାଲି

**କଣ୍ଟାବାଞ୍ଜି,୧୩।୧୧(ଡି.ଏନ୍.ଏ.)**



ରାଲିରେ ବାହାରିଥିବା ଲୋକ ଉନ୍ନତି ସଙ୍ଗଠନର କର୍ମକର୍ତ୍ତା ।

ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଦାବିନେଇ ବଲାଙ୍ଗୀର ଲୋକ ଉନ୍ନତି ସଂଗଠନ ପକ୍ଷରୁ ଏକ ବାଇକ୍ ରାଲି ଆରମ୍ଭ ହୋଇଯାଇଛି । ରାଲି ବଲାଙ୍ଗୀର ଜିଲାର ୧୪ଟି ବ୍ଲକର ବିଭିନ୍ନ ଗାଁକୁ ୧୪ତାରିଖ ପର୍ଯ୍ୟନ୍ତ ବୁଲି ଜନସାଧାରଣଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଦାବି ଉପରେ ସଚେତନ କରିବାକୁ ସଂଗଠନ ପକ୍ଷରୁ ସ୍ଥିର କରାଯାଇଛି। ନଭେମ୍ବର ୧୫ରେ କଳାହାଣ୍ଡି ଜିଲାରେ ପାଳନ ହେବାକୁ ଥିବା ବିର୍ସାମୁଣ୍ଡା ଜୟନ୍ତୀରେ ରାଲି ଯୋଗ ଦେବାପରେ ଜିଲାର ବିଭିନ୍ନ ଗାଁରେ ବୁଲି ସଚେତନତା ସୃଷ୍ଟି କରିବା ପରେ ଡିସେମ୍ବର ୧୦ତାରିଖରେ ରାଜଧାନୀ ଭୁବନେଶ୍ୱରରେ ବିଶ୍ୱ ମାନବ ଦିବସ ଅବସରରେ ଉତ୍କଳ ମଣ୍ଡପଠାରେ ହେବାକୁଥିବା ସମାବେଶରେ ସଂଗଠନ କର୍ମକର୍ତ୍ତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ନେଇ ଏକ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ରହିଥିବା ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଲୋକ ଉନ୍ନତି ସଂଗଠନର ବିଶ୍ୱନାଥ ବାଗ, ଗୀତାଞ୍ଜଳି, ସୁଭଦ୍ରା, ସ୍ୱର୍ଣ୍ଣା, ବିକ୍ରମ, ନରେଶ, ରୁପାଧର, ପରୀକ୍ଷିତ, ମମତା ପ୍ରମୁଖ ରାଲିରେ ସାମିଲ ହୋଇଛନ୍ତି।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍

## ସଂକ୍ଷେପରେ

### ଷ୍ଟାମ୍ପ ପେପର, କୋର୍ଟ ଫି ମିଳୁନି: ଓକିଲ, ଷ୍ଟାମ୍ପ ଭେଣ୍ଡର ହନ୍ତସନ୍ତ

**ନୂଆପଡା ଅଫିସ,୧୩।୧୧** - ଆଜିକୁ ମାସେରୁ ଉର୍ଦ୍ଧ୍ୱ ସମୟ ହେବ ନୂଆପଡା ଟ୍ରେଜେରୀ ଅଫିସରୁ ଆବଶ୍ୟକ ମୁତାବକ ଷ୍ଟାମ୍ପ ପେପର ଏବଂ କୋର୍ଟ ଫି ମିଳୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ୧ ଟଙ୍କିଆ, ୧୦ ଟଙ୍କିଆ, ଶହେ ଏବଂ ପାଞ୍ଚ ଶହ ଟଙ୍କିଆ ଷ୍ଟାମ୍ପ ମିଳୁ ନ ଥିବାବେଳେ କୋର୍ଟ ଫି ମଧ୍ୟ ମିଳୁ ନ ଥିବା ନୂଆପଡା ଷ୍ଟାମ୍ପ ଭେଣ୍ଡର ସଂଘ ସଭାପତି ଦାମୋଦର ଦାସ ଅଭିଯୋଗ କରିଛନ୍ତି। ଏହା ମିଳୁ ନ ଥିବାରୁ ଲୋକେ ବାଧ୍ୟ ହୋଇ ଅଧିକ ଦରରେ ଷ୍ଟାମ୍ପ କିଣୁଥିବାବେଳେ ବହୁ ସମୟରେ ଜମି ଜମା ରେଜିଷ୍ଟ୍ରେସନ ବନ୍ଦ ପଡୁଥିବା କହିଛନ୍ତି। ଏହାକୁ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଛି। ଜିଲା ପ୍ରଶାସନ ଦୃଷ୍ଟି ନ ଦେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦିଆଯାଇଛି ।

ସିନାପାଲିରେ ଏ ପର୍ଯ୍ୟନ୍ତ ଖୋଲିନି ମଣ୍ଡି

# ଓଡ଼ିଶା ଧାନ ଛତିଶଗଡ଼ ଯାଉଛି

**ସିନାପାଲି,୧୩।୧୧ (ଡି.ଏନ.ଏ.)**

**ସିନାପାଲି ବ୍ଲକ**
- ଧାନ ଅମଳ ପ୍ରାୟ % ୫୦ ଭାଗ ଶେଷ

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅଞ୍ଚଳରେ ଧାନ ଅମଳ ପ୍ରାୟ % ୫୦ ଭାଗ ଶେଷ ହୋଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଧାନ ବିକ୍ରୟ ପାଇଁ ସରକାର ମଣ୍ଡି ଖୋଲିନାହାନ୍ତି । ଫଳରେ ଚାଷୀ ଅଭାବୀ ବିକ୍ରିର ଶିକାର ହେବାକୁ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ଓଡିଶାର ଧାନ ପଡୋଶୀ ଛତିଶଗଡ ଚୋରା ଚାଲାଣ ହେଉଥିବା ଜଣାପଡିଛି। ମଣ୍ଡି ଖୋଲି ନ ଥିବା ଯୋଗୁ ଅସାଧୁ ବେପାରୀମାନେ କୁଇଣ୍ଟାଲ ପ୍ରତି ହଜାରରୁ ୧୨ଶହ ଟଙ୍କା ମଧରେ ଧାନ କିଣି ଗୋଦାମରେ ମହଜୁଦ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । କେତେକ ଅସାଧୁ ବେପାରୀ ଧାନ କିଣି ସିଧାସଳଖ ପଡୋଶୀ ଛତିଶଗଡକୁ ଚାଲାଣ କରିଦେଉଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ଓଡିଶା ସରକାର କୁଇଣ୍ଟାଲ ପ୍ରତି ଧାନର ସହାୟକ ମୂଲ୍ୟ ୧୮୧୫ ଟଙ୍କା କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ପଡୋଶୀ ଛତିଶଗଡ ସରକାର ବୋନସ ସହିତ କୁଇଣ୍ଟାଲ ପ୍ରତି ୨୫୦୦ ଟଙ୍କା ଦରରେ ଚାଷୀମାନଙ୍କଠାରୁ ଧାନ କିଣିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ନୂଆପଡା ଜିଲା ସିନାପାଲି ବ୍ଲକ୍ ଅଞ୍ଚଳ ଛତିଶଗଡ ସୀମାନ୍ତବର୍ତ୍ତୀ ହୋଇଥିବାରୁ ଏଠିକାର ଧାନ ଚୋରା ଚାଲାଣ ପାଇଁ ସହଜ ହେଉଛି। ପ୍ରତ୍ୟହ ପିକ୍‌ଅପ୍ ଭ୍ୟାନ ଓ ଟ୍ରକରେ ଶହ ଶହ କୁଇଣ୍ଟାଲ ଧାନ ଖୋଲାଖୋଲି ଭାବେ ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ସିନାପାଲିରୁ ଦେଓଭୋଗ ଭାୟା ସିଂଗଝର ଓ ସିନାପାଲିରୁ ଗୋହିରାପଦର ଭାୟା କେନ୍ଦୁମୁଣ୍ଡା ରାସ୍ତାରେ ପ୍ରତ୍ୟହ ଧାନ ଚୋରାଚାଲାଣ ହେଉଥିବା ଜଣାପଡିଛି। ଏପରି କି ଛତିଶଗଡର କିଛି କୋଚିଆ ବେପାରୀ ମଧ ଓଡିଶା ଭିତରେ ଧାନ କ୍ରୟ କରୁଥିବା ଅଭିଯୋଗ ହୋଇଛି। ସେହିପରି ସିନାପାଲି ବ୍ଲକ ଅନ୍ତର୍ଗତ ସିନାପାଲି, ନିଲଜୀ, ଗଣ୍ଡାବାହାଲି, ହାତୀବନ୍ଧା, ଲିଟିଗୁଡା, ସିଂଗଝର, ଝାରବନ୍ଧ, କେନ୍ଦୁମୁଣ୍ଡା, ଧୁଙ୍ଗିଆମୁଣ୍ଡା ଆଦି କେନ୍ଦ୍ରସ୍ଥଳରେ ଅସାଧୁ ବେପାରୀମାନେ ସକ୍ରିୟ ଅଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ନୂଆପଡା ଜିଲା ପ୍ରଶାସନ ମଣ୍ଡି ଖୋଲିବା ପାଇଁ ବିଧିବ୍ୟବସ୍ଥା କରି ନ ଥିବା ବେଳେ ଅସାଧୁ ବେପାରୀମାନଙ୍କୁ ଚୋରା ଚାଲାଣ ପାଇଁ ସୁହାଇଛି। ଅନ୍ୟପକ୍ଷରେ ଚୋରା ଚାଲାଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଅସାଧୁ ବେପାରୀମାନେ ଅକ୍ଲେଶରେ ରାଜ୍ୟ ବାହାରକୁ ଚୋରା ଚାଲାଣ କରୁଛନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ଯୋଗାଣ ନିରୀକ୍ଷକ ମୋହିତ ଭୋଇଙ୍କୁ ପଚାରିବାରୁ ମଣ୍ଡି ଖୋଲିବା ପାଇଁ ପ୍ରସ୍ତୁତି ଚାଲିଛି, କମ୍ ଦିନ ମଧ୍ୟରେ ମଣ୍ଡି ଖୋଲାଯିବ ବୋଲି କହିଥିଲେ। ହେଲେ ଓଡିଶା ଧାନ ଛତିଶଗଡ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ସେ ଜିଲା ଯୋଗାଣ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରି ତାଙ୍କ ନିର୍ଦ୍ଦେଶ ଅନୁସାର ପଦକ୍ଷେପ ନିଆଯିବ ବୋଲି କହିଥିଲେ।

ମା’ ଧରଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ପର୍ଲାକୁ ହରାଇ ବୋଡେନ ୨-୧ ଗୋଲରେ ବିଜୟୀ

**ବୋଡେନ,୧୩।୧୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ବୋଡେନ ବ୍ଲକ ବିନପୁର ଗାଁ ମା’ ଧରନୀ ଖେଳ ପଡିଆଠାରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ବୋଡେନ ଓ ପର୍ଲା (କଳାହାଣ୍ଡି) ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପର୍ଲା ଦଳକୁ ୨-୧ ଗୋଲରେ ହରାଇ ବୋଡେନ ଦଳ ବିଜୟୀ ହୋଇଥିଲା। ଖେଳକୁ ବଳରାମ ସରାଫ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଦିବସରେ ସୌଦାଗର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କମିଟି ସଭାପତି ଟିକଚନ ନିଆଲ, ଉପସଭାପତି କାଶିନାଥ ବେହେରା, ସମ୍ପାଦକ ଗଣ୍ଡାରାମ ମାଝି, ସହସମ୍ପାଦକ ସୁକଦେବ ନିଆଲ, କୋଷାଧକ୍ଷ ସଂଦିପ ନିଆଲ ଏବଂ ସମ୍ମାନିତ ଅତିଥି ଭାବେ କନ୍ଦର୍ପ ନିଆଲ, ପର୍ଶୁରାମ ନିଆଲ, ଗୌରିଶଙ୍କର ନାଗ, ତୁଳାରାମ ଜଗତ, ଦିଲୀପ ଜଗତ, ନିରାକାର ମୁଣ୍ଡ, ସାନ୍ତାନୁ ମାଝି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଗଗନ ପରାଭୋଏ ଅତିଥି ପରିଚୟ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଗିରେନ୍ଦ୍ର ନିଆଲ, ପ୍ରବିଣ ନିଆଲ, ପ୍ରତାପ ନାଗ, ଉମେଶ ନାଗ, ନରେଶ ନାଗ, ନେପାଲ ଛତ୍ରିଆ, ବଳରାମ ହଂସ, ବାସୁ ନିଆଲ ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରୁଛନ୍ତି ।

### ଉଦେପୁର, ଶରଧାପୁରରେ ଜାତୀୟ ଶିକ୍ଷା ଦିବସ ପାଳିତ

**ଭବାନୀପାଟଣା,୧୩।୧୧(ଡି.ଏନ.ଏ.)**- ଭାରତ ବର୍ଷର ପ୍ରଥମ ଶିକ୍ଷାମନ୍ତ୍ରୀ ଭାରତରତ୍ନ ମୌଲାନା ଅବୁଲ କଲାମ ଆଜାଦ୍‌ଙ୍କ ଜନ୍ମ ଜୟନ୍ତୀ ଅବସରରେ ଜାତୀୟ ଶିକ୍ଷା ଦିବସ-୨୦୧୯ ସରକାରୀ ଉଚ୍ଚ ବିଦ୍ୟାଳୟ ଉଦେପୁର ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ଶରଧାପୁରଠାରେ ପାଳିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମନୋରମା ଦାଶ ଓ ସୁଜାତା ଆଚାର୍ଯ୍ୟ ପରିଚାଳନା କରିଥିଲେ । ଛାତ୍ରୀ ପ୍ରିତୀମୟୀ ମୁଣ୍ଡ, ବୈଶାଳୀ ନାଏକ, ଛାତ୍ର ଅନିସ ପଧାନ, ଶିକ୍ଷୟିତ୍ରୀ ପଦ୍ମାଳୟା ମାଝି ମୌଲାନା ଅବୁଲ କଲାମ ଆଜାଦ୍‌ଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୌଦାମିନୀ ମିଶ୍ର, ପୁଷ୍ପାଞ୍ଜଳୀ ସାହୁ, ରେଣୁବାଳା ମହାନ୍ତି, ସୋଭାଗିନୀ ଦେବୀ, ପ୍ରିତୀମୟୀ ଆଚାର୍ଯ୍ୟ ସହଯୋଗ କରିଥିବା ବେଳେ ଶିକ୍ଷକ ନିରୋଜ ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସରକାରୀ ପ୍ରାଥମିକ ବିଦ୍ୟାଳୟ ଶରଧାପୁରର ପ୍ରଧାନ ଶିକ୍ଷକ ଶିକ୍ଷକ ଧନଞ୍ଜୟ ସାହୁ ଓ ଛାତ୍ରୀଛାତ୍ର ମୌଲାନା ଅବୁଲ କଲାମ ଆଜାଦ୍‌ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମସ୍ତଙ୍କ ପାଇଁ ଶିକ୍ଷା ବ୍ୟବସ୍ଥାକୁ ବ୍ୟାପକ କରିବା ନିମନ୍ତେ ସଙ୍କଳ୍ପ ନେଇଥିଲେ। ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଆଜାଦ୍‌ଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି ଗ୍ରାମ ପରିକ୍ରମା ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପୁରାତନ ଛାତ୍ର ପୁରୁଷୋତ୍ତମ ରଥ ସହଯୋଗ କରିଥିଲେ।




ସଞ୍ଚୟ ପକ୍ଷ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

ଜିଲାସ୍ତରୀୟ ସଞ୍ଚୟ ପକ୍ଷ ପାଳିତ

# ବ୍ୟକ୍ତିର ଆର୍ଥିକସ୍ଥିତି ସୁଧୁରିଲେ ଦେଶ ସୁଧୁରିବ

- ଯୋଗଦେଲେ ଜିଲାସ୍ତରୀୟ ଅଧିକାରୀ

**ନୂଆପଡା ଅଫିସ,୧୩।୧୧**

ପ୍ରତ୍ୟେକ ବ୍ୟକ୍ତିର ଆର୍ଥିକ ସ୍ଥିତି ସୁଧୁରିଲେ ଦେଶର ଅର୍ଥନୈତିକ ସ୍ଥିତିରେ ଆପେ ସୁଧାର ଆସିଯିବ। ଏଥିପାଇଁ ସଞ୍ଚୟ କରିବାର ଅଭ୍ୟାସ ଦରକାର। ସଞ୍ଚିଲେ ଆମେ ବଞ୍ଚିବା ବୋଲି ମତ ପ୍ରକାଶପାଇଛି । ସ୍ଥାନୀୟ ସଦର ବ୍ଲକ ସଭାକକ୍ଷରେ ଆୟୋଜିତ ସଞ୍ଚୟ ପକ୍ଷ ପାଳନ ଅବସରରେ ଅତିଥିମାନେ ଏହା କହିଛନ୍ତି। ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ସଭାରେ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦ ସଭାପତିତ୍ୱ କରିଥିବାବେଳେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ମୁଖ୍ୟଅତିଥି, ଡ. ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା, ଉପଜିଲାପାଳ ତରଣୀସେନ ନାଏକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମଧୁଛନ୍ଦା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱଳ୍ପ ସଞ୍ଚୟ ଅଧିକାରୀ ମହାନନ୍ଦ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ବିଭୁଦତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ଦିନକୁ ଦିନ ଲୋକଙ୍କ ମୁଣ୍ଡ ପିଛା ଆୟରେ ବୃଦ୍ଧି ଘଟୁଛି । ଲୋକେ ଅୟସଆରାମ ଖୋଜୁଥିବାବେଳେ ଆୟର ବହୁ ପ୍ରତିଶତ ଅର୍ଥ ବଦଖର୍ଚ୍ଚ କରି ଅସୁବିଧାରେ ପଡୁଛନ୍ତି । ତେଣୁ କରି ଆମକୁ ଦୈନିକ ସଞ୍ଚୟ କରିବାକୁ ଏକ ମନୋବୃତି ଆଣିବାକୁ ପଡିବ । ଏହା ଜୀବନର ଜିଇଁବାରେ ଏକ ଅଭ୍ୟାସ ହେବା ଦରକାର। ଏହା କଲେ ଆମରି ଆର୍ଥିକ ସ୍ଥିତିରେ ଆପେ ସୁଧାର ଆସିଯିବ ବୋଲି ଅତିଥିମାନେ କହିଥିଲେ। ସୂଚନାଯୋଗ୍ୟ ଯେ, ଜିଲା ପ୍ରଶାସନ ପକ୍ଷରୁ ଏହି ପକ୍ଷ ପାଳନ ଅବସରରେ ଆଜିକୁ ଦୁଇ ସପ୍ତାହ ଧରି ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ଏଥିରେ ଛାତ୍ରୀଛାତ୍ରଙ୍କଠାରୁ ବିଭିନ୍ନ ଗୋଷ୍ଠୀର ଲୋକଙ୍କୁ ସାମିଲ କରି ସ୍ୱଳ୍ପ ସଞ୍ଚୟର ବାର୍ତ୍ତା ଦିଆଯିବା ଉଦ୍ୟମ କରାଯାଇଛି। ଏହାକୁ ନେଇ ବିଭିନ୍ନ ପ୍ରତିଯୋଗୀତା ମଧ୍ୟ କରାଯାଇଛି। ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱଳ୍ପ ସଞ୍ଚୟ ଅଧିକାରୀ ମହାନନ୍ଦ ଧନ୍ୟବାଦ ଦେଇଥିଲେ।

### ସିଂଗଝର ବୁଢାରଜା କ୍ରିକେଟ ସିଜନ-୪ ପ୍ରସ୍ତୁତି ବୈଠକ

**ସିନାପାଲି,୧୩।୧୧(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ଥାନା ଅନ୍ତର୍ଗତ ସିଂଗଝରଠାରେ ଆନ୍ତଃଜିଲା ବୁଢାରଜା କପ କ୍ରିକେଟ୍ ସିଜନ-୪ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଛି। ଯୀଶୁରାମ ବୈଠାରୁ ସଭାପତି, ସନତ ବୈଠାରୁ ଉପସଭାପତି, ଦେବେନ୍ଦ୍ର ନାରାୟଣ କଶ୍ୟପ ସମ୍ପାଦକ, ଘନଶ୍ୟାମ ନିଆଲ ଯୁଗ୍ମ ସମ୍ପାଦକ ଓ ବଲୁ ଖାଁ କୋଷାଧକ୍ଷ ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ଡିସେମ୍ବରରେ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ ଯେ, କିଛି ବର୍ଷ ହେଲା ସିଂଗଝରଠାରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଆସୁଛି। ଏଥିରେ ଜିଲା ତଥା ବାହାରରୁ ଓ ପଡୋଶୀ ଛତିଶଗଡରୁ ଅନେକ କ୍ରିକେଟ ଦଳଗୁଡିକ ଯୋଗଦେଉଛନ୍ତି।

# ରାସ ପୂର୍ଣ୍ଣିମା ଉଦ୍‌ଯାପିତ

**ସିନାପାଲି,୧୩।୧୧(ଡି.ଏନ.ଏ.)**

ସ୍ଥାନୀୟ ଶ୍ରୀଜଗନ୍ନାଥ ଭାଗବତତୁଙ୍ଗି ପକ୍ଷରୁ ସପ୍ତାହ ବ୍ୟାପି ଚାଲିଥିବା ପାରମ୍ପରିକ ରାସ ମଣ୍ଡଳୀ ସମାରୋହ ରାସ ପୂର୍ଣ୍ଣିମା ଉଦ୍‌ଯାପିତ ହୋଇଛି । ପ୍ରତ୍ୟହ ସନ୍ଧ୍ୟାରେ ଆୟୋଜିତ ରାସ ମଣ୍ଡଳୀରେ ସ୍ଥାନୀୟ ସମ୍ପ୍ରଦା ଦଳ ସମେତ ଗଡରାମାଲ, ସାନମୁଣ୍ଡା, ଗିଧମାଲ, ବାଦି ଗ୍ରାମର ସମ୍ପ୍ରଦା ମଣ୍ଡଳୀ ଯୋଗଦାନ କରି ନିଜ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ବ୍ରତଧାରୀ ମହିଳାଙ୍କ ଦ୍ୱାରା ପୁରୁଣା ପାଠ ଆୟୋଜନ କରାଯାଇଥିଲା । କାର୍ତ୍ତିକ ପୂର୍ଣ୍ଣିମାରେ ବିଶ୍ୱ ଶାନ୍ତି ହୋମଯଜ୍ଞ ଆୟୋଜନ କରାଯାଇଥିଲା । ଯଜ୍ଞର କର୍ତ୍ତା ଭାବେ ଗୋବର୍ଦ୍ଧନ ମେହେର ଏବଂ ସାବିତ୍ରୀ ମେହେର ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମ ଦେଖିବାକୁ ବିଳମ୍ବିତ ରାତ୍ରି ଯାଏଁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିଲା । କାର୍ଯ୍ୟକ୍ରମ ଆୟୋଜନରେ କମିଟି ସଭାପତି ନରହରି ମେହେର, ଉପସଭାପତି ରାମେଶ୍ୱର ମେହେର, ସମ୍ପାଦକ ନୀଳାଞ୍ଚଳ ମେହେର, ସହସମ୍ପାଦକ ତ୍ରିବିକ୍ରମ ମେହେର, କୋଷାଧକ୍ଷ ଶିବ ପ୍ରସାଦ ମେହେର, ନବୀନ ଚନ୍ଦ୍ର ମେହେର, ସୀତାରାମ ମେହେର, ଲିଙ୍ଗରାଜ ମେହେର, ଧ୍ରୁବଚରଣ ମେହେର, ପ୍ରମୁଖ ସହଯୋଗ କରିଥିଲେ ।



ରାସ ପୂର୍ଣ୍ଣିମା ଅବସରରେ କୀର୍ତ୍ତନ ଚାଲିଛି।

# ନାଗରିକ ବିକାଶ ସଙ୍ଗଠନ ପକ୍ଷରୁ ବାଇକ୍ ଶୋଭାଯାତ୍ରା

**ଜୁନାଗଡ,୧୩।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କୁଲହାରୀ ଗ୍ରାମଠାରୁ ବୁଧବାର ନାଗରିକ ବିକାଶ ସଙ୍ଗଠନ ପକ୍ଷରୁ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଲୋକଙ୍କୁ ସଚେତନତା କରିବା ଉଦ୍ଦେଶ୍ୟରେ ବାଇକ ଶୋଭାଯାତ୍ରା କରାଯାଇ ଲୋକଙ୍କୁ ସଚେତନତା କରାଯାଇଥିଲା। ଏହି ବାଇକ ଶୋଭାଯାତ୍ରା ଧର୍ମଗଡ-ଭବାନୀପାଟଣା ପର୍ଯ୍ୟନ୍ତ ହୋଇଥିବା ଜଣାପଡିଛି। ଏଥିରେ ସଙ୍ଗଠନର ମଧୁସୁଦନ ନାଏକ, ଉପେନ୍ଦ୍ର ସୁନାନୀ, ଦିଲୀପ ଛତ୍ରିଆ, ଜଗନ୍ନାଥ ଶଗଡିଆ, ମନୋଜ ନାଏକ, ଆଶ୍ରିତା କର, ଶୈଳନ୍ଦ୍ରୀ ବିହାର ପ୍ରମୁଖ ନେତୃତ୍ୱ ନେଇଥିଲେ।



ନାଗରିକ ବିକାଶ ସଙ୍ଗଠନ ପକ୍ଷରୁ ଆୟୋଜିତ ବାଇକ୍ ଶୋଭାଯାତ୍ରା ।

# ଗ୍ରାମପଞ୍ଚାୟତର ଚତୁର୍ଥ ଶ୍ରେଣୀ କର୍ମଚାରୀ ବୈଠକ

**ବୋଡେନ,୧୩।୧୧ (ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକର ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଗ୍ରାମପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ନିକୁ ବିହାରୀ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବିଭିନ୍ନ ସମସ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ବୋଡେନ ବ୍ଲକ ସଭାପତି ଦିନେଶ ବାଗ ସଭା ପରିଚାଳନା କରିଥିଲେ। ସମ୍ପାଦକ ଅଖିଳ ବାଗ ସଭାପତିତ୍ୱ କରିଥିଲେ। ବୈଠକରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ୪ଦଫା ଦାବିକୁ ତୁରନ୍ତ ଚିଚାର କରାଯାଉ, ୨୦୧୩-୧୪ ରୁଲକୁ ସ୍ଥାୟୀ ଚାକିରୀ କରାଯାଉ, ସର୍ବନିମ୍ନ ମଜୁରି ଦିଆଯାଉ ଏବଂ ସମାନ କାମକୁ ସମାନ ଦାମ ଦିଆଯିବାକୁ ଦାବି କରାଯାଇଛି। ଏହି ଦାବିକୁ ଆଣଦେଖା କଲେ ଆଗାମୀ ବିଧାନ ସଭା ସମ୍ମୁଖରେ ଧାରଣା ଦେବୁ ବୋଲି ଚେତାବନୀ ଦେଇଛନ୍ତି। ଏଥିରେ ଯୋଗିନ୍ଦ୍ର ବେହେରା, ପ୍ରମୋଦ ବେହେରା, ବୈଷ୍ଣବ ମାଝି, ଲକ୍ଷ୍ମଣ ମାଝି, ପ୍ରତାପ ମାଝି, ବେଣୁଧର ହଂସ, ପମ୍ପା କାଣ୍ଡ, ଗଜିନ୍ଦ୍ର ମାଝି, ଦାସରଥି ନାଏକ, ହଳଧର ମାଝି, ବୈଲୋଚନ ଦଳ, ରିଖିରାମ ସୁନାନୀ, ପୂର୍ଣ୍ଣଚନ୍ଦ୍ର ହେର୍ଣ୍ଣା, ରୁକୁ ଖର୍ସେଲ ପ୍ରମୁଖଙ୍କ ସହ ବ୍ଲକ ବିଭିନ୍ନ ପଞ୍ଚାୟତରୁ ବହୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ଉପସ୍ଥିତ ଥିଲେ।

ମହାବୀର ମହୋତ୍ସବର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟା

# ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ

**ଭବାନୀପାଟଣା,୧୩।୧୧ (ଡି.ଏନ.ଏ.)**

ଭବାନୀପାଟଣା ସହରସ୍ଥିତ ମହାବୀର ମହୋତ୍ସବ ମଙ୍ଗଳବାର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଆର୍ଟ ଫାଉଣ୍ଡେଶନ ପକ୍ଷରୁ ଜାତୀୟ ଶିଶୁଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଚିତ୍ରଶିଳ୍ପୀ ଗୌରାଙ୍ଗ ଚରଣ ବାରିକ ଏହାକୁ ଉଦ୍‌ଘାଟନ କରିଥିଲେ। ଡା. ଦୀନବନ୍ଧୁ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଧଉଳି ଆର୍ଟ କଲେଜ ଅଧକ୍ଷ ପଞ୍ଚାନନ ସାମଲ ମୁଖ୍ୟଅତିଥି, ପୂର୍ବତନ ରାସବିହାରୀ ବେହେରା, ପ୍ରଭାସ ଚନ୍ଦ୍ର ମିଶ୍ର, ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜୟନ୍ତ ବେହେରା, ସମ୍ପାଦକ ସତ୍ୟନାରାୟଣ ସିଂ, କଳାହାଣ୍ଡି ଆର୍ଟ ଫାଉଣ୍ଡେଶନର ସଭାପତି ମୁକୁନ୍ଦ ରେଡ୍ଡି, ପରିଚଳକ ଗୋବିନ୍ଦ ରେଡ୍ଡି, ବିଜୟ ରେଡ୍ଡି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ପ୍ରାୟ ୧୫୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ମା’ ମାଣିକେଶ୍ୱରୀଙ୍କ ଜ୍ୟୋତି ମାଶାଲ ସହ ଶାନ୍ତି ମୈତ୍ରୀ ସଂହତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରା ଉଦ୍‌ଘାଟନ କରିଥିଲେ। ଡ. ସୁଶାନ୍ତ ବିଶି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସୁଦର୍ଶନ ରାଉତ, ଦାଉଦ ବାଗ, ଜହ୍ନୁ ବିଶି, କୁଳମଣି ସିଂହଙ୍କୁ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ପରେ ଅନୁଷ୍ଠାନର ସ୍ମରଣିକା ‘ଗିରିଝର’ ଉନ୍ମୋଚିତ ହୋଇଥିଲା। ସଭା ପରେ ଭଏସ୍ ଅଫ କଳାହାଣ୍ଡିର ଚୂଡାନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜୟନ୍ତ ବେହେରା, ଉପସଭାପତି ଶାନ୍ତନୁ ବେହେରା, ସାଧାରଣ ସମ୍ପାଦକ ସଞ୍ଜୀବ ସିଂହ, କୋଷାଧକ୍ଷ ପ୍ରଦୀପ ସିଂହ, ସମ୍ପାଦକ ସତ୍ୟ ନାରାୟଣ ସିଂହ, କ୍ରୀଡା ସମ୍ପାଦକ ସୁଶୀଲ ଗହୀର, କାର୍ଯ୍ୟକାରୀ ସଭ୍ୟ ବିରଞ୍ଚିନାରାୟଣ ପଣ୍ଡା, ସଞ୍ଜୟ କୁମାର, ସୁବୋଧ ପଣ୍ଡା, ଲଳିତ ପଣ୍ଡା, ଗିରିଜା ଶଙ୍କର ବାବୁ, କାର୍ତ୍ତିକେଶ୍ୱର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ମହାବୀର ମହୋତ୍ସବ ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ଶୋଭାଯାତ୍ରା ।

ଶିଶୁ ସୁରକ୍ଷା ସମିତି ବୈଠକ

# ଶିଶୁଙ୍କୁ ଶୋଷଣ, ଅତ୍ୟାଚାର ବରଦାସ୍ତ କରାଯିବ ନାହିଁ

**ନୂଆପଡା ଅଫିସ,୧୩।୧୧**

ସ୍ଥାନୀୟ ଜିଲାପାଳଙ୍କ ସଭାବନା ସଭାଗୃହରେ ଜିଲା ଶିଶୁ ସୁରକ୍ଷା ସମିତିର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ସଭାପତିତ୍ୱ କରିଥିବାବେଳେ ଜିଲାପାଳ ମଧୁସ୍ମିତା ସାହୁ, ଜିଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ରମେଶ କୁମାର ଭୋଇ, ଜିଲା ମଙ୍ଗଳ ଅଧିକାରୀ ସନ୍ଧ୍ୟା ମାଝି, ସିଡିଏମଓ ଜ୍ୟୋସ୍ନାମୟୀ ପଟ୍ଟନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଗୋପଲକ୍ଷ୍ମୀ ହୋତା, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରମୋଦ ଦାସ, ଶିକ୍ଷା ବିଭାଗ ପକ୍ଷରୁ ହେମନ୍ତ କୁମାର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବଳଦେବ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅଧିକାରୀ ରଥ ଶିଶୁ ସୁରକ୍ଷା ବିଭାଗର କାର୍ଯ୍ୟଧାରା ଉପରେ ବିଷଦ ଭାବେ ଉପସ୍ଥାପନ କରିଥିଲେ ।



ଜିଲା ଶିଶୁ ସୁରକ୍ଷା ସମିତିର ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

କିଶୋର ନ୍ୟାୟ ଅଧିନିୟମକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଏହାର କାର୍ଯ୍ୟକାରୀତା, ଶିଶୁ ସୁରକ୍ଷା ଏବଂ ଜେଜେଭି ଉପରେ ସମୀକ୍ଷା କରାଗଲା। ଏହାସହ ପ୍ରାକ ପ୍ରାଥମିକ, ଅରୁଣିମା, ଶିକ୍ଷା ଅଧିକାର ଆଇନ ଏବଂ ଶିଶୁଙ୍କୁ ୧୮ବର୍ଷ ହେବା ପରେ କିପରି ରୋଜଗାର କରିବେ ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଜିଲାପାଳ ଶିଶୁମାନେ ଯେପରି ଶୋଷଣ, ଅତ୍ୟାଚାର ଏବଂ ଅବହେଳାର ଶିକାର ନ ହୁଅନ୍ତି, ସେ ଉପରେ ବିଶେଷ ଧ୍ୟାନ ଦେବାକୁ ଅଧିକାରୀମାନଙ୍କୁ ତାଗିଦ କରିଥିଲେ । ଏସବୁକୁ ବରଦାସ୍ତ କରାଯିବନାହିଁ। ଏହା ଉପରେ ଯେ କୌଣସି ସମୟରେ ତଥ୍ୟ ନଜରକୁ ଆସେ ସେ ଉପରେ ତୁରନ୍ତ ଦୃଷ୍ଟିକୁ ଆଣିବାକୁ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ବାଳ ଶ୍ରମିକ, ବାଲ୍ୟ ବିବାହ ଏବଂ ଦାଦନ ଶ୍ରମିକଙ୍କ ପରିବାର ଶିଶୁଙ୍କୁ ସମୁଚିତ ଅଧିକାର ଦେବାକୁ ଗୁରୁତ୍ୱ ଦେବାକୁ କହିଥିଲେ। ଶେଷରେ ଶ୍ରୀନିବାସ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ୍ୟ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।
- ଜର୍ଜ ଇଲିଅଟ



## ସଂକ୍ଷେପରେ

### ଗୋମାଂସ ବିକ୍ରିକୁ ବିରୋଧ, ଥାନାରେ ଅଭିଯୋଗ

ଭବାନୀପାଟଣା,୧୩।୧୧(ଡି.ଏନ.ଏ.)- କଳାହାଣ୍ଡି ଜିଲା ଲାଞ୍ଜିଗଡ ଥାନା ଚନ୍ଦନପୁର ଗାଁରେ ଗୋମାଂସ ଚାଲାଣ ଓ ବିକ୍ରି କରୁଥିବା ବେଳେ ୨ ଜଣ ବ୍ୟକ୍ତିଙ୍କୁ ଧରି ଶିବରାମ ଯୁବକ ସଂଘ କର୍ମକର୍ତ୍ତାମାନେ ପୋଲିସକୁ ଜିମା ଦେଇଛନ୍ତି। ଲାଞ୍ଜିଗଡ ଥାନା ଗୋମାଂସ ସହିତ ଗୋମାଂସ ଚାଲାଣରେ ବ୍ୟବହୃତ ଏକ ବାଇକ୍‌କୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରି ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିବା ଜଣାପଡିଛି। ସୂଚନାନୁଯାୟୀ, ରାୟଗଡା ଜିଲା ଅମ୍ବାଦଳା ଥାନା ରାଣୀପିଣ୍ଡା ଗାଁର ଘାସିରାମ ବାଗ ଓ ସର୍ଜିତ ଭୋଇ ଏକ ବାଇକ୍‌ରେ ଗୋମାଂସ ନେଇ ଚନ୍ଦନପୁର ଗାଁରେ ବିକ୍ରି କରୁଥିଲେ। ସ୍ଥାନୀୟ ଶିବରାମ ଯୁବକ ସଂଘ କର୍ମକର୍ତ୍ତାମାନେ ସେମାନଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଲାଞ୍ଜିଗଡ ପୋଲିସ ଏଏସ୍‌ଆଇ ଡମ୍ବରୁଧର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଗୋମାଂସ ଜବତ କରି ସେମାନଙ୍କୁ ଥାନାକୁ ନେଇଥିଲେ। ସେଠାରେ ପଚରାଉଚୁରା ପରେ ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।



### ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା: ୪୫ ପ୍ରକଳ୍ପ ପ୍ରଦର୍ଶିତ

ଜୁନାଗଡ,୧୩।୧୧(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ସହର ଭାରତୀୟ ବିଦ୍ୟା ନିକେତନରେ ବୁଧବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସମୁଦାୟ ୪୫ଟି ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ଗୁରୁବାର ଶିଶୁ ଦିବସରେ ପୁରସ୍କୃତ କରାଯିବ। ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ସନତ କୁମାର ଯୋଷୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ନିତ୍ୟାନନ୍ଦ ଗୁରୁ ଓ ଧରଣୀଧର ଦୁର୍ଗା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗୁରୁଜୀ ଶୁଭେନ୍ଦୁ ତ୍ରିପାଠୀ, ଅଶ୍ୱିନ ଶବର, ଗୁରୁମା ଶିବାନୀ ତ୍ରିପାଠୀ, ଦେବସ୍ମିତା ପଣ୍ଡା ସହଯୋଗ କରିଥିଲେ।

# ଧାନ ସଂଗ୍ରହ ନେଇ ପୁଣି ମିଲର୍ସଙ୍କ ଅସହଯୋଗ

**କଳାହାଣ୍ଡି ଜିଲା**
- ଧାର୍ଯ୍ୟ ତାରିଖର ୨ ସପ୍ତାହ ବିତିଲା, ଖୋଲିନି ମଣ୍ଡି
- ଧାନ କିଣା ପ୍ରକ୍ରିୟାରେ ସାମିଲ ହୁଅ, ନଚେତ୍ ବାହାରୁ ମିଲର୍ସ ଆସି ଧାନ କିଣିବେ: ଜିଲାପାଳ

ଭବାନୀପାଟଣା,୧୩।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଧାନ ସଂଗ୍ରହକୁ ନେଇ ପୁଣି ଥରେ ମିଲର୍ସମାନଙ୍କ ଡ୍ରାମା ଆରମ୍ଭ ହୋଇଯାଇଛି। ଫଳରେ ଗତବର୍ଷ ଭଳି ଏ ବର୍ଷ ମଧ୍ୟ ଧାନ କିଣା ପ୍ରକ୍ରିୟା ବିଳମ୍ବ ହେବାରେ ଲାଗିଥିବା ବେଳେ ଜିଲାପାଳ ସେମାନଙ୍କୁ କଡା ଚେତାବନୀ ଦେଇଛନ୍ତି। ଧାନ କିଣା ପ୍ରକ୍ରିୟାରେ ସାମିଲ ହୁଅ, ନଚେତ୍ ବାହାର ରାଜ୍ୟରୁ ମିଲର୍ସ ଆସି ଧାନ କିଣିବେ ବୋଲି ଜିଲାପାଳ କଡା ତାଗିଦ୍ କରିଛନ୍ତି। କଳାହାଣ୍ଡି ଜିଲାରେ ଚଳିତ ଖରିଫ୍ ଧାନ ସଂଗ୍ରହ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନଭେମ୍ବର ପହିଲାରୁ ମଣ୍ଡି ଖୋଲିବା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ମିଲର୍ସମାନଙ୍କ ଅସହଯୋଗ ଓ ଟାଳଟୁଳ ନୀତି ଯୋଗୁ ଧାର୍ଯ୍ୟ ତାରିଖର ୨ ସପ୍ତାହ ବିତିଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ କଳାହାଣ୍ଡିରେ ଧାନ ମଣ୍ଡି ଆରମ୍ଭ ହୋଇପାରି ନାହିଁ। ବିଭିନ୍ନ ଆଳ ଦେଖାଇ ମିଲର୍ସମାନେ ସହଯୋଗ କରୁ ନ ଥିବାରୁ କଳାହାଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇପାରିନାହିଁ। ମଣ୍ଡିରୁ ଧାନ ସଂଗ୍ରହ କରି ତାହାର ରକ୍ଷଣାବେକ୍ଷଣ ଓ ପରିଚାଳନା ବାବଦକୁ କୁଇଣ୍ଟାଲ ପିଛା ଟ.୨.୪୦ ପଇସା ଓ ଏଫ୍‌ସିଆଇରେ ଚାଉଳ ଦାଖଲ ପାଇଁ ହ୍ୟାଣ୍ଡେଲିଂ ଖର୍ଚ୍ଚ ବାବଦକୁ କୁଇଣ୍ଟାଲ ପିଛା ଟ.୬.୦୦ ଦାବି କରିବା ସହ ମିଲର୍ସମାନେ ସେମାନଙ୍କ ବକେୟା ପାଉଣା ଦାବି କରି ଆଜି ପର୍ଯ୍ୟନ୍ତ ଧାନ ସଂଗ୍ରହ ନିମନ୍ତେ ଚୁକ୍ତିପତ୍ର ସାକ୍ଷର କରୁନାହାନ୍ତି କିମ୍ବା ସିକ୍ୟୁରିଟି ଅର୍ଥ ଜମା କରୁନାହାନ୍ତି। ଫଳରେ କଳାହାଣ୍ଡିରେ ମଣ୍ଡି ଖୋଲିବା ନେଇ ଅନିଶ୍ଚିତତା ଲାଗି ରହିଛି। ତୁରନ୍ତ ଚୁକ୍ତିକର ଓ ସିକ୍ୟୁରିଟି ଅର୍ଥ ଜମାକର ନଚେତ୍ ଅନ୍ୟ ଜିଲାରୁ ମିଲର୍ସମାନଙ୍କୁ ଆଣି ଧାନ ମଣ୍ଡି ଆରମ୍ଭ କରାଯିବ ବୋଲି ଜିଲାପାଳ ମିଲର୍ସମାନଙ୍କୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିରେ ନଭେମ୍ବର ପହିଲାରୁ ଖରିଫ ଧାନ ସଂଗ୍ରହ ନିମନ୍ତେ ଜିଲାରେ ମଣ୍ଡି ଖୋଲିବା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ଜିଲାରେ ୭୪ଟି ପ୍ୟାକ୍ସ ଓ ୧୭ଟି ମହିଳା ଗୋଷ୍ଠୀ ଜରିଆରେ ଧାନ ସଂଗ୍ରହ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଚଳିତ ଖରିଫ୍ ଋତୁରେ ଜିଲାରେ ସମୁଦାୟ ୭୨ ହଜାର ୮ ଶହ ୪୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଜିଲାରେ ସମୁଦାୟ ୧୭୮ଟି ମଣ୍ଡି ଖୋଲିବା ପାଇଁ ଧାର୍ଯ୍ୟ କରାଯାଇଛି। ମଣ୍ଡି ଆରମ୍ଭ ହୋଇ ନ ଥିବାରୁ କ୍ଷୁଦ୍ର ତଥା ନାମମାତ୍ର ଚାଷୀ ସେମାନଙ୍କ କଷ୍ଟ ଉପାର୍ଜିତ ଧାନକୁ ଅଭାବୀ ଦରରେ ଦଲାଲ ହାତକୁ ଟେକି ଦେବାକୁ ବାଧ୍ୟ ହେଉଛନ୍ତି। ଏଭଳି ସ୍ଥିତିରେ ଜିଲାରେ ଅଭାବୀ ଧାନ ବିକ୍ରି ଚାଲିଥିବାବେଳେ ମିଲର୍ସମାନେ ନାନା ଫନ୍ଦିଫିକର କରି ଧରାଛୁଆଁଦେଉ ନ ଥିବାରୁ ଜିଲା ପ୍ରଶାସନର ମୁଣ୍ଡବ୍ୟଥା ହୋଇଛି। ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ ମିଲର୍ସମାନଙ୍କୁ ଡକାଇ ଏକ ବୈଠକ କରିଛନ୍ତି। ତୁରନ୍ତ ଧାନ ସଂଗ୍ରହ ନିମନ୍ତେ ଯୋଗାଣ ବିଭାଗ ସହ ଚୁକ୍ତି ସ୍ୱାକ୍ଷର କର ଓ ସିକ୍ୟୁରିଟି ଜମା କର ନଚେତ୍ ଅନ୍ୟ ଜିଲାର ମିଲର୍ସ ମାନଙ୍କୁ ଧାନସଂଗ୍ରହ ପ୍ରକ୍ରିୟାରେ ସାମିଲ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ କଳାହାଣ୍ଡି ଜିଲାରେ ଦଲାଲମାନେ ସକ୍ରିୟ ହୋଇ ପଡିଛନ୍ତି ଓ କମ୍ ଦରରେ ଧାନ କିଣି ବିଭିନ୍ନ ଲୁକ୍କାୟିତ ଗୋଦାମରେ ଗଚ୍ଛିତ କରୁଥିବା ଅଭିଯୋଗ ହେଉଛି। ଜିଲା ପ୍ରଶାସନ ତୁରନ୍ତ ମଣ୍ଡି ଖୋଲିବା ପାଇଁ ଚାଷୀ ମହଲରେ ଦାବି ହେଉଛି। ତୁରନ୍ତ ମଣ୍ଡି ନ ଖୋଲିଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି କୃଷକ ସଙ୍ଗଠନମାନେ ଧମକ ଦେଇଛନ୍ତି।



କର୍ଲାମୁଣ୍ଡା କୃଷି ବିଭାଗ ଓ ରାଜସ୍ୱ ବିଭାଗ ଅଧିକାରୀମାନେ ଚାଷୀଙ୍କ ଜମିକୁ ଯାଇ ତଦନ୍ତ କରୁଛନ୍ତି ।

### ଧାନ କ୍ଷେତରେ ନିଆଁ ଲଗାଇବା ଘଟଣା

# କୃଷି ବିଭାଗ, ରାଜସ୍ୱ ବିଭାଗର ତଦନ୍ତ

କର୍ଲାମୁଣ୍ଡା,୧୩।୧୧ (ଡି.ଏନ.ଏ.)

କଳହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସାପଲହରା ପଞ୍ଚାୟତ କଣ୍ଡରେଇ ଗାଁର ଚାଷୀ ଖଗେଶ୍ୱର ଭୋଇ ତାଙ୍କ ଜମିରେ ମାଟିଆଗୁଣ୍ଡି ପୋକ ଯୋଗୁ ଧାନ ଚାଷ ଉଜୁଡି ଯାଇଥିବାରୁ ମଙ୍ଗଳବାର ନିଜ ଜମିରେ ନିଆଁ ଲଗାଇ ଦେଇଥିଲେ। ବୁଧବାର ଘଟଣା ତଦନ୍ତ ପାଇଁ କର୍ଲାମୁଣ୍ଡା ତହସିଲଦାର ସର୍ବେଶ୍ୱର ଜାଲ, ବ୍ଲକ କୃଷି ଅଧିକାରିଣୀ ମୋନାଲିସା ଜେନା, କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଅଧିଶ ଚନ୍ଦ୍ର ବିଶ୍ୱାସ ପ୍ରମୁଖ ଚାଷୀଙ୍କ ଜମିକୁ ଯାଇ ସତ୍ୟାସତ୍ୟ ଅନୁସନ୍ଧାନ କରିଥିଲେ। ଏ ନେଇ ତହସିଲଦାର ସର୍ବେଶ୍ୱର ଜାଲଙ୍କୁ ପଚାରିବାରୁ ଚାଷୀଙ୍କ ଜମିରେ ପୋକ ଲାଗିଥିବା ସ୍ୱୀକାର କରିବା ସହ କୃଷି ବିଭାଗ ଓ ଆମ ବିଭାଗ ମିଳିତ ଭାବେ ରିପୋର୍ଟ ପ୍ରସ୍ତୁତ କରିବୁ ବୋଲି କହିଛନ୍ତି। ଅନ୍ୟପଟେ ବ୍ଲକ କୃଷି ଅଧିକାରିଣୀ ମୋନାଲିସା ଜେନାଙ୍କୁ ପଚାରିବାରୁ ଚାଷୀ ଜଣକ ଜମିରେ ଠିକ ଔଷଧ ପ୍ରୟୋଗ କରିନାହାନ୍ତି ଓ ଆମ କର୍ମଚାରୀ କିମ୍ବା ମୋ ସହିତ ଯୋଗାଯୋଗ କରିନାହାନ୍ତି। ଏଣୁ ଜମିରେ ମାଟିଆଗୁଣ୍ଡି ପୋକକୁ ଦମନ କରାଯାଇ ପାରିନାହିଁ ବୋଲି କହିବା ସହ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରୁଛୁ ବୋଲି କହିଛନ୍ତି।

# ବ୍ଲକ ଶିକ୍ଷା ବିଭାଗରେ ଅବ୍ୟବସ୍ଥା ଚରମ ସୀମାରେ

ମ.ରାମପୁର,୧୩।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଶିକ୍ଷା ବିଭାଗର ଅବ୍ୟବସ୍ଥା ଚରମ ସୀମାରେ ପହଞ୍ଚିଛି। ବ୍ଲକର ପଣ୍ଡକାମାଳଠାରେ କାର୍ଯ୍ୟରତ ଶିକ୍ଷକ ବିନାୟକ ବେହେରାଙ୍କ ଦେହାନ୍ତର ଅଧ ବର୍ଷ ବିତିବା ପରେ ମଧ୍ୟ ତାଙ୍କର ସେବା ପୁସ୍ତିକାକୁ ନିୟମିତ କରଣ କରାଯାଉନାହିଁ କିମ୍ବା ପରିବାରବର୍ଗଙ୍କୁ ପେନସନ ସହାୟତା ପ୍ରଦାନ କରାଯାଇନାହିଁ । ଆମ ପ୍ରତିନିଧି ଯୋଗାଯୋଗ କରିବା ପରେ ୩ ମାସ ପରେ କିଛି ଅର୍ଥ ପ୍ରଦାନ କରାଯାଇଥିଲା। ସେହିପରି ଗଙ୍ଗାଧର ପ୍ରହରାଜ ଗତ ମେ ୩୧ରେ ଅବସର ଗ୍ରହଣ କରିଥିଲେ । ଚାକିରି ଅବସ୍ଥାରେ ଥିବା ଅବ୍ୟବହୃତ ଛୁଟି ସମର୍ପଣ କରିଥିବା ବେଳେ ଉକ୍ତ ଛୁଟିର ବକେୟା ଅର୍ଥ ପ୍ରଦାନ କରାଗଲାନାହିଁ। ଫଳରେ ତାଙ୍କ ସ୍ତ୍ରୀଙ୍କ ଉପଯୁକ୍ତ ଚିକିତ୍ସା ଅଭାବରୁ ଅକାଳ ମୃତ୍ୟୁ ଘଟିଥିବା କୁହାଯାଇଛି। ଉକ୍ତ ଶିକ୍ଷକଙ୍କ ପେନସନ ବ୍ୟବସ୍ଥା କରାଯାଇନାହିଁ। ୨୦୧୮ରେ କନିଷ୍ଠବର୍ଗ ଶିକ୍ଷକଙ୍କ ଆନ୍ଦୋଳନରେ ସାମିଲ ହୋଇ ନ ଥିବା ନିୟମିତ କେତେକ ଶିକ୍ଷକଙ୍କ ଅନ୍ୟ କାର୍ଯ୍ୟରେ ଛୁଟି ନେଇଥିବାବେଳେ ତାଙ୍କ ଦିନକର ଦରମା ମଧ୍ୟ ବନ୍ଦ କରାଯାଇ ଛୁଟି ମୁର କରାଯାଇନାହିଁ । ୨୦୧୧ ଏପ୍ରିଲରେ ନିୟୋଜିତ ଶିକ୍ଷା ସହାୟକଙ୍କ ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟର ଇପିଏଫ ଟଙ୍କା ସଂଲଗ୍ନ ଶିକ୍ଷା ସହାୟକଙ୍କ ଆକାଉଣ୍ଟରେ ଜମା ହୋଇନାହିଁ । ଚଳିତବର୍ଷ ଓଡିଶା ଆଦର୍ଶ ବିଦ୍ୟାଳୟ ପରିଚାଳନାରେ ଅନିୟମିତତା ପଦାକୁ ଆସିଥିଲା । କୌଣସି ବର୍ଗର ଶିକ୍ଷକଙ୍କୁ ବ୍ଲକ ଶିକ୍ଷାଧିକାରୀ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବେଆଇନ ବଦଳି ଯୋଗୁ ୫-ଟି କାର୍ଯ୍ୟକ୍ରମରେ ପୂର୍ବତନ ବିଇଓ ଜଗନ୍ନାଥ ଧରୁଆ ଦଣ୍ଡିତ ହୋଇଛନ୍ତି । ତତ୍କାଳୀନ ବିଇଓ ଏକକାଳୀନ ୭ ଜଣଙ୍କୁ ଅନ୍ୟତ୍ର ବଦଳି କରିଥିବାବେଳେ ବର୍ତ୍ତମାନର ବିଇଓ ଗଣେଶ କିଷାନ ଏକାଧିକବାର ତତୋଧିକ ସଂଖ୍ୟାର ଶିକ୍ଷକଙ୍କୁ ବିଭିନ୍ନ ସ୍ଥାନକୁ ବଦଳି କରିଛନ୍ତି। ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଅଧିକାଂଶ ସମୟରେ କାର୍ଯ୍ୟରତ କର୍ମଚାରୀଙ୍କ ଅନୁପସ୍ଥିତତା ନେଇ ବିଇଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ପରୋକ୍ଷରେ ସେମାନଙ୍କ ଅନୁପସ୍ଥିତତା ଘଟଣାକୁ ଚପାଯାଉଛି ।

ଏ ସବୁକୁ ନେଇ କ୍ରମାଗତ ଭାବେ ବିଭିନ୍ନ ସମୟରେ ଦୃଷ୍ଟି ଆକର୍ଷଣ କରାଯାଉଥିବା ବେଳେ ଏହି ସମସ୍ୟାର ସମାଧାନ ହୋଇପାରୁନାହିଁ। ଏ ନେଇ ବିଇଓ ଗଣେଶ କିଷାନଙ୍କୁ ପଚରାଯିବାରୁ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ମୋ ଟେବୁଲକୁ ଫାଇଲ ଆସିବା ପରେ ମୁଁ ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଏ । ତେଣୁ ଯିଏ ଦୋଷୀ ସେ ଦଣ୍ଡ ପାଇବ। କ୍ରମାଗତ ଭାବେ ଶିକ୍ଷକଙ୍କ ସମସ୍ୟାର ସମାଧାନ ପାଇଁ ମୁଁ ଚେଷ୍ଟିତ। ଆପୋଷ ବୁଝାମଣାରେ କାର୍ଯ୍ୟକ୍ରମକୁ ଆଗେଇ ନିଆଯାଇଛି । ତେଣୁ ସମସ୍ତଙ୍କ ସହଯୋଗ ଲୋଡୁଛି ।

### କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ଉଦ୍‌ଯାପିତ

ମ.ରାମପୁର,୧୩।୧୧ (ଡି.ଏନ.ଏ.)

ମ.ରାମପୁର ବ୍ରାହ୍ମଣପଡାଠାରେ ଗତ ୯ ତାରିଖଠାରୁ ଚାଲିଥିବା କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଥିବାବେଳେ ୧୩ ତାରିଖ ବୁଧବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମଦନ ପ୍ରହରାଜଙ୍କ ସଂକଳ୍ପ ଉଦ୍ୟମରେ ଗତ ଏକ ଦଶନ୍ଧି ଧରି କାର୍ତ୍ତିକ ପୂଜା ପାଳନ ହୋଇଆସୁଛି। ମଦନ ପ୍ରହରାଜ ଓ ଭାରତୀ ଦେବୀଙ୍କ କର୍ତ୍ତାକର୍ତ୍ତୀଙ୍କ ତତ୍ତ୍ୱାବଧାନରେ ଗିରିଜା ଦେବଙ୍କ ପୌରହିତ୍ୟରେ ଆୟୋଜିତ ପଞ୍ଚଦିନାତ୍ମକ କାର୍ତ୍ତିକ ପୂଜନୋତ୍ସବ ପାଳିତ ହୋଇଛି। ନିତ୍ୟନୈମିତ୍ତିକ ଆଳତି ହୋମ ପୂଜା ସହିତ ପ୍ରତ୍ୟେକ ରାତିରେ ପୁରାଣ ପାଠ କରାଯାଇଛି। ଗାୟକ ଶେଷଦେବ ଦାଶ ସହଯୋଗୀ ବାପୁନୀ ପୁରୋହିତ ଦ୍ୱୟ ପୁରାଣ ପାଠ କରିଥିବାବେଳେ ପ୍ରଶାନ୍ତ ବଗର୍ତ୍ତୀ, ଭିକାରୀ ବଗର୍ତ୍ତୀ, ଅରକ୍ଷିତ ଦଣ୍ଡସେନା ପ୍ରମୁଖ ବାଦ୍ୟ ଯନ୍ତ୍ର ପରିବେଷଣ କରିଥିଲେ। ଏଥିରେ ସଂଲଗ୍ନ ପଡାର ଶ୍ରଦ୍ଧାଳୁମାନେ ଯୋଗଦେଇ ପଞ୍ଚଦିନାତ୍ମକ ଆଧ୍ୟାତ୍ମିକ ନାଚଗୀତ ସଙ୍ଗୀତରେ ମସଗୁଲ ହୋଇ ଆଧ୍ୟାତ୍ମିକ ଭାବ ପରିବେଷଣ କରିଥିଲେ।



ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ଦଳ ସହ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀବୃନ୍ଦ ।

### କାୟାକଳ୍ପ ମୂଲ୍ୟାୟନ ପାଇଁ ପହଞ୍ଚିଲେ

# ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ଦଳର ପରିଦର୍ଶନ

**ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ଜୁନାଗଡ,୧୩।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର କାୟାକଳ୍ପ ମୂଲ୍ୟାୟନ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏକ ପ୍ରତିନିଧିଦଳ ପହଞ୍ଚିଥିଲେ। ସେମାନେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀସେବା, ପାରିପାର୍ଶ୍ୱିକ ପରିସ୍ଥିତି, ସ୍ୱଚ୍ଛତା ତଥା ପରିଷ୍କାର ପରିଚ୍ଛନତା ଆଦି ଉପରେ ବୁଲି ଦେଖିବା ସହ ମୂଲ୍ୟାୟନ କରି ଫେରିଯାଇଛନ୍ତି। ଆରମ୍ଭରେ ସେମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପ୍ରତିନିଧିତ୍ୱ ଦଳରେ ଭୁବନେଶ୍ୱର ମହାନଗର ନିଗମ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସମିତ କୁମାର ବେହେରା, ରାଷ୍ଟ୍ରୀୟ କିଶୋରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରାମର୍ଶଦାତା ଡ. ଜ୍ଞାନରଞ୍ଜନ ପ୍ରଧାନ, ରାଜ୍ୟ ପ୍ରଜନନ ଓ ସ୍ୱାସ୍ଥ୍ୟ ପରାମର୍ଶଦାତା (ୟୁଏନଏଫ୍‌ପିଏ) ଡ. ମନମଥ କୁମାର ମହାନ୍ତି ପ୍ରମୁଖଙ୍କ ସମେତ ଜିଲା କାର୍ଯ୍ୟକ୍ରମ ପ୍ରବନ୍ଧକ ଅବନୀ ରଞ୍ଜନ ମହାପାତ୍ର, ଗାଁ କଲ୍ୟାଣ ସମିତି ଜିଲା ସଂଯୋଜିକା ରୀତା ନାଏକ, ଉପପରିଚାଳକ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଭବାନୀ ଶଙ୍କର ସାହୁ, ଉପପ୍ରବନ୍ଧକ ସହରାଞ୍ଚଳ ନିହାର ରଞ୍ଜନ ଠାକୁର, ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ଗୋଷ୍ଠୀ କାର୍ଯ୍ୟକ୍ରମ ପ୍ରବନ୍ଧକ ସୁମେଶ୍ୱର ନାଏକ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧିତ୍ୱ ଦଳ ପରିଦର୍ଶନ ସମୟରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିଜିଆର୍‌ଇଆଇର ଶସ୍ୟକାଟ ପରୀକ୍ଷଣ

ମଦନପୁର,୧୩।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରଠାରେ ମଙ୍ଗଳବାର ବିଣା ୧୧ ପ୍ରାମାଣିକ ବିହନର କ୍ରପ୍ କଟିଙ୍ଗ କରାଯାଇଥିଲା । ଏଥିରେ କଳାହାଣ୍ଡି ଜିଲା ଡବ୍ଲ୍ୟୁଏମ୍‌ଏସ୍ କମ୍ ସ୍କିମ ଅଫିସର ଜାନକୀ ବଲ୍ଲଭ ମହାପାତ୍ର, ଏସ୍‌ପିଓ କଳାହାଣ୍ଡି ସୁବାସ ଚନ୍ଦ୍ର ବେହେରା, ଏଗ୍ରୋନୋମିଷ୍ଟ ଚିତରନ ସତପଥୀ ଯୋଗଦେବା ସଙ୍ଗେ ସଙ୍ଗେ ମ.ରାମପୁର ଭାରପ୍ରାପ୍ତ ସହକାରୀ କୃଷି ଅଧିକାରୀ ଭାସ୍କର ସାହୁ, ଭିଏଡବ୍ଲ୍ୟୁ ବୁଦ୍ଧଦେବ ସାହୁ ଉପସ୍ଥିତ ରହି ମଦନପୁର ତରୁଣ ରଣାଙ୍କ ଜମିରୁ କ୍ରପ୍ କଟିଙ୍ଗ କରି ଦେଖାଯାଇଥିଲା ଯେ ବୀଣା ୧୧ ଧାନ ଏକର ପିଛା ୨୪ କୁଇଣ୍ଟାଲ ଆଦାୟ ହେଉଛି । ମଦନପୁରର ଚାଷୀ ବିରାଟ ମୁଣ୍ଡଛିନା, ଦୁର୍ବାଦଳ ରଣା ଓ ବିଟିଏମ୍ ଧରମ୍ ସିଂ ଯାଦୌଁ ପ୍ରମୁଖ ସହଯୋଗ କରିଥିଲେ ।

# ଫୁଟବଲ ଖେଳ ଗ୍ରାମାଞ୍ଚଳର ଯୁବକଙ୍କ ମଧ୍ୟରେ ସମ୍ପର୍କର ସେତୁ ସୃଷ୍ଟି କରିଥାଏ

**କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଫୁଟବଲ ପ୍ରତିଯୋଗିତା**

ଭବାନୀପାଟଣା,୧୩।୧୧ (ଡି.ଏନ.ଏ.)

ସଦର ବ୍ଲକ ଥୁଆପଦର ଗ୍ରାମ ଖେଳ ପଡିଆଠାରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଦିନିକିଆ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଖେଳ ମାଧ୍ୟମରେ ସୁନ୍ଦର ସ୍ୱାସ୍ଥ୍ୟ ନିର୍ମାଣ ହେବା ସହ ଏକ ସୁନ୍ଦର ଗ୍ରାମ ମଧ୍ୟ ନିର୍ମାଣ ହୋଇ ପାରେ ଏବଂ ଗ୍ରାମ ଓ ଗ୍ରାମ ମଧ୍ୟରେ ସୁସମ୍ପର୍କ ସ୍ଥାପନ ତଥା ଯୁବକମାନଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ କରିବା ଦିଗରେ ଫୁଟବଲ ଖେଳ ଏକ ମୁଖ୍ୟ ଭୂମିକା ଗ୍ରହଣ କରି ଆସିଥାଏ । ପ୍ରତି ଗ୍ରାମରେ ଓ ପ୍ରତି ପଞ୍ଚାୟତରେ ଯୁବକମାନଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ଖେଳ ପଡିଆର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ବକ୍ତାମାନେ କହିଛନ୍ତି। ଯୁବ ଯାଦବ ଅନୁଷ୍ଠାନ ଥୁଆପଦର ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୧୦ଟି ଫୁଟବଲ ଦଳ ଯୋଗଦେଇଥିଲେ। କେସିଙ୍ଗା ବ୍ଲକ ଅଧୀନ ପିପଲଭାଡି ଓ ସଦର ବ୍ଲକ ଅନ୍ତର୍ଗତ ଟେପସା ଗ୍ରାମ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଚିତ୍ତାକର୍ଷକ ଓ ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ପେନାଲଟିକ୍ ଗୋଲ ସାହାଯ୍ୟ ନିଆଯାଇଥିଲା। ଏଥିରେ ପିପଲଭାଡି ୧-୦ ଗୋଲରେ ଟେପସାକୁ ପରାସ୍ତ କରି ବିଜୟୀ ହୋଇଥିଲା। ଯୁବ ଯାଦବ ଅନୁଷ୍ଠାନ ସଭାପତି ନରେନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଉତ୍କଳ ଯାଦବ ମହାସଭା ସାଧାରଣ ସମ୍ପାଦକ କିର୍ତ୍ତନ ନାଏକ, ସମ୍ମାନିତ ଅତିଥି ଥୁଆପଦର ଗ୍ରାମପଞ୍ଚାୟତ ସରପଞ୍ଚ ଚୁଡାମଣୀ ନାଏକ, ନାଗିଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ଦୈତାରୀ ଜାନି ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯାଦବ ସମାଜ ଥୁଆପଦର ଗ୍ରାମପଞ୍ଚାତ ସଭାପତି ଧର୍ନୁଜୟ ଭୋଇ, ରୋମାଞ୍ଚଳ ଭୋଇ, ୱାର୍ଡ ସଭ୍ୟ ହୃଷିକେଶ ଗଉଡ, ରାଜୁ ଭୋଇ, ବରିଷ୍ଠ ପୋଲିସ ଅଧିକାରୀ ବିଘ୍ନରାଜ ଜାନି, ଥୁଆପଦର ପ୍ୟାକ୍ସ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଭୋଇ, କାନ୍ତ ଭାଟି, ଗୋକୁଳ ଭୋଇ, ଟଲ ଗଉଡ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୩୫୦୦ ଓ ୨୫୦୦ ଟଙ୍କା ପ୍ରଦାନ କରିଥିଲେ। ଅଜିତ୍ ବାଗ, ଗୋପୀନାଥ ମାଝି, ରାଜେସ ଗହିର ଓ ହେମନାଥ ମାଝି ରେଫରି ଭାବେ ଯୋଗଦେଇ ଖେଳ ପରିଚାଳନା କରିଥିଲେ। ଅଭିମନ୍ୟୁ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ଫୁଟବଲ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।



କୁମାରସ୍ୱାମୀ ମହୋତ୍ସବର ତୃତୀୟ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

### କୁମାରସ୍ୱାମୀ ମହୋତ୍ସବ ଉଦ୍‌ଯାପିତ

# ଦେବଗିରିର ସଂସ୍କୃତି ବିଶ୍ୱବ୍ୟାପୀ ହେଉ

ଭବାନୀପାଟଣା/ପଲମ, ୧୩।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢୀପଦର ଗ୍ରାମରେ ଗତ ୧୦ ତାରିଖରୁ ଚାଲିଥିବା କୁମାରସ୍ୱାମୀ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ସଞ୍ଜୟ ଧଙ୍ଗଡାମାଝିଙ୍କ ପୌରୋହିତ୍ୟରେ ଯୁବ ସଙ୍ଗଠନ ଡିଲେଶ୍ୱର କୁମାର ନାଗ, ଅନୁଷ୍ଠାନ ପ୍ରତିଷ୍ଠାତା ଜଗନ୍ନାଥ ଧଙ୍ଗଡାମାଝି, ପ୍ରତିଷ୍ଠାତା ସଭାପତି ପ୍ରତାପ ଧଙ୍ଗଡାମାଝି ଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ସୁନୀଲ କୁମାର ଧଙ୍ଗଡାମାଝିଙ୍କ ନେତୃତ୍ୱରେ ଅନେକ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି।

ଦେବଗିରିର ଐତିହ୍ୟ ଅନନ୍ୟ। କେବଳ ଧାର୍ମିକ ନୁହେଁ, ଦେବଗିରି ମଠ ଥିଲା ଏକଦା ଅଞ୍ଚଳର କଳା, ସଂସ୍କୃତି, ସାହିତ୍ୟ, ପରମ୍ପରାର ପ୍ରାଣକେନ୍ଦ୍ର। ଏହି ସ୍ଥାନରୁ ଆମର ପୂର୍ବପୁରୁଷ ସେ ସବୁର ପ୍ରଚାରପ୍ରସାର ପାଇଁ ଆଦିମ କାଳରୁ ପ୍ରଚେଷ୍ଟା ଜାରି ରଖିଥିଲେ। ବର୍ତ୍ତମାନ ଏହାକୁ ବିଶ୍ୱବ୍ୟାପୀ କରିବାର ସମୟ ଆସିଛି ବୋଲି ରାଜ୍ୟର ଅଗ୍ରଣୀ ସଂସ୍ଥା ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୨୭ତମ ବାର୍ଷିକ ଉତ୍ସବ ତଥା କୁମାରସ୍ୱାମୀ ମହୋତ୍ସବ ତୃତୀୟ ଦିବସରେ ଆୟୋଜିତ ବାର୍ଷିକ ଉତ୍ସବରେ ମତ ପ୍ରକାଶପାଇଛି। ନର୍ଲା ବ୍ଲକ ଅନ୍ତର୍ଗତ ବୁଢୀପଦର ଗ୍ରାମରେ ଆୟୋଜିତ ଉକ୍ତ ସମାରୋହରେ ବିରୋଧୀ ଦଳ ନେତାଙ୍କ ପ୍ରତିନିଧି ପ୍ରତାପ କୁମାର ବାଗ ମୁଖ୍ୟଅତିଥି, ବିଶିଷ୍ଟ କୃଷକ ବୈଷ୍ଣବ ମାଝି ମୁଖ୍ୟବକ୍ତା ଓ ଯୁବ ଉଦ୍ୟୋଗପତି ଧୀରେନ୍ଦ୍ର ଖେତାନ୍ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ରତନ କୁମାର ଅଗ୍ରୱାଲ, ଲୋକ କଳାକାର ସର୍ବେଶ୍ୱର ଭୋଇ ଓ ସାମାଜିକ କର୍ମୀ ଗୋବିନ୍ଦ ବନ୍‌ଛୋର୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନୁଷ୍ଠାନ ସାଧାରଣ ସମ୍ପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୌତୁକ କଳାକାର ଓମ୍‌ପ୍ରକାଶ ମାଝି, ଆଦର୍ଶ ଶିକ୍ଷକ ରମେଶ ଚନ୍ଦ୍ର ସା, ଆଦର୍ଶ ଛାତ୍ର ନିଖିଳ କୁମାର ବୁଦ୍ଧିଆ, ଅନୁଷ୍ଠାନ ପୂର୍ବତନ ସଭାପତି ମହେନ୍ଦ୍ର ବେହେରା, ନିରଞ୍ଜନ ଗୌଡ଼, ଅଭିରାମ ନନ୍ଦ, ଅନୀଲ ଅଗ୍ରୱାଲ, ପ୍ରେମଲାଲ ପଣ୍ଡା, ଭିକାରୀ ଗଉଡ଼, ଅଜୟ ସେନାପତି, ପ୍ରଦୀପ ଗଉଡ଼, ସୁମିତ ଶର୍ମା, ଦୀପକ ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଞ୍ଚଳର ବରିଷ୍ଠ କଳାକାରମାନେ ବିଭିନ୍ନ ପ୍ରକାର ଲୋକକଳା ପ୍ରଦର୍ଶନ କରିବା ପରେ ପଶ୍ଚିମ ଓଡ଼ିଶାର ଲୋକନୃତ୍ୟ 'ଦଣ୍ଡ ନୃତ୍ୟ' ପରିବେଷଣ ହୋଇଥିଲା।

ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତ - ଏମାନେ
ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
-ମହାକବି କାଳିଦାସ

## ସଂକ୍ଷେପରେ

### ଗୁଡଭେଲା, ତୁଷୁରାରେ ଆର୍‌ଟିଓ କ୍ୟାମ୍ପ ଦାବି

**ଗୁଡ଼ଭେଲା,୧୩।୧୧(ଡି.ଏନ୍.ଏ.):** ନୂଆ ମୋଟରଯାନ ନିୟମ ଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବା ପରେ ସରକାର ୩ ମାସ ନିୟମ କୋହଳ କରି ପ୍ରତି ବ୍ଲକ, ପଞ୍ଚାୟତ ଏବଂ ଏନ୍‌ଏସିରେ ଲର୍ନିଂ ଲାଇସେନ୍ସ ଦେବାନେଇ ବ୍ୟବସ୍ଥା କରାଯିବ ବୋଲି ଘୋଷଣା କରିଥିଲେ। ହେଲେ ପରିତାପର ବିଷୟ ବଲାଙ୍ଗୀର ଆର୍‌ଟିଓ କାର୍ଯ୍ୟାଳୟ ପକ୍ଷରୁ ଗୁଡଭେଲା ଏବଂ ତୁଷୁରା ଏନ୍‌ଏସିର କୌଣସି ସ୍ଥାନରେ ଲର୍ନିଂ ଲାଇସେନ୍ସ ମିଳିବା ନେଇ ବ୍ୟବସ୍ଥା କରାଯାଇ ନାହିଁ। ବ୍ଲକରେ ୧୩ଟି ପଞ୍ଚାୟତ ରହିଥିବା ବେଳେ ତୁଷୁରା ସହରରେ ୧୧ଟି ୱାର୍ଡ ରହିଛି। ଅଞ୍ଚଳରେ ଶତାଧିକ ଗାଡି ରହିଥିବା ବେଳେ ଅଧିକାଂଶ ଲୋକଙ୍କ ଡ୍ରାଇଭିଂ ଲାଇସେନ୍ସ ହୋଇପାରି ନାହିଁ। ଅନ୍ୟପକ୍ଷେ ଗୁଡଭେଲା ବ୍ଲକ ସୀମାନ୍ତରୁ ବଲାଙ୍ଗୀର ଆର୍‌ଟିଓ କାର୍ଯ୍ୟାଳୟ ପ୍ରାୟ ୬୦ କି.ମି ଦୂର ହେଉଥିବାରୁ ଲୋକଙ୍କ ଯାତାୟାତରେ ସମସ୍ୟା ଯୋଗୁ ଡ୍ରାଇଭିଂ ଲାଇସେନ୍ସ କରି ପାରୁ ନ ଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ତୁଷୁରା ଓ ଗୁଡଭେଲା ବ୍ଲକର ବିଭିନ୍ନ ସ୍ଥାନରେ କ୍ୟାମ୍ପ ଖୋଲି ଲୋକଙ୍କୁ ଲର୍ନିଂ ଲାଇସେନ୍ସ ଦେବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି

### ଭାଗବତ ସପ୍ତାହ ଜ୍ଞାନଯଜ୍ଞ ଉଦ୍‌ଯାପିତ

**ଉଲୁଣ୍ଡା, ୧୩।୧୧ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ମହକୁମା ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରିସରରେ ସପ୍ତମ ଭାଗବତ ମହାପୁରାଣ ପାରାୟଣ ତଥା ଜ୍ଞାନଯଜ୍ଞ ପୂର୍ଣ୍ଣାହୂତି ସହ ସମ୍ପନ୍ନ ହୋଇଛି। ପ୍ରତ୍ୟହ ସକାଳ ୮ଟାରୁ ଅପରାହ୍ନ ୩ଟା ଯାଏ ପୁରାଣ ବ୍ୟାସ ହିରଣଙ୍କର ମହାପାତ୍ର ନିଜ ସାଥିଙ୍କ ସହ ଭାଗବତ ପାରାୟଣ କରିଥିଲେ। ସନ୍ଧ୍ୟାରେ ମୁଲତା ଶତପଥୀ ସଙ୍ଗୀତମୟ ପ୍ରବଚନ କରିଥିଲେ। ଶ୍ରୀକୃଷ୍ଣ ଜନ୍ମ ଏବଂ ରୁକ୍ମିଣି ବିବାହ ଉତ୍ସବ ମହା ଆଡମ୍ବରେ ସହକାରେ ପାଳନ କରାଯାଇଥିଲା। ସୁଦାମା ଦାରିଦ୍ର ଭଞ୍ଜନ ପ୍ରସଙ୍ଗକୁ ପାରମ୍ପରିକ ରୀତିରେ ପାଳନ କରାଯାଇ ଏକ ଗରିବ ବ୍ରାହ୍ମଣଙ୍କ ସେବା କରାଯାଇ ଦାନ ଦିଆଯାଇଥିଲା। ଅଷ୍ଟମ ଦିନ ପାରାୟଣ ସମ୍ପନ୍ନ ପରେ ଅଷ୍ଟପ୍ରହର ନାମଯଜ୍ଞ କରାଯାଇ ବୁଧବାର ପୂର୍ଣ୍ଣାହୁତି କରାଯାଇଥିଲା। ପାରାୟଣ କର୍ତ୍ତା ଭାବେ ସୀତାରାମ ପାଣିଗ୍ରାହୀ ଦାୟିତ୍ୱ ନିର୍ବାହ କରିଥିଲେ। ରୁକ୍ମଣୀ ବିବାହରେ ପିତା ମାତା ଭାବରେ ବାସୁଦେବ ଭୋଇ ଏବଂ ତାଙ୍କ ସ୍ତ୍ରୀ ରଶ୍ମିତା ଭୋଇ ଦାୟିତ୍ୱ ତୁଲାଇଥିଲେ।

ଗାଡି ଧକ୍କାରେ ସାଇକେଲ ଆରୋହୀ ମୃତ

# ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ରାସ୍ତା ଅବରୋଧ

**ବଲାଙ୍ଗୀର ଅଫିସ/ପୁଇଁତଲା, ୧୩।୧୧(ଡି.ଏନ୍.ଏ.)**


ବଲାଙ୍ଗୀର-ସୋନପୁର ଜାତୀୟ ରାଜପଥକୁ ଆନ୍ଦୋଳନକାରୀମାନେ ଅବରୋଧ କରିଛନ୍ତି।

ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ମଲମଣ୍ଡା ନିକଟ ଇଣ୍ଡେନ୍ ଗ୍ୟାସ ଗୋଦାମ ସମ୍ମୁଖରେ ଏକ ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ମୃତ୍ୟୁ ଘଟିଛି। ସେ ହେଲେ ଗଇଁତଲା ଗାଁର ଗୌତମ ଭୁଏ(୫୫)। ଇଣ୍ଡେନ୍ ଗ୍ୟାସ ଗୋଦାମ୍‌କୁ ଗ୍ୟାସ ସିଲିଣ୍ଡର ରିଫିଲ କରିବା ପାଇଁ ଯାଉଥିବାବେଳେ ତାଙ୍କୁ ଏକ ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଉତ୍ତ୍ୟକ୍ତ ଲୋକେ ଘଟଣାସ୍ଥଳରେ ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଗାଡି ଯାତାୟାତ ବ୍ୟାହତ ହୋଇଥିଲା। ଉଭୟ ପଟରେ ଶତାଧିକ ଗାଡିମଟର ଅଟକି ରହିଥିଲା। ଖବର ପାଇ ପୁଇଁତଲା ଥାନା ଅଧିକାରୀ ବି ରୁଦ୍ରିଆ ଓ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ତେବେ ଆନ୍ଦୋଳନକାରୀମାନେ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଗଲେ ରାସ୍ତା ଅବରୋଧ ହଟିବ ବୋଲି କହିଥିଲେ। ପରେ ପୁଇଁତଲା ବିଡିଓ ଉପେନ୍ଦ୍ର ମାଝି ଘଟଣାସ୍ଥଳକୁ ଆସି ରେଡକ୍ରସ ପାଣ୍ଠିରୁ ମୃତକଙ୍କ ସମ୍ପର୍କୀୟଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସନ୍ଧ୍ୟା ସାଢ଼େ ୬ଟାରେ ରାସ୍ତା ଅବରୋଧ ହଟିଥିଲା। ରାସ୍ତାକଡରେ ଭାରୀଯାନଗୁଡିକ ଲମ୍ବା ଲାଇନ୍‌ରେ ଅଟକି ରହୁଥିବାରୁ ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଲୋକେ ଅଭିଯୋଗ କରିବା ସହ ତୁରନ୍ତ ଏଠାରେ ପୋଲିସ ପହରା ଦିଆଯିବାକୁ ଦାବି କରାଯାଇଛି।

### ଦେଶଭକ୍ତି, ରାଷ୍ଟ୍ର ଗଠନ ବକ୍ତୃତା ପ୍ରତିଯୋଗିତା

**ସୋନପୁର,୧୩।୧୧(ନି.ପ୍ର.)**

ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହ ପରିସରରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଦେଶଭକ୍ତି ଓ ରାଷ୍ଟ୍ର ଗଠନ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ମହାବିଦ୍ୟାଳୟ ଓ ଯୁବ ଅନୁଷ୍ଠାନର ବିଭିନ୍ନ ବ୍ଲକରୁ ୨୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଏସ. ପି. କଣ୍ଡା, ବିଜୁ ପଟ୍ଟନାୟକ ମହିଳା କଲେଜର ଇଂଲିଶ ବିଭାଗ ଅଧ୍ୟାପକ ମଦନ ସୁନ୍ଦର କ୍ଷେତି ଓ କନ୍ଧମାଳ କଲେଜର ଇଂଲିଶ ବିଭାଗର ଅଧ୍ୟାପକ ଦେବଦାସ ମହାପାତ୍ର ପ୍ରମୁଖ ବିଚାରପତି ଭାବେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଏହି ପ୍ରତିଯୋଗିତାରେ ସୋନାଲି ମହାପାତ୍ର ପ୍ରଥମ, ସୁଚିତ୍ରା ଥନାପତି ଦ୍ୱିତୀୟ ଓ କପିଳେଶ୍ୱର ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଥିଲେ।

ବ୍ଲକ, ଚିକିତ୍ସାଳୟ ରାସ୍ତା ଶୋଚନୀୟ

## ପ୍ରଶାସନ ସହ ଆଲୋଚନା ବିଫଳ

**ଦେଓଗାଁ,୧୩।୧୧(ଡି.ଏନ.ଏ.)**

**୧୫ରେ ରାସ୍ତାରୋକୋ ଆନ୍ଦୋଳନ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ଓ ମୁଖ୍ୟ ଚିକିତ୍ସାଳୟ ରାସ୍ତା ଶୋଚନୀୟ ହୋଇପଡିଛି। ଏହି ସମସ୍ୟାର ତ୍ୱରିତ ସମାଧାନ ନ ହେଲେ ଚଳିତ ୧୫ ତାରିଖରେ ରାସ୍ତାରୋକୋ ଆନ୍ଦୋଳନ କରାଯିବ ବୋଲି ପୂର୍ବରୁ ଚେତାବନୀ ଦେଇଥିଲେ ସ୍ଥାନୀୟ ବାସିନ୍ଦା ଓ ଜରାସିଂହା ପଞ୍ଚାୟତର ଜନପ୍ରତିନିଧି ବୃନ୍ଦ। ୱାର୍ଡସଭ୍ୟ ନେହେରୁ ଦୀପ, ଲକ୍ଷ୍ମୀ ଭେସ୍ରା, ନିରାକାର ବାଗ, ମୋତିଲାଲ ଦଣ୍ଡସେନା, ମଦନ ଧରୁଆ, ଶ୍ରୀବନ୍ତ ମେହେର, ବିନୋଦିନୀ ମେହେର ପ୍ରମୁଖ ଜିଲାପାଳଙ୍କୁ ଲିଖିତଭାବେ ଅବଗତ କରିଥିଲେ। ବୁଧବାର ଦେଓଗାଁ ବ୍ଲକ କାର୍ଯ୍ୟାଳୟକୁ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ପହଞ୍ଚି ବିଡିଓ ବେର୍ଣ୍ଣାଦେତ ଲାକ୍ରା ଓ ଜରାସିଂହା ପଞ୍ଚାୟତ ଜନପ୍ରତିନିଧି ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ରାସ୍ତାର ଦୁରାବସ୍ଥା ନେଇ ଆଲୋଚନା କରିଥିଲେ। ହେଲେ ଆଲୋଚନା ବିଫଳ ହେବାରୁ ଚଳିତମାସ ୧୫ ତାରିଖରେ ଆନ୍ଦୋଳନ କରାଯିବା ନିଶ୍ଚିତ ହୋଇଛି। ଏହି ରାସ୍ତା ଉପରେ ବ୍ଲକର ୨୬ ପଞ୍ଚାୟତର ଜନସାଧାରଣ ନିର୍ଭରଶୀଳ। ଏଥିସହ ଚନ୍ଦ୍ରପୁରରୁ ପ୍ରତ୍ୟେକ ଦିନ ଛାତ୍ରୀଛାତ୍ରମାନେ ଏହି ରାସ୍ତାଦେଇ ଅସୁରକ୍ଷିତ ଭାବେ ସ୍କୁଲକୁ ଯାଆସ କରୁଛନ୍ତି।


ବ୍ଲକ କାର୍ଯ୍ୟାଳୟରେ ଉପଜିଲାପାଳ ଜରାସିଂହା ପଞ୍ଚାୟତ ଜନପ୍ରତିନିଧିଙ୍କ ସହ ଆଲୋଚନା କରୁଛନ୍ତି।

### ନଷ୍ଟ ହେଉଛି ହେଲିପ୍ୟାଡ୍, ଗଦା ହେଉଛି ଚିପ୍ସ, ବାଲି

**ସୋନପୁର,୧୩।୧୧(ନି.ପ୍ର.)**

ସୁବର୍ଣ୍ଣପୁର ସହରର ରାମେଶ୍ୱର ନିକଟରେ ନିର୍ମିତ ହୋଇଥିବା ୩ଟି ହେଲିପ୍ୟାଡ୍ ଏବେ ନଷ୍ଟ ହେବାକୁ ବସିଛି। ହେଲିପ୍ୟାଡ୍‌ରେ ଚିପ୍ସ ଓ ବାଲି ଗଚ୍ଛିତ କରି ରଖାଯାଉଛି। ଚିପ୍ସ ବୋଝେଇ ଟିପର ଯିବା ଆସିବା ଫଳରେ ଏହା ନଷ୍ଟ ହେଉଛି। ସେହିପରି ଭାରିଯାନ ଚଳାଚଳ ଯୋଗୁଁ କୁଷ୍ଠାଶ୍ରମକୁ ଯାଉଥିବା ମ୍ୟୁନିସିପାଲିଟି ରାସ୍ତା ମଧ୍ୟ ଭାଙ୍ଗିରୁଜି ଗଲାଣି। ମାତ୍ର ଜିଲା ପ୍ରଶାସନର ଏଥିପ୍ରତି ଦୃଷ୍ଟି ନାହିଁ। ପ୍ରକାଶ ଯେ, ଗତ ଏପ୍ରିଲ ୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପ୍ରଚାର ପାଇଁ ବାୟୁସେନାର ୩ଟି ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସୋନପୁର ଆସିଥିଲେ। ହେଲିକପ୍ଟର ଅବତରଣ ପାଇଁ ୩୦ଲକ୍ଷ ଟଙ୍କା ବ୍ୟୟରେ ପୂର୍ତ୍ତ ବିଭାଗ ୩ଟି ସ୍ଥାୟୀ ହେଲିପ୍ୟାଡ ନିର୍ମାଣ କରିଥିଲା। ଲକ୍ଷ୍ୟ ଥିଲା ଭବିଷ୍ୟତରେ କୌଣସି ଭିଆଇପି ଜିଲା ଗସ୍ତ କଲେ ଏହି ହେଲିପ୍ୟାଡ ବ୍ୟବହାର କରି ପାରିବେ। କିନ୍ତୁ ଏହାର ସରକ୍ଷା ପାଇଁ କାହାରି ଦୃଷ୍ଟିନାହିଁ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ.ଅସିତ କୁମାର ବଡପଣ୍ଡା କୁହନ୍ତି, ଏହି ପ୍ରକଳ୍ପ ଆମେ ନିର୍ମାଣ କରିଛୁ। କିନ୍ତୁ ସ୍ଥାନଟି ରାଜସ୍ୱ ବିଭାଗର। ଚିପ୍ସ ଓ ବାଲି ଜମା କରୁଥିବା ଠିକାଦାର ରାଜସ୍ୱ ବିଭାଗ ନିକଟରୁ ଅନୁମତି ଆଣିଛନ୍ତି କି ନାହିଁ ତହସିଲଦାର କହିପାରିବେ କହି ନିଜ ବିଭାଗର ଦାୟିତ୍ୱକୁ ଏଡାଇ ଯାଇଥିଲେ। ଘଟଣା ସମ୍ପର୍କରେ ସୋନପୁର ତହସିଲଦାର ଅରବିନ୍ଦ ବେହେରା କୁହନ୍ତି ମୋ ପାଖରେ ଏହି ଖବର ନଥିଲା। ସଦର ଆରଆଇଙ୍କୁ ପଠାଇ ଘଟଣାର ଅନୁଧ୍ୟାନ କଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଜନ୍ମ, ମୃତ୍ୟୁ ପଞ୍ଜୀକରଣ କର୍ମଶାଳା

**ଲୋଇସିଂହା,୧୩।୧୧(ଡି.ଏନ୍.ଏ.)**


କର୍ମଶାଳାରେ ଉପସ୍ଥିତ ମହିଳାମାନେ।

ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅଫିସ ପ୍ରାଙ୍ଗଣରେ ଜନ୍ମ, ମୃତ୍ୟୁ ପଞ୍ଜୀକରଣ ସମ୍ପର୍କରେ ପଞ୍ଚାୟତସ୍ତରୀୟ ଗୋଷ୍ଠୀ ସଚେତନତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀଆଲୋକ ପାଠାଗାର ଓ ଭୁବନେଶ୍ୱର ସିୱାଇଏସ୍‌ଡିର ମିଳିତ ଆନୁକୂଲ୍ୟରେ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ବାଦିବାହାଲ, ଯୋଗୀସର୍ଡା ଓ ବୁଢୀପଦର ପଞ୍ଚାୟତର ଭିନ୍ନ ଗ୍ରାମର ଅଙ୍ଗନୱାଡି କର୍ମୀ, ପଞ୍ଚାୟତ ପ୍ରତିନିଧି ଓ ମହିଳା, ପୁରୁଷ ଯୋଗଦେଇଥିଲେ। ଯୋଗୀସର୍ଡା ସରପଞ୍ଚ ପ୍ରଶାନ୍ତ ପଧାନ, ବୁଢୀପଦର ସରପଞ୍ଚ ଲକ୍ଷ୍ମୀ ପଧାନ, ବାଦିବାହାଲ ସରପଞ୍ଚ ଉର୍ଜ୍ଜୁଲୀ ଧରୁଆ, ଆଇସିଡିଏସ୍ ସୁପରଭାଇଜର ସଂଯୁକ୍ତା ବାବୁ, ସିଏଚ୍‌ସିର ନାରାୟଣ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କର୍ମଶାଳାରେ ସିୱାଇଏସ୍‌ଡିର ସରୋଜ କୁମ୍ଭାର ଓ ୟୁନିସେଫର ଅପରାଜିତା ସିହ୍ନା ବଲାଙ୍ଗୀର ଜିଲାର ଜନ୍ମ, ମୃତ୍ୟୁ ପଞ୍ଜୀକରଣ ସବିଶେଷ ବିବରଣୀ ଉପସ୍ଥାପନା କରିବା ସହ ପଞ୍ଜୀକରଣର ଆବଶ୍ୟକତା ଏବଂ ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରମାଣପତ୍ର ପାଇବା ପାଇଁ ଲୋକେ ହଇରାଣ ହରକତ ହେଉଥିବା କର୍ମଶାଳାରେ ଉପସ୍ଥିତ ଜନସାଧାରଣ ମତ ରଖିଥିଲେ। ଗୋବିନ୍ଦଚନ୍ଦ୍ର ବିଶି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ହୀରାଲାଲ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ।


ଜିଲାସ୍ତରୀୟ ସଞ୍ଚୟ ପକ୍ଷ ଅବସରରେ ଅନୁଷ୍ଠିତ ସଭାର ଉପସ୍ଥିତ ଅତିଥିମାନେ।

## ସଞ୍ଚୟ ପକ୍ଷ ଉପଲକ୍ଷେ ଜିଲାସ୍ତରୀୟ ବୈଠକ

**ବଲାଙ୍ଗୀର ଅଫିସ,୧୩।୧୧**

ସଞ୍ଚୟ ପକ୍ଷ ଉପଲକ୍ଷେ ସ୍ଥାନୀୟ ଗାନ୍ଧୀ ଭବନରେ ବୁଧବାର ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ, ଅତିଥି ଭାବେ ବଲାଙ୍ଗୀର ଡାକମଣ୍ଡଳ ଅଧିକ୍ଷକ ଦେବୀପ୍ରସାଦ ନାୟକ, ପିଏଲ୍‌ଆଇର ଡେଭଲମେଣ୍ଟ ଅଧିକାରୀ ରସରାଜ ଅଚ୍ୟୁତ ପୁରୋହିତ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ବ୍ୟାଙ୍କ କାର୍ଯ୍ୟାଳୟର ଆର୍ଥିକ ସାକ୍ଷରତା ଉପଦେଷ୍ଟା ଓମ୍‌ପ୍ରକାଶ ମୁଣ୍ଡ ଯୋଗ ଦେଇଥିଲେ। ସ୍ୱଳ୍ପ ସଞ୍ଚୟ ଯୋଜନାରେ ପୁଞ୍ଜି ବିନିଯୋଗ କରି ଆର୍ଥିକସ୍ତରରେ ସୁରକ୍ଷିତ ରହିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଜିଲାର ସମସ୍ତ ନାଗରିକଙ୍କ ବ୍ୟାଙ୍କ ଖାତା ରହିବା ସହ କ୍ୟାସଲେସ ବ୍ୟବସ୍ଥାକୁ ଆପଣେଇ ନେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସଭାରେ ଅତିରିକ୍ତ ଜିଲାପାଳ ସେଠୀ ନିଜେ ଇଣ୍ଡିଆ ପୋଷ୍ଟ ପ୍ୟାମେଣ୍ଟ ବ୍ୟାଙ୍କରେ ଏକ ଖାତା ଖୋଲିଥିଲେ। ଏହି ଉପଲକ୍ଷେ ଗତ ୮ ତାରିଖରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସଭାରେ ପୁରସ୍କୃତ କରାଯାଇଥିଲା। ଏହି ଜିଲାସ୍ତରୀୟ ବୈଠକକୁ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଜୟ କୁମାର ଶତପଥୀ ସଂଯୋଜନା କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ଯୁବକଙ୍କୁ ହତ୍ୟା ଧମକ

**ସମ୍ବଲପୁର,୧୩।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଇଚ୍ଛାପାଳ ଗ୍ରାମର ପ୍ରିୟବ୍ରତ କ୍ଷେତ୍ରୀଙ୍କୁ ମାଡପିଟ ଓ ହତ୍ୟା ଧମକ ଦେଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ସୁକଦେବ ଭୋଇ ପ୍ରିୟବ୍ରତଙ୍କୁ ମାଡ ପିଟ କରି ପରିବାରକୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ।

ଅଜଣା ଜନ୍ତୁ ଆକ୍ରମଣରେ ମେଣ୍ଢା ମୃତ ଘଟଣା

## ଘଟଣାସ୍ଥଳରେ ପହଞ୍ଚିଲେ ପ୍ରାଣୀ ଚିକିତ୍ସକ ଦଳ

**ଅମରପାଲି, ୧୩।୧୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବାଗବର ପଞ୍ଚାୟତର କୁମୁରସିଂହା ଗ୍ରାମରେ ଅଜଣା ଜନ୍ତୁ ଆକ୍ରମଣରେ ଆହତ ମେଣ୍ଢାଙ୍କୁ ପ୍ରାଣୀ ଚିକିତ୍ସକ ଦଳ ଚିକିତ୍ସା କରିଛନ୍ତି। ସୋମବାର ବିଳମ୍ବିତ ରାତିରେ କୌଣସି ଜନ୍ତୁ ଆସି ମେଣ୍ଢା ଗୁହାଳରେ ପଶି ଆକ୍ରମଣ କରିଥିଲା। ଗ୍ରାମର କପିଳ ମହାକୁରଙ୍କ ଗୁହାଳରେ ମୋଟ ୫୨ଟି ମେଣ୍ଢା ଥିଲେ। ସେଥିରୁ ପ୍ରାୟ ୨୫ଟି ମେଣ୍ଢା ଆକ୍ରମଣରେ ମୃତ ହୋଇଥିଲେ ଓ ଆଉ ୮ଟି ମେଣ୍ଢା ଗୁରୁତର ଆହତ ହୋଇଥିଲେ। ବୁଧବାର ଏସଡିଭିଓ ଡ. ପ୍ରମୋଦ ପ୍ରଧାନ, ସ୍ଥାନୀୟ ଭିଏସ ଡା. ସୁବ୍ରତ କୁମାର ପୁରୋହିତ ଓ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସାସେବାର ଭେଟନାରୀ ଅଫିସର ଡା. ସ୍ୱାଗତିକା ମିଶ୍ର ପ୍ରମୁଖ ଘଟଣାସ୍ଥଳକୁ ଯାଇ ଆହତ ମେଣ୍ଢାଙ୍କ ଚିକିତ୍ସା କରିଛନ୍ତି। ଆହତ ମେଣ୍ଢାମାନେ ଏବେ ସୁସ୍ଥ ଥିବା ଭିଏସ ଡା. ପୁରୋହିତ ପ୍ରକାଶ କରିଛନ୍ତି। ସେହିପରି ବନବିଭାଗ ପକ୍ଷରୁ କେଉଁ ଜନ୍ତୁ ଆସି ମେଣ୍ଢାଙ୍କୁ ଆକ୍ରମଣ କରିଛି ତାକୁ ଧରିବା ପାଇଁ ଗୁରୁବାର କ୍ୟାମେରା ଲାଗିବ ବୋଲି ଉଲୁଣ୍ଡା ରେଞ୍ଜ ଅଧିକାରୀ ଶିବ ପ୍ରସାଦ ନାୟକ ପ୍ରକାଶ କରିଛନ୍ତି।

## ଶୁଳିଆଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ଦେଓଗାଁ,୧୩।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ ଖଇରଗୁରାଠାରେ ଡିସେମ୍ବର ମାସ ୩୧ ତାରିଖରେ ଅନୁଷ୍ଠିତ ହେବ ପ୍ରସିଦ୍ଧ ଶୁଳିଆ ଯାତ୍ରା। ଏ ଅବସରରେ ଏକ ଶୁଳିଆ ମହୋତ୍ସବ ଆୟୋଜନ ପାଇଁ ବୁଧବାର ଖଇରଗୁରାସ୍ଥିତ ଲଙ୍କାଆମ୍ବ ତୋଟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲିଖମାର ପଞ୍ଚାୟତ ସରପଞ୍ଚ ବିବସ୍ୱ ଭୋଇ ବୈଠକରେ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ଆଦିବାସୀ ନେତା ମୟ ପ୍ରଧାନୀ ପରିଚାଳନା କରିଥିଲେ। ବୈଠକରେ ଚାରଭଟା ପଞ୍ଚାୟତ ସରପଞ୍ଚ ପ୍ରଭାତ କୁମାର ପାତ୍ର, ମକୁନ୍ଦପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଚକ୍ରଧର ମଲ୍ଲିକ, ଅର୍ଜୁନପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ପରମେଶ୍ୱର ରାଉତ, ଗୌରଗୋଠ ପଞ୍ଚାୟତ ପୂର୍ବତନ ସରପଞ୍ଚ ଅଶୋକ ରଣା, ଅଲେଖ ବିଶ୍ୱାଳ, ସାଧୁ ମହାକୁର, ଅନନ୍ତ ଚୌହାନ ପ୍ରମୁଖ ଯୋଗଦେଇଥିଲେ। ଶୁଳିଆଯାତ୍ରା ସୁପରିଚାଳନା ତଥା ମହୋତ୍ସବ ଆୟୋଜନ ଉପରେ ସେମାନେ ମତ ଉପସ୍ଥାପନ କରିଥିଲେ।



ଖଇରଗୁରାରେ ଶୁଳିଆ ଯାତ୍ରା ଓ ମହୋତ୍ସବ ପାଇଁ ଅନୁଷ୍ଠିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ଜନସାଧାରଣ।

## ଦାଦନ ଖଟିବାକୁ ଯାଇ ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ

### ୨ ଝିଅପୁଅଙ୍କ ଭବିଷ୍ୟତ ଚିନ୍ତାରେ ସ୍ତ୍ରୀ ନମ୍ରତା

**କୋମନା,୧୩।୧୧(ଡି.ଏନ.ଏ.)**

ନୂଆପଡ଼ା ଜିଲାରେ ଦାଦନ ଦୁଃଖ କମିବାର ନାଁ ନେଉନି। ଏ ଦିଗରେ ଜିଲା ପ୍ରଶାସନ ଓ ପୋଲିସର କଡା ନଜର ରହିଥିବା ବେଳେ ଦାଦନ ସର୍ଦ୍ଦାରମାନେ ଗୋପନୀୟ ଭାବେ ଶ୍ରମିକମାନଙ୍କୁ ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ଗରୀବ ଶ୍ରେଣୀର ଦାଦନ ଶ୍ରମିକମାନେ ଦଲାଲଙ୍କ ପ୍ରଲୋଭନରେ ପଡି ଅଧିକ ଅର୍ଥ ରୋଜଗାର ଆଶାରେ ଭିଟାମାଟି ଛାଡି ବାହାର ରାଜ୍ୟକୁ ଯାଉଛନ୍ତି ଏବଂ ସେଠାରେ ମାଲିକମାନଙ୍କ ଦ୍ୱାରା ବିଭିନ୍ନ ନିର୍ଯାତନା ଶିକାର ହୋଇ କିଛି ଶ୍ରମିକଙ୍କ ଗୋଡହାତ କଟି ଘରକୁ ଫେରୁଥିବା ବେଳେ କାହାର ମୃତଦେହ ଘରକୁ ଫେରୁଛି। ଏଭଳି ଏକ ଦୁଃଖଦ ଘଟଣା ନୂଆପଡା ଜିଲା କୋମନା ବ୍ଲକ ବୁଦ୍ଧିକୋମନା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗୁରିପାଲି ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଡୁଙ୍ଗୁରିପାଲି ଗ୍ରାମର ଜନ୍ମେଜୟ ମହାଖୁଡ (୪୧), ସ୍ତ୍ରୀ ନମ୍ରତା(୩), ପୁଅ କ୍ଷିତେଶ୍ୱର (୧୨) ଓ ଝିଅ ନିକିତା (୮)ଙ୍କୁ ନେଇ ତାଙ୍କ ପରିବାର। ଗତ ରଥଯାତ୍ରା ପରେ ତେଲେଙ୍ଗାନା ସହରକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ବିଭିନ୍ନ କମ୍ପାନୀରେ କାମ କରି ଅର୍ଥ ରୋଜଗାର କରି ପରିବାର ଭରଣପୋଷଣ ନିମନ୍ତେ ଘରକୁ ଟଙ୍କା ପଠାଉଥିଲେ। ସେହି ଟଙ୍କାରେ ଦୁଇ ପୁଅଝିଅର ପାଠ ପଢା ଖର୍ଚ୍ଚ ସହିତ ପରିବାର ଠିକ ଭାବେ ଚଳି ଯାଉଥିଲା। କିନ୍ତୁ ହଠାତ ଗତ ମାସ ୨୬ ତାରିଖରେ ତେଲେଙ୍ଗାନା ସହର ମେଡଛାଲ ଅଞ୍ଚଳରେ କାମ କରି କ୍ୟାମ୍ପକୁ ଫେରୁଥିବା ବେଳେ ରାସ୍ତା ଦୁର୍ଘଟଣାରେ ଜନ୍ମେଜୟଙ୍କ ମୃତ୍ୟୁ ଘଟିଥିବା ଖବର ଘରକୁ ଆସିଥିଲା। ଦିନକ ପରେ ତେଲେଙ୍ଗାନାର ମେଡଛାଲ ପୋଲିସର ସହାୟତାରେ ଏକ ଆମ୍ବୁଲାନ୍ସ ଯୋଗେ ଗାଁକୁ ଜନ୍ମେଜୟଙ୍କ ମୃତଦେହ ଆଣି ଘରେ ଛାଡି ଦେଇଥିଲେ। ଏହା ଗାଁରେ ଶୋକରଛାୟା ଖେଳାଇ ଦେଇଥିବା ବେଳେ ସ୍ତ୍ରୀ ନମ୍ରତା ପୁଅ କ୍ଷିତେଶ୍ୱର ଓ ଝିଅ ନିକିତାଙ୍କ ଭରଣ ପୋଷଣ ଓ ଭବିଷ୍ୟତ ଗଢିବା ଚିନ୍ତାରେ ଭାଙ୍ଗି ପଡିଛନ୍ତି। ନିଜର ସମ୍ପତି କହିଲେ କେବଳ ୬୫ ଡେସିମିଲ ଜମି ବ୍ୟତିତ ସରକାରଙ୍କ ପକ୍ଷରୁ ୨୦ କିଲୋ ଚାଉଳ ଓ ଇନ୍ଦିରା ଆବାସ ଗୃହ ତାଙ୍କୁ ମିଳିଥିବା କହିଛନ୍ତି। ଏଭଳି ପରିସ୍ଥିତିରେ ବିଧବା ନମ୍ରତା କିପରି ଭାବେ ୨ ପିଲାଙ୍କ ଭବିଷ୍ୟତ ଗଢିବେ ସେ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ସରକାରୀ ସହାୟତା ଭାବେ ତୁରନ୍ତ ବିଧବା ଭତ୍ତା ଓ ପରିବାର ମଙ୍ଗଳ ଯୋଜନାରୁ ମିଳୁଥିବା ଆର୍ଥିକ ସହାୟତା ଏବଂ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ୩୫ କେଜି ଚାଉଳ ସହ ପିଲାଙ୍କ ପାଠପଢା ବ୍ୟବସ୍ଥା କରିବା ପାଇଁ ପ୍ରସାଶନକୁ ଗୁହାରୀ କରିଛନ୍ତି।



ଜନ୍ମେଜୟଙ୍କ ଫାଇଲ ଫଟୋ ଏବଂ ଦୁଇ ପିଲାଙ୍କ ସହ ମା' ନମ୍ରତା ବସିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୪ ନଭେମ୍ବର ,୨୦୧୯



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଦଉଡ଼ି ଦେଇ ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ, ୧୩।୧୧**

ରାଉରକେଲା ସେକ୍ଟର-୨ କ୍ୱାର୍ଟର ନଂ ଡି-୨୩ରେ ବୁଧବାର ଜଣେ ଯୁବକ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ସେ ହେଲେ ପ୍ରିତିଷ ସାହୁ(୨୦)। ପୋଲିସ ପ୍ରିତିଷଙ୍କ ଏକ ସୁଇସାଇଡ ନୋଟ ଜବତ କରିଛି। ଏଥିରେ ତାଙ୍କ ମୃତ୍ୟୁ ପାଇଁ ନିଜକୁ ଦାୟୀ କରିଥିବା ଜଣାପଡିଛି । ଏ ନେଇ ସ୍ଥାନୀୟ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ଅଧିକ ତଦନ୍ତ ଚଳାଇଛି ।

### ଦେଶଭକ୍ତି, ରାଷ୍ଟ୍ର ଗଠନ ବକ୍ତୃତା ପ୍ରତିଯୋଗିତା

**ସୋନପୁର,୧୩।୧୧(ନି.ପ୍ର.)**

ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହ ପରିସରରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଦେଶଭକ୍ତି ଓ ରାଷ୍ଟ୍ର ଗଠନ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ମହାବିଦ୍ୟାଳୟ ଓ ଯୁବ ଅନୁଷ୍ଠାନର ବିଭିନ୍ନ ବ୍ଲକରୁ ୨୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅଧକ୍ଷ ଏସ. ପି. କଣ୍ଟା ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।

■ ସମତା ୨୦୧୯ କାର୍ଯ୍ୟକ୍ରମ

# ଆଶାୟୀଙ୍କୁ ଗୁରୁମନ୍ତ୍ର ଦେଲେ ପ୍ରଶାସନିକ ଅଧିକାରୀ

**ରାଉରକେଲା ଅଫିସ,୧୩।୧୧**

ନିଷ୍ଠା ବିନା ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଅସମ୍ଭବ। ଉଦ୍ଦେଶ୍ୟ ଓ ଲକ୍ଷ୍ୟସ୍ଥିର ସହ ପରିଶ୍ରମ କଲେ ସଫଳତା ସୁନିଶ୍ଚିତ ବୋଲି କହିଛନ୍ତି ରାଉରକେଲା ପୋଲିସ ଆରକ୍ଷୀ ଅଧୀକ୍ଷକ କେ.ଶିବା ସୁବ୍ରମଣି। ଭଞ୍ଜଭବନଠାରେ ସିଭିଲ ସର୍ଭିସ ଆଶାୟୀଙ୍କ ନିମନ୍ତେ ଆୟୋଜିତ ସମତା ୨୦୧୯ କାର୍ଯ୍ୟକ୍ରମରେ ଯୋଗଦେଇ ଆରକ୍ଷୀ ଅଧୀକ୍ଷକ ସବ୍ରମଣି ଏଭଳି ମତ ପ୍ରକାଶ କରିଥିଲେ। ସିଭିଲ ସର୍ଭିସ ଆଶାୟୀଙ୍କୁ ଗୁରୁମନ୍ତ୍ର ପ୍ରଦାନ କରି ସେ କହିଥିଲେ, ସଫଳତା ପାଇବାକୁ ନିରନ୍ତର ଉଦ୍ୟମ ଆବଶ୍ୟକ । ଏନେଇ ସିଭିଲ ସର୍ଭିସ ଆଶାୟୀ ଏହି ଦିଗରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଡିଆଇଜି କବିତା ଜଲାନ ବକ୍ତବ୍ୟରେ ସଫଳତା ପାଇଁ ସୁଖ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ନିଖିଲ ପୱନ କଲ୍ୟାଣ ସିଭିଲ ସର୍ଭିସ ଆଶାୟୀଙ୍କୁ ସାଧନା ଅବ୍ୟାହତ ରହିଲେ ଲକ୍ଷ୍ୟ ହାସଲ ସମ୍ଭବ ବୋଲି କହିଥିଲେ।




ସମତା ୨୦୧୯ କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

ଏପରି କି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ । ରାଉରକେଲା ଏଡିଏମ୍ ଡ. ୟେଦୁଲା ବିଜୟ କହିଥିଲେ, ସିଭିଲ ସର୍ଭିସରେ କୃତକାର୍ଯ୍ୟ ହେବା ଅପେକ୍ଷା ଏହାର ଗୁରୁଦାୟିତ୍ୱ ପାଳନ କରିବାକୁ ଆଶାୟୀଙ୍କୁ ଆହ୍ୱାନ ଦେଇଥିଲେ। ଉତ୍ସାହ ସହ ପରିଶ୍ରମ କଲେ ଜଣେ ଆଶାୟୀ କୃତକାର୍ଯ୍ୟ ହୋଇପାରିବ ବୋଲି ବଣାଇଁ ଡିଏଫଓ ସୁଧାଂଶୁ ଖୋରା ପ୍ରକାଶ କରିଥିଲେ। ମହାନଗର ଡେପୁଟି କମିଶନର ସୁଧାଂଶୁ ଭୋଇ ବକ୍ତବ୍ୟରେ ପଦ ପଦବୀ ହାସଲ କରିବା ଯେତିକି ବଡ କଥା ନୁହେଁ ସାମାଜିକ ପରିବର୍ତ୍ତନରେ ନିଜକୁ ନିୟୋଜିତ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଥିରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ସନ୍ନ୍ୟାସୀ ବେହେରା ନିଜ ଅନୁଭୂତି ପ୍ରକାଶ କରିବା ସହ ସରକାରୀ ଯୋଜନାର ସଫଳ ରୂପାୟନ ଦିଗରେ କହିଥିଲେ। ରାଉରକେଲା ମହାନଗର ନିଗମ ଓ ସ୍ମାର୍ଟ ସିଟି ଲିଃର ମିଳିତ ପ୍ରୟାସ କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲାର ବହୁ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ରାଉରକେଲା ଏଡିଏମ୍ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଇସ୍ପାତ ଶିଳ୍ପରେ ଜାତୀୟସ୍ତରୀୟ ସୁରକ୍ଷା କର୍ମଶାଳା

**ରାଉରକେଲା ଅଫିସ, ୧୩।୧୧**

ନଭେମ୍ବର ୭ ଓ ୮ ତାରିଖ ବୋକାରୋଠାରେ ଜାତୀୟସ୍ତରୀୟ ସୁରକ୍ଷା କର୍ମଶାଳା ଜାତୀୟ ସୁରକ୍ଷା ପରିଷଦ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ବୋକାରୋ ଇସ୍ପାତ କାରଖାନାର ସିଇଓ ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଇସ୍ପାତ ଶିଳ୍ପରେ ଥିବା ଜାତୀୟ ଯୁଗ୍ମ ସୁରକ୍ଷା ପରିଷଦ ସଦସ୍ୟମାନେ ଦୁଇ ଦିନ ଧରି ଇସ୍ପାତ ଶିଳ୍ପରେ ହେଉଥିବା ଦୁର୍ଘଟଣାକୁ ହ୍ରାସ କରି ଶୁନ୍ୟସ୍ତରକୁ ଆଣିବା ପାଇଁ ନିଆଯାଉଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ରାଉରକେଲାରୁ ସିଆଇଟିୟୁ ତରଫରୁ ସୁରେନ୍ଦ୍ର ମହାନ୍ତି ଏହି କର୍ମଶାଳାରେ ଯୋଗଦେଇ ବିଗତ ଦିନରେ ଆର୍‌ଏସ୍‌ପିରେ ହୋଇଥିବା ବିଭିନ୍ନ ଦୁର୍ଘଟଣା ଉପରେ ମତାମତ ଦେବା ସହ କାରଖାନା ମଧ୍ୟରେ ଦୁର୍ଘଟଣା ହ୍ରାସ ହେବା ନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏହାସହ ଅଧିକରୁ ଅଧିକ ଲୋକଙ୍କୁ ସଚେତନ କରାଗଲେ ଦୁର୍ଘଟଣାକୁ ରୋକାଯାଇପାରିବ ବୋଲି ସେ କହିଥିଲେ। ସିଆଇଟିୟୁ ତରଫରୁ ଷ୍ଟିଲ ୱାର୍କର ଫେଡେରେସନ ଅଫ ଇଣ୍ଡିଆର ସାଧାରଣ ସମ୍ପାଦକ ପି.କେ.ଦାଶ, ପ୍ରଦ୍ୟୁତ ମୁଖାର୍ଜୀ ପ୍ରମୁଖ ଯୋଗଦେଇ ବହୁ ଉପାଦେୟ ପ୍ରସ୍ତାବ ଦେଇଥିଲେ। ଏହାସହ କାରଖାନା ପରିସରରେ ଭାରୀଯାନ ଚଳାଚଳକୁ ରୋକିବା ସହ ବିକଳ୍ପ ରାସ୍ତା ଖୋଜିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ଏପରିକି କାରଖାନାରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ସୁରକ୍ଷା ଉପକରଣ ଗୁଡିକର ମାନଦଣ୍ଡ ନିର୍ଦ୍ଧାରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ସୁରକ୍ଷାକୁ ଅଧିକରୁ ଅଧିକ କାର୍ଯ୍ୟକାରୀ କରିବା ପାଇଁ କର୍ତ୍ତୃପକ୍ଷଙ୍କ ସହ ବିଭିନ୍ନ ଶ୍ରମିକ ସଙ୍ଗଠନର ପ୍ରତିନିଧିମାନେ ଯତ୍ନବାନ ହେବା ସହ ଏଡିରେ ଅଧିକରୁ ଅଧିକ ଲୋକଙ୍କୁ ସମ୍ପୃକ୍ତ କରାଗଲେ ସୁରକ୍ଷା ଉଦ୍ୟମ ସଫଳ ହେବ ବୋଲି ମହାନ୍ତି କହିଥିଲେ।

■ ଦାଦନ ଖଟିବାକୁ ଯାଇ ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ଘଟଣା

# ୨ ଝିଅପୁଅଙ୍କ ଭବିଷ୍ୟତ ଚିନ୍ତାରେ ସ୍ତ୍ରୀ

**କୋମନା,୧୩।୧୧(ଡି.ଏନ.ଏ.)**

ନୂଆପଡ଼ା ଜିଲାରେ ଦାଦନ ଦୁଃଖ କମିବାର ନାଁ ନେଉନି। ଏ ଦିଗରେ ଜିଲା ପ୍ରଶାସନ ଓ ପୋଲିସର କଡା ନଜର ରହିଥିବା ବେଳେ ଦାଦନ ସର୍ଦ୍ଦାରମାନେ ଗୋପନୀୟ ଭାବେ ଶ୍ରମିକମାନଙ୍କୁ ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ଗରୀବ ଶ୍ରେଣୀର ଦାଦନ ଶ୍ରମିକମାନେ ଦଲାଲଙ୍କ ପ୍ରଲୋଭନରେ ପଡି ଅଧିକ ଅର୍ଥ ରୋଜଗାର ଆଶାରେ ଭିଟାମାଟି ଛାଡି ବାହାର ରାଜ୍ୟକୁ ଯାଉଛନ୍ତି ଏବଂ ସେଠାରେ ମାଲିକମାନଙ୍କ ଦ୍ୱାରା ବିଭିନ୍ନ ନିର୍ଯାତନା ଶିକାର ହୋଇ କିଛି ଶ୍ରମିକଙ୍କ ଗୋଡହାତ କଟି ଘରକୁ ଫେରୁଥିବା ବେଳେ କାହାର ମୃତଦେହ ଘରକୁ ଫେରୁଛି। ଏଭଳି ଏକ ଦୁଃଖଦ ଘଟଣା ନୂଆପଡା ଜିଲା କୋମନା ବ୍ଲକ ବୁଦ୍ଧିକୋମନା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗୁରିପାଲି ଗ୍ରାମରେ ଦେଖିବାକୁ ମିଳିଛି । ସୂଚନା ଅନୁସାରେ ଡୁଙ୍ଗୁରିପାଲି ଗ୍ରାମର





ଜନ୍ମେଜୟଙ୍କ ଫାଇଲ ଫଟୋ ଏବଂ ଦୁଇ ପିଲାଙ୍କ ସହ ମା' ନମ୍ରତା ବସିଛନ୍ତି ।

ଜନ୍ମେଜୟ ମହାଖୁଡ (୪୧), ସ୍ତ୍ରୀ ନମ୍ରତା(୩), ପୁଅ କ୍ଷିତେଶ୍ୱର (୧୨) ଓ ଝିଅ ନିକିତା (୮)ଙ୍କୁ ନେଇ ତାଙ୍କ ପରିବାର। ଗତ ରଥଯାତ୍ରା ପରେ ତେଲେଙ୍ଗାନା ସହରକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ବିଭିନ୍ନ କମ୍ପାନୀରେ କାମ କରି ଅର୍ଥ ରୋଜଗାର କରି ପରିବାର ଭରଣପୋଷଣ ନିମନ୍ତେ ଘରକୁ ଟଙ୍କା ପଠାଉଥିଲେ। ସେହି ଟଙ୍କାରେ ଦୁଇ ପୁଅଝିଅର ପାଠ ପଢା ଖର୍ଚ୍ଚ ସହିତ ପରିବାର ଠିକ ଭାବେ ଚଳି ଯାଉଥିଲା। କିନ୍ତୁ ହଠାତ ଗତ ମାସ ୨୬ ତାରିଖରେ ତେଲେଙ୍ଗାନା ସହର ମେଡଚ୍ଛାଲ ଅଞ୍ଚଳରେ କାମ କରି କ୍ୟାମ୍ପକୁ ଫେରୁଥିବା ବେଳେ ରାସ୍ତା ଦୁର୍ଘଟଣାରେ ଜନ୍ମେଜୟଙ୍କ ମୃତ୍ୟୁ ଘଟିଥିବା ଖବର ଘରକୁ ଆସିଥିଲା। ଦିନକ ପରେ ତେଲେଙ୍ଗାନାର ମେଡଚ୍ଛାଲ ପୋଲିସର ସହାୟତାରେ ଏକ ଆମ୍ବୁଲାନ୍ସ ଯୋଗେ ଗାଁକୁ ଜନ୍ମେଜୟଙ୍କ ମୃତଦେହ ଆଣି ଘରେ ଛାଡି ଦେଇଥିଲେ। ଏହା ଗାଁରେ ଶୋକରଛାୟା ଖେଳାଇ ଦେଇଥିବା ବେଳେ ସ୍ତ୍ରୀ ନମ୍ରତା ପୁଅ କ୍ଷିତେଶ୍ୱର ଓ ଝିଅ ନିକିତାଙ୍କ ଭରଣ ପୋଷଣ ଓ ଭବିଷ୍ୟତ ଗଢିବା ଚିନ୍ତାରେ ଭାଙ୍ଗି ପଡିଛନ୍ତି। ନିଜର ସମ୍ପତି କହିଲେ କେବଳ ୬୫ ଡେସିମିଲ ଜମି ବ୍ୟତିତ ସରକାରଙ୍କ ପକ୍ଷରୁ ୨୦ କିଲୋ ଚାଉଳ ଓ ଇନ୍ଦିରା ଆବାସ ଗୃହ ତାଙ୍କୁ ମିଳିଥିବା କହିଛନ୍ତି। ଏଭଳି ପରିସ୍ଥିତିରେ ବିଧବା ନମ୍ରତା କିପରି ଭାବେ ୨ ପିଲାଙ୍କ ଭବିଷ୍ୟତ ଗଢିବେ ସେ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ସରକାରୀ ସହାୟତା ଭାବେ ତୁରନ୍ତ ବିଧବା ଭତ୍ତା ଓ ପରିବାର ମଙ୍ଗଳ ଯୋଜନାରୁ ମିଳୁଥିବା ଆର୍ଥିକ ସହାୟତା ଏବଂ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ୩୫ କେଜି ଚାଉଳ ସହ ପିଲାଙ୍କ ପାଠପଢା ବ୍ୟବସ୍ଥା କରିବା ପାଇଁ ପ୍ରସାଶନକୁ ଗୁହାରୀ କରିଛନ୍ତି ।

# ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଚିନ୍ତାମୁକ୍ତ ଜୀବନ ସମ୍ଭବ

**ସୁନ୍ଦରଗଡ,୧୩।୧୧(ଡି.ଏନ୍.ଏ.)**

ସ୍ଥାନୀୟ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ଚିନ୍ତାମୁକ୍ତ ଜୀବନ ପାଇଁ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ଜିଲା ଜଜ୍ ପ୍ରଦୀପ କୁମାର ମହନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ସେ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଇଚ୍ଛା ଓ ଆବଶ୍ୟକତାକୁ ଦୂର କଲେ ସମସ୍ୟା ଓ ପରିସ୍ଥିତି ଦୂର ହୁଏ । ତେବେ ଚନ୍ତାମୁକ୍ତ ଜୀବନ ପାଇଁ ବ୍ରହ୍ମାକୁମାରୀ ସଂସ୍ଥା ପରି ଆଧ୍ୟାତ୍ମିକ ଅନୁଷ୍ଠାନ ଆଗେଇ ଆସିଲେ ଜୀବନରେ ଶାନ୍ତି, ପ୍ରେମ ଓ ଆନନ୍ଦ ପ୍ରାପ୍ତ ହୋଇଥାଏ। ମୁଖ୍ୟବକ୍ତା ଭାବେ ମାଉଣ୍ଟଆବୁରୁ ଆସିଥିବା ରାଜଯୋଗିନୀ ବ୍ରହ୍ମାକୁମାରୀ ଉର୍ମିଳା ଯୋଗଦେଇ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଚିନ୍ତାମୁକ୍ତ ଜୀବନ ସମ୍ଭବ ବୋଲି କହିଥିଲେ। ପ୍ରଥମେ ନିଜକୁ ଆଧ୍ୟାତ୍ମିକ ଜ୍ଞାନ ଦ୍ୱାରା ସ୍ୱ ପରିବର୍ତ୍ତନ ଓ ପରେ ବିଶ୍ୱ ପରିବର୍ତ୍ତନ ସମ୍ଭବ ବୋଲି କହିଥିଲେ।




ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଚିନ୍ତାମୁକ୍ତ ଜୀବନ ପାଇଁ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅତିଥିମାନେ।

ସ୍ଥାନୀୟ ସଂଚାଳିକା ବ୍ରହ୍ମାକୁମାରୀ ଜୋସ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ସବ୍‌ଜୋନ୍ ସଂଚାଳିକା ରାଜଯୋଗିନୀ ବିମଳା, ମାରୱାଡି ଯୁବା ମଞ୍ଚର ଅନୀଲ ଅଗ୍ରୱାଲ, ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଅତିରିକ୍ତ ମହାପ୍ରବନ୍ଧକ ଅରୁଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମାକୁମାରୀ ଚମ୍ପକ କାର୍ଯ୍ୟକ୍ରମ ପରିଚାଚାଳନ କରିଥିଲେ। ବ୍ରହ୍ମାକୁମାର ବାଣେଶ୍ୱର ସୁବୁଦ୍ଧି, ପଙ୍କଜ ପଟେଲ, ବ୍ରହ୍ମାକୁମାରୀ ମୌସୁମୀ, କିରଣ, ପ୍ରତିମା, ପ୍ରଭାତି ନିରୁପମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଗାଡି ଧକ୍କାରେ ସାଇକେଲ ଆରୋହୀ ମୃତ

# ଉତ୍ତ୍ୟକ୍ତ ଲୋକଙ୍କ ଜାତୀୟ ରାଜପଥ ରାସ୍ତା ଅବରୋଧ



ବଲାଙ୍ଗୀର-ସୋନପୁର ଜାତୀୟ ରାଜପଥକୁ ଆନ୍ଦୋଳନକାରୀମାନେ ଅବରୋଧ କରିଛନ୍ତି ।

**ବଲାଙ୍ଗୀର ଅଫିସ/ପୁଇଁତଲା, ୧୩।୧୧(ଡି.ଏନ୍.ଏ.)**

ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ମଲମଣ୍ଡା ନିକଟ ଇଣ୍ଡେନ୍ ଗ୍ୟାସ ଗୋଦାମ ସମ୍ମୁଖରେ ଏକ ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ମୃତ୍ୟୁ ଘଟିଛି । ସେ ହେଲେ ଗଇଁତଲା ଗାଁର ଗୌତମ ଭୁଏ(୫୫)। ଇଣ୍ଡେନ୍ ଗ୍ୟାସ ଗୋଦାମ୍‌କୁ ଗ୍ୟାସ ସିଲିଣ୍ଡର ରିଫିଲ କରିବା ପାଇଁ ଯାଉଥିବାବେଳେ ତାଙ୍କୁ ଏକ ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ପରେ ଉତ୍ତ୍ୟକ୍ତ ଲୋକେ ଘଟଣାସ୍ଥଳରେ ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ । ଫଳରେ ଗାଡି ଯାତାୟାତ ବ୍ୟାହତ ହୋଇଥିଲା । ଉଭୟ ପଟରେ ଶତାଧିକ ଗାଡିମଟର ଅଟକି ରହିଥିଲା। ଖବର ପାଇ ପୁଇଁତଲା ଥାନା ଅଧିକାରୀ ବି ରୁଦ୍ରିଆ ଓ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ତେବେ ଆନ୍ଦୋଳନକାରୀମାନେ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଗଲେ ରାସ୍ତା ଅବରୋଧ ହଟିବ ବୋଲି କହିଥିଲେ । ପରେ ପୁଇଁତଲା ବିଡିଓ ଉପେନ୍ଦ୍ର ମାଝି ଘଟଣାସ୍ଥଳକୁ ଆସି ରେଡକ୍ରସ ପାଣ୍ଠିରୁ ମୃତକଙ୍କ ସମ୍ପର୍କୀୟଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ । ସନ୍ଧ୍ୟା ସାଢ଼େ ୬ଟାରେ ରାସ୍ତା ଅବରୋଧ ହଟିଥିଲା। ରାସ୍ତାକଡରେ ଭାରୀଯାନଗୁଡିକ ଲମ୍ବା ଲାଇନ୍‌ରେ ଅଟକି ରହୁଥିବାରୁ ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଲୋକେ ଅଭିଯୋଗ କରିବା ସହ ତୁରନ୍ତ ଏଠାରେ ପୋଲିସ ପହରା ଦିଆଯିବାକୁ ଦାବି କରାଯାଇଛି ।

# ଶୁଳିଆଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ଦେଓଗାଁ,୧୩।୧୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତ ଅନ୍ତର୍ଗତ ଖଇରଗୁରାଠାରେ ଡିସେମ୍ବର ମାସ ୩୧ ତାରିଖରେ ଅନୁଷ୍ଠିତ ହେବ ପ୍ରସିଦ୍ଧ ଶୁଳିଆ ଯାତ୍ରା। ଏ ଅବସରରେ ଏକ ଶୁଳିଆ ମହୋତ୍ସବ ଆୟୋଜନ ପାଇଁ ବୁଧବାର ଖଇରଗୁରାସ୍ଥିତ ଲଙ୍କାଆମ୍ବ ତୋଟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଲିଖମାର ପଞ୍ଚାୟତ ସରପଞ୍ଚ ବିବସ୍ୱ ଭୋଇ ବୈଠକରେ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ଆଦିବାସୀ ନେତା ମୟ ପ୍ରଧାନୀ ପରିଚାଳନା କରିଥିଲେ ।

■ ବ୍ଲକ, ଚିକିତ୍ସାଳୟ ରାସ୍ତା ଶୋଚନୀୟ

# ପ୍ରଶାସନ ସହ ଆଲୋଚନା ବିଫଳ

**ଦେଓଗାଁ,୧୩।୧୧(ଡି.ଏନ.ଏ.)**

**୧୫ରେ ରାସ୍ତାରୋକୋ ଆନ୍ଦୋଳନ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ଓ ମୁଖ୍ୟ ଚିକିତ୍ସାଳୟ ରାସ୍ତା ଶୋଚନୀୟ ହୋଇପଡିଛି । ଏହି ସମସ୍ୟାର ତ୍ୱରିତ ସମାଧାନ ନ ହେଲେ ଚଳିତ ୧୫ ତାରିଖରେ ରାସ୍ତାରୋକୋ ଆନ୍ଦୋଳନ କରାଯିବ ବୋଲି ପୂର୍ବରୁ ଚେତାବନୀ ଦେଇଥିଲେ ସ୍ଥାନୀୟ ବାସିନ୍ଦା ଓ ଜରାସିଂହା ପଞ୍ଚାୟତର ଜନପ୍ରତିନିଧି ବୃନ୍ଦ । ୱାର୍ଡସଭ୍ୟ ନେହେରୁ ଦୀପ, ଲକ୍ଷ୍ମୀ ଭେସ୍ରା, ନିରାକାର ବାଗ, ମୋତିଲାଲ ଦଣ୍ଡସେନା, ମଦନ ଧରୁଆ, ଶ୍ରୀବନ୍ତ ମେହେର, ବିନୋଦିନୀ ମେହେର ପ୍ରମୁଖ ଜିଲାପାଳଙ୍କୁ ଲିଖିତଭାବେ ଅବଗତ କରିଥିଲେ। ବୁଧବାର ଦେଓଗାଁ ବ୍ଲକ କାର୍ଯ୍ୟାଳୟକୁ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ପହଞ୍ଚି ବିଡିଓ ବେର୍ଣ୍ଣାଦେତ ଲାକ୍ରା ଓ ଜରାସିଂହା ପଞ୍ଚାୟତ ଜନପ୍ରତିନିଧି ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ରାସ୍ତାର ଦୁରାବସ୍ଥା ନେଇ ଆଲୋଚନା କରିଥିଲେ । ହେଲେ ଆଲୋଚନା ବିଫଳ ହେବାରୁ ଚଳିତମାସ ୧୫ ତାରିଖରେ ଆନ୍ଦୋଳନ କରାଯିବା ନିଶ୍ଚିତ ହୋଇଛି। ଏହି ରାସ୍ତା ଉପରେ ବ୍ଲକର ୨୬ ପଞ୍ଚାୟତର ଜନସାଧାରଣ ନିର୍ଭରଶୀଳ। ଏଥିସହ ଚନ୍ଦ୍ରପୁରରୁ ପ୍ରତ୍ୟେକ ଦିନ ଛାତ୍ରୀଛାତ୍ରମାନେ ଏହି ରାସ୍ତାଦେଇ ଅସୁରକ୍ଷିତ ଭାବେ ସ୍କୁଲକୁ ଯାଆସ କରୁଛନ୍ତି ।

# ୭୮ କେଜି ଗଞ୍ଜେଇ ଜବତ: ୬ ଗିରଫ

■ ୬୦ ହଜାର ଟଙ୍କା, କାର, ୬ ମୋବାଇଲ ଜବତ

**ରାଉରକେଲା ଅଫିସ, ୧୩।୧୧**

ରଘୁନାଥପାଲି ଥାନା ପୋଲିସ ମଙ୍ଗଳବାର ଅପରାହ୍ନରେ ଗାଡ଼ି ଯାଞ୍ଚ ବେଳେ ପାନପୋଷ ରୁପୁଟୋଲା ଛକରେ ଏକ କାରରୁ ୭୮କେଜି ଗଞ୍ଜେଇ ଜବତ କରିଥିଲା । ଏପରି କି ପୋଲିସ ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରିଥିବା ବୁଧବାର ରାଉରକେଲା ଏସ୍‌ପି କେ.ଶିବା ସୁବ୍ରାମଣି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ସୂଚନା ମୁତାବକ, କନ୍ଧମାଳରୁ ରାଉରକେଲାକୁ ଏକ କାର ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ରଘୁନାଥପାଲି ଥାନା ଅଧିକାରୀ ବିଜୟ ବିହାରିଙ୍କୁ ଖବର ମିଳିଥିଲା। ଏ ନେଇ ଏସ୍‌ଆଇ ୟୁ.କେ.ସାହୁ ସଦଳବଳେ ୧୪୩ ନମ୍ବର ଜାତୀୟ ରାଜପଥ ପାନପୋଷ ଛକରେ ମଙ୍ଗଳବାର ଗାଡି



ଜବତ ଗଞ୍ଜେଇ ସହ ଗିରଫ ଯୁବକମାନେ।




ଗଞ୍ଜେଇ ଚୋରା କାରବାରରେ ବ୍ୟବହୃତ କାର।

ଯାଞ୍ଚ କରିଥିଲେ। ଅପରାହ୍ନ ପ୍ରାୟ ସାଢେ ୩ଟାରେ ରୁପୁଟୋଲ ଛକରେ ଏକ କାର(ନଂ.ଓଆର୦୩ ଜି-୫୬୨୨)କୁ ଯାଞ୍ଚ କରାଯାଇଥିଲା । ଯାଞ୍ଚ ବେଳେ ପୋଲିସ ଅଧିକାରୀମାନେ କାରରୁ ୭୮ କେଜ ଗଞ୍ଜେଇ କରି ୬ଜଣ ଯୁବକଙ୍କୁ ଧରିବାରେ ସଫଳ ହୋଇଥିଲେ । ଗିରଫ ଯୁବକମାନେ ସେମାନେ ହେଲେ ବଲାଙ୍ଗୀରର ତାଳପାଲିପଡ଼ାର କାର ଡ୍ରାଇଭର ମାନସ ରଞ୍ଜନ ତ୍ରିପାଠୀ ଓରଫ ମନୋଜ(୩୫), ସୁବର୍ଣ୍ଣପୁର ଜିଲାର ଆୟୁବ ସାହୁ ଓରଫ ଅଜ୍ଜୁ(୨୨), ଭଦ୍ରକ ଜିଲାର ପ୍ରଦୀପ ମହାନ୍ତି, ବାବାଜୀ(୪୦), ଚିତ୍ତରଞ୍ଜନ ରାଉତ ଓରଫ ଜଗା(୪୦), ଅମୀୟ ରାଉତ ଓରଫ କୁମାର(୩୨), ପୁରୀ ଜିଲା ନିମାପଡା ଅଞ୍ଚଳର ପ୍ରଭାସ କୁମାର ପରିଡ଼ା ଓରଫ ବାପି(୩୪)। ପୋଲିସ ତାଙ୍କଠାରୁ ଏକ କାର ସହ ନଗଦ ୬୦ ହଜାର ଟଙ୍କା ଓ ୬ଟି ମୋବାଇଲ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।